# ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୧୯/୨୦୧୯ (୨୦ ପୃଷ୍ଠା) Sambalpur, Thursday, September 19 / 2019 ★★

୧୫ଶ ଭାଗ ୨୭୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଆଲିୟାଙ୍କ ଆଶା ଅଧୁରା ରହିଲା

ଆଲିୟାଙ୍କ ଆଶା ଥିଲା 'ଇଂଶଆଲ୍ହା'ରେ ସଲ୍ମାନ ଖାନଙ୍କ ସହିତ ଅଭିନୟ କରିବେ। ହେଲେ ଏକ କିସ୍ ସିନ୍ କରିବେ ନାହିଁ କହି ସଲ୍ଲୁ ମିଆଁ ସେଥିରୁ ଓହରି ଯାଇଛନ୍ତି। ୧୬

୧୯

## ଭିନେଶଙ୍କୁ ଅଲିମ୍ପିକ ଯୋଗ୍ୟତା

କାଜାଖସ୍ତାନରେ ଅନୁଷ୍ଠିତ ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିବା ସହ ଭାରତୀୟ ମହିଳା ରେସ୍‌ଲର୍ ଭିନେଶ ଫୋଗତ୍ ୨୦୨୦ ଅଲିମ୍ପିକକୁ ଯୋଗ୍ୟତା ହାସଲ କରିଛନ୍ତି।



## ସୁବାସ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ



**ଭୁବନେଶ୍ୱର, ୧୮।୯(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁବାସ ଚୌହାନଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲୁଓଡିସି)ର ଅଧ୍ୟକ୍ଷଭାବେ ନିଯୁକ୍ତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ବୁଧବାର ଏନେଇ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ସୁବାସ ଦୀର୍ଘଦିନ ଧରି ଭାଜପାରେ ଥିଲେ। ୨୦୧୪ରେ ବରଗଡ ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିଲେ। ହେଲେ ଚଳିତ ଥର ସୁବାସ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ। ଏହା ପରେ ସେ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡିର ସାଧାରଣ ସମ୍ପାଦକ ସହ ୪ଟି ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଥିଲେ।

## ସବୁ ବର୍ଗର ସ୍କୁଲ୍ ପିଲାଙ୍କୁ ମିଳିବ ଡ୍ରେସ୍, ଜୋତା

**ଭୁବନେଶ୍ୱର, ୧୮।୯(ବ୍ୟୁରୋ):** ସରକାରୀ ସ୍କୁଲଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ମିଳିବ ଡ୍ରେସ୍ ଓ ଜୋତା। ରାଜ୍ୟ ସରକାର ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ପୂର୍ବରୁ କେବଳ ବିପିଏଲ୍ ପରିବାରର ପିଲାଙ୍କୁ ଡ୍ରେସ୍ ଓ ଜୋତା ସରକାର ଦେଉଥିଲେ। କିନ୍ତୁ ଆସନ୍ତା ବର୍ଷରୁ ସବୁବର୍ଗର ପିଲାଙ୍କୁ ଏହା ମିଳିବ। ଏହାଛଡ଼ା ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଚୟପତ୍ର ମଧ ଦିଆଯିବ। ଏଥିସହିତ ଛାତ୍ରୀଛାତ୍ରମାନେ ତଳେ ବସିବା ବଦଳରେ ସ୍କୁଲରେ ଥିବା ମ୍ୟାଟ୍ ବ୍ୟବହାର କରିବେ। ଅନ୍ୟପକ୍ଷରେ ଶିକ୍ଷକଙ୍କ ସ୍କୁଲ୍ ରହଣି ସମୟ ନେଇ ମଧ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। କେତେକ ଜିଲାରେ କଟକଣା ଲାଗୁ ହୋଇଥିବାବେଳେ ଶିକ୍ଷକଙ୍କ ଆଗମନକୁ ନେଇ ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି। ତେବେ ପୂର୍ବଭଳି ସ୍କୁଲର ସମୟସୀମା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ରହିବ ବୋଲି ମନ୍ତ୍ରୀ କହିଛନ୍ତି।

### ଆଜିର ସମ୍ପାଦକୀୟ

**ମଣିଷଠୁ ଭିନ୍ନ ନୁହେଁ ପ୍ରାଣୀ**

### ଆଜିର ମନ୍ତବ୍ୟ

"ଜମ୍ମୁ-କଶ୍ମୀରରେ ବିକାଶକୁ ନେଇ ପିଓକେବାସୀ ପାକିସ୍ତାନ ବିରୋଧରେ ବିଦ୍ରୋହ କରି ଭାରତ ସହ ମିଶିବେ।

**-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ**

### କିଛି ତଥ୍ୟ

ଦେଶରେ ଏବେ ୯ ଆଣବିକ ରିଆକ୍ଟର ରହିଛି। ଆଗାମୀ ଦିନରେ ଆହୁରି ୨୧ ରିଆକ୍ଟର ନିର୍ମାଣ ହେବାକୁ ଯାଉଛି। **-ଡିପାର୍ଟମେଣ୍ଟ ଅଫ୍ ଆଟମିକ୍ ଏନର୍ଜି**


NECC NATIONAL EGG CO-ORDINATION COMMITTEE 18.09.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 71 | 120 | 130 |
| BDK | 73 | 123 | 133 |
| BLS | 74 | 124 | 134 |
| ANG | 71 | 120 | 130 |
| BHM | 67 | 115 | 125 |

*Conditions Apply

Eggs Retail Price- 48/-Dozen

Issued in the Interest of Consumers


# ନଭେମ୍ବର ୧ରୁ ଧାନ ସଂଗ୍ରହ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**



**୧୨ ଲକ୍ଷ ଚାଷୀ ପଞ୍ଜୀକୃତ**

- ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିଣିବେ ଧାନ
- ମାର୍କଫେଡ ବାଦ୍

ଆସନ୍ତା ନଭେମ୍ବର ୧ରୁ ଖରିଫ ଧାନ ସଂଗ୍ରହ ହେବ। ଧାନ ବିକ୍ରି କରିବାକୁ ଚଳିତବର୍ଷ ୧୧ ଲକ୍ଷ ୫୪ ହଜାର ୧୩୦ ଜଣ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ଆସନ୍ତା ୨୨ ତାରିଖ ସୁଦ୍ଧା ସମସ୍ତ ଡାଟା ଏଣ୍ଟ୍ରି ଶେଷ ହେବା ପରେ ଚୂଡ଼ାନ୍ତ ଚାଷୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ୨୨ରୁ ୨୪ ତାରିଖ ମଧ୍ୟରେ ଚାଷୀମାନଙ୍କର ଅଭିଯୋଗର ଶୁଣାଣି ହେବ। ଚଳିତବର୍ଷ ଚାଷୀ ପଞ୍ଜୀକରଣ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ବିଗତ ବର୍ଷଗୁଡ଼ିକରେ ଯେକୌଣସି ପରିଚୟ ପତ୍ର ଦେଖାଇ ଚାଷୀ ନାମ ପଞ୍ଜୀକରଣ କରୁଥିଲେ। କେବଳ ସେତିକି ନୁହେଁ, ଧାନ କିଣା ଆରମ୍ଭ ଠାରୁ ପଞ୍ଜୀକୃତ ଚାଷୀଙ୍କ ନାମକୁ ପରବର୍ତ୍ତୀ ବର୍ଷରେ ସାମିଲ କରାଯାଉଥିଲା। ଚଳିତ ଖରିଫ୍ ଋତୁଠାରୁ ନବୀକରଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ନୂତନ ନାମ ପଞ୍ଜୀକରଣ କରାଯାଇଛି। ପ୍ରଥମ ଥର ପାଇଁ ଧାନ କିଣିବାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଥିବା ବେଳେ ମାର୍କଫେଡକୁ ଧାନ କିଣାରୁ ବାଦ୍ ଦିଆଯାଇଛି। ଆସନ୍ତା ଖରିଫ୍ ଋତୁରେ କ୍ଷୁଦ୍ର, ନାମମାତ୍ର ଓ ଭାଗଚାଷୀ ମଧ୍ୟ ସେମାନଙ୍କର ଧାନ ବିକ୍ରି କରିପାରିବେ। ମୁଣ୍ଡପିଛା ୩ କୁଇଣ୍ଟାଲ ଧାନ ଛାଡ଼ି ବଳକା ବିକ୍ରି କରିବାକୁ ସରକାର ଅନୁମତି ଦେଇଛନ୍ତି। ଅନ୍‌ଲାଇନ ଜରିଆରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ। ୨୦୧୮-୧୯ରେ ଖରିଫ୍ ଧାନ ବିକ୍ରି ପାଇଁ ୧୨ ଲକ୍ଷ ୫୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧,୮୧୫ଟଙ୍କା କୁଇଣ୍ଟାଲ ପିଛା ଧାର୍ଯ୍ୟ କରାଯାଇଛି। ଗତବର୍ଷ ୧ ଲକ୍ଷ ଭାଗଚାଷୀ ଧାନ ବିକ୍ରି କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଆଧାର ଲିଙ୍କ୍ କରାଯାଉଥିବାରୁ ଚଳିତବର୍ଷ ଚାଷୀ ପଞ୍ଜୀକରଣ ହ୍ରାସ ପାଇବା ଅନୁମାନ କରାଯାଉଛି।

# ସାରା ଦେଶରେ ଲାଗୁହେବ ଏନ୍‌ଆର୍‌ସି

**ନୂଆଦିଲ୍ଲୀ,୧୮।୯**



**ଅନୁଚ୍ଛେଦ ୩୭୦କୁ ହଟାଇ ପାକିସ୍ତାନକୁ ତା'ର ସ୍ଥାନ ବତାଇଦେଇଛନ୍ତି ପ୍ରଧାନମନ୍ତ୍ରୀ: ଶାହ**

ଭାରତରେ ରହୁଥିବା ବେଆଇନ ପ୍ରବାସୀଙ୍କୁ ଚିହ୍ନଟ କରି ବିଦା କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ସାରା ଦେଶରେ ଲାଗୁ କରିବେ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସୂଚନା ଦେଇଛନ୍ତି।

ରାଞ୍ଚିରେ ଏକ ହିନ୍ଦୀ ଖବରକାଗଜର କାର୍ଯ୍ୟକ୍ରମରେ ଯୋଗଦେଇ ଶାହ କହିଛନ୍ତି, ଜଣେ ଭାରତୀୟ ବେଆଇନ ଭାବେ ଆମେରିକା, ବ୍ରିଟେନ କି ରୁଷିଆରେ ରହିପାରିବେ ନାହିଁ। ତେବେ ଅନ୍ୟ ଦେଶର ନାଗରିକମାନେ ବିନା ବୈଧ ଦସ୍ତାବିଜରେ ଭାରତରେ କିପରି ରହିପାରିବେ। ଏଥିଲାଗି ସମଗ୍ର ଦେଶରେ ଏନ୍‌ଆର୍‌ସି କାର୍ଯ୍ୟକାରୀ କରିବା ଉଚିତ। ଆଗକୁ ବେଆଇନ ଭାବେ ରହୁଥିବା ଶରଣାର୍ଥୀଙ୍କୁ ଦେଶରୁ କିପରି ବାହାର କରାଯିବ ସେନେଇ ସେ ନିଜେ ଉଦ୍ୟମ କରିବେ ବୋଲି ଶାହ କହିଛନ୍ତି। ଆସାମ ପରେ ଏବେ ଦେଶର ଅବଶିଷ୍ଟ ରାଜ୍ୟଗୁଡ଼ିକରେ ଏହାକୁ ଲାଗୁ କରାଯାଇ ଏକ ଜାତୀୟ ନାଗରିକ ପଞ୍ଜିକା ପ୍ରସ୍ତୁତ କରାଯିବ। କାରଣ ଦେଶର ନାଗରିକମାନଙ୍କ ଏକ ତାଲିକା ରହିବା ଉଚିତ। ଆସାମ ହେଉଛି ଦେଶର ଏକମାତ୍ର ରାଜ୍ୟ ଯେଉଁଠି ଅଗଷ୍ଟ ୩୧ରୁ ଏନ୍‌ଆର୍‌ସି କାର୍ଯ୍ୟକାରୀ ହେଉଛି। ଏହା ଆସାମ ନାଗରିକ ପଞ୍ଜିକା ନୁହେଁ ବୋଲି ଶାହ ସ୍ପଷ୍ଟ କରିଛନ୍ତି। ସେହିପରି ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରୁ ୨୫୦ କି.ମି. ଦୂର ଜୋହରରେ ଭାଜପାର ଜନ ଆଶୀର୍ବାଦ ଯାତ୍ରାକୁ ସମ୍ବୋଧିତ କରି ଦଳର ଅଧ୍ୟକ୍ଷ ଶାହ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ କହିଛନ୍ତି, ଏହା ହେଉଛି ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ତା'ର ଅସଲ ସ୍ଥାନ ଦେଖାଇଦେଇଛନ୍ତି। ଭାଜପା ମୂଳରୁ ୩୭୦କୁ ବିରୋଧ କରିଆସିଛି। ଏହାକୁ ହଟାଯିବା ପରେ କଂଗ୍ରେସର ପେଟବ୍ୟଥା କାହିଁକି ହେଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ୩୭୦ ଉଚ୍ଛେଦକୁ ସମର୍ଥନ କରୁଛନ୍ତି କି ନାହିଁ ସେ ବିଧାନସଭା ନିର୍ବାଚନ ହେବାକୁ ଥିବା ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ହରିୟାଣାକୁ ଗଲେ ତାହା ସ୍ପଷ୍ଟ କରନ୍ତୁ।







# ୧୮ରେ ସରିବ ଅଯୋଧ୍ୟା ଶୁଣାଣି



- ନଭେମ୍ବର ମଧ୍ୟଭାଗରେ ରାୟ
- ପକ୍ଷ ଚାହିଁଲେ ମଧ୍ୟସ୍ଥତାକୁ ଅନୁମତି

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ଅକ୍ଟୋବର ୧୮ ସୁଦ୍ଧା ଶେଷ କରିବାକୁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ କାର୍ଯ୍ୟକାଳ ନଭେମ୍ବର ୧୭ରେ ଶେଷ ହେଉଥିବାରୁ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ମାମଲାର ରାୟ ଏହା ପୂର୍ବରୁ ପ୍ରକାଶ ପାଇପାରେ ବୋଲି ଆଶା କରାଯାଉଛି। ଅନ୍ୟ ପକ୍ଷରେ ମାମଲାର ପକ୍ଷମାନେ ଚାହିଁଲେ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ସୂତ୍ର ବାହାର କରିପାରିବେ ବୋଲି ବୁଧବାର ସର୍ବୋଚ୍ଚ ଅଦାଲତ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ମଧ୍ୟସ୍ଥ କମିଟି ଆପୋସ ଆଲୋଚନା ମାଧ୍ୟମରେ ସମାଧାନର ସୂତ୍ର ବାହାର କରିବାରେ ବିଫଳ ହେବା ପରେ ଅଗଷ୍ଟ ୬ରୁ ମାମଲାର ଦୈନନ୍ଦିନ ଶୁଣାଣି ଆରମ୍ଭ ହୋଇଥିଲା। ସିଜେଆଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ପୀଠରେ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷ ସେମାନଙ୍କ ଜବାବ ଓ ତଥ୍ୟ ପ୍ରମାଣ ରଖିଆସୁଛନ୍ତି। ଅକ୍ଟୋବର ୧୮ରେ ଶୁଣାଣି ଶେଷ ହେଲେ ରାୟ ଲେଖିବା ପାଇଁ ବିଚାରପତିମାନଙ୍କୁ ୪ ସପ୍ତାହ ସମୟ ମିଳିପାରିବ ବୋଲି ଅଦାଲତ କହିଛନ୍ତି। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ରହିଛନ୍ତି। ମଧ୍ୟସ୍ଥତା ପ୍ରକ୍ରିୟା ପୁନର୍ବାର ଆରମ୍ଭ କରିବା ପାଇଁ କେତେକ ପକ୍ଷ ଲିଖିତ ଭାବେ ଜଣାଇଥିବା ୩ ଜଣିଆ ମଧ୍ୟସ୍ଥ କମିଟିର ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏଫ୍.ଆଇ. କାଲିଫୁଲ୍ଲା ଅଦାଲତଙ୍କୁ ଜଣାଇଥିଲେ। ମଧ୍ୟସ୍ଥ କମିଟିରେ ହେବାକୁ ଥିବା ଶୁଣାଣିକୁ ଗୋପନ ରଖାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି।

୭୦ ବର୍ଷ ଧରି ଲାଗି ରହିଥିବା ଜମି ବିବାଦର ସମାଧାନ ପାଇଁ ଜଷ୍ଟିସ୍ କାଲିଫୁଲ୍ଲାଙ୍କ ଅଧ୍ୟକ୍ଷତାରେ ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଏବଂ ବରିଷ୍ଠ ଆଇନଜୀବୀ ଶ୍ରୀରାମ ପଞ୍ଚୁଙ୍କୁ ନେଇ ମାର୍ଚ୍ଚ ୮ରେ ମଧ୍ୟସ୍ଥ କମିଟି ଗଠନ କରାଯାଇଥିଲା। ୯ ସପ୍ତାହ ମଧ୍ୟସ୍ଥତା ପ୍ରକ୍ରିୟା ସତ୍ତ୍ୱେ ସମାଧାନର କୌଣସି ସୂତ୍ର ବାହାର କରିବାରେ କମିଟି ବିଫଳ ହୋଇଥିଲା।

☞ପୃଷ୍ଠା-୪

# ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ୍

**ନୂଆଦିଲ୍ଲୀ,୧୮।୯**

କେନ୍ଦ୍ର ସରକାର ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ୍ ଦେବାକୁ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ବସିଥିବା କ୍ୟାବିନେଟ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ ବୈଠକ ଶେଷରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ୧୧ଲକ୍ଷ ୫୨ ହଜାର ରେଳ କର୍ମଚାରୀଙ୍କୁ ସେମାନଙ୍କର ୭୮ ଦିନର ଦରମାକୁ ବୋନସ୍ ଆକାରରେ ପ୍ରଦାନ କରାଯିବ। ଏଥିପାଇଁ ରେଳୱେକୁ ୨୦୨୪.୩୧ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ। ରେଳ କର୍ମଚାରୀଙ୍କୁ ସେମାନଙ୍କର ଉତ୍ପାଦକତା ବୃଦ୍ଧି ପାଇ ପୁରସ୍କାର ସ୍ୱରୂପ ବୋନସ୍ ଦିଆଯାଉଛି। ଏହାଦ୍ୱାରା ରେଳ କର୍ମଚାରୀ ପ୍ରୋତ୍ସାହିତ ହେବେ ଓ ସମ୍ପୂର୍ଣ୍ଣ ଶକ୍ତି ଦେଇ କାମ କରିବେ। ଭାରତୀୟ ରେଳୱେ ଦେଶର ଜୀବନ ରେଖା ହୋଇଥିବାରୁ ଏହି ଦୃଷ୍ଟିରୁ ଉକ୍ତ ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତୀୟ ରେଳୱେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ପ୍ରଥମ ସରକାରୀ ସଂସ୍ଥା ଯିଏ କି ଉତ୍ପାଦକତା ଆଧାରରେ ବୋନସ୍ ବ୍ୟବସ୍ଥାକୁ ୧୯୭୯-୮୦ରୁ ଆରମ୍ଭ କରିଥିଲା।







# ଦେଶରେ ଇ-ସିଗାରେଟ ନିଷେଧ

**ନୂଆଦିଲ୍ଲୀ,୧୮।୯**

କେନ୍ଦ୍ରର ମୋଦି ସରକାର ଦେଶରେ ଇ-ସିଗାରେଟକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଫଳରେ ଭାରତରେ ଏଣିକି ଇ-ସିଗାରେଟ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗିବ। ଖୁବଶୀଘ୍ର ଏ ସମ୍ପର୍କରେ ଏକ ଅଧ୍ୟାଦେଶ ଜାରି କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି।

ଆୟୋଜିତ ଖବରଦାତା ବୈଠକରେ ଯୋଗ ଦେଇ ସୀତାରାମନ୍ କହିଛନ୍ତି ଯେ, ଇ-ସିଗାରେଟ ବ୍ୟାନ୍ ଅର୍ଥ ଏଣିକି ଏହାର ଉତ୍ପାଦନ, ଆମଦାନୀ-ରପ୍ତାନି, ପରିବହନ, ବିକ୍ରି, ବିତରଣ ଏବଂ ବିଜ୍ଞାପନ ପ୍ରସାରଣ ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ। ସୀତାରାମନ୍ କହିଛନ୍ତି ଯେ, ଇ-ସିଗାରେଟର ୪୦୦ ପ୍ରକାର ବ୍ରାଣ୍ଡ ଓ ୧୫୦ ପ୍ରକାର ଫ୍ଲେଭର୍ ରହିଛି। ଏମାନଙ୍କ ମଧ୍ୟରୁ ଗୋଟିଏ ହେଲେ ଭାରତରେ ତିଆରି ହେଉନାହିଁ। ଇ-ସିଗାରେଟ ଠାରୁ ଅଧିକ କ୍ଷତିକାରକ ବୋଲି ମନେ କରାଯାଉଥିବା ସିଗାରେଟକୁ ସରକାର କାହିଁକି ବ୍ୟାନ୍ କରୁନାହାନ୍ତି ବୋଲି ପ୍ରଶ୍ନ ହେବାରୁ ବୈଠକରେ ଉପସ୍ଥିତ ଥିବା ସୂଚନା ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ, ଏବେ ଦେଶରେ ଇ-ସିଗାରେଟର ପ୍ରଚଳନ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯୁବବର୍ଗ ଓ ଶିଶୁଙ୍କୁ ଆରମ୍ଭରୁ ଏହାର କୁଅଭ୍ୟାସରୁ ରକ୍ଷା କରିବା ଲାଗି ସରକାର ଉଚିତ୍ ସମୟରେ ନିଷ୍ପତ୍ତି ନେଇଛନ୍ତି। ସୀତାରାମନ୍ କହିଛନ୍ତି ଯେ, ସରକାର ଇ-ହୁକାକୁ ମଧ୍ୟ ବ୍ୟାନ୍ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ



ମନ୍ତ୍ରଣାଳୟ ସଚିବ ପ୍ରୀତି ସୁଦନ କହିଛନ୍ତି ଯେ, ଇ-ସିଗାରେଟ ବିକ୍ରି, ଆମଦାନୀ ଓ ରପ୍ତାନି କଲା ବେଳେ ପ୍ରଥମଥର ଧରାପଡିଲେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲଦଣ୍ଡ ଅଥବା ତାଙ୍କ ଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ, କିମ୍ବା ଉଭୟ ଏକାସାଙ୍ଗରେ ଲାଗୁ କରାଯିବ। ବାରମ୍ବାର ଧରାପଡିଲେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଓ ୩ ବର୍ଷର ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଜାଭଡେକର କହିଛନ୍ତି ଯେ, ଏମ୍ସ, ଟାଟା ଓ ଅନ୍ୟାନ୍ୟ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକ ତଥା ଡାକ୍ତରମାନେ ଇ-ସିଗାରେଟ ଓ ଇ-ହୁକାକୁ ବ୍ୟାନ୍ କରିବାକୁ ସୁପାରିସ୍ କରିଛନ୍ତି। ଟେକ୍ନିକାଲ କମିଟି ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଯାଞ୍ଚ କରିବା ପରେ କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛନ୍ତି। ସୂଚନାଥାଉ କି, ଇ-ସିଗାରେଟରେ ତରଳ ପଦାର୍ଥ ଭର୍ତ୍ତି ହୋଇ ରହିଥାଏ। ଏହା ନିକୋଟିନ୍ ଓ ଅନ୍ୟ ହାନିକାରକ ପଦାର୍ଥର ସମ୍ମିଶ୍ରଣ ତିଆରି। ଇ-ସିଗାରେଟକୁ ଟାଣିବା କ୍ଷଣି ଏଥିରେ ଲାଗିଥିବା ହିଟିଂ ଡିଭାଇସ୍ ଏହି ତରଳ ପଦାର୍ଥକୁ ଗରମ କରି ଧୂଆଁରେ ପରିଣତ କରିଥାଏ। ଏହି କାରଣରୁ ଏହାକୁ ସ୍ମୋକିଂ ବଦଳରେ ଭ୍ୟାପିଙ୍ଗ୍ କୁହାଯାଉଛି। ଆଜିକାଲି ଯୁବବର୍ଗ ପାରମ୍ପରିକ ସିଗାରେଟ ବଦଳରେ ଇଲେକ୍ଟ୍ରୋନିକ ସିଗାରେଟ ବ୍ୟବହାର କରୁଥିବା ଦେଖାଯାଇଛି। ସେମାନଙ୍କ ମତରେ ଧୂଆଁ ସୃଷ୍ଟି କରୁଥିବା ସିଗାରେଟ ବଦଳରେ ଏହା ସ୍ୱାସ୍ଥ୍ୟ ପକ୍ଷେ କମ୍ ହାନିକାରକ। କିନ୍ତୁ ବାସ୍ତବ ଚିତ୍ର ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ପାରମ୍ପରିକ ସିଗାରେଟ ଭଳି ଇ-ସିଗାରେଟ ମଧ୍ୟ ସମାନ ମାତ୍ରାରେ ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ଏକ ରିପୋର୍ଟରେ ପ୍ରକାଶ କରିସାରିଛି।



କାର୍ତ୍ତିକ ସ୍ୱାଇଁ

# ବିଜ୍ଞାନକୁ ଛାଡ଼ି ରହିବା ମୋ ପାଇଁ କଷ୍ଟଦାୟକ

**ଧରିତ୍ରୀ ଆଳାପ**

ଚନ୍ଦ୍ର ଓ ମଙ୍ଗଳକୁ ଯାନ ପଠାଇ ଭାରତ ମହାକାଶ ବିଜ୍ଞାନରେ ଆଗୁଆ ରାଷ୍ଟ୍ରମାନଙ୍କର ସମକକ୍ଷ ହୋଇପାରିଛି। ବିଶ୍ୱରେ ଆଣିଛି ଏକ ନୂଆ ପରିଚୟ। ଭାରତର ମହାକାଶ ବିଜ୍ଞାନର ବିକାଶ ଧାରାରେ ନିଜକୁ ସାମିଲ କରିଥିବା ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁଙ୍କ ସହ ଅଳ୍ପ ଆଳାପ।

**ବୈଜ୍ଞାନିକ ହେବେ, ଏହା କ'ଣ ପିଲାଦିନର ଇଚ୍ଛା ଥିଲା ?**

❖ ଜଗତ୍‌ସିଂହପୁର ନାଉଗାଁ ବ୍ଲକ ନୟାସିଙ୍ଗଡ଼ ଗ୍ରାମରେ ୧୯୫୯ ମସିହାରେ ମୋର ଜନ୍ମ। ଅଙ୍ଗେଶ୍ୱରପଡା ଉଚ୍ଚ ପ୍ରାଥମିକ ଓ ମଧ ଇଂରାଜୀ ବିଦ୍ୟାଳୟରେ ପଢୁଥିବାବେଳେ ରୁଷିଆ ମହାକାଶକୁ ପ୍ରେରଣ କରିଥିବା ସ୍ପୁଟ୍‌ନିକ୍ ମହାକାଶ ଯାନ ସମ୍ପର୍କରେ ଜାଣିବାକୁ ପାଇଥିଲି। ମାଇକେଲ ଫାରାଡେ ଜଣେ ବହି ବନ୍ଧାଳି ହୋଇ ଯଦି ବୈଜ୍ଞାନିକ ହୋଇପାରିଲେ ତେବେ ମୁଁ କାହିଁକି ହୋଇପାରିବିନି ?- ଏ ଚିନ୍ତା ସେତେବେଳେ ମୋ ମନକୁ ମଧ ଆସିଥିଲା। ନିଜେ ଜଣେ ବୈଜ୍ଞାନିକ ହେବି ବୋଲି ଆଶା କରିଥିଲି, କିନ୍ତୁ ସ୍ୱପ୍ନ ନ ଥିଲା।

**କେଉଁ ଘଟଣା ବୈଜ୍ଞାନିକ ହେବାକୁ ପ୍ରେରଣା ଦେଇଥିଲା ?**

❖ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏକାଦଶ ପାସ ଓ ରେଭେନ୍ସା କଲେଜରୁ ଆଇଏସ୍‌ସି ଓ ବିଏସ୍‌ସି (ପଦାର୍ଥ ବିଜ୍ଞାନ ସମ୍ମାନ)ରେ ସ୍ନାତକ ଡିଗ୍ରୀ କରିବାପରେ ଦିଲ୍ଲୀରେ ସ୍ନାତକୋତ୍ତର ଶିକ୍ଷା ଲାଭ କରୁଥିବା ସମୟରେ ଆଇଏଏସ୍ ହେବାକୁ ଚାହିଁଥିଲି। କିନ୍ତୁ ନିୟତିର ଗତି ଥିଲା ଭିନ୍ନ। ବୈଜ୍ଞାନିକ ହେବି- ପିଲାଦିନର ଏହି ଆଶା ପୁଣି ମୋ ମନକୁ ଆସିଥିଲା। ସେଠାରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସରେ ନାମ ଲେଖାଇ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଟେଲିକମ୍ୟୁନିକେଶନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କଲି। ସେହି ସମୟରେ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ)ର ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ସେଥିରେ ନିଯୁକ୍ତି ଲାଗି ଆବେଦନ କରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇସ୍ରୋରେ ବୈଜ୍ଞାନିକ ସହାୟକ ଭାବେ ଯୋଗଦେଇଥିଲି। ସେଠାରେ ଶିକ୍ଷା ଓ ପ୍ରଶିକ୍ଷଣ ଲାଭ କରି ବୈଜ୍ଞାନିକ ପଦବୀରେ ଅବସ୍ଥାପିତ ହୋଇଥିଲି।

**ଚାକିରିର ପ୍ରଥମ ଓ ଶେଷଦିନ କେମିତି ଥିଲା ?**

❖ ଇସ୍ରୋରେ ଯୋଗଦେବା ପରେ ପ୍ରଥମ ଦିନର ଅନୁଭୂତି ଭଲ ନ ଥିଲା। ମୋ ପାଖରେ କିଏ ବୈଜ୍ଞାନିକ ଓ କିଏ ଇଞ୍ଜିନିୟର ତାହା ମୁଁ ଜାଣିପାରି ନ ଥିଲି। ପ୍ରଥମେ ପ୍ରଥମେ ଜେରକ୍ସ କରିବା ମୋର କାମଥିଲା। ମୁଁ ଭାବିଲି ଏହା କ'ଣ ମୋ କାମ ? ଏ ପ୍ରକାର ଭାବନା କିଛି ଦିନ ପରେ ଦୂର ହୋଇଯାଇଥିଲା। ଧୀରେଧୀରେ ମୁଁ ପ୍ରଶିକ୍ଷଣ ପାଇ ଗବେଷଣା ଆରମ୍ଭ କଲି। ଯେଉଁଦିନ ଚାକିରିରୁ ଅବସର ନେଲି ସେଦିନ ବି ମୋ ମନ ଦୁଃଖ ନ ଥିଲା। ଦେଶ ପାଇଁ ମହାକାଶ ଗବେଷଣାରେ ଦୀର୍ଘ ବର୍ଷ କାମ କରିଥିବାରୁ ମୁଁ ଗର୍ବ ଅନୁଭବ କରୁଥିଲି।

**ମହାକାଶ ବିଜ୍ଞାନରେ ଭାରତର ଯୋଗଦାନ କେମିତି ରହିଛି ?**

❖ ଭାରତରେ ମହାକାଶ ବିଜ୍ଞାନର ଯୁଗ ଆରମ୍ଭ ହୋଇଛି ୧୯୬୩ ମସିହାରୁ। ଭାରତର ମହାକାଶ ବିଜ୍ଞାନର ଜନକ ଡ.ବିକ୍ରମ ସରାଭାଇ ଓ ଡ.ହୋମି ଭାବା, ଡ.ସତୀଶ ଧାୱନ ଓ ଡ. ଏପିଜେ ଅବଦୁଲ କଲାମଙ୍କ ନେତୃତ୍ୱ ଯୋଗୁ ଭାରତୀୟ ମହାକାଶ ବିଜ୍ଞାନ ବହୁ ଆଗକୁ ଯାଇପାରିଛି। ପିଏସ୍‌ଏଲ୍‌ଭି, ଜିଏସ୍‌ଏଲ୍‌ଭି ଆଦି ଉପଗ୍ରହ ମହାକାଶକୁ ପ୍ରେରଣ କରିବାରେ ଆମକୁ ସଫଳତା ମିଳିଛି। ଚନ୍ଦ୍ରୟାନ-୧ ଓ ଚନ୍ଦ୍ରୟାନ-୨ ଆମ ନିଜସ୍ୱ ଜ୍ଞାନକୌଶଳ ବିକାଶର ପରିମାପକ। ଚନ୍ଦ୍ରୟାନ-୨ ଏକ ଗୌରବମୟ ଇତିହାସ ସୃଷ୍ଟିକରିବ। ମଙ୍ଗଳୟାନକୁ ପ୍ରଥମ ପ୍ରୟାସରେ ମଙ୍ଗଳ କକ୍ଷରେ ଅବସ୍ଥାପିତ କରି ଭାରତ ତା'ର ମହାକାଶ ବିଜ୍ଞାନର ଦକ୍ଷତା ପ୍ରତିପାଦିତ କରିଛି।

**ଚନ୍ଦ୍ରୟାନରୁ ମଙ୍ଗଳୟାନରେ କେଉଁ ଭୂମିକା ନିଭାଇଛନ୍ତି ?**

❖ ଚନ୍ଦ୍ରୟାନ-୧ରେ ସକ୍ରିୟ ଭାବେ କାମ କରିଥିଲି। ଆରଏଚ୍ କମ୍ୟୁନିକେଶନ, ଆଣ୍ଟିନା, ରିସିଭର, ଟ୍ରାନ୍ସମିଟର ପ୍ରସ୍ତୁତିରେ ମୁଁ କାର୍ଯ୍ୟ କରିଥିଲି। ମୁନ୍ ଇମ୍ପାକ୍ଟ ପ୍ରୋବ(ଏମ ଆଇ ପି)ର ବିଭିନ୍ନ ଆଣ୍ଟେନା ପରୀକ୍ଷା କରି ସାର୍ଟିଫିକେଟ ଦେଇଥିଲି। ଏମ୍‌ଆଇପି ଯେଉଁଦିନ ଚନ୍ଦ୍ରପୃଷ୍ଠରେ ପଡିଥିଲା ସେହିଦିନ ମୋ ଖୁସିର ସୀମା ନଥିଲା। ଭାବିଥିଲି ସତରେ ଯେମିତି ମୁଁ ଚନ୍ଦ୍ରକୁ ଛୁଇଁ ଦେଇଛି। ମଙ୍ଗଳୟାନ ପ୍ରୋଜେକ୍ଟରେ ମୁଖ୍ୟ ଟିମ୍‌ରେ ନ ଥିଲେ ବି ଅନ୍ୟ ବୈଜ୍ଞାନିକମାନଙ୍କ ସହ ଟିମ୍ ଓ୍ୱର୍କରେ ମୋର କିଛି ଭୂମିକା ରହିଥିଲା।

**ଗବେଷଣା ପାଇଁ କେତେ ସମୟ ଦେଉଥିଲେ ?**

❖ ଗବେଷଣା ସହ ପ୍ରୋଜେକ୍ଟ ଦୁଇଟା ଏକାବେଳକେ କରିବାକୁ ପଡୁଥିଲା। ପ୍ରୋଜେକ୍ଟ ପାଇଁ କେତେ ସମୟ ଓ ଗବେଷଣାରେ କେତେ ସମୟ ଦିଏ ସେମିତି ଗୋଟିଏ ଦିନରେ କିଛି ନିର୍ଦ୍ଦିଷ୍ଟତା ନ ଥାଏ। ମହାକାଶ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ ପାଇଁ ଇସ୍ରୋରୁ ମୁଁ ଏକ୍ସଲେଣ୍ଟ ସର୍ଭିସ ଆୱାର୍ଡ ପାଇଛି।

**ଅବସର ପରେ କ'ଣ ଯୋଜନା ରଖିଛନ୍ତି ?**

❖ ଚାକିରିରୁ ଅବସର ନେବା ୧ ମାସରୁ ବେଶି ହୋଇଗଲାଣି। ଜଣେ ବୈଜ୍ଞାନିକ ସବୁବେଳେ ବୈଜ୍ଞାନିକ। ଚାକିରି ଓ ଅବସର ଜୀବନରେ ବି। ବିଜ୍ଞାନକୁ ଛାଡି ରହିବା ମୋ ପାଇଁ କଷ୍ଟଦାୟକ। ଯଦି ଓଡ଼ିଆ ମାଧମ ସ୍କୁଲରୁ ମୋତେ ଅନୁରୋଧ କରାଯାଏ ତେବେ ପିଲାମାନଙ୍କ ପାଖରେ ମହାକାଶ ବିଜ୍ଞାନସମ୍ବନ୍ଧରେଅନେକତଥ୍ୟଉପସ୍ଥାପନକରିବି।ଓଡ଼ିଶାରେ ଅନ୍ତରୀକ୍ଷ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଯାଜନା ରଖିଛି।

**ଲେଖାଲେଖି କରିବା ପାଇଁ ସମୟ କେମିତି ପାଆନ୍ତି ?**

❖ ବୈଜ୍ଞାନିକ ଜୀବନର ବ୍ୟସ୍ତତା ଭିତରେ ମୁଁ ଲେଖିବାକୁ ଭଲ ପାଏ। ମୋର ୧୭ଟି ଗଳ୍ପ ଓ ୫ଟି କବିତା ସଂକଳନ ରହିଛି। ଦୁଇଟି ଉପନ୍ୟାସ ମଧ ଲେଖିଛି। ପିଲାମାନଙ୍କ ପାଇଁ ବିଭିନ୍ନ ବିଜ୍ଞାନଭିତ୍ତିକ ବହି ଲେଖିଛି। ମହାକାଶ ବିଜ୍ଞାନ ସମ୍ବନ୍ଧିତ ବହୁ ଇଂରାଜୀ ବହି ପିଲାମାନଙ୍କ ପାଇଁ ଓଡ଼ିଆରେ ଅନୁବାଦ କରିଛି। କଥାକଳିକାର ସାହିତ୍ୟ ସମ୍ମାନ ଓ ନାଗରା ସମ୍ମାନ ମୋତେ ପ୍ରଦାନ କରାଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଲେଖା ଲାଗି ଭୁବନେଶ୍ୱର ପୁସ୍ତକମେଳାରେ ମୋତେ ସମ୍ମାନିତ କରାଯାଇଛି।

**ମହାକାଶ ବିଜ୍ଞାନରେ ଓଡ଼ିଶାର ଭୂମିକା କ'ଣ ରହିଛି ?**

❖ ୧୯୮୫ ମସିହାରେ ମୁଁ ଯେତେବେଳେ ଇସ୍ରୋରେ ଯୋଗ ଦେଇଥିଲି ସେତେବେଳେ ସେଠାରେ ପାଖାପାଖି ୩୦ ଜଣ ଓଡ଼ିଆ ଥିଲେ। ଏବେ ଇସ୍ରୋର ବିଭିନ୍ନ କେନ୍ଦ୍ରରେ ଅନେକ ଓଡ଼ିଆ କାର୍ଯ୍ୟରତ। ରିମୋଟ ସେନ୍‌ସିଂ ସାଟେଲାଇଟ , ଡାଟାକୁ ବ୍ୟବହାର କରିବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ଚନ୍ଦ୍ରୟାନ ଓ ମଙ୍ଗଳୟାନ ପାଇଁ ସିଟିଟିସି(ଭୁବନେଶ୍ୱର)ରୁ ମଧ କିଛି ପାର୍ଟସ ନିର୍ମାଣ ହୋଇ ସେଥିରେ ଲାଗିଛି। ଆଗକୁ ମହାକାଶ ବିଜ୍ଞାନର ବିକାଶରେ ଓଡ଼ିଶାର ଯୋଗଦାନ ବଢ଼ିବ।

**ସ୍ମରଣୀୟ ଦିନ ?**

❖ ୨୦୦୮ରେ ଯେଉଁଦିନ ଚନ୍ଦ୍ରୟାନ-୧ ମୁନ୍ ଇମ୍ପାକ୍ଟ ପ୍ରୋବ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା ସେହିଦିନଟି ମୋ ପାଇଁ ସବୁଠାରୁ ସ୍ମରଣୀୟ। ବୈଜ୍ଞାନିକ ସହାୟକରୁ ବୈଜ୍ଞାନିକ ହେବା ଦିନଟି ମୋ ପାଇଁ ମଧ ସ୍ମରଣୀୟ ହୋଇ ରହିବ।

**ଡ. ଏପିଜେ ଅବଦୁଲ କଲାମଙ୍କ ସହ ସାକ୍ଷାତ କେମିତି ଥିଲା ?**

❖ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ର ଜନକ ଡ.ଏପିଜେ ଅବଦୁଲ କଲାମଙ୍କ ସହ ଅତି ନିକଟରୁ ୨ଥର ସାକ୍ଷାତ ହୋଇଥିଲା। ୧୯୯୦ରେ ମୁଁ ଇସ୍ରୋ ତରଫରୁ ମହାକାଶ ବିଜ୍ଞାନର ଏକ ପ୍ରଦର୍ଶନୀକୁ ଯାଇଥିଲି। ଡ. କଲାମ ମଧ ସେଠାକୁ ଆସିଥିଲେ। ମୋ କାନ୍ଧରେ ହାତ ରଖି ମୋତେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଥିଲେ। ତା 'ପରେ ଇସ୍ରୋକୁ ବହୁଥର ଆସିଛନ୍ତି ଓ ମୋର ବି ଦେଖା ହୋଇଛନ୍ତି , କିନ୍ତୁ ତାଙ୍କ ସହ ପ୍ରଥମ ସାକ୍ଷାତ ଅଭୁଲା ହୋଇରହିବ।

-ଶିବ ପ୍ରସାଦ ପୁହାଣ

# ବାଇକ୍ ଚଳାଇବା ଯୋଗୁ ସିନେମାରେ କାମ ପାଇଥିଲି

**ମୋ ଅନୁଭୂତି**

'ବୋଉ' ଚଳଚ୍ଚିତ୍ର ମାଧ୍ୟମରେ ଓଡ଼ିଆ ସିନେ ଦୁନିଆରେ ପାଦ ଥାପି ବଳିଷ୍ଠ ଅଭିନୟ ଦ୍ୱାରା ପସନ୍ଦର କଳାକାର ପାଲଟିଛନ୍ତି ଅଭିନେତ୍ରୀ ଉଷସୀ ମିଶ୍ର। ଢେଙ୍କାନାଳ ଜିଲାର ସଦାଶିବପୁର ଗ୍ରାମରେ ଜନ୍ମିତ ଉଷସୀ 'ତୁ ଥା ମୁଁ ଯାଉଛି ରୁଷି' ଚଳଚ୍ଚିତ୍ର ନିମନ୍ତେ ରାଜ୍ୟ ପୁରସ୍କାର ମଧ ପାଇଛନ୍ତି।ତାଙ୍କ ଅନୁଭୂତିରୁ କିଛି..

ଯେତେ ବି ଅନୁଭୂତି ଥାଉ, ପ୍ରଥମ ଥର କ୍ୟାମେରା ସମ୍ମୁଖୀନ କରିବାର ଅନୁଭୂତି ଚିରସ୍ମରଣୀୟ।ମଡେଲିଂ କରୁଥିବା ଯୋଗୁ ମୋତେ ସିନେମାରେ ପ୍ରବେଶ କରିବା ସହଜ ହୋଇଥିଲା।ତେବେ କାମ କରିବାର ସୁଯୋଗ ମିଳିବା ପଛରେ ମଧ କିଛି କାହାଣୀ ରହିଛି।'ବୋଉ' ଚଳଚ୍ଚିତ୍ରର ନିର୍ଦ୍ଦେଶକ ଥିଲେ ବରିଷ୍ଠ ସିନେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର।ଚଳଚ୍ଚିତ୍ରର କାହାଣୀକୁ ନେଇ ଏକ ନାୟିକାର ଆବଶ୍ୟକତା ଥାଏ, ଯେଉଁଥିରେ ନାୟିକା ଜଣଙ୍କୁ ବାଇକ ଚଳାଇବା ଜଣାଥିବା ଦରକାର।ସବ୍ୟସାଚୀଙ୍କ ନିର୍ଦ୍ଦେଶ ରହିଲା ଏପରି ଜଣେ ଅଭିନେତ୍ରୀ ଖୋଜିବାକୁ।ଦୁଇ ଭାଇରେ ମୁଁ ଗୋଟିଏ ଭଉଣୀ ହୋଇଥିବାରୁ ଅତି ଗେହ୍ଲାରେ ବଢ଼ିଛି।କୌଣସି ଆକଟ ବିନା ମୋତେ ବାଇକ୍ ଚଳାଇବାର ସ୍ୱାଧୀନତା ମୋ ପରିବାର ଓ ଦୁଇ ଭାଇ ଦେଇଥିଲେ।ସବ୍ୟସାଚୀଙ୍କ ନିର୍ଦ୍ଦେଶ ମୁତାବକ ସିନେ ଦୁନିଆର ପରିଚିତ ମୁହଁ ଜୁବୁଲି ସୁନ୍ଦରରାୟ ନାୟିକା ଖୋଜା ଦାୟିତ୍ୱରେ ଥାନ୍ତି।ଜୁବୁଲିଙ୍କ ସହ ପୂର୍ବରୁ ପରିଚିତ ଥିଲି।ମୁଁ ରଙ୍ଗବତୀ ଗୀତ ଶୁଣିବାକୁ ଭଲ ପାଉଥିବାରୁ ଏହାର ସଙ୍ଗୀତ ନିର୍ଦ୍ଦେଶକଙ୍କୁ ଦେଖା କରାଇଦେବା କହି ଜୁବୁଲି ମୋତେ ସବ୍ୟସାଚୀଙ୍କ କାର୍ଯ୍ୟାଳୟକୁ ନେଇଥିଲେ।ସେଠାରେ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଦେଖା ମଧ ହୋଇଥିଲା।ସେହିଠାରେ ହିଁ ସିନେମାରେ ନାୟିକା ହେବାର ପ୍ରସ୍ତାବ ଦେଇଥିଲେ ନିର୍ଦ୍ଦେଶକ ସବ୍ୟସାଚୀ।ହେଲେ ମୋ ଓଡ଼ିଆ କହିବା ଏତେ ଖରାପ ଥିଲା ଯେ, ଯିଏ ବି ଶୁଣିଥାନ୍ତା ମୋତେ ଓଡ଼ିଆ ଚଳଚ୍ଚିତ୍ରରେ ନେବାକୁ ସିଧାସଳଖ ମନା କରି ଦେଇଥାନ୍ତା।ଚାରି ପଦ କହିଲେ ସେଥିରେ ଓଡ଼ିଆ ହିନ୍ଦୀର ଫେଣ୍ଟାଫେଣ୍ଟି କଥା ଥାଏ।ଏଥିପାଇଁ ନିର୍ଦ୍ଦେଶକ ସବ୍ୟସାଚୀ ମୋତେ ୧୪ଦିନର କର୍ମଶାଳାରେ ରଖିଥିଲେ।କର୍ମଶାଳାରେ ଓଡ଼ିଆ କହିବା, କ୍ୟାମେରାକୁ ସମ୍ମୁଖୀନ କରିବା ଓ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରୀରେ କେମିତି ବ୍ୟବହାର କରିବାକୁ ପଡ଼ିବ ତାହାର ଶିକ୍ଷା ଦିଆଯାଇଥିଲା।ସୁଟିଂ ପ୍ରଥମ ଦିନରେ ମୋର ଅଭିନୟ ବହୁତ ଭଲ ଥିଲା।ମୋ ବିପକ୍ଷରେ ନାୟକ ଥିଲେ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର।ମୋ ଅଭିନୟ ଦେଖି ସେ ତାଜୁବ ହୋଇ ଯାଇଥିଲେ।ଏହି ଫିଲ୍ମରେ ମୁଁ ବାଇକ୍ ଚଳାଉଥିବାର ଦୃଶ୍ୟ ରହିଛି।ବାଇକ୍ ଚଳାଇବା ଯୋଗୁଁ ଓଡ଼ିଆ ସିନେମାରେ ମୁଁ କାମ ପାଇଥିଲି।



ଉଷସୀ ମିଶ୍ର

–କୁମାରଶ୍ରୀ

**ଖାଦ୍ୟରୁଚି**

# ଥାଇ କର୍ନ କେକ୍



ସୁଆଦିଆ ଖାଦ୍ୟ ସମସ୍ତଙ୍କର ପସନ୍ଦ। ସେଥିପାଇଁ ବିଭିନ୍ନ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ଆକର୍ଷିତ କରିବା ଲାଗି ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ।ପର୍ଯ୍ୟଟନ ସହର ପୁରୀର ହୋଟେଲ,ରେଷ୍ଟୁରାଣ୍ଟଗୁଡ଼ିକରେ ଗ୍ରାହକଙ୍କ ମନପସନ୍ଦର ଖାଦ୍ୟ ପ୍ରସ୍ତୁତ ହେଉଛି। ହୋଟେଲ ମାଲିକମାନେ ମଧ ଗ୍ରାହକଙ୍କ ରୁଚିକୁ ଦେଖି ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ କରୁଛନ୍ତି। ସ୍ନାକ୍ସ ଆଇଟମ୍ ବି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ସି ବିଚ୍ ରୋଡ୍‌ରେ ରହିଥିବା ହୋଟେଲ ଗୋଲ୍‌ଡେନ ଟ୍ରିରେ ଥାଇ କର୍ନ କେକ୍‌ର ବେଶ୍ ଚାହିଦା ରହିଛି।ଏହି ସ୍ନାକ୍ସ ଆଇଟମ୍‌ର ପ୍ଲେଟ ଦାମ୍ ରହିଛି ୨୭୦ ଟଙ୍କା। ତେବେ ଏହାର ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟ ଶେଫ୍ ଦୋଳଗୋବିନ୍ଦ ବାରିକ କୁହନ୍ତି...



ମୁଖ୍ୟ ଶେଫ୍: ଦୋଳଗୋବିନ୍ଦ ବାରିକ

**ଆବଶ୍ୟକ ସାମଗ୍ରୀ**

କର୍ନ– ୨୦୦ ଗ୍ରାମ୍
ଅଦା ଚପ୍– ୨୦ ଗ୍ରାମ୍
ରସୁଣ ଚପ୍– ୨୦ ଗ୍ରାମ୍
ଲଙ୍କାଗୁଣ୍ଡ– ୫ ଗ୍ରାମ୍
ଧନିଆପତ୍ର– ୫ ଗ୍ରାମ୍
ଲେମ୍ବୁ ପତ୍ର– ୨ଟା
ରେଡ୍ କରିପେଷ୍ଟ– ୧ ଚାମଚ
ମକା ପାଉଡ଼ର– ୧୦ ଗ୍ରାମ୍
ତେଲ– ୨୦୦ଗ୍ରାମ୍
ନଡ଼ିଆରସ– ଅଧା ଚାମଚ
ସ୍ୱାଦ ଅନୁଯାୟୀ ଲୁଣ

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କର୍ନକୁ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ।ଲେମ୍ବୁରସ, ଲେମ୍ବୁପତ୍ର, ମକା ପାଉଡ଼ରରେ ଏହାକୁ ମିଶାଇ ଛୋଟଛୋଟ କେକ୍ ଭଳି କରନ୍ତୁ।ପରେ ନିଆଁରେ କଡ଼ାଇ ବସାଇ ତେଲ ଗରମ କରିଦିଅନ୍ତୁ।ତେଲ ଭଲ ଭାବେ ଗରମ ହୋଇଗଲା ପରେ ଏହି କେକ୍‌ଗୁଡ଼ିକୁ ଛାଣି ଦିଅନ୍ତୁ।ଅନ୍ୟ ଏକ କଡ଼ାଇରେ ତେଲ ପକାଇ ଅଦା ଚପ୍, ରସୁଣ ଚପ୍, ରେଡ୍‌କରି ପେଷ୍ଟ, ଲଙ୍କାଗୁଣ୍ଡ ପକାଇ ଭାଜନ୍ତୁ।ଏହା ଭାଜି ହୋଇଯିବା ପରେ ପୂର୍ବରୁ ଛଣା ଯାଇଥିବା କେକ୍ ଉପରେ ଏହାକୁ ଢାଳି ଦିଅନ୍ତୁ।ଶେଷରେ ଏହା ଉପରେ ନଡ଼ିଆ ରସ ଓ ଧନିଆପତ୍ର ଦେଇ ସଜାଇ ରଖନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା ଥାଇ କର୍ନ କେକ୍ ।

ରିପୋର୍ଟ: ହେମନ୍ତ ନାୟକ

# ସେଲ୍‌ଫି କର୍ନର

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**

smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଓମ୍ ସୁନାନୀ



ଆକାଶ



ସୌମ୍ୟରଞ୍ଜନ



ଶ୍ୱେତା



ସୁଶୀଲ



ଓରାମ



ଆଶିଷ



ରଜତ



ଗୋପାଳ



ଅଶେଷ ଦୁର୍ଗତି ଓ ଦୁଃସମୟରେ ମଧ ଯେଉଁମାନେ ଶାନ୍ତ ଓ ସ୍ଥିର ରହିପାରନ୍ତି, ସେମାନେ ଦୃଢ଼ମନା ଏବଂ ସ୍ଥିର ଚିତ୍ତ ଅଟନ୍ତି।
- ସାରଳା ଦାସ



## ସଂକ୍ଷେପରେ

### ୨୧ରେ ଓଡ଼ିଶା ଆସିବେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ

**ଭୁବନେଶ୍ୱର,୧୮।୯(ବ୍ୟୁରୋ):** କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଆସନ୍ତା ୨୧ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଅନୁଚ୍ଛେଦ ୩୭୦ ଓ ୩୫ (ଏ) ସମ୍ପର୍କରେ ଆଲୋଚନା କରିବେ ବୋଲି ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଜନସମ୍ପର୍କ ଓ ଜନଜାଗରଣ ଯାତ୍ରା ଅବସରରେ ଜମ୍ମୁ-କଶ୍ମୀରରେ ଅନୁଚ୍ଛେଦ ୩୭୦ ଓ ୩୫(ଏ) ଉଠିବା ପରେ ତା'ର ଉପଲବ୍ଧି ସମ୍ପର୍କରେ ଶେଖାୱତ ଯୁବପିଢ଼ି ଓ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ।

### ଛାତ୍ରଙ୍କୁ ର୍ୟାଗିଂ ଘଟଣା
### ୬ ଅନ୍ତେବାସୀ ହଷ୍ଟେଲରୁ ବହିଷ୍କୃତ

**କଟକ ଅଫିସ,୧୮।୯:** ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲରେ ମଙ୍ଗଳବାର ହୋଇଥିବା ର୍ୟାଗିଂ ଅଭିଯୋଗରେ ୬ଜଣ ଅନ୍ତେବାସୀଙ୍କୁ ହଷ୍ଟେଲରୁ ବହିଷ୍କାର ନିର୍ଦ୍ଦେଶ ହୋଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ଶୃଙ୍ଖଳା କମିଟି ଏବଂ ଆଣ୍ଟି ର୍ୟାଗିଂ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୬ଜଣ ଅନ୍ତେବାସୀଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସେମାନଙ୍କୁ ଗୋଟିଏ ସେମିଷ୍ଟର ପରୀକ୍ଷାରୁ ବଞ୍ଚିତ କରାଯିବା ସହ ହଷ୍ଟେଲରେ ରହିପାରିବେ ନାହିଁ ବୋଲି କଡ଼ା ପଦକ୍ଷେପ ନେଇଛି ଆଣ୍ଟି ର୍ୟାଗିଂ କମିଟି। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ୱାର୍ଡେନ ପ୍ରଫେସର ସ୍ମୃତିପ୍ରଭା ଦାସ କହିଛନ୍ତି, ର୍ୟାଗିଂ ଅଭିଯୋଗ ଆଧାରରେ ପଦକ୍ଷେପ ନିଆଯାଇଛି। ବିଶ୍ୱବିଦ୍ୟାଳୟର କୌଣସି ଛାତ୍ରୀଛାତ୍ର ଯେପରି ନିଜକୁ ଅସୁରକ୍ଷିତ ମନେ ନ କରିବେ ସେ ଦିଗରେ କମିଟି ପକ୍ଷରୁ ଦୃଷ୍ଟି ଦିଆଯାଇଛି। ସୂଚନାଥାଉ କି, ଇଷ୍ଟ ହଷ୍ଟେଲରେ ସୋମବାର ରାତିରେ ଜନ୍ମଦିନ ପାଳନ ଉତ୍ସବରେ ଜଣେ ଛାତ୍ରଙ୍କୁ କେତେଜଣ ଅନ୍ତେବାସୀ ମାଡ ମାରିଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରି ନ ଥିଲେ ମଧ ତାଙ୍କ ଅଭିଭାବକ ର୍ୟାଗିଂ ହୋଇଛି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଫେରାଦ ଦେଇଥିଲେ। ଅଭିଭାବକ ଜଣଙ୍କ ୬ ଜଣ ଅନ୍ତେବାସୀଙ୍କ ନାମରେ ର୍ୟାଗିଂ ଅଭିଯୋଗ ଉଠାଇଥିଲେ। ମାଡ଼ ଯୋଗୁ ଛାତ୍ରଙ୍କ ପିଠିରେ ଦାଗ ହୋଇଥିବା ମଧ ଦେଖିବାକୁ ମିଳିଥିଲା। ବୁଧବାର ବୈଠକରେ ୬ଜଣ ଅନ୍ତେବାସୀ ମଧ ଶୃଙ୍ଖଳା କମିଟି ଏବଂ ଆଣ୍ଟି ର୍ୟାଗିଂ କମିଟି ନିକଟରେ ହାଜର ହୋଇଥିବା ଜଣାପଡ଼ିଛି।

### ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ

**କୋଦଳା,୧୮।୯(ଡି.ଏନ.ଏ.):** ଗଞ୍ଜାମ ଜିଲା କୋଦଳା ସବ୍‌ଜେଲରେ ମଙ୍ଗଳବାର ରାତିରେ ଜଣେ ବିଚାରାଧୀନ ବନ୍ଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କୋଦଳା ଥାନା ଡିରିଡା ଗ୍ରାମର ପଙ୍କଜ ଦାସ (୪୨)। କୋଦଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯) ରୁଜୁ ହୋଇଛି। ଜେଲ୍‌ରେ ଚିକିତ୍ସା ଅବହେଳାରୁ ପଙ୍କଜଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉପ କାରାଗାର ଅଧିକାରୀ ଦାୟିତ୍ୱରେ ଥିବା ବିଭେନ୍ଦୁ କୁମାର ଭୂୟାଁଙ୍କ ସୂଚନା ଅନୁଯାୟୀ, ପଙ୍କଜ ଏକ ଚୋରି ମାମଲାରେ ଗିରଫ ହୋଇ ୪ ସେପ୍ଟେମ୍ବର ୨୦୧୯ରେ କୋଦଳା ସବ୍‌ଜେଲକୁ ଆସିଥିଲେ। ତାଙ୍କୁ ସେଲ ନଂ.୫ରେ ରଖାଯାଇଥିଲା। ମଙ୍ଗଳବାର ସେ ଖାଇପିଇ ସେଲରେ ଥିବା ୫୦ରୁ ଊର୍ଦ୍ଧ୍ୱ କଏଦୀଙ୍କ ସହିତ ଶୋଇଥିଲେ। କିନ୍ତୁ ବୁଧବାର ଭୋରରୁ ଉଠି ନ ଥିଲେ। ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ସବ୍‌ଜେଲର କର୍ମଚାରୀମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚିନ୍ମୟ ମିଶ୍ର ପଙ୍କଜଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣା ପଡି ନ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ପଙ୍କଜଙ୍କ ମା' ଓ ସ୍ତ୍ରୀ ମେଡିକାଲରେ ପହଞ୍ଚି ଜେଲ୍‌ରେ ଚିକିତ୍ସା ଅବହେଳାରୁ ଏହି ଦୁଃଖଦ ଘଟଣା ଘଟିଲା ବୋଲି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି, ଗତ ୫ ତାରିଖରେ ଆମେ ପଙ୍କଜଙ୍କୁ ଦେଖା କରିବାକୁ ସବ୍‌ଜେଲକୁ ଯାଇଥିଲୁ। ସେତେବେଳେ ସେ ଅସୁସ୍ଥ ଥିବା କହିଥିଲେ। ଜେଲରେ ତାଙ୍କ ଚିକିତ୍ସାରେ ଅବହେଳା କରାଯାଇଛି ବୋଲି ସେ ଜଣାଇଥିଲେ। ଉକ୍ତ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି। ବେଗୁନିଆପଡା ଫାଣ୍ଡି ଡିରିଡା ନିକଟରେ ଥିବା ଏକ କୁକୁଡା ଫାର୍ମରୁ ଗତ ୩ ତାରିଖରେ ଫ୍ୟାନ୍ ଓ ଆସବାବପତ୍ର ଚୋରି ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

**କାଳିଆ ଟଙ୍କା ନେଇଥିବା ସରକାରୀ ଚାକିରିଆଙ୍କ ଦରମାରୁ କଟାଯିବ**




### ର୍ୟାଗିଂକୁ ନେଇ ଓଏଚ୍‌ଆର୍‌ସିଙ୍କ ଉଦ୍‌ବେଗ
# ୫ ବିଭାଗକୁ ରିପୋର୍ଟ ତଲବ

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ରାଜ୍ୟରେ ଥିବା ଶିକ୍ଷାନୁଷ୍ଠାନଗୁଡିକରେ ର୍ୟାଗିଂ ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଛି। ନିକଟରେ ସମ୍ବଲପୁରଠାରେ ଏକ ଘରୋଇ କଲେଜରେ ଜଣେ ଛାତ୍ରଙ୍କୁ ସହପାଠୀମାନେ ର୍ୟାଗିଂ କରିବା ଘଟଣା ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆରସି) ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଶିକ୍ଷାନୁଷ୍ଠାନଗୁଡିକରେ ର୍ୟାଗିଂ ରୋକିବା ପାଇଁ କି ପଦକ୍ଷେପ ନିଆଯାଇଛି ସେ ନେଇ ରାଜ୍ୟ ସରକାରଙ୍କ ୫ ବିଭାଗକୁ କମିଶନ ବୁଧବାର ରିପୋର୍ଟ ତଲବ କରିଛନ୍ତି। କମିଶନଙ୍କ ପକ୍ଷରୁ ଗୃହ ବିଭାଗକୁ ଦିଆଯାଇଥିବା ନୋଟିସରେ ଉଲ୍ଲେଖ କରାଯାଇଛି ଯେ, ର୍ୟାଗିଂ ରୋକିବାକୁ ରାଜ୍ୟ ସରକାର ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି କି ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟସ୍ତରରେ ଆଣ୍ଟି ର୍ୟାଗିଂ ହେଲ୍‌ପଲାଇନ ବ୍ୟବସ୍ଥା କରାଯାଇଛି କି ନାହିଁ। ଏନେଇ ଆସନ୍ତା ଅକ୍ଟୋବର ୧୧ ସୁଦ୍ଧା ଜଣାଇବାକୁ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ହେଲ୍‌ପଲାଇନ କରାଯାଇ ନାହିଁ, ତେବେ ପ୍ରତ୍ୟେକ ପୋଲିସ ମୁଖ୍ୟାଳୟରେ ହେଲ୍‌ପଲାଇନ ନମ୍ବର ଜାରି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଗୃହ ସଚିବଙ୍କୁ କମିଶନ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ବୈଷୟିକ ଶିକ୍ଷା ବିଭାଗକୁ ମଧ ର୍ୟାଗିଂ ରୋକିବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜଣାଇବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ହେଉଥିବା ର୍ୟାଗିଂ ଘଟଣାରେ ହସ୍ତକ୍ଷେପ କରିବାକୁ ର୍ୟାଗିଂ ମୁକ୍ତ କ୍ୟାମ୍ପସ ଅଭିଯାନର ଆବାହକ ତେଜେଶ୍ୱର ପରିଡାଙ୍କ ନେତୃତ୍ୱରେ ୧୦ ଜଣିଆ ପ୍ରତିନିଧି ଦଳ ବୁଧବାର କମିଶନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ଓ ଜଷ୍ଟିସ ରଘୁବୀର ଦାସଙ୍କ ଦୁଇଜଣିଆ ଖଣ୍ଡପୀଠକୁ ଭେଟି ଏକ ମାମଲା ଦାଏର କରିଛନ୍ତି।

### ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି
# ଭୁବନେଶ୍ୱର-ଦୁବାଇ ବିମାନ ସେବା ମିଳୁ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

**ୟୁଏଇରେ ରହୁଛନ୍ତି ୧୫ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ**



ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସିଧାସଳଖ ଦୁବାଇ ପର୍ଯ୍ୟନ୍ତ ବିମାନ ସେବା ଆରମ୍ଭ କରିବା ପାଇଁ ଚିନ୍ତା କରାଯାଉଛି। ଏନେଇ ପଦକ୍ଷେପ ନେବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ବୁଧବାର ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ନିଜ ଚିଠିରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱରରୁ ଦୁବାଇ ଯାତାୟାତ କରୁଥିବା ଓଡିଶାର ଯାତ୍ରୀଙ୍କ ସୁବିଧା ପାଇଁ ଏହା ଆବଶ୍ୟକ। ଓଡିଶାର ବିକାଶରେ ଏହି ଆକାଶପଥ ଯୋଗାଯୋଗର ବଡ ଭୂମିକା ନିର୍ବାହ କରିବ । ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସ୍ୱତନ୍ତ୍ର ଭାବେ ଏଥିରେ ହସ୍ତକ୍ଷେପ କରି ଭୁବନେଶ୍ୱର-ଦୁବାଇ-ଭୁବନେଶ୍ୱର ସିଧା ବିମାନ ସଂଯୋଗ ସ୍ଥାପନ କରିବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ପୂର୍ବୋଦୟ ଯୋଜନାରେ ପୂର୍ବ ଭାରତରେ ଓଡିଶା ବିକାଶର ପେଣ୍ଠସ୍ଥଳୀ ଭାବେ ଆଗକୁ ବଢୁଛି । କେନ୍ଦ୍ର ସରକାର ଉଡାନ ଯୋଜନା ମାଧ୍ୟମରେ ଆଞ୍ଚଳିକସ୍ତରରେ ବିମାନ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହାସହ ରାଜଧାନୀ ସହିତ ସିଧା ଅନ୍ତଃରାଷ୍ଟ୍ରୀୟ ବିମାନ ଯୋଗାଯୋଗ ପୂର୍ବ ଭାରତର ବିକାଶର ସମ୍ଭାବନାକୁ ଆହୁରି ଶକ୍ତିଶାଳୀ କରିବ । ବର୍ତ୍ତମାନ ଭୁବନେଶ୍ୱରରୁ ସିଧା ବିମାନ ସଂଯୋଗ କେବଳ ଥାଇଲାଣ୍ଡର ବ୍ୟାଙ୍କକ୍ ସହ ରହିଛି। ଭୁବନେଶ୍ୱରକୁ ୟୁଏଇ(ୟୁନାଇଟେଡ୍ ଆରବ୍ ଏମିରେଟସ୍)ର ଦୁବାଇ ସହିତ ଯୋଡିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ୟୁଏଇର ବିଭିନ୍ନ ଅଞ୍ଚଳରେ ୧୫ ହଜାରରୁ ଊର୍ଦ୍ଧ୍ୱ ଓଡିଆ ଲୋକ ବସବାସ କରୁଛନ୍ତି। ସେହି ଲୋକମାନେ ନିଜ ରାଜ୍ୟକୁ ଯାତାୟାତ କରିବା ଏହାଦ୍ୱାରା ସହଜ ହେବ । ୟୁଏଇର ଓଡିଆ ସୋସାଇଟି ଏୟାର ଇଣ୍ଡିଆର ମଧ୍ୟପ୍ରାଚ୍ୟ ଅଧିକାରୀଙ୍କ ସହ ସାକ୍ଷାତ୍ କରି ଦୁବାଇ-ଭୁବନେଶ୍ୱର ମଧ୍ୟରେ ସିଧା ବିମାନ ଯୋଗାଯୋଗ ପାଇଁ ଥିବା ଭଲ ଯାତାୟାତ ତଥ୍ୟକୁ ସୂଚିତ କରିଛନ୍ତି । ଭୁବନେଶ୍ୱର ଶିକ୍ଷା, ସ୍ୱାସ୍ଥ୍ୟସେବା, ସଂସ୍କୃତି ଓ ପର୍ଯ୍ୟଟନର କେନ୍ଦ୍ର ଭାବେ ବିକଶିତ ହୋଇଛି। ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନ ତଥା ଶିକ୍ଷା କ୍ଷେତ୍ରରେ ସଂଯୋଗ ସ୍ଥାପନ ପାଇଁ ଏହା ଏକ ପ୍ରମୁଖ କେନ୍ଦ୍ର ହୋଇପାରିବ ବୋଲି ପ୍ରଧାନ ଉଲ୍ଲେଖ କରିଛନ୍ତି ।

### ■ବୈଦିକ କଲେଜ ର୍ୟାଗିଂ ଘଟଣା
# ମାଲିକଙ୍କ ଗିରଫ ଦାବି ଜୋରଦାର

**ସମ୍ବଲପୁର,୧୮।୯ (ବ୍ୟୁରୋ)**



ସମ୍ବଲପୁର ବୈଦିକ କଲେଜ ଅଧ୍ୟକ୍ଷ ଓ ଅନ୍ୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି ଅଭିଷେକଙ୍କ ମା'ବାପା।

ସମ୍ବଲପୁର ଶାସନ ଥାନା ଅଧୀନ ବୈଦିକ ଇଣ୍ଟରନ୍ୟାଶନାଲ ଘରୋଇ କଲେଜର ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ର ଅଭିଷେକ ମିଶ୍ରଙ୍କୁ ଗତ ଶନିବାର ର୍ୟାଗିଂ କରାଯାଇଥିଲା। ଜଣେ ସିନିୟରଙ୍କ ସହ ୩ ଜଣ ସହପାଠୀ ତାଙ୍କୁ ଲୁହା ଛଡ଼ ଓ ବେଲ୍ଟରେ ମାଡ ମାରି ଲହୁଲୁହାଣ କରିଥିଲେ । କଲେଜ କର୍ତ୍ତୃପକ୍ଷ ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ କରିଥିଲେ । ମଙ୍ଗଳବାର ସମ୍ପୃକ୍ତ ଛାତ୍ରଙ୍କ ମା, ବାପା ପୁଅକୁ ଦେଖିବାକୁ ଆସିଥିବାବେଳେ ଏହି ଘଟଣା ପଦାକୁ ଆସିଥିଲା । ବୁଧବାର ପ୍ରଶାସନ ନିକଟରେ ଏନେଇ ଅଭିଯୋଗ ହୋଇଛି। ଅଭିଷେକଙ୍କ ବାପା ଗୌରଚରଣ ମିଶ୍ର, ମା' ଗୀତାଞ୍ଜଳି ମିଶ୍ର ଓ ସମ୍ପର୍କୀୟ ଜିଲା ପ୍ରଶାସନ ଦ୍ୱାରସ୍ଥ ହୋଇ କଲେଜର ମାଲିକ ଆନନ୍ଦ ଅଗ୍ରୱାଲଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରିବାକୁ ଦାବି କରିଛନ୍ତି।

- ■ରାସ୍ତାରୋକୋ ଚେତାବନୀ
- ■ପ୍ରଶାସନକୁ ଭେଟିଲେ ଅଭିଷେକଙ୍କ ମା'ବାପା
- ■ମେଡିକାଲରେ ଆହତ ଛାତ୍ର ଭର୍ତ୍ତି
- ■ପ୍ରଶାସନ ପକ୍ଷରୁ ମଧ ତଦନ୍ତ କରାଯିବ
- ■୪ ଛାତ୍ରଙ୍କ ବିରୋଧରେ ମାମଲା ରୁଜୁ

ଏଡିଏମ୍‌ଙ୍କ ଦାୟିତ୍ୱରେ ଥିବା ଉପଜିଲାପାଳ ଅନିରୁଦ୍ଧ ସାହୁଙ୍କୁ ସେମାନେ ଭେଟି ଏହି ଅଭାବନୀୟ ଘଟଣା ସମ୍ପର୍କରେ ଅବଗତ କରିଥିଲେ। କଲେଜ ମାଲିକ ଅଗ୍ରୱାଲ ଏହି ଘଟଣାକୁ ଜାଣିଶୁଣି ୪ ଦିନ ଚାପି ରଖିଥିଲେ। ଘର ଲୋକଙ୍କୁ ସୂଚନା ଦିଆ ଯାଇ ନ ଥିଲା। ଅଭିଯୁକ୍ତ ଛାତ୍ରମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ତେଣୁ ୨୪ ଘଣ୍ଟା ମଧ୍ୟରେ ମାଲିକ ଅଗ୍ରୱାଲଙ୍କୁ ଗିରଫ କରାଯାଉ ବୋଲି ଏମାନେ ଉପଜିଲାପାଳଙ୍କଠାରେ ଦାବି କରିଛନ୍ତି। ଅନ୍ୟଥା ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ଛାତ୍ରୀଛାତ୍ରଙ୍କ ସୁବିଧା ଓ ସୁରକ୍ଷା ଦେବା କଲେଜର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ଏଥିପାଇଁ କଲେଜ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ନେଉଛନ୍ତି। ହେଲେ ବ୍ୟବସାୟକୁ କଲେଜ ଗୁରୁତ୍ୱ ଦେଉଛି ସିନା ପିଲାଙ୍କ ସ୍ୱାର୍ଥ କଥା ଭାବୁନି। ସୁରକ୍ଷା ଦାୟିତ୍ୱରେ ଥିବା ୱାର୍ଡେନ ଓ ଅଭିଯୁକ୍ତ ଛାତ୍ରମାନଙ୍କୁ ମଧ ତୁରନ୍ତ ଗିରଫ କରାଯାଉ । ପୋଲିସ ତଦନ୍ତ କରୁଛି। ପ୍ରଶାସନ ପକ୍ଷରୁ ମଧ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ। ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷେ ଆହତ ଛାତ୍ରଙ୍କୁ ପ୍ରଶାସନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ଚିକିତ୍ସାଧୀନ ଅଛନ୍ତି। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଘଟଣାର ତଦନ୍ତ କରୁଛନ୍ତି। ବୁଧବାର କଲେଜର କର୍ମଚାରୀ, ଅଧିକାରୀ, ସହପାଠୀ ଛାତ୍ରମାନଙ୍କୁ ପୋଲିସ ପଚରା ଉଚୁରା କରିଛି। ଅଭିଯୁକ୍ତ ଛାତ୍ର ସ୍ମୃତିମାନ ମହାକୁଡ, ରାଜକୁମାର ଧରୁଆ, ଆକାଶ ସାହୁ, ଅଂଶୁମାନ ମଉଳାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି।

### ସୁରକ୍ଷିତ ଶୈଶବ, ପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱାରୋପ
# ଚିହ୍ନଟ ହେବେ ଅନାଥ, ଏକକ ଅଭିଭାବକ ଶିଶୁ
### ଅଙ୍ଗନୱାଡ଼ି କର୍ମୀ କରିବେ ସର୍ଭେ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ)**

ଶିଶୁଙ୍କ ସୁରକ୍ଷିତ ଶୈଶବ ଓ ପୂର୍ଣ୍ଣ ବିକାଶକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ଅନାଥ ଓ ଏକକ ଅଭିଭାବକ ଥିବା ଶିଶୁଙ୍କୁ ଚିହ୍ନଟ କରାଯିବ। ଏଥିପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ସ୍ୱତନ୍ତ୍ର ସର୍ଭେ ଆରମ୍ଭ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବୁଧବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଏଥିସହ ଆବଶ୍ୟକ ଫର୍ମାଟ ସଂଲଗ୍ନ କରି ପ୍ରେରଣ କରାଯାଇଛି। ଏ ସମସ୍ତ କାର୍ଯ୍ୟ ଅକ୍ଟୋବର ୫ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବିଭାଗ ପକ୍ଷରୁ ରାଜ୍ୟରେ ଶିଶୁ ଯତ୍ନ ଗୃହ, ପୋଷ୍ୟ ସନ୍ତାନ ଗ୍ରହଣ, ବିଜୁ ଶିଶୁ ସୁରକ୍ଷା ଯୋଜନା ଆଦି କାର୍ଯ୍ୟକାରୀ ହେଉଛି। କିନ୍ତୁ ଠିକ୍ ଭାବେ ଚିହ୍ନଟ ହୋଇପାରୁ ନ ଥିବାରୁ ରାଜ୍ୟର ପିତା-ମାତା ନ ଥିବା (ଅନାଥ, ଅସହାୟ) ଓ ଏକକ ଅଭିଭାବକ ଥିବା ଶିଶୁଙ୍କ ପାଇଁ ଏଭଳି କଲ୍ୟାଣମୂଳକ ଯୋଜନା କାର୍ଯ୍ୟରେ ଆସୁନି। ତେଣୁ ଏହି ବର୍ଗର ଶିଶୁଙ୍କ ଚିହ୍ନଟକରଣ ଉପରେ ବିଭାଗ ଗୁରୁତ୍ୱ ଦେଇ ସର୍ଭେ କରାଯିବ। ଏଥିପାଇଁ ଉଦ୍ଦିଷ୍ଟ ଫର୍ମାଟରେ ଅଙ୍ଗନୱାଡ଼ି କର୍ମୀମାନେ ଅନାଥ ଓ ଏକକ ଅଭିଭାବ ଥିବା ଶିଶୁଙ୍କୁ ଭିନ୍ନ ଭିନ୍ନ ଭାବେ ଚିହ୍ନଟ କରିବା ସହ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସୁପରଭାଇଜରଙ୍କୁ ପ୍ରଦାନ କରିବେ। ସେଥିରେ ଶିଶୁ ପରିବାରର ସମ୍ପୂର୍ଣ୍ଣ ତଥ୍ୟ, ଲିଙ୍ଗ, ବୟସ, ବିଦ୍ୟାଳୟ ଶିକ୍ଷା, ଠିକଣା, ପରିବାରର ଆର୍ଥିକ ସ୍ଥିତି, ଶିଶୁଟି କାହା ପାଖରେ ଅଛନ୍ତି ଆଦି ତଥ୍ୟ ରହିବ। ସୁପରଭାଇଜରମାନେ ଏହାକୁ ଯାଞ୍ଚ କରି ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଜରିଆରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବେ। ଜିଲାପାଳ ଏହାକୁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ନିକଟକୁ ପ୍ରେରଣ କରିବେ।

ଏହି କାର୍ଯ୍ୟ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କୁ ପାରିତୋଷିକ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ୫ 'ଟି' ସୂତ୍ର ଆଧାରରେ ଶିଶୁ ସର୍ବେକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବାକୁ ପ୍ରୟାସ କରାଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ମାସେ ବନ୍ଦ ରହିବ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବା

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

- ■ନଭେମ୍ବରରୁ ପୁଣି ଆରମ୍ଭ ହେବ
- ■ପର୍ଯ୍ୟଟନ ଋତୁରେ ରନ୍‌ୱେ ରି-କାର୍ପେଟିଂକୁ ବିରୋଧ

ଭୁବନେଶ୍ୱରକୁ ବ୍ୟାଙ୍କକ୍‌କୁ ଚଳାଚଳ କରୁଥିବା ଏୟାର ଇଣ୍ଡିଆର ଡାଇରେକ୍ଟ ଫ୍ଲାଇଟ୍ ସେବା ସେପ୍ଟେମ୍ବର ୨୩ରୁ ଅସ୍ଥାୟୀଭାବେ ବନ୍ଦ ରହିବ। ଏହା ଅକ୍ଟୋବର ଶେଷ କିମ୍ବା ନଭେମ୍ବର ଆରମ୍ଭରୁ ପୁଣି ଚଳାଚଳ କରିବ। ବୁଧବାର ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଳ ଦେବ। ସେ କହିଛନ୍ତି, ପର୍ଯ୍ୟଟନ ଶିଳ୍ପର ବିକାଶକୁ ନିଜରରେ ରଖି ବିମାନ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଯାତ୍ରୀଙ୍କ ସଂଖ୍ୟା କମ୍ ରହୁଥିବାରୁ ଅଧିକାଂଶ ସଂସ୍ଥା ବିମାନ ସେବା ଆରମ୍ଭ କରିବାକୁ ରାଜି ହେଉନାହାନ୍ତି। ଏହାସତ୍ତ୍ୱେ ଆମେ ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ସେବା ଯୋଗାଇ ଦେବାକୁ ଯୋଜନା କରୁଛୁ। ଏନେଇ ଏୟାର ଏସିଆ ସହ ଆଲୋଚନା ଚାଲିଛି। ଖୁବ୍‌ଶୀଘ୍ର ଦୁବାଇକୁ ମଧ ସିଧାସଳଖ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସେ କହିଛନ୍ତି। ସେହିଭଳି ଝାରସୁଗୁଡ଼ା ବିମାନ ବନ୍ଦର ଏବେ ଦେଶର ୪ଟି ପ୍ରମୁଖ ସହର ତଥା ହାଇଦ୍ରାବାଦ, କଲିକତା, ଦିଲ୍ଲୀ, ରାୟପୁରକୁ ସଂଯୋଗ କରୁଥିବା ବେଳେ ଯାତ୍ରୀ ସଂଖ୍ୟା ମଧ ଭଲ ରହୁଛି। ଖୁବ୍‌ଶୀଘ୍ର ଝାରସୁଗୁଡାରୁ ବାଙ୍ଗାଲୋରକୁ ବିମାନ ଚଳାଚଳ ଆରମ୍ଭ ହେବାନେଇ ସଚିବ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଆସନ୍ତା ନଭେମ୍ବର ୧ରୁ ୨୦୧୯ ଜୁନ୍ ୩୦ ପର୍ଯ୍ୟନ୍ତ ରନ୍‌ୱେ ରି-କାର୍ପେଟିଂ ହେବାକୁ ଥିବାରୁ ୮ମାସ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ରନ୍‌ୱେକୁ ବନ୍ଦ ରଖାଯିବ। ତେବେ ସେପ୍ଟେମ୍ବରରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପର୍ଯ୍ୟଟନ ଋତୁ ଥିବାବେଳେ ଏହି ସମୟ ମଧ୍ୟରେ ରନ୍‌ୱେ ବନ୍ଦ ରହିଲେ ବିମାନ ସେବା ବିଶେଷଭାବେ ବାଧାପ୍ରାପ୍ତ ହେବ। ଏହାଦ୍ୱାରା ଉଭୟ ପର୍ଯ୍ୟଟନ ଏବଂ ହୋଟେଲ ଶିଳ୍ପ ବିଶେଷଭାବରେ କ୍ଷତିଗ୍ରସ୍ତ ହେବ ବୋଲି ଆଶଙ୍କା କରିଛି ହୋଟେଲ୍ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା। ଭୁବନେଶ୍ୱର ବିମାନ ବନ୍ଦରରେ ଏବେ ଏୟାର ଟ୍ରାଫିକ୍ ବୃଦ୍ଧି ପାଇଥିବା ବେଳେ ପର୍ଯ୍ୟଟନ ଋତୁରେ ଏହା ଆହୁରି ବୃଦ୍ଧି ପାଇବ। ମାତ୍ର ଠିକ୍ ସେହି ସମୟରେ କମ୍ ବିମାନ ଚଳାଚଳ କଲେ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ହ୍ରାସ ପାଇବ ବୋଲି କୁହାଯାଇଛି। ବାତ୍ୟା ଫନୀ ପରେ ଧୀରେ ଧୀରେ ପରିସ୍ଥିତିରେ ସୁଧାର ଆସୁଥିବା ବେଳେ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କୁ ବିମାନ ନମିଳିଲେ ପର୍ଯ୍ୟଟନ ଶିଳ୍ପକୁ ଏକ ବିରାଟ ବଡ଼ କ୍ଷତି ସହିବାକୁ ପଡ଼ିବ ବୋଲି ହୋଟେଲ୍ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି। ତେବେ ଏନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ପର୍ଯ୍ୟଟନ ବିଭାଗ ସଚିବ ଦେବ ସୂଚନା ଦେଇଛନ୍ତି।

### ଏବେ ନୂଆ ବିମାନ ବନ୍ଦର ଆବଶ୍ୟକ ନାହିଁ

**ଭୁବନେଶ୍ୱର, ୧୮।୯(ବ୍ୟୁରୋ):** ବର୍ତ୍ତମାନ ଭୁବନେଶ୍ୱରରେ ନୂଆ ବିମାନ ବନ୍ଦରର ଆବଶ୍ୟକତା ନାହିଁ। ବୁଧବାର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ଏହା କହିଛନ୍ତି। ସୂଚନାଯୋଗ୍ୟ ୨୦୧୪ରେ ରାଜ୍ୟ ସରକାର ଭାରତୀୟ ବିମାନ ବନ୍ଦର ପ୍ରାଧିକରଣଙ୍କୁ ନୂଆ ବିମାନ ବନ୍ଦର ନିର୍ମାଣ ସକାଶେ ପ୍ରସ୍ତାବ ଦେଇଥିଲେ। ମାତ୍ର ଏବେ ସୁଦ୍ଧା ପ୍ରସ୍ତାବିତ ଦ୍ୱିତୀୟ ବିମାନ ବନ୍ଦର ଜମି ଚିହ୍ନଟ ପ୍ରକ୍ରିୟାରେ ହିଁ ଅଟକିଛି। ପରେ ଏନେଇ ରାଜ୍ୟ ସରକାର ବିମାନ ବନ୍ଦର କର୍ତ୍ତୃପକ୍ଷ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଏକ ମିଳିତ ବୈଠକ ହୋଇଥିଲା। ତେବେ ରନୱେ ସାମୟିକ ବନ୍ଦ ହେବା ବିଷୟରେ ବୁଧବାର ସୁରେଶ ହୋତା ସ୍ପଷ୍ଟୀକରଣ ଦେଇଛନ୍ତି। କେବଳ ଭୁବନେଶ୍ୱର ନୁହେଁ, ଦେଶର ଅଧିକାଂଶ ପୁରୁଣା ବିମାନ ବନ୍ଦରରେ ଗୋଟିଏ ରନୱେ ରହିଛି। ସେଥିପାଇଁ ଆଂଶିକ ଭାବେ ବିମାନଗୁଡ଼ିକର ସମୟସାରଣୀ ପରିବର୍ତ୍ତନ କରାଯିବ ବୋଲି ସେ କହିଥିଲେ।

# ବିଜେପୁର ଉପନିର୍ବାଚନ ପାଇଁ ବିଜେଡିର ୪ ଜଣିଆ ସମନ୍ୱୟ କମିଟି

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ବିଜେପୁର ଉପନିର୍ବାଚନ ପାଇଁ ନିର୍ବାଚନ କମିଶନ ଏ ପର୍ଯ୍ୟନ୍ତ ତାରିଖ ଘୋଷଣା କରିନାହାନ୍ତି। ମାତ୍ର ବିଜେଡି ଏବେଠାରୁ ବିଜେପୁର ଆସନ ଦଖଲ କରିବା ସକାଶେ ଅଣ୍ଟା ଭିଡିଛି। ମଙ୍ଗଳବାର ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ସମନ୍ୱୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ଦଳର ୪ଜଣ ନେତା ମନ୍ତ୍ରୀ ନିରଞ୍ଜନ ପୂଜାରୀ, ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ଏମ୍‌ପି କଲିକେଶ ସିଂଦେଓ ଏବଂ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କୁ ରଖାଯାଇଛି। ଏହି କମିଟି ପ୍ରଥମ ପର୍ଯ୍ୟାୟରେ ଉପନିର୍ବାଚନ ପାଇଁ ଦଳୀୟ କାର୍ଯ୍ୟକ୍ରମ ଚଳାଇବେ। ଅନ୍ୟପଟେ ଉପନିର୍ବାଚନ ପ୍ରସ୍ତୁତି ଆରମ୍ଭ ସମୟରୁ ହିଁ ମୁଖ୍ୟମନ୍ତ୍ରୀ ସୁବାସ ଚୌହ୍ୱାନଙ୍କୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି। ଦୀର୍ଘଦିନ ଧରି ଏହି ପଦବୀ କାହାକୁ ମିଳିବ ସେନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସୁବାସ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାରୁ ବରଗଡ ଆସନ ପାଇଁ ଏମ୍‌ପି ଟିକେଟ ଲାଗି ଆଶାୟୀ ଥିଲେ। ମାତ୍ର ଟିକେଟ ନ ମିଳିବାରୁ ସେ ବିଜେଡିରେ ଯୋଗ ଦେଇଥିଲେ। ବରଗଡ ଲୋକ ସଭା ନିର୍ବାଚନମଣ୍ଡଳୀରେ ସୁବାସଙ୍କ ଭଲ ସଂଗଠନ ଥିବାରୁ ତାଙ୍କୁ ବିଜେପୁର ଉପନିର୍ବାଚନ ପୂର୍ବରୁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦ ଦିଆଯାଇଥିବା ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ବିଜେଡି ଗଠନ କରିଥିବା ସମନ୍ୱୟ କମିଟି ଦଳୀୟ ଟିକେଟ କାହାକୁ ଦିଆଗଲେ ଠିକ୍ ହେବ ସେ ନେଇ ଅନୁଧ୍ୟାନ କରିବେ ଏବଂ ଅସନ୍ତୁଷ୍ଟଙ୍କୁ ମନେଇବାର କାର୍ଯ୍ୟ କରିବ ବୋଲି ଜଣାପଡିଛି। ଅପରପକ୍ଷରେ ଭାଜପା ମଧ ବିଜେପୁର ଉପନିର୍ବାଚନକୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ କଂଗ୍ରେସ ପକ୍ଷରୁ ଏକ କମିଟି ଗଠନ କରାଯାଇ କାର୍ଯ୍ୟକ୍ରମ ଚାଲୁ ରହିଛି।



ଅଜ୍ଞଙ୍କୁ ବୁଝାଇବା ସହଜ, ବିଜ୍ଞଙ୍କୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଓମ୍ ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ନରସିଂହପୁର ଇଲେକ୍ଟ୍ରି ଡିଜିଏମ୍‌ଙ୍କ ଘରେ ଭିଜିଲାନ୍ସ ଚଢାଉ

# ୧.୩୬ କୋଟିର ସମ୍ପତ୍ତି ଠାବ

କଟକ ଅଫିସ, ୧୮।୯

କଟକ ଜିଲା ନରସିଂହପୁର ଇଲେକ୍ଟ୍ରି ଗ୍ରୀଡ୍‌ର ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ରାମେଶ୍ୱର ମହଲାଙ୍କ ଘରୁ ଭିଜିଲାନ୍ସ ବିଭାଗ ୧ କୋଟି ୩୬ ଲକ୍ଷ ୫୩ ହଜାର ୧୧୨ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ପକ୍ଷରୁ ଡିଜିଏମ୍ ମହଲାଙ୍କ ଯାଜପୁର ଜିଲା ପଦ୍ମପୁରସ୍ଥିତ ଘର, ମୟୂରଭଞ୍ଜ ଜିଲା ବଡ଼ଡାଙ୍ଗୁଆରେ ଥିବା ପୈତୃକ ଘର, କଟକ ଇଲେକ୍ଟ୍ରିଗ୍ରୀଡସ୍ଥିତ ଅଫିସ ଚାମ୍ବର, ସିଡିଏସ୍ଥିତ ଭଡ଼ାଘର, ବାଲେଶ୍ୱର ରାଜବ୍ରହ୍ମପୁରସ୍ଥିତ ସମ୍ପର୍କୀୟଙ୍କ ଘରେ ଏକସଙ୍ଗରେ ଚଢାଉ କରିଥିଲା। କଟକ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ଜଜ୍‌ଙ୍କ ୱାରେଣ୍ଟ ବଳରେ ଏହି ଚଢାଉ କରାଯାଇଥିଲା। ଜବତ ସମ୍ପତ୍ତି ମଧ୍ୟରେ ପଦ୍ମପୁରସ୍ଥିତ ଚାରି ମହଲା କୋଠା(ଯାହାର ଆନୁମାନିକ ମୂଲ୍ୟ ୯୨ ଲକ୍ଷ ଟଙ୍କା), ଏହି ଅଞ୍ଚଳରେ ଥିବା ଦୁଇଟି ପ୍ଲଟର ମୂଲ୍ୟ ୨୮ ଲକ୍ଷ ୯୩ହଜାର ୧୭ ଟଙ୍କା, ତିନୋଟି ଦୁଇଚକିଆ ଯାନ (ଯାହାର ମୂଲ୍ୟ ୧ ଲକ୍ଷ ୪୫ହଜାର ୨୫୮ ଟଙ୍କା), ବ୍ୟାଙ୍କ ଡିପୋଜିଟ ଏବଂ ଇନସ୍ୟୁରାନ୍ସ କମ୍ପାନୀରେ ଥିବା ୫ ଲକ୍ଷ ୬୮ହଜାର ୩୭ ଟଙ୍କା, ସୁନାଗହଣାର ମୂଲ୍ୟ ୪ ଲକ୍ଷ ୧୪ହଜାର ଟଙ୍କା, ନଗଦ ୩୨,୮୦୦ ଟଙ୍କା ଏବଂ ୪ ଲକ୍ଷ ଟଙ୍କାର ଘରୋଇ ଉପକରଣ ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଜଗା-କାଳିଆଙ୍କୁ ଭେଟିଲେ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା

କଟକ ଅଫିସ, ୧୮।୯- କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଗା- କାଳିଆଙ୍କୁ ବୁଧବାର ଓଡ଼ିଶା ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଭେଟିଛନ୍ତି। ଜଗା ସହ କଥା ହୋଇଥିବାବେଳେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ଓ ଦାୟିତ୍ୱରେ ଥିବା ଡାକ୍ତରଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କରେ ପ୍ରଧାନ କହିଛନ୍ତି, ଜଗାର ଅବସ୍ଥା ଏବେ ସମ୍ପୂର୍ଣ୍ଣ ଭଲ ଅଛି। ସେ ଯେତେଦିନ ପର୍ଯ୍ୟନ୍ତ ମେଡିକାଲରେ ଅଛି, ତାକୁ ଘରୋଇ ପରିବେଶ ଯୋଗାଇ ଦିଆଯିବା ସହ ମାନସିକ ସ୍ତରରେ କିପରି ବିକାଶ ଘଟିବ ସେ ଦିଗରେ ଧ୍ୟାନ ରଖିବା ଜରୁରୀ। ଏ ଦିଗରେ ଆମ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଖେଳିବା ନିମନ୍ତେ ଖେଳ ସରଞ୍ଜାମ ଯୋଗାଇ ଦିଆଯିବ ଓ ମେଡିକାଲରେ ରହି ଯେପରି ପଢିପାରିବ ସେ ଦିଗରେ ଧ୍ୟାନ ଦିଆଯିବ। ଯେପରି ଠିକ୍ ଚିକିତ୍ସା ଦ୍ୱାରା ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ସେ ଦିଗରେ ଚେଷ୍ଟା କରାଯିବ। କାଳିଆର ଅବସ୍ଥା ସ୍ୱାଭାବିକ ରହିଛି। ତାକୁ ଚଲାବୁଲା କରିବା ପାଇଁ ଆଉ କିଛିଦିନ ଲାଗିବ। ଦୁଇଜଣଙ୍କ ପାଇଁ ନିୟୋଜିତ ହୋଇଥିବା ୧୪ ଜଣିଆ ଡାକ୍ତର ଟିମ୍ ଚିକିତ୍ସା କରୁଛନ୍ତି। ଏଥିରେ ଏମ୍ସର ଡାକ୍ତର ମଧ୍ୟ ସହଯୋଗ କରୁଛନ୍ତି। ଖୁବ୍‌ଶୀଘ୍ର କାଳିଆ ସୁସ୍ଥ ହେବ ବୋଲି ଆମେ ଭାବୁଛୁ।

## ଏମ୍ସ କର୍ତ୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)- କନ୍ଧମାଳ ଜିଲାର ଦୁଇମୁଣ୍ଡ ଯୋଡା ଶିଶୁ(ଜଗା-କାଳିଆ)ଙ୍କ ସଫଳ ଅସ୍ତ୍ରୋପଚାର ଓ ପରବର୍ତ୍ତୀ ଚିକିତ୍ସା ପାଇଁ ନୂଆଦିଲ୍ଲୀସ୍ଥିତ ଏମ୍ସ କର୍ତ୍ତୃପକ୍ଷଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି। ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଏମ୍ସ କର୍ତ୍ତୃପକ୍ଷଙ୍କୁ ଭେଟି ଜଗା-କାଳିଆଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ ମଧ୍ୟ ହୋଇଥିଲେ। ଏଥିସହିତ ବର୍ତ୍ତମାନ କଟକ ଏସ୍‌ସିବିରେ ଜଗା-କାଳିଆଙ୍କ ଚିକିତ୍ସା ଉପଯୁକ୍ତ ଭାବେ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହି ସାକ୍ଷାତ୍ ସମୟରେ ଏମ୍ସ କର୍ତ୍ତୃପକ୍ଷ ତଥା ନିର୍ଦ୍ଦେଶକ ଡା. ରଣଦୀପ ଗୁଲେରିଆ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୯୩ ଲକ୍ଷ ୮୯ ହଜାର ୪୬୧ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏମ୍ସରେ କାର୍ଯ୍ୟରତ କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ ଏହି ରାଶି ପ୍ରଦାନ କରିଥିବା ଜଣାପଡିଛି।

# ‘ବଂଶୀ’କୁ ଟାର୍ଗେଟ୍ କଲା ‘ଅସ୍ତ୍ର’



‘ଅସ୍ତ୍ର’

ବାଲେଶ୍ୱର ଅଫିସ,୧୮।୯

ବାଲେଶ୍ୱର ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ (ଡିଆର୍‌ଡିଓ) ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟା ୧ ମିନିଟ୍ ସମୟରେ ଆକାଶରୁ ଆକାଶକୁ ନିକ୍ଷେପ କରାଯାଇ ପାରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର ‘ଅସ୍ତ୍ର’ର ବ୍ୟବହାରିକ ପରୀକ୍ଷଣ କରାଯାଇଥିଲା। କାଲାଇକୁଣ୍ଡା ଏୟାର ବେସ୍‌ରୁ ସୁଖୋଇ ୩୦ଏମ୍‌କେଆଇ ଫ୍ଲାଇଟ୍ ଜେଟ୍‌ରୁ ଏହାକୁ ନିକ୍ଷେପ କରାଯିବାର କିଛି ସମୟ ପରେ ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର୍)ର ୩ ନଂ. ଲଞ୍ଚପ୍ୟାଡ୍‌ରୁ କ୍ଷେପଣାସ୍ତ୍ର ‘ବଂଶୀ’ର ପରୀକ୍ଷଣ କରାଯାଇଥିଲା। ଆକାଶମାର୍ଗରେ ‘ଅସ୍ତ୍ର’ କ୍ଷେପଣାସ୍ତ୍ର ‘ବଂଶୀ’କୁ ଟାର୍ଗେଟ୍ କରିବାରେ ସଫଳ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଗତ ୧୬ ତାରିଖରେ କାଲାଇକୁଣ୍ଡା ଏୟାର ବେସ୍‌ରୁ ସୁଖୋଇ ୩୦ଏମ୍‌କେଆଇ ଫ୍ଲାଇଟ୍ ଜେଟ୍‌ରୁ କେବଳ ‘ଅସ୍ତ୍ର’ ନିକ୍ଷେପ କରାଯାଇଥିଲା, ଯାହା ସଫଳ ହୋଇଥିଲା। ଏହି କ୍ଷେପଣାସ୍ତ୍ରର ଲମ୍ବ ୩.୮ ମିଟର ଓ ମୋଟେଇ ୧୭୮ ସେ.ମି.। ଏହା ୧୫୪କେଜି ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଏହା ତରଳ ଇନ୍ଧନରେ ଚାଳିତ ହୁଏ ଏବଂ ଶବ୍ଦର ଗତି ଠାରୁ ୪.୫ ମାର୍ଚ୍ଚ ସ୍ପିଡ୍‌ରେ ଗତି କରିପାରେ। ଏହାକୁ ଉଭୟ ସ୍ୱଳ୍ପ ଏବଂ ଦୂରଗାମୀ କ୍ଷେପଣାସ୍ତ୍ର ଭାବେ ବ୍ୟବହାର କରାଯାଇ ପାରିବ। ୨୦କି.ମି.ରୁ ୧୧୦କି.ମି. ପର୍ଯ୍ୟନ୍ତ ଏହାର ଲକ୍ଷ୍ୟଭେଦ କରିବା ସାମର୍ଥ୍ୟ ରହିଛି। ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ ଏହି କ୍ଷେପଣାସ୍ତ୍ର ନିର୍ମାଣ କରିଛି।

# ବାପା ନାମରେ ବଳାତ୍କାର ଅଭିଯୋଗ ଆଣିଲେ ଝିଅ

କାଳିମେଳା/ମାଲକାନଗିରି, ୧୮।୯ (ଡି.ଏନ୍.ଏ.)

ନିଜ ବାପାଙ୍କ ନାମରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ଝିଅ । ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏକ ଏମ୍‌ଭି ଗ୍ରାମରେ ଘଟିଛି ଏପରି ଏକ ଘଟଣା। ଜନୈକା ୧୩ ବର୍ଷର ଝିଅ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ମାମୁଘରକୁ ବୁଲାଇ ନେଇ ଘରକୁ ଫେରୁଥିବା ବେଳେ ବାଟରେ ବାପା ଏକ ଜଙ୍ଗଲରେ ତାଙ୍କୁ ଜୋର ଜବରଦସ୍ତି ବଳାତ୍କାର କରିଥିଲେ ବୋଲି ଅଭିଯୋଗ କରିଛନ୍ତି ସମ୍ପୃକ୍ତା ପୀଡିତା। ଗତ ୧୬ତାରିଖରେ ଘଟିଥିବା ଏହି ଘଟଣା କାହାକୁ ନ କହିବା ପାଇଁ ତାଙ୍କୁ ବାପା ମନା କରିବା ସହ ଧମକ ଦେଇଥିଲେ। ୧୭ରେ ଝିଅକୁ ବିଦ୍ୟାଳୟ ଯିବା ପାଇଁ ମାଆ କହିବାରୁ ଝିଅ ବିଦ୍ୟାଳୟ ଯିବାକୁ ମନା କରି ଏ ଘରେ ମୁଁ ଆଉ ରହିବି ନାହିଁ ବୋଲି କହିଥିଲେ । ପରେ ଝିଅକୁ କଣ ହୋଇଛି ବୋଲି ମାଆ ପଚାରିବାରୁ ସେ ମାଆଙ୍କୁ ସବୁ କଥା କହିଥିଲେ। ଏହା ଶୁଣି ମା ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଚାଇଲ୍ଡ ଲାଇନକୁ ଖବରଦେଇଥିଲେ। ଏନେଇ ଝିଅ ମାଆଙ୍କ ସହ ଯାଇ ବୁଧବାର କାଳିମେଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୨୯୪, ୪୨୭, ୩୭୬(୩), ୨୭୬(୨) ଏବଂ ୫୦୬ ଅନୁଯାୟୀ ମାମଲା(୧୪୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। କାଳିମେଳା ଥାନା ଅଧିକାରୀ ଶେଷଦେବ ବେହେରା କହିଛନ୍ତି ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ତାଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରହିଛି ।

# ପୁରୀ ପାଇଁ ଲୋଡ଼ା ୨ହଜାର କୋଟି

## ■ ପଞ୍ଚଦଶ ଅର୍ଥ କମିଶନଙ୍କୁ ରାଜ୍ୟ ସରକାର ଦେବେ ଦାବିପତ୍ର

ଭୁବନେଶ୍ୱର,୧୮।୯(ବ୍ୟୁରୋ): ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ପୁରୀ ସହରର ପୁନରୁଦ୍ଧାର ଏବଂ ଏହାକୁ ଐତିହ୍ୟ ସହରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପଞ୍ଚଦଶ ଅର୍ଥ କମିଶନଙ୍କଠାରୁ ୨ହଜାର କୋଟି ଟଙ୍କାର ସହାୟତା ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ସବୁଜ ସଙ୍କେତ ମିଳିସାରିଛି। ପଞ୍ଚଦଶ ଅର୍ଥ କମିଶନ ଏନ.କେ. ସିଂଙ୍କୁ ଏ ସଂକ୍ରାନ୍ତ ଦାବିପତ୍ର ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ୨୦୧୯ ଜାନୁୟାରୀ ୯ ତାରିଖରେ ରାଜ୍ୟ ସରକାର ପୁରୀ ସହରର ବିକାଶ ପାଇଁ ଅର୍ଥ କମିଶନଙ୍କୁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ଦେଇଥିଲେ। ସେତେବେଳେ ସହର ପାଇଁ କେଉଁ ସବୁ ଯୋଜନା କରିବେ ସେ ନେଇ କୌଣସି ରୂପରେଖ ପ୍ରସ୍ତୁତ ହୋଇ ନ ଥିଲା। ରାଜ୍ୟ ସରକାର ପୁରୀ ସହରକୁ ଏକ ମେଗା ଐତିହ୍ୟ ସହରରେ ପରିଣତ କରିବାକୁ ଘୋଷଣା କରିଛନ୍ତି। ଏ ନେଇ ବିଭିନ୍ନ ଯୋଜନାର ପରିକଳ୍ପନା କରିଛନ୍ତି। ଏ ସବୁ ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡ଼ିବ। ସେଥିପାଇଁ ଅର୍ଥ କମିଶନଙ୍କ ନିକଟରେ ୨ ହଜାର କୋଟିର ପ୍ରସ୍ତାବ ଦିଆଯାଇଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। କମିଶନ ଏହି ପ୍ରସ୍ତାବକୁ ଅନୁମୋଦନ କଲେ ପୁରୀ ସହରର ବିଭିନ୍ନ ଯୋଜନା ପାଇଁ ଆସନ୍ତା ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଏହାକୁ ଖର୍ଚ୍ଚ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ପଞ୍ଚଦଶ ଅର୍ଥ କମିଶନ ଗତ ଜାନୁୟାରୀରେ ଓଡ଼ିଶା ଗସ୍ତରେ ଆସିଥିବାବେଳେ ରାଜ୍ୟ ସରକାର କେନ୍ଦ୍ରୀୟ ଟିକସ ଓ ଶୁଳ୍କ ବାବଦରେ ୨୦୨୦-୨୫ ପାଇଁ ୯.୨୪ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ। ସେଥିମଧ୍ୟରେ ବାତ୍ୟା ପୁନରୁଦ୍ଧାର ଓ ଥଇଥାନ ପାଇଁ ୧୫୦୦ କୋଟି ଏବଂ ପୁରୀ ସହରର ବିକାଶ ପାଇଁ ୨୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଇତିମଧ୍ୟରେ ରାଜ୍ୟ ସରକାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବିକାଶ ଲାଗି ୧ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ୧୮ରେ ସରିବ ...

ମେ ମାସରେ ଅଦାଲତ କମିଟିର କାର୍ଯ୍ୟକାଳ ଅଗଷ୍ଟ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଜୁଲାଇରେ ମାମଲାର ପ୍ରଥମ ପକ୍ଷଙ୍କ ଓକିଲ ଗୋପାଳ ସିଂ ବିଶାରଦ ମଧ୍ୟସ୍ଥତା ରିପୋର୍ଟକୁ ଅପେକ୍ଷା ନ କରି କୋର୍ଟ ଶୁଣାଣି ଆରମ୍ଭ କରନ୍ତୁ ବୋଲି ଦାବି କରିଥିଲେ। ଫଳରେ ଜୁଲାଇ ୧୮ ସୁଦ୍ଧା ଅଗ୍ରଗତି ରିପୋର୍ଟ ଦାଖଲ କରିବାକୁ ସାମ୍ବିଧାନିକ ପୀଠ ମଧ୍ୟସ୍ଥ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟସ୍ଥତାରେ କୌଣସି ଅଗ୍ରଗତି ହେଉ ନ ଥିବା ଜାଣିବା ପରେ ଅଗଷ୍ଟ ୬ରୁ ସାମ୍ବିଧାନିକ ପୀଠରେ ଦୈନନ୍ଦିନ ଶୁଣାଣି କରିବାକୁ ସେହି ମାସ ୨ ତାରିଖରେ ସର୍ବୋଚ୍ଚ ଅଦାଲତ ଘୋଷଣା କରିଥିଲେ। ଅଯୋଧ୍ୟାର ୨.୭୭ ଏକର ବିବାଦୀୟ ଜମିକୁ ତିନି ପକ୍ଷ ରାମ ଲାଲା, ନିର୍ମୋହୀ ଆଖଡ଼ା ଏବଂ ସୁନ୍ନି ୱାକଫ୍ ବୋର୍ଡ ମଧ୍ୟରେ ସମାନ ଭାବେ ବାଣ୍ଟିବା ଲାଗି ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟ ରାୟ ଦେବା ପରେ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ୧୪ଟି ପିଟିଶନ୍ ଦାଏର ହୋଇଥିଲା।


# classifieds Everyday
0674-2580101, 2549302

real estate

### SALE

Plot at Sundarpada Mouza Botanda 2.5k.m from Airport, Bhubaneswar. Contact for detail: 9078002314, 7735015318. D-67067

ଭୁବନେଶ୍ୱର AIIMS Medical ନିକଟରେ Yellowzone gharabari 32ft road electricity ଥାଇ immediate boundary patta plot. 9777553622. D-66784

BDA Plot 30' road, electric ସହିତ ମାତ୍ର 7,00,000/-ରେ NH-16ରୁ 200 mtr. distanceରେ ମିଳୁଅଛି। 9777614605, 9438158275. D-14389

Residential plot sale at Patrapada 600mtr from NH, Sqft-2200/- (Size-2024) near Kalinganagar DAV School (Nuagaon) Sqft. 1950/- (Gharabari). 9853606253, 7978332619. D-66781

### PURCHASE

Sthitiban gharabari land requires in around Bhubaneswar. Contact: 9937816565, 9937568585. D-67392

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767

to-let

250sqft furnished room for office, near BDA, Keshari Talkies Plot-5, Bhubanewar. Contact: 9238579309. D-66189

### ACCOMMODATION

Wanted 1000sqft space for office (Jaydev Vihar, Nayapalli, Acharya Vihar, Bargad Canal road, Goutamnagar, Rathroad and others. Call: 9938720683, 9853483658. D-67391

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ)। ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66961

Herbal full body massage by smart / expert therapist. Contact: 8338067247. D-67386

Summer special mesmerizing offer expert therapeutic refreshing massage appointment. 9668374480. D-67387

Experience full body massage with us (expert). Call: 7377048581, 06742597822. D-67389

Full body herbal massage with refreshment expert therapist. 7381239385, 06742540855. D-67388

Refresh your mind and soul with best therapy at Orchid Salon/ Spa. 9937287222. D-66963

Newly open full body massage by ladies, gents therapist. 8018656899 D-60838

Ayurvedic full body massage by ladies, gents therapist. 7008773793 D-60839

Ayurvedic full body massage ladies/gents smart experts therapist: 8480939300. D-66966

business

ନିଜ ଜିଲ୍ଲାରେ office କରନ୍ତୁ। ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ। Mob: 9777434078. D-14379

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

### AFFIDAVIT

By virtue of an affidavit before Executive Magistrate, Bhubaneswar on 10/09/2019, I have changed my name from Kumudini Parida to Dali Parida. Henceforth I shall be known as Dali Parida for all purposes. W/o- Khageswar Parida, GE- 43, VSS Nagar, Bhubaneswar. D-14386

ଏତଦ୍ୱାରା ମୁଁ ନିର୍ମଳ ମହାଭୋଇ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଘୋଷଣା କରେକି, ମୋର ଜନ୍ମିତ ବାପା ନିରଞ୍ଜନ ମହାଭୋଇଙ୍କ ପୁତ୍ର ପ୍ରତିବଦଳରେ ଆନନ୍ଦ ମହାଭୋଇ, ଗ୍ରାମ- ଜାଫରାବାଦ, ପୋ- ମୁଦୁସୁଲି, ତିହିଡି, ଭଦ୍ରକ ପୋଷ୍ୟପୁତ୍ର ଭାବେ ଭବିଷ୍ୟତରେ ପରିଚିତ ହେବି। ଧ-୧୪୩୯୧


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଶ୍ରୀଚନ୍ଦ୍ର ପ୍ରଭାବରେ ଅର୍ଥଲାଭ,ବ୍ୟବସାୟିକ ଉତ୍କର୍ଷତା,ବନ୍ଧୁ ସମ୍ପର୍କରେ ଉନ୍ନତି ହେବ। କିନ୍ତୁ ଜନ୍ମ ଚନ୍ଦ୍ର ହେତୁ ଯାତ୍ରା,ବିବାଦ, ଗୃହାରମ୍ଭ ପାଇଁ ପ୍ରତିକୂଳତା ଆସିପାରେ। ପାରିବାରିକ ସମସ୍ୟା ସମାଧାନ ହେବା ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ବନ୍ଧୁଙ୍କ ସାହାଯ୍ୟରେ ନିର୍ମାଣାଧୀନ କାମର ଶେଷ ପର୍ଯ୍ୟାୟରେ ପ୍ରତିବନ୍ଧକ ଦୂର ହୋଇଯିବ।

**ବୃଷ**
କର୍ମାଧିପତିଙ୍କ ଶୁଭଦୃଷ୍ଟି କାର୍ଯ୍ୟସାଧନ ପାଇଁ ଅନୁକୂଳ ରହିବ କିନ୍ତୁ ନିଜଲୋକ ମାନଙ୍କଠାରୁ ସାହାଯ୍ୟ ଆଶା ମଉଳି ଯିବ। କୌଣସି ସାମାଜିକ କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପରିବାର ଭିତରେ ସମସ୍ୟା ଦେଇ ଗତି କରିପାରନ୍ତି।

**ମିଥୁନ**
ଧନାଧିପ ଏକାଦଶସ୍ଥ ଯୋଗୁ ଯାହା ଆଶା କରୁଛନ୍ତି ତାହା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। କିଛି ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ଯିବ।

**କର୍କଟ**
ଚନ୍ଦ୍ରଙ୍କ ସୁପ୍ରଭାବରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ । ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଗୃହକୁ ସୌଖୀନ ଜିନିଷ ଆଣି ପାରନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହେବେ।

**ସିଂହ**
ରାଶିରେ ମଙ୍ଗଳ ସାମାନ୍ୟତଃ କାମରେ ଅଗ୍ରଗତି ସାଙ୍ଗକୁ ପାରିବାରିକ ଦିଗକୁ ନିୟନ୍ତ୍ରଣ ମଧ୍ୟରେ ରଖିବ। ପରିସ୍ଥିତିବଶତଃ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ବନ୍ଧୁ ପରିଜନମାନଙ୍କ ସହ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ଚନ୍ଦ୍ର ଓ ବୃହସ୍ପତିଙ୍କ ପାରସ୍ପରିକ ଦୃଷ୍ଟି ପାରିବାରିକ ସ୍ଥିତି ସାଙ୍ଗକୁ ବ୍ୟବସାୟିକ ସଫଳତା ପ୍ରଦାନ କରିବ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**ତୁଳା**
ଶନିଙ୍କ ପ୍ରଭାବରେ ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ସଫଳତା ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। କର୍ମକ୍ଷେତ୍ରରେ କୌଣସି ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ବିଛା**
ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି ସେଥିରେ କିଛିଟା ପରିବର୍ତ୍ତନର ଆଶା କରାଯାଇପାରେ। ଏକାଦଶରେ ଅନ୍ୟ ଦୁଇଟି ଗ୍ରହ ସହ ରବି ଯୋଗୁ କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି। ପ୍ରଶାସନ,ରାଜନୀତି ,ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟ ବିପରୀତ ରାଜ ଯୋଗ ପ୍ରଭାବରୁ ସମସ୍ୟା ଆସିଲେ ମଧ୍ୟ ତାହାର ସରଳ ସମାଧାନ କରିବାରେ ସମର୍ଥ ହେବେ। ରପ୍ତାନି ବାଣିଜ୍ୟ,ପରିବହନ କ୍ଷେତ୍ରରେ,ଆଲୋଚନା ପରିସରରେ,ସଭାସମିତିରେ,ତର୍କ ଓ ବିବାଦରେ,ଆଇନ ଅଦାଲତରେ ସ୍ଥଗିତ କାମକୁ ପୂରା କରିବେ।

**ମକର**
କର୍ମସ୍ଥାନରେ ଏକାଧିକଗ୍ରହ ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ରହିଥିବାରୁ ଯେତେ ପ୍ରକାରର ଚେଷ୍ଟା କଲେ ମଧ୍ୟ ସବୁ କାମ ଗୁଡିକ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। ତଥାପି ଶ୍ରବଣା ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କେତେକାଂଶରେ ସଫଳତା ପାଇପାରିବେ । ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ।

**କୁମ୍ଭ**
ବୃହସ୍ପତିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରିବେ ଓ ସଫଳତା ମଧ୍ୟ ପାଇବେ। ନିଜ ନିଜର କିଛି ସ୍ୱାର୍ଥହାସଲ ପରିପ୍ରେକ୍ଷୀରେ ପାଖ ପଡୋଶୀ ସହାନୁଭୂତି ପ୍ରଦର୍ଶନ କରିପାରନ୍ତି। ଚେଷ୍ଟା କରୁଥିବା କାମରେ, ମାଙ୍ଗଳିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହେବେ ।

**ମୀନ**
ଆଜିର ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ସମସ୍ୟାଗୁଡିକୁ ସାମନା କରି କାର୍ଯ୍ୟ ସିଦ୍ଧି ଘଟାଇବେ। ବିବ୍ରତ ବୋଧ କରି ପାରନ୍ତି। ଆରୋଗ୍ୟଲାଭ ସାଙ୍ଗକୁ ନୂତନ କର୍ମାରମ୍ଭ ସକାଶେ ଯୋଜନା ତିଆରି କରିପାରନ୍ତି। ପାଖପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମଗୁଡ଼ିକ ସଂପନ୍ନ କରିବାରେ ଅସୁବିଧା ହେବ ନାହିଁ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଅଶ୍ୱ ୫ମୀ ଗୁରୁବାର, ସେପ୍ଟେମ୍ବର ୧୯ ତାରିଖ,ରାଶି ନକ୍ଷତ୍ର-ଦିବା ଘ୯।୩୮ମି. ପର୍ଯ୍ୟନ୍ତ ଦ୍ୱିଜା/ମେଷ, ୫ମୀର ଶ୍ରାଦ୍ଧ, ଦିବା ଘ୭।୧୫ମି. ମଧ୍ୟେ, ଘ୧।୩୭ମି. ଗତେ ଘ୩।୧୨ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୦୯ମି. ମଧ୍ୟେ, ଘ୧୧।୩୯ମି. ଗତେ ଘ୧।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୧୧ମି. ଗତେ ଘ୨।୪୧ମି. ମଧ୍ୟେ ରାହୁକାଳ।



“ କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ





## ଜିଲ୍ଲା ଚିଠି ଯାଜପୁର

# ସେବା ନାଁରେ ଶୋଷଣ

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗରିବ ଲୋକଙ୍କ ଏକମାତ୍ର ସାହା ଭରସା। ଜିଲାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ଭୁଶୁଡ଼ି ପଡ଼ିଥିବାବେଳେ ଲୋକେ ଧାର ଉଧାର କରି ରୋଗୀଙ୍କୁ ନେଇ ଧାଇଁ ଆସନ୍ତି ଯାଜପୁରରୋଡ଼କୁ। ଖାଲି ଶିଳ୍ପାଞ୍ଚଳ ନୁହେଁ ଖଣି ଅଞ୍ଚଳ ସୁକିନ୍ଦା ସମେତ କୋରେଇ, ରସୁଲପୁର ଓ ଧର୍ମଶାଳା ବ୍ଲକର ଲୋକେ ମଧ୍ୟ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏଠାକାର ବ୍ୟବସ୍ଥା ରୋଗୀଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ଶୋଷଣ କରିବା ପାଇଁ ଉଦ୍ଦିଷ୍ଟ ଭଳି ମନେ ହୁଏ। ଏଠାରେ ଏକ ମାନୁଆଲ ଏକ୍ସ-ରେ ମେଶିନ ଅଛି। ହେଲେ ତାହା ସପ୍ତାହକୁ ମାତ୍ର ୩ ଦିନ ଚାଲେ। ଏହା ଡିଜିଟାଲ ହୋଇ ନ ଥିବାରୁ ରୋଗୀଙ୍କୁ ସ୍ପଷ୍ଟ ଚିତ୍ର ଦିଆଯାଇ ପାରି ନ ଥାଏ। ଅଲଟ୍ରାସାଉଣ୍ଡ, ଲାପୋରୋସ୍କୋପି, ଡିଜିଟାଲ ଏକ୍ସ-ରେ ଇତ୍ୟାଦି ଆଧୁନିକ ଯନ୍ତ୍ରପାତି ନ ଥିବାରୁ ଲୋକେ ବାହାରେ ନିର୍ଭରଶୀଳ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇଥାନ୍ତି। ଏହି ଡାକ୍ତରଖାନାକୁ ଉପଖଣ୍ଡସ୍ତରୀୟ ଡାକ୍ତରଖାନା ଭାବେ ମାନ୍ୟତା ଦେବାକୁ ବିଭିନ୍ନ ସମୟରେ ଦାବି ହେଉଛି। କିନ୍ତୁ କୌଣସି ସୁଫଳ ମିଳୁନାହିଁ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଏହି ଡାକ୍ତରଖାନାରେ ଅଧିକାଂଶ ଡାକ୍ତର ଦୋକାନରୁ ଔଷଧ କିଣିବାକୁ ରୋଗୀଙ୍କୁ ପରାମର୍ଶ ଦେଇଥାନ୍ତି। ସମସ୍ତଙ୍କୁ ମାଗଣାରେ ଔଷଧ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମସଚିବ ୨୭।୨।୨୦୧୫ ତାରିଖରୁ ପତ୍ରସଂଖ୍ୟା ୪୫୩୮ରେ କ୍ୟାମ୍ପସ ମେଡିକାଲ ଷ୍ଟୋରକୁ ବାରଣ କରିଥିଲେ ହେଁ ତାହା ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗୁ ହୋଇ ପାରିନାହିଁ। ଏହି ନିର୍ଦ୍ଦେଶର ସାଢ଼େ ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରୋକ୍ଷରେ ହସ୍ପିଟାଲ କ୍ୟାମ୍ପସ ମଧ୍ୟରେ ମେଡିକାଲ ଷ୍ଟୋରକୁ ସୁରକ୍ଷା ଦିଆଯାଇ ଆସୁଛି। ମାମଲା କୋର୍ଟରେ ବିଚାରାଧୀନ ଥିଲେ ହେଁ ଜିଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଆବଶ୍ୟକ ଯୁକ୍ତି ଦର୍ଶାଉ ନ ଥିବାରୁ କିଛି ସୁଫଳ ମିଳୁନାହିଁ। ଏହାବାଦ ସରକାର ମାଗଣାରେ ରକ୍ତ, ମୂତ୍ର, ମଳ, କଫ ଓ ଅନ୍ୟାନ୍ୟ ପରୀକ୍ଷା କରିବା ସହିତ ସମସ୍ତ ପ୍ରକାର ଔଷଧ ଯୋଗାଇ ଦେବାକୁ ବ୍ୟବସ୍ଥା କରିଛନ୍ତି। ଏନେଇ ବିଭିନ୍ନ କ୍ଷେତ୍ରରେ ସରକାରୀ ଭାବେ ପ୍ରଚାରପ୍ରସାର କରାଯାଉଛି। ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିନ୍ତୁ ରୋଗୀଙ୍କୁ ଏସବୁ ସୁବିଧା ମିଳି ପାରୁନାହିଁ। କେତେକ ସରକାରୀ ସେବା ନିର୍ଦ୍ଧାରିତ ସମୟ ମଧ୍ୟରେ ରହିଥିବାରୁ ଅନ୍ୟ ସମୟରେ ରୋଗୀ ନୟାନ୍ତ ହୋଇଥାନ୍ତି। ଏଣୁ ବାଧ୍ୟ ହୋଇ ପ୍ରତିଦିନ ବହୁ ରୋଗୀ ଡାକ୍ତରଖାନା ପରିସର ଓ ବାହାରେ ଥିବା ଔଷଧ ଦୋକାନ ଉପରେ ନିର୍ଭର କରୁଛନ୍ତି। ଡାକ୍ତର ପ୍ରେସ୍କ୍ରିପ୍ଶନ ଲେଖିବା ସମୟରେ ସରକାରୀ ଡାକ୍ତରଖାନାରେ ଉପଲବ୍ଧ ଔଷଧ ଲେଖିବାକୁ କଡ଼ା ତାଗିଦ କରାଯାଇଥିଲେ ହେଁ ଏଠାରେ ତାହାର ସମ୍ପୂର୍ଣ୍ଣ ଓଲଟା ହେଉଛି। ଏପରିକି ବାଧ୍ୟ ହୋଇ ପ୍ରତିଦିନ ବହୁ ରୋଗୀ ବାହାର ପାଥୋଲ୍ୟାବକୁ ଯାଇ ଆବଶ୍ୟକ ପରୀକ୍ଷାନିରୀକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏହି ଡାକ୍ତରଖାନାରେ ପରୀକ୍ଷାଗାର ରହିଥିଲେ ହେଁ ରୋଗୀଙ୍କୁ ଜାଣିଶୁଣି ଅଧିକ ଖର୍ଚ୍ଚାନ୍ତ ଆଡ଼କୁ ଠେଲି ଦିଆଯାଉଛି। ସରକାରଙ୍କ ମାଗଣା ସେବାକୁ ଡାକ୍ତରଖାନା କର୍ତ୍ତୃପକ୍ଷ ବିକ୍ରି କରି ଦେଉଥିବା ମନେ ହେଉଛି।

– ହର୍ଷବର୍ଦ୍ଧନ ବେହେରା

### ■ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ଜିଲାର ସମସ୍ତ ସରକାରୀ, କର୍ପୋରେଟ୍ ଅଫିସ ବନ୍ଦ

**ବଲାଙ୍ଗୀର ଅଫିସ/ଟିଟିଲାଗଡ, ୧୮।୯ (ଡି.ଏନ୍.ଏ.)**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ସହଯୋଗରେ ଜିଲା ଓକିଲ ସଂଘ ପକ୍ଷରୁ ବୁଧବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ସରକାରୀ ଓ କର୍ପୋରେଟ୍ ଅଫିସ ବନ୍ଦ ଆନ୍ଦୋଳନ ସଫଳ ହୋଇଛି। ଏହି ଆନ୍ଦୋଳନରେ ଜିଲାର ବଲାଙ୍ଗୀର, ଟିଟିଲାଗଡ, ପାଟଣାଗଡ, କଣ୍ଟାବାଞ୍ଜି ଓ ତୁଷରା ସହରାଞ୍ଚଳ, ସବୁ ବ୍ଲକ୍ ଓ ତହସିଲ ତଥା ଗ୍ରାମାଞ୍ଚଳର ସମସ୍ତ ସରକାରୀ ଓ କର୍ପୋରେଟ୍ ଅଫିସ ବନ୍ଦ କରାଯାଇଛି। ବଲାଙ୍ଗୀରଠାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଜିଲା ଓକିଲ ସଂଘ ଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ଓ ଗୁରୁବାର ଦୁଇଦିନିଆ ବନ୍ଦ ଡାକରା ଦିଆଯାଇଥିଲା। ବୁଧବାର ଓକିଲ ସଂଘ ଓ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ କେନ୍ଦ୍ର ଓ ରାଜ୍ୟ ସରକାର ଅଧୀନରେ ଥିବା ସମସ୍ତ ଅଫିସ, ବ୍ୟାଙ୍କ, ବୀମା କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଓକିଲ ସଂଘ ସଭ୍ୟମାନେ ଜିଲା ମୁଖ୍ୟ ଡାକଘର, ଷ୍ଟେଟ୍ ବ୍ୟାଙ୍କ, ଡିଆର୍‌ଡିଏ, ଆର୍‌ଟିଓ ଅଫିସ, ବିଏସ୍ଏନ୍ଏଲ, ଏଲ୍ଆଇସି ଅଫିସ ବନ୍ଦ କରିଥିଲେ। ଓକିଲମାନଙ୍କ ପିକେଟିଂ ଯୋଗୁଁ ଜିଲା ଓ ଦୌରା ଜଜ୍ ତଥା ଅନ୍ୟ ବିଚାରପତିମାନେ ସିଭିଲ କୋର୍ଟ ସମ୍ମୁଖରୁ ଫେରିଯାଇଥିଲେ। ଏହାପରେ ଶତାଧିକ ଓକିଲ, ବିଭିନ୍ନ ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ପ୍ରତିନିଧିମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ। ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ ଏବଂ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇଥିଲା। ସମସ୍ତ ଭିତ୍ତିଭୂମି ଥିବା ସତ୍ତ୍ୱେ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ କରିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ବଲାଙ୍ଗୀର ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାର, ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଆହ୍ୱାନ କମିଟି ଆବାହକ ତଥା ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ, ସମ୍ପାଦକ ଧୀରେନ୍ଦ୍ର ନାରାୟଣ ସିଂଦେଓ, ମୁନା ପଟ୍ଟନାୟକ, ଯୁଥ ଆହ୍ୱାନ କମିଟି ବିନୋଦ କାଲସାଏ, ସନ୍ତୋଷ ପଟ୍ଟନାୟକ, ପିଙ୍କୁ ବନଛୋର, ଅପ୍ରମିତ ପରିଛା, ରବି ଖମାରୀ, ସରୋଜ ସାହୁ, ଓଡ଼ିଆ ଖଣ୍ଡାୟତ ସମାଜର ଅଶୋକ ରାଉତ, ଜିଲା ଟ୍ରକ ଆସୋସିଏଶନର ଅସୀମ ପଟ୍ଟନାୟକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଜନମୋର୍ଚ୍ଚାର ବାସୁଦେବ ରଥ, କଂଗ୍ରେସ ନେତା ବିଧୁଭୂଷଣ ତ୍ରିପାଠୀ, ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା, ଉପସଭାପତି ଉମାକାନ୍ତ ସାହୁ, ଯୁବ କଂଗ୍ରେସ କମିଟି ସଭାପତି ବୁଲୁ ଦାନୀ, ମନୀଷ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର, ପୂର୍ବତନ କାଉନସିଲର ପବିତ୍ର ବେହେରା, ଉମାଶଙ୍କର ପଣ୍ଡା, ମହେନ୍ଦ୍ର ବାଗ, ଭିଲେଜର୍ସ ପାର୍ଟିର ବିପିନ କୁଶଲିଆ, ଟ୍ୟାକ୍ସି ବାର୍ ଆସୋସିଏଶନ ସଭାପତି ବିଶ୍ୱଜିତ ନାଏକ ପ୍ରମୁଖ ଯୋଗଦେଇ ବିଭିନ୍ନ ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ଗୁରୁବାର ମଧ୍ୟ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଓକିଲ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଟିଟିଲାଗଡରେ ଓକିଲ ସଂଘ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସମ୍ପାଦକ ମହେଶ ମହାନ୍ତି, ସହସମ୍ପାଦକ ସୁରେନ୍ଦ୍ର ପୋଢ଼ ଓ ଅନ୍ୟମାନେ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ।



ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣଧାରଣା।



ଲାଇନ୍‌ଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

## କୋଇଲା ବୋଝେଇ ଟ୍ରେନ୍ ଲାଇନ୍‌ଚ୍ୟୁତ

**ଝାରସୁଗୁଡା ଅଫିସ/ଲଖନପୁର, ୧୮।୯(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲହଣ୍ଡାବୁଡ଼ ଲେଭଲ୍‌କ୍ରସିଂ ନିକଟରେ ବୁଧବାର ଭୋର ୪ଟାରେ ଏକ ମାଲବାହୀ ଟ୍ରେନ୍‌ର ୩ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଏହି ଟ୍ରେନ୍ ସୁନ୍ଦରଗଡ଼ ଜିଲା ବସୁନ୍ଧରା କୋଇଲା ଖଣିରୁ କୋଇଲା ଆଣି ଝାରସୁଗୁଡା ବେଦାନ୍ତ ପ୍ରକଳ୍ପକୁ ଆସୁଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ମାଲବାହୀ ଟ୍ରେନ୍ ଅଧା ରାସ୍ତାରେ ଅଟକି ରହିଛି। ଏଥିପାଇଁ ପ୍ରକଳ୍ପକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଛି।


**ଅଷ୍ଟମ ଜନ୍ମବାର୍ଷିକ ଶୁଭେଚ୍ଛା**



**ଓମ୍ ସାଇ ବିଶ୍ୱାଳ**
ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା
“ଚକ୍ର ଛାୟା ତଳେ ରଖିବେ ପ୍ରଭୁ “ସାଇ”କୁ ମୋର, ଦୀର୍ଘାୟୁ କରିଣ ବିଦ୍ୟାରେ ଦେବେ ଅଭୟବର”
**ଶୁଭେଚ୍ଛା ସହ:**
ମା’, ଜେଜେ, ମାମା, ବାପା, ଖୁଡ଼ୀ, ଦାଦା, ଅପା, ପିଇସା, ଆଈ, ଅଜା, ମାଈଁ, ମାମୁ, ମାଉସୀ, ମଉସା, ଭଉଣୀ, ଭାଇ, ଗୁରୁମା, ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୩୮୭

**ଜନ୍ମଦିନ ଶୁଭେଚ୍ଛା**
**ଶିଖା**
“ସ୍ନେହ ସିନା ସାରା ସଂସାରରେ ବଡ
ବଡ କାଳିଆ ଠାକୁର
ଚକାଆଖି ସିଏ ସବୁ ତ ଦେଖୁଛି
ପଲକ ପଡେନା ତା’ର...”
ଆଜି ତୁମର ୨୩ତମ ଜନ୍ମଦିବସରେ ତୁମକୁ ତୁମ ଜେଜେମା’, ବୋଉ, ଦାଦା, ଖୁଡୀ, ବଡଭାଇ-ଭାଉଜ, ସାନଭାଇ-ଭାଉଜ, ସାନଭାଇ-ଭଉଣୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ, ତୁମ ଚଲାପଥ କୁସୁମିତ ହେଉ।
ଧ-୧୪୩୮୮


### ■ପ୍ରେମିକାଙ୍କ ଘରେ ପ୍ରେମିକଙ୍କ ଆତ୍ମହତ୍ୟା ଘଟଣା

# ହତ୍ୟା ଅଭିଯୋଗ, ଦୁଇ ଅଟକ

**ଦେବଗଡ଼,୧୮।୯(ଡି.ଏନ.ଏ.)**

ଦେବଗଡ଼ ଥାନା ଅଧୀନ କାଳିଆକଟା ଗ୍ରାମରେ ପ୍ରେମିକାଙ୍କ ଘରେ ଜଣେ ପ୍ରେମିକ ଆତ୍ମହତ୍ୟା କରିବା ଘଟଣା ଏବେ ଭିନ୍ନମୋଡ଼ ନେଇଛି। ମୃତ ପ୍ରେମିକଙ୍କ ପିତା ଯୋଗୀନ୍ଦ୍ର ଗରିଆ ଏହା ଆତ୍ମହତ୍ୟା ନୁହେଁ ବରଂ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ଏନେଇ ଦେବଗଡ଼ ଥାନାରେ ସେ ବୁଧବାର ଏତଲା ଦେଇଛନ୍ତି। ତାଙ୍କ ପୁଅକୁ ପ୍ରେମିକାଙ୍କ ବାପା ଓ ବଡ଼ବାପା ହତ୍ୟା କରିବା ପରେ ରଶି ଓ ଗାମୁଛା ସହାୟତାରେ ଫ୍ୟାନରେ ଟାଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ ଥାନା ପୋଲିସ ପ୍ରେମିକାଙ୍କ ବାପା ଓ ବଡବାପାଙ୍କ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରିଛନ୍ତି। ଉଭୟଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ରିଆମାଳ ଥାନା ଅଧୀନ ରଙ୍ଗମାଟିଆ ଗ୍ରାମର ଯୋଗୀନ୍ଦ୍ର ଗରିଆଙ୍କ ପୁଅ ରାକେଶ (୨୨) ଦେବଗଡ ଥାନା ଅଧୀନ କାଳିଆକଟା ଗ୍ରାମର ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ସେ ଗତ ସୋମବାର କାଳିଆକଟା ସ୍ଥିତ ତାଙ୍କ ପ୍ରେମିକା ଘରକୁ ଆସି ତାଙ୍କ ପିତାମାତାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ପ୍ରେମିକାଙ୍କ ମାତାପିତା ଏହି ପ୍ରସ୍ତାବରେ ରାଜି ନ ହେବାରୁ ରାକେଶ ସେମାନଙ୍କ ସମ୍ମୁଖରେ ପ୍ରେମିକାଙ୍କୁ ଯେମିତି ହେଲେ ବିବାହ କରିବାକୁ ଜିଦ ଧରିଥିଲେ। ପ୍ରେମିକାଙ୍କ ବାପା ଓ ବଡବାପା ରାକେଶଙ୍କୁ ବହୁ ବୁଝାଶୁଝା କରି ବିଫଳ ହେବା ପରେ ତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ଘରର ଏକ କୋଠରି ମଧ୍ୟରେ ବନ୍ଦ କରିଦେଇଥିଲେ। ପ୍ରେମିକାଙ୍କ ବାପା ଓ ବଡବାପା ରଙ୍ଗମାଟିଆ ଗ୍ରାମକୁ ଯାଇ ରାକେଶଙ୍କ ପିତାମାତାଙ୍କୁ ଏକଥା ଜଣାଇବା ସହ ତାଙ୍କୁ ସେଠାରୁ ବୁଝାଇ ଘରକୁ ଆଣିବାକୁ କହିଥିଲେ। ତେବେ ପ୍ରେମିକାଙ୍କ ବାପା ଓ ବଡବାପା ରାତିରେ ସେଠାରୁ ଫେରିବା ପରେ ସମ୍ପୃକ୍ତ କୋଠରିର କବାଟ ଭିତରପଟୁ ବନ୍ଦଥିବା ଓ ଯେତେ ଡାକପକାଇଲେ ମଧ୍ୟ ସେ ଶୁଣୁ ନ ଥିବା ଦେବଗଡ ଥାନା ପୋଲିସକୁ ସୂଚନା ଦେଇଥିଲେ। ଦେବଗଡ ଥାନା ପୋଲିସ ରାତି ପ୍ରାୟ ୧୧ଟାରେ ଘଟଣାସ୍ଥଳରେ ପହଞ୍ଚି ବନ୍ଦ କୋଠରି ମଧ୍ୟରେ ରାକେଶଙ୍କ ମୃତଦେହ ଏକ ରଶି ଓ ଗାମୁଛା ସାହାଯ୍ୟରେ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ମାତ୍ର ରାତିର ଅନ୍ଧକାରରେ ତଦନ୍ତ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ନ ପାରିବାରୁ ମଙ୍ଗଳବାର ସକାଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବନ୍ଦ କୋଠରି ଖୋଲିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଦେବଗଡ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର ପ୍ରକାଶ କରିଛନ୍ତି।


**ରିକଭରୀ ଅଫିସରଙ୍କ ଅଦାଲତ**
**ଋଣ ଅସୁଲି ପ୍ରାଧିକରଣ**
ପ୍ଲଟ୍ ନଂ. ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର୍.ପି. ନଂ. : ୧୭୧/୨୦୧୮/କଟକ
(୨୦୧୪ର ଓଏ ନଂ. ୩୦୧ ରୁ ଉଦ୍ଧୃତ)
ଆନ୍ଧ୍ର ବ୍ୟାଙ୍କ, ଖଣ୍ଡଗିରି ଶାଖା, ଖଣ୍ଡଗିରି, ଭୁବନେଶ୍ୱର .....ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
ମେସର୍ସ ଚନ୍ଦନ କାର୍ କେୟାର ଏବଂ ଅନ୍ୟମାନେ .....ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **“ଯେଉଁଠାରେ ଯେପରି ଅଛି ଭିତ୍ତିରେ”** କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା.୨୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ମୂଲ୍ୟ |
|---|---|---|---|
| **ସମ୍ପତ୍ତିର ସାରଣୀ:** ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୨୬୭, ମ୍ୟୁଟେସନ୍ ଖାତା ନଂ.: ୧୦୫୭/୬୦୧, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୨୬୭/୨୭୯୪, କ୍ଷେତ୍ର: ଏକର୦.୦୪୨ଡିସିମିଲି ସହିତ ଗୃହ ଯାହାର ହୋଲ୍ଡିଂ ନଂ.: ୬୪୮୪ ଯାହାକି ଭୁବନେଶ୍ୱର ସହର ୟୁନିଟ୍ ନଂ. ୩୨, ଗୋବିନ୍ଦ ପ୍ରସାଦ, ଜିଲ୍ଲା: ଖୋର୍ଦ୍ଧା, ଏସଆରଓ/ତହସିଲ: ଭୁବନେଶ୍ୱର, ଥାନା: ନିଉ କ୍ୟାପିଟାଲ, **ଏହାର ଚାରିପାର୍ଶ୍ୱରେ:** ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ. ୧୨୯୦, ପୂର୍ବ: ପ୍ଲଟ୍ ନଂ. ୧୭, ପଶ୍ଚିମ: ପ୍ଲଟ୍ ନଂ. ୧୨୬୮ | ଟ.୭୯,୧୮,୦୦୦/- (ଅଣାଅଶି ଲକ୍ଷ ଅଠର ହଜାର ଟଙ୍କା ମାତ୍ର) / ଟ.୩,୯୫,୯୦୦/- (ତିନି ଲକ୍ଷ ପଞ୍ଚାନବେ ହଜାର ନଅ ଶହ ଟଙ୍କା ମାତ୍ର) | ୨୯.୧୦.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧) ୩୧.୧୦.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫ ମିନିଟ୍ ବର୍ଦ୍ଧିତ ସମୟ ସହିତ ୨) ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **https://www.tenderwizard.com/ANB** ଏବଂ **https://tenders.gov.in** କିମ୍ବା **ତା.୨୯.୧୦.୨୦୧୯ରିଖ** ପର୍ଯ୍ୟନ୍ତ **ଶାଖା ପ୍ରବନ୍ଧକ, ଆନ୍ଧ୍ର ବ୍ୟାଙ୍କ, ଖଣ୍ଡଗିରି ଶାଖା, ଖଣ୍ଡଗିରି, ଭୁବନେଶ୍ୱରଙ୍କ** ଠାରେ ଯେ କୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **“THE RECOVERY OFFICER, Debts Recovery Tribunal, Cuttack”**ଙ୍କ ନାମରେ ଓ **କଟକ**ଠାରେ ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ କରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttack ଙ୍କ ସପକ୍ଷରେ RP No.: **171/2018/CTC**” ଆକାଉଣ୍ଟ ନଂ.: **୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059** ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା.୨୯.୧୦.୨୦୧୯ରିଖ** ପର୍ଯ୍ୟନ୍ତ **ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡ଼ିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା.୨୯.୧୦.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍: **(କ) ସଠିକ୍ ଭାବେ ପୁରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୁରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।**

**ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପ୍‌ଲୋଡ କରିବାକୁ ଅନୁରୋଧ।**

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା.୦୬.୦୮.୨୦୧୯ରିଖରେ ଆଦିଷ୍ଟ। ସ୍ୱା/-(ଏସ୍. ଆର୍. ପରିଡା)
ରିକଭରୀ ଅଫିସର


### ନିମ୍ନମାନର ୱାଟର ଫ୍ରିଜର ଯୋଗାଣ ମାମଲା

# ୬ଜଣଙ୍କୁ ଜେଲ୍‌ଦଣ୍ଡ, ଜରିମାନା

**ଭବାନୀପାଟଣା,୧୮।୯(ଡି.ଏନ.ଏ.)**

ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ଭିଜିଲାନ୍ସ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ବିଧାନ କୁମାର ଚାନ୍ଦ ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହିତ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୦୪-୨୦୦୫ ଓ ୨୦୦୫-୨୦୦୬ ଆର୍ଥିକ ବର୍ଷରେ ତତ୍କାଳୀନ ବିଧାୟକ ଦୁର୍ଯ୍ୟୋଧନ ମାଝିଙ୍କ ହାତପାଣ୍ଠି ଦ୍ୱାରା ଗୃହୀତ ଟଙ୍କାରେ ନୂଆପଡା ଜିଲା ବୋଡେନ୍ ବ୍ଲକ ଅଫିସ ପକ୍ଷରୁ ୧୭ଟି ୱାଟର ଫ୍ରିଜର କ୍ରୟ କରାଯାଇଥିଲା। ତାରାଚନ୍ଦ ଅଗ୍ରୱାଲ ନାମକ ସପ୍ଲାୟର୍ ଏହି ଫ୍ରିଜର ଦେଇଥିଲେ। ଗୋଟିଏ ୱାଟର ଫ୍ରିଜରର ମୂଲ୍ୟ ୮୫ ହଜାର ୫୦୦ ଟଙ୍କା ଥିଲା। ମାର୍ଚ୍ଚ ୨୦୦୮ରେ ତତ୍କାଳୀନ ଭିଜିଲାନ୍ସ ଡିଏସ୍‌ପି ଜଗନ୍ନାଥ ନାୟକ ଏହି ଫ୍ରିଜରଗୁଡିକ ସମ୍ପର୍କରେ ତଦନ୍ତ କରିଥିଲେ। ତଦନ୍ତ ବେଳେ ଉକ୍ତ ୱାଟର ଫ୍ରିଜରଗୁଡିକ ନିମ୍ନମାନର ବୋଲି ଜାଣି ସୁଦ୍ଧା ବ୍ଲକ କର୍ତ୍ତୃପକ୍ଷ ତାହା କ୍ରୟ କରିଥିବା ଜଣାପଡିଥିଲା। ବ୍ଲକର ତତ୍କାଳନୀ ବିଡିଓ, କର୍ମଚାରୀ ଓ ଯୋଗାଣକାରୀ ସଂସ୍ଥା ମିଶି ଏଥିପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିପାଇଁ ସରକାରଙ୍କ ୮ ଲକ୍ଷ ୬୮ ହଜାର ୮୦୦ ଟଙ୍କା କ୍ଷତି ହୋଇଥିଲା। ଏଥିସହିତ ଟ୍ୟାକ୍ସ ବାବଦକୁ ୧ ଲକ୍ଷ ୬୦ ହଜାର ୩୧୨ ଟଙ୍କା କ୍ଷତି କରାଇଥିବା ତଦନ୍ତରୁ ଜଣାପଡିଥିଲା। ଏହି ଘଟଣାର ଶୁଣାଣି କରି କୋର୍ଟ ବିଡିଓ ମିହିର ପ୍ରସାଦ ମିଶ୍ର, ଡିଲିଂ ଆସିଷ୍ଟାଣ୍ଟ ତଥା କ୍ୟାଶିୟର ଜାନୁରାମ ମହାନନ୍ଦ, ବ୍ଲକ ଅଡିଟର ରାଜେନ୍ଦ୍ର କୁମାର ତ୍ରିପାଠୀ, ହେଡକ୍ଲର୍କ ରବୀନ୍ଦ୍ର ନାଥ ଦାସ, ସିନିୟର କ୍ଲର୍କ ଅଚ୍ୟୁତା ନନ୍ଦ ଏବଂ ଯୋଗାଣକାରୀ ତାରାଚନ୍ଦ ଅଗ୍ରୱାଲଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ଜଣ ସରକାରୀ କର୍ମଚାରୀଙ୍କୁ ୧ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଯୋଗାଣକାରୀ ତାରାଚନ୍ଦ ଅଗ୍ରୱାଲଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର (ଭିଜିଲାନ୍ସ) ଆଶୁତୋଷ ମିଶ୍ର ପରିଚାଳନା କରିଥିଲେ।

{ ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଶୁଭେନ୍ଦୁ ରଥ**
ଜଗଦା, ରାଉରକେଲା
ଆବିର୍ଭାବ: ୨୯।୦୮।୧୯୫୦
ତିରୋଧାନ: ୦୮।୦୯।୨୦୧୯
ତୁମ ଆକସ୍ମିକ ତିରୋଧାନର ଆଜି ଦ୍ୱାଦଶାହ। ଆମ ମା’ ପୁଅଙ୍କ ପାଇଁ ଚାରିଆଡ ଅନ୍ଧାର। ତୁମ ନନା, ଭାଉଜ, ଭଉଣୀ-ଭିଣୋଇମାନେ, ପିଲାମାନେ ଆଉ ତୁମ ବନ୍ଧୁବର୍ଗ ସମସ୍ତେ ସ୍ତବ୍ଧ ଆଉ ମର୍ମାହତ। ତୁମେ ଥିଲ ଅମାୟିକ, କଳାପ୍ରାଣ, ଶାନ୍ତ, ସରଳ ଓ ସାମାଜିକ ପରିବର୍ତ୍ତନର ବାର୍ତ୍ତାବହ। ଈଶ୍ୱର ତୁମ ଆତ୍ମାକୁ ସଦ୍‌ଗତି ଦିଅନ୍ତୁ, ଏତିକି ପ୍ରାର୍ଥନା। ତୁମ ହତଭାଗ୍ୟ ପୁଅ ‘ଚିକୁ’କୁ ଆଶୀର୍ବାଦ କରୁଥାଅ।
।। ତୁମର ଶୋକ-ସନ୍ତପ୍ତା ପତ୍ନୀ- ଅନୁ।।
-ଶୋକାକୁଳ ପରିବାର-
ଲଲାଟେନ୍ଦୁ, ଶାନ୍ତି, ପ୍ରଫୁଲ୍ଲ, ପ୍ରତିମା, ଆଦିତ୍ୟ, ମହିମା, କୁଲୁ, ରୁଚି, ଗୀତା, ବବ୍‌ଲି, ଡାବୁନ୍, ପିନୁ
ଧ-୬୭୨୩୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ରଥ**
ସ୍ୱାଧୀନତା ସଂଗ୍ରାମୀ
ଗ୍ରାମ- ବାଣପୁର, ଅଳଗୁମ, ସତ୍ୟବାଦୀ, ପୁରୀ
ପ୍ରଥମ ସରପଞ୍ଚ ଶୁକଳ ଗ୍ରାମ ପଞ୍ଚାୟତ
ପ୍ରତିଷ୍ଠାତା- ଅଳଗୁମ ମୌଳିକ ସ୍କୁଲ
ଆବିର୍ଭାବ: ଜନ୍ମାଷ୍ଟମୀ ୧୯୨୫
ତିରୋଧାନ: ଅଶ୍ୱପଞ୍ଚମୀ ୧୯୭୨
ଆଜିର ପୁଣ୍ୟ ତିଥିରେ ଆପଣଙ୍କୁ କୋଟି କୋଟି ପ୍ରଣାମ।
**ଶୋକସନ୍ତପ୍ତ ପରିବାରବର୍ଗ**
ବିଜୟ କିଶୋର ରଥ
ତଳମାଳି ସାହି, ପୁରୀ
ଧ-୬୩୭୮୮


# ବଜାରରୁ ହଜିଗଲା ଟାଟା ସୁମୋ

**ନୂଆଦିଲ୍ଲୀ,୧୮।୯**

ଆଜିଠାରୁ କିଛି ବର୍ଷ ପୂର୍ବେ ପର୍ଯ୍ୟନ୍ତ ଟାଟା ସୁମୋର ଭାରତୀୟ ବଜାରରେ ରାଜତ୍ୱ ଥିଲା। ସହର ମୁକାବିଲାରେ ଅର୍ଦ୍ଧ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହାର ବେଶ୍ ଆଦର ଥିଲା। ଏବେ ଭାରତୀୟ ବଜାରରୁ ଏହି ମଡେଲ ଗାଡ଼ି ଚୁପ୍‌ଚାପ୍ ବିଦାୟ ନେଇସାରିଛି। ତେବେ କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ଦୀର୍ଘ ୨୫ ବର୍ଷ ଧରି ଦେଶର ଗାଡ଼ି ବଜାରରେ ରାଜତ୍ୱ କରିଥିବା ବେଳେ ୧୯୯୪ରେ ଏହା ପ୍ରଥମଥର ଭାରତୀୟ ବଜାରରେ ପ୍ରବେଶ କରିଥିଲା। ୨୫ ବର୍ଷର ଦୀର୍ଘ ଯାତ୍ରା ପରେ ଚଳିତବର୍ଷ ଏପ୍ରିଲରୁ କମ୍ପାନୀ ଏହାର ଉତ୍ପାଦନ ବନ୍ଦ କରିଦେଇଛି। ଏବେ ବିକ୍ରି ଲାଗି ଟାଟା ଡିଲରଶିପ୍ ନିକଟରେ ମଧ୍ୟ ଟାଟା ସୁମୋ ଗାଡ଼ି ନାହିଁ। ଏହାର ପ୍ରଦର୍ଶନ ସମ୍ପର୍କରେ ଉଲ୍ଲେଖ କଲେ ଏତିକି କୁହାଯାଇପାରେ ଯେ, ଏଥିରେ ୩.୦ ଲିଟରର ଡିଜେଲ ଇଞ୍ଜିନ ଲାଗିଥିଲା। ଏହାର ଇଞ୍ଜିନ ୮୫ପିଏସ୍‌ର ମ୍ୟାକ୍ସିମମ୍ ପାୱାର ଓ ୨୫୦ଏନ୍ଏମ୍ ପିକ୍ ଟର୍କ ଜେନେରେଟ କରୁଥିଲା। ଏହାଛଡ଼ା ଏହାର ଇଞ୍ଜିନ ୫-ସ୍ପିଡ ମାନୁଆଲ ଗିୟରବକ୍ସଯୁକ୍ତ ରହିଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ନୂଆ ଏଆଇଏସ୍ ୧୪୫ ସୁରକ୍ଷା ମାନକ ଏବଂ ବିଏସ୍-୬ ନିୟମକୁ ଦୃଷ୍ଟିରେ ରଖି ଏହି ଗାଡ଼ିର ଉତ୍ପାଦନକୁ ବନ୍ଦ କରିଦିଆଯାଇଛି। କମ୍ପାନୀ ପକ୍ଷରୁ ଏଥିରେ କୌଣସି ପରିବର୍ତ୍ତନ କରା ନ ଯିବାରୁ ଏହା ଉକ୍ତ ମାନଦଣ୍ଡ ଅତିକ୍ରମ କରିବା ସହଜ ହେଉ ନ ଥିବାରୁ ଏହାର ଉତ୍ପାଦନକୁ ବନ୍ଦ କରିଦିଆଯାଇଛି। ସୂଚନାଥାଉ କି, ଏଥିପୂର୍ବରୁ ମାରୁତି ସୁଜୁକି ପକ୍ଷରୁ ଏହାର ମାରୁତି ଓମ୍ନୀ ଓ ମାରୁତି ଜିପ୍‌ସୀର ଉତ୍ପାଦନକୁ ବନ୍ଦ କରାଯାଇଛି।


**STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA**

**ଡିପ୍ଲୋମା ଛାତ୍ର ଛାତ୍ରୀ ଓ ଅଭିଭାବକମାନଙ୍କ ନିମନ୍ତେ ବାୟୋମେଟ୍ରିକ ଉପସ୍ଥାନ ସମ୍ବନ୍ଧୀୟ ନୋଟିସ୍**

No. KK-66:

**୧.** ପଲିଟେକ୍ନିକରେ ଅଧ୍ୟୟନ କରୁଥିବା ଡିପ୍ଲୋମା ଛାତ୍ର ଛାତ୍ରୀ, ପ୍ରତ୍ୟେକ ସେମିଷ୍ଟାର ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହେବା ପାଇଁ ଅତିକମ୍ ରେ ଶତକଡା ୭୫ ଭାଗ କ୍ଲାସରେ ଉପସ୍ଥାନ ଦେବା ନିହାତି ପ୍ରୟୋଜନ।

**୨.** ଏତଦ୍ୱାରା ଡିପ୍ଲୋମା ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଉଛି କି ସେମାନେ ନିୟମିତ କ୍ଲାସରେ ଉପସ୍ଥିତ ରହିବା ସହିତ ପ୍ରତିଦିନ ବାୟୋମେଟ୍ରିକ ମେସିନ୍ ଜରିଆରେ ନିଜର ଉପସ୍ଥାନ(ଉଭୟ ଆଗମନ ଓ ପ୍ରସ୍ଥାନ) ନିଶ୍ଚୟ ପ୍ରଦାନ କରିବେ।

**୩.** ଏହା ବ୍ୟତୀତ ଛାତ୍ର/ଛାତ୍ରୀମାନେ ସେମାନଙ୍କ ଅନୁଷ୍ଠାନ ମାଧ୍ୟମରେ ନିୟମିତ ଭାବେ ନିଜର ଉପସ୍ଥାନର ତଥ୍ୟ ତଦାରଖ କରିବା ପାଇଁ ପରାମର୍ଶ ଦିଆଯାଉଛି।

**ଯେଉଁ ଛାତ୍ର/ଛାତ୍ରୀଙ୍କର ଉପସ୍ଥାନ ଶତକଡା ୭୫* ଭାଗରୁ କମ୍ ରହିବ ସେମାନେ ସେମିଷ୍ଟାର ପରୀକ୍ଷା ଦେବାରୁ ବଂଚିତ ହେବା ସଙ୍ଗେ ସଙ୍ଗେ ଉକ୍ତ ସେମିଷ୍ଟାରରେ ଅଟକି ରହିବେ ଏବଂ ପରବର୍ତ୍ତୀ ବର୍ଷରେ ପୁନର୍ବାର ସେହି ସେମିଷ୍ଟାରରେ ଆଡ୍‌ମିଶନ ନେବେ। କିନ୍ତୁ ପ୍ରଥମ ସେମିଷ୍ଟାରରେ ଉପସ୍ଥାନ ଶତକଡା ୭୫* ଭାଗରୁ କମ୍ ରହିଲେ ପୁର୍ନବାର ଆଡ୍‌ମିଶନ ସୁବିଧା ମିଳିବ ନାହିଁ ଏବଂ ଆଗକୁ ପଢିବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ। ଏହି ବ୍ୟବସ୍ଥା ୨୦୧୯ ଶୀତକାଳୀନ ପରୀକ୍ଷାରୁ ଆରମ୍ଭ ହୋଇ ଆଗାମୀ ସମସ୍ତ ପରୀକ୍ଷାରେ ଲାଗୁ କରାଯିବ।**

*ସ୍ୱାସ୍ଥ୍ୟଗତ କାରଣ ହେତୁ ଛାଡ କ୍ଷେତ୍ରରେ ଶତକଡା ୬୦ ଭାଗ ପ୍ରଯୁଜ୍ୟ।

44002/11/0006/1920

**ଉପାଧ୍ୟକ୍ଷ**



ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।
-ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ମଣିଷଠୁ ଭିନ୍ନ ନୁହେଁ ପ୍ରାଣୀ

ମଣିଷ କ'ଣ ଏକମାତ୍ର ପ୍ରାଣୀ ଯିଏ ଭୋଟ ଦିଏ, ମଦ୍ୟପାନ କରେ, ପରକୀୟା ପ୍ରୀତିରେ ନିମଗ୍ନ ହୁଏ ବା ଅନ୍ୟମାନଙ୍କ କଥାବାର୍ତ୍ତାକୁ ଲୁଚିଲୁଚି କାନ ଡେରି ଶୁଣେ ? ଅନ୍ୟ ପ୍ରାଣୀମାନେ ବି ସେମିତି କରନ୍ତି। ତେଣୁ ଏ ପୃଥିବୀକୁ ଆମେ କାହିଁକି ଏକ ନୂଆ ଦୃଷ୍ଟିରେ ନ ଦେଖିବା ଏବଂ ସବୁ ପ୍ରାଣୀ ସମାନ ବୋଲି ଅନୁଭବ ନ କରିବା ? ତା'ହେଲେ ଆମେ ଆଉ ଅନ୍ୟ ପ୍ରାଣୀମାନଙ୍କ ପୀଡ଼ାର କାରଣ ହେବା ନାହିଁ କିମ୍ବା ଅନ୍ୟମାନଙ୍କର ସେପରି କାର୍ଯ୍ୟ ବା ନିଷ୍ପତ୍ତିକୁ ସହ୍ୟ କରି ପାରିବା ନାହିଁ। ନିକଟରେ ବ୍ରାଜିଲର ରାଷ୍ଟ୍ରପତି ଆମାଜନ ଜଙ୍ଗଲକୁ କାଟି ସେଠାରେ ଗୃହ ନିର୍ମାଣ ଓ ଖଣି ଖନନ କାର୍ଯ୍ୟ କରିବା ପାଇଁ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା କେବଳ ଉକ୍ତ ଜଙ୍ଗଲରେ ବାସ କରୁଥିବା ହଜାର ହଜାର ପ୍ରଜାତିର ପ୍ରାଣୀ, କୀଟପତଙ୍ଗ ପ୍ରଭୃତିଙ୍କୁ ଧ୍ୱଂସ କରିବ ନାହିଁ, ବରଂ ତାହାଦ୍ୱାରା ମଣିଷ ସମେତ ଏ ପୃଥିବୀର ଜୀବଜଗତ ଧ୍ୱଂସମୁଖୀ ହେବ। ଯଦି ଗୋଟିଏ ମଣିଷ ଏ ପୃଥିବୀକୁ ଅତ୍ୟନ୍ତ କ୍ଷତିକାରକ ଭାବେ ବଦଳାଇ ଦେଇପାରେ, ତା'ହେଲେ ଆପଣ କାହିଁକି ଏହାକୁ ଭଲ ଦିଗରେ ବଦଳାଇବାକୁ ଚେଷ୍ଟା ନ କରିବେ- ତାହା କେବଳ ଆପଣଙ୍କ ଅଞ୍ଚଳରେ ହେଉ ପଛେ ?

✲ କୁକୁଡ଼ାମାନେ ସାମାଜିକ ଆଭିଜାତ୍ୟକୁ ସମ୍ମାନ ଦିଅନ୍ତି ଏବଂ ପ୍ରତ୍ୟେକ ଦଳରେ କ୍ଷମତାର ଅନୁକ୍ରମ ରହିଛି। ଆମେରିକାନ୍ ନ୍ୟାଚୁରାଲିଷ୍ଟ ପତ୍ରିକାରେ ପ୍ରକାଶିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଅନୁସାରେ ଗଞ୍ଜାମାନେ ମାଈ କୁକୁଡ଼ା ସହ ଯେତେବେଳେ ମେଟିଂ କରନ୍ତି, ସେତେବେଳେ କୁକୁଡ଼ାମାନେ ନିଜ ଗର୍ଭାଶୟରୁ ନିମ୍ନବର୍ଗର ଗଞ୍ଜାଙ୍କ ଶୁକ୍ରାଣୁକୁ ବାହାର କରିଦିଅନ୍ତି, ଯାହାଫଳରେ କେବଳ ଉଚ୍ଚବର୍ଗର ଗଞ୍ଜାଙ୍କ ଦ୍ୱାରା ନିଷିକ୍ତ ହୋଇ ସେମାନେ ଅଣ୍ଡା ଦେଇ ଉଚ୍ଚମାନର ଛୁଆ ଉତ୍ପନ୍ନ କରିପାରିବେ। ଉଭୟ ଲିଙ୍ଗର କୁକୁଡ଼ା ଅନେକ ସାଥୀଙ୍କ ସହ ମେଟିଂ କରନ୍ତି। କୁକୁଡ଼ାମାନେ ବେଳେବେଳେ ଉଚ୍ଚବର୍ଗର ଗଞ୍ଜାଙ୍କୁ ପସନ୍ଦ କରିବାର ସୁଯୋଗ ପାଆନ୍ତି ନାହିଁ। କାରଣ ନିମ୍ନ ପାହ୍ୟାର ଗଞ୍ଜାମାନେ ଅନେକ ସମୟରେ ସେମାନଙ୍କଠାରୁ ଆକାରରେ ଛୋଟ ମାଈ କୁକୁଡ଼ାଙ୍କ ସହ ଜବରଦସ୍ତ ମେଟିଂ କରନ୍ତି। ଏପରି ସ୍ଥଳେ ମାଈ କୁକୁଡ଼ାମାନେ ଅବାଞ୍ଛିତ ଗଞ୍ଜାଙ୍କ ସହ ଲଢ଼େଇ କରି ନ ପାରି ଅନ୍ୟ ଉପାୟରେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି। ସେମାନେ ଏପରି ଗଞ୍ଜାଙ୍କ ଶୁକ୍ରାଣୁକୁ ଦେହରୁ କାଢ଼ିଦେବାର ଏକ ଉପାୟ ବିକଶିତ କରିଛନ୍ତି।

✲ ଆଲ୍‌କୋହଲ/ଇଥାନୋଲ (ମଦ) ସେବନ କରିବା ପ୍ରତ୍ୟେକ ମଣିଷ ସମାଜରେ ଚଳେ, ଯେଉଁମାନେ ସୁରାସାର କିଣ୍ୱନ ପ୍ରକ୍ରିୟାରେ ମଦ ପ୍ରସ୍ତୁତ କରନ୍ତି। ଶିମ୍ପାଞ୍ଜିମାନେ ମଧ୍ୟ ମଦ ସେବନ କରନ୍ତି। ରୟାଲ ସାଇନ୍ସ ଓପନ ସୋସାଇଟିର ବୈଜ୍ଞାନିକମାନେ କରିଥିବା ଆବିଷ୍କାର ଅନୁସାରେ ଗିନିର ଶିମ୍ପାଞ୍ଜିମାନେ କିଣ୍ୱନୀକୃତ ତାଳରସ ପାନ କରନ୍ତି। ଏହା ହେଉଛି ପ୍ରାକୃତିକଭାବେ ମିଳୁଥିବା ମଦ, ଯାହାକୁ ମଣିଷମାନେ ବି କିଛି ପରିମାଣରେ ସେବନ କରନ୍ତି। ଏହି ମଦକୁ ସଂଗ୍ରହ କରିବା ଓ ପିଇବା ପାଇଁ ଶିମ୍ପାଞ୍ଜିମାନେ ପାତ୍ର ମଧ୍ୟ ବ୍ୟବହାର କରନ୍ତି। ପତ୍ରଗୁଡ଼ିକ ଛେଚି ସ୍ପଞ୍ଜ ପରି କରି ସେମାନେ ଏହି ମଦ ସେବନ କରନ୍ତି। ସ୍ଲୋ ଲୋରିସ୍ (ଲେମୁର ବିଶେଷ) ବର୍ଟାମ ପାମ୍‌ରୁ କିଣ୍ୱନୀକୃତ ରସ (ଯେଉଁଥିରେ ୩.୮% ଇଥାନୋଲ ଥାଏ) ପାନ କରନ୍ତି। ସେଣ୍ଟ କିଟ୍‌ସର ଗ୍ରୀନ୍ ମଙ୍କିମାନେ (ମାଙ୍କଡ଼ ବିଶେଷ) ଟୁରିଷ୍ଟମାନଙ୍କ କକ୍‌ଟେଲ (ଆଲ୍‌କୋହଲ ମିଶ୍ରିତ ଫଳରସ)କୁ ଟାର୍ଗେଟ କରନ୍ତି। ତେବେ ପ୍ରାଇମେଟମାନେ ମଣିଷ ପରି ଅତି ପାଚିଲା ଫଳ (ଯେଉଁଥିରେ ଉଚ୍ଚମାତ୍ରାର ଇଥାନୋଲ ଥାଏ) ପ୍ରତି ବିଶେଷ ଆକୃଷ୍ଟ ହୁଅନ୍ତି ନାହିଁ ଓ ସେପରି ଫଳକୁ କ୍ୱଚିତ୍ ଖାଆନ୍ତି।

✲ ମଣିଷମାନେ ଅନ୍ୟମାନଙ୍କୁ ଦେଖି ବୁଝିନିଅନ୍ତି କିଏ ଭଲ ଓ କିଏ ସଂକୀର୍ଣ୍ଣମନା। କୁକୁରମାନେ ବି ସେମିତି କରନ୍ତି କି ? ଚିଜିଓ୍ୱା, କୁରୋଶିମା ପ୍ରଭୃତି ବୈଜ୍ଞାନିକମାନେ ୫୪ଟି କୁକୁରଙ୍କୁ ପରୀକ୍ଷା କରିଥିଲେ, ଯେଉଁମାନେ ତାଙ୍କ ମାଲିକ ଏକ ପାତ୍ରରୁ କିଛି କାଢ଼ିବା ବେଳେ ତାଙ୍କୁ ନିରୀକ୍ଷଣ କରୁଥିଲେ। ଏହି କୁକୁରମାନଙ୍କୁ ତିନିଭାଗରେ ବିଭକ୍ତ କରାଯାଇଥିଲା: ହେଲ୍‌ପର, ନନ୍-ହେଲ୍‌ପର ଓ କଣ୍ଟ୍ରୋଲ। ହେଲ୍‌ପର ଗ୍ରୁପ୍‌ରେ ମାଲିକ ତାଙ୍କୁ ସାହାଯ୍ୟ କରିବା ପାଇଁ ଆଉ ଜଣଙ୍କୁ ଡାକିଲେ, ଯିଏ ପାତ୍ରଟି ତାଙ୍କ ଆଗରେ ଧରିଲେ। ନନ୍-ହେଲ୍‌ପର ଗ୍ରୁପ୍‌ରେ ମାଲିକ ସାହାଯ୍ୟ କରିବାକୁ ଯାହାଙ୍କୁ ଡାକିଲେ ସେ ସାହାଯ୍ୟ ନ କରି ମୁହଁ ବୁଲାଇଦେଇ ପଳାଇଲେ। କଣ୍ଟ୍ରୋଲ ଗ୍ରୁପ୍‌ରେ ମାଲିକଙ୍କୁ ଜଣେ ଲୋକ ବିନା ଡାକରାରେ ଆସି ସାହାଯ୍ୟ କଲା। ଏହାପରେ ପ୍ରତ୍ୟେକେ କୁକୁରଙ୍କୁ କିଛି ଖାଦ୍ୟ ଯାଚିଲେ। କୁକୁରମାନେ ହେଲ୍‌ପର ବା କଣ୍ଟ୍ରୋଲ ପର୍ସନ (ବିନା ଡାକରାରେ ସାହାଯ୍ୟ କରିଥିବା ବ୍ୟକ୍ତି)ଠାରୁ ଖାଦ୍ୟ ନେଲେ କିନ୍ତୁ ନନ୍-ହେଲ୍‌ପର ବା ସାହାଯ୍ୟ କରି ନ ଥିବା ବ୍ୟକ୍ତିଠାରୁ ଖାଦ୍ୟ ନେଲେ ନାହିଁ। କୁକୁରଙ୍କ ଏପରି ବ୍ୟବହାରରୁ ମନେହୁଏ ଅନ୍ୟମାନଙ୍କୁ ନିରୀକ୍ଷଣ କରି ସେମାନେ ଭଲ ବା ଖରାପ ବିଚାର କରିବା ମଣିଷ ଛଡ଼ା ଅନ୍ୟ ପ୍ରାଣୀମାନଙ୍କ କ୍ଷେତ୍ରରେ ବି ସାଧାରଣ।

✲ raisingyourpaws.com ଅନୁସାରେ ମଣିଷଟିଏ ଯେତେବେଳେ ଖୁବ୍ ମାନସିକ ଆଘାତ ପାଏ ବା ଅତ୍ୟନ୍ତ ଭୟଭୀତ ହୋଇଯାଏ, ସେତେବେଳେ ତା'ର ହାତ ଓ ବେଳେବେଳେ ବେକର ଲୋମଗୁଡ଼ିକ ଠିଆ ହୋଇଯାନ୍ତି। ବିରାଡ଼ିମାନଙ୍କ କ୍ଷେତ୍ରରେ ବି ସେପରି ଘଟିଥାଏ। ଆଡ୍ରେନାଲିନ କ୍ଷରଣ କାରଣରୁ ଏହା ଘଟିଥାଏ। ମଣିଷ ବା ବିରାଡ଼ିଙ୍କ ଲୋମଗୁଡ଼ାକ ଠିଆ ହୋଇଗଲେ ସେଥିରୁ ତାଙ୍କର ମାନସିକ ଧକ୍କା ବା ଅତିଶୟ ଭୟ ସୂଚିତ ହୁଏ।

✲ ଯୁବକଟିଏ ଯେତେବେଳେ କୌଣସି ଯୁବତୀକୁ ପ୍ରେମ ନିବେଦନ କରେ ସେତେବେଳେ ସେ ତାକୁ ଏକ ମୂଲ୍ୟବାନ୍ ପଥର (ସୁନା ବା ହୀରା ମୁଦି ବା ଅନ୍ୟ ଗହଣା) ପ୍ରଦାନ କରେ। ପେଙ୍ଗୁଇନ କ୍ଷେତ୍ରରେ ବି ଠିକ୍ ସେଇଆ ଘଟେ। ଏଡିନ୍‌ବର୍ଗ ଚିଡ଼ିଆଖାନାର ଏକ ଗବେଷଣା ଅନୁସାରେ ମଣିଷଙ୍କ ପାଇଁ ଯେମିତି ହୀରା, ଆଡେଲି ପେଙ୍ଗୁଇନ୍‌ମାନଙ୍କ ପାଇଁ ସେମିତି ବାଲିଗରଡ଼ା ହେଉଛି ବହୁତ ମୂଲ୍ୟବାନ୍। ଏହି ଗୋଡ଼ି ସାହାଯ୍ୟରେ ପେଙ୍ଗୁଇନ୍‌ମାନେ ନିଜ ବସା ତିଆରି କରନ୍ତି ଓ ବରଫ ପରି ଥଣ୍ଡା ପାଣି ଉପରେ ନିଜ ଅଣ୍ଡାକୁ ଭାସମାନ ଅବସ୍ଥାରେ ରଖନ୍ତି। ସେମାନେ ବାସ କରୁଥିବା ଆଣ୍ଟାର୍କଟିକା ଉପକୂଳରେ କିନ୍ତୁ ଏପରି ବାଲିଗରଡ଼ା ଖୁବ୍ ଦୁର୍ଲଭ। ତେଣୁ ପେଙ୍ଗୁଇନ୍‌ମାନେ ଅନ୍ୟ ପେଙ୍ଗୁଇନ୍‌ଠାରୁ ବାଲିଗରଡ଼ା ଚୋରି କରନ୍ତି ଏବଂ ସେଥିପାଇଁ ପରସ୍ପର ସହ ଲଢ଼େଇ ବି କରନ୍ତି। ପ୍ରେମ ନିବେଦନ ସମୟରେ ଅଣ୍ଡିରା ପେଙ୍ଗୁଇନ୍ ମାଈ ପେଙ୍ଗୁଇନ୍‌କୁ ବାଲିଗରଡ଼ା ଉପହାର ଦିଅନ୍ତି। ଯଦି ମାଈଟି ଏଇ ଉପହାର ଗ୍ରହଣ କରେ ତେବେ ପରସ୍ପର ଭିତରେ ପ୍ରେମ ହୋଇଯାଏ ଓ ଉଭୟ ସାରାଜୀବନ ସାଥୀ ହୋଇ ରହନ୍ତି। କିନ୍ତୁ ମଣିଷଙ୍କ ପରି ଲୋଭରେ ଏଇ ମୂଲ୍ୟବାନ୍ ପଥର ନେଇ କେତେକ ମାଈ ପେଙ୍ଗୁଇନ୍ ଅନେକ ସମୟରେ ନିଜର ସାଥୀ ଥାଇ ବି ଅନ୍ୟ ପୁରୁଷ ସହ ମେଟିଂ ପାଇଁ ରାଜି ହୋଇଯାନ୍ତି। ଏପରି ମାଈ ପେଙ୍ଗୁଇନ୍‌ଙ୍କୁ ତାଙ୍କ ଜାତିର ଗଣିକା ବୋଲି କୁହାଯାଇପାରେ।

✲ ନେଚର ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ମୂଷାମାନେ ମୁଖଭଙ୍ଗୀ ମାଧ୍ୟମରେ ମଣିଷ ପରି ନିଜର ଯନ୍ତ୍ରଣା ପ୍ରକାଶ କରନ୍ତି। ସେମାନଙ୍କର ବିଭିନ୍ନ ପ୍ରକାର ମୁଖଭଙ୍ଗୀ ବୈଜ୍ଞାନିକମାନେ ରେକର୍ଡ କରିଛନ୍ତି।

✲ ମଣିଷ କ'ଣ ଏକମାତ୍ର ପ୍ରାଣୀ ଯିଏ ଭୋଟ ଦିଏ ? ୟୁରେସିଆର ରେଡ୍ ଡିୟର (ଲାଲ୍ ହରିଣ) ବଡ଼ ବଡ଼ ଦଳରେ ଚରନ୍ତି ବା ଶୁଅନ୍ତି। କେତେକ ହରିଣ ଅନ୍ୟତ୍ର ଯିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଯାନ୍ତି। କିନ୍ତୁ ଗବେଷକଙ୍କ ମତରେ ଯେତେବେଳେ ୬୦ ପ୍ରତିଶତ ବୟସ୍କ ହରିଣ ଠିଆ ହୋଇ ନିଜ ଗୋଡ଼ ସାହାଯ୍ୟରେ ଯିବା ସପକ୍ଷରେ ଭୋଟ ଦିଅନ୍ତି, ସେତେବେଳେ ଯାଇ ପୂରା ଦଳ ଯିବାକୁ ଆରମ୍ଭ କରେ। ତେଣୁ ସେମାନଙ୍କ ଭିତରେ ଯେ ଗଣତାନ୍ତ୍ରିକ ଚିନ୍ତାଧାରା ପ୍ରଚଳିତ ତାହା ବୁଝିବାରେ ଅସୁବିଧା ହୁଏ ନାହିଁ।

Email: gandhim@nic.in

## ଏଇ ଭାରତରେ

ଭାରତରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ର ଓ ଶିକ୍ଷକ ଅନୁପାତ ନୈରାଶ୍ୟଜନକ ଥିବାବେଳେ ଏକ ବିଶ୍ୱବିଦ୍ୟାଳୟର ଗୋଟିଏ ବିଭାଗରେ ଜଣେ ଛାତ୍ରକୁ ୭ ଜଣ ପ୍ରାଧ୍ୟାପକ ରହିଥିବା ଭଳି ରୋଚକ ଖବର ସାମ୍ନାକୁ ଆସିଛି। ଆଉ ମଧ୍ୟ ସେହି ଛାତ୍ର ଜଣକ ବାର୍ଷିକ ପରୀକ୍ଷାରେ ଫେଲ୍ ହେବା ଘଟଣା ଆହୁରି ଆଶ୍ଚର୍ଯ୍ୟଜନକ । ଏମିତି ଏକ ଘଟଣା ଘଟିଛି ଛତିଶଗଡ଼ ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ (ଆର୍‌ବିବି)ରେ। ଏହି ବିଶ୍ୱବିଦ୍ୟାଳୟରେ ଏମ୍‌ଫିଲ୍ ପାଠ୍ୟକ୍ରମକୁ ଶନିଦଶା ଚଳିବା ଭଳି ମନେହେଉଛି। ଏମିତି ଦୁର୍ଦ୍ଦଶା ପଡିଛି ଯେ, ଜଣେ ଛାତ୍ରଙ୍କ ପାଇଁ ଖୁବ୍ କସରତ କରିଛି ଏହି ବିଶ୍ୱବିଦ୍ୟାଳୟ। ବିଶେଷକରି ୨୦୧୯ ମାର୍ଚ୍ଚ-ଏପ୍ରିଲ୍‌ରେ ଅନୁଷ୍ଠିତ ଏମ୍‌ଫିଲ୍ କମ୍ପ୍ୟୁଟର ସାଇନ୍ସର ବାର୍ଷିକ ପରୀକ୍ଷାରେ ଜଣେ ଛାତ୍ର ପରୀକ୍ଷା ଦେଇଥିଲେ। ଏହାର ଫଳ ଚାରି ମାସ ପରେ ବାହାରିଛି। ତାହା ପୁଣି ଶୂନ, ଅର୍ଥାତ୍ ପରୀକ୍ଷାର୍ଥୀ ଜଣକ ଫେଲ୍। ଏହି ପାଠ୍ୟକ୍ରମରେ ନିୟମିତ ଓ ଚୁକ୍ତିଭିତ୍ତିକ ପ୍ରାଧ୍ୟାପକଙ୍କ ସଂଖ୍ୟା କିନ୍ତୁ ୭। ଏତେ ଜଣ ଫାକଲ୍‌ଟି ଥାଇ ବି ପରୀକ୍ଷାର୍ଥୀ ପାସ୍ କରି ନ ପାରିବା ଯୋଗୁ ଆର୍‌ବିବିକୁ ଶୂନ ପ୍ରତିଶତ ଫଳ ଘୋଷଣା କରିବାକୁ ପଡିଛି। ଏମ୍‌ଫିଲ୍‌ରେ ଅତିକମ୍‌ରେ ପାଞ୍ଚଜଣ ଛାତ୍ର ଆବଶ୍ୟକ ଥିବାବେଳେ କମ୍ପ୍ୟୁଟର ସାଇନ୍ସରେ କିଭଳି ଜଣେ ପରୀକ୍ଷା ଦେଇଥିଲେ ଓ ତାହା କିପରି ଫଳଶୂନ୍ୟ ହୋଇଛି, ସେ ବିଷୟରେ ତଦନ୍ତ କରିବାକୁ ପଡିବ ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ବିଶ୍ୱବିଦ୍ୟାଳୟର କୁଳପତି ଡ. ଗିରୀଶକାନ୍ତ ପାଣ୍ଡ୍ୟା।

## ଚିରନ୍ତନୀ

ମାନବ ନୟନେ ଯାହା ଶୂନ୍ୟ ବୋଲି ହୁଅଇ ପ୍ରତୀତି,
ସୂକ୍ଷ୍ମତମ ସେହି ଶୂନ୍ୟେ ପୂରିଅଛି ଜୀବନର ଗୀତି,
କୋଟି କୋଟି ଚେତନାର ଅଣୁ ପରମାଣୁ ରସେ
ରୂପେ ରୂପେ ଏ ସୃଷ୍ଟି ବିଳସେ !
ଘୂର୍ଣ୍ଣାୟିତ ବିଶ୍ୱଚକ୍ରେ ଯେତେ ଲୟସ୍ଥିତି ବା ଜନମ
ବ୍ୟଥାର ଆନନ୍ଦ ରସେ ସଦା ତା'ର ପୀଡ଼ିତ ମରମ,
ଅନୁକ୍ଷଣ ବହି ଏହି ବ୍ୟଥାର ଆନନ୍ଦ
ଜାଗି ଉଠେ ସୃଜନର ଛନ୍ଦ। (ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | C | | 4 | | 1 | B | | | 6 | 2 | 7 | |
| | | | | D | | 8 | 0 | | 1 | | A | | | |
| 2 | | | E | 5 | | | C | 3 | | | 0 | | | |
| | | B | | | | 7 | | A | | | | | 1 | |
| | 7 | C | 1 | 9 | | | 6 | | | | 3 | | | 4 |
| | 1 | E | | | | 6 | | | | | | 4 | | |
| 7 | 2 | | | | 5 | | | 8 | | | | D | | |
| D | 4 | | | | | | | | | 5 | 2 | | 6 | |
| 5 | | 0 | | 7 | | 4 | | | | E | 8 | | C | |
| | | | 8 | 4 | D | 3 | B | | | | | 5 | | |
| | | 5 | | 8 | 3 | | D | | | | E | | | 6 |
| | 9 | | | | 6 | | | | | | | | D | 1 |
| | 6 | | | B | 7 | 0 | | | | 8 | | | | |
| C | | | D | 1 | 2 | | | | | 0 | 5 | 3 | | B |
| | | 8 | 9 | | | | A | | 7 | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | C | 2 | A | B | 0 | 6 | D | 4 | E | 3 | 8 | 1 | 9 | 5 |
| 6 | 0 | 1 | C | 3 | 4 | B | 9 | 7 | 5 | A | 2 | E | 8 | D |
| 5 | D | 3 | E | 8 | 9 | 1 | C | 2 | 0 | B | 6 | 4 | A | 7 |
| E | 9 | 8 | 7 | 2 | 6 | 5 | 0 | A | 4 | D | 1 | 3 | C | B |
| A | 4 | B | 1 | D | 5 | 8 | E | 3 | C | 7 | 9 | 0 | 6 | 2 |
| 0 | 5 | C | 9 | 6 | B | E | 8 | D | 1 | 4 | 3 | 7 | 2 | A |
| 8 | B | A | 2 | E | 3 | 4 | 5 | 0 | 9 | 6 | 7 | D | 1 | C |
| 2 | E | D | 0 | 4 | C | 7 | 1 | 6 | B | 8 | A | 9 | 5 | 3 |
| 1 | 3 | 9 | 5 | 7 | A | 2 | B | C | D | 0 | E | 6 | 4 | 8 |
| 4 | 7 | 6 | 8 | 1 | D | A | 3 | 9 | 2 | C | 5 | B | E | 0 |
| C | 8 | 5 | D | 9 | 7 | 0 | A | E | 6 | 1 | B | 2 | 3 | 4 |
| 3 | A | E | 4 | C | 8 | 9 | 6 | B | 7 | 2 | 0 | 5 | D | 1 |
| 9 | 2 | 4 | 3 | 0 | E | D | 7 | 1 | 8 | 5 | C | A | B | 6 |
| D | 6 | 0 | B | 5 | 1 | 3 | 2 | 8 | A | E | 4 | C | 7 | 9 |
| B | 1 | 7 | 6 | A | 2 | C | 4 | 5 | 3 | 9 | D | 8 | 0 | E |

ଗତକାଲିର ଉତ୍ତର



ଡ. ସୁବାସ ଚନ୍ଦ୍ର ପାତ୍ର

# ଗୋଟିଏ ଟଙ୍କା

ଆଜି ଯଦି ଜଣେ ଯୁବକ ବା କିଶୋରକୁ ପଚରାଯାଏ ଗୋଟିଏ ଟଙ୍କା ସମାନ କେତେ? ସେ ହୁଏତ ତାଜୁବ ହେବ, ବିରକ୍ତ ହେବ ଏ ପ୍ରକାର ନିରର୍ଥକ ପ୍ରଶ୍ନ ଉତ୍ଥାପନ ପାଇଁ। ସେ ହୁଏତ କହିବ ଲକ୍ଷେ ଟଙ୍କା ସମାନ କେତେ ପଚାରନ୍ତୁ, ଏକ ଟଙ୍କା ତ ଏକଟଙ୍କା। ପଇସାର ପ୍ରଚଳନ ଆପାତତଃ ବନ୍ଦ ହୋଇଯାଇଥିବାରୁ ଏକ ଟଙ୍କା ଯେ ଶହେ ପଇସା ସେ ଅବା କାହୁଁ ଜାଣିବ। ଅବଶ୍ୟ ଏବେ ବି ଗୋଟିଏ ଟଙ୍କା ଭିତରେ ୪ଟି ୨୫ ପଇସି, ଦୁଇଟି ୫୦ ପଇସି ଅଛି।

ଏବେ କୋଟିଏ ଟଙ୍କାର ପ୍ରଶ୍ନ (କୋନ୍ ବନେଗା କରୋଡପତି ପ୍ରସଙ୍ଗ) ପଚରା ଯାଉଥିବା ବେଳେ ଗୋଟିଏ ଟଙ୍କା କ'ଣ ପ୍ରଶ୍ନବାଚୀ ସୃଷ୍ଟି କରିପାରେ, ପ୍ରସଙ୍ଗ ପାଲଟି ପାରେ? ଅଥଚ ଏକ ସମୟରେ ବହୁତ କଥା ଏହି ଆଠଅଣି, ଟଙ୍କାଏ, ଦୁଇଟଙ୍କାକୁ ନେଇ ଘୂରିବୁଲୁଥିଲା। ୬୦ ଦଶକରେ ଯେତେବେଳେ ଦୈନିକ ମଜୁରି ଏକଟଙ୍କା ଥିଲା ସେତେବେଳେ ସମାଜର ଦୁର୍ବଳ ଶ୍ରେଣୀର ଲୋକ ଗୋଟିଏ ଟଙ୍କାର ସଉଦା କିଣି ଆରାମରେ ଘରକୁ ଫେରୁଥିଲେ। ଦୋକାନରେ ପହଞ୍ଚି ଲୋକଟି କହୁଥିଲା- ''ମୋତେ ଗୋଟେ ଟଙ୍କାର ସଉଦା ଦେ। ହଁ, ଶୁଣ୍ ମୋତେ ୨୫ ପଇସାରେ ଡାଲି, ୨୫ପଇସାର ତେଲ, ୪୦ ପଇସାର ଚାଉଳ ଆଉ ପାଞ୍ଚ ପାଞ୍ଚ ପଇସାର ଲୁଣ, ଆଉ ଦୋକ୍ତା (ଧୂଆଁପତ୍ର) ଦେ।'' ଗାମୁଛାରେ ଚାଉଳ, ଡାଲି, ଲୁଣ, ଧୂଆଁପତ୍ରର ପୁଡ଼ିଆ ବାନ୍ଧି ଘରକୁ ଫେରୁଥିଲା। ଏହି କଥା ଭାବି ଖୁସି ହେଉଥିଲା ଯେ ଆଜି ତା' ସ୍ତ୍ରୀ, ପିଲାଛୁଆ ଉପାସରେ ରହିବେ ନାହିଁ। ଏ ଥିଲା ଗୋଟିଏ ଟଙ୍କା ବିନିମୟର ଶାନ୍ତି, ଗୋଟିଏ ଦିନର ଆଶ୍ୱସ୍ତି। କାଲିକଥା କାଲିକି ବୁଝାଯିବ।

ଖାଲି ଦିନ ମଜୁରିଆ ନୁହେଁ, ଶିକ୍ଷିତ ଯୁବତୀଯୁବକ ମଧ୍ୟ ଏକ ଟଙ୍କାର ମୂଲ୍ୟ ବୁଝୁଥିଲେ। ଆଉ ତା'ର ମହାର୍ଘତା ବୁଝୁଥିଲେ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ। ୧୯୭୬-୭୮ରେ ରେଭେନ୍‌ଶାରେ ଏମ୍.ଏ. ପଢ଼ିଲାବେଳେ ହଷ୍ଟେଲର ମାସିକ ମେସ୍‌ଖର୍ଚ୍ଚ (ଖାଦ୍ୟ ଖର୍ଚ୍ଚ) ଥିଲା ଏକ ଟଙ୍କା ହିସାବରେ ୬୦ଟି ମିଲ୍ ପାଇଁ ୬୦ ଟଙ୍କା ଓ ଅଣଖାଦ୍ୟ ଖର୍ଚ୍ଚ ୧୮ ଟଙ୍କା। ଟଙ୍କିକିଆ ମିଲ୍‌ରେ ଖାଦ୍ୟର ଗୁଣବତ୍ତା ରହୁ ନ ଥିଲା। ଅଧ୍ୟକ୍ଷ ଡ. ମହେନ୍ଦ୍ର କୁମାର ରାଉତଙ୍କୁ ଏ କଥା କହିଲା ପରେ ସେ ଦିନେ ରାତିରେ ହଷ୍ଟେଲ ଆସିଲେ। ପେଯମିଶା ଭାତ, ପାଣିମିଶା ଡାଲି, ହଳଦିଆ ପାଣିରେ ଭାସୁଥିବା ମଟର ଆଳୁର ଅସହଯୋଗ ନିଜ ଆଖିରେ ଦେଖିଲେ, ଦୁଃଖ ପ୍ରକାଶ କଲେ, ସହାନୁଭୂତିଶୀଳ ହେଲେ କିନ୍ତୁ କହିଲେ, ''ଖାଇବା ପାଇଁ ମାସକୁ ଏହି ୬୦ଟଙ୍କା ଦେବାକୁ ପଡ଼ିବ ବୋଲି ଅନେକ ପିଲା ହଷ୍ଟେଲରେ ରହୁନାହାନ୍ତି। ମିଲ୍ ଖର୍ଚ୍ଚ ସେହି ୬୦ଟଙ୍କା ରହିବ। ଭିନ୍ନ ଏକ ରସିଦରେ ତୁମେମାନେ ମିଲ୍ ଖର୍ଚ୍ଚ ପାଇଁ ମାସକୁ ଆଉ ୧୦ଟଙ୍କା ଦେବ, କିନ୍ତୁ କଲେଜ କ୍ୟାଲେଣ୍ଡରରେ ମେସ୍ ଖର୍ଚ୍ଚ ସେହି ୬୦ଟଙ୍କା ହିଁ ଲେଖା ରହିବ।'' ପାଦେ ଆଗେଇ ଯାଇ ଡ. ରାଉତ ମରମ କଥାଟି କହିଲେ, ''ମୋ ପାଖରେ ଖବର ଅଛି ରେଭେନ୍‌ଶା ଭଳି କଲେଜ ହଷ୍ଟେଲର ପିଲାମାନେ ଚଟାଣରେ ବା ସ୍ଲେଟ୍‌ରେ ଅଙ୍କ କଷୁଛନ୍ତି, କାଗଜ ମହଙ୍ଗା ବୋଲି। ରଫ୍‌ଖାତାରେ ପେନ୍‌ସିଲରେ ଲେଖି ଲିଭେଇ ପୁଣି ତା'ଉପରେ କଲମରେ ଲେଖୁଛନ୍ତି ଏକା ପୃଷ୍ଠାକୁ ଦୁଇଥର ବ୍ୟବହାର କରିବାକୁ। ଏଭଳି ସ୍ଥିତିରେ ଟଙ୍କାଟିଏ ଦୁଇ ଟଙ୍କା ହେବନାହିଁ।''

ମୁଦ୍ରାର ଅଭାବ ମଣିଷକୁ ମହଙ୍ଗାପଣ ସହ ଲଢ଼ିବାକୁ ବୁଦ୍ଧି ଦିଏ, କଷ୍ଟ ସ୍ୱୀକାର କରିବାକୁ ପ୍ରେରଣା ଦିଏ। କିଛି ଆଦର୍ଶମୂଳକ, ମହତ୍ ଚିନ୍ତା କରିବାକୁ ଖୋରାକ ଯୋଗାଏ। ସେହି ସମୟରେ ଥିଲେ ଜଣେ ମୋର ବରିଷ୍ଠ ଇଂରାଜୀ ବନ୍ଧୁ। ଘରୁ ଆସୁଥିବା ଚୁଡ଼ାମୁଢ଼ି ରାତିରେ ଖାଇ, ରାତି ମିଲ୍‌ଟିକୁ ବନ୍ଦ କରି ଦିଅନ୍ତି, ଆପାତତଃ ୫/୭ ଦିନ ପାଇଁ, ବହିର ଦାମ୍ ଭରଣା ନ ହେଲା ପର୍ଯ୍ୟନ୍ତ। ମୋର ମନେ ଅଛି ଆଇଫର ଇଭାନସଙ୍କ 'ଇଂରାଜୀ ସାହିତ୍ୟର ଇତିହାସ' ଓ 'ପେଲିକାନ୍ ଗାଇଡ୍ ତୃତୀୟ ଖଣ୍ଡ' ୩/୪ ଟଙ୍କାରେ ମିଳୁଥିଲା। ତା' ସାଙ୍ଗକୁ ରେଭେନ୍‌ଶା କଲେଜ ଛକରେ ସୋଭିଏତ ଦେଶର ପାଖାପାଖି ମାଗଣା ପୁସ୍ତକର ପସରା ବି ମେଲା। କଟକର କିତାବ ମହଲ, ଡି.ପି. ସୁର, ଡ୍ରିମ୍‌ଲ୍ୟାଣ୍ଡ ବହି ଦୋକାନ ସେ ପ୍ରାୟ ଯାଆନ୍ତି। କୌଣସି ଭଲ ବହି ଦେଖିଲେ ରହିପାରନ୍ତି ନାହିଁ। ତା'ପରେ ଆରମ୍ଭ ହୁଏ ରାତି ମିଲ୍ ବନ୍ଦ, ବହି କିଣା ଅଭିଯାନ। ଦୁଇବର୍ଷ ଭିତରେ ସେ ତାଙ୍କ ପ୍ରକୋଷ୍ଠରେ ଗୋଟିଏ ଛୋଟ ଲାଇବ୍ରେରି କରି ପକାଇଥିଲେ ଆମ ସମସ୍ତଙ୍କ ଉପକାର ପାଇଁ।

ଟଙ୍କାର ଅଭାବ ମଣିଷକୁ କେତେବେଳେ ଦାର୍ଶନିକ କରି ତୋଳେ ତ କେତେବେଳେ ଉଗ୍ର ସ୍ୱାଭିମାନୀ ଅବସ୍ଥାକୁ ନେଇଯାଏ। ବନ୍ଧୁଜଣକ କହିଲେ, ''ମୋତେ ଛଅ ଟଙ୍କା ଦେଲ।'' ଟଙ୍କାତକ ପାଇଲା ପରେ କହିଲେ, ''ଏ ଟଙ୍କା ମୁଁ ତୁମକୁ ଫେରାଇ ପାରେ ଅବା ନ ପାରେ। ତେବେ ଭାବିବନି ଏ ଟଙ୍କା ତୁମର ବୋଲି। ଟଙ୍କା ସରକାରଙ୍କର। ତୁମର ଗୁଜୁରାଣ ପାଇଁ ଏ ଟଙ୍କା ତୁମ ପାଖରେ ପହଞ୍ଚିଛି, ସେଇଠୁ ମୋ ପାଖରେ, ପୁଣି ଚାଲିଯିବ କାହା ପାଖକୁ। ମୁଁ ଚେଷ୍ଟା କରିବି ଫେରାଇବାକୁ, କିନ୍ତୁ ଏ ଟଙ୍କାର ମାଲିକ ତୁମେ ବୋଲି କେବେ ଭାବିବ ନାହିଁ।'' ରାୟବାବୁ ଜଣେ ପଦସ୍ଥ ଅଫିସର। ଜିଲା ମୁଖ୍ୟାଳୟରୁ ପରିଦର୍ଶନରେ ଗଲେ ପାର୍ଶ୍ୱବର୍ତ୍ତୀ ଅନ୍ୟ ଏକ ବ୍ଲକକୁ। ଖାମଖିଆଲି ଲୋକ। ପରିଦର୍ଶନ ପରେ ଫେରିଲାବେଳେ ଦେଖନ୍ତି ପକେଟରେ ଯଥେଷ୍ଟ ପଇସା ନାହିଁ ଟ୍ରେନ୍ ଭଡ଼ା ପାଇଁ। ଆପାତତଃ ଭଡ଼ାତକ ଦେବା ପାଇଁ ଲୋକର ଅଭାବ ନ ଥିଲା। କିନ୍ତୁ ମନକୁ ଏକ ଅହେତୁକ ସ୍ୱାଭିମାନ ଆଚ୍ଛନ୍ନ କଲା। ପକେଟରେ ଥିବା ପଇସାରେ କିଛି ବାଦାମ ଓ ବୁଟ କିଣି ଚାଲିବାକୁ ଲାଗିଲେ। ବାଦାମ, ବୁଟକୁ ପକେଇ ପକେଇ, ମଝିରେ ଚାଣକ୍ୟ ଶ୍ଲୋକ ଆବୃତ୍ତି କରି କରି ମଧରାତ୍ରିରେ ଘରେ ପହଞ୍ଚିଲେ।

ଏବେ ସ୍ଥିତି ଭିନ୍ନ। ଏବେ ଖୁବ୍ କମ୍ ଲୋକଙ୍କୁ ଏପରି ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ନା ଅଛି କଷ୍ଟ, ନା ଅଛି କଷ୍ଟସୃଷ୍ଟ ସ୍ୱାଭିମାନ ଅବା ଆଦର୍ଶ। ଟଙ୍କା ଯେ ଭାରି ଦରକାରୀ ଚିଜ, ଏ କଥା ଆଜିର ଅଭିଭାବକ ପିଲାଛୁଆଙ୍କୁ କହନ୍ତି ନାହିଁ। ଆଜିକାଲି ଟଙ୍କା ସହଜରେ ମିଳିଯାଉଛି। ତା' ଭିତରେ ପୁଣି ଅନେକ ଟଙ୍କାର ରଙ୍ଗ କଳା। କଷ୍ଟ କରି ଟଙ୍କା ଉପାର୍ଜନ କରିବାକୁ ପଡ଼େ, ଏ କଥା ଅନେକେ ଭାବୁନାହାନ୍ତି। ଯୁବପିଢ଼ି ଭିତରେ ଟଙ୍କା ପ୍ରତି ଏକ ଆଦର୍ଶଗତ ମନୋଭାବ ରୋପଣ କରିବାର ପ୍ରୟାସ ଯଦି କରା ନ ଯାଏ, ସେମାନେ ପରବର୍ତ୍ତୀ ସମୟରେ ଖାଲି ପରଜୀବୀ ପାଲଟିଯିବେ ତା' ନୁହେଁ, କୈଶୋର ଅବସ୍ଥାର ବେପରୁଆ ଖର୍ଚ୍ଚ ସହ ତାଳଦେଇ ଶିକ୍ଷିତ ହୋଇ, କୌଣସି ନିର୍ଦ୍ଦିଷ୍ଟ ନିଯୁକ୍ତି ନ ଥାଇ ଲୁଟ୍, ଛିନ୍‌ତାଇ ମାଧ୍ୟମରେ ସହଜ ଜୀବନଯାପନ କରିବାକୁ ଚେଷ୍ଟା କରିବେ, ଯାହା ଭୁବନେଶ୍ୱରରେ ପଢୁଥିବା ଏମ୍‌ବିଏ ବା ଇଞ୍ଜିନିୟରିଂ ଛାତ୍ରଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଇଚ୍ଛାକୃତ ହେଉ ବା ଅନିଚ୍ଛାକୃତ ଅବା ବାଧ୍ୟବାଧକତାମୂଳକ, ଏକ ଶୃଙ୍ଖଳିତ, ଦାୟିତ୍ୱଭରା ଆଦର୍ଶ ଜୀବନଯାପନ ପାଇଁ କିଛିଟା ଅଭାବବୋଧ ନିତାନ୍ତ ଆବଶ୍ୟକ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଜେଲ ରୋଡ,
ବାଲେଶ୍ୱର, ମୋ : ୯୪୩୭୩୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ସେମାନେ ପଣ୍ଡିତ ପୁଅ

ମହାଶୟ,

ଧରିତ୍ରୀରେ ପ୍ରକାଶିତ ଛନ୍ଦା ମିଶ୍ରଙ୍କର 'ସେମାନେ ପଣ୍ଡିତ ପୁଅ' ଆଲେଖ୍ୟଟି ପାଠ କଲି। ଏହା ମୋତେ ଖୁବ୍ ଭଲ ଲାଗିଲା କାରଣ ଏହା ସମୟୋପଯୋଗୀ ଓ ସତ୍ୟ ଉପରେ ଆଧାରିତ। ଆମେ କହୁ ଆଇନର ଊର୍ଦ୍ଧ୍ୱରେ କେହି ନୁହନ୍ତି, କିନ୍ତୁ ପ୍ରକୃତରେ ଆମ ଦେଶରେ ଗରିବଙ୍କ ପାଇଁ ଯେଉଁ ନିୟମ ଧନୀଙ୍କ ଲାଗି ତାହା ଅଲଗା। ଜଣେ ଧନୀ, ବାହୁବଳୀ, କ୍ଷମତାଶାଳୀ ଓ ରାଜନେତା ମେସାନଙ୍କ ବିରୋଧରେ ହୋଇଥିବା ସଙ୍ଗିନ ଅଭିଯୋଗକୁ କ୍ଷମତା ବଳରେ ଲିଭାଇ ଦେଇ ଆଇନର ଗଳାବାଟରେ ନିର୍ଦ୍ଦୋଷରେ ଖଲାସ ହୁଏ। ଏହିଭଳି ବ୍ୟକ୍ତିମାନେ ପୋଲିସ, ପ୍ରତିପକ୍ଷ ଓକିଲ, ପ୍ରତିପକ୍ଷର ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଏପରି କି ବିଚାରପତିଙ୍କୁ ସେମାନଙ୍କର ଧନ, କ୍ଷମତା ଓ ବାହୁବଳରେ ପ୍ରଭାବିତ କରୁଥିବାର ଦେଖାଯାଉଛି। ଅପରପକ୍ଷରେ ବିଚରା ନିର୍ଦ୍ଦୋଷ ଗରିବ ବ୍ୟକ୍ତିଟି ଆଇନର ଜାଲରେ ଫସିଯାଉଛି। ଫଳରେ ତାକୁ ଶଢ଼ିବାକୁ ହେଉଛି ବିଚାର ଶେଷ ପର୍ଯ୍ୟନ୍ତ ଜେଲରେ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ପରିବହନ ଆଇନ କଡ଼ାକଡ଼ି

ନୂଆ ମୋଟର ଯାନ ଆଇନକୁ ସମଗ୍ର ଭାରତ ବର୍ଷରେ ଲାଗୁ କରାଯାଇଛି। ଦିନ କେଇଟା ଧରପଗଡ଼ରେ ସବୁ ସାବାଡ଼। ଶୁଭୁନି ଆଉ ମୋଟରସାଇକେଲର ବିକଟାଳ ରଡ଼ି। ବିନା ହେଲ୍‌ମେଟରେ ଯୋଡ଼ି ଧରି ମୋଟରସାଇକେଲ ଓ ସ୍କୁଟର ଚଳାଇବାର ଆଧୁନିକ ଶୈଳୀ ଫିକା ପଡ଼ିଯାଇଛି। କିନ୍ତୁ ସନ୍ଧ୍ୟା ହେଲେ ରୋଡ୍‌ରୋମିଓ ମୋଟର ସାଇକେଲ ଧରି ବିନା ହେଲ୍‌ମେଟରେ ପଇଁତରା ମାରୁଛନ୍ତି। ଆଗରେ ଚେକିଂ ହେଉଛି ଶୁଣିଲେ ଗଳିକନ୍ଦିରେ ଲୁଚି ଯାଉଛନ୍ତି। ଆଉ ତିନିମାସ ପରେ ସବୁ ଶୃଙ୍ଖଳିତ ହେବ। ଏବେ କିନ୍ତୁ ନୈତିକ ସମର୍ଥନ ବୃଦ୍ଧି ପାଉଛି।

ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଖୋର୍ଦ୍ଧା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କେତେଦିନକୁ ମନ ବାନ୍ଧିଛୁ ଆଣ୍ଠୁ



ଡ. ତ୍ରିନାଥ ପଟ୍ଟନାୟକ

ଜ୍ଞାନ, ଗରିମା ଓ ଚରିତ୍ରରୁ ତେଜସ୍ୱିତା ପ୍ରକାଶ ପାଇଥାଏ। ତା' ପାଇଁ କେହି ଶରୀରକୁ ସଜାଇ ଅହଂପୂର୍ଣ୍ଣ ବାର୍ତ୍ତା ବାଣ୍ଟି ତେଜସ୍ୱୀ ହୋଇଯାଏ ନାହିଁ। କାର୍ଯ୍ୟସିଦ୍ଧି ଇଚ୍ଛା କରୁଥିବା ମନସ୍ୱୀ ପୁରୁଷ କେତେବେଳେ ଭୂମି ଉପରେ ଶୟନ କରେ ତ କେତେବେଳେ ପଲଙ୍କ ଉପରେ, କେତେବେଳେ ଶାଗପତ୍ର ଖାଏ ତ କେତେବେଳେ ମଠାପାଟ ମଧ୍ୟ ପରିଧାନ କରେ। ସେଥିପାଇଁ ସେ ନିଜକୁ ଅନ୍ୟ ନିକଟରେ ଉତ୍ତମ ରୂପେ ଉପସ୍ଥାପନ କରିବା ନିମନ୍ତେ ପ୍ରସ୍ତୁତ କରାଇ ନ ଥାଏ।

ଯେଉଁମାନେ ପ୍ରତିଭାବାନ ସେମାନେ ନିଜକୁ କାହିଁକି ସଜେଇବେ? କାହିଁକି ନା ସେମାନଙ୍କ ହୃଦୟକୁ ସୁନ୍ଦରୀମାନଙ୍କ କଟାକ୍ଷ ବାଣ ବିଦୀର୍ଣ୍ଣ କରିପାରେ ନାହିଁ। କ୍ରୋଧରୂପୀ ଅଗ୍ନିତାପ ଜ୍ୱାଳା ଦେଇପାରେ ନାହିଁ। ବିଷୟ ବାସନା ଲୋଭପାଶ ଦ୍ୱାରା ଟାଣିପାରେ ନାହିଁ। ସେହି ତ ସମସ୍ତ ହୃଦୟକୁ ଜିଣିପାରେ। ନିଜ ଶରୀର ସୌନ୍ଦର୍ଯ୍ୟ ପ୍ରତି ସେ କାହିଁକି ଗୁରୁତ୍ୱ ଦେବ?

ଜଣେ ଅଭିନେତା ଅଭିନୟ ମାଧ୍ୟମରେ ନିଜକୁ ସଜାଇପାରେ। କିଶୋର ବୟସରେ ଯୁବତୀଯୁବକମାନେ ନିଜ ତନୁ ତନିମାକୁ ଆକର୍ଷିତ କରାଇଥାନ୍ତି। ତାହା ବୟସର ଦାବି। ମାତ୍ର ଜଣେ ସମାଜସେବୀ, ନେତା ବୋଲାଉଥିବା ବ୍ୟକ୍ତି, ଜଣେ ସଂସାରବିରାଗୀ, ସାଧୁ ସନ୍ନ୍ୟାସୀ ବୋଲି ନିଜକୁ ଚିହ୍ନାଉଥିବା ବ୍ୟକ୍ତି ପ୍ରତିଦିନ ପ୍ରସାଧନର ପ୍ରଲେପ ନେଇ ସଜାଇବାର କିଛି ମାନେ ନାହିଁ। ତା' ଦ୍ୱାରା ନିଜର ବ୍ୟକ୍ତିତ୍ୱ ଓ ତେଜସ୍ୱିତାର ପରିପ୍ରକାଶ ଆଦୌ ଘଟିବ ନାହିଁ, ବରଂ ସେ ସମାଜରେ ସମାଲୋଚିତ ହେବେ।

ଜଣେ ନେତାଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଲା। ସେ ବିଭିନ୍ନ ପ୍ରସାଧନ ଓ ଆକର୍ଷକ ପୋଷାକରେ ସଜାଇ ବାହାରକୁ ବାହାରିଲେ। ମୁଁ ବ୍ୟସ୍ତ ହେଉଥାଏ, ଆଉ ମନେ ମନେ ଭାବୁଥାଏ ଗାନ୍ଧୀ, ଗୋପବନ୍ଧୁ ଯଦି ନିଜ ଶରୀର ପ୍ରତି ଏମିତି ଯତ୍ନ ନେଉଥାନ୍ତେ, ତେବେ ସେମାନେ ଦେଶସେବା କେତେବେଳେ କରିଥାନ୍ତେ। ଆଉ ଥରେ ଜଣେ ସାଧୁ ଯାତ୍ରାପାର୍ଟି କଳାକାର ଭଳି ମୁହଁରେ ତୀବ୍ର ପ୍ରସାଧନ ନେଇ ମଞ୍ଚ ଉପରକୁ ଆସିଲେ। ଓଠର ସୌନ୍ଦର୍ଯ୍ୟ ବଢ଼ାଇବା ନିମନ୍ତେ ଆରକ୍ତ ରଞ୍ଜିତ କରିଥାନ୍ତି। ସେମାନେ ବୁଝନ୍ତି ନାହିଁ ସାଧୁର ସୌନ୍ଦର୍ଯ୍ୟ ପ୍ରତି ସମାଜ ଆକର୍ଷିତ ହୁଏ ନାହିଁ। ସେଥିପାଇଁ ତ ସେମାନେ ମୁଣ୍ଡନ ହୁଅନ୍ତି କି ଅଯତ୍ନ ଭାବେ ଦାଢ଼ି ନିଶ ବାଳ ବଢ଼ାଇ ଦିଅନ୍ତି। ଦେହରେ ପାଉଁଶ ବୋଳନ୍ତି। ବଚନ ଓ ଆଚରଣ ଦ୍ୱାରା ସାଧାରଣ ଜନତା ପ୍ରଭାବିତ ହୁଅନ୍ତି, ଚେହେରାକୁ ଚାହିଁ ନୁହେଁ। ସାଧୁମାନେ ଏସବୁ କଥା ବୁଝିଥିଲେ। ଯଦି ବିଚାରପୂର୍ବକ ଦେଖାଯାଏ ତେବେ ଜଣାପଡ଼େ ସଂସାରରେ ଜୀବନ ନିର୍ବାହ ଓ ଶରୀର ରକ୍ଷା ନିମନ୍ତେ ରୁଚିକର ଅନ୍ନ, ଡାଲି, ତରକାରି, ଥଣ୍ଡା ପାଣିର ଆବଶ୍ୟକତା ଅଛି। ଶୀତୋଷ୍ଣରୁ ରକ୍ଷା ପାଇବା ନିମନ୍ତେ ଦୁଇ ଚାରିଖଣ୍ଡ ବସ୍ତ୍ର ହେଲେ ଚଳିଲା। ଏହା ବ୍ୟତୀତ ଯିଏ ଅଧିକ ଚାହେଁ ତାକୁ ଆମେ ବାହ୍ୟ ଆଡମ୍ବର ବା ଫେଶନ ବୋଲି କହିବା।

ଆଜିକାଲି ବିଦେଶୀ ସଂସ୍କୃତିକୁ ଆଖିଆଗରେ ରଖି ଆମେ କପଡ଼ାକୁ କାଟି ଅତି ଛୋଟ ଖଣ୍ଡ କରି ପୁଣି ଯୋଡି ଦେହ ଦେଖାଯିବା ଭଳି ପୋଷାକ ପ୍ରସ୍ତୁତ କରୁଛୁ। ତାହାକୁ ପିନ୍ଧୁଛୁ। କେବଳ ଫେଶନ ନିମନ୍ତେ ଯେତିକି କପଡା ନଷ୍ଟ ହେଉଛି ଆମ ଦେଶର ଅର୍ଦ୍ଧନଗ୍ନ ରହୁଥିବା ବହୁ ଲୋକଙ୍କର ଶରୀର ତହିଁରେ ଢଙ୍କା ଯାଇପାରନ୍ତା। ବିଳାସପ୍ରିୟତା ଆମମାନଙ୍କୁ ଅହଂଭାବର ନିର୍ଜୀବ କାଠକଣ୍ଢେଇ ସଜାଇ ଦେଲାଣି। ସେଥିପାଇଁ ଆମେ ଆମ ନିଜ ଦେଶ, ଭାଷା, ଜାତି, ଧର୍ମ ଓ ଐତିହ୍ୟ ଗୌରବର ସ୍ୱାଭିମାନକୁ ଭୁଲିଗଲୁଣି। ପଞ୍ଚ ଭୌତିକ ଶରୀରରେ ପ୍ରାକୃତିକ ସୌନ୍ଦର୍ଯ୍ୟ, ସଦ୍‌ଗୁଣ ଓ ସାତ୍ତ୍ୱିକ ବିଚାର ଭରି ରହିଥାଏ। ମାତ୍ର ତାକୁ ଆମେ ଉନ୍ମୋଚନ ନ କରି ବାହ୍ୟାଡମ୍ବରରେ ମାତିଥାଉ। ଆଉ ଗୋଟିଏ କଥା ମନେରଖିବା ଉଚିତ, ଆମେ ଏଇ ସଂସାରକୁ ଲଙ୍ଗଳା ହୋଇ ଆସିଥିଲେ। ଆଉ ଦିନେ ନିଶ୍ଚିତ ଭାବେ ଆମେ ସମସ୍ତ ବ୍ୟସନବାସନାକୁ ଏଇଠି ଛାଡ଼ିଦେଇ ଚାଲିଯିବା। ଏତେ ଭଲରେ ଥିବା, ସଜେଇ ରଖିଥିବା, ସୁଗନ୍ଧ ଲେପନ କରିଥିବା ଶରୀର ଖଣ୍ଡିକ ଅଗ୍ନିରେ ଭଷ୍ମ ହେବ କି ମାଟିରେ ମାଟି ହୋଇ ମିଶିଯିବ। ଆମର ମୂଲ୍ୟବାନ ପରିଧାନ, ସ୍ୱର୍ଣ୍ଣ ଅଳଙ୍କାର ସବୁକୁ ପରିବାର ଲୋକେ ଛଡେଇ ରଖିବେ। କିଛି ହେଲେ ଆମ ସାଥିରେ ନେବା ପାଇଁ ଦେବେ ନାହିଁ।

ଏବେ କୁହ ତ ଆମର ବିଳାସବ୍ୟସନ, ଅନ୍ୟକୁ ଆକର୍ଷିତ କରିବାର ପ୍ରଚେଷ୍ଟାର ପରିଣତି କ'ଣ ହେଲା? ଶରୀରସର୍ବସ୍ୱ ହୋଇ, ନିଜକୁ ଶ୍ରେଷ୍ଠ ମଣି କ'ଣ ପାଇଲେ? ଆମ ପାଇଁ ସ୍ୱତନ୍ତ୍ର ମାଟି କିମ୍ବା ସ୍ୱତନ୍ତ୍ର ଅଗ୍ନିର ବ୍ୟବସ୍ଥା ହେଲା କି? ନିଆଁ ସମସ୍ତଙ୍କ ପାଇଁ ଏକମାତ୍ର ନିଆଁ, ମାଟି ମଧ୍ୟ ଧନୀ ଗରିବ ଜ୍ଞାନୀ ମାନୀ ସମସ୍ତଙ୍କ ପାଇଁ ସେଇ ଏକମାତ୍ର ମାଟି।

ଆମେ ସର୍ବଦା ବୁଝିବିଚାରି କାମ କରିବା ଉଚିତ। ନିଜକୁ ନିଜେ ଚିହ୍ନିବା ପ୍ରୟୋଜନ। ଆତ୍ମଜ୍ଞାନ ଲୋଡ଼ା। ମନ ସ୍ଥିର କରି ପ୍ରକୃତି ଓ ପରିବେଶକୁ ଲକ୍ଷ୍ୟ କର। ସେଇଠି ଅଛନ୍ତି ଈଶ୍ୱର। ଯେଉଁ ଈଶ୍ୱର ସମସ୍ତଙ୍କ ପାଇଁ ଏକ। ସେଥିପାଇଁ ପ୍ରକୃତି ସ୍ୱରୂପ ହିଁ ଆନନ୍ଦ ବ୍ରହ୍ମ। ଜ୍ଞାନୀ ହୁଅ, ପ୍ରକୃତିକୁ ଭଲ ପାଅ, ପ୍ରାଣୀ ପ୍ରତି ପ୍ରେମ କର, ଜୀବହିଂସା କରନାହିଁ। ତେବେ ତୁମେ ହୋଇଯିବ ସତ୍ୟମ୍ ଶିବମ୍ ସୁନ୍ଦରମ୍।

ନିଆଳି, କଟକ, ମୋ-୯୯୩୭୮୪୦୩୮୭

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୪

- କେ.ଏନ୍. ଛିବେର ପଞ୍ଜାବର ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ର ପ୍ରଶାସକ ଭାବେ ଶପଥ ନେଲେ।
- ହଂକଂରେ ରାଜନୈତିକ ସଂସ୍କାର ପରେ ଏଠାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କାର୍ଯ୍ୟ ଆରମ୍ଭ।
- ନାଗାଲାଣ୍ଡର ଶିକ୍ଷା, କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଆଇ. ଇମକଙ୍ଗେ ଗିରଫ।



ବଡ଼ ମାଛ ଧରିବାକୁ ହେଲେ ବନ୍ଶି ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - ଶ୍ରୀ ରାମକୃଷ୍ଣ ପରମହଂସ



## ଭାରସାମ୍ୟ ହରାଇ ଓଲଟିଲା ଟେମ୍ପୋ

କୋଲାବିରା,୧୮।୯ ( ଡି.ଏନ.ଏ)
କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ନିକଟରେ ଏକ ମାଲବାହୀ ଟେମ୍ପୋ ଭାରସାମ୍ୟ ହରାଇ ବିଲକୁ ଖସି ପଡ଼ିଥିଲା। ଏଥିରେ ବସିଥିବା ଦୁଇଜଣ ବ୍ୟକ୍ତି ସାମାନ୍ୟ ଆହତ ହୋଇଛନ୍ତି। ଉକ୍ତ ଟେମ୍ପୋ ଲଇକେରା ପଟୁ କତରବଗାକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।



ବିଲକୁ ଖସି ପଡ଼ିଥିବା ଟେମ୍ପୋ।

■ ଲୁହାଛଡ଼ ବୋଝେଇ ଟ୍ରକ୍ ଲୁଟ୍ ଘଟଣା

# ବିହାରରୁ ଟ୍ରକ୍ ଚାଳକ ସମେତ ୨ ଗିରଫ

■ଉତ୍ତରପ୍ରଦେଶରୁ ୧୭ମେଟ୍ରିକ ଟନ୍ ଲୁହାଛଡ ଜବତ
■ଅଭିଯୁକ୍ତ ଟ୍ରକ୍ ମାଲିକ ଫେରାର

ଝାରସୁଗୁଡା ଅଫିସ୍/ଲଖନପୁର, ୧୮।୯(ଡି.ଏନ୍.ଏ.)

ଲୁହାଛଡ ବୋଝେଇ ଟ୍ରକ୍ ଲୁଟ୍ ଘଟଣାରେ ବଡମାଳ ଥାନା ପୋଲିସ୍ ଟ୍ରକ ଚାଳକ ଓ ଲୁହାଛଡ କିଣିଥିବା ବ୍ୟକ୍ତିଙ୍କୁ ବୁଧବାର ବିହାରରୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଟ୍ରକ୍ ଚାଳକ ମହମ୍ମଦ ସୁହାଇଲ୍ ଅହମ୍ମଦ ଓ ପଙ୍କଜ କୁମାର ସିଂହ । ସେହିପରି ପୋଲିସ ଉତ୍ତରପ୍ରଦେଶରୁ ୧୭ମେଟ୍ରିକ୍ ଟନ୍ ଲୁହାଛଡ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଟ୍ରକ୍ ମାଲିକ ଫେରାର ଅଛନ୍ତି । ଏ ନେଇ ଏସ୍‌ଏମ୍‌ସି କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ବଡମାଳ ପୋଲିସ ଏକ ମାମଲା (ନଂ.୧୪୭/୧୯) ରୁଜୁ କରି ତଦନ୍ତ ଚଳାଇଛି ।

ସୂଚନା ଅନୁସାରେ, ଗତ ୧ତାରିଖରେ ଝାରସୁଗୁଡା ହିର୍ମା ସ୍ଥିତ ଏସ୍‌ଏମ୍‌ସି ପ୍ଲାଣ୍ଟରୁ ୨୮ ମେଟ୍ରିକ୍ ଟନ୍ ଲୁହାଛଡ ବୋଝେଇ କରି ଦାମୋଦର ନାଥ ଇଣ୍ଟରପ୍ରାଇଜେସ୍‌ର ଏକ ଟ୍ରକ୍ ଉତ୍ତରପ୍ରଦେଶ ଅଭିମୁଖେ ବାହାରିଥିଲା। ଭାରତ ଟ୍ରାନ୍ସପୋର୍ଟ ଜରିଆରେ ଏହା ଯାଉଥିଲା। ସେଠାରେ ଏହା ଗତ ୯ତାରିଖରେ ପହଞ୍ଚିବା କଥା । କିନ୍ତୁ ବିଳମ୍ବ ହେବାରୁ ଏ ନେଇ ଭାରତ ଟ୍ରାନ୍ସପୋର୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲା । ପରେ ଏସ୍‌ଏମ୍‌ସି କର୍ତ୍ତୃପକ୍ଷ ଗତ ୧୨ତାରିଖରେ ବଡମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।


ବିହାରରୁ ଗିରଫ ହୋଇଥିବା ୨ ଅଭିଯୁକ୍ତ ।

ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡାଙ୍କ ନେତୃତ୍ୱରେ ଏକ ପୋଲିସ୍ ଟିମ୍ ବିହାର ଓ ଉତ୍ତରପ୍ରଦେଶ ଯାଇ ସମ୍ପୃକ୍ତ ଟ୍ରକ୍ ଚାଳକ ଓ ଲୁହାଛଡ କିଣିଥିବା ବ୍ୟକ୍ତିଙ୍କୁ ଗିରଫ କରିଥିଲା। ପୋଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ ସ୍ଥାନୀୟ କୋର୍ଟରେ ହାଜର କରି ୩ ଦିନିଆଁ ରିମାଣ୍ଡରେ ଝାରସୁଗୁଡା ଆଣୁଥିବା ଜଣାପଡିଛି । ଏଥିରେ ସମ୍ପୃକ୍ତ ଥିବା ଟ୍ରକ୍ ମାଲିକ ଲୁହାଛଡ ବିକ୍ରିକରି ବମ୍ବେ ଚାଲିଯାଇଥିବା ପୋଲିସ୍ ତଦନ୍ତରୁ ଜାଣିପାରିଛି । ଶୀଘ୍ର ଫେରାର୍ ଟ୍ରକ୍ ମାଲିକଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି ।

■ପ୍ରଶାସନର ବିଚିତ୍ର ନୀତି

# ଅନ୍ୟ ୱାର୍ଡକୁ ଗଲେ ଦେବେ ଟୋଲ୍ ଫି

ବ୍ରଜରାଜନଗର, ୧୮।୯ (ଡି.ଏନ.ଏ)

ଜାତୀୟ ରାଜପଥ ୪୯ ନୂଆଡ଼ିହିଠାରେ ପ୍ରସ୍ତାବିତ ଟୋଲ୍ ଗେଟ ନିର୍ମାଣ କରାଯାଉଥିବା ସମୟରେ ଜିଲା ପ୍ରଶାସନ କଣ କରୁଥିଲା। ପ୍ରାରମ୍ଭିକ ତଥ୍ୟ କେଉଁ ଆଧାରରେ ଦିଆଯାଇଥିଲା, ଟୋଲ୍ ଗେଟ ନିର୍ମାଣ ସମୟରେ କାହିଁକି ବନ୍ଦ କରାଗଲା ନାହିଁ ଭଳି ବର୍ତ୍ତମାନ ନାନା ବିରୋଧର ସମ୍ମୁଖୀନ ହେଉଛି ଜିଲା ପ୍ରଶାସନ। ବ୍ରଜରାଜନଗର ପୌର ପରିଷଦର ୨୨ ନମ୍ବର ୱାର୍ଡରେ ରହିଛି ଗଣ୍ଡଘୋରା ଓ ଖଲିଆକାନୀ ଗ୍ରାମ। ସେହିପରି ୱାର୍ଡ ନଂ. ୨୩ରେ ରହିଛି ନୂଆଡ଼ିହି ଗ୍ରାମ। ଏହି ଦୁଇ ୱାର୍ଡ ମଝିରେ ଜାତୀୟ ରାଜପଥର ପ୍ରସ୍ତାବିତ ଟୋଲ୍ ଗେଟ୍। ଯଦି ଜଣେ ୨୨ ନମ୍ବର ୱାର୍ଡରୁ ୨୩ ନମ୍ବର ୱାର୍ଡକୁ ଯିବ ତାହେଲେ ତାକୁ ଟୋଲ୍ ଫି ଦେବାକୁ ପଡିବ। ଏହା କେତେଦୂର ସମୀଚୀନ ତାକୁ ନେଇ ବୁଦ୍ଧିଜୀବୀ ମହଲରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କର ମତ ସରକାରଙ୍କୁ ଯଦି ଟଙ୍କା ଦରକାର ଆମେ ଏଠାକାର ବାସିନ୍ଦା ଦେବାକୁ ପ୍ରସ୍ତୁତ ଅଛୁ। ହେଲେ ପ୍ରଥମେ କୋଲ୍ କରିଡର କରାଯାଉ, ରାସ୍ତାକୁ ଚାରି ଥାକିଆ କରାଯାଉ, ଇବ୍ ନଦୀରେ ଦ୍ୱିତୀୟ ସେତୁ କରାଯାଉ, ଟ୍ରାଫିକ ସମସ୍ୟାର ସମାଧାନ କରି ଟୋଲ ଆଦାୟ କରାଯାଉ। ଯଦି ଅଞ୍ଚଳବାସୀଙ୍କ ଦାବିକୁ ଅଣଦେଖା କରି ଟୋଲ ଆଦାୟ କରାଯାଏ ଓ ଏଥିପାଇଁ କିଛି ଅଘଟଣ ଘଟେ ସେଥିପାଇଁ ଜିଲା ପ୍ରଶାସନ ଉତ୍ତରଦାୟୀ ରହିବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି।

## ମୁମୂର୍ଷୁ ଅବସ୍ଥାରେ ବୃଦ୍ଧା ଉଦ୍ଧାର: ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି

ଲଖନପୁର,୧୮।୯(ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନ୍ଧବାହାଲ କଲୋନୀରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଜଣେ ବୃଦ୍ଧାଙ୍କୁ ଉଦ୍ଧାରକରି ସ୍ଥାନୀୟ ଲୋକେ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରଥମେ ବୃଦ୍ଧାଙ୍କ ପରିଚୟ ମିଳି ନ ଥିଲା। ଚିକିତ୍ସା ପରେ ସେ ତାଙ୍କ ନାମ ଗୋଲାପ ବନଛୋର ଓ ସେ ତେଲେନପାଲିର ବାସିନ୍ଦା ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ବୃଦ୍ଧାଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଛି। ବନ୍ଧବାହାଲ ଏମ୍‌ସିଏଲ୍ କଲୋନୀ ବି ୧୦୭ନଂ କ୍ୱାର୍ଟର୍ସରେ ଟିକେଶ୍ୱର ବେହେରା ନାମକ କର୍ମଚାରୀ ରହୁଛନ୍ତି। କ୍ୱାର୍ଟର୍ସ ମାଲିକ ବେହେରା ତାଲାପକାଇ ସପ୍ତାହେ ହେଲା ଛୁଟିରେ ଗାଁକୁ ଯାଇଥିଲେ। ବୁଧବାର ସେ ଗାଁରୁ ଫେରିବା ପରେ ଦେଖିବାକୁ ପାଇଥିଲେ ଯେ କ୍ୱାର୍ଟର୍ସକୁ ଲାଗି ରହିଥିବା ଗ୍ୟାରେଜ ନିକଟରେ ଜଣେ ବୃଦ୍ଧା ମୁମୂର୍ଷୁ ଅବସ୍ଥାରେ ପଡିରହିଛନ୍ତି। ଘଟଣା ସମ୍ପର୍କରେ କ୍ୱାର୍ଟର୍ସ ମାଲିକ ବେହେରା ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ନାୟକଙ୍କୁ ଜଣାଇଥିଲେ। ସରପଞ୍ଚ ନାୟକ, ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ଷଡଙ୍ଗୀ ଓ କ୍ୱାର୍ଟର୍ସ ମାଲିକ ବେହେରା ବୃଦ୍ଧାଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରଖାନାରେ ବୃଦ୍ଧାଙ୍କ ଚିକିତ୍ସା ଜାରି ରହିଛି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ବୃଦ୍ଧାଙ୍କ ଚିକିତ୍ସା ଚାଲିଛି।

# ଜବରଦଖଲକୁ ନେଇ ଅଡୁଆରେ ବସ୍ତିବାସୀ

ବ୍ରଜରାଜନଗର, ୧୮।୯ (ଡି.ଏନ.ଏ)

ବ୍ରଜରାଜନଗର ଥାନା ଅନ୍ତର୍ଗତ ୧୭ ନମ୍ବର ୱାର୍ଡର ନୂଆପଡ଼ାରେ ବାସ କରୁଥିବା ଜଣେ ବ୍ୟକ୍ତି ୯ ଏକର ସରକାରୀ ଜମିକୁ ଜବରଦଖଲ କରି ୨୦ ପରିବାରକୁ ହଇରାଣ କରୁଛନ୍ତି। ଏହି ଗରିବ ପରିବାର ସଦସ୍ୟମାନେ ସ୍ଥାନୀୟ ଆର୍‌ଆଇ, ତହସିଲଦାର, ଥାନା କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଁ ନିରାଶ ହୋଇଛନ୍ତି।

ସୂଚନାନୁସାରେ ନୂଆପଡା ଗ୍ରାମର ଜଣେ ବ୍ୟକ୍ତି ପଡ଼ାର ତଳମୁଣ୍ଡରେ ୫ ଡେସିମିଲ ଜାଗାରେ ଘର କରି ରହିଥିଲେ। ପରେ କିଛି ଅସାଧୁ ସରକାରୀ କର୍ମଚାରୀଙ୍କୁ ହାତକରି ପ୍ରଥମେ ୧୩ ଏକର ଜାଗା ଅବରୋଧ କଲେ। ସମସ୍ତେ ଏହାର ବିରୋଧ ହେବାରୁ ସେ ୯ ଏକର ଜାଗା ଅବରୋଧ କରି ସେଥିରେ ପାଚେରି ଦେଇଛି। ପାଖରେ ନୂଆପଡ଼ା ବସ୍ତି ଅବରୋଧ କରିଥିବା ଜାଗାରେ ପୂର୍ବରୁ ବସ୍ତିର ମହିଳାମାନେ ଶୌଚ ପାଇଁ ବ୍ୟବହାର କରୁଥିଲେ। ଏ ସମ୍ବନ୍ଧରେ ସେମାନେ ବହୁବାର ପୋଲିସକୁ ଜଣାଇଛନ୍ତି। ହେଲେ ବସ୍ତିବାସୀ କୌଣସି ସୁଫଳ ପାଉ ନାହାଁନ୍ତି। ସରକାରୀ ନିୟମାନୁସାରେ ଯାହାର ଜମି ନାହିଁ, ସେ ୪ ଡେସିମିଲ ଜାଗାରେ ଘର କରି ରହିପାରିବ। ଜଣେ ଲୋକ କିପରି ୯ ଏକର ଜମି ଜବରଦଖଲ କଲା ଓ ପ୍ରଶାସନ କିଭଳି ତାକୁ ଅନୁମତି ଦେଲା ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ବ୍ରଜରାଜନଗର ଆର୍‌ଆଇଙ୍କୁ ପଚାରିବାରୁ ସେ ଘଟଣା ଉପରେ ଅବଗତ ଅଛନ୍ତି। ତହସିଲଦାରଙ୍କ ନିର୍ଦ୍ଦେଶରେ ଗତ ବର୍ଷ ସେ ବ୍ୟକ୍ତିଙ୍କ ପାଚେରି ଭଙ୍ଗାଯାଇଥିଲା। ସେହି ଜାଗା କିପରି ସରକାରଙ୍କ ହାତକୁ ଆସିବ ସେ ନେଇ ଖୁବ୍‌ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ୧୭୭ ଅନୁଦାନରୁ ବଞ୍ଚିତ ଶିକ୍ଷକଙ୍କ ବୈଠକ

କୋଲାବିରା,୧୮।୯ ( ଡି.ଏନ୍.ଏ.)
କୋଲାବିରା ବ୍ଲକ ସିଂହିବାହାଲ ଅମ୍ବିକା ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷକ ବେଣୁଧର ସାହୁଙ୍କ ଅଧ୍ୟକ୍ଷତାରେ ପଶ୍ଚିମ ଓଡିଶାର ୧୭୭ ଅନୁଦାନରୁ ବଞ୍ଚିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ପୂର୍ବତନ ସରପଞ୍ଚ ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକ ଯୋଗଦେଇ ଶିକ୍ଷକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପୂର୍ବରୁ ଏଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଶିକ୍ଷକମାନେ ନିଜ ହକ୍‌ରୁ ବଞ୍ଚିତ ହେବା ପରିତାପର ବିଷୟ ବୋଲି ସେ କହିଥିଲେ। ଆଗାମୀ ଦିନରେ ସରକାରଙ୍କ ଠାରେ ପୁନଶ୍ଚ ଦାବି ଉପସ୍ଥାପନ କରାଯିବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସମ୍ମାନିତ ଅତିଥି ଭାବରେ ଆଦିକନ୍ଦ ପାଢୀ ଯୋଗଦେଇ ସରକାର ୧୭୭ ଅନୁଦାନକୁ ନେଇ ଚିନ୍ତାଶୀଳ ହେବା ଉଚିତ୍ ଏବଂ ଏଥିରୁ ବଞ୍ଚିତ ଥିବା ଶିକ୍ଷକମାନଙ୍କୁ ଯଥାଶୀଘ୍ର ସାମିଲ କରିବା ପାଇଁ ସେ ଦାବି ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ମଦନ ମୋହନ ପାଣ୍ଡେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିମାନଙ୍କ ଭିତରେ ଗୁଛାପାଲିର ଆରଏଲ୍‌ପି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ଜୟପୁରିଆ, ଜାମମାଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟାଭାରତୀ ପଟେଲ, ଜାମକାନୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ପାତ୍ର ଏବଂ ଗୁଛାପାଲି ଉଚ୍ଚ ବିଦ୍ୟାଳୟର କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରକାଶ ଚନ୍ଦ୍ର ପଟେଲ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

■ଏକଦିବସୀୟ ଫୁଟବଲ ପ୍ରତିଯୋଗିତା

# ଭାଟଲଇଡ଼ାକୁ ହରାଇ ଲାଙ୍ଗବାହାଲ ବିଜୟୀ

କୋଲାବିରା,୧୮।୯ (ଡି.ଏନ୍.ଏ.)
ବିଶ୍ୱକର୍ମା ପୂଜା ଅବସରରେ ସୋଢ଼ାମାଲ ଗ୍ରାମର ବୀର ବଜରଙ୍ଗ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭାଟଲଇଡ଼ାକୁ ହରାଇ ଲାଙ୍ଗବାହାଲ ବିଜୟୀ ହୋଇଛି। ପିଇଟି ନୀଳ ନାଏକ, ଚନ୍ଦ୍ର କିଷାନ, ସୁଶାନ୍ତ ଓରାମ, ରାଜେଶ ପଟେଲ ଓ ମିତ୍ରଭାନୁ ନାଏକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଲାଙ୍ଗବାହାଲ, କୁଲିହାମାଲ, ଗୁମକାରମା, ରେଙ୍ଗାଲପାଲି, ଭାଟଲଇଡା, ଭୋଇମୁଣ୍ଡା, ମନ୍ତ୍ରୀମୁଣ୍ଡା ଏବଂ ଡେଙ୍ଗସରଗି ଆଦି ଗ୍ରାମର ମୋଟ ୮ଟି ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ ଭାଟଲଇଡା ଏବଂ ଲାଙ୍ଗବାହାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଟଲଇଡାକୁ ୨–୦ରେ ପରାସ୍ତ କରି ଲାଙ୍ଗବାହାଲ ଦଳ ବିଜୟୀ ହୋଇଥିଲା। ଏ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଲାବିରା ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ବାହୁକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୋଢ଼ାମାଲ ସରପଞ୍ଚ ସୁଷମା ବାହୁକ, ଶିବାନନ୍ଦ ସେଠ୍, ଦ୍ୱାରୁ ନାଏକ, ପଙ୍କଜ ସୁନାନୀ, ମକୁନ୍ଦ ସାହୁ, ମୁରଲୀଧର ସାହୁ, ଶିବନାରାୟଣ ପଟେଲ, ଭବାନୀ ଶଙ୍କର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା, ଉପ–ବିଜେତା ଦଳ ସହ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଦେବେନ ବାଦୀ, ରାଜକୁମାର ପଟେଲ, ଚନ୍ଦନ ପଟ୍ଟନାଏକ, ସୁରେନ୍ଦ୍ର ପଟେଲ, ଶିବା ପଟେଲ, ନିରୋଧ କାଲୋ ପ୍ରମୁଖ ବୀରବଜରଙ୍ଗବଳି କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।


ବ୍ଲକ ଅଧ୍ୟକ୍ଷା ବିଜୟୀ ଦଳକୁ ସିଲ୍ଡ ଦେଇ ସମ୍ମାନିତ କରୁଛନ୍ତି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 134 of 2019
BANK OF INDIA, Berhampur Branch, Berhampur
............Applicant
Versus
Sri Dhirendra Kumar Sethi & another ..........Defendants
To,
1. Sri Dhirendra Kumar Sethi, S/o: Bhikari Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .
2. Mrs Puspa Sethi, W/o: Dhirendra Kumar Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No 134 of 2019 in the court of the Debts Recovery Tribunal, Cuttack for recovery of Rs.15,31,900/- only together with current and future interest, costs and other reliefs. The above referred defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 07.11.2019 at 10.30 a.m as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this 17th day of SEPTEMBER, 2019 .
Sd/-
REGISTRAR
(M. K. PATNAIK)

GOVERNMENT OF ODISHA
Office of the Project Administrator, ITDA, Th.Rampur at - Bhawanipatna
e-Procurement Notice
Letter No.1391 Date: 17.09.19
The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).
1. No. of works: 15.
2. Nature of work : Civil construction
3. BID identification No. : ITDA,THR/01/2019-20
4. Date and Time of availability of Bid document in portal: from 10.00 A.M. of 20.09.2019 to 01.10.2019 up to 5.00 PM for online biding.
5. Last date & time for receipt of BIDs in portal: 01.10.2019 up-to 5.00 P.M.
6. BIDs received online shall be opened on: 04.10.2019 at 11.00 A.M.
7. Name and address of the officer : Project Administrator, ITDA, Th. Rampur at Bhawanipatna
Sd./- Project Administrator
ITDA, Th. Rampur,
Bhawanipatna

No. 42-F:
ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ବୋକ ଓ ଆବାଦୀ ଜମିରେ ନ୍ୟାୟସଙ୍ଗତ ଭାବରେ ବସବାସ କରୁଥିବା ଲୋକଙ୍କ ପାଇଁ ବିଶେଷ ସୂଚନା
ଜମି ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ବୃଦ୍ଧି
ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ବୋକ କିମ୍ବା ଆବାଦୀ ଜମିରେ ଯଦି ଆପଣ ତା୨୬ ଫେବୃୟାରୀ, ୨୦୦୬ରିଖ ପୂର୍ବରୁ ଆଇନାନୁମୋଦିତ ଭାବେ ବାସ କରୁଥିବେ, ତେବେ ଆପଣ ଏହି ଜମିକୁ ନିଜ ନାମରେ ରୟତି ସ୍ୱତ୍ୱରେ ରେକର୍ଡ କରିପାରିବେ। ଏହାଦ୍ୱାରା ପୁରୁଷାନୁକ୍ରମିକ ଭାବରେ ବିନା ବାଧାରେ ଭୋଗ କରିପାରିବେ ଓ ଜମି ହସ୍ତାନ୍ତରଯୋଗ୍ୟ ହୋଇପାରିବ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାର ଉପରୋକ୍ତ କିସମର ଜମିର ରୟତି ସ୍ୱତ୍ୱରେ ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ତା୩୧ ମାର୍ଚ୍ଚ, ୨୦୨୦ରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।
ଆବେଦନ ଫର୍ମ, ଯୋଗ୍ୟତା ଓ ସମ୍ପୂର୍ଣ୍ଣ ପ୍ରଣାଳୀ ଜାଣିବା ପାଇଁ ଆପଣଙ୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବା ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।
24001/11/0153/1920

# ବୁଢ଼ି ମା'ର ଉପରେ ଯୁଆନ ଝି'ର ବୋଝ୍

ମନମୁଣ୍ଡା, ୧୮।୯ (ଡି.ଏନ୍.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଁଚେତ୍ ରାବିଡ଼ି ଗାଁର ସ୍ୱର୍ଗତ ପୀତବାସ ନାଏକ ଆର ପାନବୁଡ଼ି ନାଏକ(୭୦)କଁର ସାନ ଝି' ହେଉଛନ୍ତି କୁନ୍ତି ନାଏକ(୩୦)। ଛୋଟବେଲେ କୁନ୍ତିର ମୁହେଁ ଗୁଟେ ଛୋଟ ଆବୁ ହେଇଥିଲା। ପରିବାର ଲୋକ୍ ଗାଁରେ ଚେରମୂଳି ଚିକିଛା କଲେ। ହେଲେ କିଛି ଲାଭ୍ ନାଇଁ ହେଲା। ଦିନୁଦିନ୍‌କେ ସେଟା ବଢ଼ତେଲ ଗଲା। ଏନ୍‌ତାଥି କୁନ୍ତି ଲାଜେ ସ୍କୁଲ ଯିବାର ବଁଦ୍ କରିଦେଲେ। ଏହେଦେ ଅଭାବ ଅନାଟନ ଲାଗି ନିସାହା ବିଧବା ପାନବୁଡ଼ି ଝି'ର ଚିକିଛା କରେଇ ନାଇଁପାରବାର।

ସୂଚନା ଅନ୍‌ସାରେ ରାବଡ଼ି ଗାଁର ବିଧବା ମହିଲା ପାନବୁଡ଼ି ନାଏକକଁର ପରିବାର କହେଲେ ୩ ଝି'କୁ ନେଇ ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ପାନବୁଡ଼ି କୁଲିମଜୁରି କରି କୁଟୁମ ପୁଷୁଛନ୍। ଆଏଜ୍‌କେ ୫ ବଛର ତଲେ ଆପ୍‌ନେ ପୀତବାସ ନାଏକ ଆରପାରକେ ଚାଲିଯାଇଛନ୍। ପାନବୁଡ଼ି ଦୁଖ୍‌ସୁଖ କରି ଦୁଇ ବଡ଼ ଝି'କେ ବିହାବୁରା କରବାର ସଂଗେ ସାନ୍ ଝି'ର ବୋଝ୍ ଉଠଉଛନ୍। ଅଭାବ ଅନାଟନ ଲାଗି ପରିବାରଟା ଗୁଟେ ଦଦ୍‌ରା କୁରିଆରେ ରହୁଛନ୍। ଏନ୍‌ତା ଦରିଦ୍ରିଆ ପରିସ୍ଥିତିରେ ପାନବୁଡ଼ି ଝି'ର ଉଚ ଚିକିଛା କରେଇ ନାଇଁପାରବାର। ଇଆଡ଼େ କୁନ୍ତିର ଆବୁ ନାକ୍‌କେ ଢାପି ଗୁଁଡ୍ ମୁଜିଦେବାର ଉପରେ ରହିଛେ। ବଛର କେତେ ଆଗରୁ ପାନବୁଡ଼ି ଘରର ଜିନିଷପତର ବିକାଭଂଗା ସଂଗେ ଧାରଉଧାର କରି କୁନ୍ତିକେ ଚିକିଛା ଲାଗି ବଲାଙ୍ଗୀର ଆର ବୁର୍ଲା ବଡ଼ ଡାକ୍‌ତରଖାନାକେ ନେଇଥିଲେ। ହେଲେ ସେଠାନେ



ମା' ପାନବୁଡ଼ି ସଂଗେ କୁନ୍ତି।

ଚିକିଛା କରାବାର ତ ଦୂରର କଥା, ଖାଏବାର ପିଇବାର ଲାଗି ଟଁକା ଅଭାବ୍ ପଡ଼ଲାରୁ ମା'ଝି ମୁହୁଁକାନ ଶୁଖେଇ ଘରକେ ଫିରି ଆଏଲେ। ଏହେଦେ ପାନବୁଡ଼ିକଁର ବଏସ୍ ଅଧିକା ହେବାର ଲାଗି ସେ ଆଘର ଲେଖେଁ କାମ୍‌ବୁତା କରି ନାଇଁପାରବାର। ଇଆଡ଼େ କୁନ୍ତି ନିଜର ଦୁରଦଶାର ଲାଗି ଘରୁ ଭଟାକେ ଗୋଡ୍ ନାଇଁ କାଢ଼ବାର। ଏହେଦେ ମା'ଝି'ର ଅବସ୍‌ତା ଏନ୍‌ତା ଯେ, ଗାଁରେ ଖାପ୍‌ପଡ଼ିଶାକରନୁ ମାଗିଯାଚି ଚଲୁଛନ୍ ଆର ଭଗବାନ ଭରସାରେ ଘରେ ପଡ଼ିରହିଛନ୍। କୁନ୍ତିର ଏନ୍‌ତା ଅବସ୍‌ତା ଲାଗି ସେ ଅବିହାରି ହେଇ ବୁଢ଼ି ମା'ର ଉପରେ ବୋଝ୍ ପାଲଟିଯାଇଛନ୍। ଏନ୍‌ତାଥି ପାନବୁଡ଼ି ଗଣମାଧ୍ୟମ ଜରିଆରେ ଜିଲା ପରଶାସନ ଆର ଜିଲା ସୁଆସ୍‌ତିଅ ବିଭାଗକେ ଚିକିଛା ସାହାୟ୍ ଲାଗି ଆକୁଳବିକୁଳ ହେଇ ନିବେଦନ କରିଛନ୍। ସରକାର ସାହାୟ୍ କରି ମୋର ଝି'ର ଅପରେଶନ କରେଇଦେଲେ ସେ ନୁକୋ ହେଇଯାଏତା। ମୋତେ ଆର ଉନିଆ କିଛି ବାଟ ନାଇଁ ଦିଶବାର ବଲି ପାନବୁଡ଼ି କହିଛନ୍। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖିକର ଚିକିଛା ସୁବିଧା ଲାଗି ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଁକା ସାରୁଛନ୍। ଜିଲା ପରଶାସନ ଇ ନିସାହା କୁନ୍ତିର ଉପରେ ଦୁରୁଷ୍ଟି ଦେଇ ଚିକିଛା ସାହାୟ୍ ଯୁଗେଇ ଦେବାକେ ମନମୁଣ୍ଡା ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ, ସ୍ଥାନୀୟ ଶିକ୍ଷକ ପ୍ରହ୍ଲାଦ ଭୋଇ, ଭଗତ କହଁର, ବିହାରୀ ପ୍ରଧାନ, କାର୍ତ୍ତିକ ମହାକୁଡ଼, ୱାର୍ଡ ମେମର ଢୁଗୁରୁ କର୍ମୀ, ଲୋକନାଥ ସେଠୀ, ରଙ୍କନିଧି ପ୍ରଧାନ ପରମୁଖ ନିବେଦନ କରିଛନ୍।

**ଚିକିଛା ଲାଗି ଟଁକା ଅଭାବ୍**
- ରୋଗ୍ ଲାଗି ପାଠ୍‌ପଢ଼ା ଛାଡ଼ଲେ କୁନ୍ତି
- ନିଶାସ୍ ପରଶାସ୍ ନେଲାବେଲେ ଦୁଖ୍ ପାଉଛନ୍
- ୫ ବଛର ତଲେ ବାପ୍ ଆରପାରକେ ଚାଲିଯାଇଛନ୍
- ଭଗବାନ ଭରସାରେ ଦଦ୍‌ରା ଘରେ ପଡ଼ି ରହିଛନ୍ ମା'ଝି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଂଝ ଗାଈଠାରୁ ଲୋଡେ ଗୋରସ**
**ବରଗୀଠାରୁ ଦୟାକରେ ଆଶ**
**ବେଶ୍ୟାଠାରୁ ଯେ ସ୍ନେହ କରେ ଆଶା,**
**କହେ ଦନାଇ ଏ ଫସରଫସା ।**

ବାଛୁରୀ ଜନ୍ମ ନ କଲା ପର୍ଯ୍ୟନ୍ତ ଗାଈ କ୍ଷୀର ଦେଇ ପାରି ନ ଥାଏ। ମରହଟ୍ଟାବର୍ଗୀମାନେ ଅତ୍ୟନ୍ତ କଠୋର, ପରାକ୍ରମୀ। ତାଙ୍କଠାରୁ ଦୟା ଆଶା କରିବା ବୃଥା। ବିଟପୀ ନାରୀ ମନରେ ସ୍ନେହ, ଭଲ ପାଇବା ନ ଥାଏ। ସେମାନେ କେବଳ ଧନ ଚାହିଁ ଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ବାଟରେ ଦେଖିଲି କମାର,**
**ଫାଳ ପଜେଇ ଦେ ଆମର ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶାଥାଏ ତାଙ୍କୁ ଦେଖିବାମାତ୍ରେ କିଛି ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଜିଗର କରିଥାନ୍ତି। କରିବା ଲୋକ ତ ହାବୁଡେ ପଡ଼ିଗଲା, କାମଟା କରେଇ ନବା ଚକ୍କରରେ ରହିଥାନ୍ତି। ସୁବିଧାଦେଖି କାର୍ଯ୍ୟ ହାସଲ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ସ୍ୱଚ୍ଛ ଷ୍ଟେଶନ କାର୍ଯ୍ୟକ୍ରମ, ସମ୍ବଲପୁର ରେଳ ଷ୍ଟେଶନ, ପୂର୍ବାହ୍ନ ୧୦ଟା।

**ଟିଟିଲାଗଡ**
- ବିଜୁ ଯୁବ ବାହିନୀର ବୃକ୍ଷରୋପଣ କାର୍ଯ୍ୟକ୍ରମ, ମିନି ଷ୍ଟାଡିୟମ ପରିସର, ସକାଳ ୭।୩୦।

**ଦେବଗଡ଼**
- ବିଶ୍ୱକର୍ମା ପୂଜା ଅବସରରେ ଭଜନ ସନ୍ଧ୍ୟା, ଆର ଆଣ୍ଡ ବି କାର୍ଯ୍ୟାଳୟ, ସନ୍ଧ୍ୟା ୬ଟା।
- କୃଷକ ତାଲିମ ଶିବିର, ଝରାଗୁଗୁଆ, ତିଲେଇବଣି, ସକାଳ ୧୦ଟା।

**କେସିଙ୍ଗା**
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଭୂମିପୂଜନ, ପାଷ୍ଟିଗୁଡ଼ା ଗ୍ରାମପଞ୍ଚାୟତ ନାସିଗାଁ। ପୂର୍ବାହ୍ନ ୧୦.୩୦।

**ଅମରପାଲି**
- ବିଦ୍ୟୁତ୍ ଗ୍ରୀଡ ଅଫିସ, ଗାଡି ଚାଳକ ସଂଘର ବିଶ୍ୱକର୍ମା ଭସାଣୀ, ବୀରମହାରାଜପୁର, ଅପରାହ୍ନ ୨ଟା।

ଗଣବଳାତ୍କାର ମାମଲା

## ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

ଫୁଲବାଣୀ ଅଫିସ, ୧୮।୯

କନ୍ଧମାଳ ଜିଲା ଖଜୁରିପଡା ଥାନା ଅଞ୍ଚଳରେ ୨୦୧୫ରେ ହୋଇଥିବା ଏକ ଗଣବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଫୁଲବାଣୀ ଅତିରିକ୍ତ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟ ବିଚାରପତି ସମରବିଳାସ ବେହେରା ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡା ଥାନା କୁକୁଡ଼କୁମ୍ପାର ଦଶରଥ ସେଠୀ ଓରଫ ବୁଲୁ ।

ଖଜୁରିପଡ଼ା ଥାନା ଅଞ୍ଚଳର ନାବାଳିକା ଜଣଙ୍କ ୨୦୧୫ ଅଗଷ୍ଟ ୨୯ ତାରିଖ ରାତି ପ୍ରାୟ ୧୧ଟାରେ ଘର ପାଖ ପଡ଼ିଆକୁ ଶୌଚ ହେବାକୁ ଯାଇଥିଲେ। ଫେରିବା ବେଳେ ପଡ଼ିଆ ପାଖ ଏକ ଗଛ ମୂଳରେ ଠିଆ ହୋଇଥିବା ଦଶରଥ ଓ ତାଙ୍କ ସହଯୋଗୀ ନାବାଳିକାଙ୍କ ପାଟିକୁ ବନ୍ଦ କରି କିଛି ଦୂର ନେଇ ଯାଇଥିଲେ। ଏକ ଗଛ ମୂଳକୁ ନେଇ ସେଠାରେ ଦଶରଥ ନାବାଳିକାଙ୍କୁ ବଳାତ୍କାର କରିଥିବା ବେଳେ ସହଯୋଗୀ ଜଣକ ତାଙ୍କୁ ସହଯୋଗ କରିଥିଲେ । ଘଟଣା ବିଷୟରେ ଅନ୍ୟ କାହାରିକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏପଟେ ଝିଅ ନ ଫେରିବାରୁ ମା' ଏବଂ ଭଉଣୀ ପଡିଆ ଆଡ଼େ ଖୋଜିବାକୁ ଯାଉଥିବା ବେଳେ ଅଭିଯୁକ୍ତଦ୍ୱୟ ଫେରାର ହୋଇଯାଇଥିଲେ । ନାବାଳିକା ଅସୁସ୍ଥ ଥିବାରୁ ସେ ଘଟଣାର ୨ ଦିନ ପରେ ଅର୍ଥାତ୍ ୩୧ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ନଂ.୯୫/୧୫ରେ ମାମଲା ରୁଜୁ କରି ଦଶରଥଙ୍କୁ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ଜଣକ ଏବେ ବି ଫେରାର ଅଛନ୍ତି। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀ ପ୍ରସଙ୍ଗ

## ୩.୪୧ଲକ୍ଷ ନୁହେଁ କେବଳ ୩୨ହଜାର

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା 'କାଳିଆ' ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା ୩.୪୧ଲକ୍ଷ ନୁହେଁ ବରଂ ୩୨ ହଜାର ବୋଲି କୃଷି ବିଭାଗ ପକ୍ଷରୁ ବୁଧବାର ସ୍ପଷ୍ଟୀକରଣ ଦିଆଯାଇଛି। ୩୨ହଜାର ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୨୦,୦୦୦ ସରକାରୀ କର୍ମଚାରୀ ଏବଂ ୧୨,୦୦୦ ବଡ଼ଚାଷୀ ଅଛନ୍ତି। ଏହା ମୋଟ ସହାୟତା ପାଇଥିବା ୫୧.୦୫ଲକ୍ଷ ଚାଷୀ ସଂଖ୍ୟାର ଏକ ପ୍ରତିଶତରୁ କମ୍ ଅଂଶ। ଏମାନଙ୍କଠାରୁ ଟଙ୍କା ଫେରସ୍ତ ପାଇଁ ବ୍ୟବସ୍ଥା କରାଯିବ ବୋଲି କୃଷି ବିଭାଗ ସ୍ପଷ୍ଟୀକରଣ ଦେଇଛି। ଏପରି କି ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଟଙ୍କା ଫେରସ୍ତ ପାଇଁ ପଦକ୍ଷେପ ନିଆଯାଉଥିବା ମତ ଦେଇଥିଲେ। କୃଷି ମନ୍ତ୍ରୀ ଅରୁଣ ସାହୁ ମଙ୍ଗଳବାର ରାଜ୍ୟର ପ୍ରାୟ ୩.୪୧ଲକ୍ଷ ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଥିବା ନେଇ ସୂଚନା ଦେବା ପରେ ଯୋଜନାର କାର୍ଯ୍ୟକାରିତାକୁ ନେଇ ବିରୋଧୀ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଥିଲା।

ହିତାଧିକାରୀଭାବେ ସହାୟତା ଲାଭ କରିଥିବା ୯୯ ପ୍ରତିଶତ ଚାଷୀ ଯୋଗ୍ୟ ବୋଲି ପ୍ରମାଣିତ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଯାଞ୍ଚ ସମୟରେ ପ୍ରାୟ ୩ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କ ପରିବାରର ଏକାଧିକ ସଦସ୍ୟ(ଏପରି କି ନାବାଳକ/ନାବାଳିକା) ମଧ୍ୟ ସହାୟତା ରାଶି ପାଇଥିବା ଜଣାପଡ଼ିଛି। ଏମାନେ ପ୍ରକୃତ ପକ୍ଷେ ଅଯୋଗ୍ୟ ହିତାଧିକାରୀ ନୁହନ୍ତି ବୋଲି କୃଷି ବିଭାଗ ସ୍ପଷ୍ଟ କରିଛି। ହେଲେ କାଳିଆ ଯୋଜନାରେ ଏକ ପରିବାରରୁ କେବଳ ଜଣେ ମାତ୍ର ସହାୟତା ପାଇ ପାରିବାର ନିୟମ ରହିଛି। ତେଣୁ ଏପରି ସ୍ଥିତିରେ ଉକ୍ତ ପରିବାରର ଜଣଙ୍କୁ ଯୋଗ୍ୟ ବିବେଚନା କରି ଅନ୍ୟମାନେ ପାଇଥିବା ରାଶିକୁ ପରବର୍ତ୍ତୀ କିସ୍ତି ସ୍ୱରୂପ ବ୍ୟବସ୍ଥିତ(ଆଡଜଷ୍ଟ) କରାଯିବ ବୋଲି କୁହାଯାଇଛି। ଅଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ସରକାର ଅନୁରୋଧ କରିଥିଲେ। ଏହାପରେ ସହାୟତା ରାଶି ତାଲିକାରୁ ନିଜ ନାମକୁ ବାଦ୍ ଦେବା ପାଇଁ ପ୍ରାୟ ଏକଲକ୍ଷ ବ୍ୟକ୍ତି ନାଲି ଫର୍ମ ପ୍ରଦାନ କରିଛନ୍ତି। ଏଥିସହିତ ୨୦୦୦ ହିତାଧିକାରୀ ସ୍ୱତଃପ୍ରବୃତ୍ତ ଭାବେ ଫେରାଇବା ପାଇଁ ଆବେଦନ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ୧୨,୦୦୦ ବଡ଼ଚାଷୀ, ୯୦୦୦ ନାବାଳକ ଏବଂ ପ୍ରାୟ ୨୦,୦୦୦ ସରକାରୀ କର୍ମଚାରୀ ଏହି ସହାୟତା ପାଇଥିଲେ। ଅନୁରୂପଭାବେ ଗୋଟିଏ ଗୋଟିଏ ମନୋନୀତ ପରିବାରର ୩ ଲକ୍ଷ ହିତାଧିକାରୀ ଏକାଧିକ ବ୍ୟକ୍ତି ଦର୍ଶାଇ କାଳିଆ ସହାୟତା ନେଇ ସାରିଛନ୍ତି। ଏହିପରି ଭାବେ ରାଜ୍ୟର ପ୍ରାୟ ୩ ଲକ୍ଷ ୪୧ ହଜାର ଅଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସହାୟତା ପାଇଥିବା ମନ୍ତ୍ରୀ ମଙ୍ଗଳବାର କହିଥିଲେ।

**ଫେରସ୍ତ ପାଇଁ ପଦକ୍ଷେପ ନିଆଯିବ: ମୁଖ୍ୟମନ୍ତ୍ରୀ**


# CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

EDUCATION

BUSINESS

ADMISSION OPEN
MAA TARA TARINI SCHOOL OF NURSING, Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ ।
20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Reg. No. - U6519TN198PLC00855)
ମାର୍କଶିଟ୍. ପ୍ରପର୍ଟି. ପର୍ସନାଲ. ଗ୍ରୁପ୍. ବ୍ୟବସାୟ ।
ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ । 2% ସୁଧ 40% ରିହାତି।
7310644620
9499439810
VISHAL ENCLAVE, M. ROAD, UP

KUBER FINANCE
Kuber ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, କୃଷି ଆଧାରକାର୍ଡ ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ମାତ୍ର ୧ ଦିନରେ, 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8146524009
8146359004

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University UGC & NCTE Approved Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
GOVT. APPROVED ପଞ୍ଜୀକୃତ କମ୍ପାନୀ
GLOBAL TOWER
ନିଜର ଖାଲି ଜମି, ଛାତ, କ୍ଷେତ୍ର, ଫ୍ଲଟ୍‌ରେ ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ ୨୦ ଲକ୍ଷ, ଭଡ଼ା + 75000 + 25,000ର ଅନ୍ୟାନ୍ୟ ସୁବିଧା + ରହିବା ଖାଇବା ଫ୍ରି + ବାଇକ୍
7325835499
B-36/7 A-Block Vijay Enclave Burari New Delhi 74


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବା

- ଭଲ୍‌ଟାୟାର



## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ

ସମ୍ବଲପୁର, ୧୮।୯(ବ୍ୟୁରୋ)

ସମ୍ବଲପୁର ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମୂହିକ ଜନ୍ମ ଦିବସ ଓ ସକରାତ୍ମକ ଚିନ୍ତନ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି ବୋଲି ଆୟୋଜକ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ସମିତି କର୍ମକର୍ତ୍ତା ସୂଚିତ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଝସକେତନ ସାହୁ କଲେଜରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୮।୯ (ବ୍ୟୁରୋ)

ଡା. ଝସକେତନ ସାହୁ କଲେଜରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ସନ୍ଧ୍ୟା ମିଶ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା। ପଶ୍ଚିମ ଓଡିଶା ଟ୍ରାଫିକ ସଂଯୋଜକ ପଦ୍ମଲୋଚନ ଭୋସାଗର ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ନିୟମ ଉପରେ ବୁଝାଇଥିଲେ । ଅଧାପକ ଡ. ଯଦୁମଣି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସେଠ, ଅଧାପିକା ପ୍ରଜ୍ଞା ପଣ୍ଡା ସଚେତନତା ସଭା ପରିଚାଳନା କରିଥିଲେ । ଏହି ଅବସରରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା । ସୁପ୍ରିୟା ବଢ଼େଇ, ସାଗର ନାଥ, ନମିତା ପଧାନ, ଲିଶା ନାଥ, ଦିପାଞ୍ଜଳି ପଧାନ, ଆଶିଷ ପଧାନଙ୍କୁ ପୁରସ୍କୃତ କରାଯାଇଥିଲା । ରବିନା ବାହୁକ, ଚନ୍ଦ୍ରିକା ବାଗ, ତପସ୍ୟା ଭୋଇ, ଡିଲେଶ୍ୱରୀ ସେଠ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଭୀମଭୋଇ ସାହିତ୍ୟ ସଂସଦରେ ଶୋକସଭା

ସମ୍ବଲପୁର, ୧୮।୯ (ବ୍ୟୁରୋ)

ଭୀମଭୋଇ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭ୍ୟ ବିନୋଦ ବିହାରୀ ନନ୍ଦଙ୍କ ବିୟୋଗରେ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ନୌବିହାର ପ୍ରଧାନଙ୍କ ଅଧକ୍ଷତାରେ ସଭା ହୋଇଥିଲା। ପ୍ରଫେସର ସନ୍ତୋଷ କୁମାର ବିଶ୍ୱାଳ, ଡ. ସହଦେବ ରଥ, ଡ. ଗୋପାଳ କୃଷ୍ଣ ଷଡଙ୍ଗୀ, ଜୟଦେବ ବଗର୍ତ୍ତି, ଲମ୍ବୋଦର ମିଶ୍ର, ଅଭୟ ନନ୍ଦ, ସରୋଜ କୁମାର ପଟ୍ଟନାୟକ ସ୍ୱର୍ଗତ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ ।

### ବୈଦିକ କଲେଜରେ ତାଲା ପକାଯାଉ

ସମ୍ବଲପୁର, ୧୮।୯ (ବ୍ୟୁରୋ)- ସମ୍ବଲପୁର ଶାସନ ଥାନା ଅଧୀନ ପାପପାଲିସ୍ଥିତ ବୈଦିକ କଲେଜରେ ର୍ୟାଗିଂ ଘଟଣା ନିନ୍ଦନୀୟ। ଏଥିରେ କଲେଜ କର୍ତ୍ତୃପକ୍ଷ ସଂଶ୍ଳିଷ୍ଟ ରହିଛନ୍ତି। ଛାତ୍ର ଅଭିଷେକ ମିଶ୍ରଙ୍କୁ ମାଡ ମାରିଥିବା ଅନ୍ୟ ଛାତ୍ରମାନେ ଫେରାର ହୋଇଯାଇଛନ୍ତି। ତେଣୁ ଏହି ଘରୋଇ କଲେଜରେ ଜିଲା ପ୍ରଶାସନ ତାଲା ପକାଇବା ଆବଶ୍ୟକତା ରହିଛି । ବୁଧବାର ବିଜେଡି ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାଶ ଏକ ପ୍ରେସ ବିବୃତିରେ ଏହି ଦାବି କରିଛନ୍ତି ।

### ବୈଦିକ କଲେଜ ଅଧକ୍ଷଙ୍କୁ ଗିରଫ କରାଯାଉ

ସମ୍ବଲପୁର, ୧୮।୯ (ବ୍ୟୁରୋ)- ବୈଦିକ କଲେଜ ଛାତ୍ରଙ୍କୁ ର୍ୟାଗିଂ ଘଟଣା ଅନ୍ୟ ଛାତ୍ରୀଛାତ୍ରଙ୍କୁ ଭୟାତୁର କରିଛି । ତେଣୁ କଲେଜ ଅଧକ୍ଷଙ୍କ ସମେତ ଘଟଣାରେ ସଂଶ୍ଳିଷ୍ଟ ଥିବା ଛାତ୍ରମାନଙ୍କୁ ଗିରଫ କରାଯାଉ । ଏହାହେଲେ ବେସରକାରୀ କଲେଜ ଗୁଡିକରେ ଶାନ୍ତିଶୃଙ୍ଖଳା ବଜାୟ ରହିବ । କଲେଜ ଅଧକ୍ଷଙ୍କ ଜାଣତରେ ସବୁ ହୋଇଥିଲା । ଶିକ୍ଷା ଗ୍ରହଣ କରୁଥିବା ଛାତ୍ରମାନଙ୍କ ପ୍ରତି ଏହା ଖୁଲମଖୁଲା ଅବହେଳା। ଜିଲା ପ୍ରଶାସନ ଓ ରାଜ୍ୟ ସରକାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ବୁଧବାର ଶ୍ରମିକ ନେତା ଗୋକୁଳ ମେହେର, ତପନ ଗୁରୁ, ମହମ୍ମଦ ସନାଉଲ୍ଲା, ମାନଭଞ୍ଜନ ପଶାୟତ, ବିଦେଶୀ ସାନବଡ, ବାଲ୍ମିକି ନାୟକ ମିଳିତ ପ୍ରେସ ବିବୃତିରେ ଏହି ଦାବି କରିଛନ୍ତି ।

### ହୀରାକୁଦ କଲେଜରେ ଆଲୋଚନାଚକ୍ର

ସମ୍ବଲପୁର,୧୮।୯(ବ୍ୟୁରୋ)

ହୀରାକୁଦ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । କଲେଜ ଅଧକ୍ଷା ଜ୍ୟୋତ୍ସ୍ନାମୟୀ ମିଶ୍ର ମୁଖ୍ୟଅତିଥି, ପୂର୍ବତନ ପ୍ରାଧାପକ ପ୍ରଫେସର ଅଶୋକ କୁମାର ବହିଦାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଭାଗୀୟ ଅଧାପିକା ରୋଜାଲିନ ଦେବୀ, ଅଧାପକ ସଞ୍ଜୟ ଜେନା ଓ ମୃତ୍ୟୁଞ୍ଜୟ ମାହାତୋ ମଞ୍ଚ ସଂଯୋଜନା କରିଥିଲେ । ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଅଶ୍ୱିନୀ କୁମାର ସୂପକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସୋମ୍ୟାଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବରଘାଟ ସ୍କୁଲରେ ଶିକ୍ଷକ ନିଯୁକ୍ତି ଘଟଣା

# ଯାହାଙ୍କ ନାଁରେ ଅଭିଯୋଗ, ସେ ହିଁ କରିବେ ତଦନ୍ତ

ସମ୍ବଲପୁର,୧୮।୯ (ବ୍ୟୁରୋ)

**ମାନେଶ୍ୱର ବ୍ଲକ ଶିକ୍ଷା ବିଭାଗ**
- ବରଘାଟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ
- କ୍ଷମତାର ଅପବ୍ୟବହାର କରିଛନ୍ତି ବିଇଓ
- ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ବିବାଦୀୟ
- କେଉଁଠି ପିଲାସଂଖ୍ୟା ତୁଳନାରେ ଶିକ୍ଷକ ଅଭାବ
- ଏଠି ୯ ଛାତ୍ରୀଛାତ୍ରଙ୍କୁ ୪ ଶିକ୍ଷକ

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀ ସନାତନ ବିଶ୍ୱାଳଙ୍କ ନାମରେ ବାରମ୍ବାର ଅଭିଯୋଗ ଆସୁଛି । ହେଲେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଓଲଟା ଅଭିଯୋଗ ଉପରେ ତଦନ୍ତ କରିବାକୁ ବିଇଓ ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଉଛି । ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବରଘାଟ ଗ୍ରାମବାସୀଙ୍କ ଏକ ଅଭିଯୋଗ ଉପରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଗ୍ରାମବାସୀ ଜିଲାପାଳ ଶୁଭମ ସକସେନାଙ୍କୁ ଅଭିଯୋଗ କଲାପରେ ସେ ତଦନ୍ତ ପାଇଁ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଏହାର ତତନ୍ତ ପାଇଁ ଯାହା ନାମରେ ଅଭିଯୋଗ ହୋଇଛି ତାଙ୍କୁ ହିଁ ଦାୟିତ୍ୱ ଦିଆଯାଇଛି । ଏହି ଘଟଣା ପ୍ରଚାର ହେବା ପରେ ବରଘାଟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଅଭିଯୋଗ କ୍ରମେ ଉକ୍ତ ସ୍କୁଲରେ ୯ ଜଣ ଛାତ୍ରୀଛାତ୍ର ଥିବାବେଳେ ୨ ଜଣ ଶିକ୍ଷକ ଥିଲେ । ହେଲେ ବିଇଓ କ୍ଷମତାର ବାହାରକୁ ଯାଇ ଏଠାରେ ଆଉ ୨ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ । ସରକାରଙ୍କ ନିମୟ ଅନୁସାରେ ୩୦ ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ଶିକ୍ଷକ ରହିବା କଥା । ଏଣୁ ଏଠାରେ ୯ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୪ ଜଣ ଶିକ୍ଷକଙ୍କ ଆବଶ୍ୟକ ରହୁନାହିଁ ବୋଲି ଗାଁ ଲୋକେ ଅଭିଯୋଗ କରିଥିଲେ । ଏହି ଘଟଣାରେ ଜିଲା ଶିକ୍ଷା ଅଧିକାରୀ ଦାଶ କହିଛନ୍ତି ଯେ, ଏହି ସ୍କୁଲକୁ ସେ ପରିଦର୍ଶନରେ ଯାଇଥିଲେ । ସେଠାରେ ଅବ୍ୟବସ୍ଥା ଦେଖି ଜଣେ ଶିକ୍ଷକଙ୍କୁ ନିଲମ୍ବନ କରିବା ସହ ୨ ଜଣଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଥିଲା । ହେଲେ ଗତ ମାସରେ ପୁଣି ୨ ଜଣ ଶିକ୍ଷଙ୍କୁ ନିଯୁକ୍ତ କରାଗଲା । ତାହା ଉପରେ କାରଣ ଦର୍ଶାଅ ନୋଟିସ କରାଯାଇଛି ।

## ଏମ୍‌ସିଏଲ୍‌ରେ ବିଶ୍ୱକର୍ମା ପୂଜା



ଏମସିଏଲ ଆନନ୍ଦ ବିହାର ବିଶ୍ୱକର୍ମା ଦେବଙ୍କ ପୂଜା ମଣ୍ଡଳରେ ଅଧକ୍ଷ ଭୋଲାନାଥ ଶୁକ୍ଳା ଆଳତି କରୁଛନ୍ତି ।

ସମ୍ବଲପୁର, ୧୮।୯ (ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ଆନନ୍ଦବିହାର ଠାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅର୍ଚ୍ଚନା କରାଯାଇଛି । ଗୁରୁବାର ଏହା ଶେଷ ହେବ । ଏମସିଏଲ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଲାନାଥ ଶୁକ୍ଳା ବିଶ୍ୱକର୍ମାଙ୍କଠାରେ ମହା ଆଳତୀ ଓ ପୂଜାର୍ଚ୍ଚନା କରିଥିଲେ । ବୈଷୟିକ ଓ ପରିଚାଳନା ନିର୍ଦ୍ଦେଶକ ଓପି ସିଂ, କାର୍ମିକ ଓ ବିତ୍ତ ନିର୍ଦ୍ଦେଶକ କେଆର ବାସୁଦେବନ, ପୂଜା କମିଟି ଅଧକ୍ଷ ବିସି ମିଶ୍ର ମଧ ଦେବଶିଳ୍ପୀଙ୍କଠାରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଛନ୍ତି । ପୂଜା କମିଟି ସମ୍ପାଦକ ସୁଦର୍ଶନ ରାଉତ, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦାଶ, କୋଷାଧକ୍ଷ ସାଧୁଚରଣ ସିଂ, ମଧୁସୂଦନ ସ୍ୱାଇଁଙ୍କ ପରିଚାଳନାରେ ପୂଜା କାର୍ଯ୍ୟକ୍ରମ ହୋଇଥିଲା । ସୁସଜ୍ଜିତ ତୋରଣ ଭକ୍ତଙ୍କୁ ବିମୋହିତ କରିଥିଲା ।

## ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ଝୁଝୁମୁରା ବ୍ଲକ ଗସ୍ତ



ସମ୍ବଲପୁର ଜିଲା ଫୁଲଝରନ ଆଶ୍ରମରେ କାର୍ଯ୍ୟକର୍ତ୍ତାଙ୍କ ସହ ଏମ୍‌ପି ଆଲୋଚନା କରୁଛନ୍ତି ।

ସମ୍ବଲପୁର,୧୮।୯ (ବ୍ୟୁରୋ)

ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ବୁଧବାର ଝୁଝୁମୁରା ବ୍ଲକ ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ସେ ଫୁଲଝରନ ପାର୍ବତୀଗିରି କଲେଜ, ଝୁଝୁମୁରା ଭିଏସ୍‌ଏସ୍ କଲେଜ, ଝୁଝୁମୁରା ବାଳିକା ବିଦ୍ୟାଳୟରେ ସଫେଇ ଓ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଜାତୀୟ ରାଜପଥ ଜମି ଅଧିଗ୍ରହଣରେ ମିଳିଥିବା କ୍ଷତିପୂରଣ ଟଙ୍କାକୁ ନେଇ ହୋଇଥିବା ବିବାଦ ଉପରେ କେତେକ ବ୍ୟକ୍ତି ଏମ୍‌ପିଙ୍କୁ ଜଣାଇଥିଲେ । ତେବେ ଏମ୍‌ପିଙ୍କ ଏହି ଗସ୍ତବେଳେ ଝୁଝୁମୁରା ବ୍ଲକର ଅନେକ ଭାଜପା କର୍ମକର୍ତ୍ତା ଅନୁପସ୍ଥିତ ଥିଲେ । ଏହାକୁ ନେଇ ଚର୍ଚ୍ଚା ଯୋର ଧରିଛି । ଗୋବିନ୍ଦ ଅଗ୍ରୱାଲ, ଓମ୍‌ପ୍ରକାଶ ବିଶ୍ୱାଳ, ସୂର୍ଯ୍ୟ ପାଣିଗ୍ରାହୀଙ୍କ ଭଳି ବରିଷ୍ଠ ଓ ସକ୍ରିୟ ନେତାମାନଙ୍କ ଦେଖା ନ ଥିଲା । ଏ ସମ୍ପର୍କରେ ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେରଙ୍କୁ ପଚାରିବାରୁ ଏମ୍‌ପିଙ୍କ କାର୍ଯ୍ୟକ୍ରମ ହଠାତ ସ୍ଥିର କରାଗଲା । ଗୋଟିଏ ଦିନରେ ଅନେକ କାର୍ଯ୍ୟକ୍ରମ ରହିଥିଲା । ତେଣୁ ସମୟ ନ ମିଳିବାରୁ କେତେକ କର୍ମକର୍ତ୍ତା ଉପସ୍ଥିତ ଥାଇ ନ ପରନ୍ତି । ହେଲେ ଦଳରେ କିଛି ବିବାଦ ନାହିଁ ବୋଲି କହିଛନ୍ତି ।

## ଏନ୍‌ଏସ୍‌ସିବି କଲେଜ ଓଡିଆ ବିଭାଗର ସ୍ୱାଗତ ଉତ୍ସବ

ସମ୍ବଲପୁର, ୧୮।୯ (ବ୍ୟୁରୋ)



ବୁଧବାର ଏନଏସସିବି କଲେଜ ଓଡିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ (ଏନ୍‌ଏସ୍‌ସିବି) ଓଡିଆ ଓ ସାହିତ୍ୟ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡିଆ ବିଭାଗ ମୁଖ୍ୟ ଡ. ଶ୍ୟାମ ଭୋଇଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁ ମୁଖ୍ୟଅତିଥି ଓ ଇଂରାଜୀ ବିଭାଗ ଅଧାପକ ହରିହର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପିକା ସୁଶ୍ରୀ ଶ୍ରଦ୍ଧାମୟୀ ପୁରୋହିତ ଓ ମେଞ୍ଚା ପୂର୍ତ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରୀ ପୁଷ୍ପାରାଣୀ ପଣ୍ଡା ଓ ଛାତ୍ର ଦେବାଶିଷ ଦାଶ ମଞ୍ଚ ସଂଯୋଜନା କରିଥିଲେ । ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ ସାଗରିକା ପାଣିଗ୍ରାହୀ, ସ୍ୱପ୍ନାମୟୀ ରେଘା, ଲକ୍ଷ୍ମଣ ଭୋଇ, ଦ୍ୱିତୀୟ ବର୍ଷ ଛାତ୍ର ଖଗେଶ୍ୱର ମେହେର, ଚିତ୍ତରଞ୍ଜନ ବେହେରା, ରଶ୍ମିତା ପୋଢ଼, ଗୀତାଞ୍ଜଳି ନେତି ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ । ସେହିପରି ନବାଗତ ଛାତ୍ରୀ ରଜନୀ ମେହେର, ମାମାଲି ମହାପାତ୍ର, ଇଶିକା ପ୍ରଧାନ, ରବୀନ୍ଦ୍ର ବାଗ, ଦୁଷ୍ମନ୍ତ ବେହେରା, ଜୟନ୍ତୀ ପ୍ରଧାନ ପରିଚୟ ପ୍ରଦାନ କରିଥିଲେ । ରସାନ୍ତ ବୀରଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱେରେଜ କାମ ପାଇଁ ଲୋକେ ହଇରାଣ

ସମ୍ବଲପୁର, ୧୮।୯ (ବ୍ୟୁରୋ)

ସମ୍ବଲପୁର ସହରରେ ସ୍ୱେରେଜ କାମ ଖାମଖିଆଲ ଓ ଦାୟିତ୍ୱହୀନ ଭାବେ ଚାଲିଛି । ଏଥିଯୋଗୁ ସମ୍ବଲପୁର ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମ୍ବଲପୁର ସହରରେ ପ୍ରାୟ ୪ଶହ କୋଟି ଟଙ୍କା ବ୍ୟୟ ଅଟକଳରେ ଏବେ ସ୍ୱେରେଜ କାର୍ଯ୍ୟ କରାଯାଉଛି । ସହରର ପ୍ରମୁଖ ରାସ୍ତା ଓ ଗଳିଗୁଡିକରେ ସ୍ୱେରେଜ ପାଇପ ବିଛା ଯାଉଛି । ଏହାଦ୍ୱାରା ଜଳଯୋଗାଣ ପାଇପ ନଷ୍ଟ ହେଉଛି । ପାଣି ପାଇପ୍ ଭାଙ୍ଗିଲେ ଦୀର୍ଘ ମାସ ପର୍ଯ୍ୟନ୍ତ ମରାମତି ମଧ କରାଯାଉ ନାହିଁ । ଅନ୍ୟପକ୍ଷେ ସ୍ୱେରେଜ ପାଇପ ଲାଇନ ପାଇଁ ଦୁର୍ଘଟଣା ମଧ ଘଟୁଛି । ୧୫ ଦିନ ମଧ୍ୟରେ ସହରର ରାସ୍ତା ଗୁଡିକ ମରାମତି କରା ନ ଗଲେ ଜିଲା କଂଗ୍ରେସ କମିଟି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ । ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ । ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ ଏକ ପ୍ରେସ ବିବୃତିରେ ଏହା କହିଛନ୍ତି ।

- ଫୁଡି-୧୫ ଆପ୍ସ ଉଦ୍‌ଘାଟିତ

## ଅନ୍‌ଲାଇନ ଖାଦ୍ୟ ବଜାରରେ ମହିଳା




ବୁଧବାର ସମ୍ବଲପୁର ପ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସମ୍ବଲପୁର, ୧୮।୯ (ବ୍ୟୁରୋ)

ଲୋକମାନଙ୍କ ପାଖରେ ଖାଦ୍ୟ ପହଞ୍ଚାଇବା ପାଇଁ ଏବେ ବିଭିନ୍ନ ଜାତୀୟ ସ୍ତରରେ କମ୍ପାନୀ ଗୁଡିକ ଖୋଲା ଯାଇଛି । ହେଲେ ବୁଧବାର ସମ୍ବଲପୁରର ଜଣେ ମହିଳା ଏହି ବ୍ୟବସାୟରେ ନିଜକୁ ସାମିଲ କରିଛନ୍ତି । ସମ୍ବଲପୁର ରେମେଡରେ ଏକ ରେଷ୍ଟୁରାଣ୍ଟ ଖୋଲି ହୋମ ଡେଲିଭରି ଖାଦ୍ୟ ସପ୍ଲାଏ କରିବା ପାଇଁ ଏକ ଆପ୍ସ ଉଦ୍‌ଘାଟନ କରିଛନ୍ତି । ଫୁଡି–୧୫ ନାମକ ଏହି ଆପ୍ସ ଗୁଗୁଲରୁ ଡାଉନଲୋଡ କରି ଏହି ସେବା ଲୋକମାନେ ପାଇପାରିବେ ବୋଲି ପ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କମ୍ପାନୀ ପ୍ରତିଷ୍ଠାତା ସୁଷମାରାଣୀ ହୋତା ସୂଚନା ଦେଇଛନ୍ତି । ଏହି ଅବସରରେ କମ୍ପାନୀର ତପନ କୁମାର ହୋତା, ବ୍ୟାଙ୍କ ଅଧିକାରୀ ତୁଷାର ମେହେର, ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନ ଉପସ୍ଥିତ ଥିଲେ । କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଲୋକମାନେ ଚାହିଦା ଅନୁସାରେ ସ୍ୱତନ୍ତ୍ର ବିରିଆନି ସହିତ ଅନ୍ୟାନ୍ୟ ସ୍ୱାଦିଷ୍ଟ ଖାଦ୍ୟ ଅନଲାଇନରେ ଅର୍ଡର କରିପାରିବେ । ଉଚିତ ମୂଲ୍ୟରେ ଓ ଠିକ ସମୟରେ ଲୋକମାନଙ୍କ ପାଖରେ ଖାଦ୍ୟ ପହଞ୍ଚିବ । ଏହା ସହ ବିଭିନ୍ନ ସମୟରେ ଅର୍ଡର୍ ପରମାଣକୁ ନେଇ ଛାଡ କରିବାର ବ୍ୟବସ୍ଥା ରହିଛି । ପ୍ରଥମ ପର୍ଯ୍ୟାୟରେ ଏହା ବୁର୍ଲା ଓ ହୀରାକୁଦ ଅଞ୍ଚଳରେ ସେବା ଯୋଗାଇ ଦେବ । ଏହାଦ୍ୱାରା ବୁର୍ଲା ମେଡିକାଲରେ ରହୁଥିବା ରୋଗୀ ସମ୍ପର୍କିୟମାନଙ୍କ ସୁବିଧା ମିଳିବ ବୋଲି ଲକ୍ଷ୍ୟ ରଖାଯାଇଛି ।

**ସ୍କୁଲ ଛାତ୍ରୀଙ୍କୁ ମାଡ ଘଟଣା**

## ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ

ସମ୍ବଲପୁର,୧୮।୯ (ବ୍ୟୁରୋ)

ସମ୍ବଲପୁର ଜିଲା ରାସନପୁର ପ୍ରାଥମିକ ସ୍କୁଲରେ ଜଣେ ଛାତ୍ରୀଙ୍କୁ ମାଡପିଟ କରିବା ସହ ଅଭିଭାବକଙ୍କୁ ଜାତିଆଣ ଆକ୍ଷେପ କରିବା ଅଭିଯୋଗର ତଦନ୍ତ ହୋଇଛି । ବିଇଓ ସନାତନ ବିଶ୍ୱାଳଙ୍କ ସହ ୨ ଜଣ ସିଆରସିସିଙ୍କୁ ନେଇ ଏକ ଟିମ୍ ତଦନ୍ତ କରିଛନ୍ତି । ତଦନ୍ତ ଘଟଣାକୁ ଏକ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ତଦନ୍ତ ରିପୋର୍ଟ ବିଶ୍ୱାଳ ଜିଲା ଶିକ୍ଷା ବିଭାଗ ପାଖରେ ଦାଖଲ କରି ନାହାନ୍ତି । ହେଲେ ଅଭିଭାବକ ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସୁବୋଧ ଦାସଙ୍କୁ ପଚାରିବାରୁ କହିଥିଲେ ଯେ, ଏହି ଘଟଣା ରିପୋର୍ଟ ତାଙ୍କ ପାଖକୁ ଆସିନାହିଁ।

## ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଶପଥ କାର୍ଯ୍ୟକ୍ରମ



ବୁଧବାର ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରୁଛନ୍ତି ।

ସମ୍ବଲପୁର, ୧୮।୯ (ବ୍ୟୁରୋ)

ସ୍ୱଚ୍ଛତା ଶପଥ ଓ ସଚେତନତା କାର୍ଯ୍ୟକ୍ରମ ବୁଧବାର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧକ୍ଷା ଇନ୍ଦିରା ପ୍ରିୟଦର୍ଶିନୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ମୁଖ୍ୟଅତିଥି, ରେଙ୍ଗାଲି ବିଧାୟକ ନାଉରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲ ପରିଚାଳନା କମିଟି ଅଧକ୍ଷ ଶିବ କୁମାର ଅଗ୍ରୱାଲ ସୂଚନା ପ୍ରଦାନ ସହ ଅତିଥି ସ୍ୱାଗତ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ସ୍ୱଚ୍ଛତା ଶପଥ ଗ୍ରହଣ କରିଥିଲେ ।

## ଶାନ୍ତିନଗରରେ ବିଜେଡିର ବୈଠକ



ସମ୍ବଲପୁର ଶାନ୍ତିନଗର ବିଜେଡି କାର୍ଯ୍ୟାଳୟରେ ରାସେଶ୍ୱରୀ ପାଣିଗ୍ରାହୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

ସମ୍ବଲପୁର, ୧୮।୯ (ବ୍ୟୁରୋ)

ବିଜୁ ଜନତା ଦଳ ସମ୍ବଲପୁର ବିଧାନସଭା ମଣ୍ଡଳୀର କାର୍ଯ୍ୟକର୍ତ୍ତା ଓ କର୍ମୀ ବୈଠକ ବୁଧବାର ଅପରାହ୍ନରେ ଶାନ୍ତିନଗର ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସଭା ହୋଇଥିଲା । ବରିଷ୍ଠ ଓ ନବୀନ କର୍ମକର୍ତ୍ତାମାନେ ଯୋଗଦେଇ ତଳସ୍ତରରୁ ଦଳକୁ ମଜଭୁତ କରିବାକୁ ମତପ୍ରକାଶ କରିଥିଲେ । ପୂର୍ବତନ ଜିଲାସଭାପତି ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଦାଶ, ଜିଲା ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ବାମଦେବ ଷଡଙ୍ଗୀ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରାଜକିଶୋର ଦାସ, ଆନନ୍ଦ ଜେନା, ଦେବେନ ପତି, ସମ୍ବଲପୁର ନଗର ସଭାପତି ପ୍ରଫୁଲ୍ଲ କୁମାର ଦାଶ, ବୁର୍ଲା ନଗର ସଭାପତି ଦେବାଶିଷ ନନ୍ଦ, ପଦ୍ମାଳୟା ପଟ୍ଟନାୟକ, ବିହାରୀଲାଲ ପଂସାରୀ, ମହମ୍ମଦ ସନୁଲ୍ଲା, ଫଣିନ୍ଦ୍ର ପଟ୍ଟନାୟକ, ସୌରି ପାଣିଗ୍ରାହୀ, ସଂଗୀତା ସିଂ, ଦୁଲାଲ ଚନ୍ଦ୍ର ରାଏ, ସତେନ୍ଦ୍ର ଦାଶ, ମୁନିନ୍‌ବେଗମ୍, ହସିନା ବି, ସୁରେନ୍ଦ୍ର ବିଶ୍ୱାଳ, ସୌରେନ୍ଦ୍ରୀ ନାୟକ ପ୍ରମୁଖ ସାମିଲ ଥିଲେ।

## ଭୋପାଲ ବିଜ୍ଞାନ ମେଳାରେ ଏମ୍‌ସିଏଲ୍‌କୁ ଶ୍ରେଷ୍ଠ ପୁରସ୍କାର

ସମ୍ବଲପୁର, ୧୮।୯ (ବ୍ୟୁରୋ)



ଅଷ୍ଟମ ଭୋପାଲ ବିଜ୍ଞାନ ମେଳାରେ ଏମ୍‌ସିଏଲ ଜନସମ୍ପର୍କ ଅଧିକାରୀ ବିନାୟକ ଜାମୱାଲ ଓ ମାଇନିଂ ସର୍ଦ୍ଦାର ସତେନ୍ଦ୍ର ଦାଶ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

ଅଷ୍ଟମ ଭୋପାଲ ବିଜ୍ଞାନ ମେଳାରେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଛି । ଏହି ବିଜ୍ଞାନ ମେଳାରେ ଏମସିଏଲ ଦ୍ୱାରା ଲଜକୁରା ଖୋଲା ମୁହଁ ଖଣିର ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ପ୍ରଦର୍ଶିତ ହୋଇଥିଲା । ଖୋଲାମୁହଁ ଖଣିରେ ବ୍ୟବହୃତ ବିଭିନ୍ନ ମେଶିନ କିପରି କାର୍ଯ୍ୟକାରୀ ହୋଇଥାଏ ସେ ଦିଗରେ କମ୍ପାନୀର ପ୍ରତିନିଧିମାନେ ବୁଝାଇଥିଲେ । ତ୍ରିପୁରା ଓ ହରିୟାଣାର ପୂର୍ବତନ ରାଜ୍ୟପାଳ କପ୍ତାନ ସିଂ ସୋଲାଙ୍କି ମୁଖ୍ୟଅତିଥି, ମଧ୍ୟପ୍ରଦେଶ ପଞ୍ଚାୟତିରାଜ ଗ୍ରାମୀଣ ବିକାଶ ମନ୍ତ୍ରୀ କମଲେଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏମସିଏଲର ଜନସମ୍ପର୍କ ଅଧିକାରୀ ବିନାୟକ ଜାମୱାଲ ଓ ଲଜକୁରା ଖୋଲାମୁହଁ ଖଣି ମାଇନିଂ ସର୍ଦ୍ଦାର ସତେନ୍ଦ୍ର ଦାଶ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ୪ଦିନ ଧରି ଆୟୋଜିତ ବିଜ୍ଞାନ ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ ୭୦ଟି ସଂସ୍ଥା ଭାଗ ନେଇଥିଲେ । ପ୍ରଦର୍ଶନୀ ମେଳାରେ ପ୍ରତ୍ୟେକ ଦିନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ବୁଲି ଦେଖିଥିଲେ । ଏଥିସହ ପ୍ରତ୍ୟେକ ଦିନ ବିଜ୍ଞାନ ଭିତ୍ତିକ କୁଇଜ ପ୍ରତିଯୋଗିତା ମଧ ହୋଇଥିଲା । ଏହି ସଫଳତା ସକାଶେ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଲାନାଥ ଶୁକ୍ଳା ବୁଧବାର ମେଳାରେ ଭାଗ ନେଇଥିବା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ 'ହିନ୍ଦୀ' ପ୍ରସ୍ତାବ ଭାରତର ସଂଘୀୟ ଢାଞ୍ଚାର ପରିପନ୍ଥୀ। ଦେଶର ଏକତା ପାଇଁ ସେ ଏହି ମନ୍ତବ୍ୟକୁ ପ୍ରତ୍ୟାହାର କରିବା ଉଚିତ।

-ବୀରାପ୍ପା ମୋଇଲି, ବରିଷ୍ଠ କଂଗ୍ରେସ ନେତା

## ■ ପାକିସ୍ତାନକୁ ୟୁରୋପୀୟ ପାର୍ଲାମେଣ୍ଟର ସମାଲୋଚନା

# ଜହ୍ନରୁ ଓହ୍ଲାଇନାହାନ୍ତି ଆତଙ୍କବାଦୀ

ବ୍ରସେଲ୍ସ,୧୮।୯(ପି.ଟି.)



ପାକିସ୍ତାନ ଜମ୍ମୁ-କଶ୍ମୀର ପ୍ରସଙ୍ଗର ଆନ୍ତର୍ଜାତିକୀକରଣ କରି ବିଶ୍ୱ ସମୁଦାୟ ଆଗରେ ଏହାକୁ ଉଠାଉଥିବାବେଳେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେବା ନେଇ ଇସ୍ଲାମାବାଦକୁ ସବୁଠି ହଟହଟା ହେବାକୁ ପଡୁଛି। ଏହିକ୍ରମରେ ୟୁରୋପୀୟ ପାର୍ଲାମେଣ୍ଟରେ ପାକିସ୍ତାନକୁ କଡ଼ା ଭାଷାରେ ସମାଲୋଚନା କରାଯାଇଛି। ଭାରତରେ ଆକ୍ରମଣ କରିଥିବା ଆତଙ୍କବାଦୀମାନେ ଜହ୍ନରୁ ଓହ୍ଲାଇ ନ ଥିଲେ ବୋଲି ପାର୍ଲାମେଣ୍ଟାରିଆନ୍ ରିସ୍ଜାର୍ଡ କଜରନେକି ଏବଂ ଫୁଲଭିଓ ମାର୍ଚ୍ଚୁସିଏଲୋ କହିଛନ୍ତି।

ବେଲ୍ଜିୟମ୍ ରାଜଧାନୀ ବ୍ରସେଲ୍ସସ୍ଥିତ ୟୁରୋପୀୟ ସଂଘ ପାର୍ଲାମେଣ୍ଟରେ ମଙ୍ଗଳବାର ଜମ୍ମୁ-କଶ୍ମୀର ସ୍ଥିତିକୁ ନେଇ ଏକ ସ୍ୱତନ୍ତ୍ର ବିସ୍ତୃତ ବୈଠକ ହୋଇଥିଲା। ପାର୍ଲାମେଣ୍ଟ ସଦସ୍ୟ ତଥା ୟୁରୋପିଆନ୍ କଞ୍ଜରଭେଟିଭ୍ସ ଆଣ୍ଡ ରିଫର୍ମିଷ୍ଟ ଗ୍ରୁପ୍ର ରିସ୍ଜାର୍ଡ କଜରନେକି (ପୋଲାଣ୍ଡ) ଏହାକୁ ସମ୍ବୋଧିତ କରି ଭାରତକୁ ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର ଭାବେ ଅଭିହିତ କରି ପାକିସ୍ତାନକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଜମ୍ମୁ-କଶ୍ମୀରରେ ହେଉଥିବା ଆତଙ୍କବାଦୀ ଆକ୍ରମଣ ଉପରେ ଆମକୁ ଦୃଷ୍ଟିଦେବାକୁ ପଡ଼ିବ। ସେହି ଆତଙ୍କବାଦୀମାନେ ଚନ୍ଦ୍ରରୁ ଓହ୍ଲାଇ କଶ୍ମୀରକୁ ଆସନ୍ତି ନାହିଁ, ବରଂ ପାକିସ୍ତାନରୁ ଆସିଥାନ୍ତି। ସେହିପରି ଅନ୍ୟତମ ସଦସ୍ୟ ତଥା ଗ୍ରୁପ୍ ଅଫ୍ ୟୁରୋପିଆନ୍ ପିପୁଲ୍ସ ପାର୍ଟି (ଇଟାଲୀ) ଫୁଲଭିଓ ମାର୍ଚ୍ଚୁସିଏଲୋ କହିଥିଲେ, ପାକିସ୍ତାନ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛି, ଯାହାକି ୟୁରୋପୀୟ ସଂଘ ପାଇଁ ଚିନ୍ତାର ବିଷୟ। ପାକିସ୍ତାନୀ ଆତଙ୍କବାଦୀମାନେ ୟୁରୋପର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବାରେ ସଫଳ ହୋଇଛନ୍ତି। ଇସ୍ଲାମାବାଦ ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ସେ ସମାଲୋଚନା କରିଥିଲେ। ୟୁରୋପୀୟ କମିଶନ ଉପାଧ୍ୟକ୍ଷ ଫେଡେରିକା ମୋଘେରିନିଙ୍କ ପକ୍ଷରୁ ଅଭିଭାଷଣ ଆରମ୍ଭ କରି ଇୟୁ ମନ୍ତ୍ରୀ ତେଢି ତୁପ୍ପୁରାଇନେନ୍ କହିଥିଲେ, କଶ୍ମୀରରେ ଆଉ ଏକ ଉତ୍ତେଜନାକୁ କେହି ସମ୍ଭାଳିପାରିବେ ନାହିଁ। ତେଣୁ ଭାରତ ଓ ପାକିସ୍ତାନ ଆଲୋଚନା ମାଧ୍ୟମରେ କଶ୍ମୀର ପ୍ରସଙ୍ଗର ଶାନ୍ତିପୂର୍ଣ୍ଣ ତଥା ରାଜନୈତିକ ସମାଧାନ କରନ୍ତୁ, ଯାହାକି ନିୟନ୍ତ୍ରଣରେଖା (ଏଲ୍ଓସି)ର ଉଭୟ ପାର୍ଶ୍ୱରେ ଥିବା କଶ୍ମୀରୀଙ୍କ ସ୍ୱାର୍ଥକୁ ସମ୍ମାନ ହେବ। ସମ୍ପୃକ୍ତ କ୍ଷେତ୍ରରେ ଅସ୍ଥିରତା ଓ ଅସୁରକ୍ଷାକୁ ଏଡ଼ାଇବା ପାଇଁ ଏହି ଦୀର୍ଘ ସମସ୍ୟାର ଏହା ହିଁ ଏକମାତ୍ର ସମାଧାନ ବୋଲି ସେ କହିଥିଲେ। ଏଥିସହ ଉପତ୍ୟକାରେ ଯୋଗାଯୋଗର ସମସ୍ତ ମାଧ୍ୟମକୁ ସ୍ୱାଭାବିକ କରିବା ପାଇଁ ଭାରତକୁ ପରାମର୍ଶ ଦେଇଥିଲେ। ତେବେ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିବା ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ। ଭାରତର ସର୍ବଭୌମତ୍ୱକୁ ୟୁରୋପୀୟ ସଂଘ ସମ୍ମାନ ଦେଉଛି ବୋଲି ଉପସ୍ଥିତ ମନ୍ତ୍ରୀମାନେ ମତବ୍ୟକ୍ତ କରିଥିଲେ।

## ସଂକ୍ଷେପରେ

### ଭରଣପୋଷଣ ପାଇଁ ସ୍ଥିର ହେବ ନିୟମାବଳୀ



**ନୂଆଦିଲ୍ଲୀ,୧୮।୯(ଆଇଏଏନ୍ଏସ୍):** ବୈବାହିକ ମାମଲାରେ ଭରଣପୋଷଣ ପ୍ରଦାନ ସଂକ୍ରାନ୍ତ ନିୟମାବଳୀ ପ୍ରସ୍ତୁତି ପାଇଁ ସୁପ୍ରିମକୋର୍ଟ ନିଷ୍ପତ୍ତି ନେଇଛନ୍ତି। ଏନେଇ ଖଣ୍ଡପୀଠଙ୍କୁ ସହାୟତା କରିବାକୁ ଦୁଇଜଣ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ଏବଂ ଅନିଥା ଶେନୟଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ଦିଆଯାଇଛି। ଗତ ସପ୍ତାହରେ ଏକ ଛାଡ଼ପତ୍ର ମାମଲାର ଶୁଣାଣି ବେଳେ ଜଷ୍ଟିସ୍ ଇନ୍ଦୁ ମାଲହୋତ୍ରା ଏବଂ ଆର୍. ସୁଭାଷ ରେଡ୍ଡୀଙ୍କ ଖଣ୍ଡପୀଠ ସମ୍ପୃକ୍ତ ସ୍ୱାମୀଙ୍କୁ ଭରଣଭୋଷଣ ବାବଦ ବକେୟା ଥିବା ୫ ଲକ୍ଷ ଟଙ୍କା ସ୍ତ୍ରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଅଦାଲତ ଭରଣପୋଷଣ ପାଇଁ ନିୟମାବଳୀ ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୪କୁ ଧାର୍ଯ୍ୟ କରାଯାଇଛି।

### ଦିଗ୍ବିଜୟଙ୍କ ବିରୋଧରେ ମାନହାନି ମାମଲା

ନୂଆଦିଲ୍ଲୀ,୧୮।୯: ଭାଜପା ଓ ବଜରଙ୍ଗ ଦଳ ବିରୋଧରେ ନିକଟରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍ବିଜୟ ସିଂଙ୍କ ବିରୋଧରେ ମାନହାନି ମାମଲା ଦାଏର ହୋଇଛି। ଭାଜପା ସଦସ୍ୟ ତଥା ଆଇନଜୀବୀ ରାଜେଶ କୁମାରଙ୍କ ପକ୍ଷରୁ ଦାଏର ଏହି ମାମଲାର ଶୁଣାଣି ଅକ୍ଟୋବର ୯ରେ କରିବାକୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ସମର ବିଶାଳ ସମୟ ଧାର୍ଯ୍ୟ କରିଛନ୍ତି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇଠାରୁ ଭାଜପା ଏବଂ ବଜରଙ୍ଗ ଦଳ ଟଙ୍କା ନେଇଥିବା ଦିଗ୍ବିଜୟ ଅଭିଯୋଗ କରିଥିଲେ। ତାଙ୍କର ଏଭଳି ମାନହାନି ମନ୍ତବ୍ୟ ଭାଜପା ଓ ଏହାର ନେତାମାନ ଭାବମୂର୍ତ୍ତି କ୍ଷୁଣ୍ଣ କରିଛି। ଏହା ଗୁରୁତର ଅପରାଧ ବୋଲି ରାଜେଶ କହିଛନ୍ତି।

### ସ୍କୁଲରେ ନିଆଁ ଲାଗି ୩୦ ପିଲା ଜଳିଗଲେ

**ମନ୍ରୋଭିଆ, ୧୮।୯:** ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଲାଇବେରିଆର ରାଜଧାନୀ ମନ୍ରୋଭିଆ ଅନ୍ତର୍ଗତ ପେନେସ୍ଭିଲ୍ଲେସ୍ଥିତ ଏକ କୋରାନିକ୍ ସ୍କୁଲରେ ମଙ୍ଗଳବାର ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୩୦ ସ୍କୁଲ ପିଲାଙ୍କ ପ୍ରାଣହାନି ଘଟିଛି। ପିଲାମାନେ ଏଠାରେ କୋରାନ୍ ଅଧ୍ୟୟନ କରୁଥିଲେ। ଏମାନଙ୍କ ବ୍ୟତୀତ ୨ ଶିକ୍ଷକ ମଧ୍ୟ ପ୍ରାଣ ହରାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଲାଇବେରିଆ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଅଗ୍ନିକାଣ୍ଡ ପରେ ରାଷ୍ଟ୍ରପତି ଜର୍ଜ ୱେହ ଦୁର୍ଘଟଣା ସ୍ଥଳକୁ ଯାଇ ପରିସ୍ଥିତିର ସମୀକ୍ଷା କରିଥିଲେ। ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି। ତେବେ କେଉଁ କାରଣରୁ ଏଭଳି ଅଗ୍ନିକାଣ୍ଡ ଘଟିଲା, ସେ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ଏନେଇ ଖୋଳତାଡ଼ ଆରମ୍ଭ ହୋଇଥିବା ପୋଲିସ ମୁଖପାତ୍ର ମୋଜେସ୍ କାର୍ଟର ପ୍ରକାଶ କରିଛନ୍ତି।

[ଇତିହାସର ଆଇନାରେ]

### ସେପ୍ଟେମ୍ବର ୧୯ର ପ୍ରମୁଖ ଘଟଣା

୧୯୭୬ ସେପ୍ଟେମ୍ବର ୧୯ରେ ତୁର୍କିର ଏକ ବିମାନ ଇସ୍ତାନବୁଲରୁ ଆନ୍ତାଲ୍ୟା ବିମାନବନ୍ଦର ଅଭିମୁଖେ ଯାଉଥିଲାବେଳେ ପାଇଲଟ୍ଙ୍କ ଅସାବଧାନତା କାରଣରୁ ଦୁର୍ଘଟଣାର ଶିକାର ହୋଇଥିଲା। ଇସ୍ପାର୍ଟା ପ୍ରଦେଶର କାରଡେପେ ପାର୍ବତ୍ୟାଞ୍ଚଳରେ ମାତ୍ର ୫୦୦ ଫୁଟ ଉଚ୍ଚରେ ଉଡୁଥିବା ବିମାନଟି ଧକ୍କା ଖାଇବାରୁ ୧୫୪ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୭ ସେପ୍ଟେମ୍ବର ୧୯ରେ ପ୍ରାୟ ୨୦ ସେକେଣ୍ଡ କାଳ ଭୂକମ୍ପ ଅନୁଭୂତ ହେବାରୁ ମେକ୍ସିକୋର ପୁବ୍ଲା ଓ ମୋରେଲସ୍ ସହରରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପୁବ୍ଲାର ଦକ୍ଷିଣକୁ ୫୫ କିମି ଦୂର ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା। ଏଥିରେ ପ୍ରାୟ ୩୭୦ ଲୋକ ପ୍ରାଣ ହରାଇଥିଲେ।

## ୪ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପଦୋନ୍ନତି




**ନୂଆଦିଲ୍ଲୀ,୧୮।୯:** ୪ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ପ୍ରଦାନ କରାଯାଇଛି। ସେମାନେ ହେଲେ ପଞ୍ଜାବ ହରିୟାଣା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କ୍ରିଷ୍ଣ ମୁରାରୀ, ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟ, ହିମାଚଳପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭି. ରାମସୁବ୍ରମଣ୍ୟନ ଏବଂ କେରଳ ହାଇକୋର୍ଟ ମୁଖ୍ୟ ବିଚାରପତି ହୃଷୀକେଶ ରାୟ। ସେମାନଙ୍କ ପଦୋନ୍ନତି ନେଇ ବୁଧବାର ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ବୋବ୍ଡେ, ଜଷ୍ଟିସ୍ ରମାନା, ଜଷ୍ଟିସ୍ ଅରୁଣ ମିଶ୍ର ଏବଂ ଜଷ୍ଟିସ୍, ଆର୍.ଏଫ. ନରିମାନଙ୍କ କଲେଜିୟମ ଅଗଷ୍ଟ ୨୮ରେ ସେମାନଙ୍କ ପଦୋନ୍ନତି ପାଇଁ ସୁପାରିସ୍ କରିଥିଲେ।

## ମୋଦିଙ୍କୁ ଭେଟିଲେ ମମତା



ନୂଆଦିଲ୍ଲୀ,୧୮।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୀବ୍ର ବିରୋଧୀ ଭାବେ ପରିଚିତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତାଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ୨ ବର୍ଷ ମଧ୍ୟରେ ଏହା ସେମାନଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ। ଏହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ପଶ୍ଚିମବଙ୍ଗରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ କୋଇଲା ଖଣି ଉଦ୍ଘାଟନ କରିବା ଲାଗି ମମତା ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିବା ସହ ପଶ୍ଚିମବଙ୍ଗ ନାଁ ବଦଳାଇ ବଙ୍ଗଳା କରିବା ଲାଗି ରାଜ୍ୟର ଅନୁରୋଧକୁ ତୁରନ୍ତ ମଞ୍ଜୁରୀ ଦେବାକୁ ନିବେଦନ କରିଥିଲେ। ବୀରଭୂମ ଜିଲାର ଦେଓଚା ପଚମି କୋଇଲା ଖଣି ପାଖାପାଖି ଲକ୍ଷେ ଲୋକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ସହ ୧୨ ହଜାର କୋଟି ପୁଞ୍ଜି ଆକର୍ଷଣ କରିପାରିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କୁ ଭେଟିବାରେ କୌଣସି ରାଜନୀତି ନାହିଁ। ଏହା ସରକାରଙ୍କ ସହ ସରକାରଙ୍କ ବୈଠକ ବୋଲି ଖବରଦାତାମାନଙ୍କୁ ମମତା କହିଛନ୍ତି। ସୂଚନାଯୋଗ୍ୟ ମଙ୍ଗଳବାର ମୋଦିଙ୍କ ୬୯ତମ ଜନ୍ମଦିନରେ ମମତା ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିଲେ।

ମମତା କୋଲକାତାର ଏକ ଜଣାଶୁଣା ଦୋକାନରୁ ପ୍ରଧାନମନ୍ତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ସନ୍ଦେଶ ପ୍ୟାକେଟ ଓ ଫୁଲତୋଡ଼ା ନେଇଥିଲେ। ସୂଚନାଯୋଗ୍ୟ ଲୋକ ସଭା ନିର୍ବାଚନ ବେଳେ ଦୁଇନେତା ପରସ୍ପରକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ଏକ ସାକ୍ଷାତ୍କାର ଦେବାବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ମମତା ଦିଦି ତାଙ୍କ ପାଖକୁ ପ୍ରତିବର୍ଷ ରସଗୋଲା ପଠାଇଥାନ୍ତି। ଏହାର ଜବାବରେ ମମତା କହିଥିଲେ, ଏଥର କାଦୁଅ ଓ ଗୋଡ଼ିରେ ତିଆରି ରସଗୋଲା ପଠାଇବି, ଯେମିତି ଖାଇଲେ ମୋଦିଙ୍କ ଦାନ୍ତ ଭାଙ୍ଗିଯିବ।

### ପୋଷ୍ଟରରେ ଧମକ ନେଇ ଡିଜିପି କହିଲେ

## ଆତଙ୍କବାଦୀଙ୍କ କଥା ଖୁବ୍ଶୀଘ୍ର ବୁଝିବୁ

**ଜମ୍ମୁ/ଶ୍ରୀନଗର,୧୮।୯(ପି.ଟି.):** କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତିକୁ ୪୫ ଦିନ ପୂରିଥିଲେ ହେଁ ଉପତ୍ୟକାରେ ସ୍ଥିତି ସ୍ୱାଭାବିକ ହୋଇପାରି ନାହିଁ। ସଶସ୍ତ୍ର ଆତଙ୍କବାଦୀମାନେ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରି ପ୍ରଶାସନକୁ ଅବଜ୍ଞା କରିବା ଲାଗି ନାନା ଉପାୟ ଆପଣାଉଛନ୍ତି। ଦୋକାନବଜାର ନ ଖୋଲିବା ପାଇଁ ସେମାନେ ଲୋକଙ୍କୁ ଧମକ ଦେଉଛନ୍ତି। ବ୍ୟବସାୟୀଙ୍କୁ ଡରାଇ ଜୋରଜବରଦସ୍ତି ଦୋକାନ ବନ୍ଦ କରିଦେଉଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ଧମକପୂର୍ଣ୍ଣ ପୋଷ୍ଟର ମାରି ସ୍ଥିତିକୁ ସଙ୍ଗିନ କରିବାରେ ଲାଗିଛନ୍ତି। ଏଭଳି ସମୟରେ ସ୍ଥିତି ହାତରୁ ଖସିଯିବାକୁ ବସିଥିବାବେଳେ ବୁଧବାର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ୍ ସିଂ ଆତଙ୍କବାଦୀଙ୍କୁ ଚେତାବନୀ ଦେଇଛନ୍ତି। ଉପତ୍ୟକାବାସୀ ପାକିସ୍ତାନର ଅପପ୍ରଚାର ପ୍ରତି ଧ୍ୟାନ ଦେବା ଅନୁଚିତ। ସାଧାରଣ ଲୋକଙ୍କୁ ଧମକ ଦେଉଥିବା ଆତଙ୍କବାଦୀଙ୍କ କଥା ଆମେ ଖୁବ୍ଶୀଘ୍ର ବୁଝିବୁ। ସେମାନଙ୍କୁ ନିପାତ କରାଯିବ ବୋଲି ସେ ଏକ କାର୍ଯ୍ୟକ୍ରମରେ କହିଛନ୍ତି।

## ରାଜ୍ୟପାଳଙ୍କ ରୋଡ୍ମ୍ୟାପ୍

**କଶ୍ମୀରରେ ବିକାଶ ହେଲେ ଭାରତରେ ମିଶିବା ପାଇଁ ବିଦ୍ରୋହ କରିବେ ପିଓକେବାସୀ**

ଶ୍ରୀନଗର,୧୮।୯(ପି.ଟି)

ପିଓକେକୁ ଫେରାଇଆଣିବା ପାଇଁ ବଳପ୍ରୟୋଗର ଆବଶ୍ୟକତା ନାହିଁ। ଜମ୍ମୁ-କଶ୍ମୀରରେ ଏପରି ବିକାଶ କରାଯିବା ଉଚିତ, ଯାହାକୁ ଦେଖି ପିଓକେବାସୀ ଭାରତ ସହ ମିଶିବା ପାଇଁ ପାକିସ୍ତାନ ବିରୋଧରେ ବିଦ୍ରୋହ କରିବେ। ଶ୍ରୀନଗରରେ ଏକ କାର୍ଯ୍ୟକ୍ରମକୁ ବୁଧବାର ସମ୍ବୋଧିତ କରି ଜମ୍ମୁ-କଶ୍ମୀର ରାଜ୍ୟପାଳ ସତ୍ୟପାଲ ମଲିକ ଏହା କହିଛନ୍ତି। କେତେଜଣ କେନ୍ଦ୍ରମନ୍ତ୍ରୀ ପିଓକେକୁ ଫେରାଇ ଆଣିବା ନେଇ ବାରମ୍ବାର କହୁଛନ୍ତି। ଯଦି ପରବର୍ତ୍ତୀ ଟାର୍ଗେଟ ପିଓକେ ତେବେ କଶ୍ମୀରରେ ବିକାଶ କରି ଆମେ ଲକ୍ଷ୍ୟ ହାସଲ କରିପାରିବା। ଏପରି କଲେ ସୀମା ସେପଟେ ଥିବା ଲୋକେ ବିଦ୍ରୋହ କରି ଭାରତ ସହ ମିଶିବାକୁ ଚାହିଁବେ। ଏହା ହିଁ ରୋଡ୍ମ୍ୟାପ୍ ବୋଲି ରାଜ୍ୟପାଳ ସ୍ପଷ୍ଟ କରିଛନ୍ତି।





ଭାରତ ସୀମା ସଂଲଗ୍ନ ପାକିସ୍ତାନର କର୍ତାରପୁରସ୍ଥିତ ଶିଖ୍ ଧର୍ମପୀଠ ଗୁରୁଦ୍ୱାରା ଦରବାର ସାହିବ୍ କରିଡର୍ ନିର୍ମାଣ ଜୋରଦାର ଚାଲିଥିବାବେଳେ ସେହି କାର୍ଯ୍ୟରେ ନିୟୋଜିତ ଜଣେ ବ୍ୟକ୍ତି।

### ଚିଦାମ୍ବରମ୍ଙ୍କୁ ଜେଲରେ ଭେଟିଲେ ଆଜାଦ

ନୂଆଦିଲ୍ଲୀ, ୧୮।୯: ତିହାର ଜେଲ୍ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ୍ଙ୍କୁ ବୁଧବାର ସକାଳେ କଂଗ୍ରେସର ଦୁଇ ବରିଷ୍ଠ ନେତା ଗୁଲାମ୍ ନବି ଆଜାଦ୍, ଅହମ୍ମଦ ପଟେଲ ଭେଟିଥିଲେ। ସେମାନଙ୍କ ସହ ଚିଦାମ୍ବରମ୍ଙ୍କ ପୁଅ କାର୍ତ୍ତି ମଧ୍ୟ ଥିଲେ। ହିନ୍ଦୀ ଭାଷା ଦେଶକୁ ଏକ ସୂତ୍ରରେ ବାନ୍ଧି ରଖିବାରେ ସହାୟକ ହେବ ବୋଲି ଭାବିବା ଭୁଲ ବୋଲି ତିହାର ଜେଲ୍ରେ ଥିବା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ବୁଧବାର କହିଛନ୍ତି। ଏଭଳି ଚିନ୍ତାଧାରା ଭୟଙ୍କର ପରିସ୍ଥିତି ସୃଷ୍ଟିକରିବ। ସବୁ ଭାଷାକୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ। ତାମିଲ ଭାଷାଭାଷୀ ଲୋକ ଓ ଅନ୍ୟ ଆଞ୍ଚଳିକ ଭାଷାର ଲୋକମାନେ ଏହାକୁ କଦାପି ଗ୍ରହଣ କରିପାରିବେ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଅଧ ଘଣ୍ଟା ଧରି ହୋଇଥିବା ଆଲୋଚନାରେ କଶ୍ମୀର, ଆଗକୁ ହେବାକୁ ଥିବା ନିର୍ବାଚନ, ଆର୍ଥିକ ମାନ୍ଦାବସ୍ଥା, ଦେଶର ରାଜନୈତିକ ସ୍ଥିତି ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା।

## ଲଦାଖରେ ସେନାର ସମରାଭ୍ୟାସ

ନୂଆଦିଲ୍ଲୀ,୧୮।୯(ପି.ଟି.)



ପୂର୍ବ ଲଦାଖର ଅତ୍ୟୁଚ୍ଚ ଅଞ୍ଚଳରେ ବୁଧବାର ଭାରତୀୟ ସେନା ପକ୍ଷରୁ ସମରାଭ୍ୟାସ କରାଯାଇଛି। ଲ୍ୟୁଟ୍ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀଙ୍କ ତତ୍ତ୍ୱାବଧାନରେ ହାଇ ଟେକ୍ନୋଲୋଜି ପ୍ଲାଟ୍ଫର୍ମ ସହ ବ୍ୟବସ୍ଥିତ ସୁରକ୍ଷା ବଳ ୧୨ ହଜାର ଫୁଟ୍ ଉଚ୍ଚତାରେ ଯୁଦ୍ଧ କୌଶଳ ପ୍ରଦର୍ଶନ କରିଥିଲେ। ନର୍ଦ୍ଦର୍ନ କମାଣ୍ଡ ଯୁଦ୍ଧ କ୍ଷେତ୍ରରେ ସଫଳତା ହାସଲ କରିବାର ଲିଗାସିକୁ ବଳବତ୍ତର ରଖିବ ବୋଲି ଏହାର ମୁଖ୍ୟ ଲ୍ୟୁଟ୍ନାଣ୍ଟ ଜେନେରାଲ ରଣବୀର ସିଂ ଆସ୍ଥା ପ୍ରକଟ କରିଛନ୍ତି। ଏହାସହ ସୀମାନ୍ତରେ ଅପରେଶନ୍ ପାଇଁ ସଜାଗ ଓ ପ୍ରସ୍ତୁତ ରହିବାକୁ ଯବାନମାନଙ୍କୁ ସେ ପରାମର୍ଶ ଦେଇଥିଲେ।

ପ୍ରକାଶ ଯେ, ଗତ ସପ୍ତାହରେ ପୂର୍ବ ଲଦାଖର ପଙ୍ଗୋଙ୍ଗ୍ ସୋ ହ୍ରଦ ନିକଟରେ ଭାରତୀୟ ସେନା ପାଟ୍ରୋଲିଂ କରୁଥିବାବେଳେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ଏହାକୁ ନେଇ ଆପତ୍ତି ଉଠାଇଥିଲା। ଫଳରେ ଯୁକ୍ତିତର୍କରୁ ହାତାହାତି ଯାଏ କଥା ଯାଇଥିଲା। ଉଭୟ ପକ୍ଷର ପ୍ରତିନିଧି ମଣ୍ଡଳସ୍ତରୀୟ ଆଲୋଚନା ପରେ ସ୍ଥିତି ଶାନ୍ତ ହୋଇଥିଲା। ଏହି ଅଞ୍ଚଳକୁ ନିଜ ଭୂଖଣ୍ଡ ବୋଲି ଦାବି କରୁଥିବା ଚାଇନା ପାଇଁ ଭାରତୀୟ ସେନାର ସମରାଭ୍ୟାସ ଏକ ସନ୍ଦେଶ ବୋଲି କୁହାଯାଉଛି।

## ଶ୍ୟାମ ରାମ୍ସେଙ୍କ ପରଲୋକ

**ହରର୍ ଫିଲ୍ମର ସ୍ରଷ୍ଟା**

ମୁମ୍ବାଇ,୧୮।୯(ପି.ଟି.)



ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ୟାମ ରାମ୍ସେଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୬୭ ବର୍ଷ ହୋଇଥିଲା। ୭ ରାମ୍ସେ ଭ୍ରାତାଙ୍କ ମଧ୍ୟରୁ ଅନ୍ୟତମ ଶ୍ୟାମ 'ପୁରାନି ହବେଲି', 'ତହଖାନା' ଭଳି ହରର୍ (ଭୟ ଉଦ୍ରେକକାରୀ) ଫିଲ୍ମ ନିର୍ମାଣ କରିଥିଲେ। ନିମୋନିଆରେ ପୀଡ଼ିତ ଏହି ଚଳଚ୍ଚିତ୍ର ନିର୍ଦ୍ଦେଶକ ତିନିଦିନ ପୂର୍ବରୁ ମୁମ୍ବାଇର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୁଧବାର ଭୋର ୫ଟାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

ହରର୍ ଚଳଚ୍ଚିତ୍ରର ସାମ୍ରାଜ୍ୟ ରାମ୍ସେ ଭ୍ରାତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଫତେଚାନ୍ଦ ୟୁ ରାମସିଙ୍ଘାନି ଦେଶ ବିଭାଜନ ବେଳେ କରାଚୀରୁ ମୁମ୍ବାଇ ଆସି ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ତାଙ୍କ ନାମ ସହ ରାମ୍ସେ ଯୋଡ଼ିଥିଲେ। ତାଙ୍କ ଚଳଚ୍ଚିତ୍ର ଶହୀଦ-ଇ-ଆଜମ ଭଗତ ସିଂ ଏବଂ ରୁସ୍ତମ ସରାବ ସେତେବେଳେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ରାମସିଙ୍ଘାନିଙ୍କ ୭ ପୁଅ କୁମାର, ତୁଲସୀ, ଶ୍ୟାମ, କେଶୁ, କିରନ, ଗାଙ୍ଗୁଲି ଓ ଅର୍ଜୁନ ଚଳଚ୍ଚିତ୍ର ନିର୍ମାଣରେ ସାମିଲ ହୋଇ ରାମ୍ସେ ଭ୍ରାତା ଭାବେ ପରିଚିତ ହୋଇଥିଲେ। ଏକ୍ ନହ୍ନି ମୁନ୍ନି ସି ଲଡ୍କୀ (୧୯୭୦)ରେ ସେମାନଙ୍କୁ କ୍ଷତି ସହିବାକୁ ପଡିଲା। ତୁଲସୀ ଓ ଶ୍ୟାମ ହଲ୍ରେ ବସି ଚଳଚ୍ଚିତ୍ର ଦେଖୁଥିଲା ବେଳେ ଏଥିରେ ପୃଥ୍ୱୀରାଜଙ୍କ ମୁଖାପିନ୍ଧା ଅଭିନୟରେ ଦର୍ଶକମାନେ ସର୍ବାଧିକ ପ୍ରତିକ୍ରିୟା ଦେଖାଉଥିବା ଜାଣିପାରିଥିଲେ। ଅଧିକାଂଶ ଲୋକ କେବଳ ସେହିଭଳି ଅଭିନୟ ଦେଖିବାକୁ ଆସୁଥିବା ଜାଣିବା ପରେ ସେମାନେ ହରର୍ ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ।

# ବିଶ୍ୱରେ ପ୍ରବାସୀ ଭାରତୀୟ ସର୍ବାଧିକ

ଜାତିସଂଘ,୧୮।୯(ପି.ଟି.)

**ଜାତିସଂଘ ରିପୋର୍ଟ**

■ ୧.୭୫ କୋଟି ଭାରତୀୟ ବିଦେଶରେ



ଚଳିତ ବର୍ଷର ଅନ୍ତର୍ଜାତୀୟ ପ୍ରବାସୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ ବୋଲି ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। ଜାତିସଂଘର ନୂଆ ଆକଳନ ଅନୁଯାୟୀ ସାରା ବିଶ୍ୱରେ ୨୭ କୋଟି ୨୦ ଲକ୍ଷ ପ୍ରବାସୀ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ୧ କୋଟି ୭୫ ଲକ୍ଷ, ଯାହା କି ସର୍ବାଧିକ।

ଜାତିସଂଘର ଆର୍ଥିକ ଓ ସାମାଜିକ ବ୍ୟାପର ବିଭାଗର ଜନସଂଖ୍ୟା ଶାଖା ପକ୍ଷରୁ ଅନ୍ତର୍ଜାତୀୟ ପ୍ରବାସୀ ତଥ୍ୟ ୨୦୧୯ ବୁଧବାର ପ୍ରକାଶ ପାଇଛି। ଏଥିରେ ଥିବା ପ୍ରଥମ ୧୦ଟି ଦେଶର ପ୍ରବାସୀଙ୍କ ସଂଖ୍ୟା ମୋଟ ଅନ୍ତର୍ଜାତୀୟ ପ୍ରବାସୀର ଏକ-ତୃତୀୟାଂଶ। ୧୭.୫ ନିୟୁତ ପ୍ରବାସୀଙ୍କ ସହ ଭାରତ ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ମେକ୍ସିକୋ (୧୧.୮ ନିୟୁତ) ଓ ତୃତୀୟରେ ଚାଇନା (୧୦.୭ ନିୟୁତ) ରହିଛି। ଅନ୍ୟମାନଙ୍କ ମଧ୍ୟରେ ରୁଷିଆ, ସିରିଆ, ବାଂଲାଦେଶ, ପାକିସ୍ତାନ, ୟୁକ୍ରେନ୍, ଫିଲିପାଇନ୍ସ ଓ ଆଫଗାନିସ୍ତାନ ଯଥାକ୍ରମେ ଚତୁର୍ଥରୁ ଦଶମ ସ୍ଥାନରେ ରହିଛନ୍ତି।

ଅନ୍ୟପକ୍ଷରେ ଭାରତ ଚଳିତ ବର୍ଷ ୫୧ଲକ୍ଷ ଅନ୍ତର୍ଜାତୀୟ ପ୍ରବାସୀଙ୍କୁ ନିଜ ଦେଶରେ ସ୍ଥାନ ଦେଇଛି। ୨୦୧୦ରୁ ଭାରତରେ ଅନ୍ତର୍ଜାତୀୟ ପ୍ରବାସୀଙ୍କ ସଂଖ୍ୟା ଦେଶର ମୋଟ ଜନସଂଖ୍ୟାର ୦.୪ ପ୍ରତିଶତ ରହିଆସିଛି। ସେମାନଙ୍କ ମଧ୍ୟରେ ମହିଳା ପ୍ରବାସୀଙ୍କ ସଂଖ୍ୟା ୪୮.୮ ପ୍ରତିଶତ। ଭାରତରେ ରହିଥିବା ପ୍ରବାସୀଙ୍କ ମଧ୍ୟରୁ ୨ ଲକ୍ଷ ୭ ହଜାର ଶରଣାର୍ଥୀ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଭାରତକୁ ସର୍ବାଧିକ ପ୍ରବାସୀ ବାଂଲାଦେଶ, ପାକିସ୍ତାନ ଓ ନେପାଳରୁ ଆସିଥାନ୍ତି।

ଚଳିତ ବର୍ଷ ୟୁରୋପ ମହାଦେଶ ସର୍ବାଧିକ ୮୨ ନିୟୁତ ପ୍ରବାସୀଙ୍କୁ ସ୍ଥାନ ଦେଇଥିବା ବେଳେ ଏହା ପଛକୁ ଉତ୍ତର ଆମେରିକା (୫୯ ନିୟୁତ) ଏବଂ ଉତ୍ତର ଆଫ୍ରିକା ଓ ପଶ୍ଚିମ ଏସିଆ (୪୯ ନିୟୁତ) ରହିଛି। ସର୍ବାଧିକ ପ୍ରବାସୀ ରହିଥିବା ଦେଶ ମଧ୍ୟରେ ଆମେରିକା ପ୍ରଥମ ସ୍ଥାନରେ ଥିବାବେଳେ ଏହା ପଛକୁ ଜର୍ମାନୀ ଓ ସୌଦି ଆରବ ରହିଛନ୍ତି। ଆମେରିକା ସର୍ବାଧିକ ୫୧ ନିୟୁତ ପ୍ରବାସୀ ବସବାସ କରୁଛନ୍ତି। ଜର୍ମାନୀ ଓ ସୌଦି ଆରବରେ ୧୩ ନିୟୁତ ଲେଖାଏ ପ୍ରବାସୀ ରହୁଥିବାବେଳେ ରୁଷିଆରେ ୧୨ ନିୟୁତ, ବ୍ରିଟେନରେ ୧୦ ନିୟୁତ ଏବଂ ୟୁନାଇଟେଡ ଆରବ ଏମିରେଟ୍ସରେ ୯ ନିୟୁତ ପ୍ରବାସୀ ଅଛନ୍ତି।

୨୦୧୦ରୁ ୨୦୧୭ ମଧ୍ୟରେ ସାରା ବିଶ୍ୱରେ ଶରଣାର୍ଥୀଙ୍କ ସଂଖ୍ୟା ପାଖାପାଖି ୧୩ ନିୟୁତ ବୃଦ୍ଧି ପାଇଥିଲା, ଯାହା କି ମୋଟ ଅନ୍ତର୍ଜାତୀୟ ପ୍ରବାସୀଙ୍କ ଏକଚତୁର୍ଥାଂଶ। ଉତ୍ତର ଆଫ୍ରିକା ଓ ପଶ୍ଚିମ ଏସିଆରେ ପାଖାପାଖି ୪୬ ପ୍ରତିଶତ ଶରଣାର୍ଥୀ ରହୁଛନ୍ତି। ଏହା ପଛକୁ ସାହାରାର ଦକ୍ଷିଣ ପାର୍ଶ୍ୱରେ ଥିବା ଆଫ୍ରିକୀୟ ଦେଶ ରହିଛନ୍ତି। ଅନ୍ୟପକ୍ଷରେ ମହିଳା ପ୍ରବାସୀଙ୍କ ସଂଖ୍ୟା ଉତ୍ତର ଆମେରିକାରେ ସର୍ବାଧିକ ହୋଇଥିବାବେଳେ ଏହା ପଛକୁ ୟୁରୋପ ରହିଛି।



"କପିଲ ଶର୍ମା ଶୋ'କୁ ଫେରିବା ନେଇ ହେଉଥିବା ଆଲୋଚନାରେ କୌଣସି ସତ୍ୟତା ନାହିଁ।

–ସୁନୀଲ ଗ୍ରୋଭର,
ହାସ୍ୟାଭିନେତା



## 'ଉବର' ଆପ୍‌ରେ ତ୍ରୁଟି ଧରିଲେ ଭାରତୀୟ ବିଶେଷଜ୍ଞ

# କମ୍ପାନୀ ଦେଲା ୪.୫ ଲକ୍ଷ ପୁରସ୍କାର

**ନୂଆଦିଲ୍ଲୀ:** ମାତ୍ର କିଛି ବର୍ଷ ମଧ୍ୟରେ ମଲ୍ଟିନ୍ୟାଶନାଲ ଟ୍ରାନ୍ସପୋର୍ଟ କମ୍ପାନୀ 'ଉବର' ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସକ୍ଷମ ହୋଇଛି। ଲୋକଙ୍କୁ ହାତ ପାହାନ୍ତାରେ କ୍ୟାବ୍ ସେବା ଯୋଗାଇ ଦେବାକୁ କମ୍ପାନୀ ନିଜସ୍ୱ ଆପ୍ ବି ବିକଶିତ କରିସାରିଲାଣି। ହେଲେ ହୁଏତ କମ୍ ଲୋକଙ୍କ ଧାରଣା ଥିବ, 'ଉବର' ଭଳି ବହୁଦେଶୀୟ କମ୍ପାନୀର ଆପ୍ ବି ତ୍ରୁଟିରହିତ ନୁହେଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଭାରତୀୟ ସଫ୍ଟୱେର ଇଞ୍ଜିନିୟର ଆନନ୍ଦ ପ୍ରକାଶ। ଏଥିପାଇ 'ଉବର' ତାଙ୍କୁ ପୁରସ୍କୃତ କରିଛି। ଆଉ ପୁରସ୍କାର ରାଶି ବାବଦକୁ ଦେଇଛି ୬୫୦୦ ଡଲାର, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପାଖାପାଖି ୪.୬ ଲକ୍ଷ।

ସାଇବର ସୁରକ୍ଷା ସମ୍ପର୍କିତ ଗବେଷଣରେ ରୁଚି ରଖିଥିବା ଆନନ୍ଦ ଚେନ୍ନାଇସ୍ଥିତ ବେଲ୍ଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ପାସ୍ କରିଛନ୍ତି। 'ଉବର' ଆପ୍‌ର ପ୍ରୋଗ୍ରାମିଂ ଇଣ୍ଟରଫେସ୍‌ରେ ସାଂଘାତିକ ତ୍ରୁଟି (ବଗ୍) ରହିଥିଲା। ହ୍ୟାକରମାନେ ଆପ୍‌କୁ ସହଜରେ ହ୍ୟାକ୍ କରିବା ଆଶଙ୍କା ରହିଥିଲା। ଏହାକୁ ବ୍ୟବହାର କରି ଜଣେ ଚାହିଁଲେ କମ୍ପାନୀର ଆପ୍ ଜରିଆରେ ଅନ୍ୟଜଣଙ୍କ ଆକାଉଣ୍ଟକୁ ସହଜରେ ନିୟନ୍ତ୍ରଣ କରିପାରନ୍ତେ। ନିଜର ଗବେଷଣାଲବ୍ଧ ଜ୍ଞାନର ପ୍ରୟୋଗ କରି ଏହି ତ୍ରୁଟିକୁ ଧରିଥିଲେ ଆନନ୍ଦ। ଏ ସମ୍ପର୍କରେ କମ୍ପାନୀକୁ ଅବଗତ କରାଇବା ପରେ ଏହାକୁ ସୁଧାରି ଦିଆଯାଇଛି। ବାଙ୍ଗାଲୋର ନିବାସୀ ଆନନ୍ଦ ଏଥିପୂର୍ବରୁ




ମଧ୍ୟ ଉବର ଆପ୍‌ରେ ଥିବା ଏକ ତ୍ରୁଟିକୁ କମ୍ପାନୀ ନଜରକୁ ଆଣିଥିଲେ। ଉକ୍ତ ଆପ୍‌ରେ ଭୁଲରେ ଏପରି ଏକ ବ୍ୟବସ୍ଥା ରହିଯାଇଥିଲା, ଯାହାକୁ ବ୍ୟବହାର କରି ଜଣେ ବ୍ୟକ୍ତି ସାରା ଜୀବନ ବିନା ଦେୟରେ ଉବର କ୍ୟାବ୍ ସେବାର ଲାଭ ଉଠାଇପାରିଥାନ୍ତା। ଏଥିଲାଗି ମଧ୍ୟ କମ୍ପାନୀ ତାଙ୍କୁ ୫୦୦୦ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୩.୫ ଲକ୍ଷ ଟଙ୍କା) ପୁରସ୍କାର ଦେଇଥିଲା।

ବୃତ୍ତିଗତ ଜୀବନରେ ଖୁବ୍ ମେହନତି ଆନନ୍ଦ। ୨୦୧୪ରେ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟର ସିକ୍ୟୁରିଟି ଇଞ୍ଜିନିୟର ଭାବେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏବେ ସେ ଫୁଡ୍‌ଟେକ୍ ଷ୍ଟାର୍ଟଅପ୍ 'ଫ୍ରେଶମେନ୍ୟୁ' ପାଇଁ କାମ କରୁଛନ୍ତି। ୨୦୧୬ରେ ସେ ନିଜର ସାଇବର ସିକ୍ୟୁରିଟି ଷ୍ଟାର୍ଟଅପ୍ 'ଆପ୍‌ସିକ୍ୟୁର' ଆରମ୍ଭ କରିଥିଲେ। ସାଇବର ସିକ୍ୟୁରିଟି କ୍ଷେତ୍ରରେ ଅତୁଳନୀୟ ଅବଦାନ ଲାଗି ତାଙ୍କୁ ଅନେକ କମ୍ପାନୀ ପୁରସ୍କୃତ କରି ସାରିଛନ୍ତି। ନିଜର ଦକ୍ଷତା ପାଇଁ 'ଥାର୍ଟି ଅଣ୍ଡର ଥାର୍ଟି ଏସିଆ ସୂଚୀ'ରେ ତାଙ୍କ ନାମ ତାଲିକାଭୁକ୍ତ ହୋଇଛି। ଏକଦା ବିନା ଆକାଉଣ୍ଟରେ ସେ ଫେସ୍‌ବୁକ୍ ପେଜ୍ ଲଗ୍ ଅନ୍ କରି ଚର୍ଚ୍ଚାକୁ ଆସିଥିଲେ। ଏଥିପାଇଁ ଫେସ୍‌ବୁକ୍ ତାଙ୍କୁ ୧୫ ହଜାର ଡଲାର (ପ୍ରାୟ ୧୦.୭୨ ଲକ୍ଷ ଟଙ୍କା) ପୁରସ୍କାର ପ୍ରଦାନ କରିଥିଲା।

## ଆଧାର କାର୍ଡ ନ ଥିଲେ ମନ୍ଦିର ଯିବା ମନା

**ମହୀଶୂର:** ଆଧାର କାର୍ଡ ନ ଥିଲେ କର୍ନାଟକ ବାନ୍ଦିପୁର ବ୍ୟାଘ୍ର ଅଭୟାରଣ୍ୟରେ ଥିବା ମା' ହୁଲିୟମ୍ମା ବେଟାଙ୍କ ଦର୍ଶନ କରିବାକୁ ଅନୁମତି ମିଳେନାହିଁ। ଜଙ୍ଗଲ ଆଖପାଖରେ ରହୁଥିବା ଲୋକମାନେ ମା'ଙ୍କ ପାଖକୁ ଗଲାବେଳେ ବନ ବିଭାଗ ଯାଞ୍ଚର ସମ୍ମୁଖୀନ ହୁଅନ୍ତି। ଆଧାରକାର୍ଡ କିମ୍ବା ଏହାର ଫଟୋକପି ନ ଦେଖାଇଲେ ସେମାନଙ୍କୁ ଜଙ୍ଗଲରେ ପ୍ରବେଶ କରିବାକୁ ଅନୁମତି ଦିଆଯାଏନାହିଁ। ଲୋକମାନେ ଜଙ୍ଗଲର ଗୋଟିଏ ପାଖରେ ରହୁଥିବାବେଳେ ମା' ହୁଲିୟମ୍ମା ବେଟାଙ୍କ ମନ୍ଦିର ଜଙ୍ଗଲ ଆର ପାଖରେ ରହିଛି। ଏଣୁ ସ୍ଥାନୀୟ ଲୋକମାନେ ସେଠାକୁ ଯିବା ପାଇଁ କମ୍ ଦୂରତାର



ଜଙ୍ଗଲିଆ ରାସ୍ତା ଜାଣିଛନ୍ତି । ବିଭିନ୍ନ ଅଞ୍ଚଳରୁ ମା'ଙ୍କୁ ଦର୍ଶନ କରିବାକୁ ଯାଉଥିବା ଶ୍ରଦ୍ଧାଳୁଙ୍କ ସାଥିରେ ବନ ବିଭାଗର କର୍ମଚାରୀ ବି ଯାଆନ୍ତି। ଜଙ୍ଗଲରେ ବାଘ ଆକ୍ରମଣର ଆଶଙ୍କା ରହିଥିବାରୁ ଲୋକମାନଙ୍କ ଉପରେ ବନବିଭାଗ କର୍ମଚାରୀମାନେ ସତର୍କ ଦୃଷ୍ଟି ରଖିଥାନ୍ତି। ଲୋକମାନେ ମଙ୍ଗଳବାର ଓ ଶୁକ୍ରବାର ମା'ଙ୍କୁ ଦର୍ଶନ କରିବା ପାଇଁ ଦିନରାତି ଚାଲିଥାନ୍ତି। ସେଠାରେ ମା'ଙ୍କୁ ମାଂସ ଭୋଗ ଲଗାଇବାର ବିଧି ରହିଛି। ଲୋକମାନେ ମା'ଙ୍କୁ ପୂଜା କରିବା ସହ ଛେଳି, ମେଣ୍ଢା ଓ କୁକୁଡା ବଳି ଦେବା ପରେ ତାହାକୁ ଜଙ୍ଗଲରେ ଫିଙ୍ଗି ଦିଅନ୍ତି । ବାଘ ତାହାକୁ ଖାଇବା ପାଇଁ ଆସି ଲୋକଙ୍କୁ ଆକ୍ରମଣ କରନ୍ତି। ଏହି କରଣରୁ ମା'ଙ୍କ ଦର୍ଶନ ପାଇଁ ପ୍ରତିବନ୍ଧକ ଲଗାଯାଇଛି।



## ମନ୍ଦିରା ବେଦୀ

## କ୍ୟାରିୟର ଲାଗି ମାତୃତ୍ୱକୁ ଅଣଦେଖା

ନୂଆଦିଲ୍ଲୀ : ନିଜର କ୍ୟାରିୟର ଲାଗି ଅଭିନେତ୍ରୀ ମନ୍ଦିରା ବେଦୀ ଦୀର୍ଘ ୧୨ ବର୍ଷ କାଳ ମାତୃତ୍ୱରୁ ଦୂରେଇ ରହିଥିବା କହିଛନ୍ତି। ଥରେ ମା'ହେଲେ କ୍ୟାରିୟର ଶେଷ ହୋଇଯିବ ବୋଲି ସେ ଭାବି ନେଇଥିଲେ। ପ୍ରଥମେ କ୍ୟାରିୟରକୁ ଗୁରୁତ୍ୱ ଦେବା ଲାଗି ସେ ନିଷ୍ପତ୍ତି ନେଇଥିଲେ। ସ୍ୱାମୀଙ୍କ ସହ କଥାହୋଇ ଏଭଳି ନିଷ୍ପତ୍ତି ନେଇଥିବା ସେ ପ୍ରକାଶ କରିଛନ୍ତି। ମନୋରଞ୍ଜନ ଜଗତରେ ମାତ୍ର ୨୦ ବର୍ଷ ବୟସରୁ ପାଦ ଥାପିଥିବା ମନ୍ଦିରାଙ୍କୁ ଏବେ ୪୭ ବର୍ଷ। ବୟସର ଛାପ ତାଙ୍କ ଉପରେ ସେଭଳି ପଡ଼ିନି। ଟେଲିଭିଜନ ଜଗତର ଜଣେ ଜଣାଶୁଣା ଚେହେରା ଭାବେ ସେ ବେଶ୍ ପରିଚିତ। 'ଶାନ୍ତି', କ୍ୟୁଁକି ଶାଶ୍ ଭି କଭି ବହୂ ଥି' ଠାରୁ ଆରମ୍ଭ କରି ଫିଲ୍ମ 'ଦିଲ୍‌ୱାଲେ ଦୁଲ୍‌ହନିୟା ଲେ ଯାଏଙ୍ଗେ', ତାସ୍‌କେଣ୍ଟ ଫାଇଲ୍', 'ସାହୁ'ରେ ସେ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ନିଜ୍ ଗ୍ଲାମର ଲୁକ୍ ସହ ବୟସକୁ ସବୁବେଳେ ଜଣେ ଅଭିନେତ୍ରୀ ଦେଖିବାକୁ ପଡ଼ିବ। ବୟସାଧିକ ହେଲେ କିମ୍ବା ଥରେ ମା' ହୋଇଗଲେ ସେଭଳି ଗ୍ଲାମର କିମ୍ବା ଲୁକ୍ ପାଇବା କଷ୍ଟକର ହୋଇପଡ଼େ। ମୋଠାରୁ ଅଧିକ ବୟସର ଅଭିନେତ୍ରୀ ଟେଲିଭିଜନ କିମ୍ବା ଫିଲ୍ମ ଦୁନିଆରେ ତିଷ୍ଠିରହିଲେ ମୋତେ ବହୁତ କଷ୍ଟ ଲାଗେ ବୋଲି ମନ୍ଦିରା କହିଛନ୍ତି। ଅଭିନୟ ଛଡ଼ା କ୍ରିକେଟରେ ରୁଚି ରଖିଥିବା ମନ୍ଦିରା ୧୨ ବର୍ଷ କାଳ ମ୍ୟାଚ୍‌ହୋଷ୍ଟିଂ ଓ ଷ୍ଟୁଡିଓ ଶୋ'ରେ ଭାଗ ନେଇଥିବା କହିଛନ୍ତି। ୧୯୯୯ରେ ରାଜ୍ କୌଶଲଙ୍କୁ ବିବାହ କରି ୨୦୧୧ରେ ପୁତ୍ର ସନ୍ତାନର ଜନନୀ ହୋଇଥିଲେ ସେ। କେବଳ କ୍ୟାରିୟର ଲାଗି ୧୨ ବର୍ଷ ତାଙ୍କୁ ମା' ହେବା ଲାଗି ଅପେକ୍ଷା କରିବାକୁ ପଡ଼ିଥିଲା। ୩୯ ବର୍ଷ ବୟସରେ ସେ ମା' ହେବାର ସୌଭାଗ୍ୟ ହାସଲ କରିଥିଲେ।

## ପାକିସ୍ତାନରୁ ଆସିଛି ଗୁପ୍ତଚର ପାରା

**ଜୟପୁର:** ରାଜସ୍ଥାନରେ ପହଞ୍ଚିଥିବା ପାକିସ୍ତାନୀ ପାରା ଭାରତୀୟ ଅନୁସନ୍ଧାନ ସଂସ୍ଥାର ନିଦ ହଜେଇ ଦେଇଛି। ଦୁଇ ଦିନ ପୂର୍ବରୁ ରାଜସ୍ଥାନର ଗଙ୍ଗାନଗର ଜିଲା ୬୧ ଏଫ୍ ନାମକ ଏକ ଗାଁକୁ ଆସିଛି ଏହି ପାରା। ଲଖବିନ୍ଦ୍ର ସିଂଙ୍କ ଚାଷଜମିରେ ପାରାଟି ଉଡିଆସି ବସିବା ଦେଖି ସେ ଏହା ଉପରେ ସନ୍ଦେହ ପ୍ରକଟ କରିଥିଲେ। ଏହାପରେ ଲଖବିନ୍ଦ୍ର ପୋଲିସକୁ ଖବର ଦେବାରୁ ପୋଲିସ ଓ ସୀମା ସୁରକ୍ଷା ବଳର ଜଣେ ଅଧିକାରୀ ସେଠାରେ ପହଞ୍ଚି ପାରାଟିକୁ ଧରି ନେଇଛନ୍ତି। ଶ୍ରୀକରଣପୁର ଥାନାରେ ପାରାଟି ଦୁଇଦିନ ରଖିବା ସମୟରେ ସୀମାସୁରକ୍ଷା ବଳ ଓ ପୋଲିସ ଅଧିକାରୀମାନେ ତା' ଉପରେ ତଦନ୍ତ କରି ଅନ୍ୟ ତଦନ୍ତକାରୀ ସଂସ୍ଥାକୁ ବି ସୂଚନା ଦେଇଥିଲେ। ଏବେ ଅଧିକ ଯାଞ୍ଚ ପାଇଁ ପାରାକୁ ବିକାନେର ଭେଟେରିନାରୀ କଲେଜକୁ ଅଣାଯାଇଛି। ଦିଲ୍ଲୀରୁ ବିଶେଷଜ୍ଞମାନେ ଆସି ଏହା ଉପରେ ଯାଞ୍ଚ କରିବେ। ପାରାର ଡାହାଣ ପାଖ ପରରେ ଉର୍ଦ୍ଦୁ ଭାଷାରେ କିଛି ମୋହର ଲଗାଯାଇଛି।



## ଆସୁଛି ମହାପ୍ରଳୟ

**ନ୍ୟୁୟର୍କ:** ଆଜକୁ ୨୬୦ ମିଲିଅନ ଅର୍ଥାତ୍ ପାଖାପାଖି ୨୬ କୋଟି ବର୍ଷ ପୂର୍ବେ ପୃଥିବୀ ସାମୂହିକ ବିନାଶର ବା ମହାପ୍ରଳୟର ସମ୍ମୁଖୀନ ହୋଇଥିଲା। ସେ ସମୟରେ ପୃଥିବୀ ଜୀବଜନ୍ତୁ ବିହୀନ ହୋଇଯାଇଥିଲା। ଏହାସହ ଭୂଗର୍ଭ ତଥା ବାହ୍ୟ କାରଣ ଯୋଗୁ ୬ଥର ପୃଥିବୀରେ ମହାପ୍ରଳୟ ସଂଘଟିତ ହୋଇଯାଇଛି। ଏବେ ଗବେଷକମାନେ ଆଉ ଏକ ମହାପ୍ରଳୟର ଆଶଙ୍କା କରିଛନ୍ତି । ଆମେରିକା ନ୍ୟୁୟର୍କ ୟୁନିଭର୍ସିଟିର ପ୍ରାଧ୍ୟାପକ ମିଶେଲ ରେମ୍ପିନୋ କହନ୍ତି,ପୂର୍ବରୁ ପରିବେଶ ଅସନ୍ତୁଳନ ଯୋଗୁ ମହାପ୍ରଳୟ ଆସିଥିଲା। ବଡ଼ଧରଣର ବନ୍ୟା ଓ ଜ୍ୱଳାମୁଖୀ ବିସ୍ଫୋରଣ ଘଟଣା ଘଟିଥିଲା। ଜ୍ୱାଳାମୁଖୀରୁ ଲାଭା ଉଦ୍‌ଗୀରଣ ହୋଇ ଲକ୍ଷ ଲକ୍ଷ କିଲୋମିଟର ପୃଥିବୀରେ ମାଡିଯିବା ଦ୍ୱାରା ଜୀବଜନ୍ତୁ ଲୋପ ପାଇଯାଇଥିଲା। ଏବେ ପୃଥିବୀରେ ତାପମାନ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏହାଦ୍ୱାରା ଖୁବ୍ ଶୀଘ୍ର ଆମକୁ ଆଉ ଏକ ମହାପ୍ରଳୟର ସାକ୍ଷୀ ହେବାକୁ ପଡିବ। ପୂର୍ବରୁ ଏମିତି ଘଟଣା ଘଟିଥିବାରୁ ବୈଜ୍ଞାନିକମାନେ ଏବକାର ବିଶ୍ୱତାପମାନ ବୃଦ୍ଧି ଆଉ ଏକ ମହାପ୍ରଳୟର ସୂଚନା ଦେଉଛି ବୋଲି କହନ୍ତି ରେମ୍ପିନୋ।



## ପି ଭି ସିନ୍ଧୁଙ୍କୁ ବାହାହେବାକୁ ଜିଦ୍

### ଜିଲାପାଳଙ୍କୁ ଆବେଦନ କଲେ ୭୦ ବର୍ଷୀୟ ବୃଦ୍ଧ

**ରାମନାଥପୁରମ୍:** ୭୦ ବର୍ଷର ବୃଦ୍ଧ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଖେଳାଳିଙ୍କ ପାଇଁ କିଭଳି ପାଗଳ ହୁଅନ୍ତି ତାହା ସାମ୍‌ନାକୁ ଆସିଛି ତାମିଲନାଡୁରେ। ୭୦ ବର୍ଷ ବୟସ୍କ ମଲାୟସାମୀ ବିଶ୍ୱ ବ୍ୟାଡମିଣ୍ଟନ ବିଜେତା ପି ଭି ସିନ୍ଧୁଙ୍କୁ ବାହା ହେବା ପାଇଁ ରାମନାଥପୁରମ୍ ଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସାପ୍ତାହିକ ଜନଶୁଣାଣି ଅବସରରେ ଜିଲାପାଳଙ୍କୁ ଆବେଦନ କରିଛନ୍ତି। ମଲାୟସାମୀ ପିଭି ସିନ୍ଧୁ ଓ ତାଙ୍କ ଫଟୋ ସହ ଆବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରି ସିନ୍ଧୁଙ୍କୁ ବାହାହେବା ପାଇଁ ନିଜର ଇଚ୍ଛା ପ୍ରକଟ କରିଛନ୍ତି। ପ୍ରଶାସନ ଯଦି ଏହି ବାହାଘର ପାଇଁ ଅନୁମତି ନ ଦିଅନ୍ତି ତେବେ ସେ ସିନ୍ଧୁଙ୍କୁ ଅପହରଣ କରିବେ ବୋଲି ଧମକ ମଧ୍ୟ ଦେଇଛନ୍ତି। ଏତିକିରେ ତାଙ୍କ ଦାବି ଅଟକି ନାହିଁ। ବୃଦ୍ଧାବସ୍ଥାର ରୂପ ଯାହା ହେଉନା କାହିଁକି ନିଜକୁ କିଶୋର ବୋଲି ପ୍ରମାଣ କରିବା ପାଇଁ ପଛାଇ ନାହାନ୍ତି ମଲାୟସାମୀ। ସେ ଏପ୍ରିଲ ୪, ୨୦୦୪ରେ ଜନ୍ମ ହୋଇଛନ୍ତି ଓ ତାଙ୍କ ବୟସ ଏବେ୧୬ ବର୍ଷ ବୋଲି ଯୁକ୍ତି ବାଢିଛନ୍ତି। ସବୁ ଶୁଣି ଜିଲାପାଳ ଏହି ଆବେଦନକୁ ଖାରଜ କରିଦେଇଛନ୍ତି। ବୃଦ୍ଧ ଜଣଙ୍କର ମାନସିକ ଅବସ୍ଥା ଠିକ୍ ଅଛି କି ନାହିଁ ତାହା ତଦନ୍ତ କରାଯିବ ବୋଲି କହିଛନ୍ତି।



## ପ୍ରେମ ସମ୍ପର୍କକୁ ସୁଦୃଢ଼ କରେ ସ୍ୱାଭିମାନ



ପ୍ରେମିକା ପ୍ରେମିକଙ୍କ ମଧ୍ୟରେ ପ୍ରେମ ସମ୍ପର୍କକୁ ସୁଦୃଢ଼ କରିଥାଏ ସ୍ୱାଭିମାନ। ଏହା ପ୍ରେମୀ ଯୁଗଳଙ୍କ ମାନସିକ ସ୍ଥିତିକୁ ଦୃଢ଼ କରିବାରେ ସହାୟକ ହୋଇଥାଏ। ଫଳରେ ପ୍ରେମୀ ଯୁଗଳଙ୍କଠାରେ ଆତ୍ମସମ୍ମାନ ଓ ବ୍ୟକ୍ତିତ୍ୱ ନିଷ୍ଠା ସ୍ୱାଭିମାନ ଦ୍ୱାରା ପରିପ୍ରକାଶ ହୋଇଥାଏ ବୋଲି ୱାଟରଲୁ ବିଶ୍ୱ ବିଦ୍ୟାଳୟର ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ ରହିଛି। ଏନେଇ ଏକ ସର୍ଭେରେ ୧୦ ହଜାର ପ୍ରେମୀଯୁଗଳଙ୍କ ଉପରେ ଅଧ୍ୟୟନ କରାଯାଇଥିଲା। ଜଣାପଡ଼ିଥିଲା ସ୍ୱାଭିମାନ ଯୋଗୁ ପ୍ରେମୀ ଯୁଗଳଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯାଇଥାଏ। ଏହାର ପ୍ରଭାବରେ ସେମାନେ ବାହାରେ ବୁଲିବା ଛାଡିଦେଇ ପରସ୍ପର ସହିତ ସମୟ କଟାଇବାକୁ ଅଧିକ ପସନ୍ଦ କରନ୍ତି। ସେହିପରି ଖାମଖିଆଲି ଭାବେ କଥାବାର୍ତ୍ତା କରିବାକୁ ସେମାନେ ନାପସନ୍ଦ କରିଥାନ୍ତି। ଜୀବନକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବା ଆରମ୍ଭ କରନ୍ତି ବୋଲି ଏହି ଗବେଷଣା ରିପୋର୍ଟରେ ସୂଚିତ ହୋଇଛି।

## ଲଣ୍ଡା ହେଉଛନ୍ତି ଦକ୍ଷିଣ କୋରିଆ ନେତା

**ସିଓଲ:** ଦକ୍ଷିଣ କୋରିଆର ବିରୋଧୀ ଦଳ ନେତା ହେଉଛନ୍ତି ସରକାରଙ୍କୁ ବିରୋଧ କରି ସଦ୍ୟ ସର୍ବସାଧାରଣରେ ଚୁଟି କଟାଇଥିବା ରାଜନେତା। ହୟାଙ୍ଗ୍ କ୍ୟୋ-ଅହନ୍ ସୋମବାର ସନ୍ଧ୍ୟାରେ ରାଷ୍ଟ୍ରପତୀୟ ପ୍ରାସାଦ ସମ୍ମୁଖରେ ତାଙ୍କ ସମର୍ଥକ ଓ ଖବରଦାତାଙ୍କ ଆଗରେ ଲଣ୍ଡା ହୋଇଛନ୍ତି। ଏହି ବିକ୍ଷୋଭ ହେଉଛି ନୂଆ ନ୍ୟାୟ ମନ୍ତ୍ରୀ ଚୋ କୁକ୍‌ଙ୍କ ବିରୋଧରେ, ଯାହାଙ୍କ ପରିବାର ଭ୍ରଷ୍ଟାଚାର ଅଭିଯୋଗରେ ଛନ୍ଦି ହୋଇଯାଇଛି। ଗତ ସପ୍ତାହରେ ଦୁଇଜଣ ମହିଳା ଏମ୍‌ପି ଏହି ବିବାଦକୁ ନେଇ ସେମାନଙ୍କ ମୁଣ୍ଡର ଚୁଟି କଟାଇଦେଇଥିଲେ। ଚୋ କୁକ୍ ହେଉଛନ୍ତି ଜଣେ ପୂର୍ବତନ ଆଇନଜୀବୀ ତଥା ରାଷ୍ଟ୍ରପତି ମୁନ୍‌ଙ୍କ ସହଯୋଗୀ। ଗତ ସପ୍ତାହରେ ମୁନ୍ ତାଙ୍କୁ ନ୍ୟାୟ ମନ୍ତ୍ରୀ ଭାବେ ନିଯୁକ୍ତ କରିଛନ୍ତି। ଚୋ'ଙ୍କ ପରିବାର ବିରୋଧରେ ଶୈକ୍ଷିକ ଠକେଇ ତଥା ଆର୍ଥିକ ଅପରାଧ ଅଭିଯୋଗ ରହିଥିଲେ ହେଁ ମନ୍ତ୍ରୀ ପଦ ଦିଆଯାଇଥିବାରୁ ତାଙ୍କ ସମାଲୋଚକମାନେ କ୍ଷୁବ୍ଧ ହୋଇଛନ୍ତି। ଚୋ ଇସ୍ତଫା ଦିଅନ୍ତୁ ନଚେତ୍ ରାଷ୍ଟ୍ରପତି ମୁନ୍ ଜାଏ-ଉନ୍ ତାଙ୍କୁ ପଦରୁ ବହିଷ୍କାର କରନ୍ତୁ ବୋଲି ସେମାନେ ଦାବି କରୁଛନ୍ତି। ଦକ୍ଷିଣ କୋରିଆରେ ଚୁଟି କଟାଇ ବା ଲଣ୍ଡା ହୋଇ ବିକ୍ଷୋଭ ପ୍ରଦର୍ଶନ କରିବାର ପୁରୁଣା ପରମ୍ପରା ରହିଛି। ୧୯୬୦ରୁ ୭୦ ଦଶକ ମଧ୍ୟରେ ଦକ୍ଷିଣ କୋରିଆରେ ସାମରିକ ଏକଚ୍ଛତ୍ରବାଦ ଶାସନ ଚାଲିଥିବାବେଳେ ବିଦ୍ରୋହୀ ଗୋଷ୍ଠୀ ଲଣ୍ଡା ହୋଇ ଏହାର ପ୍ରତିବାଦ କରୁଥିଲେ। ୨୦୧୮ରେ ଟଏଲେଟ ଓ ଚେଞ୍ଜିଙ୍ଗ୍ ରୁମ୍‌ଗୁଡ଼ିକରେ ସ୍ପାଏ କ୍ୟାମେରା ସଂଯୋଗ କରାଯାଇ ଗୋପନୀୟ ଭାବେ ମହିଳାଙ୍କ ବିବସ୍ତ୍ର ଦୃଶ୍ୟର ଶୁଟିଂ କରାଯାଉଥିଲା। ଏହାକୁ ବିରୋଧ କରି ମହିଳାମାନେ ଲଣ୍ଡା ହୋଇ ବିକ୍ଷୋଭ ଶୋଭାଯାତ୍ରା କରିଥିଲେ। ଏହାର ଦୁଇବର୍ଷ ପୂର୍ବରୁ ୯୦୦ରୁ ଊର୍ଦ୍ଧ୍ୱ ଦକ୍ଷିଣ କୋରୀୟ ଲଣ୍ଡା ହୋଇ ଆମେରିକାର ଏକ କ୍ଷେପଣାସ୍ତ୍ର ନିରୋଧୀ ବ୍ୟବସ୍ଥା (ଆଣ୍ଟାଇ ମିଶାଇଲ୍ ସିଷ୍ଟମ୍)କୁ ବିରୋଧ କରିଥିଲେ। ସେହିପରି ୨୦୦୭ରେ ମଧ୍ୟ ଏକ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନକୁ ନେଇ ବିବାଦ ସୃଷ୍ଟିହେବା ପରେ ଶତାଧିକ ଲୋକ ଲଣ୍ଡା ହୋଇ ବିକ୍ଷୋଭ କରିଥିଲେ।





କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଧମା ବିଦ୍ୟୁତ୍ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା

**ଧମା, ୧୮।୯ (ଡି.ଏନ.ଏ.):** ସ୍ଥାନୀୟ ବିଦ୍ୟୁତ ବିଭାଗର କାର୍ଯ୍ୟାଳୟରେ ଚଳିତ ବର୍ଷ ଧୁମଧାମରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମାଙ୍କ ମେଢ଼ ବସାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଜଗଦୀଶ ଦାଶଙ୍କ ପୌରୋହିତ୍ୟରେ କର୍ମଚାରୀ ଜୟଦେବ ମିଞ୍ଜ କର୍ତ୍ତା ଭାବରେ ଯୋଗଦେଇ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ । ଜୁନିୟର ଇଞ୍ଜିନିୟର ସୁଜିତ କୁମାର ନାଏକ ସହଯୋଗ କରିଥିଲେ। ବୁଧବାର ଅପରାହ୍ଣରେ ମହାନଦୀରେ ବିସର୍ଜନ କରାଯାଇଛି। ଦୀପକ ଦାସ, ମନୋଜ ମହନ୍ତ, ସୁରଥ, ଡାକ୍ତର, ମୁନା ପ୍ରମୁଖ ସହଯୋଗ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

**ପଡିଆବାହାଲ, ୧୮।୯ (ଡି.ଏନ.ଏ.):** ଝୁଝୁମୁରା ବ୍ଲକ୍ ଖଲିଆପାଲି ଛକ ପାଖରେ ୫୩ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ବାହାମ ଗ୍ରାମର ରାଜେଶ ଗୁରୁଙ୍କ ଅକାଳ ମୃତ୍ୟୁ ଘଟିଛି। ସେ ନିକଟସ୍ଥ ଏକ କାରଖାନାରେ କାମ କରିବା ସହ ବାହାମ ସେବା ସମବାୟ ସମିତିରେ ରାତ୍ର ଜଗୁଆଳି ମଧ ଥିଲେ। ମଙ୍ଗଳବାର କାରଖାନାରେ ବିଶ୍ୱକର୍ମୀ ପୂଜା ସାରି ସେ ସାଇକେଲରେ ଘରକୁ ଫେରୁଥିଲେ। ଖଲିଆପାଲି ଛକ ପାଖରେ ଏକ ଅଜଣା ଗାଡି ଧକ୍କା ଦେବାରୁ ଛିଟିକି ପଡି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସକାଳେ ତାଙ୍କ ଅନ୍ୟ ସହକର୍ମୀମାନେ ତାଙ୍କୁ ରାସ୍ତାରେ ପଡିଥିବା ଦେଖି ଘରକୁ ଖବର ଦେଇଥିଲେ । ଗ୍ରାମବାସୀ ଥାନାକୁ ଖବର ଦେବାପରେ ସଦର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ପକ୍ରିୟା ଆରମ୍ଭ କରିଥିଲା। ସ୍ଥାନୀୟ ଲୋକେ ରାସ୍ତାରେଗାଡିମୋଟର ଚଳାଚଳ ବନ୍ଦ ରଖି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ପ୍ରଶାସନିକ ଅଧିକାରୀ ଓ ରାସ୍ତା କାମ ନେଇଥିବା ଠିକା କମ୍ପାନୀର କର୍ତ୍ତୃପକ୍ଷ ପହଞ୍ଚି ଆଲୋଚନା କରିଥିଲେ। ରେଡକ୍ରସରୁ ୧୦ ହଜାର ଟଙ୍କା, ଠିକା କମ୍ପାନୀ ପକ୍ଷରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ରାଜେଶଙ୍କ ବାପାଙ୍କ ମୃତ୍ୟୁ ହୋଇ ସାରିଛି। ଏକ ଅବିବାହିତା ଭଉଣୀ ଓ ତାଙ୍କ ମା' ତାଙ୍କ ଉପରେ ନିର୍ଭର କରୁଥିଲେ।

### ଯୁବ ଇଞ୍ଜିନିୟରଙ୍କ ଆକସ୍ମିକ ବିୟୋଗ

**ରେଢାଖୋଲ,୧୮।୯(ଡି.ଏନ.ଏ.):** ରେଢାଖୋଲ ବ୍ଲକ ବଡବାହାଲ ପଞ୍ଚାୟତର ଖଣ୍ଡହତା ଗ୍ରାମର ଯୁବ ଇଞ୍ଜିନିୟର ବନ୍ଧୁ ଲୁହା (୩୨)ଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସେ ଗତ କିଛି ମାସ ଧରି ଅସୁସ୍ଥ ଥିଲେ। କିଛିଦିନ ତଳେ ଗାଁକୁ ଆସିଥିଲାବେଳେ ଏଠାରେ ମୃତ୍ୟୁ ଘଟିଛି। ସେ ବଡବାହାଲ ପଞ୍ଚଖଣ୍ଡା ହାଇସ୍କୁଲରୁ ମାଟ୍ରିକ ପରେ ଭୁବନେଶ୍ୱରରେ ଡିପ୍ଲୋମା ଓ ବିଟେକ କରିବା ପରେ ବେଙ୍ଗାଲୁରରେ ଏକ କମ୍ପାନୀରେ କେମିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ତାଙ୍କର ୨ ଝିଅ ଓ ପତ୍ନୀ ଅଛନ୍ତି। ତାଙ୍କ ଆକସ୍ମିକ ବିୟୋଗରେ ବଡବାହାଲ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

### କିସିଣ୍ଡାରେ ଆଞ୍ଚଳିକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

**ନାକଟିଦେଉଳ,୧୮।୯(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡାଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସାର୍ବଜନୀନ ଦୁର୍ଗାପୂଜା ମହାସମାରୋହରେ ଆୟୋଜିତ ହେବ। ଏଥିପାଇଁ ଆଞ୍ଚଳିକ ଦୁର୍ଗାପୂଜା କମିଟି ପକ୍ଷରୁ କିସିଣ୍ଡା ଦୁର୍ଗାପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପୂଜା କମିଟିର ଚେୟାରମ୍ୟାନ ବିପିନ ବିହାରି ପ୍ରଧାନଙ୍କ ଅଧକ୍ଷତାରେ ଏହି ପ୍ରସ୍ତୁତି ବୈଠକ ବସିଥିଲା। ଅକ୍ଷୟ ନାଏକ, ସବ୍ୟସାଚୀ ପଣ୍ଡା, କ୍ଷେତ୍ରମୋହନ ବାଗ, ବାସନ୍ତୀ କୁମୁରା, ବିପିନ ବିହାରୀ ପ୍ରଧାନ ଏବଂ ରମାକାନ୍ତ ପ୍ରଧାନଙ୍କୁ ଏକ କମିଟି ଗଠିତ ହୋଇଛି। ପାଣିଗ୍ରାହିପାଲି ଗ୍ରାମର ଆଶିଷ ପ୍ରଧାନ ଏବଂ ଶାନ୍ତିଲତା ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇବେ । ସେହିପରି କିସିଣ୍ଡା ଗ୍ରାମର ସମ୍ବାରୁ ନାଏକ ଉପକର୍ତ୍ତା ରହିଛନ୍ତି।

# ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଅ

**ବାମରା, ୧୮।୯ (ଡି.ଏନ.ଏ.)**

- ଗଡପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
- ରାତିରେ ଡାକ୍ତର ରହୁ ନାହାନ୍ତି
- ତାତିଲେ ସ୍ଥାନୀୟ ଲୋକେ
- ତାଲା ମାରି ଧାରଣା ଦେଲେ
- ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ

ସମ୍ବଲପୁର ଜିଲା ବାମରା ବ୍ଲକର ପ୍ରମୁଖ ଡାକ୍ତରଖାନା ଭାବେ ପରିଚିତ ଗଡପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅବହେଳା କରାଯାଉଛି। ଏଭଳି ଅଭିଯୋଗ ନେଇ ସ୍ଥାନୀୟ ଜନପ୍ରତିନିଧି ଓ ସାଧାରଣ ଲୋକମାନେ ବୁଧବାର ଧାରଣାରେ ବସିଥିଲେ। ପ୍ରଶାସନର ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଗଡପୋଷ ଡାକ୍ତରଖାନାରେ ଜଣେ ଏମ୍‌ବିବିଏସ୍, ଏଣେ ଡେଣ୍ଟିଷ୍ଟ ଓ ୩ଜଣ ଆୟୁଷ ଡାକ୍ତରଙ୍କୁ ମିଶାଇ ମୋଟ ୫ଜଣ ଡାକ୍ତର ରହିବା କଥା। ହେଲେ ଏହି ଡାକ୍ତରମାନେ ପ୍ରାୟ ସମୟରେ ଅନୁପସ୍ଥିତ ରହୁଛନ୍ତି। ରାତିରେ କୌଣସି ଡାକ୍ତର ରହୁ ନାହାନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ୨ଜଣ ଗୁରୁତର ରୋଗୀ ଓ ଜଣେ ଦୁର୍ଘଟଣାଗ୍ରସ୍ତ ହୋଇ ଡାକ୍ତରଖାନାକୁ ପହଞ୍ଚିଥିଲେ। ହେଲେ କୌଣସି ଡାକ୍ତର ଉପସ୍ଥିତ ନଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଏଣୁ ଉତ୍ତେଜିତ ଲୋକେ ଡାକ୍ତରଖାନାରେ ତାଲା ପକାଇ ଦେଇଥିଲେ। ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ ରଣା ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ତାଲା ଖୋଲିଥିଲେ । ବୁଧବାର ପୁଣି ଥରେ ଜନପ୍ରତିନିଧି ଓ ଗ୍ରାମବାସୀ ଗଡପୋଷ ଡାକ୍ତରଖାନା ପରିସରରେ ପହଞ୍ଚି ମୁଖ୍ୟ ଫାଟକରେ ତାଲା ମରିବା ସହ ଧାରଣାରେ ବସିଥିଲେ । ଖବର ପାଇ ପ୍ରଶାସନ ପକ୍ଷରୁ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାଏକ, ସିଡିଏମଓ ଡା. ପଙ୍କଜିନୀ ପଣ୍ଡା, ଏସଡିଏମଓ ଏଏମ ଖଣ୍ଡା, ପିଓ ଆଇଟିଡିଓ ପବିତ୍ର ବେହେରା, ଡିପିଏମ ଡା. ସୌମମୀ ମିଶ୍ର, ଆରସିଏଚ ବିଏମ ଅଶ୍ୱିନୀ ମହାନନ୍ଦ, ବାମରା ତହସିଲଦାର ଅନୀଲ କୁଲୁ ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ପହଞ୍ଚି ଥିଲେ। ଉତ୍ୟକ୍ତ ଲୋକଙ୍କୁ ଏମାନେ ବୁଝାସୁଝା କରିବା ସହ ଡାକ୍ତରଙ୍କ ଏକ ତାଲିକା ପ୍ରସ୍ତୁତ କରି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ପୂର୍ବତନ କୁଚିଣ୍ଡା ବିଧାୟକ ରାଜେନ୍ଦ୍ର ଛତ୍ରିଆ, ବାମରା ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ସାଗରା ସରପଞ୍ଚ ଦିଗାମ୍ବର ନାଏକ, ଜିଲାପରିଷଦ ସଭ୍ୟା କୁମୁଦିନୀ ନାଏକ, କିନାବଗା ସରପଞ୍ଚ ନିଆରଜାନ ଲୁଗୁନ, ସମିତି ସଭ୍ୟା ବିନାପାଣି ନାଏକ, ବିରଞ୍ଚି ମାଝୀ, ଇତୱାରୀ ଲୁଗୁନ, ବିପିନ କିଶୋର ବିଲୁଙ୍ଗ ଓ ସରପଞ୍ଚ କୌଶଲ୍ୟା ମିଞ୍ଜଙ୍କ ସହ ଶତାଧିକ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ ।



ଗଡପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆନ୍ଦୋଳନକାରୀଙ୍କୁ ପ୍ରଶାସନିକ ଅଧିକାରୀମାନେ ମନାଉଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ଧମା, ୧୮।୯ (ଡି.ଏନ.ଏ.)**

ଧମା ଥାନା ଅନ୍ତର୍ଗତ ଲରାସରା ଅଞ୍ଚଳରେ ବୁଧବାର ପୂର୍ବାହ୍ଣରେ ଏକ କାର ଦୁର୍ଘଟଣାରେ ଗୋଟିଏ ପରିବାରର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ୨ଜଣ ମହିଳା ଆହତ ହୋଇଛନ୍ତି । ମୃତକ ହେଲେ ସମ୍ବଲପୁର ଦାନୀପାଲିର ପର୍ଶୁରାମ ଗୁରୁ । ତାଙ୍କ ଦୁଇ ଝିଅ ସୂର୍ଯ୍ୟକାନ୍ତ ଓ ଶାନ୍ତିଲତା ଆହତ ହୋଇଛନ୍ତି। ଗୁରୁ ପରିବାର ଏକ କାର (ନଂ. ଓଡି ୧୫ ଏଚ- ୦୯୬୬)ରେ ସୋନପୁରକୁ ଏକ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିଲେ । ଗାଡିଟି ପର୍ଶୁରାମଙ୍କ ପୁଅ ଶ୍ୟାମସୁନ୍ଦର ଗୁରୁ ଚଳାଉଥିଲେ। ଦୁଇ ଝିଅ ଏବଂ ବୋହୂ ମଧ ଗାଡିରେ ବସିଥିଲେ । ପୂର୍ବାହ୍ନ ପ୍ରାୟ ୧୧ଟାରେ ସୋନପୁର-ସମ୍ବଲପୁର ୧୫ ନଂ. ରାଜ୍ୟ ରାଜପଥର ଲରାସରା ନିକଟସ୍ଥ ଟାଇଗୁନ ଢାବା ସମ୍ମୁଖରେ କାରଟି ଭାରସାମ୍ୟ ହରାଇ ଡାହାଣ ପଟ ଏକ ଆମ୍ବ ଗଛରେ ବାଡେଇ ହୋଇ ଯାଇଥିଲା। ଧମା ପୋଲିସ ଓ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ସଦର ହସ୍ପିଟାଲ ପଠାଇଥିଲେ। ସେଠାରେ ପର୍ଶୁରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ବାବଦରେ ଧମା ପୋଲିସ ଏକ ମାମଲା (ନଂ. ୧୪୫/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।



ନାକଟିଦେଉଳ କଲେଜରେ ଆନ୍ତଃ କଲେଜ ରେଡ଼କ୍ରସ ତାଲିମ ଶିବିର ପାଇଁ ପ୍ରସ୍ତୁତି ବୈଠକ ବସିଛି।

## ରେଡ଼କ୍ରସ ତାଲିମ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ନାକଟିଦେଉଳ,୧୮।୯(ଡି.ଏନ.ଏ.)**

ନାକଟିଦେଉଳ କଲେଜରେ ଆନ୍ତଃ କଲେଜ ରେଡ଼କ୍ରସ ତାଲିମ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇ ଯାଇଛି । ଆସନ୍ତା ୩୦ତାରିଖଠାରୁ ୨ତାରିଖ ପର୍ଯ୍ୟନ୍ତ ଏହି ତାଲିମ ଶିବିର ଆୟୋଜିତ ହେବ । ଏହି ପ୍ରସ୍ତୁତି ବୈଠକରେ ଅଧକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ । ରେଡ଼କ୍ରସ ଅଫିସର ଅଞ୍ଜନ କୁମାର ମିଶ୍ର, ସତ୍ୟନାରାୟଣ ପଟେଲ, ଖଗେଶ୍ୱର ଦାଶ, ହେମାନନ୍ଦ ପ୍ରଧାନ, ଦେବେଶ ବିଶ୍ୱାଳ, କନିଷ୍ଠ କଲେଜ ଅଧକ୍ଷ କନ୍ଦର୍ପ ରାଉଳ, ଅଧାପକଦୀପେନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖଲିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ଚାଷୀ ସଭା

**ପଡିଆବାହାଲ, ୧୮।୯ (ଡି.ଏନ.ଏ.)**

ଖଲିଆପାଲି ନିୟନ୍ତ୍ରିତ ବଜାର ପ୍ରାଙ୍ଗଣରେ ବୁଧବାର ଜୟଦୁର୍ଗା କୃଷକ କ୍ଲବ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଏଥିରେ ଆଲୋଚନା କରାଯାଇଥିଲା। କୈବଲ୍ୟା ପଧାନ, ନନ୍ଦିକେଶ ସାହୁ, ଜ୍ୟୋତିଷ କିଶୋର ମିଶ୍ର, ଲିଙ୍ଗରାଜ ପଧାନ, ହରିହର ନାଏକ, ମନୋଜ କୁମାର ସାହୁ, ତୋଫାନ ମେହେର, ସୁରୁବାବୁ ନାୟକ, ସୁଧାଂଶୁ ମହାପାତ୍ର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ ।

## ନୂଆ ମୋଟରଯାନ ଆଇନ ସଚେତନତା କର୍ମଶାଳା

**ଧମା, ୧୮।୯ (ଡି.ଏନ.ଏ.)**

ଝାଡେଶ୍ୱରୀ କଲେଜରେ ନୂଆ ମୋଟରଯାନ ଆଇନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ରେଡକ୍ରସ୍, ଏନ୍‌ଏସ୍‌ଏସ୍ ଓ ରୋଟ୍ରାକ୍ଟ କ୍ଲବର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି ଟ୍ରାଫିକ ସଚେତନତା ଉପରେ ଧମା ଗ୍ରାମ ପରିକ୍ରମା କରିଥିଲେ। ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ସମ୍ବଲପୁର ଟ୍ରାଫିକ ଡିଏସ୍‌ପି ସଂଯୁକ୍ତା ପଣ୍ଡା ଯୋଗ ଦେଇଥିଲେ। ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀଙ୍କୁ ନୂତନ ଯାନବାହାନ ନିୟମ ବିଷୟରେ ସେ ଅବଗତ କରାଇବା ସହ ଟ୍ରାଫିକ ନିୟମ ମାନିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏହା ଦ୍ୱାରା ନିଜର ସୁରକ୍ଷା ସହ ଆମେ ଅନ୍ୟକୁ ମଧ ସୁରକ୍ଷା ଦେଇପାରିବା ବୋଲି ପରାମର୍ଶ ଦେଇଥିଲେ । ଯୁକ୍ତ ୩ ଅଧକ୍ଷ ଅନୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ରବୀନ୍ଦ୍ର ନାରାୟଣ ଠାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ରାମ କୁମାର ସାହୁ, ସଂସାର ପ୍ରଧାନ, ସଞ୍ଜୟ କୁମାର ସାହୁ, ପ୍ରମୋଦ କୁମାର ଦେହୁରୀ ପ୍ରମୁଖ ଅଧାପକମାନେ ସହଯୋଗ କରିଥିଲେ।




ନୂଆ ମୋଟରଯାନ ଆଇନକୁ ନେଇ ସଚେତନତା ଶୋଭାଯାତ୍ରା ବାହାରିଛି।

## ବିଡିଓଙ୍କ ଅଫିସରେ ତାଲା ପକାଇଦେଲେ ବ୍ଲକ ଅଧକ୍ଷା

**ନାକଟିଦେଉଳ,୧୮।୯(ଡି.ଏନ.ଏ.)**

ନାକଟିଦେଉଳ ବିଡିଓଙ୍କ କାର୍ଯ୍ୟାଳୟରେ ବୁଧବାର ଅପରାହ୍ଣରେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ତାଲା ପକାଇ ଦେଇଥିଲେ। ନାକଟିଦେଉଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ସରକାର ୩ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି କାମ କରିବା ପାଇଁ ସ୍ଥାନୀୟ କେତେଜଣ ବିଜେଡ଼ି କର୍ମୀଙ୍କ ନାମ ବିଧାୟକ ସୁପାରିଶ କରିଛନ୍ତି। ହେଲେ ସେମାନଙ୍କୁ ଏହି କାମ ଦିଆ ନ ଯାଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଏହି କାମ ପ୍ରଦାନ କରାଯାଇଛି । ଏପରିକି ବ୍ଲକ ଅଧକ୍ଷାଙ୍କ ବିନା ଦସ୍ତଖତରେ ବିଲ୍ ଉଠାଯାଇଛି । ଏଭଳି ଅଭିଯୋଗ କରି ବ୍ଲକ ଅଧକ୍ଷା ରାଉଳ ତାଙ୍କ ସମର୍ଥକ ଜାମୁଯୋରୀ ସମିତିସଭ୍ୟ ସାଗର କୁମାର ସାହୁ, ପ୍ରମୋଦ କୁମାର ସାହୁ, ଗଗନ ବିହାରୀ ଧଳ, ଗୌତମ ବିଶ୍ୱାଳ, ଗୌରଚନ୍ଦ୍ର ବିଶ୍ୱାଳ, କ୍ଷେତ୍ରବାସୀ ପ୍ରଧାନ, କାଳିଆ ସାହୁ, ଅକ୍ଷୟ ସ୍ୱାଇଁ ସମର୍ଥକଙ୍କ ଉପସ୍ଥିତିରେ ବିଡ଼ିଓଙ୍କ କାର୍ଯ୍ୟାଳୟର ମୁଖ ଫାଟକରେ ତାଲା ପକାଇ ଦେଇଥିଲେ। ତେବେ ବିଡ଼ିଓ ମେଥୋଡ଼ିୟୁସ ଲାକ୍ରା କହିଛନ୍ତି ଯେ, ନିୟମ ଅନୁସାରେ ଯାହା କିଛି କରାଯାଇଛି । ଏହି କାମକୁ ଟେଣ୍ଡର କରାଯାଇ ପ୍ରଦାନ କରାଯାଇଛି। ଏଥିରେ କୌଣସି ପ୍ରକାରର ବେନିୟମ କାର୍ଯ୍ୟ କରାଯାଇ ନାହିଁ ।



ସମର୍ଥକଙ୍କ ସହ ବ୍ଲକ ଅଧକ୍ଷା ବିଡିଓଙ୍କ ଅଫିସରେ ତାଲା ପକାଉଛନ୍ତି।

## ପ୍ଲାଷ୍ଟିକମୁକ୍ତ ଭାରତ ଗଠନ ପାଇଁ ଆହ୍ୱାନ

**କୁଚିଣ୍ଡା, ୧୮।୯ (ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଗୋଛରା ପଞ୍ଚାୟତ କନ୍ଦ୍ଲେଇପାଲି ରାଜୀବ ଗାନ୍ଧୀ ସ୍ମାରକୀ ଆଦିବାସୀ ମହାବିଦ୍ୟାଳୟ ପକ୍ଷରୁ ବୁଧବାର ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରିଛି। ଛାତ୍ରୀଛାତ୍ର ଅଞ୍ଚଳରେ ପ୍ଲାଷ୍ଟିକକୁ ବର୍ଜନ କରି ପ୍ଲାଷ୍ଟିକ ମୁକ୍ତ ସହର ଗଠନ ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଅଧକ୍ଷ ଡିଲେଶ୍ୱର ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ରୂପେ ରୁଦ୍ରପ୍ରତାପ ଦେଓ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ନିଜ ଅଞ୍ଚଳରେ ପ୍ଲାଷ୍ଟିକ ବର୍ଜନ କରି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । ବକ୍ତା ଭାବେ ଗୋଛରା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ ଓ ଦେବରାଜ ସାହୁ ଯୋଗ ଦେଇଥିଲେ। ଅଧାପକ ପ୍ରଫୁଲ୍ଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନାକଟିଦେଉଳ କଲେଜରେ ଆଲୋଚନାଚକ୍ର

**ନାକଟିଦେଉଳ,୧୮।୯(ଡି.ଏନ.ଏ.)**

ନାକଟିଦେଉଳ କଲେଜରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆମେରିକାର ୱାସିଂଟନ ଡିସିର ଜିଓଫିଜିକାଲ ପରୀକ୍ଷାଗାରରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ତଥା ନାକଟିଦେଉଳ କଲେଜର ପୂର୍ବତନ ଛାତ୍ର ଧୀରେନ କୁମାର ପ୍ରଧାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ କନ୍ଦର୍ପ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ନାତକ କଲେଜର ଅଧକ୍ଷ ସୁଧୀର କୁମାର ସାହୁ ଏବଂ ପଦାର୍ଥ ବିଜ୍ଞାନର ଅଧାପକ ସଞ୍ଜୀବ କୁମାର ଦାଶ ଉପସ୍ଥିତ ଥିଲେ। ଅଧାପିକା ସଙ୍ଗୀତା ସେଠ, ଶ୍ୱେତାଶ୍ରୀ ପ୍ରଧାନ, ଭଜମୋହନ ପ୍ରଧାନ, ପୁରୁଷୋତ୍ତମ ବେହେରା, ଅଧାପିକା ବିନିତା ମୁର୍ମୁ ପ୍ରମୁଖ ଯୋଗ ଦେଇଥିବାବେଳେ ଅଧାପକ ଦୀପେନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ନାକଟିଦେଉଳ କଲେଜରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ।

ଚିପିଲିମା-ପାବଡେରା ରାସ୍ତା ଶୋଚନୀୟ

## ମରାମତି କରିବାକୁ ସିଏଚ୍‌ଇପିକୁ ଏମ୍‌ପିଙ୍କ ନିର୍ଦ୍ଦେଶ

**ଚିପିଲିମା, ୧୮।୯ (ଡି.ଏନ.ଏ)**

ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପରେ ବିଶ୍ୱକର୍ମା ପୂଜା ଅବସରରେ ସମ୍ବଲପୁର ଏମ୍‌ପି ନୀତିଶ କୁମାର ଗଙ୍ଗଦେବ ଓ ରେଙ୍ଗାଲି ବିଧାୟକ ନାଉରି ନାଏକ ପହଞ୍ଚି ବିଶ୍ୱକର୍ମାଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ଉଭୟ ଜଳବିଦ୍ୟୁତ ପ୍ରକଳ୍ପ ବୁଲି ଦେଖିବା ସହ ସିଏଚଇପି କନଫରେନ୍ସ ହଲରେ ଏକ ସମୀକ୍ଷା ବୈଠକ କରିଥିଲେ। ତେବେ ଚିପିଲିମାରୁ ପାବଡେରା ପର୍ଯ୍ୟନ୍ତ ପାୱାର ଚ୍ୟାନେଲ ରାସ୍ତା ଶୋଚନୀୟ ଥିବା ଲୋକେ ଅଭିଯୋଗ କରିଥିଲେ। ହେଲେ ଏହି ରାସ୍ତାଟି ସିଏଚଇପି ଅଧୀନରେ ଥିବାରୁ ଅବିଳମ୍ବେ ଏହାର ମରାମତି କରିବାକୁ ସିଏଚଇପିକୁ ଏମ୍‌ପି ପରାମର୍ଶ ଦେଇଛନ୍ତି। ସେହିପରି ଚିପିଲିମା ଘଣ୍ଟେଶ୍ୱରୀ ରାସ୍ତାକୁ ସର୍ବସାଧାରଣ କରିବା ଦିଗରେ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ ଓଏଚପିସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି ଗଙ୍ଗଦେବ ଆଶ୍ୱାସନା ଦେଇଛନ୍ତି। ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲାପରିଷଦ ସଦସ୍ୟା ସଂଯୁକ୍ତା ପ୍ରଧାନ, ବ୍ଲକ ଅଧକ୍ଷା ସୀତା ଛୁରିଆ, ଉପାଧକ୍ଷା ସୁଷମା ସାହୁ, କର୍ଡୋଲା ସରପଞ୍ଚ ବିଶ୍ୱବନ୍ଧ୍ୟା ବଢ଼ାଇ ପ୍ରମୁଖଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ଥିଲେ।




ସିଏଚଇପି କନଫରେନ୍ସ ହଲରେ ଏକ ସମୀକ୍ଷା ବୈଠକ ଚାଲିଛି।

### ■ବ୍ରାଉନ୍‌ସୁଗାର ଡିଲର ସେକ୍ ରାଜାଙ୍କ ଘର ଉପରେ ଚଢ଼ାଉ

# ସିସି କ୍ୟାମେରା ଜଗୁଥିଲା କଳାବେପାର

**ବାଲେଶ୍ୱର ଅଫିସ,୧୮।୯/ ଭୁବନେଶ୍ୱର (ବ୍ୟୁରୋ)**

ବ୍ରାଉନ୍‌ସୁଗାର ଡିଲର ସେକ୍ ରାଜା କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ହାତରେ ଧରାପଡିବା ପରେ ଅନେକ ଗୁମର ଫିଟିବାରେ ଲାଗିଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ରାଜସ୍ଥାନ, ନେପାଳ, ବାଂଲାଦେଶ, ଗୋଆରେ ରାଜାଙ୍କର ନେଟ୍‌ୱର୍କ ରହିଛି। ବାଂଲାଦେଶରୁ ଜଳପଥରେ ବ୍ରାଉନସୁଗାର ଆଣି ବାଲେଶ୍ୱରରେ ପହଞ୍ଚାଇବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ଅନ୍ୟ ରାଜ୍ୟକୁ ଚାଲାଣ କରନ୍ତି ରାଜା। ତେବେ ତାଙ୍କ କଳା ସାମ୍ରାଜ୍ୟ ଓ ବହୁ କୋଟି ସମ୍ପତ୍ତିର ସୁରାକ ମିଳିବା ପରେ ଖୋଳତାଡ଼ ଆରମ୍ଭ ହୋଇଛି। ଭୁବନେଶ୍ୱର ସ୍ପେଶାଲ କୋର୍ଟ ଅନୁମତି ଦେବା ପରେ ବୁଧବାରଠାରୁ ଏସ୍‌ଟିଏଫ୍ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିଛି। ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର୍‌ଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଜେରା କରୁଛି। ଏଥିସହ ରାଜାଙ୍କ ସହଯୋଗୀ ତଥା ଲେଡି ବ୍ରାଉନସୁଗାର ବ୍ୟବସାୟୀ ହାସିନାରା ଖାତୁନ ଓରଫ ମୀନାଙ୍କୁ ଗିରଫ କରି ତାଙ୍କଠାରୁ ଆଉକିଛି ତଥ୍ୟ ହାସଲ କରିଛି। ଅନ୍ୟପକ୍ଷରେ ମଧ୍ୟାହ୍ନରେ ବାଲେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହଦେବଖୁଣ୍ଟା ମଡେଲ ଥାନା ଅନ୍ତର୍ଗତ ଅରଡ଼ବଜାର ମସଜିଦ୍ ଗଳିସ୍ଥିତ ରାଜାଙ୍କ ବିଳାସପୂର୍ଣ୍ଣ ବାସଭବନ ଉପରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ରାଜାଙ୍କ କଳାକାରବାରକୁ ସୁରକ୍ଷା ଦେବାକୁ ଘର ଓ ଗଳି ରାସ୍ତାକୁ ପୂରା ସିସିଟିଭି କ୍ୟାମେରା ଜଗୁଥିଲା। ବ୍ରାଉନସୁଗାର ବ୍ୟବସାୟୀଙ୍କ ସମେତ ପୋଲିସ ଓ ଅନ୍ୟ ଲୋକଙ୍କ ଯାତାୟାତ ଉପରେ ଏହା ନଜର ରଖୁଥିଲା। ସ୍ପେଶାଲ ସ୍କ୍ୱାଡ୍ ଘର ଓ ବାହାରେ ଲାଗିଥିବା ୪ ସିସିଟିଭି କ୍ୟାମେରା ସହ କମ୍ପ୍ୟୁଟର ହାର୍ଡଡିସ୍କକୁ ଜବତ କରିଛି। ହାର୍ଡଡିସ୍କକୁ ଯାଞ୍ଚ କଲାପରେ ରାଜାଙ୍କ କଳା ସାମ୍ରାଜ୍ୟ ସମ୍ପର୍କରେ ବହୁ ତଥ୍ୟ ମିଳିବ ବୋଲି ପୋଲିସ ଆଶା ରଖିଛି।


ବାଲେଶ୍ୱର ଅରଡ଼ବଜାର ମସଜିଦ୍ ଗଳି ସ୍ଥିତ ସେକ୍ ରାଜାଙ୍କ ଘରୁ ଜବତ ସିସିଟିଭି କ୍ୟାମେରା ଓ ହାର୍ଡଡିସ୍କ ଧରି ବାଲେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ ଫେରୁଛନ୍ତି।

- ■ରାସ୍ତାରୁ ଘର ପର୍ଯ୍ୟନ୍ତ ଲାଗିଥିବା ୪ କ୍ୟାମେରା ଜବତ କଲା ସ୍ପେଶାଲ ସ୍କ୍ୱାଡ୍
- ■୭ଦିନିଆ ରିମାଣ୍ଡରେ ଆଣିଲା ଏସ୍‌ଟିଏଫ୍
- ■ଭୁବନେଶ୍ୱରରୁ ଧରାପଡ଼ିଲେ ମହିଳା ସହଯୋଗୀ ମୀନା

ଗତ ୧୬ ତାରିଖରେ ଏସ୍‌ଟିଏଫ୍ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଯଦୁପୁର ଅଞ୍ଚଳରୁ ସେକ୍ ରାଜାଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ନଗଦ ୧ଲକ୍ଷ ଟଙ୍କା, ଗୁଳି ଭର୍ତ୍ତି ପିସ୍ତଲ, ୧୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ଏବଂ ୬ଟି ମୋବାଇଲ ଫୋନ୍ ଜବତ ହୋଇଥିଲା। ପୂର୍ବରୁ ଖୋର୍ଦ୍ଧାରୁ ଗିରଫ ହୋଇଥିବା ପଥର ତଥା ବ୍ରାଉନସୁଗାର ବେପାରି ଛୋଟା ଓ ଅନ୍ୟକେତେଜଣ ସହଯୋଗୀଙ୍କୁ ପଚରାଉଚରାବେଳେ କିଙ୍ଗ୍‌ପିନ୍ ରାଜାଙ୍କ ସମ୍ପର୍କରେ ସୁରାକ ପାଇଥିଲା ଏସ୍‌ଟିଏଫ୍। ତାଙ୍କୁ ଧରିବା ପରେ ପୂରା ସାମ୍ରାଜ୍ୟକୁ ଧ୍ୱଂସ କରିବା ପାଇଁ ଏସ୍‌ଟିଏଫ୍ ଅଭିଯାନ ଆରମ୍ଭ କରିଛି। ତେବେ ବୁଧବାର ପୋଲିସ ବାଲେଶ୍ୱର ଅରଡ଼ବଜାରସ୍ଥିତ ରାଜାଙ୍କ ବାସଭବନ ଉପରେ ଚଢ଼ାଉବେଳେ ତାଙ୍କ ଘର ବନ୍ଦ ଥିବା ଦେଖିବାକୁ ମିଳିଥିଲା। ମସଜିଦ୍ ଗଳି ଆରମ୍ଭରୁ ତାଙ୍କ ଘର ଯାଏ ସିସି ଟିଭି କ୍ୟାମେରା ଲଗାଯାଇଥିବା ଦେଖି ପୋଲିସ ସତର୍କତାର ସହ ଆଗକୁ ବଢ଼ିଥିଲା। ତେବେ ସିସିଟିଭି କ୍ୟାମେରାର ହାର୍ଡଡିସ୍କ ରାଜାଙ୍କ ଭାଉଜ ସନ୍‌ୱାର ବିବିଙ୍କ ଘରେ ରହିଥିଲା। ସ୍ପେଶାଲ ସ୍କ୍ୱାଡ୍ ସେସବୁକୁ ଜବତ କରିବା ସହ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିବା ସୂଚନା ମିଳିଛି। ବାଲେଶ୍ୱର ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଟିମ୍‌ରେ ଡିଏସ୍‌ପି ମନୋଜ ରାଉତ, ରେମୁଣା ଥାନା ଆଇଆଇସି ଶୁଭ୍ରାଂଶୁ ନାୟକ ପ୍ରମୁଖ ଥିଲେ।

ଏସ୍‌ଟିଏଫ୍ ଆଇଆଇସି ଆଲୋକ ଜେନା କହିଛନ୍ତି, ସେକ୍ ରାଜା ଅଧିକାଂଶ ସମୟରେ କଲିକତାରେ ରହୁଥିବା ଓ ଗୋଆ, ରାଜସ୍ଥାନ, ନେପାଳକୁ ଯାଉଥିବା ଜଣାପଡିଥିଲା। ତାଙ୍କ ଇସାରାରେ ସହଯୋଗୀ ଓ ଏଜେଣ୍ଟମାନେ ବ୍ରାଉନ୍‌ସୁଗାର ଠିକଣା ସ୍ଥାନରେ ପହଞ୍ଚାଇ ଦେଉଥିଲେ। ରାଜାଙ୍କ ନିଶା ବ୍ୟବସାୟ ବିଭିନ୍ନ ରାଜ୍ୟରେ ଥିବାରୁ ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ଉଦ୍ୟମ ଚାଲିଥିବା ସେ କହିଛନ୍ତି।


ସୋନପୁର ପୋଲିସ ଦ୍ୱାରା ଗିରଫ ୪ ରାଜପଥ ଲୁଟେରା।

## ୪ ଜାତୀୟ ରାଜପଥ ଲୁଟେରା ଗିରଫ

**ସୋନପୁର,୧୮।୯(ନି.ପ୍ର.)**

ଜାତୀୟ ରାଜପଥରେ ଯାନବାହାନ ଅଟକାଇ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗ୍‌କୁ ସୋନପୁର ପୋଲିସ ଗିରଫ କରିଛି। ବୁଧବାର ୪ ଲୁଟେରାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ଗତ ୧୨ ତାରିଖ ରାତିରେ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଅର୍ଜ୍ଜୁନପୁର ଜଙ୍ଗଲ ରାସ୍ତାରେ ଆତଙ୍କ ଖେଳାଇ ଥିଲେ। ଯାନବାହାନଗୁଡିକୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଏଥିରେ ବିଫଳ ହୋଇଥିଲେ ମଧ୍ୟ ଏକାଧିକ ଯାତ୍ରୀବାହୀ ବସ୍ ଓ ଯାନବାହାନକୁ ଟେକା ପଥର ମାଡ କରି କାଚ ଭାଙ୍ଗିଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଥାନା ଆଇଆଇସି ଲୋକେଶ କୁମାର ସାହୁଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ବୁଧବାର ଭୋର ସମୟରେ ଚଢାଉ କରି ସୋନପୁର ଥାନା ଛେପାପାଲିର ଜଗା ଓରଫ ଆର୍ଯ୍ୟ କୁମାର ଯଜ୍ଞଦତ୍ତ ସାହୁ(୨୬), ମାଝିପଡାର ବିକ୍ରମ ସେଠୀ(୨୬), ଖମ୍ବେଶ୍ୱରୀପାଲିର ଚୈତନ୍ୟ ଭୋଇ(୩୦) ଓ ଶତ୍ରୁଘ୍ନ ଭୋଇ(୨୨)ଙ୍କୁ ଗିରଫ କରିଛନ୍ତି। ଏସଆଇ ଅବିନାଶ ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି। ଏହି ଚଢାଉରେ ଏଏସଆଇ ଏକାଦୋଶିଆ ପଧାନ ଓ ଦୁର୍ଯ୍ୟୋ ଭୁଆ ସାମିଲ ଥିଲେ।

## ଅପହର୍ତ୍ତାଙ୍କ କବଳରୁ ମୁକୁଳିଲେ ଯୁବକ

**ବାରିପଦା ଅଫିସ,୧୮।୯:** ମୟୂରଭଞ୍ଜ ଜିଲା ଦେଉଳି ନିକଟରେ ବୁଧବାର ଟାଉନ ପୋଲିସ ଚଢ଼ାଉ କରି ଅପହର୍ତ୍ତାଙ୍କ କବଳରୁ ଜଣେ ଯୁବକଙ୍କୁ ଉଦ୍ଧାର କରିଛି। ଯୁବକ ଜଣକ ହେଲେ ବାଲେଶ୍ୱର ଜିଲା କମର୍ଦ୍ଧା ଅଞ୍ଚଳର ଅଞ୍ଜନ ଦାସ। ସଦର ଏସ୍‌ଡିପିଓ କେ.ପି ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତା ଯୋଗୁ ଅଞ୍ଜନଙ୍କୁ ତାଙ୍କ ସାଙ୍ଗମାନେ ଗତ ୧୬ ତାରିଖରୁ ଅପହରଣ କରି ନେଇଥିଲେ। ତାଙ୍କୁ ଛାଡ଼ିବା ପାଇଁ ୧ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିନେଇ ଅଭିଯୋଗ ପାଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ତେବେ ଅପହର୍ତ୍ତାମାନେ ପୋଲିସ କବଳରୁ ଖସି ପଳାଇଛନ୍ତି। ଅପହର୍ତ୍ତାମାନେ ଚିହ୍ନଟ ହୋଇ ସାରିଛନ୍ତି। ସେମାନଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।


**BHUBANESWAR DEVELOPMENT AUTHORITY**
AKASH SHOVA BUILDING, PANDIT JAWAHARLAL NEHERU MARG, BHUBANESWAR - 751001
PABX No. 0674-2392801 / 0998 / 6437, FAX No. 0674-2390633 / 085
Visit us at: http://www.bda.gov.in/

**Bid Identification No. 934** **Dated: 18.09.2019**

**INVITATIONS FOR BIDS (IFB)**

Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites **percentage rate bids** in **Double Cover system** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| SI No. | Name of work | Estimated Cost (in Rs.) | EMD (in Rs.) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Restoration of power supply and illumination of Biju Pattnaik Park affected by cyclone "FANI" (Illumination of the park by replacement of damaged fittings). | 10,45,498.00 | 10,500.00 | 6000.00 + 12% GST | 30 (Thirty days) |
| 2. | S/R to E.I of Kalyan Mandap at Kalinga Nagar K-VII, Bhubaneswar. | 7,23,795.00 | 7,300.00 | 4000.00 + 12% GST | 30 (Thirty days) |

1. The bid documents will be available in the website: **https://tendersodisha.gov.in** from **20/09/2019 at 10.30 Hours**. Any Addendum/ Corrigendum/ Cancellation of tender can also be seen in the said website.
2. Bids shall be received only **"online"** on or before dated - **04.10.2019 up to 17.00 Hours.** The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.

*Sd/-*
**Executive Engineer,
Division - IV, BDA, BBSR**



**OTPC**
**ODISHA THERMAL POWER CORPORATION LTD.**
3RD FLOOR, SETU BHAWAN, OBCC BUILDING, NAYAPALLY, BBSR-751012
Telefax-0674-2390732, Website- otpcl.com, Email-info@otpcl.com/otpcbbsr@gmail.com CIN:U40102OR2007SGC009145

**Invitation for Bid No.393** **Date 18.09.2019**

1. The Divisional Engineer (Civil), Dhenkanal invites item rates bid for the work detailed in the table for the registered contractors with State Govt. for execution of works to be eventually drawn up in the F2 contract form. The intending bidders are not required to produce any document during purchase of bid documents.

| Name of the work | Approx. value of work (₹ in lakhs) | Class of contractor | EMD Deposit | Cost of tender | Period of completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Construction and fixing of R.C.C pillars in property line and diversion road line for demarcation of Main Plant area of OTPC Limited. | ₹ 5,73,900/- | C & D | ₹ 5,740/- | ₹4,720/- including GST @18% | 02 (Two months) |

2. The document consist of drawing, designing and specification. The schedule of quantity and the act of terms & conditions of contract and other necessary document can be seen in the office of the Divisional Engineer, OTPC, Dhenkanal during office hours of working days except on Sunday & Holidays. The site can be seen by contacting Site Engineer stationed at Dhenkanal.
3. Bids must be accompanied with E.M.D to the tune of the amount specified for the work in the table above. EMD shall be paid in shape of DD payable at Bhubaneswar in favour of "Odisha Thermal Power Corporation Limited" drawn on any scheduled bank of India & shall have to be submitted along with the Bid.
4. The sale of bid document shall start from **20.09.2019** to **30.09.2019** in the O/o Divisional Engineer, OTPC, Dhenkanal on all working days from **11.00AM** to **2.00PM** except holidays where the bids have been notified to be sold.
5. Copy of all documents i.e. License, PAN card, GST details along with Machineries available with the contractor to be attached with the tender.
6. The bids will be received upto **4.30 PM** on **03.10.2019** and opened on **04.10.19** at **11.30 AM** in the O/o Divisional Engineer, OTPC, Dhenkanal in the presence of bidders/his authorized representatives.
7. Other details can be seen in the bidding documents.
8. No bidding document will be received after schedule date and time.
9. The Chief Executive Officer reserves the right to reject any or all the tender without assigning any reason thereof.

Sd/-
**Chief Executive Officer**



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
(A Government of Odisha Undertaking)
OPTCL Lifeline of Odisha
OFFICE OF THE DEPUTY GENERAL MANAGER, TELECOM. DIVISION
SLDC Building, P.O. - Mancheswar Railway Colony, Bhubaneswar-751017
CIN : U40102OR2004SGC007553

**CORRIGENDUM No. 1 to TENDER CALL NOTICE NO.01/2019-20**

The Sale of Tender paper as called for vide this office Tender Call Notice No. 01/2019-20 dated 07.09.2019 is hereby **extended up to 5:00 PM** on dated **24.09.2019** and the same will be submitted to this office up to **1:00 PM** on dated **27.09.2019**. The tender will also be opened at **4:00 PM** on dated **27.09.2019**. All other terms & conditions remain unaltered.

**Deputy General Manager, Telecom. Division**



**OFFICE OF THE NOTIFIED AREA COUNCIL, GANJAM**
**e-Procurement Notice No.1752, Dt.16.09.2019**
**Tender Reference No.GJM-NAC-02/2019-20**

The Ganjam N.A.C invites online bid in Double cover system through e-Procurement.

| | | |
|---|---|---|
| Total Numbers of work | : | 01 No. |
| Value of works | : | Rs.55,39,000/- |
| Date and time of availability of Bids documents in the portal | : | From dt.18.09.2019 at 10.00 A.M. to 10.10.2019 upto 5.00 P.M. |
| Last date of receipt of bids in the portal | : | Dt.10.10.2019 upto 5.00 P.M. |
| Last date of submission of original documents in the Office of NAC, Ganjam | : | Dt.14.10.2019 upto 05.00 P.M. |
| Date of opening of tender | : | Dt.15.10.2019 at 11.00 A.M. in NAC Office, Ganjam |

Further details can be seen from the website:- **https://tendersodisha.gov.in/**
**Sd./- Executive Officer, N.A.C., Ganjam**



**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879
E-mail : imagebbsr@rediffmail.com

**Expression of Interest for empanelment of Agencies for Documentation and preparation of Video CDs**

Expression of Interest (EoI) No.3382 has published in daily Samaj, Sambad & The New Indian Express on 20.08.2019 was cancelled. The same EoI is once again published for empanelment of agencies for Documentation and Preparation of Video CDs. The last date of application is 03.10.2019 by 02:00 PM. The agencies, who have already submitted their proposals in response to earlier advertisement, need not to submit the proposal again. However, if any one feel they have some documents to be submitted which were not submitted earlier, can submit the same within the stipulated period i.e. 03.10.2019 by 02:00 PM. It may be noted that, the agencies have to submit the soft copies of the presentation to be viewed by experts on the same day i.e. 03.10.2019 by 04:00 PM.
The EoI document may be obtained from the office of the **IMAGE at Siripur, Bhubaneswar** latest by **02:00 PM of 03.10.2019**. The EoI document may also be downloaded from the website /Odisha Government Portal **www.odisha.gov.in.**

**Director, IMAGE**



**INSTITUTE ON MANAGEMENT OF AGRICULTURAL EXTENSION (IMAGE)**
(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879
E-mail : imagebbsr@rediffmail.com

**Expression of Interest for empanelment of Agencies for Exposure Visit of Farmers (Inter State & Within the State)**

Expression of Interest (EoI) No.3383 has published in daily Samaj, Sambad & The New Indian Express on 20.08.2019 was cancelled. The same EoI is once again published for empanelment of agencies for Exposure Visit of Farmers (Inter State & Within the State). The last date of application is 03.10.2019 by 02:00 PM. The agencies, who have already submitted their proposals in response to earlier advertisement, need not to submit the proposal again. However, if any one feel they have some documents to be submitted which were not submitted earlier, can submit the same within the stipulated period i.e. 03.10.2019 by 02:00 PM. It may be noted that, the agencies have to submit the soft copies of the presentation to be viewed by experts on the same day i.e. 03.10.2019 by 04:00 PM.
The EoI document may be obtained from the office of the **IMAGE at Siripur, Bhubaneswar** latest by **02:00 PM of 03.10.2019**. The EoI document may also be downloaded from the website /Odisha Government Portal **www.odisha.gov.in.**

**Director, IMAGE**



**MGNREGS ODISHA SOCIETY**
**PANCHAYATI RAJ & DRINKING WATER DEPARTMENT**
**GOVERNMENT OF ODISHA**
MANGEGS-37/19, **329**, Date **18.09.2019**

**Corrigendum to the Tender Notice for outsourcing the services of Data Entry Operator, *Peon, Security Guard and Night Watchman***

**No.34-i :-** The following corrigenda are hereby issued to the Tender Notice for outsourcing of services of ***DATA ENTRY OPERATOR, PEON, SECURITY GUARD*** and ***NIGHT WATCHMAN*** by MGNREGS Odisha Society webhosted in the website of Panchayati Raj & Drinking Water Department the website www.odishapanchayat.gov.in.

1. The ***"Take Home Remuneration"*** mentioned anywhere in the Tender Notice excludes Employer's share of contribution towards EPF and ESI. The employers' contribution towards EPF and ESI for personnel outsourced through service providers will be reimbursed over and above the ***"Take Home Remuneration".*** The Proforma under point No.2 of the "Application for Financial Bid" will be as follows.

| Sl. No. | Type of Manpower required | Monthly rate per person per month (In Rs.): Take home remuneration | EPF/ ESI (Employer's share): EPF | ESI | Other statutory dues, if any | Service Charge | Total [Col.3+Col.4+ Col.5+ Col.6+ Col.7] |
|---|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) | (8) |
| 1 | DATA ENTRY OPERATOR | | | | | | |
| 2 | PEON | | | | | | |
| 3 | SECURITY GUARD | | | | | | |
| 4 | NIGHT WATCHMAN | | | | | | |

2. The Bidders will quote the Service Charge/ Commission in rupees of a whole number i.e. not fraction of a rupee.
3. The date of opening of "Technical Bids as mentioned in Para-13 under "SCOPE OF WORK AND GENERAL INSTRUCTIONS FOR BIDDERS" (page-6 of the Tender Notice) shall be read as **26.09.2019 at 11.00 AM** instead of **24.09.2019 at 11.00 AM.**
4. All other terms and conditions of Tender Notice remain unchanged.

19001/11/0005/1920 **Sd/- Director Special Projects**



No. 56-L

**ପତ୍ରମୋଡ଼ା ଓ ନଳୀ ପୋକର ପରିଚାଳନା ନିମନ୍ତେ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା**

ବର୍ତ୍ତମାନ ରାଜ୍ୟର କେତେକ ଜିଲ୍ଲାରେ ଖରିଫ୍ ଧାନ ଫସଲରେ ପତ୍ରମୋଡ଼ା ଓ ନଳୀ ପୋକର ପ୍ରାଦୁର୍ଭାବ ଦେଖାଦେଇଛି ।

ଅଧିକ ବର୍ଷା ହୋଇ ପାଣି ଜମି ରହିଲେ ନଳୀପୋକ ଆକ୍ରମଣ ଅଧିକ ହୋଇଥାଏ । ପାଣି ସୁଅରେ ନଳୀଗୁଡ଼ିକ ଭାସି ଖାଲୁଆ ବିଲରେ ଜମା ହୋଇଯାଆନ୍ତି । ତେଣୁ ଖାଲ ଜମିରେ ଏହି କୀଟର ପ୍ରାଦୁର୍ଭାବ ଅଧିକ ହୋଇଥାଏ । ଶୂକଗୁଡ଼ିକ ପତ୍ରରୁ ସବୁଜ କଣା କୋରି ଖାଇବା ଯୋଗୁଁ ପତ୍ର ଧଳା ଦେଖାଯାଏ । ଶୂକ ପତ୍ରକୁ କାଟି ନଳୀ କରି ତା ମଧ୍ୟରେ ରହେ । ଦୂରରୁ ଦେଖିଲେ ଧାନ ପତ୍ରକୁ କଇଁଚିରେ କାଟିବା ପରି ଦେଖାଯାଏ । ଏହାର ପ୍ରଜାପତି ଚିକ୍ ଚିକ୍ ଧଳା ଓ ଦିନ ବେଳେ ଉଡ଼ିବାର ଲକ୍ଷ୍ୟ କରାଯାଏ ।

ଉଷ୍ମ ଓ ଆର୍ଦ୍ର ପାଣିପାଗରେ ପତ୍ରମୋଡ଼ା ପୋକ ଅଧିକ ଆକ୍ରମଣ କରିଥାନ୍ତି । ଏହି କୀଟର ପ୍ରଜାପତି ବାଦାମୀ ରଙ୍ଗର ଓ ଡେଣାରେ କଳା ଗାର ସବୁ ଥାଏ । ଶୂକଗୁଡ଼ିକ ପତ୍ରଧାରକୁ ନିଜ ଲାଳ ଦ୍ୱାରା ଗୁଡ଼ାଇ ମୋଡ଼ି ଦିଅନ୍ତି ଓ ତା ମଧ୍ୟରେ ରହି ସବୁଜ ଅଂଶ କୋରି ଖାଆନ୍ତି । ପତ୍ର ଉପରେ ସମାନ୍ତରାଳ ଧଳା ଦାଗ ସବୁ ଦେଖାଯାଏ । ଥୋଡ଼ ପତ୍ର ବାହାରିବା ସମୟରେ ଏହି କୀଟର ଆକ୍ରମଣ ହେଲେ ଅମଳ ହ୍ରାସ ପାଇଥାଏ ।

**ପରିଚାଳନା**

୧) ପତ୍ରମୋଡ଼ା ଓ ନଳୀପୋକ ଆକ୍ରାନ୍ତ ବିଲରେ ଏକର ପ୍ରତି ୨୫ କି.ଗ୍ରା. ବାଲି ସହ ଏକ ଲିଟର କିରୋସିନ୍ ଭଲଭାବରେ ମିଶାଇ ବିଞ୍ଚି ଦିଅନ୍ତୁ । ଏହା ପରେ ଧାନଗଛ ଉପରେ ଦୁଇ ପଟୁ ଦୁଇ ଜଣ ଦଉଡ଼ି ଧରି ଚଲାଇ ଦିଅନ୍ତୁ । ଏହା ଦ୍ୱାରା ଗଛରେ ଲାଗିଥିବା ଶୂକଗୁଡ଼ିକ ପାଣିରେ ପଡ଼ି ମରିଯିବେ ।

୨) ଅଧିକ ଆକ୍ରାନ୍ତ ବିଲରେ ନିମ୍ନୋକ୍ତ କୀଟନାଶକରୁ ଯେକୌଣସି ଗୋଟିଏ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ ।

| ନଳୀ ପୋକ: କୀଟନାଶକ | ଏକର ପ୍ରତି ମାତ୍ରା | ପତ୍ରମୋଡ଼ା ପୋକ: କୀଟନାଶକ | ଏକର ପ୍ରତି ମାତ୍ରା |
|---|---|---|---|
| ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. | ୪୦୦ ଗ୍ରାମ୍ |
| ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. | ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. |
| ପ୍ରୋଫେନୋଫସ୍ ୫୦% ଇ.ସି. | ୪୦୦ ମି.ଲି. | ଲାମଡାସାଇହାଲୋଥ୍ରିନ୍ ୨.୫% ଇ.ସି. | ୨୦୦ ମି.ଲି. |

**ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।**

01034/11/0020/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରୋ



## ସଂକ୍ଷେପରେ

### ନବବିବାହିତ ମହିଳାଙ୍କ ଆତ୍ମହତ୍ୟା

**ପାଇକମାଳ, ୧୮।୯ (ଡି.ଏନ.ଏ):** ପାଇକମାଳ ଥାନା ଟେମରି ଗ୍ରାମର ଜଣେ ବିବାହିତା ମହିଳା ନିଜ ବାପ ଘରେ ରଶି ଲଗାଇ ବୁଧବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତା ମହିଳା ହେଲେ ରଶ୍ମି ସାହୁ (୨୨) । ରଶ୍ମି ଗତ ଦୁଇ ମାସ ତଳେ ଅତାବିରା ଥାନା ଅଧୀନ ରେଙ୍ଗାଲିପାଲି ଗ୍ରାମରେ ବିବାହ କରିଥିଲେ। ଗତ ୩ ଦିନ ତଳେ ସେ ନିଜ ବାପ ଘର ଟେମରିକୁ ଆସିଥିଲେ । ପାଇକମାଳ ପୋଲିସ ଏ ନେଇ ଏକ ମାମଲା (ନଂ.୧୭୦/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଶିକ୍ଷାନୁଷ୍ଠାନରେ ବିଶ୍ୱକର୍ମା ପୂଜା

**ଭେଡ଼େନ,୧୮।୯(ଡ଼ି.ଏନ.ଏ):** ଭେଡ଼େନ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଭେଡ଼େନ ଡ୍ରାଇଭର ଆସୋସିଏଶନ, ଟ୍ରେକର ଷ୍ଟାଣ୍ଡ, ଟ୍ରଲି ଚାଳକ ସଂଘ ତରଫରୁ ସୁସଜ୍ଜିତ ପୂଜା ମଣ୍ଡପରେ ବିଶ୍ୱକର୍ମା ପୂଜା ପାଇଥିଲେ । ସେହିପରି ଖାନସମା କଟା, ଥୁଆପାଲି, ଖୁଣ୍ଟଲିପାଲି ବିଦ୍ୟୁତ ଗ୍ରୀଡ଼, କେନାଲ କଲୋନୀ, ବିଭିନ୍ନ ରାଇସ ମିଲ, ଜଳ ଯୋଗାଣ କେନ୍ଦ୍ରରେ ମଧ ଏହି ପୂଜା ହୋଇଥିଲା। ଭେଡ଼େନ ଦୁଇମୁହାଣି ସ୍ଥିତ ଆଇଟିଆଇ କଲେଜରେ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ଅଏଁଲାକଟା ଠାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ

**ଜାମଟିକ୍ରା, ୧୮।୯ (ଡି.ଏନ.ଏ):** ଅତାବିରା ଉଚ୍ଚ ବାଳକ ପ୍ରାଥମିକ ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀଙ୍କ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବିନାରାୟଣ ମିଶ୍ର ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଚକ୍ଷୁ ବିଶେଷଜ୍ଞ ନିତ୍ୟାନନ୍ଦ ମହାପାତ୍ର, କେଶବ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ଦାଶ ଚକ୍ଷୁ ପରୀକ୍ଷା କରିଥିଲେ । ଡା. ଯଯାତି କେଶରୀ ରାଉତ, ଡା. ସୀମା ନନ୍ଦ, ଫାର୍ମାସିଷ୍ଟ କେଦାର ମିଶ୍ର, ଷ୍ଟାଫ ନର୍ସ ରେଣୁକା ବାଗ ପ୍ରମୁଖ ସହଯୋଗ କରିଥିଲେ ।

### ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

**ପାଇକମାଳ, ୧୮।୯(ଡି.ଏନ.ଏ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବୁଧବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅଧାପକ ରବୀନ୍ଦ୍ର କୁମାର ଶତପଥି, ଅଧାପିକା ସୁଲୋଚନା ସାହୁ, ତେଜରାଜ ସାହୁ, ହିପନ କୁମାର ସାହୁ, ବୈବେସ୍ୱତ ପଧାନ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚଳିତ ବର୍ଷ ନୂତନ ଭାବେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ପୁରାତନ ଛାତ୍ରୀଛାତ୍ର ସ୍ୱାଗତ କରିବା ସହ ଫୁଲ ଚନ୍ଦନ ଦେଇଥିଲେ । ଅନାମିକା ସାହୁ, ମହମ୍ମଦ ସାହିଦ, ପ୍ରେମ କୁମାର ସାହୁ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ସବୁଜ ବାହିନୀ କଲା ବୃକ୍ଷରୋପଣ

**ପାଇକମାଳ, ୧୮।୯(ଡି.ଏନ.ଏ):** ପାଇକମାଳ ବ୍ଲକ ଜାମସେଠ ହାଇସ୍କୁଲ ପରିସରରେ ବିଜୁ ବାହିନୀ ଓ ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ବିଡିଓ ସଦାଶିବ ନାୟକ, ସରପଞ୍ଚ ରମ୍ଭା ତାଣ୍ଡି, ପ୍ରଧାନଶିକ୍ଷକ ଗୋପାଳ ବେହେରା, ରତ୍ନାକର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ୱ ଉପରେ ଆଲୋକପାତ କରିଥିଲେ । ବିଜୁ ଯୁବ ବାହିନୀ ସଭାପତି ମଦନ ଭୋଇ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଜୁ ଯୁବବାହିନୀ ଓ ସବୁଜ ବାହିନୀର କର୍ମକର୍ତ୍ତାମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଶରତ ତାଣ୍ଡି, କୈଳାଶ ହଂସ, ନନ୍ଦ ମାଝୀ, ଭକ୍ତବନ୍ଧୁ ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ନରୋତ୍ତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

---

■ ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦ ଆନ୍ଦୋଳନ ତେଜିଲା

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୮।୯**

- ■ ନିଜ ଦୋଷ ଲୁଚାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଆଳ
- ■ ଜନ ପ୍ରତିନିଧିଙ୍କ ଉପରେ ଲୋକଙ୍କ ବିକ୍ଷୋଭସଦ୍‌ଗାର
- ■ ସଂଗ୍ରାମୀ ଗୀତ ଗାଇ କଲେ ଅଭିନବ ପ୍ରତିବାଦ
- ■ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦ ଘଟଣାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ବୁଗବୁଗା ସମେତ ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ ବରଗଡ଼ ଜିଲାପାଳ ଅଫିସ ଆଗକୁ ଆସି ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦକୁ ପ୍ରତ୍ୟାହାର କରିବା ଦାବିରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆସନ୍ତା ୮ଦିନ ମଧ୍ୟରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ଉପସ୍ଥିତ ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ପଦକ୍ଷେପ ନେବେ ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ । ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ୨୦୧୪ ଜାନୁୟାରୀ ୨୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ଜରିଆରେ ବୁଗବୁଗାରେ ଷ୍ଟେଟବ୍ୟାଙ୍କର ଏକ ଶାଖା ଉଦଘାଟନ କରିଥିଲେ ଏବଂ ସ୍ଥାନୀୟ ପଞ୍ଚାୟତ ଅଫିସ ରାଜୀବ ଭବନରେ ସେହି ଶାଖା ଚାଲି ଆସୁଥିଲା। ଉକ୍ତ ବ୍ୟାଙ୍କରେ ବୁଗବୁଗା ସମେତ ଆଖପାଖ ୨୮ଟି ଗ୍ରାମର ଲୋକେ ନିର୍ଭର କରି ଆସୁଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ କ୍ଷତି ସହି ଆସୁଥିବା ଆଳରେ ଏହି ଶାଖା ବ୍ୟାଙ୍କକୁ ଉଚ୍ଛେଦ କରି ଅତାବିରା ଶାଖା ସହିତ ଗତ ୧୫ତାରିଖରୁ ମିଶାଇ ଦେଇଛନ୍ତି।

ଶାଖା ବ୍ୟାଙ୍କ ଉଚ୍ଛେଦ ହେବା ପୂର୍ବରୁ ଅଞ୍ଚଳବାସୀ ବ୍ୟାଙ୍କ କର୍ତ୍ତୃପକ୍ଷ, ଜିଲାପାଳ, ସ୍ଥାନୀୟ ବିଧାୟିକା, ଅର୍ଥମନ୍ତ୍ରୀଙ୍କୁ ଶାଖା ବ୍ୟାଙ୍କ ଉଚ୍ଛେଦ ନ କରିବା ପାଇଁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବୁଗବୁଗା ଓ ପଡ଼ୋଶୀ ଗ୍ରାମବାସୀ ଗତ ୧୧ତାରିଖରୁ ଶାଖା ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦେଇଥିଲେ। ହେଲେ ସେଠାକୁ କୌଣସି ବ୍ୟାଙ୍କ, ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ଜନ ପ୍ରତିନିଧି ସୁଦ୍ଧା ପହଞ୍ଚି ନ ଥିଲେ। ଫଳରେ ଅଞ୍ଚଳର ଶତାଧିକ ମହିଳା ବୁଧବାର ବରଗଡ଼ ଆସି ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀ ପହଞ୍ଚିଥିଲେ ଏବଂ ସେହି ଶାଖା ବ୍ୟାଙ୍କ ଉଚ୍ଛେଦର ପୁନର୍ବିଚାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି କହିଥିଲେ। ସେହିପରି ସରୋଜ ଛନ୍ଦ, କିଶୋର ସାହୁ ଧାରଣାସ୍ଥଳରେ ସଂଗ୍ରାମୀ ଗୀତ ମାଧମରେ ବ୍ୟାଙ୍କ ଶାଖା ଉଚ୍ଛେଦର ଅଭିନବ ପ୍ରତିବାଦ କରିଥିଲେ। ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର, ନିମାଇଁ ମହାପାତ୍ର, ଚିତ୍ତରଞ୍ଜନ ଛନ୍ଦ, ରବିନ୍ଦ୍ର ମହାକୁର ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି କୃଷ୍ଣଚନ୍ଦ୍ର ଛନ୍ଦ, ବାଙ୍କା କର୍ଣ୍ଣ, ଘନଶ୍ୟାମ ଛନ୍ଦ, ବିଭୀଷଣ ବାରିକ, କୃଷ୍ଣଚନ୍ଦ୍ର ମହାକୁର, ସୁରେନ୍ଦ୍ର ମହାକୁର, ଏକାଦଶିଆ ଛନ୍ଦ, ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଜିଲାପାଳ ଅଫିସ ଆଗରେ ବୁଗବୁଗା ଗ୍ରାମବାସୀଙ୍କ ଧାରଣା।

---

## ଭେଡ଼େନ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ଭେଡ଼େନ,୧୮।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜ ରାଜନୀତିବିଜ୍ଞାନ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ତଥା କଲେଜ ଅଧକ୍ଷ ଗଜାନନ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ରାଜନୀତି ବିଭାଗର ଅଧାପକ ରଞ୍ଜନ କୁମାର ଦାଶ ଏବଂ ଭୀଷ୍ମଦେବ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତିତା ତଥା ଶୃଙ୍ଖଳିତ ଛାତ୍ର ଜୀବନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ତୃତୀୟ ବର୍ଷ ଛାତ୍ର ରାହୁଲ କୁମାର ଛନ୍ଦ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ରୀ ପୁଷ୍ପାଞ୍ଜଳି ପୋଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱକର୍ମା ପୂଜା ପାଳିତ

**ଗାଇସିଲେଟ,୧୮।୯(ଡି.ଏନ.ଏ)**

ଗାଇସିଲେଟରେ ବସଷ୍ଟାଣ୍ଡ ସ୍ଥିତ ଟ୍ୟାକ୍ସି ସଂଘ ତରଫରୁ ବିଶ୍ୱକର୍ମା ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ କୃଷ୍ଣଗୁରୁ ନୃତ୍ୟ ପରାବେଷଣ କରାଯାଇଥିଲା। ସେହିପରି ବିଦ୍ୟୁତ ବିଭାଗର ଗ୍ରୀଡଠାରେ ପୂଜା ଅନୁଷ୍ଠିତ ହେଉଛି। ଅନୁରୂପ ଭାବେ ରାଜମିସ୍ତ୍ରୀ ସଂଘ, ବାଇକ ସୋରୁମ, ଆରଡବ୍ଲ୍ୟୁଏସଏସ, ଜଳସେଚନ ଅଫିସ୍‌ରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

---

ସମଲେଶ୍ୱରୀ ଦେବୀଙ୍କ ଖଣ୍ଡା ଧରି ଆତଙ୍କ ସୃଷ୍ଟି ଘଟଣା

## ଅଭିଯୁକ୍ତ ଯୁବକ ଜେଲ୍‌ଗଲେ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ସହରସ୍ଥିତ ତଳିପଡ଼ା ଅଞ୍ଚଳରେ ମଙ୍ଗଳବାର ରାତ୍ରିରେ ମନ୍ଦିରରୁ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ଖଣ୍ଡା କାଢ଼ି ଆଣି ଆତଙ୍କ ସୃଷ୍ଟି କରିବା ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସହରାପଡ଼ାର ସୁରଜ ଭୋଇ ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୪୨୨/୧୯) ରୁଜୁ ହୋଇଛି। ପ୍ରକାଶଥାଉକି, ମଙ୍ଗଳବାର ରାତ୍ରିରେ ୨ଜଣ ଯୁବକଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଶିବ ମନ୍ଦିରରୁ ତ୍ରିଶୂଳ ଏବଂ ଅନ୍ୟ ଜଣେ ସମଲେଶ୍ୱରୀ ମନ୍ଦିରରୁ ଖଣ୍ଡା ଆଣି ପରସ୍ପର ଆକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ସମଲେଶ୍ୱରୀ ଦେବୀ ଦଶହରା ପୂଜା କମିଟିର କର୍ମକର୍ତ୍ତା, ସଭ୍ୟମାନେ ବରଗଡ଼ ଟାଉନ ଥାନାକୁ ଆସି ସୁରଜଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

■ ୟୁରିଆ ସାରର ଅଭାବୀ ବିକ୍ରି

## କୃଷକ ସଂଘ ପକ୍ଷରୁ ଦାବିପତ୍ର

**ଦେବଗଡ,୧୮।୯(ଡ଼ି.ଏନ.ଏ.)**

ଜିଲାର ୟୁରିଆ ସାରର ଅଭାବି ବିକ୍ରୀ ନେଇ ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିବାର ଅଭିଯୋଗ ହେଉଛି। ସୂଚନା ମୁତାବକ ଜିଲାରେ ଯେଉଁ କେତୋଟି ସୋସାଇଟି ତଥା ଖୁଚୁରା ସାର ବିକ୍ରୟ କେନ୍ଦ୍ର ଅଛି, ସବୁଥିରେ ୟୁରିଆ ସାରର ସମ୍ପୂର୍ଣ୍ଣଭାବେ ଅଭାବ ଦେଖାଦେଇଛି। ଏନେଇ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ୍ ହେମ୍ବରମ, ସମ୍ପାଦକ ଗୁଣନିଧି ବେହେରା, ଦେବଶିଷ ପ୍ରସାଦ ନାଏକ ପ୍ରମୁଖ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ୟୁରିଆ ସାର ତୁରନ୍ତ ଯୋଗାଇବା ପାଇଁ ଜିଲା କୃଷି ବିଭାଗର ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସାହୁଙ୍କୁ ଏକ ଦାବିପତ୍ର ଦେଇଥିବା ଜଣାଯାଇଛି।



କୃଷି ବିଭାଗର ଉପନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଡ଼କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ସଡ଼କ ସୁରକ୍ଷା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦୁର୍ଘଟଣାର ସମୀକ୍ଷା, ହେଲମ୍ୟାଟ୍ ଆଇନର କାର୍ଯ୍ୟକାରିତା, ଷ୍ଟାଣ୍ଡାର୍ଡ଼ ଅପରେଶନ ପ୍ରଣାଳୀ, ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ, ଇନସ୍ୟୁରାନ୍ସ, ନିଶାସକ୍ତ ଡ୍ରାଇଭରଙ୍କ ଉପରେ ମାମଲା ଆଦି ଉପରେ ଆଲୋଚନା ହୋଇଥିଲା। ଗତମାସ ତୁଳନାରେ ଚଳିତମାସ ଦୁର୍ଘଟଣା ସଂଖ୍ୟା କମିଥିବା ଏବଂ ଜରିମାନା ଆଦାୟ ବୃଦ୍ଧି ପାଇଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ନବନିର୍ମିତ ଘରୋଇ ବସଷ୍ଟାଣ୍ଡରେ ଯାନବାହନ ରଖିବା, ନୋ ପାର୍କିଂ ଜୋନ୍ ଘୋଷଣା, ବ୍ଲାକ ସ୍ପଟ୍ ଚିହ୍ନଟ ଆଦି ଉପରେ ଆଲୋଚନା ହୋଇଥିଲା। ଏହା ସହିତ ଭଟଲି ଛକର ରୋଟାରୀ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଅଞ୍ଚଳରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଟ୍ରକ, ବସ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ସଭା ଧନ୍ୟବାଦ ଅର୍ପଣ କରିଥିଲେ।

---

## ଏସଏଚଜିମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଝାରବନ୍ଧ, ୧୮।୯ (ଡି.ଏନ.ଏ)**

ଝାରବନ୍ଧ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥକ ଅଭିବୃଦ୍ଧି, ଅର୍ଥ ଉପାର୍ଜନ କାର୍ଯ୍ୟକ୍ରମ ଓ ସରକାରୀ ସହାୟତା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୪ଦିନ ଧରି ପର୍ଯ୍ୟାୟକ୍ରମେ ତାଲିମ ଦିଆଯାଇଥିଲା। ବ୍ଲକର ୧୪ଟି ଗ୍ରାମପଞ୍ଚାୟତରୁ ୧୦୫୭ ଗୋଷ୍ଠୀର ମୋଟ ୧୧ ହଜାର ୬୩୩ ଜଣ ମହିଳା ସଦସ୍ୟ ଅଛନ୍ତି। ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ମାଛଚାଷ, ଅଣ୍ଡା ଦିଆ କୁକୁଡା ଚାଷ, ଛତୁ ଚାଷ, ପନିପରିବା ଚାଷ, ପ୍ରାକ ବିଦ୍ୟାଳୟ ପିଲାଙ୍କ ପାଇଁ ପୋଷାକ ବଣ୍ଟନ, ବିଦ୍ୟୁତ ମିଟର ରିଡିଂ, ବିଦ୍ୟାଳୟରେ ମଧାହ୍ନ ଭୋଜନ, ଗ୍ରାମ୍ୟ ଜଙ୍ଗଲ ପରିଚାଳନା, ଗ୍ରାମୀଣ ରାସ୍ତା ମରାମତି, ଧାନମଣ୍ଡି ପରିଚାଳନା ପରି ୧୦ଟି କାର୍ଯ୍ୟକୁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପରିଚାଳନା କରିବା ପାଇଁ ଦାୟିତ୍ୱ ନେବେ। ଏଥିପାଇଁ ଏମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଛି। ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ରବି ନାଏକଙ୍କ ତତ୍ତ୍ୱାବଧାନରେ ମନୋଜ କୁମାର ରାଉତ, ଦେବେନ୍ଦ୍ର ହରିପାଲ, ନବୀନ ଚନ୍ଦ୍ର ବରିହା, ମୀରାବାଇ ସାହୁ, ଡା. ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିପିଓ ସନ୍ଧ୍ୟାରାଣୀ ନେପାକ ତଦାରଖ କରିଥିବା ବେଳେ ମିଶନ ଶକ୍ତି ସଂଯୋଜକ ମନୋରମା ତାଣ୍ଡି, ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା ସହଯୋଗ କରିଥିଲେ।

## କୀର୍ତ୍ତନପାଲି ଗ୍ରାମରେ ବୃକ୍ଷରୋପଣ

**ଦେବଗଡ଼, ୧୮।୯(ଡି.ଏନ.ଏ.)**

ରିଆମାଳ ବ୍ଲକ ଅଧିନ କୀର୍ତ୍ତନପାଲି ଗ୍ରାମରେ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ର ଓ ବନ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁଜିତ କୁମାର ନାଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରକୃତିବନ୍ଧୁ କୁମୁଦ ଚନ୍ଦ୍ର ଶତପଥି, କୃଷି ବିଜ୍ଞାନୀ ଲବ ସୋରେନ, ସବ୍ୟସାଚୀ ସାହୁ ଓ ବିଶ୍ୱଜିତ ପ୍ରଧାନ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବୃକ୍ଷ ଦେବତାଙ୍କୁ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଡ଼ମ୍ବରୁଧର କୁମୁରା, ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳୀ ବେହେରା, କୁଶ ବେହେରା, ବାବାଜୀ ଚରଣ ବେହେରା, କୈଳାଶ ଚନ୍ଦ୍ର ସାହୁ, ସୁରତୀ ସାହୁ, ନରୋତ୍ତମ ବେହେରା, ନବ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଗ୍ରାମବାସୀ।

## ସ୍କୁଲ କମିଟି ଗଠନରେ ଅନିୟମିତତା

**ବରପାଲି, ୧୮।୯ (ଡି.ଏନ.ଏ)**

ବରପାଲିରେ ଗଢ଼ି ଉଠିଥିବା କେତେକ ମେନେଜମେଣ୍ଟ ଗଠିତ ୨୫ ରୁ ୩୦ ବର୍ଷର ଘରୋଇ ସ୍କୁଲ ଏବଂ କଲେଜ ପରିଚାଳନା କମିଟିରେ ଅନିୟମିତତା ହୋଇଥିବା ଜଣାପଡିଛି। ଏ ନେଇ ଶିକ୍ଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସ୍କୁଲ, କଲେଜ ପ୍ରତି ସାମାନ୍ୟତମ ଅବଦାନ କିମ୍ବା ଅଭିଜ୍ଞତା ନ ଥିବା କେତେକ ସରକାରୀ ଶିକ୍ଷକ, ଅଧାପକ ନିୟମ ଉଲ୍ଲଂଘନ କରି ପଦ ପଦବୀରେ ରହିଛନ୍ତି। ଏମାନଙ୍କ ମଧରେ ଗୋଟିଏ ସ୍କୁଲର ଜଣେ ଶିକ୍ଷକ ସଭାପତି ଓ ଜଣେ ଅଧାପକ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏ ସମ୍ପର୍କରେ ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ପାଇଁ କେତେକ ଆଇନ ରହିଛି। ମାତ୍ର କେହି ବି ଶିକ୍ଷକ ଏହା ଉପରେ ଲିଖିତ ଆଦେଶ ନେଇ ନାହାନ୍ତି ବୋଲି କହିଥିଲେ।

## ବିଶ୍ୱକର୍ମା ପୂଜା ପାଇଁ ଚିପିଲିମାରୁ ବୁର୍ଲା ଚଳଚଞ୍ଚଳ

**ଚିପିଲିମା,୧୮।୯(ଡି.ଏନ.ଏ)**

ବିଶ୍ୱକର୍ମା ପୂଜା ଅବସରରେ ଚିପିଲିମାରୁ ବୁର୍ଲା ପର୍ଯ୍ୟନ୍ତ ଚଳ ଚଞ୍ଚଳ ହୋଇପଡିଛି। ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି)ରେ ସୁସଜ୍ଜିତ ମଣ୍ଡପରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରି ବିଧି ମୁତାବକ ପୂଜାର୍ଚ୍ଚନା କରାଯାଇଛି। ବୈରାଗୀଚରଣ ଆଚାର୍ଯ୍ୟ ପୂଜାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସନ୍ତୋଷ କୁମାର ବିଶି ସହଯୋଗ କରିଥିଲେ। ସିଏଚଇପିର ମୁଖ୍ୟ ତଥା ଜିଏମ ଇଂ. ଦେବାଶିଷ ମିଶ୍ର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବୁର୍ଲା ଥାନା ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ବ୍ୟବସ୍ଥା ହୋଇଛି। ସେହିପରି ଗୋଶାଳା ୱେଷ୍କୋ ସେକ୍ସନ, ଗୋଶାଳା ଟେକ୍ସି ଷ୍ଟାଣ୍ଡ, ଓମଫେଡ ପ୍ଲାଣ୍ଟ, ବୁର୍ଲା ୱେଷ୍କୋ ସେକ୍ସନ, ବୁର୍ଲା ପାୱାର ହାଉସ, ଜନସ୍ୱାସ୍ଥ୍ୟ ବିଭାଗ, ଏମସିଏଲ ବୁର୍ଲା, ହୀରାକୁଦ ନନ୍ଦୀବନ୍ଧ କାର୍ଯ୍ୟାଳୟ, ଜଳସେଚନ କାର୍ଯ୍ୟାଳୟ, ପିଡବ୍ଲୁଡି କାର୍ଯ୍ୟାଳୟ, ବୁର୍ଲା ଟେକ୍ସି ଷ୍ଟାଣ୍ଡ, ବୁର୍ଲା ବସଷ୍ଟାଣ୍ଡ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା ।



ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପରେ ବିଶ୍ୱକର୍ମା ପୂଜା ପାଉଛନ୍ତି।

# ଓଡ଼ିଶା ପର୍ଯ୍ୟଟନ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ପ୍ରକଳ୍ପ



୪ର୍ଥ ଓଡ଼ିଶା ଟୁରିଜମ୍ କନ୍‌କ୍ଲେଭ୍‌ରେ ରାଜ୍ୟପାଳ ଗଣେଶୀ ଲାଲ୍ ଓ ଅନ୍ୟମାନେ।

- ଚିଲିକାର ବିକାଶକୁ ପ୍ରାଥମିକତା
- ୨୦୨୦ରେ ୫ ଦେଶରେ ରୋଡ୍ ଶୋ'
- ୨୦୨୧ ସୁଦ୍ଧା ୧୯ ହେରିଟେଜ୍ ହୋଟେଲ
- ଆରମ୍ଭ ହେବ 'ରିଭର୍ କ୍ରୁଜ୍' ବ୍ୟବସ୍ଥା

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ବିଚ୍ ପ୍ରକଳ୍ପ। ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତିକ୍ଷୀତ ପ୍ରକଳ୍ପ ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ। ପୁରୀ ସହରଠାରୁ ୧୦ କିମି ଦୂରରେ ହେବାକୁ ଥିବା ଏହି ପ୍ରକଳ୍ପକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଞ୍ଜୁରି ମିଳିସାରିଛି। ଇତିମଧ୍ୟରେ ୨୦୦୮ରେ ପ୍ରକଳ୍ପ ପାଇଁ ହୋଇଥିବା ମାଷ୍ଟରପ୍ଲାନ୍‌କୁ ବାତିଲ କରାଯାଇଥିବାବେଳେ ଏବେ ଅନ୍ତର୍ଜାତୀୟ ଆର୍କିଟେକ୍ ସଂସ୍ଥା ଏହାର ନୂଆ ଡିଜାଇନ୍ ପ୍ରସ୍ତୁତ କରିବ। ପ୍ରାୟ ୪ ହଜାର କୋଟି ପୁଞ୍ଜିନିବେଶ କରାଯାଇ ଏହି ପ୍ରକଳ୍ପରେ ପଞ୍ଚତାରକା ହୋଟେଲ, ବୁଟିକ୍ ହୋଟେଲ, ସ୍ପା, ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍, କନ୍‌ଭେନଶନ୍ ସେଣ୍ଟର ଏବଂ ବିଭିନ୍ନ ପ୍ରକାର କ୍ରୀଡ଼ା ସାମିଲ ହେବ। ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱକୁ ଉପଲବ୍ଧ କରି ଶାମୁକାକୁ ରାଜ୍ୟ ସରକାର ଫାଷ୍ଟ୍‌ଟ୍ରାକ୍‌ରେ ରଖିବେ ବୋଲି କହିଛନ୍ତି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ।

ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ) ପକ୍ଷରୁ ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ୪ର୍ଥ ଓଡ଼ିଶା ଟୁରିଜମ୍ କନ୍‌କ୍ଲେଭ୍‌ରେ ଯୋଗଦେଇ ସଚିବ ଦେବ କହିଛନ୍ତି, ୯ ଟୁରିଜମ୍ ସର୍କିଟ୍‌ରେ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯିବ। ଏବର୍ଷ ଡୋମେଷ୍ଟିକ୍ ରୋଡ୍ ଶୋ' ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଆଗାମୀବର୍ଷ ଇଣ୍ଟରନ୍ୟାଶନାଲ ରୋଡ୍ ଶୋ'ର ଆୟୋଜନ କରାଯିବ। ୨୦୨୦ରେ ମାଲେସିଆ, ଥାଇଲାଣ୍ଡ୍, ଇଣ୍ଡୋନେସିଆ, ଭିଏତ୍‌ନାମ୍, କମ୍ବୋଡିଆରେ ରୋଡ୍ ଶୋ' କରାଯିବ। ଓଡ଼ିଶାରେ ଏବେ ୫୧ ହେରିଟେଜ୍ ପ୍ରପର୍ଟି ତଥା ରାଜପ୍ରାସାଦ ରହିଛି। ଏହାମଧ୍ୟରୁ ୧୯ ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରାଯିବ। ଏବେ ୬ଟି ରହିଥିବାବେଳେ ଆଉ ୩ଟିକୁ ଆସନ୍ତା ଡିସେମ୍ବର ସୁଦ୍ଧା ହେରିଟେଜ୍ ହୋଟେଲ ଓ ହୋମ୍ ଷ୍ଟେ'ରେ ପରିଣତ କରାଯିବ। ବଳକା ୧୦ ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ। ଏହାସହ ତାଜ୍ ଗ୍ରୁପ୍, ଆକ୍ୱାର୍ ଗ୍ରୁପ୍ ଭଳି ଚେନ୍ ହୋଟେଲ ଖୁବ୍‌ଶୀଘ୍ର ଓଡ଼ିଶା ଆସିବାର ସମ୍ଭାବନା ରହିଛି। ଚିଲିକା ପର୍ଯ୍ୟଟକ କ୍ଷେତ୍ରର ବ୍ୟାପକ ବିକାଶ ହେବ। ପ୍ରାଥମିକ ପର୍ଯ୍ୟାୟରେ ରମ୍ଭା ଓ ଏହା ଚାରିପାଖରେ ଥିବା ଦ୍ୱୀପଗୁଡ଼ିକରେ ପର୍ଯ୍ୟଟନ ଭିତ୍ତିଭୂମି ବିକାଶ କରାଯିବ। ଭିତରକନିକା ଓ ଚିଲିକା ସହ ହୀରାକୁଦରେ ମଧ୍ୟ ହାଉସ୍‌ବୋଟ ବ୍ୟବସ୍ଥା ହେବ। ପର୍ଯ୍ୟଟକଙ୍କ ପାଇଁ ଓଡ଼ିଶାରେ 'ରିଭର୍ କ୍ରୁଜ୍' ବ୍ୟବସ୍ଥା ଆରମ୍ଭ ହେବାର ଯୋଜନା ରହିଛି। ଏନେଇ ଇନ୍‌ଲ୍ୟାଣ୍ଡ୍ ୱାଟର୍‌ୱେଜ୍ ଅଥରିଟି ଅଫ୍ ଇଣ୍ଡିଆ ସହ ଆଲୋଚନା ହୋଇଥିବାବେଳେ ସ୍ଥାନ ନିର୍ଦ୍ଧାରଣ ପାଇଁ କଥାବାର୍ତ୍ତା ଚାଲିଥିବା ସଚିବ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଦେଶ ଏବଂ ରାଜ୍ୟର ଉତ୍କୃଷ୍ଟ ପର୍ଯ୍ୟଟନ ଶିଳ୍ପ ସମ୍ପର୍କରେ କହିଥିଲେ। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୨୦୨୦ରେ ଆସିବାକୁ ଥିବା ନୂଆ ପର୍ଯ୍ୟଟନ ନୀତି ଉପରେ ଆଲୋଚନା କରିଥିଲେ। ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି ହୋଟେଲ ଶିଳ୍ପରେ ଜିଏସ୍‌ଟି ହ୍ରାସ, ଚିଲିକାରେ ୱାଟର୍ ସ୍ପୋର୍ଟସର ବିକାଶ, ୪୮୦ କିମି କୋଷ୍ଟାଲ୍ ହାଇୱେ ରିଙ୍ଗ୍ ରୋଡ୍ ନିର୍ମାଣ, ଆଦର୍ଶ ପର୍ଯ୍ୟଟନସ୍ଥଳୀ ତାଲିକାରେ ଓଡ଼ିଶାର କୋଣାର୍କ ଏବଂ ବୁଦ୍ଧିଷ୍ଟ ସର୍କିଟକୁ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ ପର୍ଯ୍ୟଟନ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଭାରତ ପର୍ଯ୍ୟଟନର ଏଡିଜି ରୁପିନ୍ଦର ବ୍ରାର୍ କହିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଶେଷଜ୍ଞମାନଙ୍କୁ ନେଇ ଦିନସାରା ଏକାଧିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶା ଭବନରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ରେଳ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ



ଓଡ଼ିଶା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ଯୋଜନା ସମ୍ପର୍କରେ ସମୀକ୍ଷା କରୁଛନ୍ତି।

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ରାଜ୍ୟରେ ଥିବା ବିଭିନ୍ନ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ତ୍ୱରନ୍ତ କରାଯାଉ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନକୁ ରେଳ ଚଳାଚଳ ବୃଦ୍ଧି ପାଇବ। ଏହା ରେଲୱେ ରାଜସ୍ୱ ବୃଦ୍ଧି ସହ ରାଜ୍ୟର ଅର୍ଥନୀତିରେ ମଧ୍ୟ ସହାୟକ ହେବ। ଦୁଇଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ସରକାରଙ୍କ ନିକଟରେ ପଡିରହିଥିବା ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ରେଳ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ପାଇଁ କେନ୍ଦ୍ରୀୟ ଅଧିକାରୀଙ୍କ ସହ ବିଶେଷ ଆଲୋଚନା କରିଥିବା ଜଣାପଡ଼ିଛି।

ରେଳ ପ୍ରକଳ୍ପଗୁଡ଼ିକ ପାଇଁ ଆବଶ୍ୟକ ଜମି ରାଜ୍ୟ ସରକାର ମାଗଣାରେ ପ୍ରଦାନ କରିଛନ୍ତି। ଏଥିସହ ରେଲ୍‌ୱେକୁ ଆବଶ୍ୟକ ଆନୁଷଙ୍ଗିକ ସହଯୋଗ ପାଇଁ ସଦା ପ୍ରସ୍ତୁତ ଥିବା ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଓଡ଼ିଶା ଗ୍ରାମବହୁଳ ରାଜ୍ୟ, ଏବେ ବି ଅନେକ ସ୍ଥାନରେ ଟେଲିଫୋନ୍ ଟାୱାର ନାହିଁ। ତେଣୁ ଟେଲିକମ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଅଧିକ ଟାୱାର ବସାଇବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସାଧାରଣ ଜନତାଙ୍କ ପାଇଁ ରାଜ୍ୟ ସରକାର ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଅଧିକାଂଶ ଯୋଜନାର ସହାୟତା ରାଶି ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଯାଉଛି। ହେଲେ ଏବେ ବି ଅନେକ ସ୍ଥାନରେ ବ୍ୟାଙ୍କିଙ୍ଗ୍ ସୁବିଧାର ଅଭାବ ଅନୁଭୂତ ହେଉଛି। ତେଣୁ ରାଜ୍ୟରେ ଅଧିକ ସଂଖ୍ୟକ ବ୍ୟାଙ୍କ୍, ଶାଖା କାର୍ଯ୍ୟାଳୟ ଏବଂ ଏଟିଏମ୍ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ପକ୍ଷରୁ ଅନୁରୋଧ କରାଯାଇଛି। ନୂଆଦିଲ୍ଲୀସ୍ଥିତ ମୁଖ୍ୟ ଆବାସିକ କମିଶନର(ସିଆରସି)ଙ୍କ କାର୍ଯ୍ୟାଳୟରେ ୫-ଟି ପଦ୍ଧତିରେ କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡ଼ିଶା ଭବନରେ ଆୟୋଜିତ ହୋଇଥିବା ଏହି ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦାଧିକାରୀ, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ଆବାସିକ କମିଶନର ତୁହିନକାନ୍ତ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଜାନୁୟାରୀରେ ଶେଷ ଥର ପାଇଁ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ପରେ ସିଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ମଧ୍ୟ ମୁଖ୍ୟମନ୍ତ୍ରୀ ତର୍ଜମା କରିଥିଲେ।


## ROGI KALYAN SAMITI, SUB DIVISIONAL HOSPITAL PATNAGARH, DIST- BALANGIR

Advt. No. Date: 18.09.2019

**TENDER CALL NOTICE**

The Rogi Kalyan Samiti, SDH Patnagarh invites sealed tenders for supply of diet to indoor patients from registered private organizations/ companies/ agencies/ firms for the year 2019-20. The bidders may obtain tender documents with terms and conditions from the O/o the undersigned on working days only on deposit of Rs.200/- (Rupees Two hundred only) from the date of publication of this notice. The last date of receipt of tender documents is on 18.10.2019 up to 5:00 PM and the same will be opened on next working day at 3:00 PM. Tender documents should be sent through Regd. Post/ Speed Post only. The undersigned reserves the right to reject or cancel any or all the tenders without assigning any reason thereof.

Sd./- Member Secy, RKS-cum-Supdtt, SDH, Patnagarh

## ବିଜ୍ଞାପନ

No.12-P

**ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁର, ପୁରୀଠାରେ ୨୦୧୯-୨୦ ମସିହା ଶିକ୍ଷାବର୍ଷରେ ତାଲିମ ଗ୍ରହଣ କରିବା ପାଇଁ ଆବେଦନ ପତ୍ର ଆହ୍ୱାନ**

୧. ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁର, ଜିଲ୍ଲା-ପୁରୀ
୨. ତାଲିମ ଅବଧି: **ଏକ ବର୍ଷ**
୩. **ଯୋଗ୍ୟତା:**
(କ) ଆବେଦନକାରୀ/କାରିଣୀ ଅନ୍ୟୂନ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପାସ୍ କରିଥିବା ଆବଶ୍ୟକ।
(ଖ) ଆବେଦନକାରୀ/କାରିଣୀମାନଙ୍କର ବୟସ ସୀମା **୦୧।୧୦।୨୦୧୯ ସୁଦ୍ଧା ୧୮ ରୁ ୩୫ ବର୍ଷ** ମଧ୍ୟରେ ହୋଇଥିବା ଆବଶ୍ୟକ/ ତଫସିଲଭୁକ୍ତ ଜାତି/ ଉପଜାତି ଓ ମହିଳା ବର୍ଗର ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କ ପାଇଁ ବୟସ ସୀମା **୦୫** ବର୍ଷ କୋହଳ କରାଯିବ।
(ଗ) ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତି-ପ୍ରାପ୍ତ କତା ତାଲିମ ତଥା ଉତ୍ପାଦନ କେନ୍ଦ୍ରରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ସେହିମାନଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଅନ୍ୟୂନ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କୋହଳ କରାଯିବ।
୪. ସ୍ଥାନ ସଂଖ୍ୟା: **୩୦**
୫. ଛାତ୍ରବୃତ୍ତି: ମାସିକ ୬୦୦ ଟଙ୍କା **(ଛଅଶହ ଟଙ୍କା)**
୬. ସଂରକ୍ଷଣ: ତଫସିଲଭୁକ୍ତ ଜାତି/ ଉପଜାତି/ ଶାରୀରିକ ଅକ୍ଷମ ଏବଂ ମହିଳା ବର୍ଗର ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କର ସଂରକ୍ଷଣ ନିୟମ ଅନୁସାରେ ସ୍ଥାନ ସଂରକ୍ଷିତ ରଖାଯିବ।
୭. ଛାତ୍ରାବାସ: ମାଗଣାରେ ସୀମିତ ଛାତ୍ର/ଛାତ୍ରୀମାନଙ୍କ ପାଇଁ ଛାତ୍ରାବାସରେ ରହିବାର ବ୍ୟବସ୍ଥା ରହିଛି।
୮. ଆବେଦନକାରୀ/ କାରିଣୀ ନିମ୍ନଲିଖିତ ବିବରଣୀ ଅନୁସାରେ ସାଦାକାଗଜରେ ଲେଖି ଆବେଦନ କରିପାରିବେ।
(କ) ଆବେଦନକାରୀ/ କାରିଣୀଙ୍କ ନାମ:
(ଖ) ପିତା/ ଅଭିଭାବକଙ୍କ ନାମ:
(ଗ) ବର୍ତ୍ତମାନ ଓ ସ୍ଥାୟୀ ଠିକଣା:
(ଘ) ଶିକ୍ଷାଗତ ଯୋଗ୍ୟତା:
(ଏହାର ଅବିକଳ ନକଲ ସଂଲଗ୍ନ କରିବେ)
(ଙ) ବୟସ (୦୧।୧୦।୨୦୧୯ ସୁଦ୍ଧା):
(ବୟସର ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରିବେ)
(ଚ) କତା ଶିଳ୍ପରେ ଥିବା ଅଭିଜ୍ଞତାର ବିବରଣୀ:
(ଛ) ତଫସିଲଭୁକ୍ତ ଜାତି/ଉପଜାତି/ଶାରୀରିକ ଅକ୍ଷମ ହୋଇଥିଲେ ପ୍ରମାଣପତ୍ରର ସହିନକଲ, ଆବେଦନପତ୍ର ସହ ସଂଲଗ୍ନ କରିବେ:
**ତାରିଖ:**
**ସ୍ଥାନ:** **ଆବେଦନକାରୀଙ୍କ ସ୍ୱାକ୍ଷର**
୯. ଆବେଦନ କରିବାର ଠିକଣା: ଅଧୀକ୍ଷକ, ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ସା:ପୋ- ତେଇଶିପୁର, ଜିଲ୍ଲା-ପୁରୀ।
୧୦. ଆବେଦନ ଗ୍ରହଣର ଶେଷ ତାରିଖ: **୨୬।୦୯।୨୦୧୯**।
୧୧. ମନୋନୟନ ପ୍ରଣାଳୀ: ଆବେଦନକାରୀ/ କାରିଣୀ **ତା୨୭।୦୯।୨୦୧୯ରିଖ ଦିବା ୧୧.୦୦ ଘଣ୍ଟା** ସମୟରେ ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁରଠାରେ ଉପସ୍ଥିତ ରହି ମନୋନୟନ ନିମନ୍ତେ ସାକ୍ଷାତ୍କାରରେ ଯୋଗଦେବେ। ସାକ୍ଷାତ୍କାର ପାଇଁ ଆବେଦନକାରୀ/ କାରିଣୀଙ୍କୁ କୌଣସି ଯାତାୟାତ ଖର୍ଚ୍ଚ ଦିଆଯିବ ନାହିଁ।
**ବି:ଦ୍ର:** ସବିଶେଷ ବିବରଣୀ ପାଇଁ ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ, ଫୋନ୍ ନଂ- (୦୬୭୧) ୨୩୦୬୦୨୩/ ଜିଲ୍ଲା ଶିଳ୍ପ କେନ୍ଦ୍ର, ପୁରୀ, ଫୋନ୍ ନଂ- **(୦୬୭୫୨) ୨୨୩୩୯୪** ଏବଂ ଅଧୀକ୍ଷକ, ରାଜ୍ୟ କତାଶିଳ୍ପ ତାଲିମ ତଥା ରୂପାଙ୍କନ କେନ୍ଦ୍ର, ତେଇଶିପୁର, ଜିଲ୍ଲା-ପୁରୀ, ଫୋନ୍ ନଂ- **(୦୬୭୫୨) ୨୪୮୫୪୫,** ଇ-ମେଲ- sctdcpur.od@gov.in ଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ। ସାକ୍ଷାତ୍କାର ସମୟରେ ପ୍ରାର୍ଥୀ/ ପ୍ରାର୍ଥିନୀ ସମସ୍ତ ମୂଳ ପ୍ରମାଣପତ୍ର ତନଖି ନିମନ୍ତେ ସାଙ୍ଗରେ ଆଣିବା ଆବଶ୍ୟକ।

14010/11/0002/1920 ସ୍ୱା./- ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା


## ଦିନଦ୍ୱିପ୍ରହରରେ ଜାତୀୟ ରାଜପଥରେ ଆତଙ୍କ

# ଔଷଧ ବ୍ୟବସାୟୀଙ୍କୁ ଗୁଳିକରି ହତ୍ୟା

ମାର୍ଶାଘାଇ, ୧୮।୯ (ଡି.ଏନ୍.ଏ.)

ଦୀର୍ଘଦିନ ବ୍ୟବଧାନ ପରେ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ବୁଧବାର ଦିନଦ୍ୱିପ୍ରହରରେ ଏକ ହତ୍ୟାକାଣ୍ଡ ଘଟିଛି। ୫ ନଂ.(କ) ଜାତୀୟ ରାଜପଥର ହଜାରି ଛକଠାରେ ୨ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଣିକୁଣ୍ଡାସ୍ଥିତ ଶାମବଜାରର ଔଷଧ ବ୍ୟବସାୟୀ ଗଗନ ସାହୁ(୨୭)। ଏ ନେଇ ଗଗନଙ୍କ ବାପା ତଥା ସ୍ଥାନୀୟ ବ୍ରାହ୍ମଣୀଅଣ୍ଟା ଗ୍ରାମର ଉମେଶଚନ୍ଦ୍ର ସାହୁ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୨୨୯/୧୯) ରୁଜୁକରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଘଟିଥାଇ ପାରେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି। ଏସ୍‌ପି ନୀତିଶେଖର, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଦୋକାନ ପାଇଁ ମେଡିସିନ୍ ଆଣିବାକୁ ଗଗନ ଏକ ବାଇକ୍‌ରେ କେନ୍ଦ୍ରାପଡ଼ା ଯାଉଥିଲେ। ଏହି ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ହଜାରିଛକଠାରେ ଗଗନଙ୍କ ଉପରକୁ ୬ରାଉଣ୍ଡ ଗୁଳିମାଡ଼ କରିଥିଲେ। ଫଳରେ ସେ ବାଇକ୍‌ରୁ ତଳକୁ ଖସି ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ। ଖବରପାଇ ତାଙ୍କ ସମ୍ପର୍କୀୟ ଭାଇ ଓ ସାଙ୍ଗମାନେ ସେଠାରେ ପହଞ୍ଚି ଏକ ବାଇକରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି

**ପତ୍ର ସଂଖ୍ୟା: ୪୪୨** **ବିଜ୍ଞାପନ** **ତାରିଖ: ୧୬.୦୯.୨୦୧୯**

ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରିଙ୍କ ନିଷ୍ପତ୍ତି ଏବଂ ଅଧ୍ୟକ୍ଷ-ତଥା-ଉପ-ଜିଲ୍ଲାପାଳଙ୍କ ଆଦେଶକ୍ରମେ, ଏତଦ୍ୱାରା କାଲିମେଲା ବ୍ଲକ ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉପ-ବଜାର ପ୍ରାଙ୍ଗଣ କାଲିମେଳାରେ ତିଆରି ହୋଇଥିବା ୧୩(ତେର) ଗୋଟି ନୂତନ ଦୋକାନ ଗୃହକୁ Tender ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀ ଭାଇ ଓ ଭଉଣୀମାନେ ଅଫିସ କାର୍ଯ୍ୟ ନିର୍ଘଣ୍ଟ ସମୟ ଅର୍ଥାତ୍ ସକାଳ ଘ ୧୦.୦୦ମି.ରୁ ଅପରାହ୍ନ ଘ. ୫.୦୦ମି. ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ମାଲକାନଗିରିଙ୍କ କାର୍ଯ୍ୟାଳୟରୁ ଏଥିସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଓ ସର୍ତ୍ତାବଳୀ ଟ୧୦୦୦/- (ଏକ ହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା୧୬।୦୯।୨୦୧୯ରିଖରୁ ତା୧୫।୧୦।୨୦୧୯ରିଖ ମଧ୍ୟରେ ପାଇପାରିବେ। ଆବେଦନ ଫର୍ମ ସହ ଉଦ୍ଦିଷ୍ଟ ସର୍ତ୍ତାବଳୀକୁ ସଠିକ ଓ ନିର୍ଭୁଲ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜ ପତ୍ର ସହ ଆସନ୍ତା ତା୧୫।୧୦।୨୦୧୯ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ମୁଦ ଲଫାପାରେ ରେଜିଷ୍ଟ୍ରି ଡାକ/ କ୍ଷିପ୍ର ଡାକ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡ଼ିକୁ ତା୧୭।୧୦।୨୦୧୯ରିଖ ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**
**ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି**

## OFFICE OF THE MUNICIPAL COUNCIL, PHULBANI, KANDHAMAL

**e-Procurement Notice**
**Tender Call Notice No. 6085, Dated 17.09.2019**
**BID Reference No. EO_PLB.M_01_2019-20**
**Tender ID-2019_ORULB_56332_1 to 56332_15**

| | | |
|---|---|---|
| 1 | Name of the work: | 15 Nos. of work as in the DTCN published in the website. |
| 2 | Estimated Cost: | Rs. 1,86,000/- to 10,48,000/-. |
| 3 | Period of completion: | 30 days to 120 days |
| 4 | Date and time of availability of bid documents: | From 10.00 AM on 18.09.2019 to 5.00 PM on 30.09.2019. |
| 5 | Last date/time for receipt of bids in the portal: | 5.00 PM on 30.09.2019. |
| 6 | Date and time of opening bid: | After 3.00 PM on 03.10.2019. |
| 7 | Name and address of the officer inviting Bid: | Executive Officer, Phulbani Municipality. |

Further detail can be seen from the e-procurement portal **https://tendersorissa.gov.in**.
**Sd./- Executive Officer, Phulbani Municipality**

## ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି

**ପତ୍ର ସଂଖ୍ୟା: ୪୪୧** **ବିଜ୍ଞାପନ** **ତାରିଖ: ୧୬.୦୯.୨୦୧୯**

ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରିଙ୍କ ନିଷ୍ପତ୍ତି ଏବଂ ଅଧ୍ୟକ୍ଷ-ତଥା-ଉପ-ଜିଲ୍ଲାପାଳଙ୍କ ଆଦେଶକ୍ରମେ, ଏତଦ୍ୱାରା କାଲିମେଲା ବ୍ଲକ ପରିସୀମା ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉପ-ବଜାର ପ୍ରାଙ୍ଗଣ ପୋଟେରୁରେ ତିଆରି ହୋଇଥିବା ୧୫(ପନ୍ଦର) ଗୋଟି ନୂତନ ଦୋକାନ ଗୃହକୁ Tender ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ଚାଷୀ ଭାଇ ଓ ଭଉଣୀମାନେ ଅଫିସ କାର୍ଯ୍ୟ ନିର୍ଘଣ୍ଟ ସମୟ ଅର୍ଥାତ୍ ସକାଳ ଘ ୧୦.୦୦ମି.ରୁ ଅପରାହ୍ନ ଘ. ୫.୦୦ମି. ମଧ୍ୟରେ ନିୟନ୍ତ୍ରିତ ବଜାର କମିଟି ମାଲକାନଗିରିଙ୍କ କାର୍ଯ୍ୟାଳୟରୁ ଏଥିସକାଶେ ଉଦ୍ଦିଷ୍ଟ ଆବେଦନ ଫର୍ମ ଓ ସର୍ତ୍ତାବଳୀ ଟ୧୦୦୦/- (ଏକ ହଜାର ଟଙ୍କା) ମାତ୍ର ଜମା ଦେଇ ଆସନ୍ତା ତା୧୬।୦୯।୨୦୧୯ରିଖରୁ ତା୧୫।୧୦।୨୦୧୯ରିଖ ମଧ୍ୟରେ ପାଇପାରିବେ। ଆବେଦନ ଫର୍ମ ସହ ଉଦ୍ଦିଷ୍ଟ ସର୍ତ୍ତାବଳୀକୁ ସଠିକ ଓ ନିର୍ଭୁଲ ଭାବରେ ପୂରଣ କରି ଆବଶ୍ୟକୀୟ କାଗଜ ପତ୍ର ସହ ଆସନ୍ତା ତା୧୫।୧୦।୨୦୧୯ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ମୁଦ ଲଫାପାରେ ରେଜିଷ୍ଟ୍ରି ଡାକ/ କ୍ଷିପ୍ର ଡାକ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟରେ ଦାଖଲ କରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡ଼ିକୁ ତା୧୭।୧୦।୨୦୧୯ରିଖ ପୂର୍ବାହ୍ନ ଘ୧୧.୦୦ଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**
**ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ମାଲକାନଗିରି**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA

**District Headquarters Hospital Campus, Rayagada-765001**
**Phone No. 06856-235603, Fax No. 06856-236631**
**No.5193/2019 Rayagada Dated: 07.09.2019**

**TENDER CALL NOTICE**

No.339-E :- Sealed tenders are invited from the reputed manufacturers/ distributors/ suppliers for supply of "PHYSIOTHERAPY, SENSORY UNIT, SPECIAL EDUCATOR EQUIPMENT AND HIPRO MACHINE FOR AUDIOLOGY FOR DEIC, RAYAGADA FOR THE YEAR 2019-20." Requirement list, terms & conditions (Tender Scheduled paper) may be obtained from the Office of the Chief District Medical & Public Health Officer, Rayagada on payment of Rs.2000/- in shape of any Nationalized / Scheduled Bank draft (Non-refundable) in favour of Chief District Medical Officer, Rayagada during working hour i.e. from 10.00 A.M to. 5.30 P.M.

Interested parties are invited to submit their tenders in sealed envelope to the Chief District Medical & Public Health Officer, Rayagada on or before 01.10.2019 up to 5.30 PM and the same will be OPENED on 03.10.2019 at 11.00 AM in the office chamber of Chief District Medical & Public Health Officer, Rayagada. The parties may present or sent their authorized representatives at the time of opening of tender. The undersigned reserves the right to accept or reject any or all the tenders without assigning any reason thereof in the office chamber of Chief District Medical & Public Health Officer. Rayagada.

**Sd./- Dr. Shaktibrata Mohanty**
**Chief District Medical & Public Health Officer, Rayagada**
**10035/11/0012/1920**

## COLLECTORATE, GAJAPATI PARALAKHEMUNDI

**(ST & SC DEV.SECTION)**

**TENDER CALL NOTICE**

**No.1537/Welfare Dated: 16.09.19**

Sealed tenders are invited from the intending Registered Authorized Dealers, Renowned firms and distributors / Dealers, Co-operative Society for supply of the items of the school Uniforms, General material for Urban Education Programme - "Anwesha" running under ST & SC Dev. Department of Gajapati district for the academic session 2019-20. The last date of submission of tender paper is on or before 30.09.2019 by 5.00 P.M to this office by registered post/speed post addressing to the District Welfare Office Gajapati. At/Po-Paralakhemundi, Dist - Gajapati, PIN - 761200. The tender will be opened before the District Purchase Committee in prudence of the bidders or their authorized agents on dated 01.10.2019 at 11.00 A.M in the office chamber of the PA. ITDA, Paralakhemundi. The tenders should submit valid PAN Number and upto date VAT Clearance Certificate along with the tender papers. The under signed reserves the right to accept/ reject or modify the tender wholly or partially without assigning any reason thereof. Earnest Money Deposit (refundable) as mentioned against each unit will have to be submitted in shape of Demand Draft in favour of the District Welfare Officer, Gajapati in any Nationalized Bank payable at Gajapati along with the tender papers. For any query please contact **06815-222825**

Tender paper along with details can be obtained from the Office of the under signed on any working days till 5.00 P.M of 27.09.2019 on payment of cost of Rs.2000/- through Demand Draft (Non - refundable) or can be downloaded from the District Website (www.gajapati.nic.in) and submitted along with the Demand Draft of Rs.2000/-(non-refundable) in favour of the District Welfare Officer, Gajapati in any nationalized bank payable at Gajapati.

**Sd./-**
**District Welfare Officer, Gajapati**

## ZILLA SWASTHYA SAMITI, BARGARH

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR,NHM, BARGARH**

**No.8086** **Date: 17.09.19**

**NOTICE**

Applications are invited from the contractual employees currently working under NHM in the same post of OSH & FW society in other district, desiring to be posted in BARGARH District against the vacant positions mentioned below.

| Sl. No. | Name of the Post | No. of Post vacant |
|---|---|---|
| 1 | Psychiatric Nurse, District Mental Health Programme | 1 No. |
| 2 | Clinical Psychologist, District Mental Health Programme | 1 No. |
| 3 | Psychiatric Social Worker, District Mental Health Programme | 1 No. |
| 4 | Community Nurse, District Mental Health Programme | 1 No. |
| 5 | Programme Officer, District Mental Health Programme | 1 No. |
| 6 | Finance-Logistic Assistant (FLA), NVBDCP | 1 No. |
| 7 | DPMU, Accountant | 2 Nos. |

Interested In house candidates of NHM may log on to www.bargarh.nic.in for details terms and conditions & application form etc. The Eligible candidates for the above post, who are interested, may apply in the prescribed form to the office of the **Chief District Medical & Public Health Officer -cum- District Mission Director, Bargarh Pin Code-768028, by 25.09.2019 upto (5.00 P.M) by Regd. Post / Speed Post / Courier only.** Application received after the due date will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be hoisted in district web-site. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any postal delay. No personal query will be entertained.

**Sd./- Chief District Medical & PHO cum DMD, Bargarh**

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ

## OFFICE OF THE EXECUTIVE ENGINEER RURAL WATER SUPPLY & SANITATION DIVISION, BALANGIR

**Near R.T.O. Office, Balangir, Odisha, Pin-767001, Ph.: 06652-232173 (Off),**
**Email: eerwss_blg@nic.in, Email:eerwssbalangir@gmail.com**

**AUCTION SALE NOTICE**
**No. 01 Dated:- 13.09.2019**

**No.359-O:-** Sealed tenders in conformity with detailed tender schedule are invited for following works - Auction sale of condemned vehicles on " AS IS WHERE IS BASIS." The tenders will be received up to 2.00 PM on 14.10.2019 and will be opened by the undersigned on date 15.10.2019 at 11.00 AM in the presence of the tenderers or their authorized representatives, if any.

Intending tenders may inspect the unserviceable machineries / vehicles / on the location specified as per lots on the Tender Schedule within working hours before the date of submission of tenders.

The tender schedule of the unserviceable T & P materials / vehicles to be auctioned along with terms and conditions can be had from the office of the undersigned from 26.09.2019 to 14.10.2019 upto 2.00PM during the office hours on payment of Rs. 400.00 (Rupees four hundred only) by cash which is non-refundable.

Intending bidders are requested to inspect the vehicle & required to deposit / enclose the E.M.D in shape of NSC / Pass Book of Post office Savings Account amounting to @ 5% of quoted price, duly pledged in favour of the Executive Engineer, RWS&S Division, Balangir along with his tender without which the tender is liable for rejection.

The authority reserves the right to accept or reject any or all of the tenders without assigning any reason thereto.

| Sl No | Description of condemned vehicle | Year of Pur-chase | Place of availability of the condemned vehicle | Sanctioned Up set Price | EMD to be deposited | Cost of-Tender Paper |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | ORR 3 – 3920 (Mahindra & Mahindra Jeep) | 1982 | Office of the Asst. Executive Engineer, RWS&S Sub-Division, Titilagarh | Rs. 35000.00 | 5 % of quoted price | 400.00 |

**25033/11/0006/1920** **Sd./- Executive Engineer, RWS&S Division, Balangir**

# ଅଡୁଆ କଲା କିସ୍

ଆଲିୟା କେତେ ଆଶା ବାନ୍ଧି ବସିଥିଲେ। ବଲିଉଡ୍‌ର ଆଗଧାଡ଼ିର ଅଭିନେତା ସଲମାନ ଖାନ୍‌ଙ୍କ ସହ ଅଭିନୟ କରିବେ। ହେଲେ ସବୁ ଆଶା ପାଣି ଫୋଟକା ପରି ମିଳାଇ ଗଲା। ମାତ୍ର ଗୋଟିଏ ସିନ୍ ପାଇଁ ସେ ଏଥିରେ ଅଭିନୟ କରିବେ ନାହିଁ ବୋଲି ସଫା ସଫା ଶୁଣାଇ ଦେଲେ ସଲ୍ଲୁ ମିଆଁ। ଏଥିରେ ଏକ କିସ୍ ଶଟ୍ ରହିଥିଲା, ଯାହାକୁ ନେଇ ସଲମାନ ନିଜର ଅରାଜି ବ୍ୟକ୍ତ କରିଥିଲେ। ଫିଲ୍ମଟି ହେଲା 'ଇଁଶଆଲ୍‌ହା'। ଖାସ୍ କଥା ହେଲା ସଞ୍ଜୟ ଲୀଲା ଭଁସାଲୀଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମରୁ ସଲମାନ ଓହରି ଯିବା ପରେ ଆଲିୟା ମନ ଦୁଃଖ କରିଛନ୍ତି। ଏପରି କି ଏହି ଶଟ୍‌କୁ କାହାଣୀରୁ ବାଦ୍ ଦେବାକୁ ସଞ୍ଜୟ ପ୍ରପୋଜାଲ ଦେଇଥିଲେ ମଧ୍ୟ ସଲମାନ ତାହାକୁ ଗ୍ରହଣ କରି ନ ଥିଲେ। ଯଦି ସଲମାନ ରାଜି ହୋଇଥାଆନ୍ତେ, ତେବେ 'ହମ୍ ଦିଲ୍ ଦେ ଚୁକେ ସନମ୍' ପରେ ଅର୍ଥାତ୍ ଦୁଇ ଦଶନ୍ଧି ପରେ ସଞ୍ଜୟଙ୍କ ଫିଲ୍ମରେ ସେ ପୁଣି ଥରେ ଆକ୍ଟିଂ କରିଥାଆନ୍ତେ। ତେବେ ସଲମାନ ମନା କରିବା ପରେ ଏବେ ଏଥିରେ କିଏ ନାୟକ ସାଜିବେ ତାହା ଦେଖିବାକୁ ବାକି ରହିଲା। ଫିଲ୍ମଟି ଆସନ୍ତା ବର୍ଷ ଇଦ୍ ଅବସରରେ ରିଲିଜ ହେବାର ଯୋଜନା ରହିଛି ବୋଲି ସଞ୍ଜୟ ସୂଚନା ଦେଇଛନ୍ତି।


ଆଲିୟା

# ୨୫ ବର୍ଷ ପରେ...

ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଋଷି କପୁର। ଯୁବାବସ୍ଥାରେ ସେ ନିଜକୁ ଜଣେ ରୋମାଣ୍ଟିକ ନାୟକ ଭାବରେ ପରିଚୟ ସୃଷ୍ଟି କରିଥିଲେ। 'ବବି, ପ୍ରେମ ରୋଗ, ସରଗମ୍, କର୍ଜ, ନସିବ ଅପନା ଅପନା, ଦୋସ୍ତି ଦୁସ୍‌ମନୀ, ନାଗିନା, ଚାନ୍ଦିନୀ, ହେନା, ବୋଲ୍ ରାଧା ବୋଲ୍, ଦାମିନୀ, ଦିୱାନା, ଅମର ଆକବର ଆନ୍ଥୋନୀ' ପରି ଶତାଧିକ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି। ପ୍ରଥମ ସିନେମା 'ବବି' ପାଇଁ ସେ ଶ୍ରେଷ୍ଠ ନବାଗତ ଅଭିନେତା ଭାବରେ ଫିଲ୍ମ ଫେୟାର ପୁରସ୍କାର ହାସଲ କରିଥିଲେ। ହେଲେ ଏହାର ୨୫ବର୍ଷ ପରେ ସେ ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ଜୀବନବ୍ୟାପୀ ସାଧନା ପାଇଁ ପାଇଥିଲେ। ନିତୁ ସିଂଙ୍କୁ ବିବାହ କରିବା ପୂର୍ବରୁ ଦୁହିଁଙ୍କ ଭିତରେ ପ୍ରେମ ସମ୍ପର୍କ ଥିଲା। ସେତେବେଳେ ନିତୁଙ୍କୁ ସବୁବେଳେ ସେ ଚିଡ଼ାଉଥିଲେ। ଥରେ 'ଅମର ଆକବର ଆନ୍ଥୋନୀ' ଫିଲ୍ମର ଶୁଟିଂ ସମୟରେ ନିତୁ ମେକଅପ ନେଉଥାଆନ୍ତି। ଏହି ସମୟରେ ଋଷି ମେକଅପ ରୁମ୍‌କୁ ଆସି କହିଲେ, 'ନିତୁ ତୁମକୁ ଏହି ମେକଅପ ମାନୁନାହିଁ। ଏହା କହି ସେ ତାଙ୍କ ଗାଲରେ କାଜଲ ଲଗାଇ ଦେଇଥିଲେ। ତା'ପରେ ନିତୁ ପୁଣି ଥରେ ମେକଅପ ନେଇଥିଲେ। ମାଧୁରୀ ଦୀକ୍ଷିତଙ୍କ ସହ ଋଷି ବେଶ୍ କେତୋଟି ସିନେମାରେ ଅଭିନୟ କରିଛନ୍ତି। ପୁଣି ଏପରି ସଂଯୋଗ 'ୟେ ଜୱାନୀ ହୈ ଦିୱାନୀ'ରେ ତାଙ୍କର ପୁଅ ରଣବୀର କପୁରଙ୍କ ସହ ମାଧୁରୀ ଏକ ଆଇଟମ ନମ୍ବରରେ ନାଚିଥିଲେ। 'ଦିୱାନା' ଚଳଚ୍ଚିତ୍ରରେ 'ଐସି ଦିୱାନଗିଁ ଦେଖା ନହିଁ କହିଁ' ଗୀତରେ ଶାହରୁଖ-ଦିବ୍ୟା ଭାରତୀଙ୍କୁ ଦେଖିବାକୁ ମିଳିଥିଲା। କିନ୍ତୁ ପ୍ରଥମେ ଏହି ଗୀତରେ ଶାହରୁଖଙ୍କ ବଦଳରେ ନିଜକୁ ସାମିଲ କରିବାକୁ ଋଷି ଚାପ ପକାଇଥିଲେ ବୋଲି ଶୁଣିବାକୁ ମିଳେ।


ଋଷି

# ଚୁଜି ହେଲେଣି ଅନନ୍ୟା

ନବାଗତା ଅନନ୍ୟା ଏବେ ଚୁଜି ହେଲେଣି। ଭୂମିକା ହେଉ କି କାହାଣୀ ଯଦି ପସନ୍ଦ ନ ହେଲା ତେବେ ସିଧା ସିଧା ମନା କରିଦେଉଛନ୍ତି। ନିକଟରେ ଏପରି ୩-୪ଟି ଅଫର ହାତଛଡ଼ା କରିଛନ୍ତି ଚଙ୍କି ପାଣ୍ଡେଙ୍କ ଏହି କନ୍ୟା। 'ପ୍ରଥମେ କାହାଣୀ ଏବଂ ଭୂମିକା ମୋର ପସନ୍ଦ ଆସିବା ଦରକାର। ତା'ପରେ ଅଫରଟି ଗ୍ରହଣ କରିବି କି ନାହିଁ ସେକଥା ଚିନ୍ତା କରିବି। ଏଣୁ ତେଣୁ ଗୁଡ଼ିଏ ଫିଲ୍ମରେ ଆକ୍ଟିଂ କରିବା ଅପେକ୍ଷା ବର୍ଷକୁ ୨-୩ଟି ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ ବୋଲି କହିଛନ୍ତି ଅନନ୍ୟା।



## ଖବର ଟବର


ଚୁଲବୁଲି

❖ଚୁଲ୍‌ବୁଲି ଚୌଧୁରୀଙ୍କ ହାତରେ ଏବେ ଆଉ ଏକ ସିନେମା। ପ୍ରାରମ୍ଭିକ କାମ ଚାଲିଥିବା ନୂଆ ଓଡ଼ିଆ ସିନେମା 'ତୁ ମୋର ସବୁକିଛି'ର ସେ ନାୟିକା ସାଜିବାକୁ ଯାଉଛନ୍ତି। ତାଙ୍କ ଅପୋଜିଟ୍‌ରେ କିଏ ନାୟକ ଭୂମିକାରେ ଅଭିନୟ କରିବ, ତାହା ଫାଇନାଲ ହୋଇନାହିଁ। ଫିଲ୍ମଟିର ପ୍ରଯୋଜନା ସହ ନିର୍ଦ୍ଦେଶନା ଦେବେ ରବୀନ୍ଦ୍ର ପ୍ରଧାନ।

❖ସୁଧାକର ବସନ୍ତ ଏବେ ଆଉ ଏକ ସିନେମାର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ଧଡ଼କନରେ ତୁ'। ପ୍ରେମ କାହାଣୀଭିତ୍ତିକ ଏହି ଫିଲ୍ମର ମେଲ୍ ଲିଡ୍‌ରେ ଅଭିନୟ କରିବେ ଦୀପକ ଏବଂ ତାଙ୍କ ସହ ସ୍କ୍ରିନ ଶେୟାର କରିବେ ସସ୍ମିତା।

❖ରମେଶ ରାଉତଙ୍କ ନିର୍ଦ୍ଦେଶନାରେ 'ଅଟୋଗ୍ରାଫ୍'ର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଫିଲ୍ମରୁ ଓଡ଼ିଆ ସିନେମାରେ ଡେବ୍ୟୁ ଆରମ୍ଭ କରୁଛନ୍ତି ନବାଗତା ସ୍ୱାତୀ।

❖ହାସ୍ୟାଭିନେତା ଅମର ଏବଂ ନବାଗତା ଅମ୍ରିତାଙ୍କୁ ନେଇ ନିର୍ମିତ 'ହୀରାଲାଲ୍ ମୋତିଲାଲ୍' ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରେମ ଅନ୍ତରାଳେ

ସୋନି ବସ୍ତିରେ ରହେ। ବଡ଼ ଭଉଣୀର ସେହି ବସ୍ତିରେ ଗୋଟିଏ ଢାବା ରହିଛି। ପ୍ରାୟ ଅନେକ ସମୟରେ ଜଣେ ଯୁବକ ସେହି ଢାବାକୁ ଖାଇବାକୁ ଆସେ। ଏମିତି କେତେଥର ଦେଖାହେବା ପରେ ସୋନି ପ୍ରେମରେ ପଡ଼ିଯାଇଛି ସେହି ଯୁବକ। ଆଉ ତା'ପରେ ଯାହା ଘଟିଛି ତାହା ସେ ବିଶ୍ୱାସ କରିପାରିନି। ସୋନିକୁ ପ୍ରେମ କରିବା ପରେ ଯୁବକର ବିଜ୍‌ନେସର ଉନ୍ନତି ଘଟିଛି। ସୋନି ପ୍ରେମରେ ପଡ଼ିବା ପରେ ଯୁବକ ଜୀବନରେ ଆଉ କ'ଣ ଘଟୁଛି ତାହା କାହାଣୀରେ ନିହିତ ରହିଛି। ନିଜର ପରୋପକାରୀ ଗୁଣ ଏବଂ ଜଣେ ସଫଳ ବିଜ୍‌ନେସମ୍ୟାନ ହେବା ପରେ ବାବୁ ନାମକ ସେହି ଯୁବକ ପରିଚିତ ହୋଇଛି 'ବାବୁ ଭାଇଜାନ୍' ନାମରେ। ପିଲାଟି ଦିନରୁ ଅଭାବ ସହ ଲଢ଼ିଥିବା ଏହି ଯୁବକ କିପରି ଭବିଷ୍ୟତରେ ନିଜକୁ ଜଣେ ନାମୀ ବିଜ୍‌ନେସ ଟାଇକୁନ୍ ଭାବେ ପରିଚିତ କରାଇପାରିଛି ତାହାକୁ ଆଧାର କରି ନିର୍ମିତ ହେଉଛି ଓଡ଼ିଆ ବାୟୋପିକ୍ 'ବାବୁ ଭାଇଜାନ୍'। ଖ୍ୱାଜା ଗରିବ୍ ନୱାଜ ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକ ସତ୍ୟ ଘଟଣା ଏବଂ ବାଲେଶ୍ୱର ଜିଲାର ଲଛମନଖୁଣ୍ଟା ନାମକ ଏକ ଅଜଣା ଗାଁର ଜଣେ ଯୁବକ (ବାବୁ)ର ଜୀବନୀକୁ ନେଇ ଉକ୍ତ ସିନେମାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ପ୍ରଯୋଜନା କରିଛନ୍ତି ସନ୍ତୋଷ ନାରାୟଣ ଦାସ। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ଫିଲ୍ମର ଟାଇଟଲ ଭୂମିକାରେ ଅରିନ୍ଦମ ଅଭିନୟ କରିଥିବା ବେଳେ ତାଙ୍କ ସହ ପ୍ରଥମ ଥର ପାଇଁ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ (ସୋନି)। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ମିହିର ଦାସ, ଚୌଧୁରୀ ବିକାଶ ଦାସ, ବିଦ୍ୟୁସ୍ମିତା, ମନୋଜ ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ସନ୍ତୋଷ ନାରାୟଣ ଦାସ ଏବଂ ତାପସ ସରଘରିଆ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


ଶିବାନୀ

## ଅପେରା ହାଲଚାଲ

# ଟୁ-ଇନ୍-ୱାନ୍ ଅଭି

ଥରେ ଅପେରା ସିଜନ ଅଧାରେ ଏକ ପାର୍ଟିର ଆଙ୍କର କୌଣସି କାରଣବଶତଃ ପାର୍ଟି ଛାଡ଼ି ଚାଲିଗଲେ। ଠିକ୍ ସେତିକିବେଳେ ଜଲିଉଡ୍‌ର ବର୍ଷୀୟାନ ଅଭିନେତା କୈଳାସ ବେହେରା ଜଣେ ଅଭିନେତାଙ୍କୁ ଏହି ଦାୟିତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଆଉ ସେହି ସୁଯୋଗ ପାଇବା ପରେ ଅଭିନୟ ସହ ଆଙ୍କରିଂକୁ ଏକ ଚ୍ୟାଲେଞ୍ଜ ଭାବେ ନେଇଥିଲେ ସେହି କଳାକାର। ସେହି ଦିନଠାରୁ ଏ ପର୍ଯ୍ୟନ୍ତ ପାଖାପାଖି ଆଠବର୍ଷ ଭିତରେ ନିଜକୁ ଜଣେ ଆଗଧାଡ଼ିର ଆଙ୍କରର ଭାବରେ ସେ ପରିଚିତ କରାଇ ପାରିଛନ୍ତି। ସେ ହେଲେ ଅଭିମନ୍ୟୁ ପରିଡ଼ା। ଯାତ୍ରା ଜଗତରେ ସେ ଅଭି ନାମରେ ପରିଚିତ। ନିଜ ସମ୍ପର୍କରେ ସେ କହନ୍ତି, 'ଇଷ୍ଟର୍ନ ପିଙ୍କ୍‌ରୁ ମୋର ଅଭିନୟ କ୍ୟାରିୟର ଆରମ୍ଭ। ପ୍ରଥମ ନାଟକ 'ନିଇତି ରାତିରେ ନୂଆ ବର' ପରେ ମୋ କ୍ୟାରିୟରକୁ ନୂଆ ମୋଡ଼ ଦେଇଥିଲା ରଙ୍ଗମହଲର ଚର୍ଚ୍ଚିତ ନାଟକ 'ଖରାପ ଝିଅର ଗପ'। ସେଥିରେ ସାନଭାଇ ରାମପଦ ଭୂମିକାରେ ମୁଁ ଅଭିନୟ କରିଥିଲି, ଆଉ ଏହି ଭୂମିକା ମୋତେ ଦେଇଥିଲା ସ୍ୱତନ୍ତ୍ର ପରିଚୟ। ରଙ୍ଗମହଲର ପ୍ରୋପ୍ରାଇଟର ସତ୍ୟ ଜେନାଙ୍କ କେଇପଦ କଥା ଅପେରା ଜଗତରେ ମୋତେ ଆଗେଇବାକୁ ଯଥେଷ୍ଟ ପ୍ରେରଣା ଯୋଗାଇଥିଲା। ଏବେ ସମାଜରେ ସଚେତନତା ପାଇଁ ଆଙ୍କରିଂ ମାଧ୍ୟମରେ ବଳିଷ୍ଠ ବାର୍ତ୍ତା ଦିଆଯାଉଛି।' ନବଗଠିତ ଅପେରା ସୂର୍ଯ୍ୟମନ୍ଦିର ପରିବେଷିତ ନାଟକ 'କାହାଣୀ କହିବ ସୂର୍ଯ୍ୟମନ୍ଦିର'ରେ ପୋଲିସ ଅଫିସର ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି ଟୁ-ଇନ୍-ୱାନ୍ ଅଭି।



ପରଦାରେ...

# ଜୋର୍ କା ଝଟ୍‌କା

ଚଳିତ ମାସ ୨୦ରେ ରିଲିଜ୍ ହେବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ କା ଝଟ୍‌କା'। କମେଡିଭିତ୍ତିକ ଏହି ଫିଲ୍ମଟିର କାହାଣୀରେ ଏଭଳି ମସଲା ରହିଛି, ଯାହା ଯୁବପିଢ଼ିଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛନ୍ତି ନବାଗତ ପ୍ରଯୋଜକ ଅଶୋକ ବେହେରା ଏବଂ ଶିବାନୀ ବେହେରା। 'ଫିଲ୍ମରେ କେବଳ ହାସ୍ୟରସ ନୁହେଁ, ଲଭ୍, ଇମୋଶନ ମଧ୍ୟ ରହିଛି। କାହାଣୀର ପ୍ରତିଟି ଭାଗକୁ ସମାନ ଗୁରୁତ୍ୱ ଦିଆଯାଇଛି।' କେବଳ କାହାଣୀ ନୁହେଁ, ଅଭିଜିତ୍ ମଜୁମ୍‌ଦାରଙ୍କ ଗୀତ ବେଶ୍ ଶ୍ରୁତିମଧୁର ହୋଇଛି ବୋଲି କହନ୍ତି ଏହାର ନିର୍ଦ୍ଦେଶକ ପିନୁ ନାୟକ। ଏହି ଚଳଚ୍ଚିତ୍ରରେ ଦୀପକ-ପିଙ୍କି ପ୍ରିୟଦର୍ଶିନୀ ଯୋଡ଼ିକୁ ଦେଖିବାକୁ ମିଳିବ। ଏହାବ୍ୟତୀତ ହାସ୍ୟାଭିନେତା ହରିହର ମହାପାତ୍ର ଏବଂ ପ୍ରଜ୍ଞାଙ୍କୁ ଏକ ଭିନ୍ନ ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ତେବେ 'ଜୋର୍ କା ଝଟ୍‌କା' ଦର୍ଶକଙ୍କୁ କେତେ ଝଟ୍‌କା ଦେଉଛି, ତାହା ଦେଖିବାକୁ ବାକି ରହିଲା।


ଦୀପକ-ପିଙ୍କି



> ସାରା ଦେଶରେ ବେସିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରଶିକ୍ଷଣ ଦେବା ଲାଗି ଦକ୍ଷତା ବିକାଶ ଏବଂ ଆଣ୍ଟ୍ରେପ୍ରିନ୍ୟୁରସିପ୍ ମନ୍ତ୍ରଣାଳୟ ଆଇଟି କମ୍ପାନୀ ଆଇବିଏମ୍ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛି।
>
> – ମହେନ୍ଦ୍ର ନାଥ ପାଣ୍ଡେ, ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ମନ୍ତ୍ରୀ



> ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହାର ଦୂରୀକରଣ ଲାଗି ସରକାରଙ୍କ ପକ୍ଷରୁ ଯଥା ସମ୍ଭବ ପ୍ରୟାସ ଜାରି ରହିଛି।
>
> – ଅମିତାଭ କାନ୍ତ, ନୀତି ଆୟୋଗ ସିଇଓ

# ବିଦେଶୀ ନିବେଶକଙ୍କ ମୋହଭଙ୍ଗ

## ଷ୍ଟକ୍ ମାର୍କେଟରୁ ୪୫୦୦ କୋଟି ଡଲାର ଫେରାଇନେବା ଆରମ୍ଭ



- ଜୁନ୍‌ରେ ୪.୫ ବିଲିୟନ ଡଲାର ନିବେଶ ପ୍ରତ୍ୟାହାର
- ପ୍ରଧାନମନ୍ତ୍ରୀ ଅର୍ଥନୀତି ପରିଚାଳନାରେ ସଫଳ ହୋଇ ନ ଥିବା ଅଭିଯୋଗ
- ଅର୍ଥନୀତି ଢାଞ୍ଚାଗତ ମାନ୍ଦାବସ୍ଥା ଆଡ଼କୁ ଗତି କରୁଛି:ବିଶେଷଜ୍ଞ

ମୁମ୍ବାଇ,୧୮-୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଦେଶର ଆର୍ଥିକ ପ୍ରଗତିକୁ ଆହୁରି ଉଚ୍ଚକୁ ନେବେ ବୋଲି ବିଦେଶୀ ନିବେଶକଙ୍କ ଭରସା ଥିଲା। ଏହି କାରଣରୁ ସେମାନେ ଗତ ୬ ବର୍ଷ ଧରି ଭାରତୀୟ ଷ୍ଟକ୍ ବଜାରରେ ପ୍ରାୟ ୪୫୦୦କୋଟି ଡଲାର ନିବେଶ କରିଥିଲେ। ତେବେ ମୋଦି ସରକାରଙ୍କ ଆର୍ଥିକ ନୀତିକୁ ଦେଖିବା ପରେ ଏବଂ ଦେଶର ଅର୍ଥନୀତିର ଅବସ୍ଥା ବେହାଲ ହୋଇଥିବା ଦେଖି ଏବେ ସେମାନଙ୍କ ମୋହଭଙ୍ଗ ହେଲାଣି। ଫଳସ୍ୱରୂପ ସେମାନେ ଏବେ ନିଜର ନିବେଶ ଫେରାଇ ନେବାକୁ ଆରମ୍ଭ କରିଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ଜୁନ୍ ସୁଦ୍ଧା ସେମାନେ ପ୍ରାୟ ୪.୫ବିଲିୟନ ଡଲାର ଶେୟାର ବିକ୍ରି କରି ଘରକୁ ଅର୍ଥ ଫେରାଇ ନେଇଥିବା ଜଣାପଡିଛି। ୧୯୯୯ ପରେ ଏତେ ବିଶାଳ ପରିମାଣ ଅର୍ଥ ବିଦେଶକୁ ପଳାଉଥିବା ବିଶେଷ ପ୍ରଣିଧାନଯୋଗ୍ୟ।

ବିଦେଶରେ ୫୨୦୦ କୋଟି ଡଲାର ପୁଞ୍ଜିନିବେଶ ପରିଚାଳନା କରୁଥିବା ଲଣ୍ଡନସ୍ଥିତ ଲୋମ୍ବାର୍ଡ ଓଡିୟର୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜର୍ସର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଷ୍ଟ୍ରାଟେଜିଷ୍ଟ ସଲମାନ ଅହମ୍ମଦଙ୍କ କହିବାନୁଯାୟୀ ୨୦୧୪ ପୂର୍ବରୁ ମୋଦିଙ୍କୁ ନେଇ ନିବେଶକଙ୍କ ମଧ୍ୟରେ ଥିବା ଉତ୍ସାହରେ ଭଟ୍ଟା ପଡିଛି। ଭାରତର ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଦେବ ଏହା ବିଦେଶୀ ନିବେଶକ ଭାବିପାରୁ ନ ଥିଲେ। ଦେଶର ଅର୍ଥନୀତି ୫ ତ୍ରୈମାସ ହେଲା କମିବାରେ ଲାଗିଛି। ୨୦୧୩ ପରେ ଏହା ସବୁଠାରୁ ନିମ୍ନ ସ୍ତର ରହିଛି। ଭାରତର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୫%ର ଶିରୋନାମା ହାସଲ କରିବାରୁ ସ୍ପଷ୍ଟ ହେଉଛି ଯେ, ଭାରତର ଅର୍ଥନୀତିର ଅବସ୍ଥା କିଭଳି ରହିଛି। କାର୍ ବିକ୍ରି ରେକର୍ଡ ଦ୍ରୁତଗତିରେ ହ୍ରାସ ପାଇଚାଲିଛି। ଏଥିରୁ ଏହି କ୍ଷେତ୍ରର ଯନ୍ତ୍ରଣା କେତେ ତାହା ସହଜରେ ବୁଝି ହେବ। ବେକାରି ସମସ୍ୟା ୪୫ ବର୍ଷର ସର୍ବୋଚ୍ଚ ସ୍ତରରେ ରହିଛି ଏବଂ ଅନାଦାୟ ଋଣ ବୋଝରେ ଦେଶର ବ୍ୟାଙ୍କିଙ୍ଗ୍ ଶିଳ୍ପ ଆଣ୍ଠେଇଲାଣି। ଭାରତ ନିଜର ୮୩ ପ୍ରତିଶତ ଚାହିଦା ପୂରଣ ପାଇଁ ଅନ୍ତର୍ଜାତୀୟ ବଜାରରୁ ଅଶୋଧିତ ତେଲ ଆମଦାନୀ କରିଥାଏ। ସୋମବାର ତେଲ ଦରରେ ଅଚାନକ ୨୦% ବୃଦ୍ଧି ଦେଶର ଅର୍ଥନୀତି ପାଇଁ ବୋଝ ଉପରେ ନଳିତା ବିଡା ହେବାକୁ ଯାଉଛି। ତେବେ ମୋଦି ସରକାର ଅର୍ଥନୀତିକୁ ସଜାଡିବା ଲାଗି ପଦକ୍ଷେପ ନେଉଛନ୍ତି ସତ, ତେବେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ୱ କରିଦେଇଛନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଭାରତ ଏବେ ଢାଞ୍ଚାଗତ ମାନ୍ଦାବସ୍ଥା ଆଡକୁ ଗତି କରୁଥିବାରୁ ଏହା ସବୁଠୁ ଚିନ୍ତାର ବିଷୟ ହୋଇଛି। ଏହାଦ୍ୱାରା ୨ ଲକ୍ଷ କୋଟି ଡଲାରର ଭାରତୀୟ ଷ୍ଟକ୍ ମାର୍କେଟ ଉପରେ ଖଣ୍ଡା ହୋଇ ଝୁଲୁଛି। ଏହାଛଡ଼ା ଆମାଜନ ନିଟ୍‌ଫ୍ଲିକ୍ସ ଭଳି ବିଦେଶୀ କମ୍ପାନୀଙ୍କ ଉପରେ କଟକଣା ଜାରି କରାଯାଉଥିବାରୁ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ପାଇଁ ନୂଆ ନିଯୁକ୍ତି ସୃଷ୍ଟି କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହେବ। ନିକଟରେ ବ୍ଲୁମବର୍ଗକୁଇଣ୍ଟ ସହ ସାକ୍ଷାତକାର ବେଳେ ଭାଜପା ଏମ୍‌ପି ସୁବ୍ରମଣ୍ୟମ ସ୍ୱାମୀ ସରକାର ଅର୍ଥନୀତିକୁ ସଜାଡିବାକୁ ପଦକ୍ଷେପ ନେବାରେ ବିଳମ୍ୱ କରିବାର ବିପଦ ସମ୍ପର୍କରେ ଉଲ୍ଲେଖ କରିସାରିଛନ୍ତି। ଆଗାମୀ ୫ରୁ ୬ ମାସ ମଧ୍ୟରେ ଅର୍ଥନୀତିକୁ ନ ସଜାଡିଲେ ଲୋକେ ତାଙ୍କୁ ଚ୍ୟାଲେଞ୍ଜ କରିବା ଆରମ୍ଭ କରିଦେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆଇନ ତଥା ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରସାଦ ନିକଟରେ କହିଥିଲେ ଯେ, ଭାରତ ଏକ ଆକର୍ଷଣୀୟ ନିବେଶ ଲକ୍ଷ୍ୟସ୍ଥଳ ହୋଇଥିବାବେଳେ ସ୍ଥାନୀୟ ପ୍ରତିଭାର ଏକ ବିଶାଳ ବଜାର ହୋଇଛି। ଏହାଛଡ଼ା ଦେଶରେ ରାଜନୈତିକ ସ୍ଥିରତା ରହିଥିବା ବେଳେ କେନ୍ଦ୍ରରେ ଦୁର୍ନୀତିମୁକ୍ତ ସରକାର କାର୍ଯ୍ୟ କରୁଛନ୍ତି। ଏଥିସହ ସରକାର ଆବଶ୍ୟକ ସ୍ଥଳରେ ଆର୍ଥିକ ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି। ତେବେ ବିଶେଷଜ୍ଞଙ୍କ ମତରେ ଅର୍ଥନୀତିରେ ଦେଖାଦେଇଥିବା ସମସ୍ୟା ମୋଦି ଆସିବା ପୂର୍ବରୁ ସୃଷ୍ଟି ହୋଇଥିଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ଏହାକୁ ଭୁଲ୍ ଭାବେ ପରିଚାଳନା କରିବା ସମସ୍ତଙ୍କୁ ନିରାଶ କରିଛି। ୨୦୧୬ରେ ୮୬% ଟଙ୍କାକୁ ଅଚଳ କରିଦେବା ଅର୍ଥନୀତି ପାଇଁ ଅଭିଶାପ ହୋଇଛି। ସେହିପରି ୨୦୧୭ରେ ତରବରିଆ ଭାବେ ଜିଏସ୍‌ଟି ଲାଗୁ କରିବା ଦ୍ୱାରା ବ୍ୟବସାୟ କରିବା କଷ୍ଟସାଧ୍ୟ ହୋଇଛି। ସେହିପରି ସାମାଜିକ ଓ ରାଜନୈତିକ ବିରୋଧ ଯୋଗୁ ମୋଦି ତାଙ୍କ କାର୍ଯ୍ୟକାଳ ପ୍ରାରମ୍ଭରେ ହାତକୁ ନେଇଥିବା ଜମି ଓ ଶ୍ରମ ଆଇନ ସଂସ୍କାରକୁ ପ୍ରତ୍ୟାହାର କରି ନେଲେ। ମୋଦି କେବଳ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲେ ସୁଦ୍ଧା ବିଦେଶୀ ନିବେଶକମାନେ ମୋଦିନୋମିକ୍ସ(ମୋଦିଙ୍କ ଅର୍ଥନୀତି)ର ଯୁଗାନ୍ତକାରୀ ପଦକ୍ଷେପକୁ ଅଦ୍ୟାବଧି ଅପେକ୍ଷା କରିଛନ୍ତି। ଏହା ଅଦ୍ୟାବଧି ବାସ୍ତବ ରୂପ ନେଇପାରିଲା ନାହିଁ। ସବୁଠୁ ବଡ଼ କଥା ହେଲା ଅର୍ଥନୀତି ଏବେ ମାନ୍ଦାବସ୍ଥା ଘେରରେ ରହିଥିବାରୁ ବଡ଼ଧରଣର ସଂସ୍କାର କାର୍ଯ୍ୟକ୍ରମକୁ ଏବେ ଶୀତଳ ଭଣ୍ଡାରରେ ରଖି ଦିଆଯିବ। ମୋଦି ସରକାର ତାଙ୍କର ସମସ୍ତ ଶକ୍ତି ଜମ୍ମୁ-କଶ୍ମୀର ପାଇଁ ଖର୍ଚ୍ଚ କରୁଛନ୍ତି। ଫଳରେ ଦେଶର ଅର୍ଥନୀତି ଏବେ ସରକାରଙ୍କ ପାଇଁ ଗୁରୁତ୍ୱ ହରାଇଛି ବୋଲି କାର୍ଟିକା ମ୍ୟାନେଜମେଣ୍ଟର ଏମ୍‌ଡି କାଟାଲିନ ଜିନଗୋଲ୍ଡ କହିଛନ୍ତି। ମୋଦି ସରକାରଙ୍କୁ ନିବେଶକ ସହାୟକ ପଦକ୍ଷେପ ନେବାକୁ ହେବ। ଅଧିକରୁ ଅଧିକ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ କରିବା, ଶ୍ରମ ଆଇନକୁ ଆହୁରି ସରଳ କରିବା, ଜମି କ୍ରୟରେ ଥିବା କଟକଣାକୁ ଢ଼ିଲା କରିବା, ଏକ ଅନାଦାୟ ଋଣ ବ୍ୟାଙ୍କ ପ୍ରତିଷ୍ଠା କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସମସ୍ତ ଅନାଦାୟ ଋଣକୁ ଏକାଠି କରାଯାଉ ବୋଲି ବିଦେଶୀ ନିବେଶକ ଚାହୁଁଛନ୍ତି। ଏହାଛଡ଼ା କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଟିକସ ରିଫଣ୍ଡ ପ୍ରଦାନକୁ ତ୍ୱରାନ୍ୱିତ କରିବାକୁ ହେବ ବୋଲି ସେ କହିଛନ୍ତି। ମୋଦି ସରକାର ଅର୍ଥନୀତି ସଜାଡିବାକୁ ବିଶେଷ କିଛି କରିପାରିବେ ନାହିଁ ବୋଲି ଉଲ୍ଲେଖ କରି ପ୍ରଖ୍ୟାତ ନିବେଶଗୁରୁ ତଥା 'ଗ୍ରିଡ୍ ଆଣ୍ଡ ଫିୟର' ପୁସ୍ତକର ଲେଖକ କ୍ରିଷ୍ଟୋଫର ଉଡ଼ ଭାରତ ବଦଳରେ ଇଣ୍ଡୋନେସିଆରେ ନିବେଶ ଲାଗି ପରାମର୍ଶ ଦେଇଛନ୍ତି। କେବଳ ବିଦେଶୀ ନିବେଶକ ନୁହଁନ୍ତି ଦେଶର କର୍ପୋରେଟ ଜଗତ ମଧ୍ୟ ମାନ୍ଦାବସ୍ଥା ନେଇ ଚିନ୍ତିତ। ଦେଶର ସର୍ବବୃହତ କଞ୍ଜ୍ୟୁମର ଗୁଡ୍ସ ନିର୍ମାତା ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ ଅଧ୍ୟକ୍ଷ ସଞ୍ଜୀବ ମେହେଟା କହିଛନ୍ତି ଯେ, କମ୍ପାନୀର ସାବୁନ, ଶାମ୍ପୁ ବିକ୍ରି କମିଗଲାଣି। ଏହା ମାନ୍ଦାବସ୍ଥାର ସଙ୍କେତ ଦେଉଛି।

## ସଂକ୍ଷେପରେ

### ଶସ୍ତା ହେବ ଏଲ୍‌ସିଡି-ଏଲ୍‌ଇଡି ଟିଭି



**ନୂଆଦିଲ୍ଲୀ,୧୮-୯:** ଅର୍ଥନୀତିରୁ ମାନ୍ଦାବସ୍ଥାକୁ ଦୂରେଇ ଦେବା ଲକ୍ଷ୍ୟରେ ପାର୍ବଣ ଋତୁ ଆରମ୍ଭରୁ ସରକାର ଟିଭି ବିକ୍ରି ବଢ଼ାଇବା ଯୋଜନା କରିଛନ୍ତି। ଘରୋଇ ଓ ବିନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ଓପନ ସେଲ୍ ଟିଭି ପ୍ୟାନେଲ ଉପରେ ଲାଗୁଥିବା ୫% ଆମଦାନୀ ଶୁଳ୍କକୁ ସରକାର ପ୍ରତ୍ୟାହାର କରିଛନ୍ତି। ସରକାରଙ୍କ ଏହି ଘୋଷଣା ପରେ ଟିଭି ପ୍ୟାନେଲ ମୂଲ୍ୟ ପ୍ରାୟ ୩% କମିବ। ଉଲ୍ଲେଖଥାଉ କି, ୬୦ରୁ ୬୫ ପର୍ଯ୍ୟନ୍ତ ଟିଭି ଦେଶରେ ନିର୍ମାଣ କରାଯାଉଛି। ଟିଭି ନିର୍ମାଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ହୋଇଥାଏ ଟିଭି ପ୍ୟାନେଲ। ଏହା ଟିଭିର ଉତ୍ପାଦନ ମୂଲ୍ୟର ୬୫ରୁ ୭୦ ପ୍ରତିଶତ ହୋଇଥାଏ। ଏଥିଯୋଗୁ ଏବେ ଗ୍ରାହକଙ୍କୁ ଶସ୍ତାରେ ଏଲ୍‌ଇଡି/ଏଲ୍‌ସିଡି ଟିଭି ମିଳିବ। ୩୨ ଇଞ୍ଚ ପର୍ଯ୍ୟନ୍ତ ଟିଭି ଉପରେ ୧୮% ଜିଏସ୍‌ଟି ଆଦାୟ କରାଯାଉଛି। ଏହାଠାରୁ ବଡ଼ ହୋଇଥିଲେ ୨୮% ଜିଏସ୍‌ଟି ଦେବାକୁ ପଡିଥାଏ।

### ନକଲି ପ୍ରଡକ୍ଟ ବିକ୍ରି ମାମଲାରେ ଟାଇଟାନକୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୧୮-୯:** ଇ-କମର୍ସ ସାଇଟ ସ୍ନାପଡିଲରେ ନକଲି ଟାଇଟାନ ଏବଂ ଫାଷ୍ଟ୍ରାକ ଘଣ୍ଟା ବିକ୍ରି ମାମଲାରେ ଟାଇଟାନ କମ୍ପାନୀକୁ ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଆଶ୍ୱସ୍ତି ମିଳିଛି। ସ୍ନାପଡିଲରେ ନକଲି ପ୍ରଡକ୍ଟ ବିକ୍ରି ନେଇ ରୋହିତ କୁମାର ଜୈନ ଏବଂ ଧରମ ପାଲଙ୍କ ବିରୋଧରେ ଟାଇଟାନ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଟାଇଟାନ ସପକ୍ଷରେ ନିଷ୍ପତ୍ତି ଶୁଣାଇଛନ୍ତି। ଏହି ଦୁଇ ବ୍ୟକ୍ତିଙ୍କ ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ସ୍ନାପଡିଲକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପକ୍ଷର ସତ୍ୟପାଠ ଦେବାକୁ କୁହାଯାଇଛି। ସ୍ନାପଡିଲ ଏହାର ୱେବସାଇଟରେ ଟାଇଟାନ ଏବଂ ଫାଷ୍ଟ୍ରାକର ଅସଲି ପ୍ରଡକ୍ଟ ବିକ୍ରି ନେଇ ନିଶ୍ଚିତ କରାଇବାକୁ ନ୍ୟାୟାଳୟ ନିର୍ଦ୍ଦେଶରେ କହିଛନ୍ତି। ଦିଲ୍ଲୀ ହାଇକୋର୍ଟର ଏହି ନିଷ୍ପତ୍ତିକୁ ସ୍ୱାଗତ କରୁଛୁ ବୋଲି ଟାଇଟାନ କମ୍ପାନୀ ଲିମିଟେଡର ୱାଚେସ୍ ଏବଂ ଆସେସୋରିଜ ସିଇଓ ରବିକାନ୍ତ କହିଛନ୍ତି। ଗ୍ରାହକଙ୍କ ସ୍ୱାର୍ଥକୁ ସର୍ବଦା ଧ୍ୟାନ ରଖିଥିବା ବେଳେ ପ୍ରଡକ୍ଟଗୁଣବତ୍ତାରେ କୌଣସି ସାଲିସ କରି ନ ଥାଉ ବୋଲି ସିଇଓ କାନ୍ତ କହିଛନ୍ତି।

### ଆଉ ୬ ଦେଶକୁ ଡାକ ବିଭାଗର ସ୍ପିଡ ପୋଷ୍ଟ ସେବା

**ନୂଆଦିଲ୍ଲୀ,୧୮-୯:** ଭାରତୀୟ ଡାକ ବିଭାଗ ପକ୍ଷରୁ ଆଉ ୬ ଦେଶକୁ ସ୍ପିଡ ପୋଷ୍ଟ ସେବା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏସିଆ, ୟୁରୋପ ଏବଂ ଦକ୍ଷିଣ ଆମେରିକାର ଏହି ଦେଶ ଗୁଡିକ ମଧ୍ୟରେ ରହିଛନ୍ତି ହର୍ଜଗୋଭିନା, ବ୍ରାଜିଲ, ଇକ୍ୱାଡୋର, କାଜାକିସ୍ତାନ, ଲିଥୁଆନିଆ ଏବଂ ଉତ୍ତର ମେସିଡୋନିଆ। ଏହି ସ୍ଥାନଗୁଡିକୁ ପ୍ରିମିୟମ ସର୍ଭିସ ଏକ୍ସପ୍ରେସ ମେଲ୍ ସେବା ଯୋଗାଇ ଦିଆଯିବ। ଏହା ଦ୍ୱାରା ଲୋକମାନେ ସେମାନଙ୍କ ଦସ୍ତାବିଜକୁ ସହଜରେ ଉପରୋକ୍ତ ସ୍ଥାନଗୁଡିକୁ ପଠାଇବାର ସୁବିଧା ଲାଭ କରିପାରିବେ। ନୂଆ ସୁବିଧା ଦ୍ୱାରା ଏହି ଦେଶଗୁଡିକୁ ସେବା ଯୋଗାଣ ତ୍ୱରାନ୍ୱିତ ହେବ।

# ନାଲ୍‌କୋର ୧୭୩୨ କୋଟି ଟଙ୍କା ରେକର୍ଡ ନିଟ୍ ଲାଭ




- ଦଶନ୍ଧିରେ ସର୍ବାଧିକ
- ୧୦୭୨ କୋଟି ଟଙ୍କା ଲାଭାଂଶ ଘୋଷଣା

ଭୁବନେଶ୍ୱର,୧୮-୯

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ) ନିଟ୍ ଲାଭରେ ରେରର୍କ ହାସଲ କରିଛି। କମ୍ପାନୀ ୨୦୧୮-୧୯ ଆର୍ଥିକ ବର୍ଷରେ ଦଶନ୍ଧିରେ ସର୍ବାଧିକ ୧୭୩୨ କୋଟି ଟଙ୍କା ନିଟ୍ ଲାଭ କରିଥିବା ଏହାର ୩୮ ତମ ବାର୍ଷିକ ସାଧାରଣ ବୈଠକ ଅବସରରେ ସୂଚନା ଦେଇଛି। ସେହିଭଳି ଗତ ଆର୍ଥିକ ବର୍ଷରେ କମ୍ପାନୀ ରେକର୍ଡ ମୂଲ୍ୟର ୧୧୫% ଡିଭିଡେଣ୍ଡ ବା ୧୦୭୨.୭୩ କୋଟି ଟଙ୍କା ସମ୍ପର୍କରେ ଘୋଷଣା କରିଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷରେ ୧୧୪% ରହିଥିଲା। ନୂଆଦିଲ୍ଲୀରେ ଅନୁଷ୍ଠିତ ଅଂଶୀଦାରଙ୍କ ବୈଠକରେ ଏହି ଡିଭିଡେଣ୍ଡ ପେଆଉଟ ପ୍ରସ୍ତାବକୁ ଗୃହୀତ କରାଯାଇଛି। ନାଲ୍‌କୋ ଏହାର ସ୍ଥାପନାଠାରୁ ବର୍ତ୍ତମାନ ଯାଏ ଟିକସ, ରୟାଲଟି ଏବଂ ଲାଭାଂଶ ଭାବେ ୩୨,୮୮୬ କୋଟି ଟଙ୍କା ପ୍ରଦାନ କରିଛି। ଏହା ମଧ୍ୟରେ କେନ୍ଦ୍ର ସରକାରଙ୍କୁ ୨୫,୯୧୭ କୋଟି ଏବଂ ରାଜ୍ୟ ସରକାରଙ୍କୁ ୬,୯୬୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ଐକବଦ୍ଧ ଭାବେ କାର୍ଯ୍ୟ, ମିତବ୍ୟୟିତା ଉପରେ ଲକ୍ଷ୍ୟ ଏବଂ ବିଧିବଦ୍ଧ ଯୋଜନାକୁ ଏହି ଅବସରରେ କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶ୍ରେୟ ଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷକୁ କମ୍ପାନୀ ଲାଗି ଏକ ସ୍ମରଣୀୟ ବର୍ଷ ଭାବେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଉତ୍ପାଦନ, ଉତ୍ପାଦକତା, ଆର୍ଥିକ ଲାଭ ଏବଂ ମାନବ ସମ୍ବଳ ନିୟୋଜନ ପ୍ରତିଟି କ୍ଷେତ୍ରରେ ନାଲ୍‌କୋ ଉଲ୍ଲେଖନୀୟ ସଫଳତା ହାସଲ କରିଛି।

# ଶୀଘ୍ର ସୁଧାର ସମ୍ଭାବନା କମ୍

**ଅଟୋ ଶିଳ୍ପରେ ମାନ୍ଦାବସ୍ଥା**

ନୂଆଦିଲ୍ଲୀ,୧୮-୯

ଦେଶର ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ଏହି ଶିଳ୍ପରେ ଏତେ ଶୀଘ୍ର ସ୍ଥିତାବସ୍ଥା ଆସିବାର ସମ୍ଭାବନା ନାହିଁ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ଚାହିଦା କମିବାରୁ ଅଟୋ ଶିଳ୍ପରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ସାରା ଦେଶରେ ଅନେକ ଲୋକଙ୍କ ନିଯୁକ୍ତି ଚାଲିଯାଇଛି। ଅଟୋମୋବାଇଲ ଶିଳ୍ପ ୨୮% ଜିଏସ୍‌ଟିକୁ ହ୍ରାସ କରି ୧୮%କୁ ଆଣିବା ନେଇ ଦାବି ହେଉଛି। ଜିଏସ୍‌ଟି ହ୍ରାସ ନେଇ ଶିଳ୍ପ ଆଶାବାଦୀ ଥିବା ବେଳେ ଏହା କମିବ ନାହିଁ ବୋଲି ଜଣାପଡିଛି। ଶୁକ୍ରବାର ଜିଏସ୍‌ଟି ପରିଷଦ ବୈଠକ ବସିବାକୁ ଥିବା ବେଳେ ଅଟୋମୋବାଇଲ ଶିଳ୍ପ ବିସ୍କୁଟ ସହ ଅନ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ହ୍ରାସ ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଛି। ମାତ୍ର ହୋଟେଲ ଶିଳ୍ପ ଉପରେ ଜିଏସ୍‌ଟି କମାଇବା ଉପରେ କମିଟି ସହମତି ପ୍ରକାଶ କରିଛି। ଜିଏସ୍‌ଟି ହ୍ରାସ ନିଷ୍ପତ୍ତି ଦ୍ୱାରା କେନ୍ଦ୍ର ଏବଂ ରାଜ୍ୟଗୁଡିକର ଟିକସ ସଂଗ୍ରହରେ ପ୍ରଭାବ ପଡିବ। ଏହାକୁ ବିଚାର କରି ଟିକସ ହ୍ରାସ କରିବା ସପକ୍ଷରେ କମିଟି ନ ଥିବା ଜଣା ପଡିଛି। ଏଣୁ ଆଗାମୀ ଦିନରେ ଅଟୋ ଶିଳ୍ପରେ ଶୀଘ୍ର ସୁଧାର ଆସିବାର ସମ୍ଭାବନା ନ ଥିବା ବିଶେଷଜ୍ଞ କହିଛନ୍ତି। ଗତ ୩ ତ୍ରୈମାସ ଧରି ଅଟୋମୋବାଇଲ ଶିଳ୍ପରୁ ଜିଏସ୍‌ଟି ହ୍ରାସ ନେଇ ଫିଟ୍‌ମେଣ୍ଟ କମିଟି ବିଚାର କରୁଛି। ଦେଶରେ ସଂଗ୍ରହ ହେଉଥିବା ମୋଟ ଜିଏସ୍‌ଟିରେ ଅଟୋ ଶିଳ୍ପର ଅଂଶ ୫୦ରୁ ୬୦ ହଜାର କୋଟି ଟଙ୍କା ରହିଛି। ଏହି ଶିଳ୍ପ ଉପରୁ ଜିଏସ୍‌ଟି କମାଇଲେ ଏହା ରାଜସ୍ୱକୁ ପ୍ରଭାବିତ କରିବ ବୋଲି ଫିଟମେଣ୍ଟ କମିଟି ଯୁକ୍ତି ବାଢ଼ିଛି।

# ଅବସରକାଳୀନ ପାଣ୍ଠି ନିବେଶରେ ମୂଳଧନ ସୁରକ୍ଷାକୁ ଦେଖନ୍ତୁ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER$^{CM}$, CHARTERED WEALTH MANAGER
"Director, SmartFin Wealth Management Pvt. Ltd."

**ତଫାତ୍ କ'ଣ ବୁଝିନିଅନ୍ତୁ**

| ଦୈନିକ ଶେୟାର କିଣାବିକା | ଦୀର୍ଘକାଳୀନ ନିବେଶ |
|---|---|
| ଏହା ଦୈନିକ ହିସାବରେ ପୁଞ୍ଜିବଜାରରେ ଶେୟାର ବା ଷ୍ଟକ୍ କିଣିବିକା କରିବା ଆବଶ୍ୟକତା ଅଛି। | ଏହା ଦୀର୍ଘକାଳୀନ ନିବେଶ ହିସାବରେ ଶେୟାର କିଣାଯାଏ। |
| ଏହା ସମୟ ସାପେକ୍ଷ। ଜଣେ ଟ୍ରେଡ଼ର ଦୈନିକ କିଛି ଘଣ୍ଟା ସମୟ ନିହାତି ଦେବାକୁ ପଡିବ। | କିଛି ବ୍ୟବଧାନରେ ଶେୟାର ମୂଲ୍ୟ କିପରି ଆଗକୁ ଯାଉଛି ଦୃଷ୍ଟି ଦେବା ଦରକାର କିନ୍ତୁ ଏହା ପ୍ରତି ମିନିଟକୁ ମିନିଟ କରାଯାଏ ନାହିଁ। |
| ଏହା ବେଳେବେଳେ ଅଧିକ କ୍ଷତି ହେବାର ସମ୍ଭାବନା ଅଛି। କ୍ଷତି ଲାଭ ହେବା ଠାରୁ ଅଧିକ। ତେଣୁ ଏହା ଅଧିକ ରିସ୍କ। | ଦୀର୍ଘକାଳୀନ ନିବେଶରେ ମଧ୍ୟ ରିସ୍କ ଅଛି। କିନ୍ତୁ ଦୈନିକ ଶେୟାର ଟ୍ରେଡିଂ ଠାରୁ ବହୁତ କମ। |
| ଦୈନିକ ଶେୟାର କିଣାବିକା ଏକ ଦକ୍ଷତା। ଏହା ସମସ୍ତଙ୍କ ଦ୍ୱାରା ହୋଇପାରିବା ନାହିଁ। | ଦୀର୍ଘକାଳୀନ ନିବେଶ ସମସ୍ତେ କରିପାରିବେ। ଖୁଚୁରା ନିବେଶକାରୀ ସର୍ବଦା ଦର୍ଘକାଳୀନ ନିବେଶ କରିବା ଉଚିତ। |

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**୨ ବର୍ଷ ପରେ ଅବସର ଗ୍ରହଣ କରିବି। ଏହା ପରେ ମିଳୁଥିବା ଅବସରକାଳୀନ ପାଣ୍ଠିକୁ ଏକ ସୁରକ୍ଷିତ ସ୍କିମ୍‌ରେ ନିବେଶ କରିବାକୁ ଚାହୁଁଛି। ଏହା ଦ୍ୱାରା ମାସିକ ଆୟ ପାଇବା ପାଇଁ ଚାହୁଁଛି?**

**– ଜଗବନ୍ଧୁ ମିଶ୍ର, ସମ୍ବଲପୁର**

▶ ଅବସରକାଳୀନ ପାଣ୍ଠି ନିବେଶ ସମୟରେ ମୂଳଧନର ସୁରକ୍ଷା ଓ ମୁଦ୍ରାସ୍ଫୀତିର ପ୍ରଭାବକୁ ଦୃଷ୍ଟି ଦେବା ନିହାତି ଜରୁରୀ। ଆପଣଙ୍କ ଅବସରକାଳୀନ ପାଣ୍ଠି ନିବେଶ ୩ଟି ଦିଗ ଉପରେ ନିର୍ଭର କରିଥାଏ। ଏଗୁଡିକ ହେଲା ମାସିକ ଖର୍ଚ୍ଚ, ଅବସରକାଳୀନ ପାଣ୍ଠି ଓ ବୟସ । ଏହି ସବୁ ଦିଗକୁ ଦେଖି ଅବସରକାଳୀନ ପାଣ୍ଠିରେ ନିବେଶ କରାଯାଏ । ଏହା ଅନୁଯାୟୀ ନିବେଶ ପୋର୍ଟଫୋଲିଓ ପ୍ରସ୍ତୁତ କରିବାକୁ ପଡିବ। ଉଦାହରଣ ସ୍ୱରୂପ ଆପଣଙ୍କ ବୟସ ୬୫, ମାସିକ ୧୦,୦୦୦ ଟଙ୍କା ଖର୍ଚ୍ଚର ଆବଶ୍ୟକତା ରହିଛି। ୫ କୋଟି ଟଙ୍କାର ଅବସରକାଳୀନ ପାଣ୍ଠି ଅଛି। କିନ୍ତୁ ଯଦି ଆପଣଙ୍କ ବୟସ ୫୫ ବର୍ଷ, ମାସିକ ମାସିକ ୧ ଲକ୍ଷ ଟଙ୍କାର ଖର୍ଚ୍ଚ ଆବଶ୍ୟକତା ଓ ୨ କୋଟି ଟଙ୍କା ଅବସରକାଳୀନ ପାଣ୍ଠି ଅଛି ତେବେ ଏ କ୍ଷେତ୍ରରେ ନିବେଶ ପୋର୍ଟଫୋଲିଓ ସୁପାରିସ ଭିନ୍ନ ହେବ।

ବର୍ତ୍ତମାନ ଆପଣଙ୍କ ଅବସରକାଳୀନ ପାଣ୍ଠିକୁ ନିବେଶ କରିବେ ଯାହାକି ସୁରକ୍ଷିତ ସ୍କିମ ହେବ। ଅର୍ଥାତ୍ ଏକ ସମୟରେ ଯାହା ନିରାପଦ ଓ ସୁରକ୍ଷିତ ତାହା ପରବର୍ତ୍ତୀ ସମୟରେ ରିସ୍କ ହୋଇଯାଇପାରେ। ମୁଦ୍ରାସ୍ଫୀତିର ପ୍ରଭାବରେ ଆପଣଙ୍କ ଅବସରକାଳୀନ ପାଣ୍ଠିର କ୍ରୟ କରିବା ଶକ୍ତି କମିଯିବ। ସବୁଠାରୁ ମୁଖ୍ୟ ପ୍ରଶ୍ନ ହେଉଛି ଆପଣଙ୍କ ଅବସରକାଳୀନ ପାଣ୍ଠି ଆପଣଙ୍କର କିପ୍ରକାରର ଦୈନିକ ଜୀବନଶୈଳୀ ଖର୍ଚ୍ଚ(ଅର୍ଥାତ୍ ମୁଦ୍ରାସ୍ଫୀତି ପ୍ରଭାବୀ ଖର୍ଚ୍ଚ)କୁ ସହାୟକ ହେବ ? ଆପଣଙ୍କ ମାସିକ ଖର୍ଚ୍ଚ ବିଷୟରେ ଜଣାଇ ନାହାନ୍ତି। ଅବସରକାଳୀନ ପାଣ୍ଠିକୁ ନିବେଶ କରି ମାସିକ ଆୟ ପାଇବା ସହିତ ମୁଦ୍ରାସ୍ଫୀତିର ପ୍ରଭାବ ଆୟକର ପ୍ରଭାବ ସହିତ ଜୀବନର ଶେଷ ପର୍ଯ୍ୟନ୍ତ ମାସିକ ଆୟ ବଜାୟ ରଖିବା ଏକ ଜଟିଳ ନିବେଶ ପକ୍ରିୟା। ଏ କ୍ଷେତ୍ରରେ ଆପଣ ଜଣେ ଚାର୍ଟାର୍ଡ ୱେଲଥ ମ୍ୟାନେଜର କିମ୍ବା ସାର୍ଟିଫାଏଡ ଫାଇନାସିଆଲ ପ୍ଲାନରଙ୍କ ପରାମର୍ଶ ଓ ଆଲୋଚନା କରି ନିବେଶ କରିବା ଉଚିତ ହେବ।

**ଜଣେ ବନ୍ଧୁ ଏକ ଶେୟାର ବୋକିଙ୍ଗ କମ୍ପାନୀରେ କାମ କରୁଛନ୍ତି। ଡିମାଟ ଆକାଉଣ୍ଟ ଓ ଟ୍ରେଡିଙ୍ଗ ଆକାଉଣ୍ଟ ଖୋଲି ଶେୟାର କିଣାବିକା କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ପ୍ରତିଦିନ ଶେୟାର କିଣାବିକା ଓ ଦୀର୍ଘକାଳୀନ ନିବେଶ ଭିତରେ ତଫାତ କ'ଣ ଅଛି। ମୋ କ୍ଷେତ୍ରରେ କ'ଣ କରିବା ଉଚିତ ହେବ?**

**– ସୋନାଲି ସାହୁ, ପୁରୀ**

▶ ସବୁଠାରୁ ପ୍ରଥମ ଓ ମୁଖ୍ୟ ଦିଗ ହେଉଛି ଦୈନିକ ଶେୟାର କିଣାବିକା କେବେ ବି ନିବେଶ ସହିତ ସମାନ ନୁହେଁ। ଦୈନିକ ଶେୟାର କିଣାବିକା ନାମ ଅନୁସାରେ ଏହା ସୂଚିତ କରୁଛି ଯେ, ଏହାର ମୌଳିକ ଶେୟାର କିଣାବିକା କ୍ଷେତ୍ରରେ ଶେୟାର କିଣିବା ସେହି ଦିନ ହିଁ କରିବାକୁ ପଡିବ। ଏହା ସବୁଠାରୁ ରିସ୍କ। ଯେଉଁମାନେ ଏ କ୍ଷେତ୍ରରେ ଏକଦମ୍ ନୂଆ ତାଙ୍କ ଏହା ଅଧିକ ରିସ୍କ ଓ ଏହି କିଣାବିକାରୁ ଲାଭ ପାଇବା ପାଇଁ ଏକ ଗବେଷଣା ଓ ଆବେଗପ୍ରଦାନ ଦିଗ ସହିତ ଏକ ରଣନୀତି ଅନୁଯାୟୀ କିଣାବିକା କରିବାକୁ ପଡ଼ିବ।

ଏଠାରେ ଦିଆଯାଇଥିବା ଟେବୁଲକୁ ଦେଖିଲେ ବୁଝିପାରିବେ।

**– ମ୍ୟୁଚୁଆଲ ଫଣ୍ଡ**

**ଏସ୍‌ଆଇପିରେ ୩୬ ବର୍ଷ ପର୍ଯ୍ୟନ୍ତ ମାସିକ ୧୫୦୦ ଟଙ୍କା ନିବେଶ କରିବା ଦ୍ୱାରା କେତେ ପାଣ୍ଠି ଗଠନ ହୋଇପାରିବେ?**

**–ପୂଜା ସ୍ୱାଇଁ, ବାଲେଶ୍ୱର**

▶ ଆପଣ ମ୍ୟୁଚୁଆଲ ଫଣ୍ଡ ଏସ୍‌ଆଇପି (ସିଷ୍ଟମେଟିକ ଇନଭେଷ୍ଟମେଣ୍ଟ ପ୍ଲାନ)ରେ ମାସିକ ୧୫୦୦ ଟଙ୍କା ୩୬ ବର୍ଷ (୪୩୨ ମାସ) ନିବେଶ କରନ୍ତି ଓ ଧରିନେବା ୧୨ ବାର୍ଷିକ ସୁଧହାର ତେବେ ଆପଣ ୧.୦୯ କୋଟି ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦



"ବେଲଜିଆନ୍ ଓପନ୍ ଜିତିବା ପରେ ମୋର ଆତ୍ମବିଶ୍ୱାସ ବହୁତ ବଢ଼ିଯାଇଛି। ଏହା ମୋତେ ଆଗାମୀ ଟୁର୍ନାମେଣ୍ଟରେ ଉନ୍ନତ ପ୍ରଦର୍ଶନ କରିବାରେ ସହାୟକ ହେବ।

–ଲକ୍ଷ୍ୟ ସେନ୍, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



"ଷ୍ଟିଭ ସ୍ମିଥ୍ ଯଦି ଭାରତୀୟ ହୋଇଥାନ୍ତେ ତେବେ ତାଙ୍କ ଅଣପାରମ୍ପରିକ ବ୍ୟାଟିଂ ଶୈଳୀକୁ ନେଇ ପ୍ରଶ୍ନବାଚୀ ଉଠି ନ ଥାନ୍ତା ଓ ଏହାକୁ ଗ୍ରହଣ କରାଯାଇଥାନ୍ତା ।

–ଟ୍ରେଣ୍ଟ ଉଡ୍‌ହିଲ, ସ୍ମିଥ୍‌ଙ୍କ ପିଲାଦିନ କୋଚ୍

## ସଂକ୍ଷେପରେ

### ଦିଲ୍ଲୀ ଦଳରେ ପନ୍ତ, ସାଇନି

ନୂଆଦିଲ୍ଲୀ, ୧୮।୯ (ପି.ଟି.): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଲାଗି ବୁଧବାର ଦିଲ୍ଲୀ ଦଳ ଘୋଷଣା କରାଯାଇଛି। ଧ୍ରୁବ ସୋରୀଙ୍କ ନେତୃତ୍ୱରେ ପ୍ରଥମ ୪ ମ୍ୟାଚ୍ ଲାଗି ଘୋଷିତ ୧୬ ଜଣିଆ ଦଳରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଓ ଦ୍ରୁତ ବୋଲର ନବଦୀପ ସାଇନିଙ୍କୁ ସ୍ଥାନ ମିଳିଛି। ପନ୍ତ ଓ ସାଇନି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଲାଗି ଦିଲ୍ଲୀ ପାଇଁ ଉପଲବ୍ଧ ହେବେ ବୋଲି ଜଣାପଡ଼ିଛି। 'ଜାତୀୟ ଡ୍ୟୁଟି ପୂର୍ବରୁ ପନ୍ତ ଅତିକମ୍‌ରେ ୨ରୁ ୩ ମ୍ୟାଚ୍ ଖେଳିବେ ବୋଲି ଆଶା କରାଯାଉଛି। ରିଷଭ ମଧ ନିଜେ ଏହି ପ୍ରତିଯୋଗିତା ଖେଳିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି' ବୋଲି ଦିଲ୍ଲୀ ସିନିୟର ଚୟନ କମିଟି ଅଧକ୍ଷ ଅତୁଲ ୱାସନ କହିଛନ୍ତି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧରେ ପ୍ରଥମ ଟେଷ୍ଟ ସେପ୍ଟେମ୍ବର ୨୯ରୁ ବିଶାଖାପଟନମରେ ଆରମ୍ଭ ହେବ। ଉଭୟ ପନ୍ତ ଓ ସଇନି ଭାରତୀୟ ଦଳର ସଦସ୍ୟ ରହିଛନ୍ତି। ତେଣୁ ବିଜୟ ହଜାରେ ଟ୍ରଫିର ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଲ୍ଲୀ ପାଇଁ କିଛି ମ୍ୟାଚ୍‌ରେ ଖେଳିବେ। ଅପରପକ୍ଷରେ ପାରିବାରିକ କାରଣ ଲାଗି ଅଷ୍ଟ୍ରେଲିଆ ଯିବାକୁ ଥିବାରୁ ଶିଖର ଧାୱନ ପ୍ରାରମ୍ଭରୁ ଦିଲ୍ଲୀ ଦଳ ସହ ଅନୁପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଚଳିତ ୨୪ରେ ବିଦର୍ଭ ବିପକ୍ଷରେ ଖେଳି ବିଜୟ ହଜାରେ ଟ୍ରଫିରେ ଦିଲ୍ଲୀ ଏହାର ଅଭିଯାନ ଆରମ୍ଭ କରିବ।

### ପାକିସ୍ତାନ ଖେଳାଳିଙ୍କୁ ବିରିୟାନି ମନା

କରାଚୀ,୧୮।୯: ଚଳିତ ବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ପାକିସ୍ତାନ ଦଳର ଖେଳାଳିଙ୍କୁ ଫିଟ୍‌ନେସ ପାଇଁ ବହୁ ସମାଲୋଚିତ ହେବାକୁ ପଡ଼ିଥିଲା। ଖେଳାଳିଙ୍କ ଫିଟ୍‌ନେସ ସୁଧାରିବା ଲାଗି ନୂଆକରି କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ଦାୟିତ୍ୱ ସମ୍ଭାଳିଥିବା ପୂର୍ବତନ ଅଧିନାୟକ ମିଶ୍‌ବା ଉଲ ହକ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଦେଶର କ୍ରିକେଟରଙ୍କୁ ବିରିୟାନି ଖାଇବାକୁ ମନା କରିଛନ୍ତି। କେବଳ ଏତିକି ନୁହେଁ, ରେଡ୍ ମିଟ୍ ଓ ବିଭିନ୍ନ ନନ୍‌ଭେଜ ଆଇଟମକୁ ଦେଶର ଘରୋଇ ଟୁର୍ନାମେଣ୍ଟ ଓ ଜାତୀୟ କ୍ୟାମ୍ପରେ ଅଂଶଗ୍ରହଣ କରୁଥିବା ଖେଳାଳିଙ୍କ ଡାଏଟ୍‌ରୁ ହଟାଇ ଦେଇଛନ୍ତି। ବିଶ୍ୱକପ୍‌ରେ ଭାରତୀୟ ଦଳଠାରୁ ଶୋଚନୀୟ ପରାଜୟ ପରେ ବହୁ ପ୍ରଶଂସକ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ସହ ସର୍ଫରାଜ ଅହମ୍ମଦଙ୍କୁ ତୁଳନା କରି ସମାଲୋଚନା କରିଥିଲେ। ମିଶ୍‌ବା ଘରୋଇ ଟୁର୍ନାମେଣ୍ଟ ଖେଳୁଥିବା ଖେଳାଳିଙ୍କ ଡାଏଟରୁ ଗରିଷ୍ଠ ଖାଦ୍ୟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଯୋଗୁ ଖେଳାଳିଙ୍କୁ ଆଉ ବିରିୟାନି କିମ୍ବା ଅତ୍ୟଧିକ ତେଲଯୁକ୍ତ ରେଡ୍ ମିଟ୍ କିମ୍ବା ମିଠା ଆଇଟମ ମିଳିବ ନାହିଁ। କେବଳ ନିରାମିଷ ଆଇଟମ ଓ ପାସ୍ତା ସହ ବିଭିନ୍ନ ପ୍ରକାର ଫଳ ଖାଇବାକୁ ଦିଆଯିବ।

■ ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ

FIH HOCKEY OLYMPIC QUALIFIERS ODISHA

# ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୧ ଓ ୨ ତାରିଖରେ ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏହାର ମହିଳା ବିଭାଗରେ ଭାରତ ଓ ଆମେରିକା ଏବଂ ପୁରୁଷରେ ଭାରତ ଓ ରୁଷିଆ ମଧ୍ୟରେ ମୁକାବିଲା ହେବ। ଏହି ୨ ମ୍ୟାଚରେ ଭଲ ପ୍ରଦର୍ଶନ କରି ଭାରତୀୟ ମହିଳା ଓ ପୁରୁଷ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ ଲକ୍ଷ୍ୟରେ ରହିଛି। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଅନ୍ତର୍ଜାତୀୟ ହକି ଫେଡେରେଶନ ଓ ହକି ଇଣ୍ଡିଆ ପକ୍ଷରୁ ବୁଧବାରଠାରୁ ଅନ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଟିକେଟ https://in.ticketgenie.in/Tickets/FIH-Hockey-Olympic-Qualifiers-Odisha ରେ ଉପଲବ୍ଧ। ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ସାଉଥ୍ ଓ ନର୍ଥ ଷ୍ଟାଣ୍ଡର ମୂଲ୍ୟ ୨୦୦ଟଙ୍କା ଲେଖାଏ ଏବଂ ଇଷ୍ଟ ଷ୍ଟାଣ୍ଡର ମୂଲ୍ୟ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ୱେଷ୍ଟଷ୍ଟାଣ୍ଡ ଗ୍ୟାଲେରିର ମୂଲ୍ୟ ବର୍ତ୍ତମାନ ଉପଲବ୍ଧ ନାହିଁ ବୋଲି ଦର୍ଶାଯାଉଛି।

ଭାରତୀୟ ପୁରୁଷ ଦଳ ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଂରେ ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ସେହିପରି ଭାରତୀୟ ମହିଳା ଦଳ ୯ମ ସ୍ଥାନରେ ଥିବାସ୍ଥଳେ ପ୍ରତିଦ୍ୱନ୍ଦ୍ୱୀ ଆମେରିକା ୧୩ତମ ସ୍ଥାନରେ ଅଛି। ୨ଟି ମ୍ୟାଚର ଗୋଲ ସ୍କୋର ଭିତ୍ତିରେ ବିଜେତା ନିର୍ଣ୍ଣିତ ହେବ ଏବଂ ସେହି ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଦୁଇ ଦିନଯାକ ମ୍ୟାଚ ସମାନ ସମୟରେ ଅନୁଷ୍ଠିତ ହେବ। ମହିଳା ବିଭାଗ ମ୍ୟାଚ ସନ୍ଧ୍ୟା ୬ଟା ଏବଂ ପୁରୁଷ ବିଭାଗ ମ୍ୟାଚ ରାତି ୮ଟାରେ ଅନୁଷ୍ଠିତ ହେବ। ଅନ୍‌ଲାଇନ୍ ଟିକେଟ ରିଡମ୍ପଶନ ତାରିଖ ପରେ ଘୋଷଣା କରାଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି।

ଅନ୍‌ଲାଇନ୍ ଟିକେଟ ଶୁଭାରମ୍ଭ ଅବସରରେ ହକି ଇଣ୍ଡିଆ ସଭାପତି ମହମ୍ମଦ ମୁସ୍ତାକ କହିଲେ ଯେ, "ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ ଆମ ସିନିୟର ମହିଳା ଓ ପୁରୁଷ ଦଳପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ତେଣୁ ଦେଶର କ୍ରୀଡ଼ାପ୍ରେମୀମାନେ ଅନ୍‌ଲାଇନ୍ ଟିକେଟ କ୍ରୟ କରି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହିବା ସହ ଆମ ଦଳକୁ ଉତ୍ସାହିତ କରିବେ ବୋଲି ମୁଁ ଆଶା କରୁଛି। ଭାରତୀୟ ଦଳକୁ ସ୍ଥାନୀୟ ଦର୍ଶକଙ୍କ ସମର୍ଥନ ଯେ ମିଳିବ ଏଥିରେ ଦ୍ୱିମତ ନାହିଁ। ମାତ୍ର ଅନ୍‌ଲାଇନ୍‌ରେ ଟିକେଟ କ୍ରୟ କରି ଦେଶର ବିଭିନ୍ନ ଭାଗରେ ଥିବା କ୍ରୀଡ଼ାପ୍ରେମୀମାନେ ମଧ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ସମୟରେ କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ହେବାନେଇ ଆଶା ରହିଛି"।



**ଟିକେଟ ମୂଲ୍ୟ**

- ନର୍ଥ ଷ୍ଟାଣ୍ଡ: ୨୦୦ ଟଙ୍କା
- ସାଉଥ ଷ୍ଟାଣ୍ଡ: ୨୦୦ ଟଙ୍କା
- ଇଷ୍ଟ ଷ୍ଟାଣ୍ଡ: ୩୦୦ ଟଙ୍କା

**କାର୍ଯ୍ୟସୂଚୀ**

- ନଭେମ୍ବର ୧(ମହିଳା ବିଭାଗ) ଭାରତ ବନାମ ଆମେରିକା, ସମୟ: ସନ୍ଧ୍ୟା ୬ଟା
- ନଭେମ୍ବର ୧(ପୁରୁଷ ବିଭାଗ) ଭାରତ ବନାମ ରୁଷିଆ, ସମୟ: ରାତି ୮ଟା
- ନଭେମ୍ବର ୨(ମହିଳା ବିଭାଗ) ଭାରତ ବନାମ ଆମେରିକା, ସମୟ: ସନ୍ଧ୍ୟା ୬ଟା
- ନଭେମ୍ବର ୨(ପୁରୁଷ ବିଭାଗ) ଭାରତ ବନାମ ରୁଷିଆ, ସମୟ: ରାତି ୮ଟା

### ପ୍ରଦର୍ଶନୀ ମ୍ୟାଚ୍‌ରେ ଖେଳିବେ ଫେଡରର–-ଡେଲ ପାଟ୍ରୋ

ପ୍ୟାରିସ୍,୧୮।୯(ଏଏଫ୍‌ପି)

ଆର୍ଜେଣ୍ଟିନା ରାଜଧାନୀ ବୁଏନ୍ସ ଏରିଜ୍‌ଠାରେ ନଭେମ୍ବର ୨୦ ତାରିଖରେ ହେବାକୁ ଥିବା ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ ରୋଜର ଫେଡରର ଓ ଜୁଆନ ମାର୍ଟିନ ଡେଲ ପାଟ୍ରୋ ପରସ୍ପରକୁ ଭେଟିବେ। ଆର୍ଜେଣ୍ଟିନା ଫେରି ବନ୍ଧୁ ଡେଲ ପାଟ୍ରୋଙ୍କ ସହ ଖେଳିବା ପାଇଁ ମୁଁ ବହୁତ ଉତ୍ସାହିତ ଅଛି ବୋଲି ଫେଡରର ଟ୍ୱିଟରରେ ଅପଲୋଡ୍ ହୋଇଥିବା ଏକ ଭିଡିଓରେ କହିଛନ୍ତି। ପାର୍କ୍ୟୁ ରେକା ଷ୍ଟାଡିୟମର ଦକ୍ଷତା ପ୍ରାୟ ୧୫,୫୦୦। ଏହାକୁ ଡେଭିସ କପ୍ ବେଳେ ବ୍ୟବହାର କରାଯାଉଛି। ୨୦୦୯ ୟୁଏସ୍ ଓପନ ଚାମ୍ପିୟନ ଡେଲ ପାଟ୍ରୋ ଆଣ୍ଠୁରେ ଅସ୍ତ୍ରୋପଚାର କରାଇବା ପରେ କୋର୍ଟକୁ ଓହ୍ଲାଇ ନାହାନ୍ତି। ଆର୍ଜେଣ୍ଟିନାର ଏହି ୩୦ ବର୍ଷୀୟ ଖେଳାଳି ୨୦୧୮ ୟୁଏସ୍ ଓପନ୍‌ରେ ଉପବିଜେତା ହୋଇ ରହିଥିଲେ। ହେଲେ ଚଳିତ ବର୍ଷର ୟୁଏସ୍ ଓପନରେ ଖେଳି ନ ଥିଲେ। ଷ୍ଟକ୍‌ହୋମଠାରେ ହେବାକୁ ଥିବା ଏଟିପି ଟୁର୍ନାମେଣ୍ଟରେ ସେ କୋର୍ଟକୁ ଫେରିବା ନେଇ ଆଶା କରାଯାଉଛି।

# ସିଙ୍ଗଲ୍ସ, ଡବଲ୍ସ କ୍ୱାର୍ଟରରେ ପ୍ରମୋଦ

**ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ**

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ବ୍ୟାଙ୍କକ୍‌ର ହୁଆମାର୍କ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଥାଇଲାଣ୍ଡ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ କ୍ୱାର୍ଟର ଫାଇନାଲରେ ଓଡ଼ିଶାର ପ୍ରମୋଦ ଭଗତ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିବସରେ ବୁଧବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରମୋଦ ମାଲେସିଆର ହୁଜାରୀ ଅବଦୁଲ ମାଲିକଙ୍କୁ ୨୧-୧୮, ୧୯-୨୧,୨୧-୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ରାଉଣ୍ଡ-୨ରେ ସେ ୟୁଏଇ(ୟୁନାଇଟେଡ ଆରବ ଏମିରେଟ୍ସ)ର ଫିରୋଜ ଶାହାଙ୍କୁ ୨୧-୧୨, ୨୧-୧୪ରେ ହରାଇ ଦେଇଥିଲେ। ଡବଲ୍ସରେ ମନୋଜ ସରକାରଙ୍କୁ ସାଥିକରି ଖେଳୁଥିବା ପ୍ରମୋଦ ଅଷ୍ଟ୍ରେଲିଆ ଯୋଡ଼ି ବୋଗନର ହେଡେନ ଓ ସୋନବନ୍‌ଙ୍କୁ ୨୧-୭, ୨୧-୯ରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ଓଡ଼ିଆ ଖେଳାଳି ଦୀପ ରଞ୍ଜନ ବିଶୋଇ ଓ ଦିଲେଶ୍ୱର ରାଓ ଡବଲ୍ସର ରାଉଣ୍ଡ-୨ରେ ହାରିଯାଇଛନ୍ତି। ସେହିପରି ସିଙ୍ଗଲ୍ସରେ ଦୀପ ରଞ୍ଜନ ରାଉଣ୍ଡ-୨ରେ ଏବଂ ଦିଲେଶ୍ୱର ପ୍ରି-କ୍ୱାର୍ଟରରେ ହାରି ବିଦାୟ ନେଇଛନ୍ତି।




ପ୍ରମୋଦ ଭଗତ ଏକ ରିଟର୍ନ ଶଟ ଖେଳୁଛନ୍ତି।

# ସୁପର ଓଭରରେ ଜିତିଲା ସେଣ୍ଟ କିଟ୍ସ

ସେଣ୍ଟ କିଟ୍ସ,୧୮।୯

କାରବିୟନ ପ୍ରିମିୟର ଲିଗ (ସିପିଏଲ)ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଅଧିନାୟକ କାର୍ଲୋସ ବ୍ରାଥୱେଟଙ୍କ ଅଲରାଉଣ୍ଡିଂ ପ୍ରଦର୍ଶନ ବଳରେ ସେଣ୍ଟ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ସୁପର ଓଭରରେ ଟ୍ରିନବାଗୋ ନାଇଟ୍ ରାଇଡର୍ସକୁ ହରାଇ ଦେଇଛି। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ନାଇଟ୍ ରାଇଡର୍ସ ଦଳ ଧାର୍ଯ୍ୟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୬ ରନ୍ କରିଥିଲା। ଦଳ ପାଇଁ ଲିଣ୍ଡଲ ସିମନ୍ସ ୯୦, କଲିନ ମୁନ୍‌ରୋ ୨୮, ଡାରେନ ବ୍ରାଭୋ ୨୪ ଓ ଜେମ୍ସ ନିଶାମ ୨୨ ରନ୍ କରିଥିଲେ। ବୋଲିଂରେ ସେଣ୍ଟ କିଟ୍ସ ଆଣ୍ଡ ନେଭିସ ପାଟ୍ରିଅଟ୍ସ ପାଇଁ ଅଧିନାୟକ ବ୍ରାଥୱେଟ ୨ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ ବ୍ରାଥୱେଟଙ୍କ ବିସ୍ଫୋରକ ୬୪ ଓ ଇଭିନ ଲୁଇସଙ୍କ ୪୫ ରନ୍‌ର ଇନିଂସ ବଳରେ ଦଳ ସମସ୍ତ ଓଭର ବ୍ୟାଟିଂ କରି ୭ ଉଇକେଟ ହରାଇ ସମାନ ସ୍କୋର କରିଥିଲା। ଏଣୁ ମ୍ୟାଚ୍‌ର ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ନାଇଟ ରାଇଡର୍ସ ପକ୍ଷରୁ ବୋଲିଂ କରିଥିବା ଅଲି ଖାନଙ୍କ ଓଭରର ପ୍ରଥମ ଓ ୫ମ ବଲକୁ ବ୍ରାଥୱେଟ ଛକା ଲଗାଇଥିବାବେଳେ ୬ଷ୍ଠ ବଲରେ ୪ ରନ୍ ହାସଲ କରିଥିଲେ। ଓଭରରେ ଦୁଇଟି ସିଙ୍ଗଲ ରନ୍ ମଧ ହୋଇଥିଲା। ଫଳରେ ନାଇଟ୍ ରାଇଡର୍ସ ଆଗରେ ୧୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ବ୍ରାଥୱେଟ୍‌ଙ୍କ ବୋଲିଂରେ ପ୍ରତିପକ୍ଷ ଟିକେଆର ମାତ୍ର ୬ ରନ୍ କରିପାରିଥିଲା।




କାର୍ଲୋସ ବ୍ରାଥୱେଟ

**ସଂକ୍ଷିପ୍ତ ସ୍କୋର**

ଟ୍ରିନିବାଗୋ ନାଇଟ୍ ରାଇଡର୍ସ(ଟିକେଆର)– ୨୦ ଓଭରରେ ୨୧୬/୪ (ଲିଣ୍ଡଲ ସିମ୍‌ନ୍ସ ୯୦, ଡାରେନ ବ୍ରାଭୋ ୨୪*, କଲିନ ମୁନ୍‌ରୋ ୨୮, କାର୍ଲୋସ ବ୍ରାଥୱେଟ ୨/୪୮)।
ସେଣ୍ଟ କିଟ୍ସ – ୨୦ ଓଭରରେ ୨୧୬/୭ (କାର୍ଲୋସ ବ୍ରାଥୱେଟ ୬୪, ଇଭିନ ଲୁଇସ ୪୫, ଆଣ୍ଡରସନ ଫିଲିପ ୩/୩୮, ଅଲି ଖାନ ୨/୨୭)।

### ତୁର୍କମେନିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୧୮।୯

ଉଜବେକିସ୍ତାନରେ ଚାଲିଥିବା ୨୦୨୦ ଏଏଫ୍‌ସି (ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ) କପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଭାରତୀୟ ଯୁବ ଦଳ ୫-୦ ଗୋଲରେ ଏକପାଖିଆ ଭାବେ ତୁର୍କମେନିସ୍ତାନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସିଦ୍ଧାର୍ଥ ନୋଙ୍ଗମେଇକାପାମ (୪୧ତମ ଓ ୯୦+୨ତମ) ଡବଲ୍ ଗୋଲସ୍କୋର କରିଥିବାବେଳେ ଶୁଭୋ ପଲ (୨୪ତମ), ତାଇସନ ସିଂ (୫୨ତମ) ଓ ହିମାଂଶୁ ଜାଙ୍ଗ୍ରା (୮୮ତମ) ଗୋଟିଏ ଲେଖାଏ ବଲ୍ ପ୍ରତିପକ୍ଷ ନେଟ୍ସ ମଧକୁ ପଠାଇବାରେ ସଫଳ ହୋଇଥିଲେ। ଭାରତ ଓ ତୁର୍କମେନିସ୍ତାନ ବ୍ୟତୀତ ଏହି ଗ୍ରୁପ୍‌ରେ ବାହାରିନ ଓ ଆୟୋଜକ ଉଜବେକିସ୍ତାନ ରହିଛନ୍ତି।

### ଚର୍ଚ୍ଚାରେ ରୋନାଲ୍ଡୋଙ୍କ ମନ୍ତବ୍ୟ

ମାଡ୍ରିଡ୍,୧୮।୯

ବର୍ତ୍ତମାନ ବିଶ୍ୱ ଫୁଟ୍‌ବଲର ଶ୍ରେଷ୍ଠ ଖେଳାଳି ବିବେଚିତ ହେଉଥିବା କ୍ରିଷ୍ଟିଆନୋ ରୋନାଲ୍ଡୋ ନିଜ ମଡେଲ ଗର୍ଲଫ୍ରେଣ୍ଡ ଜର୍ଜିନା ରୋଡ୍ରିଗୁଏଜଙ୍କ ସମ୍ପର୍କରେ ଏମିତି ଏକ ମନ୍ତବ୍ୟ ଦେଇଛନ୍ତି, ଯାହାକୁ ଅନେକ ପ୍ରଶଂସକ ନାପସନ୍ଦ କରିପାରନ୍ତି। ଏକ ଅନ୍ତର୍ଜାତୀୟ ଚ୍ୟାନେଲକୁ ଦେଇଥିବା ସାକ୍ଷାତ୍‌କାରରେ ୩୪ ବର୍ଷୀୟ ପର୍ତ୍ତୁଗାଲ ଷ୍ଟାର କହିଛନ୍ତି, ୨୦୧୮ରେ ରିୟଲ ମାଡ୍ରିଡ୍ ପକ୍ଷରୁ ଖେଳୁଥିବାବେଳେ ଜୁଭେଣ୍ଟସ ବିପକ୍ଷରେ ବାଇସାଇକେଲ କିକ୍ ଜରିଆରେ ଦେଇଥିବା ଗୋଲ ମୋ କ୍ୟାରିୟରର ଶ୍ରେଷ୍ଠ ଗୋଲ। କାରଣ ମୁଁ ପ୍ରାୟ ୭୦୦ ଗୋଲ କରିସାରିଛି, ହେଲେ ଏଭଳି ଷ୍ଟାଇଲରେ କେବେ କରିନାହିଁ। ଶେଷରେ ମୁଁ ବାଇସାଇକେଲ କିକ୍ ଦେବାରେ ସଫଳ ହୋଇଛି। କିନ୍ତୁ ଏହି ଗୋଲ ମଡେଲ ଗର୍ଲଫ୍ରେଣ୍ଡ ଜର୍ଜିନାଙ୍କ ସହ ଶାରୀରିକ ସମ୍ପର୍କ ରଖିବାର ଅନୁଭୂତି ସହ ତୁଳନୀୟ ନୁହେଁ। ବର୍ତ୍ତମାନ ଜୁଭେଣ୍ଟସ ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଆହୁରି କହିଛନ୍ତି, ଗର୍ଲଫ୍ରେଣ୍ଡ ଜର୍ଜିନାଙ୍କ ସହ ପ୍ରଥମ ଦେଖାରେ ହିଁ ପ୍ରେମ ହୋଇଯାଇଥିଲା। ମୋ ପରିବାର ଚଳାଇବାରେ ସେ ମୋତେ ସାହାଯ୍ୟ କରନ୍ତି। ତାଙ୍କ ପ୍ରେମରେ ମୁଁ ଏବେ ବି ଅଛି। ସେ ମୋ ହୃଦୟରେ ଅଛନ୍ତି। ଜର୍ଜିନାଙ୍କୁ ଶୀଘ୍ର ବିବାହ କରିବା ନେଇ ପ୍ରଶ୍ନ କରାଯାଇଥିଲା, ଯାହାର ଉତ୍ତରରେ ରୋନାଲ୍ଡୋ କହିଛନ୍ତି, ନିଶ୍ଚିତ ବିବାହ କରିବି। କିନ୍ତୁ କେବେ ଜଣାନାହିଁ। ମୋତେ ବିବାହିତ ଦେଖିବା ମୋ ମା'ଙ୍କ ସ୍ୱପ୍ନ।

■ ଇଣ୍ଡିପେଣ୍ଡେନ୍ସ କପ୍ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ

# ଭାରତୀୟ ଦଳରେ ଓଡ଼ିଶାରୁ ୩

ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ଉଜବେକିସ୍ତାନର ତାସ୍‌କେଣ୍ଟଠାରେ ଚଳିତମାସ ୧୮ରୁ ୨୫ ପର୍ଯ୍ୟନ୍ତ ହେବାକୁଥିବା ୨୮ତମ ଇଣ୍ଡିପେଣ୍ଡେନ୍ସ କପ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭୁବନେଶ୍ୱରର ଆର୍ଯ୍ୟନ ବ୍ରାହ୍ମିନ ଏବଂ ପୁରୀର ରଣଜିତ ମହାନ୍ତି ଓ ଆକାଶ କୁମାର ପଟ୍ଟନାୟକ। ପ୍ରତିଯୋଗିତାରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ଅମୃତସରରୁ ତାସକେଣ୍ଟ ଯାତ୍ରା କରିଛି। ପ୍ରକାଶ ଯୋଗ୍ୟ ଯେ, ଆର୍ଯ୍ୟନ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ହ୍ୟାଣ୍ଡବଲ ଖେଳାଳିଭାବେ ଗତ ୨ ବର୍ଷ ହେଲା ଭାରତୀୟ ଜୁନିୟର ଦଳରେ ସ୍ଥାନ ପାଇ ଆସୁଛନ୍ତି। ଆର୍ଯ୍ୟନଙ୍କ ସମେତ ଆକାଶ ଓ ରଣଜିତ ପ୍ରଥମଥରପାଇଁ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ଗତ ୨୮ ତାରିଖରେ ଲକ୍ଷ୍ନୌଠାରେ ଭାରତୀୟ ହ୍ୟାଣ୍ଡବଲ ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ସେଥିରେ ଓଡ଼ିଶାର ଏହି ୩ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଜ୍ୟ କ୍ରୀଡ଼ା ଇତିହାସରେ ନୂତନ ଫର୍ଦ୍ଦ ସଂଯୋଗ କରିଥିବା ଏହି ୩ ଖେଳାଳିଙ୍କୁ ଓଡ଼ିଶା ହ୍ୟାଣ୍ଡବଲ ଆସୋସିଏଶନ ସଭାପତି ସୟଦ ମକବୁଲ ଅଲ୍ଲୀ ଓ ସମ୍ପାଦକ ବୀରେନ ବେହେରା ଶୁଭେଚ୍ଛା ଜଣାଇଛନ୍ତି।




ରଣଜିତ ମହାନ୍ତି, ଆର୍ଯ୍ୟନ ବ୍ରାହ୍ମିନ ଓ ଆକାଶ କୁମାର ପଟ୍ଟନାୟକ।

# ପଦକ ନିଶ୍ଚିତ କଲେ ପଙ୍ଘାଲ, କୌଶିକ

**ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍**

ଏକଟେରିନବର୍ଗ, ୧୮।୯ (ପି.ଟି.)

ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଅମିତ୍ ପଙ୍ଘାଲ (୫୨ କିଗ୍ରା) ଓ ମନୀଷ କୌଶିକ (୬୩ କିଗ୍ରା) ଏଠାରେ ଚାଲିଥିବା ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିବା ସହ ଦେଶପାଇଁ ୨ ପଦକ ନିଶ୍ଚିତ କରିଛନ୍ତି। ବୁଧବାର ଅନୁଷ୍ଠିତ ପୁରୁଷ ୫୨ କିଗ୍ରା ବର୍ଗର କ୍ୱାର୍ଟର ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ଅମିତ୍ ୪-୧ରେ ଫିଲିପାଇନ୍ସର କାର୍ଲୋ ପାଲାମଙ୍କୁ ପରାସ୍ତ କରିଥିଲେ। ସେହିଭଳି ୬୩ କିଗ୍ରା ବର୍ଗରେ କୌଶିକ ୫-୦ରେ ବ୍ରାଜିଲର ୱାଣ୍ଡରସନ ଡି ଓଲିଭରିଆଙ୍କୁ ହରାଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଏଥିସହ ବକ୍ସିଂର ଏହି ସର୍ବୋଚ୍ଚ ପ୍ରତିଯୋଗିତାରେ ଅମିତ୍ ଓ କୌଶିକ ପ୍ରଥମଥର ଲାଗି ପଦକ ଜିତିବା ଏକପ୍ରକାର ନିଶ୍ଚିତ କରିଛନ୍ତି। ତେବେ ପୂର୍ବତନ ସ୍ୱର୍ଣ୍ଣ ପଦକ ବିଜେତା ସଞ୍ଜିତ୍ ୯୧ କିଗ୍ରା ବର୍ଗର ସେମିଫାଇନାଲରେ ୧-୪ ଏକ୍ୟୁଏଡରର ବକ୍ସର ଜୁଲିଓ କାଷ୍ଟିଲୋଙ୍କ ନିକଟରୁ ହାରି ଯାଇଛନ୍ତି। ଏହି ସଂସ୍କରଣ ପୂର୍ବରୁ ବକ୍ସିଂ ବିଶ୍ୱ ଚାମ୍ପିୟନଶିପ୍‌ର ଗୋଟିଏ ସଂସ୍କରଣରେ ଭାରତ କେବେ ମଧ ଗୋଟିଏରୁ ଅଧିକ ବ୍ରୋଞ୍ଜ ପଦକ ଜିତିପାରି ନାହିଁ। ମୋଟ୍ ଉପରେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ଆଜି ପର୍ଯ୍ୟନ୍ତ ୪ ବ୍ରୋଞ୍ଜ ପଦକ ଜିତିପାରିଛି। ୨୦୦୯ରେ ବିଜେନ୍ଦର ସିଂ, ୨୦୧୧ରେ ବିକାଶ କ୍ରିଷ୍ଣା, ୨୦୧୫ରେ ଶିବ ଥାପ୍ପା ଓ ୨୦୧୭ରେ ଗୌରବ ବିଧୁରୀ ଭାରତ ପାଇଁ ଏହି ପଦକ ସଫଳତା ଆଣିଥିଲେ।



ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ ମାରୁଛନ୍ତି ଭାରତର ଅମିତ ପଙ୍ଘାଲ।

"ବାର୍ସେଲୋନା ଷ୍ଟାର୍ ଲିଓନେଲ ମେସିଙ୍କ ତୁଳନାରେ ଅଧିକ ବାଲନ୍ ଡି' ଓର୍ ପୁରସ୍କାର ପାଇବାକୁ ଯୋଗ୍ୟ ।
–କ୍ରିଷ୍ଟିଆନୋ ରୋନାଲ୍ଡୋ, ପର୍ତ୍ତୁଗାଲ ଷ୍ଟାର୍ ଫୁଟ୍‌ବଲର



"ଖେଳାଳିଙ୍କ ଦକ୍ଷତା ଉପରେ ମୋର ଭରସା ରହିଛି। ତେଣୁ ସାଫ୍ ୧୮ ବର୍ଷରୁ କମ୍ ଫୁଟ୍‌ବଲ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛୁ।
–ଫ୍ଲଏଡ୍ ପିଣ୍ଟୋ, ଭାରତୀୟ ଯୁବ ଫୁଟ୍‌ବଲ ଦଳର କୋଚ୍



## ସଂକ୍ଷେପରେ

### ସିନ୍ଧୁ ଆଗେଇଲେ, ସାଇନାଙ୍କ ବିଦାୟ



ଚାଙ୍ଗ୍‌ଝୋ(ଚାଇନା),୧୮।୯: ବିଶ୍ୱ ଚାମ୍ପିୟନ ପି. ଭି. ସିନ୍ଧୁ ପୂର୍ବତନ ଅଲିମ୍ପିକ୍ ଚାମ୍ପିୟନ ଲି ଜୁଇରୁଇଙ୍କୁ ହରାଇ ଏଠାରେ ଚାଲିଥିବା ଚାଇନା ଓପନ୍ ୱାର୍ଲ୍ଡ ଟୁର ସୁପର-୧୦୦୦ ଟୁର୍ନାମେଣ୍ଟର ପ୍ରିକ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସାଇନା ନେହ୍ୱାଲଙ୍କୁ ପ୍ରଥମ ରାଉଣ୍ଡରୁ ପରାଜୟ ସହ ବିଦାୟ ନେବାକୁ ପଡ଼ିଛି। ଭାରତର ଟପ୍ ଶଟଲର ସିନ୍ଧୁ ୨୧-୧୮, ୨୧-୧୨ ଗେମ୍‌ରେ ଲି ଜୁଇରେଇଙ୍କୁ ହରାଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ୩୪ ମିନିଟ୍ ଲାଗିଥିଲା। ପୂର୍ବତନ ଶୀର୍ଷ ର୍ୟାଙ୍କଧାରୀ ସାଇନାଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ସେ ପ୍ରଥମ ରାଉଣ୍ଡରେ ୧୦-୨୧, ୧୭-୨୧ ଗେମ୍‌ରେ ଥାଇଲାଣ୍ଡର ବୁସାନାନ ଓଙ୍ଗବାମ୍‌ରୁନଫାନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ୨୯ ବର୍ଷୀୟା ସାଇନାଙ୍କ ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଅବଶ୍ୟ ପୂର୍ବରୁ ସାଇନା ଏଠାରେ ବହୁ ସଫଳତା ହାସଲ କରିସାରିଛନ୍ତି। ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୫ରେ ଉପବିଜେତା ଥିଲେ। ଚଳିତ ବର୍ଷ ସାଇନାଙ୍କ ପ୍ରଦର୍ଶନ ସେତେଟା ଆଖିଦୃଶିଆ ରହିନାହିଁ। ଆହତ ସମସ୍ୟା ଯୋଗୁ ଦୁଇ ମାସର ବ୍ରେକ୍ ନେଇ ଫେରିଥିଲେ ମଧ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିପାରିନାହାନ୍ତି।

### ନାଲ୍‌କୋ କପ୍ ହକି
### ପୂର୍ବତଟ ରେଲୱେ-ସୁନ୍ଦରଗଡ଼ ସାଇ ଫାଇନାଲ

କଟକ ଅଫିସ,୧୮।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୧୭ତମ ନାଲକୋ କପ୍ ରାଜ୍ୟ ହକି ଚାମ୍ପିୟନଶିପରେ ବୁଧବାର ଦୁଇଟି ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ଏଥିରେ ପୂର୍ବତଟ ରେଲୱେ ଓ ସୁନ୍ଦରଗଡ଼ ସାଇ ହଷ୍ଟେଲ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି । ପୂର୍ବତଟ ରେଲୱେ ୧-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି । ରେଲୱେ ପକ୍ଷରୁ ଚତୁର୍ଥ କ୍ୱାର୍ଟରର ୫୨ତମ ମିନିଟ୍‌ରେ ସୁନୀଲ ଟପ୍ପୋ ଏକମାତ୍ର ଗୋଲ୍ ସ୍କୋର କରିଥିଲେ । ସୁନ୍ଦରଗଡ଼ ସାଇ ହଷ୍ଟେଲ ୨-୧ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଛି । ଖୋର୍ଦ୍ଧା ପକ୍ଷରୁ ପ୍ରଥମ କ୍ୱାର୍ଟର ପଞ୍ଚମ ମିନିଟ୍‌ରେ ପ୍ରସାଦ କୁଜୁର ପ୍ରଥମ ଗୋଲ୍ ଦେଇଥିଲେ। ମିଳିଥିବା ଏକ ପେନାଲ୍‌ଟି କର୍ନରର ଫାଇଦା ଉଠାଇ ଖୋର୍ଦ୍ଧା ଏହି ଗୋଲ୍ ଦେଇଥିଲା । ଏହାର ୧ ମିନିଟ୍ ପରେ ତଥା ଷଷ୍ଠ ମିନିଟରେ ସାଇ ପକ୍ଷରୁ ପୂରନ କେରକେଟା ଗୋଟିଏ ଗୋଲ୍ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା । ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ୫୩ତମ ମିନିଟ୍‌ରେ ଅଜୟ ଏକ୍କା ସୁନ୍ଦରଗଡ଼ ସାଇ ହଷ୍ଟେଲ ପକ୍ଷରୁ ବିଜୟସୂଚକ ଗୋଲ୍ ସ୍କୋର କରିଛନ୍ତି ।

# ଦ୍ୱିତୀୟ ଟି୨୦: ଭାରତର ସହଜ ବିଜୟ

ମୋହାଲି, ୧୮।୯(ପି.ଟି.)

ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନ (ପିସିଏ) ଆଇଏସ୍ ବିନ୍ଦ୍ରା ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୯ ରନ କରିଥିଲା। ଜବାବରେ ଭାରତ ୧୯ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ବିରାଟ କୋହଲି ୫୨ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୩ ଛକା ସହ ୭୨ ରନରେ ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୫୦ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ତାରକା ଓପନର ରୋହିତ ଶର୍ମାଙ୍କୁ ପ୍ରଥମେ ହରାଇଥିଲା। ରୋହିତ ୧୨ ବଲରୁ ୨ ଛକା ସହ ୧୨ ରନ କରି ଆଣ୍ଡିଲ ଫେଲୁକ୍ୱାୟୋଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଭିଜ୍ଞ ଓପନର ଶିଖର ଧାୱନ ୩୧ଟି ବଲ ଖେଳି ୪ ଚୌକା ଓ ୧ ଛକା ସହ ଦ୍ରୁତ ୪୦ ରନ କରି ତାବରେଜ୍ ଶାମସିଙ୍କ ବଲ୍‌ରେ ଲଙ୍ଗ ଅନ୍‌ରେ ଡେଭିଡ ମିଲରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ମିଲର ଗୋଟିଏ ହାତରେ ଏକ ଚମତ୍କାର କ୍ୟାଚ ନେଇଥିଲେ। ବେପରୁଆ ଖେଳ ପାଇଁ ବେଶ୍ ସମାଲୋଚିତ ହୋଇଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ପାଳି ପଡିଥିଲା। ସେ ମାତ୍ର ୪ ରନ କରି ବିଜର୍ନ ଫର୍ଚ୍ୟୁନଙ୍କ ବଲ୍‌କୁ ଲେଗ୍ ସାଇଡ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ତେବେ ଶର୍ଟ ଫାଇନ ଲେଗ୍‌ରେ ଶାମସି ତାଙ୍କ କ୍ୟାଚ୍ ନେଇଥିଲେ। ଫଳରେ ପନ୍ତଙ୍କୁ ନିରାଶ ହେବାକୁ ପଡିଥିଲା। ଆୟାର ୧୪ ବଲରୁ ୨ ଚୌକା ସହ ୧୬ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଫେଲୁକ୍ୱାୟୋ, ଶାମସି ଓ ଫର୍ଚ୍ୟୁନ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ତରଫରୁ ନବନିଯୁକ୍ତ ଅଧିନାୟକ କ୍ୱିଣ୍ଟନ ଡିକକ ଓ ପଦାର୍ପଣ କରିଥିବା ଟେମ୍ବା ବଭୁମା ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେବେ ଭାରତୀୟ ବୋଲର ନିୟମିତ ବ୍ୟବଧାନରେ ଉଇକେଟ ନେବା ସହ ଅଧିକ ରନ ବ୍ୟୟ କରି ନଥିଲେ। ଅନ୍ତିମ ୪ ଓଭରରେ ଭାରତୀୟ ବୋଲରମାନେ ମାତ୍ର ୨୪ ରନ ଦେଇଥିଲେ। ତେବେ ୨୦ତମ ଓଭରରେ ସଇନି ୨୦ ରନ ବ୍ୟୟ କରିଥିଲେ। ଭଲ ଆରମ୍ଭ ପାଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ବଡ଼ ସ୍କୋର ହାସଲ କରିପାରି ନଥିଲା। ଓପନର ରିଜା ହେଣ୍ଡ୍ରିକ୍ସ ମାତ୍ର ୬ ରନ କରିଥିବା ବେଳେ ଦୀପକ ଚହରଙ୍କ ବଲ୍‌ରେ ମିଡଅନ୍‌ରେ ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଡିକକ୍ ଓ ବଭୁମା ୪୫ଟି ବଲରୁ ୫୭ ରନ ସଂଗ୍ରହ କରିଥିଲେ। ଡିକକ୍ ୩୭ ବଲରୁ ୮ ଚୌକା ସହ ୫୨ ରନ ସଂଗ୍ରହ କରି ନବଦୀପ ସଇନିଙ୍କ ବଲ୍‌ରେ ବିରାଟ କୋହଲିଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। କୋହଲି ମିଡ୍‌ଅନ୍‌ରୁ ବାମପଟକୁ ଦୌଡି ଏହି ସୁନ୍ଦର କ୍ୟାଚ୍ ନେଇଥିଲେ। ଏହାପରେ ବଭୁମା ୪୩ଟି ବଲରୁ ୩ ଚୌକା ଓ ୧ ଛକା ସହ ୪୯ ରନ କରି ଆଉଟ ହେବା ସହ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅଫ୍ ଷ୍ଟମ୍ପ ବାହାରେ ଚହରଙ୍କ ଗୁଡ୍ ଲେନ୍ଥ ବଲ୍‌କୁ ଖେଳିବାକୁ ଯାଇ ବଭୁମା ମିଡ୍‌ଅନ୍‌ରେ ରବୀନ୍ଦ୍ର ଜାଡେଜଙ୍କୁ କ୍ୟାଚ୍ ଦେଇଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର ହାସଲ କରିପାରି ନଥିଲେ। ରାସି ଭାନ୍ ଡେର ଡୁସେନ ମାତ୍ର ୧ ରନ କରିଥିବା ବେଳେ ଜାଡେଜାଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଡେଭିଡ ମିଲର ୧୫ ବଲରୁ ୧ ଛକା ସହ ୧୮ ରନକରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଡ୍ୱେନ ପ୍ରିଟୋରିୟସ ୧୦ ଓ ଆଣ୍ଡିଲ ଫେଲୁକ୍ୱାୟୋ ୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଦୀପକ ଚହର ୨, ନବଦୀପ ସଇନି, ରବୀନ୍ଦ୍ର ଜାଡେଜା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ୩ଜଣ ଖେଳାଳି ପଦାର୍ପଣ କରିଥିଲେ। ଅନରିଚ୍ ନୋର୍ଜ, ବିଜର୍ନ ଫର୍ଚ୍ୟୁନ ଓ ବଭୁମା ଟି୨୦ରେ ଡେବ୍ୟୁ କରିଥିଲେ।





ବୋଲିଂ ଅବସରରେ ଦୀପକ ଚହର। ଏକ ଆକର୍ଷଣୀୟ କ୍ୟାଚ୍ ନେଉଛନ୍ତି ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୪୯/୫ (ଡିକକ୍- ୫୨, ବଭୁମା- ୪୯, ମିଲର- ୧୮, ଚହର- ୨/୨୨, ସଇନି- ୧/୩୪, ଜାଡେଜା- ୧/୩୧, ପାଣ୍ଡ୍ୟା- ୧/୩୧)। ଭାରତ ୧୯ ଓଭରରେ ୧୫୧/୩ (କୋହଲି- ୭୨*, ଧାୱନ- ୪୦, ଫେଲୁକ୍ୱାୟୋ- ୧/ ୨୦, ଶାମସି- ୧/ ୧୯, ଫର୍ଚ୍ୟୁନ- ୧/ ୩୨)।

## ପ୍ରାର୍ଥୀ ଘୋଷଣାକୁ ନେଇ ଛକାପଞ୍ଝା

କଟକ ଅଫିସ,୧୮।୯

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କର୍ମକର୍ତ୍ତା ନିର୍ବାଚନର ନାମାଙ୍କନ ପତ୍ର ଦାଖଲକୁ ଆଉ ଗୋଟିଏ ଦିନ ବାକି। ୨୦ ତାରିଖ ସକାଳ ୧୦.୩୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ ବୋଲି ସମୟସୀମା ଧାର୍ଯ୍ୟ କରାଯାଇଛି। ହେଲେ ଏବେ ସୁଦ୍ଧା ପ୍ରାର୍ଥୀ ଘୋଷଣା ହୋଇନି। ମୋଟ ୬ଟି ପଦବୀ ନିମନ୍ତେ ହେବାକୁ ଥିବା ଓସିଏର ଆଗାମୀ ନିର୍ବାଚନରେ ଦୁଇଟି ଗୋଷ୍ଠୀ ପ୍ରାର୍ଥୀ ଦେବେ ବୋଲି ଅଣ୍ଟା ଭିଡ଼ିଛନ୍ତି। ଛକାପଞ୍ଝା ଭିତରେ ରହିଛି ଉଭୟ ଗୋଷ୍ଠୀର ପ୍ରାର୍ଥୀ ଘୋଷଣା ପ୍ରକ୍ରିୟା। କିଏ ପ୍ରଥମେ ପ୍ରାର୍ଥୀ ଘୋଷଣା କରିବ ତାହାକୁ ଉଭୟ ଅପେକ୍ଷା କରିଛନ୍ତି।

ଦକ୍ଷ କ୍ରୀଡ଼ା ସଙ୍ଗଠକ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ ବିଧିବଦ୍ଧ ଘୋଷଣା କରି ନ ଥିଲେ ହେଁ ବର୍ତ୍ତମାନସୁଦ୍ଧା ୨ ଜଣ ପ୍ରାର୍ଥୀଙ୍କ ନାମ ପ୍ରକାଶ କରିଛି । ଏହି ଗୋଷ୍ଠୀର ସଭାପତି ପ୍ରାର୍ଥୀ ପଙ୍କଜଲୋଚନ ମହାନ୍ତି ଓ ସମ୍ପାଦକ ପ୍ରାର୍ଥୀ ହେଉଛନ୍ତି ସଞ୍ଜୟ ବେହେରା। ମଙ୍ଗଳବାର ପୁରୀରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ମଧ ହୋଇଥିଲା। ସେହିପରି ଅନ୍ୟ ଗୋଷ୍ଠୀ ମଧ ଏବେ ସୁଦ୍ଧା ୨ ପଦବୀରେ ସୀମିତ ରହିଛି। ସଭାପତି ଭାବେ ନବରଞ୍ଜନ ପଟ୍ଟନାୟକ ଓ ସମ୍ପାଦକ ଭାବେ ପ୍ରଦୀପ ଚୌହ୍ୱାନ ନିର୍ବାଚନ ଲଢ଼ିବେ। ଏବେ ବାକି ପଡ଼ିଛି ଆଉ ୪ ପଦବୀ। ଏଗୁଡ଼ିକ ହେଲା, ଉପସଭାପତି, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ଓ ଆପେକ୍ସ କାଉନସିଲ ସଦସ୍ୟ। ଉକ୍ତ ୪ ପଦବୀ ନିମନ୍ତେ ପ୍ରାର୍ଥୀ ଦେବା ଉଭୟ ଗୋଷ୍ଠୀ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଶୁଣିବାକୁ ମିଳିଛି ଯେ, ଆଶୀର୍ବାଦଙ୍କ ଗୋଷ୍ଠୀ ବଳକା ୪ ପଦବୀ ଭିତରୁ ୨ଟି ପଦବୀ ନିମନ୍ତେ ଅନୁବନ୍ଧିତ ଜିଲା ସଂଘର ପ୍ରତିନିଧିଙ୍କୁ ବାଛିବ। ଜିଲା ସଂଘର ଭୋଟକୁ କବଜା ରଖିବାକୁ ଯାଇ ଏଭଳି ପଦକ୍ଷେପ ନେବ। ଏ ସମ୍ପର୍କରେ ଆଶୀର୍ବାଦଙ୍କୁ ପଚାରିବାରୁ ସେ କହିଥିଲେ ଯେ, ନାମାଙ୍କନ ପତ୍ର ଦାଖଲ ଦିନ ସକାଳେ ପ୍ରାର୍ଥୀ ତାଲିକା ଘୋଷଣା କରିବୁ। ଏବେ ସୁଦ୍ଧା ଅବଶିଷ୍ଟ ୪ଟି ପଦବୀ ନିମନ୍ତେ ପ୍ରାର୍ଥୀ ଚୟନ ହୋଇନି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ କ୍ଲବ ସମ୍ପାଦକ ପ୍ରଦୀପ ଚୌହ୍ୱାନ କହିଛନ୍ତି ଯେ, ଦୁଇଟି ପଦବୀ ନିମନ୍ତେ ଆମର ପ୍ରାର୍ଥୀ ସ୍ଥିର। ଅନ୍ୟ ୪ ପଦବୀ କାହାକୁ ଦିଆଯିବ ତାହା ଚୂଡ଼ାନ୍ତ ହୋଇନି। ଖୁବଶୀଘ୍ର ଏହା ଘୋଷଣା କରାଯିବ ବୋଲି ପ୍ରଦୀପ କହିଥିଲେ। ହେଲେ ନାମାଙ୍କନ ପତ୍ର ଦାଖଲକୁ ଆଉ ୨୪ ଘଣ୍ଟା ବାକି ଥିବା ବେଳେ ଉଭୟ ଗୋଷ୍ଠୀର ଏଭଳି ମତାମତ ନିର୍ବାଚନ ମାହୋଲକୁ ଫିକା ପକାଉଛି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ଉଭୟ ଗୋଷ୍ଠୀ ପ୍ରତିପକ୍ଷର ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଛି। ଗୋଟିଏ ଗୋଷ୍ଠୀ ପ୍ରାର୍ଥୀ ଘୋଷଣା କଲେ, ଏହାକୁ ନଜରରେ ରଖି ଅନ୍ୟ ଗୋଷ୍ଠୀ ପ୍ରାର୍ଥୀ ଘୋଷଣା କରିବ ବୋଲି କ୍ରୀଡ଼ା ମହଲରେ ଆଲୋଚନା ହେଉଛି।

**ଓସିଏ ନିର୍ବାଚନ**




### କ୍ୟୁରେଟର ଦଲ୍‌ଜିତଙ୍କୁ କୋହଲି, ଶାସ୍ତ୍ରୀଙ୍କ ସମ୍ବର୍ଦ୍ଧନା

ମୋହଲି, ୧୮।୯(ପି.ଟି.)

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ବୁଧବାର ଅଭିଜ୍ଞ କ୍ୟୁରେଟର ଦଲଜିତ୍ ସିଂଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଠାରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍ ପୂର୍ବରୁ କିଛିଦିନ ତଳେ ଅବସର ଗ୍ରହଣ କରିଥିବା ଦଲଜିତ୍‌ଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମୁଖ୍ୟ କ୍ୟୁରେଟର ହିସାବରେ ୭୭ ବର୍ଷୀୟ ଦଲଜିତ୍ ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘ ୨୨ ବର୍ଷ ଧରି ଭାରତୀୟ କ୍ରିକେଟ ପାଇଁ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଆସିଛନ୍ତି। ଏହି ମ୍ୟାଚ୍‌ରେ ମଧ ସେ ପିଚ୍ ପ୍ରସ୍ତୁତିର ତଦାରଖ କରିଥିଲେ। ଏହି ଅବସରରେ କୋହଲି ଓ ଶାସ୍ତ୍ରୀ ଦଲଜିତ୍‌ଙ୍କୁ ଏକ ଫଳକ ପ୍ରଦାନ କରିଥିଲେ। ଦଲଜିତ୍ ମଧ ପୂର୍ବରୁ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଛନ୍ତି। ସେ ପଞ୍ଜାବ ପାଇଁ ୮୭ଟି ମ୍ୟାଚ୍ ଖେଳିଛନ୍ତି। ଭାରତୀୟ କ୍ରିକେଟକୁ ତାଙ୍କର ଅବଦାନ ପାଇଁ ବିଶେଷ ଭାବେ ସମ୍ମାନିତ କରାଯାଇଛି।

■ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ସୁବିଧାଜନକ ସ୍ଥିତିରେ ଭାରତ-ଏ



ଏଡେନ୍ ମାକ୍ରାମ

ମହୀଶୂର,୧୮।୯(ପି.ଟି.)

ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତ ଏ' ଉନ୍ନତ ବ୍ୟାଟିଂ ଓ ବୋଲିଂ କରି ସୁବିଧାଜନକ ସ୍ଥିତିରେ ରହିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ଏ' ଓପନର ଶୁବମନ ଗିଲ, କରୁଣ ନାୟାର, ଅଧିନାୟକ ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଓ ଶିବମ ଦୁବେଙ୍କ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଇନିଂସରେ ୧୨୩ ଓଭରରେ ୪୧୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ବୁଧବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୪୬ ଓଭରରେ ୫ ଉଇକେଟ ହରାଇ ୧୫୯ ରନ ସଂଗ୍ରହ କରିଛି। ଫଳରେ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହାତରେ ରଖି ଏବେ ୨୫୮ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଏଡେନ ମାରକ୍ରାମ ୮୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୱିଆନ ମଲ୍ଡର ୯ ରନ କରି ଅପରାଜିତ ରହିଛନ୍ତି।

ଦକ୍ଷିଣ ଆଫ୍ରିକା ୨୦ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ତେବେ ଦଳ ଏକଦା ଗୋଟିଏ ଉଇକେଟ ହରାଇ ୧୦୨ ରନକରି ସ୍ଥିତ ସମ୍ଭାଳିବା ସହ ଭଲ ଆରମ୍ଭ କରିଥିଲା। ଏହା ପରେ ୪୦ ରନରେ ଦଳ ୪ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ଓପନର ପିଟର ମଲାନ ୬ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ୪୧ ରନକରି ଥେଉନିସ୍ ଡି ବ୍ରୁଇନ୍ ପ୍ୟାଭିଲିୟନ ଫେରିଥିଲେ। ଖାୟା ଜୋଣ୍ଡୋ ୫, ସେନୁରାନ ମୁଥୁସ୍ୱାମୀ ୧୨ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ହେନରିଚ୍ କ୍ଲାସେନ ୨ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଶାହବାଜ ନଦୀମ ଓ କୁଲଦୀପ ଯାଦବ ୨ଟି ଲେଖାଏ ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ହାସଲ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩୩/୩ରୁ ଭାରତ ଏ' ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ କରୁନ ନାୟାର ୭୮ରୁ ଖେଳ ଆରମ୍ଭ କରିଥିଲେ ଓ ଆଉ ଅଧିକ ରନ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ୩୬ ରନରୁ ଖେଳ ଆରମ୍ଭ କରି ରିଦ୍ଧିମାନ ୬୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଶିବମ ଦୁବେ ୬୮ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଜଲାଜ ଏସ୍ ସାକସେନା ୪୮ ରନର ଇନିଂସ ଖେଳି ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଲଦୀପ ଯାଦବ ୨, ଶାହାବାଜ ନଦୀମ ୧୧, ଉମେଶ ଯାଦବ ୨୪ ରନ କରି ଆଉଟ ହୋଇଥିବା ବେଳେ ମହମ୍ମଦ ସିରାଜ ଖାତା ଖୋଲିପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ବୋଲିଂରେ ୱିଆନ ମୁଲ୍ଡର ଓ ଡେନ୍ ପିଟ୍ ୩ଟି ଲେଖାଏ, ଭର୍ନନ ଫିଲାଣ୍ଡର, ଲୁଙ୍ଗି ଏନ୍‌ଗିଡି ଓ ଲୁତୋ ସିପାମ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଭାରତ ଏ' ପ୍ରଥମ ଇନିଂସ-୧୨୩ ଓଭରରେ ୪୧୭ ଅଲଆଉଟ୍ (ଶୁବମନ- ୯୨, ନାୟାର- ୭୮, ଦୁବେ- ୬୮, ରିଦ୍ଧିମାନ- ୬୦, ସାକସେନା- ୪୮*, ମୁଲ୍ଡର- ୩/୪୭, ପିଟ୍- ୩/୭୮)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ-୪୬ ଓଭରରେ ୧୫୯/୫ (ମାରକ୍ରାମ- ୮୩*, ବ୍ରୁଇନ- ୪୧, ନଦୀମ- ୨/୪୧, କୁଲଦୀପ- ୨/୫୧)।

# ବ୍ରୋଞ୍ଜ୍ ସହ ଭିନେଶଙ୍କୁ ଅଲିମ୍ପିକ୍ କୋଟା

ନୁର- ସୁଲତାନ, ୧୮।୯(ପି.ଟି.)

କାଜାଖସ୍ଥାନରେ ଚାଲିଥିବା ରେସଲିଂ ଚାମ୍ପିୟନଶିପ୍‌ରେ ବୁଧବାର ଭାରତୀୟ ରେସଲରମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଭାରତୀୟ ମହିଳା ରେସଲର ଭିନେଶ ଫୋଗତ ୫୩ କେ.ଜି. ଫ୍ରିଷ୍ଟାଇଲ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ହାସଲ କରିବା ସହ ୨୦୨୦ ଟୋକିଓ ଅଲିମ୍ପିକ୍ କୋଟା ହାସଲ କରି ଏହି ମେଗା ଇଭେଣ୍ଟ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ସେହିପରି ଅନ୍ୟତମ ମହିଳା ରେସଲର ପୂଜା ଧଣ୍ଡା ଆଉ ଗୋଟିଏ ବିଜୟ ହାସଲ କଲେ ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ଦ୍ୱିତୀୟ ପଦକ ହାସଲ କରିବେ। ପୂର୍ବରୁ ଭାରତ ୩ଟି ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ବିନା ଖାଲି ହାତରେ ଫେରିଥିଲା। ଶେଷରେ ଭିନେଶ ଭାରତକୁ ସଫଳତା ପ୍ରଦାନ କରିଛନ୍ତି। ୨୫ ବର୍ଷୀୟ ଭିନେଶ ପ୍ରତିପକ୍ଷ ଗ୍ରୀସ୍‌ର ମାରିଆ ପ୍ରେଭୋଲାରାକିଙ୍କୁ ହରାଇ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

ପଞ୍ଚମ ଭାରତୀୟ ରେସଲର ହିସାବରେ ଭିନେଶ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୪ଥର ଅଂଶଗ୍ରହଣ କରିବା ପରେ ଫୋଗତ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ୨୦୦୬ରେ ଆଲ୍‌କା ତୋମାର, ୨୦୧୨ରେ ଗୀତା ଫୋଗତ, ୨୦୧୨ରେ ବବିତା ଫୋଗତ ଓ ୨୦୧୮ରେ ପୂଜା ଧଣ୍ଡା ପଦକ ହାସଲ କରିଥିଲେ। ବୁଧବାର ଭିନେଶ ବିଶ୍ୱର ୧ ନମ୍ବର ରେସଲର ସାରା ଅନ ହିଲଡେବ୍ରଣ୍ଡକୁ ମାତ୍ ଦେଇଥିଲେ। ଭିନେଶ ଏବେ ଭାରତର ସଫଳତମ ରେସଲର ବିନଯାଇଛନ୍ତି। ସେ ପୂର୍ବରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ନନ୍ ଅଲିମ୍ପିକ୍ କାଟାଗୋରୀରେ ପୂଜା ୫୯ କେ.ଜି. ବର୍ଗରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଜାପାନର ୟୁଜୁକା ଇନାଗାକିଙ୍କୁ ୧୧-୮ରେ ହରାଇ ସେମିକୁ ଉଠିଥିଲେ। ତେବେ ସେ ସେମିରେ ରୁଷିଆର ଲିଉବୋଭ ଓଭଚାରୋଭଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ସେ ବ୍ରୋଞ୍ଜ୍ ପଦକ ପାଇଁ ଲଢ଼ିବେ। ପୂର୍ବରୁ ସେ ୨୦୧୮ ବୁଦାପେଷ୍ଟ ବିଶ୍ୱ ଚାମ୍ପିୟନଶିପ୍‌ରେ ୫୭ କେ.ଜି. ବର୍ଗରେ ବ୍ରୋଞ୍ଜ୍ ଜିତିଥିଲେ। ପୂଜା ଆଉ ଏକ ବ୍ରୋଞ୍ଜ୍ ପଦକ ହାସଲ କଲେ ଭାରତ ଦ୍ୱିତୀୟ ରେସଲର ଭାବେ ଦୁଇଟି ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିବେ। ପୂର୍ବରୁ ବଜରଙ୍ଗ ପୁନିଆ ୨୦୧୩ରେ ବ୍ରୋଞ୍ଜ୍ ଓ ୨୦୧୮ରେ ରୌପ୍ୟ ପଦକ ହାସଲ କରିଥିଲେ।

**ବିଶ୍ୱ ରେସଲିଂ ଚାମ୍ପିୟନଶିପ୍**




ଭିନେଶ ଫୋଗତ ଓ ପ୍ରତିପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ଲଢ଼େଇ।

## ସଂକ୍ଷେପରେ

### ପିଲା ଚୋର ଭାବି ଯୁବକଙ୍କୁ ନିସ୍ତୁକ ମାଡ

ରାଉରକେଲା ଅଫିସ, ୧୮।୯
ସେକ୍ଟର-୬ ଟେଲିଫୋନ ଭବନ ସମ୍ମୁଖରେ ବୁଧବାର ଅପରାହ୍ନରେ ଜଣେ ଯୁବକଙ୍କୁ ଛୁଆଚୋର ଭାବି ସ୍ଥାନୀୟ ଯୁବକମାନେ ନିସ୍ତୁକ ମାଡ ମାରିଛନ୍ତି। ପୋଲିସ ଉକ୍ତ ଯୁବକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଇଛି। ଉକ୍ତ ଯୁବକଙ୍କ ମୁହଁ ଫାଟି ଯାଇଥିବାରୁ ଯୁବକ ଜଣକ ନିଜ ନାଁ କହିପାରୁ ନ ଥିବା ବୋଲି ପୋଲିସ କହିଛି। ଯୁବକ ଜଣକ ସାଇକେଲରେ ଯାଉଥିବା ବେଳେ ଛୋଟ ପିଲାମାନେ ଖେଳୁଥିଲେ। ଯୁବକ ଜଣକ ସେଠାରେ ଅଟକିଥିଲେ। ଗୋଟିଏ ଛୋଟପିଲା ତାଙ୍କ ଯୁବକଙ୍କ ପାଖକୁ ଆସି ପରେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ପାଖରେ ଥିବା ଯୁବକମାନେ ଦୌଡି ଆସି ଉକ୍ତ ଯୁବକଙ୍କୁ ଛୁଆ ଚୋର ଭାବି ନିସ୍ତୁକ ମାଡ ମାରିଥିଲେ। ଫଳରେ ଉକ୍ତ ଯୁବକ ଗୁରୁତର ଆହତ ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଚିକିତ୍ସା କରାଇଥିଲା। ଏହାସହ ଉକ୍ତ ଶିଶୁକୁ ମଧ ପଚରାଉଚୁରା କରିଛି। ତେବେ ଏହି ଘଟଣା ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେକ୍ଟର-୧୫ ଥାନା ପୋଲିସ ସୂଚନା ଦେଇଛି।

# ବାପାର ଚିକିତ୍ସା ଲାଗି ରିକ୍ସା ବାହୁଛେ ପୁଅ

ସିନାପାଲି, ୧୮।୯ (ଡି.ଏନ୍.ଏ.)

ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ନିଲଜୀ ଗାଁର ସୁନ୍ଦର ମାଝି(୫୬)। ଆଏଜ୍‌କେ ୩ ମାସ ହେଲା ସେ ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ହେଇ ଚିକିତ୍ସା ଅଭାବୁ ଘରେ ପଡ଼ି ରହିଛନ୍।

ସୂଚନା ଅନ୍‌ସାରେ ନିଲଜୀ ଗାଁର ସୁନ୍ଦର ମାଝିଙ୍କର ପରିବାର କହେଲେ ମାଏକିନା ସୁରେଖା (୫୨) ଆର ଦୁଇ ପୁଓ କିଶୋର (୩୫), ହରଦେବ (୨୩)କୁଁ ନେଇ ସଁସାର। ପରିବାରଟା ନିହାତି ଗରିବ୍ ଆର ଭୂମିହୀନ ହେଇଥିଲାବେଲେ ଗାଁର ସ୍କୁଲ ପାସେ ଥିବାର ଗୁଟେ ସରକାରୀ ଜାଗାରେ କୁଡିଆଟେ କରି କୁଟୁମବସିଆ ରହିଆସୁଛନ୍। ସୁନ୍ଦର ସିଲେଇ କରୁଥିଲାବେଲେ ସୁରେଖା ପରହରର କାମ୍‌ବୁତା କରି କୁଟୁମ ପୁଷୁଥିଲେ। ଇ ଗରିବ୍ ପରିବାରର ସଁପତି କହେଲେ ସରକାରନୁ ମିଳିଥିବାର ରାଶନ କାର୍ଡ ଖଁଡ଼କ। ହେଲେ ଗଲା ୩ ମାସ ହେଲା ସୁନ୍ଦର ପକ୍ଷାଘାତ ରୋଗ୍‌ରେ ପୀଡ଼ିତ ହେଇ ଖଟେ ପଡ଼ିରହିଛନ୍। ଆସର ପାସର ଅନେକ ଡାକ୍‌ତରଖାନାରେ ଚିକିତ୍ସା କରେଇ ନିରାଶ ହେଇଛନ୍। ଇଆଡ଼େ ଅଭାବ ଅନାଟନ ଲାଗି ସେ ଠିକ୍‌ରେ ଉଷୋକଷା ଘିନି ଖାଇ ନାଇଁପାରବାର। ଘରର ଦରିଦିରିଆ ପରିସ୍ଥିତି ଲାଗି କୁଡିଆଟା ବି ମରାମତି କରି ନାଇଁପାରବାର। ବରଷା ହେଲେ ପରିବାରଟା ପାସର ସ୍କୁଲ ବାରନ୍ଦାରେ ଆଶ୍‌ରେ ନେଉଛନ୍। ଇଆଡ଼େ ସରକାର ଗରିବ୍‌ଦୁଖି, ବାସହୀନମାନଙ୍କୁ ଘରଡିହ ଯୁଗେଇ ଦେବାର ସଂଗେ ସରକାରୀ ଯୋଜନାରେ ପକାଘର ଯୁଗେଇ ଦେଉଛନ୍। ହେଲେ ଦୁଖର କଥା ଇ ଗରିବ୍ ପରିବାର ଆଏଜ୍ ବି ବସୁନ୍ଧରା, ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଏନ୍ତା ପରିସ୍ଥିତିରେ ସୁରେଖା ପରହର ଘରେ କାମ୍‌ବୁତା କରି କୁଟୁମ ପୁଷୁଛନ୍। ବଡ଼ ପୁଓ ବାପର ଚିକିତ୍ସା ଲାଗି ଛତିଶଗଡ଼ ରାୟପୁର ସହରରେ ରକ୍‌ସା ବାହି ଯାହା କମଉଛନ୍ ସେଥିରେ ନିଜେ ଚଲବାର ସଂଗେ ବଲକା ଟଁକା ଘରକେ ପଠଉଛନ୍। ସେନ୍ତା ସାନପୁଓ ବି ଗାଁର କେତେ ଛୁଆକୁ ଟିଉସନ କରି ବାପର ଉଷୋକଷା ଖରଚ୍ ତୁଲଉଛନ୍। ହେଲେ ମା’ ଆର ଦୁଇପୁଓ ଯାହା କମଉଛନ୍ ସେଟା ପେଟ୍‌କେ ଅଁଟ୍‌ଲେ ଦିହିକେ ନାଇଁ ଅବସ୍‌ତା ହେଉଛେ। ଅନେକ ସମିଆରେ ପାଖ୍‌ପଡ଼ିଶାକରନେ ହାତ୍ ପତାବାକେ ପଡୁଛେ ବଲି ସୁରେଖା କହିଛନ୍। ଇ ବାବ୍‌ଦେ ନୂଆପଡ଼ା ଜିଲା ମୁଖିଆ ଚିକିତ୍ସା ଅଧିକାରୀ ପ୍ରଭାସିନୀ ବ୍ରହ୍ମାଙ୍କୁଁ ପଚରାଲାରୁ ମୁଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀଙ୍କର ସଂଗେ କଥା ହେମି ଆର ନୂଆପଡ଼ା ଜିଲା ଡାକ୍‌ତରଖାନାକେ ତାହାକୁ ଆନବାର ବେବସ୍‌ତା କରମି। ଇଠାନେ ଚିକିତ୍ସା ସମ୍ଭବ ହେଲେ ଭଲ, ନାଇଁ ହେଲେ ଉଚ ଚିକିତ୍ସା ଲାଗି ଉନିଆ ଯାଗାକେ ପଠାବାର ବେବସ୍‌ତା କରାଯିବା ବଲି ସେ କହିଛନ୍। ସେନ୍ତା ଇ ବାବ୍‌ଦେ ନିଲଜୀ ପଁଚେତ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁର୍ଜୁ ହଂସକୁଁ ପଚରାଲରୁ ଇ ପରିବାରକେ ଆବାସ ଯୋଜନାରେ ସାମିଲ କରବାର ଲାଗି ଚେଷ୍ଟା କରାଯିବା ବଲି ସେ କହିଥିଲେ।


ପକ୍ଷାଘାତ ରୋଗରେ ପୀଡ଼ିତ ସୁନ୍ଦରଙ୍କ ସଂଗେ ସୁରେଖା।

## ହାତୀ ଆକ୍ରମଣରେ ବୃଦ୍ଧ ମୃତ

ବାଲିଶଙ୍କରା,୧୮।୯ (ଡି.ଏନ.ଏ.)


କିଞ୍ଜିରକେଲା ଫରେଷ୍ଟର ମୃତକଙ୍କ ପରିବାର ସଦସ୍ୟଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ଉଜ୍ଜଳପୁର ରେଞ୍ଜ କିଞ୍ଜିରକେଲା ସେକ୍‌ସନ ଅନ୍ତର୍ଗତ ଦେଓଭୂବନପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଦନ୍ତା ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରୋ ବାର୍ଲ୍ଲା (୭୦)। ସେ ବିଶ୍ୱକର୍ମାଙ୍କ ପୂଜା ପାଇଁ ବାହାରେ ଶୋଇଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା । ଛତିଶଗଡରୁ ଦଳଛଡ଼ା ହୋଇ ଏକ ଦନ୍ତାହାତୀ ଓଡ଼ିଶାର ସୀମାନ୍ତବର୍ତ୍ତୀ ବ୍ରାହ୍ମଣମରା, କେନ୍ଦୁଡିହି ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିଥିଲା। ଗତ ଦୁଇ ଦିନ ହେବ ସେହି ଅଞ୍ଚଳରେ ଘରଦ୍ୱାର ଭାଙ୍ଗି ଧାନ ଚାଉଳ ଖାଇବା ସହ ଘରୋଇ ଉପକରଣ ନଷ୍ଟ କରି ଦେଇଥିଲା। ହାତୀଟି ମଙ୍ଗଳବାର ରାତିରେ ବ୍ରାହ୍ମଣମରାଠାରୁ ୬ କିମି. ଦୂର ଦେଓଭୁବନପୁର ଗ୍ରାମକୁ ଚାଲିଆସିଥିଲା। ବିଶ୍ୱକର୍ମା ପୂଜା ଥିବାରୁ ଧରୋ ନିଜ ଘରକୁ ନ ଯାଇ ସାଧୁ ବାଘଙ୍କ ଘର ବାହାରେ ଶୋଇଥିଲେ। ହାତୀ ସେହି ରାସ୍ତା ଦେଇ ଯିବାବେଳେ ଧରୋଙ୍କୁ ଆକ୍ରମଣ କରି କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଚିତ୍କାର ଶୁଣି ଗ୍ରାମବାସୀ ହାତୀ ଘଉଡ଼ାଇ ଥିଲେ। ହାତୀ ଦେଓଭୁବନପୁର ଗ୍ରାମ ଅତିକ୍ରମ କରିବାବେଳେ ରାଜେନ୍ଦ୍ର ଖାଲଖୋ, ନାଗୁ ବାର୍ଲ୍ଲା, ଧରମ ପ୍ରଧାନଙ୍କ ଘର ଭାଙ୍ଗି ଦେଇଥିଲା। ଖବରପାଇ କିଞ୍ଜିରକେଲା ଫରେଷ୍ଟର ଅଶ୍ୱିନୀ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ବୁଧବାର ସକାଳେ କିଞ୍ଜିରକେଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଦେଓଭୁବନପୁର ସରପଞ୍ଚ ପାର୍ବତୀ ବାର୍ଲା, ତାଙ୍କ ସ୍ୱାମୀ ସଞ୍ଜୀବ କୁମାର ବାର୍ଲାଓ ସ୍ଥାନୀୟ ଗ୍ରାମବାସୀ ଦନ୍ତାହାତୀକୁ ଘଉଡାଇବା ପାଇଁ ପ୍ରୟାସ କରି ସଫଳ ହୋଇଥିଲେ। ମୃତକଙ୍କ ପରିବାରଙ୍କୁ ତୁରନ୍ତ ସରକାରୀ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଆକ୍ସିସ ବ୍ୟାଙ୍କ ଡକାୟତି ଘଟଣା

# ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଲା ପୋଲିସ

ବେଲପାହାଡ଼,୧୮।୯ (ଡି.ଏନ୍.ଏ.)
ଝାରସୁଗୁଡ଼ା ଜିଲା ବେଲପାହାଡ଼ ଆକ୍ସିସ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ଗିରଫ କରିଥିବା ନୀରଜ ଠାକୁର (୩୮)ଙ୍କୁ ୨ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି। ଗତ ମଙ୍ଗଳବାର ପୋଲିସ ଝାରସୁଗୁଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲା। କୋର୍ଟ ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ ।

ଗତ ୪ ତାରିଖରେ ବେଲପାହାଡ଼ ଗୁମାଡ଼େରାସ୍ଥିତ ଆକ୍ସିସ ବ୍ୟାଙ୍କରେ ୬ ଜଣ ଲୁଟେରା ୧୧ ଲକ୍ଷ ଟଙ୍କା ଲୁଟି ଏକ ସ୍କର୍ପିଓ ଗାଡ଼ିରେ ବିହାରକୁ ପଳାଇଥିଲେ। ଲୁଟେରାମାନଙ୍କୁ ଧରିବା ପାଇଁ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତିଙ୍କ ନିର୍ଦ୍ଦେଶରେ ଏକ ପୋଲିସ ଟିମ୍ ବିହାର ଯାଇଥିଲା। ସ୍ଥାନୀୟ ପୋଲିସର ସହାୟତାରେ ଝାରସୁଗୁଡ଼ା ପୋଲିସ ଅଭିଯୁକ୍ତ ନୀରଜଙ୍କୁ ସେଠାରୁ ଗିରଫ କରିଥିଲା। ପରେ ପଶ୍ଚିମ ମୁଜାଫରପୁର ଏସ୍‌ସିଜେଏମ୍‌ଙ୍କ କୋର୍ଟରେ ଅଭିଯୁକ୍ତ ନୀରଜଙ୍କୁ ହାଜର କରାଇଥିଲା। କୋର୍ଟରୁ ଆଦେଶ ପାଇଲା ପରେ ପୋଲିସ ଅଭିଯୁକ୍ତଙ୍କୁ ୩ ଦିନ ପାଇଁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଝାରସୁଗୁଡ଼ାକୁ ଆଣିଥିଲା। ଗତ ଶନିବାର ରିମାଣ୍ଡ ଅବଧି ପୂରିଲା ପରେ ବେଲପାହାଡ଼ ପୋଲିସ ତାଙ୍କୁ (ମାମଲା ନଂ ୧୪୫/୪.୯.୨୦୯ ଦଫା ୩୯୫ ଆଇପିସି ଆର୍/ଡ଼ବ୍ଲୁ ଓ ୨୫/୨୭ ଆର୍ମ୍ସ ଆକ୍ଟରେ) ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। କୋର୍ଟ ତାଙ୍କୁ ଜେଲ ହାଜତକୁ ପଠାଇଦେଇଥିଲେ। ଏବେ ବେଲପାହାଡ଼ ପୋଲିସ ନୀରଜଙ୍କୁ ୨ ଦିନ ପାଇଁ ରିମାଣ୍ଡରେ ଆଣି ବିଭିନ୍ନ ଦିଗରୁ ଡ଼କାୟତି ଯୋଜନାର ରହସ୍ୟ ଉନ୍ମୋଚନ ପାଇଁ ତଦନ୍ତ ଚଳାଇଛି। ଡକାୟତି ପୂର୍ବରୁ ଲୁଟେରା ଗ୍ୟାଙ୍ଗ ବେଲପାହାଡ଼ରେ ୨ ଦିନ ରହିଥିଲେ। ସେହି ସମୟରେ କୌଣସି ଏକ ହୋଟେଲରେ ଖିଆପିଆ କରିଥିଲେ। ଏପରି କି ଲୁଟେରାମାନେ ଏଠାରେ ରହୁଥିବା କେହି ଜଣେ ପରିଚିତ ବ୍ୟକ୍ତିଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ ବୋଲି ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ଏସଂକ୍ରାନ୍ତରେ ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରାଙ୍କୁ ପଚରା ଯିବାରୁ ଜଣେ ବ୍ୟକ୍ତି ଫେରାର୍ ରହିଛନ୍ତି। ତାଙ୍କୁ ଠାବ କରିବା ପାଇଁ ଉଦ୍ୟମ ଚାଲିଛି ବୋଲି କହିଛନ୍ତି।

# ଜଙ୍ଗଲ ଜମିରେ ସ୍କ୍ରାପ ବ୍ୟବସାୟ

## ଅବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପୋତି ହେଉଛି ଜଙ୍ଗଲ

ବେଲପାହାଡ଼,୧୮।୯ (ଡି.ଏନ୍.ଏ.)

ଏବେ ଝାରସୁଗୁଡ଼ା ଜିଲା ବେଲପାହାଡ଼ ବନାଞ୍ଚଳ ଅଧୀନ ଜାହାଜପଡ଼ା-ମାକରଚଟା ନିକଟ ବିଭିନ୍ନ ଜଙ୍ଗଲ ଜମିରେ ସ୍କ୍ରାପ ବ୍ୟବସାୟୀଙ୍କ ବେଆଇନ ବେପାର ଚାଲିଛି। ବ୍ୟବସାୟୀମାନେ ଜଙ୍ଗଲ ଜମିରେ ବେପରୁଆ ଭାବେ ଭଙ୍ଗାଦଦରା ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ଜମା କରୁଛନ୍ତି ଏବଂ ସେଠାରୁ ଗାଡ଼ି ଯୋଗେ ବିକ୍ରୟ କେନ୍ଦ୍ରକୁ ପଠାଉଛନ୍ତି। ଏପରି ବେଆଇନ କାର୍ଯ୍ୟ ଯୋଗୁ ଜଙ୍ଗଲରେ ବର୍ଷ ବର୍ଷ ଧରି ବହୁ ମାତ୍ରାରେ ଅବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟାଗ ପଡ଼ିରହି ପରିବେଶକୁ ଦୂଷିତ କରୁଛି। ପୂର୍ବରୁ ବେଆଇନ ମାଟି, ମୋରମ କାରବାର ଯୋଗୁ ଗୁମାଡ଼େରା ଜାହାଜପଡ଼ାରୁ ମାକରଚଟା ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଜଙ୍ଗଲ ଜମିର ଅନେକ ସ୍ଥାନରେ ଜଳାଶୟ ଭଳି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା । ଏବେ ସେହି ସ୍ଥାନ ସ୍କ୍ରାପ ବ୍ୟବସାୟୀଙ୍କ ଆଡ୍ଡାସ୍ଥଳ ପାଲଟିଛି। ବ୍ୟବସାୟୀମାନେ ସ୍ଥାନୀୟ କଳ କାରଖାନାରୁ କିଣୁଥିବା ବିଭିନ୍ନ ଭଙ୍ଗାଦଦରା ପଦାର୍ଥକୁ ଜଙ୍ଗଲ ଜମିରେ ଠୁଳ କରୁଛନ୍ତି। ପରେ ସେହି ଜିନିଷକୁ ବଛାବଛି କରିବା ପରେ ବସ୍ତାରେ ଭର୍ତ୍ତି କରି ବିକ୍ରୟ କେନ୍ଦ୍ର ଗୁଡ଼ିକୁ ପଠାଉଛନ୍ତି। ବଳକା ବିକ୍ରି ଅନୁପଯୁକ୍ତ ପ୍ଲାଷ୍ଟିକ୍ ବ୍ୟାଗ୍‌ଗୁଡ଼ିକୁ ଜଙ୍ଗଲରେ ପକାଇ ଦେଉଛନ୍ତି। ଏତାଦୃଶ କାର୍ଯ୍ୟ ଯୋଗୁ ଜଙ୍ଗଲ ଜମିର କେତେକ ସ୍ଥାନ ଫଟା ପ୍ଲାଷ୍ଟିକ ବ୍ୟାଗ୍ ଓ ରାସାୟନିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇପଡ଼ିଛି । ଶିଳ୍ପସଂସ୍ଥା ଓ ବ୍ୟବସାୟୀ ସ୍କ୍ରାପ ବେପାରରେ ମୋଟା ଲାଭ ଅର୍ଜନ କରିଚାଲିଥିବା ବେଳେ ଜଙ୍ଗଲ ମଧ୍ୟରେ ପ୍ରଦୂଷଣର ବିଷ ବୁଣି ଚାଲିଛନ୍ତି। ଏପରିକି ବର୍ଷ ବର୍ଷ ଧରି ଜଙ୍ଗଲ ଜମି ଓ ଜନବସତି ଅଞ୍ଚଳରେ ସ୍କ୍ରାପ ବ୍ୟବସାୟ ଚାଲିଥିଲେ ମଧ ଏଥିପ୍ରତି ଜଙ୍ଗଲ ଓ ପ୍ରଦୂଷଣ ବିଭାଗର ନଜର ପଡ଼ିପାରୁନି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସେହି ଅଞ୍ଚଳରେ ଘଞ୍ଚ ଜଙ୍ଗଲ ସୃଷ୍ଟି ପାଇଁ ପ୍ରତିବର୍ଷ ବହୁ ସଂଖ୍ୟାରେ ଚାରାରୋପଣ କରାଯାଉଛି। ଏସବୁର ସୁରକ୍ଷା ପାଇଁ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ଚାରାରୋପଣ ଏବଂ ଜନସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ଜନସାଧାରଣଙ୍କୁ ଉତ୍ସାହିତ କରୁଛନ୍ତି। ମାତ୍ର ଜଙ୍ଗଲ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଥିବା ପ୍ରଦୂଷଣ ସୃଷ୍ଟିକାରୀ ବେଆଇନ କାର୍ଯ୍ୟକୁ ନିୟନ୍ତ୍ରଣ କରିବାରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି । ଏସଂକ୍ରାନ୍ତରେ ବେଲପାହାଡ଼ ବନାଞ୍ଚଳ ଅଧିକାରୀ ସୁବାସ ମାହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଜଙ୍ଗଲ ଜମିରେ ପଡ଼ିଥିବା ଅବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟାଗ୍ ।

## ନବଜାତକ ମୃତ୍ୟୁକୁ ନେଇ ସୁନ୍ଦରଗଡ ଡାକ୍ତରଖାନାରେ ଉତ୍ତେଜନା

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ.)
ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ମାତୃ ଓ ଶିଶୁ କଲ୍ୟାଣ ବିଭାଗରେ ବୁଧବାର ଜଣେ ନବଜାତକ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଟାଙ୍ଗରପାଲି ବ୍ଲକ କୁଅଁରବଗା ଗ୍ରାମର ଜଣେ ମହିଳା ବୁଧବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଶିଶୁର ମୃତ୍ୟୁ ଘଟିଥିଲା। ଡାକ୍ତରଙ୍କ ଅବହେଳାରୁ ଶିଶୁର ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଅଭିଯୋଗକରି ପାଟିତୁଣ୍ଡ କରିଥିଲେ। ଖବରପାଇ ସ୍ଥାନୀୟ ବିଧାୟିକା କୁସୁମ ଟେଟେ ଡାକ୍ତରଖାନାରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପଙ୍କଜ କୁମାର ପଟେଲଙ୍କ ସହିତ ଆଲୋଚନା କରି ଭବିଷ୍ୟତରେ ଯେଭଳି ଏପରି ଘଟଣା ନ ଘଟେ ସେଦିଗରେ ଡାକ୍ତରମାନେ ଯତ୍ନବାନ୍ ହେବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷେ ଶିଶୁ ଜନ୍ମ ହେବା ପରେ ଜଟିଳ ହୃଦସମସ୍ୟା ଥିବାରୁ ତାର ମୃତ୍ୟୁ ଘଟିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଟେଲ ପ୍ରକାଶ କରିଛନ୍ତି।

# ଜୀବିତ ମହିଳାଙ୍କୁ ମୃତ ଦର୍ଶାଇ ପୈତୃକ ସମ୍ପତ୍ତି ବିକ୍ରି

ବରଗଡ଼ ଅଫିସ୍,୧୮।୯
ବରଗଡ଼ ଜିଲା ଭେଡ଼େନ ତହସିଲ ଅନ୍ତର୍ଗତ ରୁଷୁଡ଼ା ଗ୍ରାମରେ ଜମି ଜାଲିଆତି ଘଟଣା ପଦାକୁ ଆସିଛି। ଏଠାରେ ଜଣେ ବିବାହିତା ମହିଳାଙ୍କୁ ମୃତ ଦର୍ଶାଇ ତାଙ୍କ ପୈତୃକ ସମ୍ପତ୍ତିକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା ଭେଡ଼େନ ଥାନା ଓ ତହସିଲଦାରଙ୍କଠାରେ ଅଭିଯୋଗ କରିଛନ୍ତି। ମାତ୍ର କୌଣସି ସୁଫଳ ନ ମିଳିବାରୁ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ବରଗଡ଼ ଉପଜିଲାପାଳଙ୍କୁ ଫେରାଦ ହୋଇଥିବା ସୂଚନା ମିଳିଛି। ଏହି ଜାଲିଆତି ଘଟଣାରେ କିଛି ବିଭାଗୀୟ ଅଧିକାରୀଙ୍କ ହାତ ରହିଥିବା ସମ୍ପୃକ୍ତ ମହିଳା ଜଣକ ଅଭିଯୋଗ କରିଛନ୍ତି।


ତପ ମହାପାତ୍ର, (ଜୀବିତ ମହିଳା)

ପ୍ରକାଶ ଯେ, ରୁଷୁଡ଼ା ଗ୍ରାମର ସ୍ୱର୍ଗତ ଦଶରଥ ମହାପାତ୍ର ଓ ସ୍ୱର୍ଗତା ମାଧବୀ ମହାପାତ୍ରଙ୍କ ୪ ଝିଅ ନୁରା, ଅନୁରୀ, ତପ ଏବଂ ଅସର୍ପି। ସମସ୍ତେ ବିବାହିତା। ନୁରା ଅତାବିରା ଥାନା ସୋର୍ଣ୍ଣା, ଅନୁରୀ ବଲାଙ୍ଗୀର ଜିଲା କଅଗାଁ, ତପ ବରଗଡ଼ ସଦର ଥାନା ତୁରୁଙ୍ଗା(ସୟାଁ) ଏବଂ ଅସର୍ପି ବିନିକା ଥାନା ଚର୍ଦା ଗ୍ରାମରେ ବିବାହ କରିଛନ୍ତି। ଇତିମଧ୍ୟରେ ଅସର୍ପିଙ୍କ ଦେହାନ୍ତ ହୋଇସାରିଥିବା ବେଳେ ଅନ୍ୟ ୩ ଭଉଣୀ ଜୀବିତ ଅଛନ୍ତି। ତେବେ ଜୀବିତ ଥିବା ତପଙ୍କୁ ମୃତ ଦର୍ଶାଇବା ସହିତ ମୃତ୍ୟୁ ପ୍ରମାଣପତ୍ର ବାହାର କରିଆଣି ତାଙ୍କ ପୈତୃକ ସମ୍ପତ୍ତି ୨ଏକର ୩୭ ଡେସିମିଲ ଅନ୍ୟ ଜଣଙ୍କ ପାଖରେ ବିକ୍ରି କରି ହୋଇଥିବା ତପ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ତାଙ୍କ ମା’ଙ୍କ ମୃତ୍ୟୁ ପ୍ରମାଣପତ୍ରକୁ ମଧ୍ୟ ଜାଲିଆତି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଗତ ୨୦୧୩ ନଭେମ୍ବର ୨୯ତାରିଖରେ ତାଙ୍କ ମା’ ମାଧବୀଙ୍କ ଦେହାନ୍ତ ହୋଇଥିଲା ଏବଂ ଅତାବିରା (ପାହାଡ଼ଶ୍ରୀଗିଡ଼ା) ସିଏଚ୍‌ସିରେ ପଞ୍ଜୀକରଣ ହେବା ସହିତ ସେ ନେଇ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ରହିଛି। ମାତ୍ର ମାଧବୀଙ୍କ ନାମରେ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇ ପୈତୃକ ସମ୍ପତ୍ତିକୁ ବିକ୍ରି କରି ଦିଆଯାଇଥିବା ତପ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଉପଜିଲାପାଳଙ୍କୁ ନିବେଦନ କରିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୯ ସେପ୍ଟେମ୍ବର, ୨୦୧୯



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଭାରତ ବିକାଶ ପରିଷଦ ବୈଠକ

**ବରଗଡ଼ ଅଫିସ୍,୧୮।୯:** ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ)ରେ ଭାରତ ବିକାଶ ପରିଷଦ ବରଗଡ଼ ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷଦ ସଭାପତି ସୁରେନ୍ଦ୍ର ମୋହନ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାମୂହିକ ଭାବେ ବନ୍ଦେ ମାତରଂ ଗାନ କରାଯାଇଥିଲା । ଜାତୀୟ ଚେୟାରମ୍ୟାନ ପ୍ରମୋଦ କୁମାର ଆମବସ୍ତା, ପ୍ରାନ୍ତୀୟ ଉପସଭାପତି ସୁଦର୍ଶନ ପୂଜାରୀ, ପ୍ରାନ୍ତୀୟ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସେବା ପ୍ରମୁଖ ସୌମେନ୍ଦ୍ର ଦାସ ପ୍ରମୁଖ ବୈଠକରେ ଯୋଗଦେଇ ସଙ୍ଗଠନର ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ । ସଭ୍ୟ ରାଜେନ୍ଦ୍ର ହୋତା, ମହେଶ୍ୱର ପାଣ୍ଡେ, ସନ୍ତୋଷ କୁମାର ପଣ୍ଡା, ସତ୍ୟନାରାୟଣ ଦାଶ, ଦୁର୍ଗାପ୍ରସାଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ପେରିୟର ରାମସ୍ୱାମୀଙ୍କ ଜୟନ୍ତୀ ପାଳନ

**ବରଗଡ଼ ଅଫିସ୍,୧୮।୯:** ବରଗଡ଼ ସହରର ୱାର୍ଡ଼ ନଂ-୧୮ସ୍ଥିତ ବୁଦ୍ଧ ବିହାରରେ ମଙ୍ଗଳବାର ଡଃ ଆମ୍ବେଦକର ଯୁବା ସଂଘ, ବରଗଡ଼ ଜିଲା ପକ୍ଷରୁ ପେରିୟର ରାମସ୍ୱାମୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ସଂଘର ସଭାପତି ସୁରେନ୍ଦ୍ର କୁମାର ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପେରିୟର ରାମସ୍ୱାମୀଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ମନବୋଧ କୁମ୍ଭାର, ଅଭୟ ସାମଲ, ଗୋବିନ୍ଦ ସୁନା, ଟିକେଶ୍ୱର ସୁନା, ହରି ନାରାୟଣ ଦୀପ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ସିଦ୍ଧାର୍ଥ କଲେଜରେ ଶିଳ୍ପ ସଚେତନତା କାର୍ଯ୍ୟକ୍ରମ

**ବିନିକା,୧୮।୯(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଜୁନିୟର କଲେଜ ସଭାଗୃହରେ ବୁଧବାର ଶିଳ୍ପ ଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିଳ୍ପକେନ୍ଦ୍ର ସୋନପୁର ଓ ଶିଳ୍ପ ନିର୍ଦ୍ଦେଶାଳୟ କଟକ ସୌଜନ୍ୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିନିକା ସିଦ୍ଧାର୍ଥ ଜୁନିୟର କଲେଜ ଅଧକ୍ଷ ଶିବଶଙ୍କର ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ବଳଭଦ୍ର ନାୟକ, ଅଧାପିକା ରେଖା ପଧାନ, ଉଦ୍ୟୋଗୀ ମୁର୍ତାଜ ପଣ୍ଡା, ବିନିକା ଶିଳ୍ପ ବିକାଶ ଅଧିକାରୀ ଅଭିଶେକ ଚୌଧୁରୀ ପ୍ରମୁଖ ଯୋଗଦାନ କରିଥିଲେ । ଅତିଥିମାନେ ଶିଳ୍ପର ବିକାଶ ଆଧାରିତ ବିଭିନ୍ନ ଦିଗ ଉପରେ ସଚେତନ ହେବାକୁ ଦିଗଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୨୦ଜଣ ଶିଳ୍ପକ୍ଷେତ୍ରରେ ପାରଦର୍ଶିତା ଦେଖାଇବାକୁ ଇଚ୍ଛୁକ ଥିବା ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ ।

ଚୂଡ଼ାଖାଇ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

# ଲୁକ୍କାୟିତ କଳା ସଂସ୍କୃତିର ପୁନରୁଦ୍ଧାର ମୂଳଲକ୍ଷ୍ୟ

**ତରଭା, ୧୮।୯(ଡି.ଏନ.ଏ.)**



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ଓ ଅଞ୍ଚଳବାସୀ।

ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ଐତିହ୍ୟ ସମ୍ପନ୍ନ ଚୂଡ଼ାଖାଇ ପାହାଡ଼ରେ ଆଗାମୀ ଅକ୍ଟୋବର ୧୦ତାରିଖରେ ଆରମ୍ଭ ହେବାକୁ ଥିବା ତିନିଦିନିଆ ଚୂଡ଼ାଖାଇ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପାହାଡ଼ ଉପର ଝରଣା ନିକଟରେ ଅନୁଷ୍ଠିତ ବୈଠକରେ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ୨୫୭ ନମ୍ବର ତାଲିକାରେ ରହିଥିବା ଚୂଡ଼ାଖାଇ ସାମିଲ ହୋଇଥିବାରୁ ପାହାଡ଼ ଉପରେ ଥିବା ଚୂଡ଼ାଖାଇ ଦେବୀଙ୍କ ଯାନିଯାତ୍ରା ମହାସମାରୋହରେ ପାଳନ କରିବା ପାଇଁ ସ୍ଥିର ହୋଇଥିଲା। ସରଗଜ ସରପଞ୍ଚ ଦଶରଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ବିଡିଓ ନିହାର ରଞ୍ଜନ କହଁର, ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା, ଆଇଆଇସି ଡୋଳାମଣି ଭୋଇ, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ ଯୋଗଦେଇ ସ୍ୱମତ ରଖିଥିଲେ। ବିଡିଓ କହଁର କହିଥିଲେ ଯେ, ଅକ୍ଟୋବର ୧୦ ଓ ୧୧ ଦୁଇଦିନ ପୂର୍ବାହ୍ନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ଏହି ପାହାଡ଼ର ପୁରାତନ ଐତିହ୍ୟ ଓ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ପରେ ପ୍ରସାଦ ସେବନ ଓ ଅଞ୍ଚଳର ବିଭିନ୍ନ ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା । ଉଭୟ ସନ୍ଧ୍ୟାରେ ଜିଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୨ ତାରିଖ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଲଙ୍ଗଳ, ଟେରାକୋଟା ପ୍ରଭୃତି ଜିନିଷର ପ୍ରଦର୍ଶନୀ ଅପରାହ୍ନ ୩ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ହେବ। ସନ୍ଧ୍ୟା ୬ଟା ପରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ଆମନ୍ତ୍ରିତ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ପରେ ଜିଲା ତଥା, ରାଜ୍ୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୀନାବଜାର ବସାଇବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା । ଲୁକ୍କାୟିତ କଳା ସଂସ୍କୃତିର ପୁନରୁଦ୍ଧାର ଓ ଆଢୁଆଳରେ ରହିଯାଇଥିବା ବିଭିନ୍ନ କଳାକାରମାନଙ୍କୁ ସୁଯୋଗ ଦେବା ଏହି ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚୂଡ଼ାଖାଇ ପୀଠର ମୁଖ୍ୟ ପୂଜକ ଅଭେଲ କୁଅଁର, ମନୋଜ ଝାଙ୍କର, ଗଣେଶ୍ୱର ଝାଙ୍କର, ଶମ୍ଭୁପ୍ରସାଦ ଝାଙ୍କର, ବରୁଆ ତ୍ରିଲୋଚନ କଅଁର ଓ ହର ଝାଙ୍କରଙ୍କ ସହ ଅଧାପକ ଗୋପାଳ ଚରଣ ମିଶ୍ର, ସୁରେନ୍ଦ୍ର ଛତ୍ରିଆ, କପୁରଚନ୍ଦ ଭୋଇ, ଗଦିଦାର କୁଅଁର, ଅଶ୍ୱିନୀ ବିଶି, ଡୁଲୁଣ୍ଡା ସରପଞ୍ଚ ଦୟାନିଧି ସୁନା, ଦୁବୁଲା ବିଶେଶ୍ୱର ସାହୁ, ଶିବପ୍ରସାଦ କୁଅଁର, ପୁଆ ସମିତି ସଭ୍ୟ ହେମନ୍ତ ମାଝୀ, କୃପାସିନ୍ଧୁ ମିଶ୍ର, ଭବାନୀ ଶଙ୍କର ମିଶ୍ର, ପ୍ରକାଶ ହରିପାଲ,ଅକ୍ଷୟ ସାହୁଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

# ‘ସାରା ବିଶ୍ୱ ପାଇଁ ପ୍ଲାଷ୍ଟିକ୍ ବିପଦ’

**ସୋନପୁର,୧୮।୯(ନି.ପ୍ର.)**

ସାରା ବିଶ୍ୱ ପାଇଁ ପ୍ଲାଷ୍ଟିକ୍ ବିପଦ। ଥରେ ମାତ୍ର ବ୍ୟବହାର ହେଉଥିବା ୫୦ ମାଇକ୍ରନ୍ ମୋଟେଇରୁ କମ୍ ପଲିଥିନ ଓ ପ୍ଲାଷ୍ଟିକ୍ ପରମାଣୁ ବୋମା ଠାରୁ ମଧ ଭୟଙ୍କର। ତେଣୁ ପ୍ଲାଷ୍ଟିକ୍ ଓ ପଲିଥିନକୁ ବର୍ଜନ କରିବା ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏକ ସଚେତନତା କାର୍ଯ୍ୟକ୍ରମରେ ଆହ୍ୱାନ ଦେଇଛନ୍ତି। ଭରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସେବା ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଅବସରରେ ସୋନପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ, ପ୍ଲାଷ୍ଟିକ୍ ମୁକ୍ତ ଭାରତ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଥିଲା। ଏମ୍‌ପି ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପ୍ଲାଷ୍ଟିକ୍ ମୁକ୍ତ ଭାରତ ଗଠନ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଭାରତ ଅଭିଯାନର ଏକ ଅଂଶବିଶେଷ। ଭବିଷ୍ୟତ ପୀଢି ପାଇଁ ଛାତ୍ରୀମାନେ ସ୍ୱଚ୍ଛତା ଅବଲମ୍ବନ ସହ ପରିବେଶକୁ କ୍ଷତି ପହଞ୍ଚାଉ ଥିବା ପଲିଥିନ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମହାବିଦ୍ୟାଳୟ ଅଧକ୍ଷା ବୈଜୟନ୍ତୀ ନାୟକ, ପ୍ରାକ୍ତନ ନଗରପାଳ ପ୍ରମୋଦ ମହାପାତ୍ର, ଭାଜପାର ବରିଷ୍ଠ ନେତା ଅଶୋକ ପୂଜାରୀ, ଜିଲା ସଭାପତି ବିଜୟ ମହାକୁର, ଶିବାଜୀ ମହାନ୍ତି, ପ୍ରଦୀପ ବଂଶଲ, ସେବା ସପ୍ତାହ କାର୍ଯ୍ୟକ୍ରମର ଜିଲା ପ୍ରମୁଖ ରାମଶଙ୍କର ଭୋଇ ଓ ନଳିନୀ ପଣ୍ଡା ପ୍ରମୁଖ ଯୋଗଦେଇ ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ଉପରେ କିଭଳି କୁପ୍ରଭାବ ପକାଉଛି ଉପସ୍ଥିତ ଛାତ୍ରୀମାନଙ୍କୁ ବୁଝାଇଥିଲେ। ଇଂଲିଶ ବିଭାଗ ଅଧାପକ ମଦନ ସୁନ୍ଦର ଖେତି ସଭାକୁ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ସଚେତନତା କାର୍ଯ୍ୟକ୍ରମରେ ଏମ୍‌ପି ସଙ୍ଗୀତା ସିଂଦେଓ, କଲେଜର ଅଧକ୍ଷା ଓ ନେତୃବୃନ୍ଦ ।

# ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ

**ବଲାଙ୍ଗୀର ଅଫିସ,୧୮।୯**

ବଲାଙ୍ଗୀର ପୂର୍ତ୍ତବିଭାଗ ପକ୍ଷରୁ ବୁଧବାର ସହରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପୂର୍ତ୍ତବିଭାଗର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଏକ ଶୋଭାଯାତ୍ରାରେ ବାହାରି ସଚେତନତା ବାର୍ତ୍ତା ଦେବା ସହ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଭାଗିରଥି ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ, ସରକାରୀ ବସ୍‌ଷ୍ଟାଣ୍ଡ, ପାଟଣାହୋଟେଲ ଛକ, ସମଲେଶ୍ୱରୀ ମନ୍ଦିର ଦେଇ ସହର ପରିକ୍ରମା କରିଥିଲା। ଏହି ଅବସରରେ ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀମାନେ ସହରର ରାସ୍ତା ପାର୍ଶ୍ୱ ସହ ଡ୍ରେନ୍ ସଫା କରି ଲୋକଙ୍କୁ ସଚେତନ କରାଯାଇଥିଲେ। ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଉମେଶଚନ୍ଦ୍ର ମିଶ୍ର, ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ଏସ୍‌ଡିଓ ଉମେଶ ତ୍ରିପାଠୀ, ସମସ୍ତ ଯନ୍ତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ସହରର ଅନ୍ୟ ଅଞ୍ଚଳରେ ମଧ ଏହି ସଫେଇ ଅଭିଯାନ ଜାରି ରହିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି।

# ପଲିଥିନ ବର୍ଜନ, ଜଳ ସଂରକ୍ଷଣ କର୍ମଶାଳା

**ଲୋଇସିଂହା,୧୮।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ପଲିଥିନ ବର୍ଜନ ଏବଂ ଜଳ ସଂରକ୍ଷଣ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସଭାରେ ଅଧ୍ୟକ୍ଷ ତ୍ରିବିକ୍ରମ ଦାସ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଏବଂ କର୍ମଶାଳର ଉଦ୍ଦେଶ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ବକ୍ତବ୍ୟରେ କହିଥିଲେ, ପଲିଥିନ ଓ ପ୍ଲାଷ୍ଟିକ ୭୯ ପ୍ରତିଶତ ପ୍ରଦୂଷଣ ବଢାଇଛି। ଏନେଇ ସରକାର ଅକ୍ଟୋବର ୨ତାରିଖରୁ ରାଜ୍ୟରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇବାକୁ ଯାଉଛନ୍ତି। ୨୦୨୨ ସୁଦ୍ଧା ପଲିଥିନ ପ୍ରକ୍ରିୟାକରଣ ଓ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ସରକାର ଚେଷ୍ଟିତ ଥିବା ସୂଚନା ଦେଇଥିଲେ। ବିଧାୟକ ମହାଲିଙ୍ଗ ପ୍ରସ୍ତର ଯୁଗର ମଣିଷ ଏବଂ ପ୍ଲାଷ୍ଟିକ ଯୁଗର ମଣିଷ ମଧ୍ୟରେ ଥିବା ପ୍ରଭେଦ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟପକ୍ଷେ ଜଳର ଅପବ୍ୟବହାର ବୃଦ୍ଧିକୁ ନେଇ ବିଧାୟକ ଚିନ୍ତା ପ୍ରକଟ କରିଥିଲେ। ପାରମ୍ପରିକ ଜଳ ଉତ୍ସଗୁଡିକରେ ଡ୍ରେନ ଓ ଶୌଚାଳୟ ପାଣି ମିଶ୍ରଣ ଦ୍ୱାରା ଜଳ ପ୍ରଦୂଷଣ ବୃଦ୍ଧି ପାଉଥିବା କହିଥିଲେ। ପାନୀୟ ଭାବେ ବ୍ୟବହାର କରାଯାଉଥିବା ପାଣି ବର୍ତ୍ତମାନ ୮୦ ପ୍ରତିଶତ ସି ବର୍ଗର ପାଣିଥିବା ଏକ ସର୍ବେକ୍ଷଣରୁ ଜଣାପଡିଥିବା କହିଥିଲେ। ପାନୀୟ ଜଳ ସମସ୍ୟା ଦୂରିଭୂତ ପାଇଁ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର

# ସମନ୍ୱିତ ଭୂମିକା ନିର୍ବାହରୁ ସମୃଦ୍ଧି ଆସେ

**ବଲାଙ୍ଗୀର ଅଫିସ, ୧୮।୯**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ସାମ୍ବାଦିକ ଭବନଠାରେ ପଛୁଆ ଅଞ୍ଚଳ ପାଇଁ ଦାୟୀ କିଏ ଶାସକ ନା ପ୍ରଶାସକ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚିକା ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗ ଦେଇଥିଲେ। ଏମ୍‌ପି ଷଡଙ୍ଗୀ ବକ୍ତବ୍ୟରେ ଯେକୌଣସି ଅଞ୍ଚଳର ସମୃଦ୍ଧି ପାଇଁ ଶାସକ, ପ୍ରଶାସକ ଓ ଜନସାଧାରଣଙ୍କ ଭିତରେ ଉତ୍ତମ ସମନ୍ୱୟ ଆବଶ୍ୟକ ବୋଲି କହିଥିଲେ। ମାଲେସିଆ, ସିଂହାପୁର ଓ ଚୀନ୍‌ର ଲୋକପ୍ରିୟ ଶାସକଙ୍କ ସମୃଦ୍ଧ ଦେଶ ଗଠନ ପଛରେ ରହିଥିବା ନିଷ୍ଠା, ନିରନ୍ତର ପ୍ରୟାସ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ କହିଥିଲେ। ଓଡ଼ିଶାରେ ପ୍ରଚୁର ପ୍ରାକୃତିକ ସମ୍ପଦ, ସାମୁଦ୍ରିକ ତଟ, ଉଦ୍ୟମୀମାନବ ସଂସାଧନ ରହିଛି। ବିକାଶ ପାଇଁ ସମସ୍ତ ମାର୍ଗ ଖୋଲା ରହିଛି। କେବଳ ଶାସକ, ପ୍ରଶାସକ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାର ଦାରିଦ୍ର୍ୟ ସମ୍ପର୍କରେ ସୂଚନା ଦେଇ ବର୍ତ୍ତମାନ ୬୭ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କହିଥିଲେ। ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ, କୃଷିର ଉନ୍ନତି କରିବାକୁ ହେବ ବୋଲି ସେ କହିଥିଲେ। ବଲାଙ୍ଗୀର ସହରର ପରିମଳ ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ନାଗରିକ ସମାଜ ଓ ପ୍ରଶାସକମାନେ ଏହି ଦିଗରେ ବିଶେଷ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଜୋର ଦେଇଥିଲେ। ଆଲୋଚନାଚକ୍ରରେ ମନୋରଞ୍ଜନ ଯୋଷୀ ସଂଯୋଜନା କରିଥିଲେ। ସଭାରେ ଏମ୍‌ପି ଷଡଙ୍ଗୀଙ୍କୁ ଜିଲା ସାମ୍ବାଦିକ ସଂଘ ସହ ଲଳିତ କୁମାର ନାୟକ, ରାଧାରାଣୀ ସାଂସ୍କୃତିକ ପରିଷଦ, ନାଗରିକ ସଂଘ ପକ୍ଷରୁ ଗୁରୁଶ୍ରୀ ଡ. ଘାସୀରାମ ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ, ଜିଲା କ୍ରୀଡ଼ା ସଂଘ, କୋଶଳ ପ୍ରବାହ ପରିବାର, ମହିଳା କ୍ରିକେଟ୍ ଆସୋସିଏଶନ୍, ଗୁଡ଼ୁଡ଼ିପଡ଼ା ଦୁର୍ଗାପୂଜା କମିଟି, ସାଇଟ୍ ପକ୍ଷରୁ ଡ. ଶ୍ରୀକର ମିଶ୍ର, ଜିଲା ଓକିଲ ସଂଘ, ମଣ୍ଟେସୋରୀ ପବ୍ଲିକ୍ ସ୍କୁଲ୍, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍, ଭୂମିକା ପରିବାର, ରଚନା, ରୋଟାରୀ ଇଲିଟ୍, ବଲାଙ୍ଗୀର ନାଗରିକ କମିଟି, ସିଭିଲ୍ ସୋସାଇଟି, ରସରାଜ ଅଚ୍ୟୁତ୍ ପୁରୋହିତ, ବାପ୍‌ଟିଷ୍ଟ ଚର୍ଚ୍ଚ, ଜିଲା ବଣିକ ସଂଘ, କୁବେର ଯୁବାମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରେନ୍ଦ୍ର ଝାଙ୍କର ସ୍ୱାଗତ ବକ୍ତବ୍ୟ ଓ ସାଧାରଣ ସମ୍ପାଦକ ବଳରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସହରର ବହୁ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।


FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 134 of 2019
BANK OF INDIA, Berhampur Branch, Berhampur ............Applicant
Versus
Sri Dhirendra Kumar Sethi & another ..........Defendants
To,
1. **Sri Dhirendra Kumar Sethi**, S/o: Bhikari Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .
2. **Mrs Puspa Sethi**, W/o: Dhirendra Kumar Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No 134 of 2019** in the court of the Debts Recovery Tribunal, Cuttack for recovery of **Rs.15,31,900/-** only together with current and future interest, costs and other reliefs. The above referred defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on **07.11.2019** at **10.30** a.m as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 17th day of SEPTEMBER, 2019 .
Sd/-
REGISTRAR
(M. K. PATNAIK)



GOVERNMENT OF ODISHA
Office of the Project Administrator,
ITDA, Th.Rampur at - Bhawanipatna
e-Procurement Notice

**Letter No.1391** **Date: 17.09.19**

The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website **www.tendersodisha.gov.in.** The bidder should have necessary portal enrolment with his / her own Digital Signature Certificate (DSC).

1. No. of works: 15.
2. Nature of work : Civil construction
3. BID identification No. : ITDA,THR/01/2019-20
4. Date and Time of availability of Bid document in portal: from 10.00 A.M. of 20.09.2019 to 01.10.2019 up to 5.00 PM for online biding.
5. Last date & time for receipt of BIDs in portal: 01.10.2019 up-to 5.00 P.M.
6. BIDs received online shall be opened on: 04.10.2019 at 11.00 A.M.
7. Name and address of the officer : Project Administrator, ITDA, Th. Rampur at Bhawanipatna

**Sd./- Project Administrator**
**ITDA, Th. Rampur,**
**Bhawanipatna**



No. 42-F:

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ପୋକ ଓ ଆବାଦୀ ଜମିରେ ନ୍ୟାୟସଙ୍ଗତ ଭାବରେ ବସବାସ କରୁଥିବା ଲୋକଙ୍କ ପାଇଁ ବିଶେଷ ସୂଚନା**

**ଜମି ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ବୃଦ୍ଧି**

ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ପୋକ କିମ୍ବା ଆବାଦୀ ଜମିରେ ଯଦି ଆପଣ ତା୨୬ ଫେବୃୟାରୀ, ୨୦୦୬ରିଖ ପୂର୍ବରୁ ଆଇନାନୁମୋଦିତ ଭାବେ ବାସ କରୁଥିବେ, ତେବେ ଆପଣ ଏହି ଜମିକୁ ନିଜ ନାମରେ ରୟତି ସ୍ୱତ୍ୱରେ ରେକର୍ଡ କରିପାରିବେ। ଏହାଦ୍ୱାରା ପୁରୁଷାନୁକ୍ରମିକ ଭାବରେ ବିନା ବାଧାରେ ଭୋଗ କରିପାରିବେ ଓ ଜମି ହସ୍ତାନ୍ତରଯୋଗ୍ୟ ହୋଇପାରିବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାର ଉପରୋକ୍ତ କିସମର ଜମିର ରୟତି ସ୍ୱତ୍ୱରେ ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ତା୩୧ ମାର୍ଚ୍ଚ, ୨୦୨୦ରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

**ଆବେଦନ ଫର୍ମ, ଯୋଗ୍ୟତା ଓ ସମ୍ପୂର୍ଣ୍ଣ ପ୍ରଣାଳୀ ଜାଣିବା ପାଇଁ ଆପଣଙ୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବା ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।**

24001/11/0153/1920



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ନବବିବାହିତ ମହିଳାଙ୍କ ଆତ୍ମହତ୍ୟା

**ପାଇକମାଲ, ୧୮।୯ (ଡି.ଏନ.ଏ):** ପାଇକମାଲ ଥାନା ଟେମରି ଗ୍ରାମର ଜଣେ ବିବାହିତା ମହିଳା ନିଜ ବାପ ଘରେ ରଶି ଲଗାଇ ବୁଧବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତା ମହିଳା ହେଲେ ରଶ୍ମି ସାହୁ (୨୨) । ରଶ୍ମି ଗତ ଦୁଇ ମାସ ତଳେ ଅତାବିରା ଥାନା ଅଧୀନ ରେଙ୍ଗାଲିପାଲି ଗ୍ରାମରେ ବିବାହ କରିଥିଲେ। ଗତ ୩ ଦିନ ତଳେ ସେ ନିଜ ବାପ ଘର ଟେମରିକୁ ଆସିଥିଲେ । ପାଇକମାଲ ପୋଲିସ ଏ ନେଇ ଏକ ମାମଲା (ନଂ.୧୭୦/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମା ପୂଜା

**ଭେଡ଼େନ,୧୮।୯(ଡ଼ି.ଏନ.ଏ):** ଭେଡ଼େନ ବ୍ଲକର ବିଭିନ୍ନ ଶିଳ୍ପାନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଭେଡ଼େନ ଡ୍ରାଇଭର ଆସୋସିଏଶନ, ଟ୍ରେକର ଷ୍ଟାଣ୍ଡ, ଟ୍ରଲି ଚାଳକ ସଂଘ ତରଫରୁ ସୁସଜ୍ଜିତ ପୂଜା ମଣ୍ଡପରେ ବିଶ୍ୱକର୍ମା ପୂଜା ପାଇଥିଲେ । ସେହିପରି ଖାନସମା କଟା, ଥୁଆପାଲି, ଖୁଣ୍ଟଲିପାଲି ବିଦ୍ୟୁତ ଗ୍ରୀଡ଼, କେନାଲ କଲୋନୀ, ବିଭିନ୍ନ ରାଇସ ମିଲ, ଜଳ ଯୋଗାଣ କେନ୍ଦ୍ରରେ ମଧ ଏହି ପୂଜା ହୋଇଥିଲା। ଭେଡ଼େନ ଦୁଇମୁହାଣି ସ୍ଥିତ ଆଇଟିଆଇ କଲେଜରେ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ଅଏଁଲାକଟା ଠାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ

**ଜାମଟିକ୍ରା, ୧୮।୯ (ଡି.ଏନ.ଏ):** ଅତାବିରା ଉଚ୍ଚ ବାଳକ ପ୍ରାଥମିକ ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀଙ୍କ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବିନାରାୟଣ ମିଶ୍ର ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଚକ୍ଷୁ ବିଶେଷଜ୍ଞ ନିତ୍ୟାନନ୍ଦ ମହାପାତ୍ର, କେଶବ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ଦାଶ ଚକ୍ଷୁ ପରୀକ୍ଷା କରିଥିଲେ । ଡା. ଯଯାତି କେଶରୀ ରାଉତ, ଡା. ସୀମା ନନ୍ଦ, ଫାର୍ମାସିଷ୍ଟ କେଦାର ମିଶ୍ର, ଷ୍ଟାଫ ନର୍ସ ରେଣୁକା ବାଗ ପ୍ରମୁଖ ସହଯୋଗ କରିଥିଲେ ।

### ମାଣ୍ଡୋସିଲ ଉଚ୍ଚ ମାଧମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

**ପାଇକମାଳ, ୧୮।୯(ଡି.ଏନ.ଏ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବୁଧବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅଧାପକ ରବୀନ୍ଦ୍ର କୁମାର ଶତପଥି, ଅଧାପିକା ସୁଲୋଚନା ସାହୁ, ତେଜରାଜ ସାହୁ, ହିପନ କୁମାର ସାହୁ, ବୈବସ୍ୱତ ପଧାନ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚଳିତ ବର୍ଷ ନୂତନ ଭାବେ ଅଧୟନରତ ଛାତ୍ରୀଛାତ୍ରମାନଙ୍କୁ ପୁରାତନ ଛାତ୍ରୀଛାତ୍ର ସ୍ୱାଗତ କରିବା ସହ ଫୁଲ ଚନ୍ଦନ ଦେଇଥିଲେ । ଅନାମିକା ସାହୁ, ମହମ୍ମଦ ସାହିଦ, ପ୍ରେମ କୁମାର ସାହୁ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ସବୁଜ ବାହିନୀ କଲା ବୃକ୍ଷରୋପଣ

**ପାଇକମାଳ, ୧୮।୯(ଡି.ଏନ.ଏ):** ପାଇକମାଳ ବ୍ଲକ ଜାମସେଠ ହାଇସ୍କୁଲ ପରିସରରେ ବିଜୁ ବାହିନୀ ଓ ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ବିଡିଓ ସଦାଶିବ ନାୟକ, ସରପଞ୍ଚ ରମ୍ଭା ତାଣ୍ଡି, ପ୍ରଧାନଶିକ୍ଷକ ଗୋପାଳ ବେହେରା, ରତ୍ନାକର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ୱ ଉପରେ ଆଲୋକପାତ କରିଥିଲେ । ବିଜୁ ଯୁବ ବାହିନୀ ସଭାପତି ମଦନ ଭୋଇ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଜୁ ଯୁବବାହିନୀ ଓ ସବୁଜ ବାହିନୀର କର୍ମକର୍ତ୍ତାମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଶରତ ତାଣ୍ଡି, କୈଳାଶ ହଂସ, ନନ୍ଦ ମାଝୀ, ଭକ୍ତବନ୍ଧୁ ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ନରୋତ୍ତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ■ ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦ ଆନ୍ଦୋଳନ ତେଜିଲା
# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୮।୯**



ଜିଲାପାଳ ଅଫିସ ଆଗରେ ବୁଗବୁଗା ଗ୍ରାମବାସୀଙ୍କ ଧାରଣା ।

- ■ନିଜ ଦୋଷ ଲୁଚାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଆଳ
- ■ଜନ ପ୍ରତିନିଧିଙ୍କ ଉପରେ ଲୋକଙ୍କ ବିକ୍ଷୋଭସଦ୍‌ଗାର
- ■ସଂଗ୍ରାମୀ ଗୀତ ଗାଇ କଲେ ଅଭିନବ ପ୍ରତିବାଦ
- ■ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦ ଘଟଣାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ବୁଗବୁଗା ସମେତ ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ ବରଗଡ଼ ଜିଲାପାଳ ଅଫିସ ଆଗକୁ ଆସି ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦକୁ ପ୍ରତ୍ୟାହାର କରିବା ଦାବିରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆସନ୍ତା ୮ଦିନ ମଧ୍ୟରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ଉପସ୍ଥିତ ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ପଦକ୍ଷେପ ନେବେ ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ । ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ୨୦୧୪ ଜାନୁୟାରୀ ୨୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ଜରିଆରେ ବୁଗବୁଗାରେ ଷ୍ଟେଟବ୍ୟାଙ୍କର ଏକ ଶାଖା ଉଦଘାଟନ କରିଥିଲେ ଏବଂ ସ୍ଥାନୀୟ ପଞ୍ଚାୟତ ଅଫିସ ରାଜୀବ ଭବନରେ ସେହି ଶାଖା ଚାଲି ଆସୁଥିଲା। ଉକ୍ତ ବ୍ୟାଙ୍କରେ ବୁଗବୁଗା ସମେତ ଆଖପାଖ ୨୮ଟି ଗ୍ରାମର ଲୋକେ ନିର୍ଭର କରି ଆସୁଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ କ୍ଷତି ସହି ଆସୁଥିବା ଆଳରେ ଏହି ଶାଖା ବ୍ୟାଙ୍କକୁ ଉଚ୍ଛେଦ କରି ଅତାବିରା ଶାଖା ସହିତ ଗତ ୧୫ତାରିଖରୁ ମିଶାଇ ଦେଇଛନ୍ତି।

ଶାଖା ବ୍ୟାଙ୍କ ଉଚ୍ଛେଦ ହେବା ପୂର୍ବରୁ ଅଞ୍ଚଳବାସୀ ବ୍ୟାଙ୍କ କର୍ତ୍ତୃପକ୍ଷ, ଜିଲାପାଳ, ସ୍ଥାନୀୟ ବିଧାୟିକା, ଅର୍ଥମନ୍ତ୍ରୀଙ୍କୁ ଶାଖା ବ୍ୟାଙ୍କ ଉଚ୍ଛେଦ ନ କରିବା ପାଇଁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବୁଗବୁଗା ଓ ପଡ଼ୋଶୀ ଗ୍ରାମବାସୀ ଗତ ୧୧ତାରିଖରୁ ଶାଖା ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦେଇଥିଲେ। ହେଲେ ସେଠାକୁ କୌଣସି ବ୍ୟାଙ୍କ, ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ଜନ ପ୍ରତିନିଧି ସୁଦ୍ଧା ପହଞ୍ଚି ନ ଥିଲେ। ଫଳରେ ଅଞ୍ଚଳର ଶତାଧିକ ମହିଳା ବୁଧବାର ବରଗଡ଼ ଆସି ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀ ପହଞ୍ଚିଥିଲେ ଏବଂ ସେହି ଶାଖା ବ୍ୟାଙ୍କ ଉଚ୍ଛେଦର ପୁନର୍ବିଚାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି କହିଥିଲେ। ସେହିପରି ସରୋଜ ଛନ୍ଦ, କିଶୋର ସାହୁ ଧାରଣାସ୍ଥଳରେ ସଂଗ୍ରାମୀ ଗୀତ ମାଧମରେ ବ୍ୟାଙ୍କ ଶାଖା ଉଚ୍ଛେଦର ଅଭିନବ ପ୍ରତିବାଦ କରିଥିଲେ। ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର, ନିମାଇଁ ମହାପାତ୍ର, ଚିତ୍ତରଞ୍ଜନ ଛନ୍ଦ, ରବିନ୍ଦ୍ର ମହାକୁର ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି କୃଷ୍ଣଚନ୍ଦ୍ର ଛନ୍ଦ, ବାଙ୍କା କର୍ଣ୍ଣ, ଘନଶ୍ୟାମ ଛନ୍ଦ, ବିଭୀଷଣ ବାରିକ, କୃଷ୍ଣଚନ୍ଦ୍ର ମହାକୁର, ସୁରେନ୍ଦ୍ର ମହାକୁର, ଏକାଦଶିଆ ଛନ୍ଦ, ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ଭେଡ଼େନ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ଭେଡ଼େନ,୧୮।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜ ରାଜନୀତିବିଜ୍ଞାନ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ତଥା କଲେଜ ଅଧକ୍ଷ ଗଜାନନ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ରାଜନୀତି ବିଭାଗର ଅଧାପକ ରଞ୍ଜନ କୁମାର ଦାଶ ଏବଂ ଭୀଷ୍ମଦେବ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତିତା ତଥା ଶୃଙ୍ଖଳିତ ଛାତ୍ର ଜୀବନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ତୃତୀୟ ବର୍ଷ ଛାତ୍ର ରାହୁଲ କୁମାର ଛନ୍ଦ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ରୀ ପୁଷ୍ପାଞ୍ଜଳି ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱକର୍ମା ପୂଜା ପାଳିତ

**ଗାଇସିଲେଟ,୧୮।୯(ଡି.ଏନ.ଏ)**

ଗାଇସିଲେଟରେ ବସଷ୍ଟାଣ୍ଡ ସ୍ଥିତ ଟ୍ୟାକ୍ସି ସଂଘ ତରଫରୁ ବିଶ୍ୱକର୍ମା ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ କୃଷ୍ଣଗୁରୁ ନୃତ୍ୟ ପରାବେଷଣ କରାଯାଇଥିଲା। ସେହିପରି ବିଦ୍ୟୁତ ବିଭାଗର ଗ୍ରୀଡଠାରେ ପୂଜା ଅନୁଷ୍ଠିତ ହେଉଛି। ଅନୁରୂପ ଭାବେ ରାଜମିସ୍ତ୍ରୀ ସଂଘ, ବାଇକ ସୋରୁମ, ଆରଡବ୍ଲ୍ୟୁ ଏସଏସ, ଜଳସେଚନ ଅଫିସ୍‌ରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

### ସମଲେଶ୍ୱରୀ ଦେବୀଙ୍କ ଖଣ୍ଡା ଧରି ଆତଙ୍କ ସୃଷ୍ଟି ଘଟଣା
## ଅଭିଯୁକ୍ତ ଯୁବକ ଜେଲ୍‌ଗଲେ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ସହରସ୍ଥିତ ତଳିପଡ଼ା ଅଞ୍ଚଳରେ ମଙ୍ଗଳବାର ରାତ୍ରିରେ ମନ୍ଦିରରୁ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ଖଣ୍ଡା କାଢ଼ି ଆଣି ଆତଙ୍କ ସୃଷ୍ଟି କରିବା ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସହରାପଡ଼ାର ସୁରଜ ଭୋଇ ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୪୨୨/୧୯) ରୁଜୁ ହୋଇଛି। ପ୍ରକାଶଥାଉକି, ମଙ୍ଗଳବାର ରାତ୍ରିରେ ୨ଜଣ ଯୁବକଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଶିବ ମନ୍ଦିରରୁ ତ୍ରିଶୂଳ ଏବଂ ଅନ୍ୟ ଜଣେ ସମଲେଶ୍ୱରୀ ମନ୍ଦିରରୁ ଖଣ୍ଡା ଆଣି ପରସ୍ପର ଆକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ସମଲେଶ୍ୱରୀ ଦେବୀ ଦଶହରା ପୂଜା କମିଟିର କର୍ମକର୍ତ୍ତା, ସଭ୍ୟମାନେ ବରଗଡ଼ ଟାଉନ ଥାନାକୁ ଆସି ସୁରଜଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ବରଗଡ଼ ଜିଲା ତୈଳିକ ବୈଶ୍ୟ ସମାଜ ସଭା

**ପଦ୍ମପୁର, ୧୮।୯ (ଡି.ଏନ.ଏ)**

ପଦ୍ମପୁରର ଏକ ହୋଟେଲରେ ବରଗଡ ଜିଲା ତୈଳିକ ବୈଶ୍ୟ ସମାଜର ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଛି। ସଭାପତି ମନୋରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ବଲାଙ୍ଗୀର ଓ ନୂଆପଡା ଜିଲାର ସାମାଜିକ ପ୍ରତିନିଧି ଯୋଗଦାନ କରିଥିଲେ। ବରଗଡ, ବଲାଙ୍ଗୀର, ନୂଆପଡା ଜିଲାର ସମନ୍ୱୟରେ ଆଗାମୀ ଦିନରେ ଏକ ମହାସଭା କରାଯିବା ପାଇଁ ପ୍ରସ୍ତାବ ହୋଇଥିଲା। ସମାଜକୁ ସୁଦୃଢ଼, ଶୃଙ୍ଖଳିତ ଓ ପରିମାର୍ଜିତ କରିବା ସକାଶେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଉମାକାନ୍ତ ସାହୁ, ହାରାଧନ ସାହୁ, ପ୍ରଦୀପ ସାହୁ, ମାର୍କଣ୍ଡ ସା, ବେଣୁଧର ସାହୁ, ରାଜକିଶୋର ସାହୁ, ତ୍ରୈଲୋଚନ ସାହୁ, ସୁନୀଲ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଦ୍ମପୁର ବ୍ଲକ ସଭାପତି ଦୀନେଶ୍ୱର ସାହୁ ସଭା ପରିଚାଳନା କରିଥିବା ବେଳେ ଯୁଗ୍ମ ସମ୍ପାଦକ ପରମେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସଡ଼କ ସୁରକ୍ଷା ନେଇ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

## ସଡ଼କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ସଡ଼କ ସୁରକ୍ଷା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦୁର୍ଘଟଣାର ସମୀକ୍ଷା, ହେଲମ୍ୟାଟ୍ ଆଇନର କାର୍ଯ୍ୟକାରିତା, ଷ୍ଟାଣ୍ଡାର୍ଡ଼ ଅପରେଶନ ପ୍ରଣାଳୀ, ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ, ଇନସ୍ୟୁରାନ୍ସ, ନିଶାସକ୍ତ ଡ୍ରାଇଭରଙ୍କ ଉପରେ ମାମଲା ଆଦି ଉପରେ ଆଲୋଚନା ହୋଇଥିଲା। ଗତମାସ ତୁଳନାରେ ଚଳିତମାସ ଦୁର୍ଘଟଣା ସଂଖ୍ୟା କମିଥିବା ଏବଂ ଜରିମାନା ଆଦାୟ ବୃଦ୍ଧି ପାଇଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ନବନିର୍ମିତ ଘରୋଇ ବସଷ୍ଟାଣ୍ଡରେ ଯାନବାହନ ରଖିବା, ନୋ ପାର୍କିଂ ଜୋନ୍ ଘୋଷଣା, ବ୍ଲାକ ସ୍ପଟ୍ ଚିହ୍ନଟ ଆଦି ଉପରେ ଆଲୋଚନା ହୋଇଥିଲା। ଏହା ସହିତ ଭଟଲି ଛକର ରୋଟାରୀ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଅଞ୍ଚଳରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଟ୍ରକ, ବସ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ସଭା ଧନ୍ୟବାଦ ଅର୍ପଣ କରିଥିଲେ।

## ଏସଏଚଜିମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଝାରବନ୍ଧ, ୧୮।୯ (ଡି.ଏନ.ଏ)**

ଝାରବନ୍ଧ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥକ ଅଭିବୃଦ୍ଧି, ଅର୍ଥ ଉପାର୍ଜନ କାର୍ଯ୍ୟକ୍ରମ ଓ ସରକାରୀ ସହାୟତା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୪ଦିନ ଧରି ପର୍ଯ୍ୟାୟକ୍ରମେ ତାଲିମ ଦିଆଯାଇଥିଲା। ବ୍ଲକର ୧୪ଟି ଗ୍ରାମପଞ୍ଚାୟତରୁ ୧୦୫୭ ଗୋଷ୍ଠୀର ମୋଟ ୧୧ ହଜାର ୬୩୩ ଜଣ ମହିଳା ସଦସ୍ୟ ଅଛନ୍ତି। ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ମାଛଚାଷ, ଅଣ୍ଡା ଦିଆ କୁକୁଡା ଚାଷ, ଛତୁ ଚାଷ, ପନିପରିବା ଚାଷ, ପ୍ରାକ ବିଦ୍ୟାଳୟ ପିଲାଙ୍କ ପାଇଁ ପୋଷାକ ବଣ୍ଟନ, ବିଦ୍ୟୁତ ମିଟର ରିଡିଂ, ବିଦ୍ୟାଳୟରେ ମଧାହ୍ନ ଭୋଜନ, ଗ୍ରାମ୍ୟ ଜଙ୍ଗଲ ପରିଚାଳନା, ଗ୍ରାମୀଣ ରାସ୍ତା ମରାମତି, ଧାନମଣ୍ଡି ପରିଚାଳନା ପରି ୧୦ଟି କାର୍ଯ୍ୟକୁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପରିଚାଳନା କରିବା ପାଇଁ ଦାୟିତ୍ୱ ନେବେ। ଏଥିପାଇଁ ଏମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଛି। ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ରବି ନାଏକଙ୍କ ତତ୍ତ୍ୱାବଧାନରେ ମନୋଜ କୁମାର ରାଉତ, ଦେବେନ୍ଦ୍ର ହରିପାଳ, ନବୀନ ଚନ୍ଦ୍ର ବରିହା, ମୀରାବାଇ ସାହୁ, ଡା. ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିପିଓ ସନ୍ଧ୍ୟାରାଣୀ ନେପାକ ତଦାରଖ କରିଥିବା ବେଳେ ମିଶନ ଶକ୍ତି ସଂଯୋଜକ ମନୋରମା ତାଣ୍ଡି, ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା ସହଯୋଗ କରିଥିଲେ।

# ଧାଙ୍ଗେରରେ ନୂଆଁଖାଇ ଭେଟ୍

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ବ୍ଲକ ଅନ୍ତର୍ଗତ ଧାଙ୍ଗେର ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୀର ବଜରଙ୍ଗ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଗୌଡ଼େଶ୍ୱର ଦାଶ ସଂଯୋଜନା କରିଥିଲେ । ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ଭାରତୀ ପଣ୍ଡା, ଜିଲା ପରିଷଦ ସଭ୍ୟ ଉମେଶ ବେହେରା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ଯୁବନେତା ଉମେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା କଳାକାର ଅଶୋକ ପସାୟତ ଓ ସନ୍ତୋଷ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠାନର ସଭାପତି ଟିଙ୍ଗୁ ଜାଲ, ରାମ ଜାଲ, ଆଜାଦ ବନଛୋର, ଅନିଲ ବନଛୋର, ଶୁଭମ ଜାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀର ବଜରଙ୍ଗ ଟ୍ରଷ୍ଟର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।




ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସ୍କୁଲ କମିଟି ଗଠନରେ ଅନିୟମିତତା

**ବରପାଲି, ୧୮।୯ (ଡି.ଏନ.ଏ)**

ବରପାଲିରେ ଗଢ଼ି ଉଠିଥିବା କେତେକ ମେନେଜମେଣ୍ଟ ଗଠିତ ୨୫ ରୁ ୩୦ ବର୍ଷର ଘରୋଇ ସ୍କୁଲ ଏବଂ କଲେଜ ପରିଚାଳନା କମିଟିରେ ଅନିୟମିତତା ହୋଇଥିବା ଜଣାପଡିଛି। ଏ ନେଇ ଶିକ୍ଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ସ୍କୁଲ, କଲେଜ ପ୍ରତି ସାମାନ୍ୟତମ ଅବଦାନ କିମ୍ବା ଅଭିଜ୍ଞତା ନ ଥିବା କେତେକ ସରକାରୀ ଶିକ୍ଷକ, ଅଧାପକ ନିୟମ ଉଲ୍ଲଂଘନ କରି ପଦ ପଦବୀରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଗୋଟିଏ ସ୍କୁଲର ଜଣେ ଶିକ୍ଷକ ସଭାପତି ଓ ଜଣେ ଅଧାପକ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏ ସମ୍ପର୍କରେ ବରପାଲି ବିଇଓ ରାଜେନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ଶିକ୍ଷାନୁଷ୍ଠାନ ପରିଚାଳନା କମିଟି ପାଇଁ କେତେକ ଆଇନ ରହିଛି। ମାତ୍ର କେହି ବି ଶିକ୍ଷକ ଏହା ଉପରେ ଲିଖିତ ଆଦେଶ ନେଇ ନାହାନ୍ତି ବୋଲି କହିଥିଲେ।

## ■ ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ଦାବି
# ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ସ୍ଥାପିତ ରକ୍ତ ପୃଥକୀକରଣ ୟୁନିଟ୍ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ବିଭିନ୍ନ ରକ୍ତଦାନ ସଂସ୍ଥା ତଥା ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ ତଥା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ସ୍ମାରକପତ୍ର ଗ୍ରହଣ କରିଥିଲେ। ଗତ ୧୦ମାସ ତଳୁ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ରକ୍ତ ପୃଥକୀକରଣ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ମାତ୍ର ଏକ ଯନ୍ତ୍ର ଏଜିଟେଟର୍ ଏପର୍ଯ୍ୟନ୍ତ ସେଠାରେ ସଂଯୋଗ ହୋଇପାରି ନ ଥିବା ଯୋଗୁ ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଅପରପକ୍ଷେ ରକ୍ତ ଅଭାବ ଯୋଗୁ ଲୋକେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ଏଜିଟେଟର୍ ସଂଲଗ୍ନ ସହିତ ରକ୍ତ ପୃଥକୀକରଣ ୟୁନିଟ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଫାଇଟ୍ ଅନ୍ ରାଇଟ୍‌ର ସଭାପତି ଦେବବ୍ରତ ମିଶ୍ର, ଭଟଲି ଲିବରେଶନ ଫ୍ରଣ୍ଟର ସଭାପତି ସୁଶାନ୍ତ ମିଶ୍ର, ନିସ୍ତାର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, ବଜରଙ୍ଗ ଦଳର ରାଜ୍ୟ ସଂଯୋଜକ କୁନୁ ମହାନ୍ତି, ଲାଇଫ୍ ଲାଇନ୍‌ର ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ମନମୁଣ୍ଡା ସିଏଚ୍‌ସି ପରିଦର୍ଶନ କଲେ ସିଡିଏମଓ

**ମନମୁଣ୍ଡା, ୧୮।୯ (ଡି.ଏନ.ଏ):** ବୌଦ୍ଧରେ ଯୋଗ ଦେଇଥିବା ନୂଆ ସିଡିଏମଓ ଡାକ୍ତର ଲକ୍ଷ୍ମୀଧର ସାହୁ ମଙ୍ଗଳବାର ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ସେ ଡିଏମଓ ଡା. ମଦନମୋହନ ପ୍ରଧାନଙ୍କ ସହ ସକାଳେ ମନମୁଣ୍ଡା ସିଏଚସିରେ ପହଞ୍ଚି ଆଉଟଡୋର, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ପରେ ଏମ୍‌ଓଙ୍କ ଅଫିସକୁ ଯାଇ ବୁଲି ଦେଖିଥିଲେ । ପରେ ସେ ଔଷଧ ବିତରଣ କେନ୍ଦ୍ର, ପରୀକ୍ଷାଗାର ଏବଂ ୱାର୍ଡ ପରିଦର୍ଶନ କରି ରୋଗୀମାନଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଏହି ସିଏଚସିରେ ୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ଆଇପିଡିକୁ ମଧ ସେ ଦେଖିଥିଲେ । ପରେ ସେ ସେଠାରେ ପ୍ରସ୍ତାବିତ ଏମସିଏଚ ବିଲ୍ଡିଂ ପାଇଁ ଦିଆଯାଇଥିବା ଜାଗା ପରିଦର୍ଶନ କରିଥିଲେ ।

### ୨୪ତମ ବିଶ୍ୱକର୍ମା ପୂଜା ସମ୍ପନ୍ନ

**ବାଉଁଶୁଣୀ, ୧୮।୯ (ଡି.ଏନ.ଏ):** ବୌଦ୍ଧ ବ୍ଲକ ବାଉଁଶୁଣୀ ମାଁ ମାହେଶ୍ୱରୀ ଗାଡି ଚାଳକ ସଂଘ ତରଫରୁ ଟ୍ୟାକ୍ସିଷ୍ଟାଣ୍ଡରେ ମଙ୍ଗଳବାର ୨୪ତମ ବିଶ୍ୱକର୍ମା ପୂଜା ସମ୍ପନ୍ନ ହୋଇଛି । ସଭାପତି ଆନନ୍ଦ ଖଟୁଆ, ସମ୍ପାଦକ ଶଶିଭୂଷଣ ମହାକୁଳ, କୋଷାଧକ୍ଷ ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ବରିଷ୍ଠ ସଦସ୍ୟ ପଦ୍ମଲୋଚନ ମହଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସୁନ୍ଦରାକାଣ୍ଡ ପାରାୟଣ ହୋଇଥିଲା । ବ୍ୟାସ ଭାବେ ଜୋସ୍ନାମୟୀ ଦୀକ୍ଷିତ, ପୂଜକ ସୁରେନ୍ଦ୍ର ଚାନ୍ଦ ଓ କର୍ତ୍ତା ଭାବେ ଆନନ୍ଦ ଖଟୁଆ ଥିଲେ । ଏହି ପାରାୟଣ ଶୁଣିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ବୁଧବାର ବାଘ ନଦୀରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ବିସର୍ଜନ କରାଯାଇଥିଲା ।

### ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା

**ବାଉଁଶୁଣୀ, ୧୮।୯ (ଡି.ଏନ.ଏ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆଠାରେ ବୁଧବାର ବାଉଁଶୁଣୀ ହାଇସ୍କୁଲର ପ୍ରଧାନଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ଏବିଇଓ ଅଚ୍ୟୁତାନନ୍ଦ ସାହୁ ମୁଖ୍ୟଅତିଥି, ମାନଭଞ୍ଜନ ତ୍ରିପାଠୀ, ବରିଷ୍ଠ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ନାଥ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ବୌଦ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୩ଶହ ଜଣ ୧୪ରୁ ୧୭ ବର୍ଷରୁ କମ୍ ବାଳିକା ବାଳକ ଉପସ୍ଥିତ ଥିଲେ । ଫୁଟବଲ, ଖୋଖୋ, କବାଡି, ଭଲିବଲ, ବ୍ୟାଡମିଣ୍ଟନ, ଚେସ ଆଦି ପ୍ରତିଯୋଗିତା ହୋଇଥିଲା । ଖଗେଶ୍ୱର ମେହେର, କାନିଜ ବୁଖାରେ, ଲିଙ୍ଗରାଜ ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବାଉଁଶୁଣୀ ହାଇସ୍କୁଲର ସମସ୍ତ କର୍ମଚାରୀ ଏହି ଖେଳକୁଦ ପ୍ରତିଯୋଗିତାରେ ସହଯୋଗ କରିଥିଲେ । ଶେଷରେ ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଖେଳଟି ଦୁଇ ଦିନ ଧରି ଅନୁଷ୍ଠିତ ହେବ ।

### ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ

**ବୌଦ୍ଧ,୧୮।୯(ସ୍ୱ.ପ୍ର):** ବୌଦ୍ଧ ବ୍ଲକସ୍ତରୀୟ ଶିକ୍ଷା ସମୀକ୍ଷା ବୈଠକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି । ବୌଦ୍ଧ ବିଇଓ ଧ୍ରୁବଚରଣ ଘିବେଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାସ ଯୋଗ ଦେଇଥିଲେ । ବୌଦ୍ଧ ଏନଏସିର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଘିବେଲା ବର୍ତ୍ତମାନ ଶିକ୍ଷାର ସ୍ଥିତି ବ୍ଲକ ଓ ଜିଲାରେ କିପରି ଆକଳନ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ସଭାର ଉଦ୍ଦେଶ ଜ୍ଞାପନ କରିଥିଲେ । ଅନ୍ୟତମ ଅତିଥି ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ଭଞ୍ଜକିଶୋର ମନହରୀ ସ୍ୱଚ୍ଛତା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ବିଜୟ ମାହାର, ସୌରେନ୍ଦ୍ରୀ ମହାକୁଢ ଶିକ୍ଷାର ଉନ୍ନତି ଓ ସମସ୍ୟା ଦୂରୀକରଣ ଉପରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ବିଦ୍ୟାଳୟ ମନିଟରିଂ ଉପରେ ମତ ଦେଇଥିଲେ । ଶେଷରେ ସିଆରସିସି ଲବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିପଦରେ ଜାମୁଟ ପୋଲ

**କଣ୍ଢାମାଳ, ୧୮।୯(ଡି.ଏନ.ଏ)**



ରାହୁଲ ନଦୀର ସଂଯୋଗ ରାସ୍ତାରେ ଘାଇ ସୃଷ୍ଟି ହୋଇଛି ।

ବୌଦ୍ଧ ଜିଲା ସୀମାନ୍ତରେ ବହିଯାଇଥିବା ରାହୁଲ ନଦୀର ଜାମୁଟ ପୋଲ ବିପଦରେ ରହିଛି। ଚଳିତବନ୍ୟା ସମୟରେ ବନ୍ୟାଜଳ ପ୍ରବାହିତ ହୋଇ ଏହି ପୋଲର ସଂଯୋଗ ରାସ୍ତାର ଦୁଇପଟେ ବିରାଟ ଘାଇ ସୃଷ୍ଟି ହୋଇଛି। ଫଳରେ ବୌଦ୍ଧ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳ ସହ ୩ ଟି ଜିଲାର ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ସେହିପରି ବଲାଙ୍ଗୀର ଜିଲା ଗୁଡଭେଲାରୁ ଭୁବନେଶ୍ୱରର ଦୂରତା ୬୦ କି.ମି ବଢିଯିବ।

ବୌଦ୍ଧ ଜିଲା କଣ୍ଢାମାଳ ଅଞ୍ଚଳର ଘଣ୍ଟାପଡା ଓ ଖୁଣ୍ଟିଗୋରା ସହ ରାହୁଲ ନଦୀର ଅପରପଟରେ ଥିବା ଅଞ୍ଚଳର ସାମାଜିକ ଓ ବ୍ୟବସାୟିକ ସମ୍ପର୍କ ରହି ଆସିଛି। ଏହି ବାଟ ଦେଇ ବଲାଙ୍ଗୀର ଜିଲାର ଗୁଡଭେଲା ଓ ତୁଷୁରା ଉପରେ ଏହି ଅଞ୍ଚଳର ଜନସାଧାରଣ ନିର୍ଭର କରି ଆସୁଛନ୍ତି। ଉଭୟ ପାର୍ଶ୍ୱର ଲୋକଙ୍କ ଦାବି ଭାବେ ରାହୁଲ ନଦୀର ଜାମୁଟଠାରେ ପୋଲ ନିର୍ମାଣ ହୋଇଥିଲା। ଏହି ଦାବି ଗତବର୍ଷ ପୂରଣ ହେବା ଫଳରେ ରାହୁଲ ନଦୀ ପାର ହୋଇ ଖୁଣ୍ଟିଗୋରା ସହ ଯୋଗାଯୋଗ ସମ୍ଭବ ହୋଇ ପାରିଛି। ବର୍ତ୍ତମାନ ଗୁଡଭେଲାରୁ ୨ଟି ଘରୋଇ ବସ୍ ଭୁବନେଶ୍ୱର ପର୍ଯ୍ୟନ୍ତ ମଧ୍ୟ ଚାଲୁଛି। ଗୁଡଭେଲା ଭାୟା ତୁଷୁରା ବଲାଙ୍ଗୀର ଦେଇ ଯେଉଁ ବସ ଚଳାଚଳ ହେଉଥିଲା ବର୍ତ୍ତମାନ ଖୁଣ୍ଟିଗୋରା, କଣ୍ଢାମାଳ ପଟରୁ ବସ୍ ଆସିବା ଫଳରେ ୬୦ କି.ମି ଦୂରତା କମି ଯାଉଛି। ଏହା ସହିତ କଣ୍ଢାମାଳ, ଖୁଣ୍ଟିଗୋରା ଅଞ୍ଚଳରୁ ସୁବର୍ଣ୍ଣପୁର, ବଲାଙ୍ଗୀର ଓ କଳାହାଣ୍ଡି ଜିଲାକୁ ଗମନାଗମନର ବାଟ ସୁଗମ ହୋଇଛି। ଏବେ ରାହୁଲ ନଦୀର ଜାମୁଟ ଘାଟ ନିକଟ ପୋଲର ସଂଯୋଗ ରାସ୍ତାରେ ବଡ ଘାଇ ହେବା ଫଳରେ ଏହି ପୋଲ ବିପଦସଙ୍କୁଳ ହୋଇପଡିଛି। ପୋଲର ବାମ ପଟରେ ୨୦ ଫୁଟ ଘାଇ ହୋଇଥିବା ବେଳେ ଏହାର ପଥର ପ୍ୟାଚିଂ ସମ୍ପୂର୍ଣ୍ଣ ଧୋଇ ହୋଇ ଯାଇଛି। ଏପରିକି ସଂଯୋଗ ରାସ୍ତା କଡର କଂକ୍ରିଟ କାନ୍ଥ ଭାଙ୍ଗି ଯାଇଛି। ଡାହାଣ ପଟରେ ମଧ୍ୟ ୧୫ ଫୁଟର ଘାଇ କରି କଂକ୍ରିଟ ଭାଙ୍ଗି ଦେଇଛି। ଏ ସମ୍ପର୍କରେ ଜଣେ ସ୍ଥାନୀୟ ବାସିନ୍ଦା ତେଜରାଜ ସାହୁ କୁହନ୍ତି, ବହୁତ ଦିନର ଆଶା ଗଲା ବର୍ଷର ପୁରନ ହେଇଛେ। ହେଲେ କାଁ କରବେ ପୋଲର ଦୁଇଫାଲେ ମାଟ ଖାଇଗଲାନ। ଇଥିର ଲାଗି ପ୍ରଶାସନ ପଦକ୍ଷେପ ନେବାର ଜରୁରୀ ହେଇ ପଡିଛେ। ଏ ନେଇ କନିଷ୍ଠ ଯନ୍ତ୍ରୀ ଶୋଭନ ମଲିକଙ୍କୁ ପଚାରିବାରୁ ଘାଇ ମରାମତିକାମ ଆରମ୍ଭ ହୋଇଥିବା କହିଛନ୍ତି।

■୩ ଜିଲାକୁ ବିଚ୍ଛିନ୍ନ ହେବ ଯୋଗାଯୋଗ

■ଗୁଡଭେଲାରୁ ଭୁବନେଶ୍ୱରର ଦୂରତା ବଢିବ ୬୦ କି.ମି.

# ବିଜୁ ଯୁବ ବାହିନୀର ବୃକ୍ଷରୋପଣ

**ଘଣ୍ଟାପଡା, ୧୮।୯ (ଡି.ଏନ.ଏ)**

କଣ୍ଢାମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ଶ୍ରବଣ କୁମାର ଦେହୁରୀଙ୍କ ସଭାପତିତ୍ୱରେ ବୃକ୍ଷ ଉପରେ ଏକ ସଚେତନତା ମୂଳକ ସଭା ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ପ୍ରସାଦ ଦେହୁରୀ, ସମିତି ସଭ୍ୟ ନିତ୍ୟାନନ୍ଦ ସେନାପତି, ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ଶେଷଦବ ସେଠୀ, ଖବରଦାତା ପ୍ରଭାତ କୁମାର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ବଂଶୀଧର ମାଝୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଓ ପରିବେଶ ସଚେତନତା ଉପରେ ଆଲୋକପାତ କରିଥିଲେ । ଏଥିରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗୋଟିଏ ଗୋଟିଏ ବୃକ୍ଷ ରୋପଣ ପାଇଁ ଶପଥ ପାଠ କରାଯାଇଥିଲା। ପରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ଦ୍ୱାରା ଶିଶୁ ମନ୍ଦିର ପରିସରରେ ବୃକ୍ଷରୋପଣ ହୋଇଥିଲା। ଏଥିରେ ବିଜୁ ଯୁବ ବାହିନୀର କୋଷାଧକ୍ଷ ଜ୍ୟୋତିରଞ୍ଜନ ବିଶି, ସଦସ୍ୟ କରୁଣାକର ଦେହୁର, ଶରତ ଦେହୁରୀ, ଗୋପୀନାଥ ମାଝୀ, ହିମାଂଶୁ ପାତ୍ର, ପ୍ରମୋଦ ରଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ବିଜୁ ଯୁବ ବାହିନୀ ସଦସ୍ୟମାନେ ବୃକ୍ଷରୋପଣ କରୁଛନ୍ତି ।

■ ୧୦ ଦିନ ହେଲା ଘରୋଇ ବସ୍ ଚଳାଚଳ ଠପ୍

# ଅସୁବିଧା ଭୋଗୁଛନ୍ତି ଯାତ୍ରୀ

**ବୌଦ୍ଧ,୧୮।୯.(ସ୍ୱ.ପ୍ର)**

ଦୀର୍ଘ ୧୦ ଦିନ ହେଲା ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଘରୋଇ ବସ ଚଳାଚଳ ବନ୍ଦ ରହିଛି। ଫଳରେ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବାରେ ଅସୁବିଧା ଭୋଗୁଛନ୍ତି। ସୂଚନା ମୁତାବକ, ବୌଦ୍ଧ ବସ୍ ମାଲିକ ସଂଘର ଏକ ବସ୍‌କୁ ସମ୍ବଲପୁର ବସ୍ ମାଲିକ ସଂଘ ପକ୍ଷରୁ ସମୟ ଦିଆଯାଉ ନ ଥିବାରୁ ଗତ ୯ ତାରିଖ ଠାରୁ ଏହି ଗାଡି ଚଳାଚଳ ବନ୍ଦ ରହିଛି। ବୌଦ୍ଧର ଅଧିକାଂଶ ଗରିବ ଲୋକ ସ୍ୱାସ୍ଥ୍ୟ ସେବା ପାଇଁ ବୁର୍ଲା ମେଡିକାଲ କଲେଜ ଉପରେ ନିର୍ଭର କରୁଥିବା ବେଳେ ଜିଲାର ବହୁ ଛାତ୍ରୀଛାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ମହାବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଛନ୍ତି। ଗାଡି ଚଳାଚଳ ବନ୍ଦ ଯୋଗୁ ସେମାନେ ହଇରାଣ ହେଉଛନ୍ତି। ଏହାର ସମାଧାନ କେବେ ହେବ ବର୍ତ୍ତମାନ କହିବା ମୁସ୍କିଲ ହୋଇପଡିଛି। ଏପଟେ ଗୋଟିଏ ସରକାରୀ ବସ୍ କୁମାରୀ ଠାରୁ ସମ୍ବଲପୁର ଚଳାଚଳ କରୁଥିଲା। ତାହା ମଧ୍ୟ ଦୁଇମାସରୁ ଅଧିକ ଦିନ ହେଲାଣି ବନ୍ଦ ରହିଛି। ଯାତ୍ରୀମାନେ ଟ୍ୟାକ୍ସି କିମ୍ବା ଅଟୋ ଭଡା କରି ରେଢାଖୋଲ ପର୍ଯ୍ୟନ୍ତ ଯାଇ ସେଠାରୁ ସମ୍ବଲପୁର ଯାଉଛନ୍ତି। ଆଉ କେହି କେହି ଟ୍ୟାକ୍ସି ଦ୍ୱାରା ଯିବା ଆସବା କରୁଛନ୍ତି । ଫଳରେ ଯାତ୍ରୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏହା ପ୍ରତି ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି।

## ନିଶାସକ୍ତ ଡ୍ରାଇଭର ଗିରଫ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଟାଉନ ଥାନା ପୋଲିସ ନୂତନ ଟ୍ରାଫିକ ଆଇନ ଲାଗୁ ହେବା ପରେ ନିଶାସକ୍ତ ଡ୍ରାଇଭରଙ୍କ ଉପରେ ନଜର ରଖିଛି। ଏହି କ୍ରମରେ ଯାଞ୍ଚ କରି ନିଶାସକ୍ତ ଡ୍ରାଇଭରଙ୍କୁ ଗିରଫ କରାଯାଉଛି। ବୁଧବାର ଜଣେ ଗିରଫ ନିଶାସକ୍ତ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯାଇଛି। ସେ ବୁର୍ଲା ଥାନା ଅନ୍ତର୍ଗତ ଘୁଡୁକାଟିକ୍ରାର ଭକ୍ତ ପ୍ରଧାନ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି ।

# ମହାନଦୀ କୂଳରେ ଥାଇ ଲୋକେ ପିଉଛନ୍ତି ଗୋଳିଆପାଣି

**ବୌଦ୍ଧ,୧୮।୯(ସ୍ୱ.ପ୍ର)**

ବୌଦ୍ଧ ସହର ଚିରସ୍ରୋତା ମହାନଦୀ କୂଳରେ ଥାଇ ବି ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି। ଲୋକମାନେ ଦୂଷିତ ପାଣି ପିଉଛନ୍ତି। ବୌଦ୍ଧ ସହରରେ ୨୨ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ସହରବାସୀଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଏହା ଠିକ ଭାବେ ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ଯେଉଁ ପାଣି ଆସୁଛି ତାହା ସମ୍ପୂର୍ଣ୍ଣ ଭାବେ ଗୋଳି ପାଣି। ପୂର୍ବରୁ ସହରବାସୀଙ୍କୁ ଦୁଇଓଳି ଦୁଇ ଘଣ୍ଟା ଲେଖାଏ ପାଣି ଯୋଗାଇ ଦିଆଯାଉଥିବା ବେଳେ ଏବେ ଦିନକୁ ଗୋଟିଏ ଗୋଟିଏ ଘଣ୍ଟା ପାଣି ଦିଆଯାଉଛି। ତାହା ପୁଣି କେତେବେଳେ ଆସିବ କହିବା ମୁସ୍କିଲ। କିଛି ଦିନ ତଳେ ସହରକୁ ପାନୀୟଜଳ ଯୋଗାଇ ଦେବା ପାଇଁ ୪୦ କୋଟି ଟଙ୍କା ବ୍ୟୟରେ ପାଇପ ଲାଇନ କାର୍ଯ୍ୟ କରାଯାଇଛି। ତେବେ ପାନୀୟଜଳ ବିଶୋଧନାଗାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଲୋକମାନଙ୍କୁ ବିଶୁଦ୍ଧ ପାଣି ମିଳିପାରୁନାହିଁ। ସହରରେ ପ୍ରଶାସନର ବଡ ବଡ ଅଧିକାରୀମାନେ ମଧ୍ୟ ଏହି ପାଣିକୁ ବ୍ୟବହାର କରୁଥିବା ବେଳେ ସମସ୍ତେ ନିରବ ରହୁଥିବା ଦେଖିବାକୁ ମିଳିଛି। ଏପଟେ ସହରବାସୀଙ୍କ ପାଇଁ ଦୈନିକ ୩୫ ଲକ୍ଷ ଲିଟର ପାନୀୟଜଳର ଆବଶ୍ୟକତା ହେଉଥିବା ବେଳେ ବର୍ତ୍ତମାନର ଭିତ୍ତିଭୂମିରେ ମାତ୍ର ୨୪ ଲକ୍ଷ ଲିଟର ପାଣି ଯୋଗାଇ ଦିଆଯାଉଥିବା ପାନୀୟଜଳ ଯୋଗାଣ ବିଭାଗ ସୂତ୍ରରୁ ଜଣାଯାଇଛି। ଏ ନେଇ ସହକାରୀ ଯନ୍ତ୍ରୀ ବ୍ରହ୍ମେଶ୍ୱର ଦାସଙ୍କୁ ପଚାରୀବାରୁ ଗୋଳି ପାଣି ଆସିବା କଥା ନୁହେଁ । କ'ଣ ହୋଇଛି ମୁଁ କର୍ମଚାରୀମାନଙ୍କ ସହ ପରାମର୍ଶ କରି ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ।

## ଟ୍ରାକ୍ଟର ଦୁର୍ଘଟଣା, ନାବାଳକ ମୃତ

**ଅତାବିରା,୧୮।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଥାନା ଦେବାହାଲ ନିକଟରେ ବୁଧବାର ମଧ୍ୟାହ୍ନରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ଦେବାହାଲ କୁଡ଼ାପଡ଼ାର ଶଙ୍କର ବାର୍ଲାଙ୍କ ପୁଅ ସଞ୍ଜୀବ(୧୪) ବୋଲି ଜଣାପଡ଼ିଛି। ମୃତ ଛାତ୍ର ବିଜେପୁର ଆଶ୍ରମ ସ୍କୁଲରେ ରହି ନବମ ଶ୍ରେଣୀରେ ପଢୁଥିଲେ ଏବଂ ବିଶ୍ୱକର୍ମା ପୂଜା ଦେଖିବା ପାଇଁ ଘରକୁ ଆସିଥିଲେ। ସେ ଏକ ଟ୍ରାକ୍ଟର(ନଂ.ଓଆର ୧୭ଏଫ /୮୪୭୪)ରେ ଡ୍ରାଇଭରଙ୍କ ସହିତ ବସି ଯାଉଥିବାବେଳେ ଟ୍ରାକ୍ଟରଟି ଏକ ବିଲକୁ ଖସି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ସେଥିରେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ସଞ୍ଜୀବଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

# ରାଣାପ୍ରତାପ ସ୍କୁଲରେ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ରାଣାପ୍ରତାପ ସ୍କୁଲରେ ବୁଧବାର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା ଏବଂ ଶିକ୍ଷା କର୍ମଚାରୀ ରୂପାଧର ବୁଢ଼େକଙ୍କୁ ସ୍କୁଲ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ମୁଖ୍ୟଅତିଥି, ନୂଆଁଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟଙ୍କୁ ମାନପତ୍ର, ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା। ଶିକ୍ଷକ ସୁଧାଂଶୁ ଶେଖର ସାହୁ, ସୁନୀତା ମିଶ୍ର, ଜ୍ୟୋତ୍ସ୍ନା ସାହୁ, ଡାକ୍ତର ଭୋଇ, ପ୍ରଭାତି ସାହୁ, ଭାବନା ସାହୁ, ତପସ୍ୱିନୀ ତ୍ରିପାଠୀ, ନନ୍ଦିତା ସାହୁ, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।




ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ବୌଦ୍ଧ ପଞ୍ଚାୟତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୧୮।୯(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ଓ ଶେଷବର୍ଷର ଛାତ୍ରୀଛାତ୍ରମାନେ ବୁଧବାର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ନବାଗତ ଛାତ୍ରୀଛାତ୍ରମାନେ ବଡ ଭଉଣୀଭାଇଙ୍କ ଠାରୁ ଶୃଙ୍ଖଳା ଶିକ୍ଷା କରିବା ଉଚିତ। ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଗ୍ରହଣ କରି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସହିତ ମହାବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟନ୍ତୀ ନାୟକ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସଦାନନ୍ଦ ମାହାର ଓ ପୃଥିବୀ ପ୍ରଧାନ ସଭା ପରିଚାଳନା କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ର ମାନସ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଗପୋକ ସର୍ବେକ୍ଷଣକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଜିଲା କୃଷିବିଭାଗ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଜଳ ବିଭାଜିକା ଅଫିସ୍ ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଇ-ରୋଗପୋକ ସର୍ଭେକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶସ୍ୟ ସଂରକ୍ଷଣ ଅଧିକାରୀ ଲମ୍ବୋଦର ପଟେଲ, ଡଃ ବିଭୁତି ଭୂଷଣ ମିଶ୍ର, ସହକାରୀ କୃଷି ଅଧିକାରୀ ସୀତାଂଶୁ ଶେଖର ବେହେରା, ଅନିରୁଦ୍ଧ ବେହେରା, ଜିଲା କୃଷି ଅଧିକାରୀ ବିନୋଦ କୁମାର ଲାକ୍ରା, ବୈକୁଣ୍ଠନାଥ ସାହୁ, ପ୍ରସନ୍ନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିର ଆୟୋଜନ ଆଭିମୁଖ୍ୟ ଉପରେ ସୂଚନା ଦେବା ସହିତ ଇ-ରୋଗପୋକ ସର୍ଭେକ୍ଷଣ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଜିଲାର ସମସ୍ତ ବ୍ଲକର ସହକାରୀ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀମାନେ ଯୋଗ ଦେଇଥିଲେ।

# ଲରମ୍ଭାରେ ଆତ୍ମସୁରକ୍ଷା ତାଲିମ ଶିବିର

**ଅତାବିରା,୧୮।୯(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକ ଲରମ୍ଭା କଲେଜରେ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡଃ ନରେନ୍ଦ୍ର କୁମାର ବେହେରା ଶିବିରକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ହରିଶ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସ୍ନେହଲତା ଥାଟୀ, ସୁଜାତା ଭୋଇ, ଛାତ୍ରୀ ରୋଜି ମେହେର ପ୍ରମୁଖ ତାଲିମ ଦେଇଥିଲେ। କଲେଜ ଅଧ୍ୟାପକ ପୁଷ୍ପ କୁମାର ମେହେର, ଡଃ ପ୍ରମୋଦ କୁମାର ଭୋଇ, ସରୋଜ କୁମାର ନାୟକ, ଲରମ୍ଭା ହାଇସ୍କୁଲର ଶିକ୍ଷକ ବିନୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଆତ୍ମସୁରକ୍ଷା ତାଲିମ ଶିବିରରେ ଭାଗ ନେଇଥିବା ଛାତ୍ରୀମାନେ।

# ଜୈବିକ କୃଷି ଗ୍ରାମାଞ୍ଚଳ ଆର୍ଥିକ ଉନ୍ନତିର ମୂଳମନ୍ତ୍ର

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡସ୍ଥିତ ଗୁରୁକୁଳ ନବପ୍ରଭାତ ଆଶ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆନୁକୂଲ୍ୟରେ ଗତ ୧୫ ଓ ୧୬ତାରିଖ ଦୁଇଦିନ ଧରି ଭାରତୀୟ ଗ୍ରାମ ବିକାଶ ଓ ଗୋ ସେବା ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘର ସରସଂଘ ଚାଳକ ଡଃ ମୋହନ ଭାଗବତ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ସମାଜରେ ବ୍ୟାପୁଥିବା ଅପରାଧ ନିରାକରଣର ମହୌଷଧି ହେଉଛି ଗୋସେବା ଏବଂ ଜୈବିକ କୃଷି ହିଁ ଗ୍ରାମାଞ୍ଚଳ ଆର୍ଥିକ ଉନ୍ନତିର ମୂଳମନ୍ତ୍ର। ଭାରତୀୟ ସଂସ୍କୃତି, ସଂସ୍କୃତ ତଥା ଗୁରୁକୁଳ ପରମ୍ପରାର ପ୍ରଚାର, ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଶ୍ରମର ଅଧ୍ୟକ୍ଷ ଭଗବାନ ଦେବ ଓ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କୁ ଡଃ ଭାଗବତ ଉତ୍ତରୀୟ, ମାନପତ୍ର ସହିତ ସମ୍ବର୍ଦ୍ଧିତ କରିଥିଲେ। ଗୋସେବା ରାଷ୍ଟ୍ରୀୟ ପ୍ରମୁଖ ଶଙ୍କର ଲାଲଜୀ, ଡଃ ଦିନେଶ ଶର୍ମା ଯୋଗଦେଇ ଗୋସେବାର ମାହାତ୍ମ୍ୟ, ଗୋଧନ ସଂରକ୍ଷଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୋମଦେବ ଶତାଂଶୁ, ଡଃ ବାଚସ୍ପତି ମିଶ୍ର, ଡଃ ଶିବଶଙ୍କର ଶାସ୍ତ୍ରୀ, ଆଚାର୍ଯ୍ୟ କୃଷ୍ଣଦେବ, ପୁରନ୍ଦର ଶାସ୍ତ୍ରୀ, ଧୀରେନ୍ଦ୍ର ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଚାର୍ଯ୍ୟ ବୃହସ୍ପତି ଧନ୍ୟବାଦ ଅର୍ପଣ କରିଥିଲେ।



ଡଃ ମୋହନ ଭାଗବତ ସମ୍ବର୍ଦ୍ଧିତ କରୁଛନ୍ତି ।



ଖରାପ ଲୋକ ନିଜର ଦୋଷ ସପକ୍ଷରେ ଯୁକ୍ତି ବାଢ଼ିଥାଏ,
କିନ୍ତୁ ଭଲ ଲୋକ ସେ ସବୁକୁ ଦୂରକୁ ଫିଙ୍ଗିଦିଏ।
- ବେନ୍ ଜନସନ



## ସଂକ୍ଷେପରେ



### କାଦୁଅ ପଚପଚ ରିଜୁମୁଣ୍ଡା-ଖଣ୍ଡହତା ରାସ୍ତା

ଅମରପାଲି, ୧୮।୯ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ରିଜୁମୁଣ୍ଡା ଗାଁ ରାସ୍ତା ଶୋଚନୀୟ ହୋଇପଡିଛି । ଉକ୍ତ ଗ୍ରାମରୁ ଖଣ୍ଡହତାକୁ ଯାଇଥିବା ପ୍ରାୟ ୨ କିମି ଦୀର୍ଘ ରାସ୍ତା ଏବେ ଖାଲଖମାପୂର୍ଣ୍ଣ ହେବା ସହିତ କାଦୁଅ ପଚପଚ ହେଉଛି । ଟିକିଏ ବର୍ଷା ହେଲେ ପାଣି ଜମି ରହୁଛି । ଉକ୍ତ ରାସ୍ତା ଦେଇ ଏବେ ଯିବା ଆସିବା କରି ହେଉନାହିଁ। ଉକ୍ତ ରାସ୍ତା ଦେଇ ଗ୍ରାମର ଲୋକେ ପ୍ରତ୍ୟହ ସ୍କୁଲ କଲେଜ, ପଞ୍ଚାୟତ କାର୍ଯ୍ୟାଳୟ, ଆରଆଇ ଅଫିସ, ବୀରମହାରାଜପୁର ମେଡିକାଲ ସହିତ ଦୋକାନ ବଜାର ପାଇଁ ଯିବା ଆସିବା କରିଥାନ୍ତି । ଏବେ ରାସ୍ତାରେ କାଦୁଅ ଥିବାରୁ ଲୋକେ ହଇରାଣ ହରକତ ହେଉଛନ୍ତି । ଦୀର୍ଘଦିନ ହେଲା ଉକ୍ତ ରାସ୍ତା ମରାମତି କରାଯାଉନାହିଁ। ଗ୍ରାମର ଲୋକେ ବାରମ୍ବାର ଜନ ପ୍ରତିନିଧିଙ୍କୁ ଅଭିଯୋଗ କରୁଥିଲେ ମଧ କେହି ଶୁଣୁ ନ ଥିବା ପ୍ରକାଶ କରିଛନ୍ତି । ତେଣୁ ଉକ୍ତ ରାସ୍ତାକୁ ଯଥାଶୀଘ୍ର ମରାମତି କରିବା ସହିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସାମିଲ କରି ସବୁଦିନିଆ ପାଇଁ ସ୍ଥାୟୀ ରାସ୍ତା କରାଯିବାକୁ ଦାବି ହେଉଛି ।

### ମୋଦିଙ୍କ ଜୟନ୍ତୀରେ ରକ୍ତଦାନ ଶିବିର, ରୋଗୀଙ୍କୁ ଫଳ ବଣ୍ଟନ

ବିନିକା,୧୮।୯(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ଏନଏସିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୟନ୍ତୀ ଅବସରରେ ସେବା ସପ୍ତାହ ଦିବସ ବୁଧବାର ପାଳିତ ହୋଇଯାଇଛି। ବଲାଙ୍ଗୀର ଏମପି ସଙ୍ଗୀତା ସିଂଦେଓ ଏଡି ଉପଲକ୍ଷେ ଏନ୍ଏସି ସଭାଗୃହରେ ଆୟୋଜିତ ଏକ ରକ୍ତଦାନ ଶିବିରର ଉଦ୍‌ଘାଟନ କରିଥିଲେ । ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସେଠାରୁ ଏକ ଶୋଭାଯାତ୍ରାରେ ଦଳୀୟ କର୍ମୀଙ୍କ ସହ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ରୋଗୀଙ୍କୁ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି ସେବା ସପ୍ତାହ ଦିବସ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ବିଜୟ ମହାକୁର, ଅଶୋକ ପୂଜାରୀ, ଜିଲା ପରିଷଦ ସଭାନେତ୍ରୀ ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ରୋହୀଣୀ ଡାଙ୍ଗ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ଗାୟତ୍ରୀ ପାଣିଗ୍ରାହୀ, ବାବୁଲୁ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

### ସୋମନାଥ ମିଶ୍ର ସ୍ମାରକୀ ବକ୍ତୃତାମାଳା ଶୁଭାରମ୍ଭ

ଟିଟିଲାଗଡ, ୧୮।୯ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ନବନିର୍ମିତ ଡ. ସୋମନାଥ ମିଶ୍ର ଅଧ୍ୟୟନ କକ୍ଷରେ ଡ. ସୋମନାଥ ମିଶ୍ର ସ୍ମାରକୀ ବକ୍ତୃତାମାଳାର ମଙ୍ଗଳାବାର ଶୁଭାରମ୍ଭ ହୋଇଯାଇଛି। ଡ. ଦୋଳଗୋବିନ୍ଦ ବିଶିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ଡ. ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇ ଏକ ଦେଶ ଏକ ନିର୍ବାଚନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହା ସହିତ ଭାରତୀୟ ସଂସଦୀୟ ଗଣତନ୍ତ୍ରର ସଫଳତା ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏପରି କି ବକ୍ତା ଚୌଧୂରୀ ଡ. ସୋମନାଥ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟୟନ କକ୍ଷ ନିର୍ମାଣ ଭାର ନେଇଥିବା ଡ. ମିଶ୍ରଙ୍କ ସ୍ତ୍ରୀ ଶୋଭାଗିନୀ ଶତପଥୀ ଏବଂ ପରିବାର ବର୍ଗ ସାମିଲ ଥିଲେ। ଅମୂଲ୍ୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପିକା, ଅଧାପକ, ଛାତ୍ରୀଛାତ୍ର, କର୍ମଚାରୀ ଏବଂ ପରିଚାଳନା ସମିତି ସଭ୍ୟ ଉପସ୍ଥିତ ଥିଲେ।

### ତୁଷରା, ଗୁଡ଼ଭେଲାରେ ବିଶ୍ୱକର୍ମା ପୂଜନୋତ୍ସବ

ଗୁଡଭେଲା,୧୮।୯(ଡି.ଏନ୍.ଏ.): ତୁଷରା ଏନ୍ଏସି ତଥା ଗୁଡଭେଲା ବ୍ଲକ ଅଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପୂଜାକୁ ନେଇ ତୁଷୁରା ସହର ଚଳଚଞ୍ଚଳ ହୋଇ ଉଠିବା ସହ ପୂଜା ମଣ୍ଡପଗୁଡିକ ସୁନ୍ଦର ଭାବେ ସଜା ହୋଇଛି।

# ଏନ୍ଏଫ୍ଏସ୍ଏରୁ ବାଦ୍ ପଡ଼ିପାରନ୍ତି ୨୦ ହଜାର

## ଧରାପଡ଼ାଇଲା ଆଧାର, ଚିନ୍ତାରେ ହିତାଧିକାରୀ

ସୋନପୁର,୧୮।୯(ନି.ପ୍ର.)

ରାଶନ କାର୍ଡ ସହ ଆଧାର ଲିଙ୍କ୍‌କୁ ବାଧ୍ୟତାମୂଳକ କରାଯାଇଛି। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଶତପ୍ରତିଶତ ଆଧାର ଲିଙ୍କ୍ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲା। ଆଧାର ଲିଙ୍କ୍ ନଥିଲେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍ଏଫଏସଏ) ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ମିଳିବ ନାହିଁ। ଆଧାର କାର୍ଡକୁ ସର୍ବୋଚ୍ଚ ମାପଦଣ୍ଡ ଭାବେ ସରକାର ଧରି ନେଇ ଥିବାରୁ ସୁବର୍ଣ୍ଣପୁର ଜିଲାର ୨ହଜାର ୧୧୧ ପରିବାରର ୨୦ହଜାର ୩୭୬ ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। କାରଣ ସେମାନେ ରାଶନ କାର୍ଡ ସହ ଆଧାର ସଂଯୋଗ କରିନାହାନ୍ତି। ଏଥିପାଇଁ ହିତାଧିକାରୀ ଚିନ୍ତାରେ ଅଛନ୍ତି। କାରଣ ସେମାନେ ଦୀର୍ଘ ୪ବର୍ଷ ହେବ ଏନ୍ଏଫ୍ଏସ୍ଏରେ ଚାଉଳ ଅବା ଗହମ ପାଉଥିଲେ। ଯାନବାହନ, କୋଠାଘର, ଏକର ଏକର ସମ୍ପତ୍ତି ଥିବା ଅଯୋଗ୍ୟ ହିତାଧିକାରୀ ତଥ୍ୟ ଗୋପନ ରଖି ଗରିବଙ୍କ ଖାଦ୍ୟ ସାମଗ୍ରୀ ହଡପ କରୁଥିଲେ। ସେମାନଙ୍କୁ ବାଦ୍ ଦେଲେ ଏବେ ଯୋଗ୍ୟ ହିତାଧିକାରୀଙ୍କୁ ଦୁଇମୁଠା ପେଟଭରି ଖାଇବାକୁ ମିଳିବ। ତେବେ ଆଉ କିଛି ଯୋଗ୍ୟ ହିତାଧିକାରୀ ସମସ୍ୟାରେ ପଡିବାକୁ ଯାଉଥିବା ଅଭିଯୋଗ ହେଉଛି। କାରଣ ଅଦ୍ୟାବଧି ସେମାନଙ୍କ ଆଧାର କାର୍ଡ ହୋଇପାରିନାହିଁ। ଯାନ୍ତ୍ରିକ କିମ୍ବା ବ୍ୟବସ୍ଥାରେ ତ୍ରୁଟି ହେଉ କି ଆଙ୍ଗୁଳି ଚିହ୍ନ ହୋଇ ନ ପାରିବା ଭଳି ସମସ୍ୟା ହେଉ, ବାରମ୍ବାର ଚେଷ୍ଟା ପରେ ବି ଲୋକେ ନିଜର ଆଧାର କାର୍ଡ କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ଆଧାର ସେମାନଙ୍କ ରାଶନ ଛଡାଇ ନେବାର ଆଶଙ୍କା ଥିବାରୁ ଗରିବ ପରିବାରଗୁଡିକ ଚିନ୍ତାରେ ଅଛନ୍ତି। ଏନଏଫଏସଏରେ ଜିଲାରେ ମୋଟ ୧ଲକ୍ଷ ୩୫ହଜାର ୭୮୫ଟି ରାଶନ କାର୍ଡ ଅଛି। କାର୍ଡଧାରୀଙ୍କ ମଧ୍ୟରୁ ୧୫ ତାରିଖ ସୁଦ୍ଧା ୯୮.୪୪% ଆଧାର ସଂଯୋଗ କରିଛନ୍ତି। ସେହିପରି ଜିଲାର ମୋଟ ୪ଲକ୍ଷ ୭୧ହଜାର ୭୮୮ ହିତାଧିକାରୀଙ୍କ ମଧ୍ୟରୁ ୯୫.୬୭% ଆଧାର ଲିଙ୍କ୍ କରିଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ସୂଚନା ମିଳିଛି। ଗାଇଡ୍ ଲାଇନ୍ ଅନୁଯାୟୀ ୬ଟି ମାନଦଣ୍ଡ ଆଧାରରେ ଗରିବ ଲୋକଙ୍କୁ କେନ୍ଦ୍ର ସରକାରଙ୍କ ଏନ୍ଏଫ୍ଏସ୍ଏରେ ସାମିଲ କରା ଯାଇଥିଲା। ଲକ୍ଷ୍ୟ ଥିଲା ଭୋକ ଉପାସରେ କେହି ରହିବେ ନାହିଁ। ଦେଶର ସମସ୍ତ ଗରିବ ଲୋକଙ୍କୁ ଖାଇବାକୁ ମିଳିବ। ତେବେ ବହୁ ଅସାଧୁ ବ୍ୟକ୍ତି ଏହି ଯୋଜନାରେ ସାମିଲ ହୋଇ ଭରପୂର ଫାଇଦା ଉଠାଉଥିଲେ। ବିଭିନ୍ନ ମହଲରୁ ଅଭିଯୋଗ ଆସିବା ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସୁବର୍ଣ୍ଣପୁର ଜିଲାରେ ଅଯୋଗ୍ୟ ବ୍ୟକ୍ତିଙ୍କ ନାମରେ ଫୌଜଦାରି ମାମଲା ରୁଜୁ ହୋଇଥିଲା। ୮ ମହିଳାଙ୍କୁ ଗିରଫ କରା ଯାଇଥିଲା। ସେମାନେ ଜେଲ ଯାଇଥିଲେ। ତନାଘନା ଯୋଗୁଁ ବହୁ ସଂଖ୍ୟାରେ ରାଶନ କାର୍ଡଧାରୀ ଭୟରେ ଫେରାଇ ଦେଇଥିଲେ। ଖାଦ୍ୟଶସ୍ୟ ବାବଦରେ ବେଆଇନ କାର୍ଡଧାରୀ ଜରିମାନା ମଧ ଦେଇଥିଲେ। ତେବେ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ବେଆଇନ ରାଶନ କାର୍ଡଧାରୀଙ୍କଠାରୁ ଆଦାୟ ହୋଇଥିବା ଜରିମାନା ବାବଦ ଅର୍ଥ ଫେରାଇବା ସହ ମକଦ୍ଦମା ଉଠାଇ ଦେଇଥିଲେ। ଏହାର ସୁଯୋଗ ନେଇ ପୁଣି ଅସାଧୁ ଲୋକମାନେ ରାଶନ କାର୍ଡ ହାତେଇବାରେ ସଫଳ ହୋଇଥିଲେ। ଏଭଳି ଅଭିଯୋଗ ପରେ ବେଆଇନ କାର୍ଯ୍ୟକୁ ରୋକିବା ପାଇଁ କେନ୍ଦ୍ର ସରକାର ଆଧାରକୁ ରାଶନ କାର୍ଡ ସହ ଶତପ୍ରତିଶତ ସଂଯୋଗ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ।

ସୁବର୍ଣ୍ଣପୁର ଜିଲା

ବୀରମହାରାଜପୁରରେ ବିଶ୍ୱକର୍ମା ପୂଜା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଜମୁଛି ଦର୍ଶକଙ୍କ ଭିଡ଼

ଅମରପାଲି, ୧୮।୯ (ଡି.ଏନ.ଏ.)

ବୀରମହାରାଜପୁରରେ ଜମୁଛି ବିଶ୍ୱକର୍ମା ପୂଜା। ସଦର ଟ୍ୟାକ୍ସି ଷ୍ଟାଣ୍ଡରେ ଗାଡି ଚାଳକ ସଂଘ ପକ୍ଷରୁ ଆୟୋଜିତ ହେଉଛି ୧୯ତମ ବିଶ୍ୱକର୍ମା ପୂଜା। ମଙ୍ଗଳବାର ସକାଳୁ ପୂଜାରମ୍ଭ ହୋଇଥିବା ବେଳେ ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ହୋଇଥିଲା। ସୁଉଚ୍ଚ ତୋରଣ, ଆକର୍ଷଣୀୟ ମେଢ଼ ଓ ରଙ୍ଗୀନ ଆଲୋକରେ ପୂଜାମଣ୍ଡପ ଦର୍ଶକଙ୍କୁ ଆକର୍ଷଣ କରୁଛି। ବିଶେଷକରି ସନ୍ଧ୍ୟାରୁ ପୂଜା ମଣ୍ଡପରେ ବେଶ ଭିଡ ପରିଲକ୍ଷିତ ହେଉଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି। ବୁଧବାର ପୂର୍ବାହ୍ନ ୧୦ଟାରୁ ଏହି ଅବସରରେ ସୁନ୍ଦରକାଣ୍ଡ ପଠନ କରାଯାଇଥିଲା। ଏଥିରେ ବ୍ୟାସଭାବେ ସୀତା ଯୋଶୀ ସୁନ୍ଦରକାଣ୍ଡ ପଠନ କରିଥିଲେ। ରାତିରେ ସଂକୀର୍ତ୍ତନ୍ୟ ବୈଠକ କାର୍ଯ୍ୟକ୍ରମ କରାଯାଇଛି । ଏଠାକାର ପୂଜାରେ ମନରଞ୍ଜନ ଦାସ ପୂଜକ କାର୍ଯ୍ୟ ତୁଲାଉଛନ୍ତି। ଗୁରୁବାର ଅପରାହ୍ନରେ ଭଷାଣୀ କାର୍ଯ୍ୟକ୍ରମ ହେବ। ଏହା ସହିତ ବୀରମହାରାଜପୁର, ସୁବଳୟା ଓ ମୁର୍ଷୁଣ୍ଡୀ ବିଦ୍ୟୁତ କାର୍ଯ୍ୟାଳୟ, କାନପୁର ଗୋଶାଳା ଛକ, ମୁର୍ଷୁଣ୍ଡୀ, ଅମରପାଲି, ଗୌଡଗାଡ, ଖଣ୍ଡହତା ବର୍ଡାକଟା ଆଦି ଗ୍ରାମରେ ମଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ଗୌଡଗାଡରେ ଅନୁଷ୍ଠିତ ପୂଜା ଅବସରରେ ମଙ୍ଗଳବାର ରାତିରେ ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଏଠାରେ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସ୍ଥାନୀୟ ସେବା ସମିତିର ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ଯୋଗଦେଇଥିଲେ । ମୁର୍ଷୁଣ୍ଡୀରେ ଏହି ଅବସରରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଛି । ଏଥିରେ ରେ. ବଡମାଲର ସ୍ୱପ୍ନାରାଣୀ ଦାଶ ବ୍ୟାସ ଭାବେ ଯୋଗଦେଇ ପାରାୟଣ ଗାନ କରିଥିଲେ ।

# ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଅମରପାଲି, ୧୮।୯ (ଡି.ଏନ.ଏ.)

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଟାଙ୍ଗରସାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୩ଟି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଜୁନିୟର ଓ ସିନିୟର ବର୍ଗରେ ବ୍ଲକସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରବନ୍ଧ ଜୁନିୟର ବିଭାଗର ଅଙ୍କିତା ପଧାନ, ଯଶୋବନ୍ତୀ ପଲିଆ ଓ ଲକ୍ଷ୍ମୀପ୍ରିୟା ଭୋଇ ଓ ସିନିୟର ପ୍ରବନ୍ଧରେ ମଞ୍ଜୁ ନାଏକ, କରିସ୍ମା ପଧାନ ଓ ଦିବ୍ୟଜ୍ୟୋତି ଚାନ୍ଦ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତାରେ ଜୁନିୟର ବର୍ଗରେ ସଂଗୀତା ମେହେର, ସାଗରିକା ସେଠୀ ଓ ସୀମା ମେହେର ଏବଂ ସିନିୟର ବକ୍ତୃତାରେ ଦେବସ୍ମିତା ଦାଶ, ଅର୍ପିତାରାଣୀ ମାଝୀ ଓ କରିଶ୍ମା ପଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ଜୁନିୟର ଚିତ୍ରାଙ୍କନରେ ସିନୁ ମେହେର, ଅମ୍ବିତ ମେହେର ଓ ଇପସିତା ଅନନ୍ୟା ସାହୁ ଏବଂ ସିନିୟର ଚିତ୍ରାଙ୍କନରେ ରାଜାରାମ ମେହେର, ଲକ୍ଷ୍ମୀପ୍ରିୟା ଦେହେରୀ ଓ ଚନ୍ଦ୍ରିକା କର୍ଣ୍ଣ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗୀମାନେ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ।

# ଜଉଁରାଭଉଁରା ସ୍କୁଲରେ ସବୁଜ ବନାନୀ କାର୍ଯ୍ୟକ୍ରମ

ଉଲୁଣ୍ଡା, ୧୮।୯(ଡି.ଏନ.ଏ.)





ସବୁଜ ବନାନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷକ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ସରକାରୀ ଉନ୍ନୀତ ଉଚ ବିଦ୍ୟାଳୟରେ ବିଜୁ ଯୁବ ବାହିନୀ ଆନୁକୁଲ୍ୟରେ ସବୁଜ ବନାନୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ସୁଧାଂଶୁ ଶେଖର ପର୍ତ୍ତିଆଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସଂଯୋଜକ ରବି ନାରାୟଣ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସବୁଜ ବନାନୀର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସର୍ବେଶ୍ୱର ପୂଝାରୀ, ବିଜ୍ଞାନଶିକ୍ଷକ ବାବୁଲୁ ମେହେର, କ୍ରୀଡା ଶିକ୍ଷକ ସୀମାନ୍ତିନୀ ବିଶ୍ୱାଳ, ପ୍ରସନ୍ନ କୁମାର ରଥ ପ୍ରମୁଖ ସାମିଲ ହୋଇ ବୃକ୍ଷର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଦ୍ୟାଳୟର ଚତୁପାର୍ଶ୍ୱରେ ପ୍ରାୟ ୩୦୦ ମୁଲ୍ୟବାନ ଚାରା ରୋପଣ କରାଯାଇଥିଲା। ଏଥିସହିତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଲିଙ୍ଗରାଜ ପଧାନ ଏବଂ ସାମାଜିକ କର୍ମୀ ଅଭି ମେଣ୍ଡଲିଙ୍କୁ ପୋଷ୍ୟ ବୃକ୍ଷ ଲଗାଇବା ପାଇଁ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ 'ମୁଁ ହିରୋ ମୁଁ ଓଡିଶାର ପୁରସ୍କାର ବିଜେତା ସୁଶ୍ରୀ ସଙ୍ଗୀତା ଅମାତ, କୁନୁ ମିର୍ଦ୍ଧା, ମହାଦେବ କଟୁଆ, ବିଶ୍ୱଜିତ ଛନ୍ଦ, ଭରତ ଷାଣ୍ଡ, ଯୋଗେଶ୍ୱର ଭୋଇ, ସତ୍ୟବାନ ମେଣ୍ଡଲି ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟବାଦୀ ବିଦ୍ୟାପୀଠରେ ସ୍ୱଚ୍ଛତା ପକ୍ଷ ପାଳନ



ସ୍ୱଚ୍ଛ ଭାରତ ପକ୍ଷ ପାଳନ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି ଓ ଉପସ୍ଥିତ ଛାତ୍ରୀଛାତ୍ର।

ଉଲୁଣ୍ଡା, ୧୮।୯(ଡି.ଏନ.ଏ.)

ଉଲୁଣ୍ଡା ବ୍ଲକ କଲାପଥର ସତ୍ୟବାଦୀ ବିଦ୍ୟାପୀଠରେ ସ୍ୱଚ୍ଛ ଭାରତ ପକ୍ଷ ପାଳନ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କମ୍ବୁଧର ଛୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୱାର୍ଡସଭ୍ୟ ପୁରନ୍ଦର କର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଶତପଥୀ ଯୋଗଦେଇ ସ୍ୱଚ୍ଛତା ଉପରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇଥିଲେ। ସମ୍ମାନୀତ ଅତିଥିଭାବେ ବିମ୍ବଧର ପଧାନ, ହୃଷିକେଶ ରଥ, ସହକାରୀ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଗାଇଗରିଆ ମଞ୍ଚାସୀନ ହୋଇଥିଲେ। ରାଧେଶ୍ୟାମ ପୁରୋହିତ ସଭା ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଅନୁସୟା ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଜେତା ପଧାନ, ସୋନାଲୀ ମେହେର, ସୁଜିତ ପଧାନ, ସନ୍ଧ୍ୟାରାଣୀ ପଧାନ, ରୁବିନା ବାରିକ, ପ୍ରତ୍ୟାସା ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ପୂଝାରୀ, ଇତିଶ୍ରୀ ମହାକୁର, ବୃନ୍ଦାବତୀ ଜଗଦଲା, ପରମାନନ୍ଦ ମହାକୁର, ରାଜେଶ ଭୋଇ, ଉର୍ବଶୀ କର୍ମୀ, ପୂର୍ଣ୍ଣଚନ୍ଦ୍ର ପୁଟେଲ, ମଞ୍ଜୁଶ୍ରୀ କଲତା, ବୀରେନ୍ଦ୍ର ନନ୍ଦ, ଲଳିତ ମୋହନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ପଞ୍ଚାନନ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂଘିଯୁବା ପଞ୍ଚାୟତରେ ସପ୍ତମ ଆର୍ଥିକ ଜନଗଣନାର ଶୁଭାରମ୍ଭ

ବିନିକା,୧୮।୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ୭ଟି ଗ୍ରାମରେ ସପ୍ତମ ଆର୍ଥିକ ଜନଗଣନା କାମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଭାରତ ସରକାରଙ୍କ ପରିଚାଳିତ ସହଜ ଜନସେବା କେନ୍ଦ୍ର ମାଧ୍ୟମରେ ଏହି ଆର୍ଥିକ ଜନଗଣନା କାର୍ଯ୍ୟ ଚାଲିବ । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗ୍ରାମାଞ୍ଚଳସ୍ତରୀୟ ସୁପରଭାଇଜର ଭାବେ ବ୍ରଜ ମୋହନ ବାରିକଙ୍କ ସହିତ ୧୦ଜଣ ପରିଗଣନାକାରୀ ନିୟୋଜିତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଖଇରମାଳ ଗ୍ରାମରେ ୧୧୬ଟି ପରିବାର, ସିଂଘିଯୁବା ଗ୍ରାମର ୬୪, କମିରାର ୭୧, ସର୍ଗୁଣା ଗାଁର ୯ଟି ପରିବାରର ଆର୍ଥିକ ଜନଗଣନା ହୋଇଛି। ତେବେ ସମଗ୍ର ପଞ୍ଚାୟତର ସମୁଦାୟ ୨୧ଶହ ପରିବାର ଆର୍ଥିକ ଜନଗଣନା ହେବାକୁ ରହିଛି । ଅନୁରୂପଭାବେ ବ୍ଲକର ସମୁଦାୟ ୧୬ ପଞ୍ଚାୟତରେ ସହଜ ଜନସେବା କେନ୍ଦ୍ର ଦ୍ୱାରା ନିୟୋଜିତ ଗ୍ରାମାଞ୍ଚଳସ୍ତରୀୟ ସୁପରଭାଇଜର ଏବଂ ଜନଗଣନାକାରୀଙ୍କ ଦ୍ୱାରା ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି।

# କେଭିକେ ପକ୍ଷରୁ ସାମୂହିକ ବୃକ୍ଷରୋପଣ

ସୋନପୁର,୧୮।୯(ନି.ପ୍ର.)

ପ୍ରଦୂଷଣ ମୁକ୍ତ ଓ ସବୁଜିମା ଭରା ଜିଲା ସୃଷ୍ଟି ପାଇଁ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୨୦୦ଜଣ ଚାଷୀଙ୍କୁ ୫ଟି ଲେଖାଏଁ ବାଉଁଶ, ଜାମୁ, ଶିଶୁ, ଆମ୍ବ, କରଞ୍ଜ, ନିମ୍ବ, କୃଷ୍ଣଚୂଡା ଓ ସଜନା ଚାରା ବଣ୍ଟନ କରାଯାଇଥିଲା। ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଜଙ୍ଗଲ ବୃଦ୍ଧିର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ସେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ସହକାରୀ ବନ ସଂରକ୍ଷକ ସୁଶିଲ କୁମାର ତ୍ରିପାଠୀ, ପ୍ରକଳ୍ପ ସହାୟକ ଜଳଛାୟା ଉନ୍ନୟନ ବିଭାଗ ତାରାକାନ୍ତ ପାତ୍ର, ପ୍ରସନ୍ନ କୁମାର ପାତ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶିନୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଜୀବନଜିତ୍ ସେନ ଓ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି କରମଚାନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍ଭିଦ ସହିତ ମାଟି, ଜଳବାୟୁ ଓ ଜଳ ସମ୍ପର୍କରେ ଆଲୋଚନା କରିଥିଲେ। କେଭିକେର ବୈଜ୍ଞାନିକ ସୁରୋଜିତ ପ୍ରଧାନ ସଭା ସଂଯୋଜନା କରିଥିଲେ।



ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ ଚାଷୀଙ୍କୁ ଚାରା ବଣ୍ଟନ କରୁଛନ୍ତି।





ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କ ସହ ଅତିଥି ବୃନ୍ଦ।

ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

# ସୋନପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଥମ

ସୋନପୁର,୧୮।୯(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛି। ସୋନପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଜିଲାର ୮ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ତରଭା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କଟାପାଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକକଳାକୁ ପୁନର୍ଜୀବିତ କରିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ବିଜ୍ଞାନ ନିରୀକ୍ଷକ ହିମାଂଶୁ ଶେଖର କର, ଓଡିଶା ଆଦର୍ଶ ବିଦ୍ୟାଳୟ ଜାମକାନୀର ଅଧକ୍ଷ ପଞ୍ଚାନନ ପଧାନ ଯୋଗ ଦେଇଥିଲେ। ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମ୍ଭକାର ସଭାରେ ଅଧକ୍ଷତା କରିଥିଲେ। ବିଚାରକ ଭାବେ ଚୌଧୁରୀ ବିଭାର, ପ୍ରବୀର ପଣ୍ଡା ଓ ଡାଏଟ୍‌ର ସରସ୍ୱତୀ ନାୟକ ନୃତ୍ୟର ମୂଲ୍ୟାୟନ କରିଥିଲେ । ଟିଇ ଏଣ୍ଡ ଏସସିଇଆରଟି ଓଡିଶାଙ୍କ ସହାୟତାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



ଧନ ଅର୍ଜନ କରିବାର ପିପାସା, ବହୁ ମହତ ଲୋକଙ୍କୁ ତଳକୁ ନେଇଯାଇଛି।
- ସିସେରୋ



## ସଂକ୍ଷେପରେ



### ଚିଚୈଗୁଡ଼ା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ

ଜୁନାଗଡ,୧୮।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିରେ ପଞ୍ଚାୟତର ୭୧ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଚିଚୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ପିଇଓ ହେମଲତା ମାଝି, ଜିଆରଏସ୍ ସୁଶାନ୍ତ ମେହେର, ନାଏବ ସରପଞ୍ଚ ନବୀନ ମେହେର ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

### ମହିଳା କଲେଜ ପରିଦର୍ଶନ କଲେ ଏମ୍‌ପି ସଙ୍ଗୀତା

# ସୁସ୍ଥ ଜୀବନ ଲାଗି ପ୍ରକୃତିକୁ ବୁଝିବାକୁ ହେବ

ବଲାଙ୍ଗୀର ଅଫିସ,୧୮।୯

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନରେ ଯାଇ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବୁଧବାର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ମହିଳା କଲେଜ ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ଏମ୍‌ପି ସିଂଦେଓ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନ, ସ୍ୱଚ୍ଛତା ଅଭିଯାନ, ଜଳ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରୀମାନଙ୍କୁ କହିଥିଲେ ଯେ, ସମ୍ପ୍ରତି ଯେଉଁ ମାତ୍ରାରେ ପରିବେଶ ପ୍ରଦୂଷଣ ହେଉଛି ତାକୁ ରୋକା ନ ଗଲେ ଜୀବଜଗତର ଅସ୍ତିତ୍ୱ ବିପଦପୂର୍ଣ୍ଣ ହୋଇଯିବ। ସମଗ୍ର ପୃଥିବୀରେ ଗ୍ଲୋବାଲ ୱର୍ମି, ଜଳବାୟୁ ପରିବର୍ତ୍ତନକୁ ନେଇ ପରିବେଶବିତ୍‌ମାନେ ଚିନ୍ତିତ ଅଛନ୍ତି। ଏଭଳି ସମୟରେ ପ୍ରତ୍ୟେକ ବିଶ୍ୱବାସୀ ନିଜ ଦାୟିତ୍ୱ ବୁଝିବାକୁ ହେବ। ସୁସ୍ଥ ଜୀବନ ଲାଗି ପ୍ରକୃତିକୁ ବୁଝିବାକୁ ହେବ। ପ୍ରକୃତି, ପରିବେଶ ସୁରକ୍ଷାରେ ଜୀବଜଗତ ରକ୍ଷା କରିହେବ ବୋଲି କହିଥିଲେ। ପ୍ଲାଷ୍ଟିକ ଅପବ୍ୟବହାର, ଜଳ ସଂରକ୍ଷଣ ଉପରେ ଅଧିକ ଧ୍ୟାନ ଦେବାକୁ ହେବ। ଏହି ଦିଗରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରୀଛାତ୍ରମାନେ ସମାଜର ସବୁ ବର୍ଗଙ୍କୁ ସଚେତନ କରିପାରିବେ ବୋଲି ସେ କହିଥିଲେ। ଏକ ନିରୋଗ ଓ ସୁସ୍ଥ ଜୀବଜଗତ ପାଇଁ ମିଳିତ ଭାବେ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ ବୋଲି ସେ କହିଥିଲେ। ସଭାରେ କଲେଜ ଛାତ୍ରୀମାନଙ୍କୁ ଉତ୍ସାହିତ କରି ପରିବେଶ ପ୍ରୀତି ବଢ଼ାଇବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟାପିକା, ଅଧ୍ୟାପକ, ନାରୀନେତ୍ରୀ ପଙ୍କଜିନୀ ପଣ୍ଡା, ଗୋପାଳଜୀ ପାଣିଗ୍ରାହୀ, ଶିବାଜୀ ମହାନ୍ତି, ପ୍ରଦୀପ ବନ୍‌ସନ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଛାତ୍ରୀମାନେ ଏମପି ସିଂଦେଓଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସହ ଛାତ୍ରୀମାନେ ଆଲୋଚନା କରୁଛନ୍ତି।




ବଲାଙ୍ଗୀରରେ ସେଞ୍ଚୁରିଆନ୍ ୟୁନିଭର୍ସିଟି ପକ୍ଷରୁ ଟ୍ରାଫିକ୍ ସଚେତନତା ରାଲି ପରିକ୍ରମା କରାଯାଉଛି।

# ଟ୍ରାଫିକ୍ ସଚେତନତା ରାଲି

ବଲାଙ୍ଗୀର ଅଫିସ, ୧୮।୯

ବଲାଙ୍ଗୀର ସେଞ୍ଚୁରିଆନ୍ ୟୁନିଭର୍ସିଟି ପକ୍ଷରୁ ବୁଧବାର ସହରରେ ଏକ ଟ୍ରାଫିକ ସଚେତନତା ରାଲି ପରିକ୍ରମା କରିଥିଲା । ଟାଉନ୍ ହଲଠାରେ ଜେଆଟିଏମ୍‌ର ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଲିରେ ସେଞ୍ଚୁରିଆନ୍ ସ୍କୁଲ, ଜେଆଇଟିମ୍ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଟାଉନ୍ ହଲ ସମ୍ମୁଖରୁ ବାହାରିଥିବା ରାଲି ଭାଗିରଥି ଛକ, ଘରୋଇ ବସଷ୍ଟାଣ୍ଡ, ଜିଲାପାଳ କାର୍ଯ୍ୟାଳୟ, ମେନ୍ ମାର୍କେଟ, ପାଟଣା ହୋଟେଲ ଛକ ଦେଇ ସହର ପରିକ୍ରମା କରିଥିଲା। ସୁରକ୍ଷିତ ଯାତ୍ରା ପାଇଁ ଟ୍ରାଫିକ୍ ନିୟମ ପାଳନ କରିବା ଓ ସୁରକ୍ଷା ଉପକରଣ ବ୍ୟବହାର କରିବା ନେଇ ଲୋକଙ୍କୁ ସଚେତନ କରାଯାଇଥିଲା।

# ଦେଓଗାଁ ଡିଗ୍ରୀ କଲେଜ: ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ଦେଓଗାଁ,୧୮।୯(ଡି.ଏନ୍.ଏ.)

ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବୁଧବାର ବିଜ୍ଞାନ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ଶୁଭଶ୍ରୀ ନବନୀତା କାଲସାଏଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କଲେଜ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ, ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଛାତ୍ର ଜୀବନର କର୍ତ୍ତବ୍ୟ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଶେଷରେ ଅଧ୍ୟାପିକା ଅଙ୍କିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ଆଲିସା ପଟ୍ଟନାୟକ ଓ ଅନିଲ କୁମାର ଦଳାଇଙ୍କ ପରିଚାଳନା ତଥା ଧରିତ୍ରୀ ରଣା, ସ୍ୱାଗତ ମେହେର, ଡୋଲେଶ୍ୱର ସାହୁ, ବର୍ଷା ବହିଦାର, ରିପନ ଦାଶ, ଦୁର୍ଯ୍ୟୋଧନ ଓ ମନିଷାଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନିଜ ଲୁକାୟିତ ପ୍ରତିଭା ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ଅଧ୍ୟାପିକା ରିଙ୍କି ସାହୁ, ରୋଜାଲିନ ସାହୁ, ରଶ୍ମିତା ପଣ୍ଡା, ଭାଗ୍ୟଶ୍ରୀ ତ୍ରିପାଠୀ, ଆରତୀ କୁଣ୍ଡ, ସାରଦା ଭଞ୍ଜଦେଓ, ସ୍ୱୋମିତ୍ରୀ ସାହୁ, ଇପସିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ବିଜ୍ଞାନ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ

ବଲାଙ୍ଗୀର ଅଫିସ,୧୮।୯

ବଲାଙ୍ଗୀର ପୂର୍ତ୍ତବିଭାଗ ପକ୍ଷରୁ ବୁଧବାର ସହରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପୂର୍ତ୍ତବିଭାଗର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଏକ ଶୋଭାଯାତ୍ରାରେ ବାହାରି ସଚେତନତା ବାର୍ତ୍ତା ଦେବା ସହ ସଫେଇ କାର୍ଯ୍ୟକ୍ରମ କରିଥିଲେ। ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ଭାଗିରଥି ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ, ସରକାରୀ ବସ୍‌ଷ୍ଟାଣ୍ଡ, ପାଟଣାହୋଟେଲ ଛକ, ସମଲେଶ୍ୱରୀ ମନ୍ଦିର ଦେଇ ସହର ପରିକ୍ରମା କରିଥିଲା। ଏହି ଅବସରରେ ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀମାନେ ସହରର ରାସ୍ତା ପାର୍ଶ୍ୱ ସହ ଡ୍ରେନ୍ ସଫା କରି ଲୋକଙ୍କୁ ସଚେତନ କରାଯାଇଥିଲେ। ପୂର୍ତ୍ତ ଅଧିକ୍ଷଣ ଯନ୍ତ୍ରୀ ଉମେଶଚନ୍ଦ୍ର ମିଶ୍ର, ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦ, ଏସ୍‌ଡିଓ ଉମେଶ ତ୍ରିପାଠୀ, ସମସ୍ତ ଯନ୍ତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ସହରର ଅନ୍ୟ ଅଞ୍ଚଳରେ ମଧ୍ୟ ଏହି ସଫେଇ ଅଭିଯାନ ଜାରି ରହିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି।



ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ବଲାଙ୍ଗୀରରେ ସଫେଇ ଅଭିଯାନରେ ବାହାରିଛନ୍ତି।

# ବଣିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା

ବୋଡେନ,୧୮।୯ (ଡି.ଏନ.ଏ.)

ନୂଆପଡା ଜିଲା ବୋଡେନ ବଣିକ ସଂଘ ତରଫରୁ ବିଶ୍ୱକର୍ମା ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ବୋଡେନ ବସଷ୍ଟଣ୍ଡ ଛକ ପାଖରେ ବିଶ୍ୱକର୍ମା ପୂଜା ମଣ୍ଡପ ସାଜସଜ୍ଜା କରି ଦୁଇ ଦିନ ଧରି ପାଳିତ ହୋଇଥିଲା। ପ୍ରଥମ କରି ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ନେଇ ବଣିକ ସଂଘ କର୍ମକର୍ତ୍ତାମାନେ ପ୍ରଥମ କରି ଏ ବର୍ଷର ପୂଜା କରାଯାଇଥିଲା । ଏଥିରେ ଦିଲୀପ ଦଣ୍ଡସେନା, ସୁବ୍ରତ ସାହୁ, ଛବିଲାଲ ବାରିକ, ତପନ ନାୟକ, ହେମସାଗର ମାଝି, ପ୍ରସାନ୍ତ ଦଣ୍ଡସେନା, ଦିଲୀପ ପଣ୍ଡା, ରଘୁ ମହାରଥା ପ୍ରମୁଖ ପୂଜାରେ ସହଯୋଗ କରିଥିଲେ।

# ତୁଷୁରା ଓକିଲ ସଂଘ ସରକାରୀ କାର୍ଯ୍ୟାଳୟ ବନ୍ଦ କଲା

ଗୁଡ଼ଭେଲା,୧୮।୯(ଡି.ଏନ୍.ଏ.)

ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବଲାଙ୍ଗୀର ଓକିଲ ସଂଘର ଆହ୍ୱାନ କ୍ରମେ ତୁଷୁରା ବାର ଆସୋସିଏଶନ ପକ୍ଷରୁ ବୁଧବାର ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ତୁଷୁରା ବାର ଆସୋସିଏଶନ କର୍ମକର୍ତ୍ତା ପିକେଟିଂ କରି ତୁଷୁରା ତହସିଲ କାର୍ଯ୍ୟାଳୟ, ଏନ୍‌ଏସି କାର୍ଯ୍ୟାଳୟ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଆନ୍ଧ୍ରା ବ୍ୟାଙ୍କ, ଡାକ ଘର, ତୁଷୁଡ଼ା ଆଇସିଆଇସି ବ୍ୟାଙ୍କ, କେନ୍ଦ୍ର ସମବାୟ ବ୍ୟାଙ୍କ ଆଦି ବନ୍ଦ କରିଥିଲେ। ଆନ୍ଦୋଳନରେ ଓକିଲ ସଂଘ ସଭାପତି ଆର୍ତ୍ତତ୍ରାଣ ପୁରୋହିତ, ରୁପେଶ ସାହୁ, ସୁମିତ ମିଶ୍ର, ଦୈତାରୀ ଆଚାର୍ଯ୍ୟ, ବିଜୟ ପଧାନ, ସରୋଜ ପଟ୍ଟନାୟକ, ଭକ୍ତରାମ କଏଣ୍ଡା, ଶିବ ବାଗ, ଦିବ୍ୟସିଂ ମେହେର ପ୍ରମୁଖ ସାମିଲ ଥିଲେ।

# ମର୍ନିଂ କ୍ଲବ ୨–୧ ଗୋଲରେ ବିଜୟୀ

ଭବାନୀପାଟଣା,୧୮।୯ (ଡି.ଏନ.ଏ.)

ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ କଳାହାଣ୍ଡି କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଦ୍ୱିତୀୟ ଟାଉନ ଫୁଟବଲ ଲିଗ୍ ବୁଧବାର ଥିଲା ଚତୁର୍ଥ ଦିବସ । ସ୍ୱୋଟ୍ସ ହଷ୍ଟେଲ ବନାମ ମର୍ନିଂ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମର୍ନିଂ କ୍ଲବ ୨–୧ ଗୋଲରେ ବିଜୟୀ ହୋଇଥିଲା। ମର୍ନିଂ କ୍ଲବ ତରଫରୁ ଶ୍ରୀକାନ୍ତ ମାଝି ୧ ଗୋଲ ଓ ମୁକେଶ ରାଉତ୍ ୧ ଗୋଲ ଦେଇଥିବା ବେଳେ ସ୍ୱୋଟ୍ସ ହଷ୍ଟେଲ ଡି. ସଞ୍ଜୟ ଗୋଟାଏ ଗୋଲ ଦେଇଥିଲେ। ଫଳରେ ମର୍ନିଂ କ୍ଲବ ବିଜୟୀ ହୋଇଥିଲା। ଚତୁର୍ଥ ଦିବସର ମ୍ୟାଚ୍‌ରେ ଅତିଥି ଭାବେ ନ୍ୟାଶନାଲ ଜୁନିୟର ଇଣ୍ଡିଆ ଖେଳାଳି ଜଳେଶ୍ୱର ଗଉଡ ଅତିଥି ଭାବେ ଯୋଗଦେଇଥିଲେ। ଚତୁର୍ଥ ଦିବସରେ ସନ୍ତୋଷ କୁମାର ପ୍ରଧାନ, ଜିତେନ୍ଦ୍ର କୁମାର ରଥ, ରଞ୍ଜନ କୁମାର ଦାସ ଓ ଅବଦୁଲ କାଦର ପ୍ରମୁଖ ଖେଳ ପରିଚାଳନା କରିଥିଲେ। କ୍ରୀଡା ସଂସ୍ଥା ସମ୍ପାଦକ ତଥା ଓଡିଶା ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ଓ ଉପସଭାପତି ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଗୁରୁବାର ପଞ୍ଚମ ମ୍ୟାଚ୍ ଗୁଡମର୍ନିଂ କ୍ଲବ ବନାମ ଟେଣ୍ଡିସିସି ମଧ୍ୟରେ ଅନୁଷ୍ଠିତ ହେବ।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 134 of 2019
BANK OF INDIA, Berhampur Branch, Berhampur
............Applicant
Versus
Sri Dhirendra Kumar Sethi & another ..........Defendants
To,
1. Sri Dhirendra Kumar Sethi, S/o: Bhikari Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .
2. Mrs Puspa Sethi, W/o: Dhirendra Kumar Sethi, At: Hansatuli, Sandhamul, Sumandal, Kodala, Dist: Ganjam- 761035 .
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No 134 of 2019 in the court of the Debts Recovery Tribunal, Cuttack for recovery of Rs.15,31,900/- only together with current and future interest, costs and other reliefs. The above referred defendants are therefore, directed to appear before this Tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 07.11.2019 at 10.30 a.m as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this 17th day of SEPTEMBER, 2019 .
Sd/-
REGISTRAR
(M. K. PATNAIK)

GOVERNMENT OF ODISHA
Office of the Project Administrator,
ITDA, Th.Rampur at - Bhawanipatna
e-Procurement Notice
Letter No.1391 Date: 17.09.19
The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).
1. No. of works: 15.
2. Nature of work : Civil construction
3. BID identification No. : ITDA,THR/01/2019-20
4. Date and Time of availability of Bid document in portal: from 10.00 A.M. of 20.09.2019 to 01.10.2019 up to 5.00 PM for online biding.
5. Last date & time for receipt of BIDs in portal: 01.10.2019 up-to 5.00 P.M.
6. BIDs received online shall be opened on: 04.10.2019 at 11.00 A.M.
7. Name and address of the officer : Project Administrator, ITDA, Th. Rampur at Bhawanipatna
Sd./- Project Administrator
ITDA, Th. Rampur,
Bhawanipatna

No. 42-F:
ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ବୋକ ଓ ଆବାଦୀ ଜମିରେ ନ୍ୟାୟସଙ୍ଗତ ଭାବରେ ବସବାସ କରୁଥିବା ଲୋକଙ୍କ ପାଇଁ ବିଶେଷ ସୂଚନା
ଜମି ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ବୃଦ୍ଧି
ଖାସମାହାଲ, ନଜୁଲ, ଗ୍ରାମକଣ୍ଠ ପରମ୍ବୋକ କିମ୍ବା ଆବାଦୀ ଜମିରେ ଯଦି ଆପଣ ତା୨୬ ଫେବୃୟାରୀ, ୨୦୦୬ରିଖ ପୂର୍ବରୁ ଆଇନାନୁମୋଦିତ ଭାବେ ବାସ କରୁଥିବେ, ତେବେ ଆପଣ ଏହି ଜମିକୁ ନିଜ ନାମରେ ରୟତି ସ୍ୱତ୍ୱରେ ରେକର୍ଡ କରିପାରିବେ। ଏହାଦ୍ୱାରା ପୁରୁଷାନୁକ୍ରମିକ ଭାବରେ ବିନା ବାଧାରେ ଭୋଗ କରିପାରିବେ ଓ ଜମି ହସ୍ତାନ୍ତରଯୋଗ୍ୟ ହୋଇପାରିବ।
ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ସରକାର ଉପରୋକ୍ତ କିସମର ଜମିର ରୟତି ସ୍ୱତ୍ୱରେ ରେକର୍ଡ କରିବାକୁ ଆବେଦନପତ୍ର ଦାଖଲ କରିବାର ସମୟସୀମା ତା୩୧ ମାର୍ଚ୍ଚ, ୨୦୨୦ରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।
ଆବେଦନ ଫର୍ମ, ଯୋଗ୍ୟତା ଓ ସମ୍ପୂର୍ଣ୍ଣ ପ୍ରଣାଳୀ ଜାଣିବା ପାଇଁ ଆପଣଙ୍କ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ବା ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।
24001/11/0153/1920



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
-ସକ୍ରେଟିସ୍



## ସଂକ୍ଷେପରେ

### କଫ୍ ସିରପ ଜବତ ମାମଲା: ୨ ମୁଖ୍ୟ ଅଭିଯୁକ୍ତ ଗିରଫ

**ନୂଆପଡା ଅଫିସ,୧୮।୯-** କିଛି ଦିନ ତଳେ ବେଆଇନ ଭାବେ କଫ ସିରପ୍ ରଖି ବିକ୍ରି କରୁଥିବା ଘଟଣାରେ କଫ ସିରପ୍ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ବୁଧବାର ପୁଣି ଦୁଇଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଟୁନୁ ଅଗ୍ରୱାଲ(୨୫), ସଞ୍ଜୟ ବାଗ(୨୨) । ସୂଚନାଯୋଗ୍ୟ ଯେ, ଗତ ମାସ ସ୍ଥାନୀୟ ତେଲିପଡାର ଏକ ଜାଗାରେ ନୂଆପଡା ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଥିଲା । ଏ ନେଇ ଏକ ମାମଲା (ନଂ. ୮୨/୧୯)ରୁଜୁ କରି କୋର୍ଟ ଚାଲାଣ କରାଯାଇଥିଲା । ଅନ୍ୟ ଅଭିଯୁକ୍ତମାନେ ଫେରାର ଥିଲେ। ଏହା ଉପରେ ପୋଲିସ ଛାନଭିନ ଜାରି ରଖି ବୁଧବାର ଗିରଫ କରିଛି ।




### ବିଶ୍ୱକର୍ମାଙ୍କ ପୂଜା ଧୁମଧାମ୍‌ରେ ପାଳିତ

**ଖଡିଆଳ,୧୮।୯ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଳ ସହରରେ ଧୁମଧାମରେ ପାଳିତ ହେଉଛି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା। ଖଡିଆଳ ସହରର ଜଳ ସମ୍ପଦ ବିଭାଗ, ବିଦ୍ୟୁତ୍ ବିଭାଗ, ଖଡିଆଳ ଘରୋଇ ବସ୍ ମାଲିକ ସଂଘ, ପିଡବ୍ଲ୍ୟୁଡି କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଖଡିଆଳ ମିସ୍ତ୍ରୀ ସଙ୍ଗଠନ, ଜୟ ମା' ଦୁର୍ଗା ଟେକ୍ସି ଡ୍ରାଇଭର ୟୁନିୟନ ଏବଂ ଖଡିଆଳ ସହର ଆଖପାଖ ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ପୂଜା ପାଳିତ ହେଉଛି। ସୁନ୍ଦର ତୋରଣ ଏବଂ ଲାଇଟ ସାଜସଜ୍ଜା ହୋଇଥିବା ବେଳେ ରାତ୍ରିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳୁଛି । ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବରେ ଖଡିଆଳ ସହର ଉତ୍ସବ ମୁଖର ହୋଇଥିବା ବେଳେ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁ ଦେବଶିଳ୍ପୀଙ୍କ ଦର୍ଶନ କରୁଥିବା ଦେଖିବାକୁ ମିଳୁଛି ।

## ଚାଷୀଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବ୍ହାର ଅଭିଯୋଗ

# ଇନ୍‌ପୁଟ ସବ୍‌ସିଡି ପାଇଁ ଯାଇଥିବା ଚାଷୀ ହଟହଟା

**ନୂଆପଡା ଅଫିସ,୧୮।୯**

ସରକାର ଚାଷୀ କିମ୍ବା କୌଣସି ହିତାଧିକାରୀ ଅଧିକାରୀଙ୍କ ନିକଟକୁ ଆସିଲେ ତାଙ୍କୁ ଉପଯୁକ୍ତ ଆତିଥ୍ୟ ଦେଇ ଗୁହାରି ଶୁଣିବାକୁ ନିର୍ଦ୍ଦେଶ ରହିଥିବାବେଳେ ନୂଆପଡ଼ା ଜିଲା କୋମନା ତହସିଲଦାର ଚାଷୀଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଗତବର୍ଷ ମରୁଡିର ଇନପୁଟ ସବ୍‌ସିଡି ବାବଦକୁ ଗୁହାରି କରିବାକୁ ଆସିଥିବା ପଏଁର ଗ୍ରାମପଞ୍ଚାୟତ ଚାଷୀମାନେ ତହସିଲଦାର ଶ୍ୟାମଲ ରଏଙ୍କୁ ଭେଟି ଗୁହାରି କରିବାବେଳକୁ ଦୁର୍ବ୍ୟବହାର କରି ଅଫିସରୁ ତଡିଦେଇଛନ୍ତି। ଏହାକୁ ନେଇ ଚାଷୀମାନେ ତୁରନ୍ତ ନୂଆପଡା ଆସି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁସାରେ ଗତବର୍ଷ ବର୍ଷାଭାବ ଯୋଗୁ କୋମନା ବ୍ଲକରେ ମରୁଡି ହୋଇଥିଲା। ଏଥିସକାଶେ ସରକାର ଇନପୁଟ ସବ୍‌ସିଡି ଟଙ୍କା ଯୋଗାଇଦେବାକୁ ଘୋଷଣା କରିଥିଲେ। କୋମନା ତହସିଲରେ ଚାଷୀଙ୍କୁ ବର୍ଷତମାମ ଭୁଆଁବୁଲାଇ



କୋମନା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ କରିବାକୁ ଠୁଳ ହୋଇଥିବା ଚାଷୀମାନେ।

ଚାଲିଥିବା ଅଭିଯୋଗ ହୋଇଛି। ସବୁଠାରୁ ବହୁଳ ପରିମାଣରେ ପ୍ରଭାବିତ ହୋଇଥିବା ପଏଁର ଗ୍ରାମପଞ୍ଚାୟତର ଚାଷୀମାନ ବାରମ୍ବାର ଅଫିସକୁ ଦୌଡିଛନ୍ତି। ହେଲେ ସମ୍ପୃକ୍ତ ତହସିଲଦାର ବିଭିନ୍ନ ବାହାନା କରି ବୁଲାଇ ଚାଲିଥିଲେ। ବୁଧବାର ମଧ୍ୟାହ୍ନ ୧୨ଟାରେ ପଞ୍ଚାୟତର ମହୁଲ ଭଟା, ପଏଁର ଏବଂ ଅନୁପଗଡ ଗାଁର ଚାଷୀ ଲଛିନ୍ଦ୍ର ମାଝି, କୈଳାସ ଭୋଇ, ଅମିୟ ପାଢୀ, ସୁଦାମ ସାହୁ, ଦେବଦତ ସାହୁ, ଭୀମ ଭୋଇ ପ୍ରମୁଖ ଅନ୍ୟ ଚାଷୀଙ୍କ ସହ ତହସିଲଦାରଙ୍କ କାର୍ଯ୍ୟାଳୟରେ ଯାଇ ଭେଟିଥିଲେ। କାର୍ଯ୍ୟାଳୟ ଭିତରକୁ ଯିବାକୁ ଅନୁମତି ଦେଇଥିଲେ। ଦାବିପତ୍ର ଗ୍ରହଣ କରିଥିଲେ । ହେଲେ ସେଠାରୁ ହଠାତ ଉତକ୍ଷିପ୍ତ ହୋଇ ଚାଷୀମାନଙ୍କୁ ଗେଟ ଆଉଟ କହି ତଡିଦେଇଥିଲେ। ଚାଷୀମାନେ ବୁଝାଇ ନିଜର ନିବେଦନ ରଖିଥିଲେ ମଧ୍ୟ ସେ ଶୁଣି ନ ଥିଲେ । ଓଲଟା ପାଟି କରି ଟେବୁଲ ପିଟି ତଡିଦେଇଥିଲେ। ଅସନ୍ତୋଷ ଚାଷୀମାନେ ଫୋନ ଯୋଗେ ଜିଲାପାଳଙ୍କୁ ଜଣାଇବା ପରେ ନୂଆପଡା ଆସି ଅପରାହ୍ନରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି । ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହା ଉପରେ ତହସିଲଦାରଙ୍କୁ ପଚାରିବାରୁ ଏଭଳି କୌଣସି ଦୁର୍ବ୍ୟବହାର କରି ନ ଥିବା କହିଛନ୍ତି ।

## ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ଉପରେ ୧୧ କେଭି ବିଦ୍ୟୁତ୍ ତାର

**କୋମନା ,୧୮।୯ (ଡି.ଏନ.ଏ.)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ମହୁଲଭଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉପରେ ୧୧ କେଭି ବିଦ୍ୟୁତ ତାର ଝୁଲୁଛି। ଫଳରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ବିପଦ ସଙ୍କୁଳ ଅବସ୍ଥାରେ ରହୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ନେଇ ସ୍କୁଲ ପ୍ରଧାନ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟି ୨୦୧୪ରୁ କୋମନା ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ ସିଆରସିସିଠାରୁ ଆରମ୍ଭ କରି ଜିଲା ଶିକ୍ଷାଧୀକାରୀଙ୍କୁ ଜଣାଇଛନ୍ତି। କିନ୍ତୁ ଆଜିଯାଏ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ୧୧ କେଭି ବିଦ୍ୟୁତ୍ ତାର ସ୍କୁଲ ପରିସରରୁ ହଟାଇ ଅନ୍ୟତ୍ର ଖୁଣ୍ଟ ପୋତି କେବୁଲ ତାର ସଂଯୋଗ କରିବା ପାଇଁ ଗାଁ ଲୋକେ ଜିଲାପାଳଙ୍କ ଅଭିଜୋଗ ଶୁଣାଣି ଶିବିରରେ ଅଭିଯୋଗ କରି ଆସୁଛନ୍ତି। ଏ ଦିଗରେ କୌଣସି ଅଧିକାରୀ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉ ନ ଥିବାରୁ ସବୁବେଳେ ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ କର୍ମକର୍ତ୍ତା ବିପଦସଙ୍କୁଳ ଅବସ୍ଥାରେ ରହୁଥିବା ପ୍ରଧାନ ଶିକ୍ଷକ ରମେଶ ପାଣିଗ୍ରାହୀ କହିଛନ୍ତି।



ବିଦ୍ୟାଳୟ ଉପରେ ୧୧ କେଭି ବିଦ୍ୟୁତ୍ ତାର ଯାଇଛି।

## ନୂଆପଡ଼ାରେ ବିଶ୍ୱକର୍ମା ପୂଜା

**ନୂଆପଡା ଅଫିସ,୧୮।୯**

ନୂଆପଡା ସହରର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ସ୍ଥାନୀୟ ପୋଲିସ ପଡିଆରେ ନୂଆପଡା ବେସରକାରୀ ଟ୍ୟାକ୍ସି ଡ୍ରାଇଭର ଆସୋସିଏଶନ ତରଫରୁ କରାଯାଇଥିବା ପୂଜା ସହ ମଣ୍ଡପ ଆକର୍ଷଣୀୟ ଥିଲା । ଏଥିରେ କର୍ତ୍ତା ଭାବେ ମହେଶ ସାହୁ ରହିବାବେଳେ ପୂଜାକୁ ସଭାପତି ନାରାୟଣ ନାଗ ପରିଚାଳନା କରିଥିଲେ । ମଧ୍ୟାହ୍ନ ୧୨ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ସହରର ଶତାଧିକ ଗାଡି ଗାଡି ଠୁଳ ହୋଇଥିଲା । ଏଥିରେ ସମସ୍ତ ଡ୍ରାଇଭର ଏକଜୁଟ ହୋଇ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରସାଦ ବଣ୍ଟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମୁନା ପାତ୍ର, ମଧ୍ୟ ବିଶି, ଗଣେଶ ନାଗ, ଗୁଡୁ ରାଉତ, ହରେ ମାଝି, ସନ୍ତୋଷ ପୋଢ, ବସନ୍ତ ରଣା, ନୀଳାମ୍ବର ମାଝି, ଗଜିନ୍ଦ୍ର ଦଣ୍ଡସେନା, ଭାନୁପ୍ରତାପ ପଟେଲ, ଉମେଶ ଦଣ୍ଡସେନା, ଯୁବରାଜ ଦେୱାଙ୍ଗନ ପ୍ରମୁଖ ଯୋଗଦେଇଥିଲେ । ଏହିଭଳି ବସଷ୍ଟାଣ୍ଡ, ବିଜୁଳୀ ବିଭାଗର ଷ୍ଟକ୍ଟର ଆଦି ବିଭିନ୍ନ ଜାଗାରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଦୁଇ ଦିନ ଧରି ପୂଜା ଚାଲିଥିବାବେଳେ ଗୁରୁବାର ବିସର୍ଜନ କାର୍ଯ୍ୟକ୍ରମ ରହିଛି।



ବେସରକାରୀ ଟ୍ୟାକ୍ସି ଡ୍ରାଇଭର ଆସୋସିଏଶନର ପୂଜା ମଣ୍ଡପରେ ଅତିଥିଗଣ ।

## ନାଳପାଣି ପାର ହୋଇ ଯାଉଛନ୍ତି ଲୋକେ

**ବୋଡେନ,୧୮।୯ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ରାସ୍ତା ଦେଇ ସଂଯୋଗ କରୁଥିବା ଖଡୁପାଣିଠାରୁ ସିନାପାଲି ବ୍ଲକ ପଣ୍ଡରିପାଣି ପର୍ଯ୍ୟନ୍ତ ପ୍ରାୟ ୩ କି.ମି. ରାସ୍ତା ଅଳ୍ପ ବର୍ଷା ହେଲେ କାଦୁଅ ହୋଇ ରାସ୍ତା ଶୋଚନୀୟ ହୋଇପଡିଛି। ଫଳରେ ଉକ୍ତ ରାସ୍ତା ଦେଇ ଘାଟମାଳ, ଯୋଗଭଟା ଖଡୁପାଣି ଗାଁର ଲୋକ ଦୈନିକ ଯିବାଆସିବା କରିଥାନ୍ତି। ଖଡୁପାଣି ଗାଁ ପର୍ଯ୍ୟନ୍ତ ବୋଡେନ ପଟୁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ନିର୍ମାଣ କରାଯାଇଛି । ସିନାପାଲି ବ୍ଲକ ପଟୁ ଯୋଗଭଟା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡକ ଯୋଜନା ରାସ୍ତା ରହିଛି । ହେଲେ ଯୋଗଭଟା ଓ ଖଡୁପାଣି ଗାଁର ପ୍ରାୟ ୫ କି.ମି. ରାସ୍ତା ଖରାପ ହୋଇ ପଡିରହିଛି । ପଣ୍ଡରିପାଣି ଗାଁ ନିକଟରେ ଏକ ନାଳରେ ପାଣି ବୋହି ଯାଇଥିବାରୁ ଲୋକେ ବର୍ଷା ଦିନରେ ଚାଲି ଚାଲି ପାର ହୋଇଥାନ୍ତି । ଉକ୍ତ ରାସ୍ତାକୁ ପ୍ରଧାନ ମନ୍ତ୍ରୀ ସଡକ ଯୋଜନାରେ ସାମିଲ କରିବାକୁ ଅଚଞ୍ଚବାସୀ ଦାବି କରିଛନ୍ତି ।

## ନିଜ ଉଦ୍ୟମରେ ରାସ୍ତା ତିଆରି କଲେ ଅନୁପଗଡ଼ବାସୀ

**କୋମନା,୧୮।୯ (ଡି.ଏନ.ଏ.)**

ଲୋକଙ୍କ ଗମନାଗମନ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଅଧିକାରୀମାନଙ୍କ ଅବହେଳା ଯୋଗୁ ଯୋଜନାଗୁଡିକ ସବୁବେଳେ ଫେଲ ମାରୁଛି। ଫଳରେ ଜଙ୍ଗଲ ରାସ୍ତାରେ ଯାତାୟାତ କରିବା ଲୋକଙ୍କ ପ୍ରତି ବିପଦପୂର୍ଣ୍ଣ ହେଉଛି। ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଅନୁପଗଡ ଗ୍ରାମରେ ବାସ କରୁଥିବା ୪୦ ଆଦିବାସୀ ପରିବାର ଏହି ରାସ୍ତାରେ ସବୁବେଳେ ଯିବା ଆସିବା କରିଥାନ୍ତି । ଏମାନେ ଅନେକ ଥର ପ୍ରଶାସନକୁ ରାସ୍ତାର ଏଭଳି ଅବସ୍ଥା ନେଇ ଅବଗତ କରିଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉନାହିଁ । ଯଦ୍ୱାରା ଗ୍ରାମବାସୀ ନିଜ ଉଦ୍ୟମରେ ଅଧ କି.ମି. ରାସ୍ତା ନିର୍ମାଣ କରି ଅଞ୍ଚଳରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏହି ରାସ୍ତା ନିର୍ମାଣ ହେବା ଯୋଗୁ ଲୋକେ ସୁବିଧାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି । ପଏଁର ହେଉଛି କୋମନା ବ୍ଲକର ନୂଆ ଗ୍ରାମପଞ୍ଚାୟତ। ପଞ୍ଚାୟତ ମୁଖ୍ୟରୁ ଅନୁପଗଡକୁ ମାତ୍ର ୨ କିଲୋମିଟର ରାସ୍ତା। ଏହି ରାସ୍ତାରେ ପୂର୍ବରୁ ବହୁ ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ରାସ୍ତା ଅତି ଶୋଚାନୀୟ ହୋଇ ପଡିଥିଲା। ଅନେକ ଥର ପ୍ରଶାସନକୁ ରାସ୍ତା ନିର୍ମାଣ ପାଇଁ ଗାଁବାସୀ ଦାବି କରି ଆସୁଥିଲେ। ତଥାପି ଏହି ରାସ୍ତା ଉପରେ କାହାରି ନଜର ପଡୁ ନ ଥିଲା। ଶେଷରେ ଗ୍ରାମବାସୀ ଏକଜୁଟ ହୋଇ ୨୫ ଜଣଙ୍କ ପାରିଶ୍ରମିକରେ ରାସ୍ତା ନିର୍ମାଣ କରିଛନ୍ତ। ଏହି ରାସ୍ତା ନିର୍ମାଣରେ ଗ୍ରାମର କୈଳାସ ମାଝି, ପରମାନନ୍ଦ ମାଝି, ଲୋଚନ ମାଝି, ତୁକାରାମ ମାଝି, ଗୋବିନ୍ଦ ମାଝି, ଉଧବ ମାଝି, ଟିକମନ ମାଝି ପ୍ରମୁଖ ସହଯୋଗ କରି ସମତୁଳ କରିଥିଲେ।



ଗ୍ରାମବାସୀ ମିଶି ରାସ୍ତା ନିର୍ମାଣ କରୁଛନ୍ତି ।

**ମିଳିତ ଓକିଲ ସଂଘର ଚେତାବନୀ**

## ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ତୀବ୍ର ହେବ

**ଭବାନୀପାଟଣା,୧୮।୯ (ଡି.ଏନ.ଏ.)**

ଜଶବନ୍ତ ସିଂ କମିଟି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ମାନବିନ୍ଦୁକୁ କଳାହାଣ୍ଡି ପୂରଣ କରୁଛି। କଳାହାଣ୍ଡି କେବିକେ ଅଞ୍ଚଳର ମଧ୍ୟଭାଗରେ ରହିଛି। ଗତ ୬ ବର୍ଷ ଧରି କଳାହାଣ୍ଡିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ କଳାହାଣ୍ଡି ଓକିଲ ସଂଘ ଆନ୍ଦୋଳନ କରି ଆସୁଛି। ଏହି ଆନ୍ଦୋଳନକୁ ଆହୁରୀ ତୀବ୍ରତର କରିବା ପାଇଁ ରବିବାର ଭବାନୀପାଟଣା ସିଭିଲ କୋର୍ଟ ପରିସରରେ ଆୟୋଜିତ କଳାହାଣ୍ଡି ମିଳିତ ଓକିଲ ସଂଘ ବୈଠକରେ ମତ ପ୍ରକାଶ ପାଇଛି। କଳାହାଣ୍ଡି ମିଳିତ ଓକିଲ ସଂଘ ସଭାପତି ସନ୍ତୋଷ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଳାହାଣ୍ଡି ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ସମ୍ପାଦକ ଅଶ୍ୱିନୀ ଦାସଙ୍କ ସମେତ ଜିଲାର କେସିଙ୍ଗା, ମ.ରାମପୁର, କୋକସରା, ଜୟପାଟଣାଆଦି ଓକିଲ ସଂଘ ସମେତ କର୍ମକର୍ତ୍ତା ଏବଂ ଶତାଧିକ ଓକିଲ ଯୋଗଦେଇଥିଲେ। ବୈଠକରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନକୁ ତୀବ୍ରତର କରିବା, ଏକ ପ୍ରତିନିଧି ମଣ୍ଡଳ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଆଇନମନ୍ତ୍ରୀ, ଆଇନ ସଚିବ ଓ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିବା, ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନିମନ୍ତେ ଗଠିତ କମିଟିକୁ ସ୍ମାରକପତ୍ର ପ୍ରଦାନ କରିବା, ସୁପ୍ରିମକୋର୍ଟରେ ହାଇକୋର୍ଟ ବେଞ୍ଚ କଳାହାଣ୍ଡିରେ ପ୍ରତିଷ୍ଠା ଦାବିରେ ପିଆଇଏଲ୍ କରିବା ସହ ଆଗାମୀ ଦଶହରା ପରେ କଳାହାଣ୍ଡିରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ କଳାହାଣ୍ଡି ମହାବନ୍ଦ ଆୟୋଜନ ଆଦି ୫ଟି ପ୍ରସ୍ତାବ ଗୃହୀତ ହୋଇଛି। ପ୍ରତି ମାସର ଶେଷ ସୋମବାର ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ସହିତ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ପ୍ଲାଷ୍ଟିକ ନିଷେଧ ସଚେତନତା କାର୍ଯ୍ୟକ୍ରମ

**ମ.ରାମପୁର,୧୮।୯ (ଡି.ଏନ.ଏ.)**

ମଙ୍ଗଳବାର ମ.ରାମପୁର ଉପବିଭାଜନ ଅଞ୍ଚଳରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ, ପୁନଃ ବିନିଯୋଗ ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ନର୍ଲା ଡାକବଙ୍ଗଳାଠାରୁ ପ୍ରାଣି ଚିକିତ୍ସା କେନ୍ଦ୍ର ପର୍ଯ୍ୟନ୍ତ ଏବଂ ଅପରାହ୍ନରେ ମ.ରାମପୁର କୋର୍ଟଠାରୁ ଚାରିଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଯନ୍ତ୍ରୀ, କର୍ମଚାରୀମାନେ ହାତରେ ଝାଡୁ, ଝୁଡି ଧରି ଅଳିଆ ଆବର୍ଜନା ସଫା କରି ପ୍ଲାଷ୍ଟିକ ମୁକ୍ତ ପରିବେଶ ପାଇଁ ଲୋକଙ୍କୁ ସଚେତନ କରାଇଥିଲେ। ଭାରପ୍ରାପ୍ତ ଏସଡିଓ ତଥା ଏଇଇ ଭୁବନେଶ୍ୱର ଶବର, ଏଇ ରାଜକିଶୋର ପାତ୍ର, ଜେଇ ଅଶୋକ ସାହୁ, ଜେଇ ଚକ୍ରଧର ବେହେରାଙ୍କ ନେତୃତ୍ୱରେ ପୂର୍ତ୍ତ ବିଭାଗର ୨୫ଜଣ କର୍ମଚାରୀ ରାସ୍ତାଘାଟ ସଫେଇ କରିଥିଲେ ।

## ଭୂତକୋଠି ପାଲଟିଛି ଭରୁଆମୁଣ୍ଡା ପ୍ରାଣୀ ଚିକିତ୍ସା କେନ୍ଦ୍ର

**ସିନାପାଲି,୧୮।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଭରୁଆମୁଣ୍ଡାଠାରେ ଥିବା ପଶୁଚିକିତ୍ସା କେନ୍ଦ୍ର ଉଦ୍‌ଘାଟନ ନ ହୋଇ ଏବେ ଭୁତକୋଠି ପାଲଟିଛି। ପ୍ରାପ୍ତ ସୂଚନାନୁସାରେ ସିନାପାଲି ବ୍ଲକର ଭରୁଆମୁଣ୍ଡା, ନୂଆପଡା ଓ ଲିଟିଗୁଡା ଆଦିବାସୀ ଅଧୁଷିତ ଗ୍ରାମପଞ୍ଚାୟତ। ଏଠାକାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିବା ବେଳେ ପ୍ରାୟ ସମସ୍ତେ ଗାଈ, ବଳଦ ପାଳନ କରୁଛନ୍ତି। ଚାଷ କାମ ପାଇଁ ଲୋକେ ବଳଦ ରଖିଥିବା ବେଳେ କ୍ଷିର ଲାଗି ଗାଈଗୁଡିକ ରଖିଛନ୍ତି। ଭରୁଆମୁଣ୍ଡା, ନୂଆପଡା ଓ ଲିଟିଗୁଡା ଗ୍ରାମପଞ୍ଚାୟତ ଅଧୀନ ପ୍ରାୟ ୨୦ଟି ଗ୍ରାମରେ ଗାଈଗୋରୁ ସଂଖ୍ୟା ୧୦ ହଜାରରୁ ଅଧିକ। ଭରୁଆମୁଣ୍ଡା ଗ୍ରାମଟି ଅଞ୍ଚଳ କେନ୍ଦ୍ରରେ ଥିବାରୁ ସରକାର ପଶୁସମ୍ପଦର ଚିକିତ୍ସା ପାଇଁ ଗତ ୨୦୧୫-୧୬ରେ ୫ ଲକ୍ଷ ଅଟକଳ ମୂଲ୍ୟର ଏକ ପଶୁଚକିତ୍ସା କେନ୍ଦ୍ର ନିର୍ମାଣ କରିଛନ୍ତି। ଏହା ସହିତ ଏକ ପଶୁ ଡାକ୍ତରଙ୍କ ରହିବା ପାଇଁ ମଧ୍ୟ ଏକ କୋଠା ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ପଶୁ ଚିକିତ୍ସା କେନ୍ଦ୍ର ତିଆରି ହେବା ୩ ବର୍ଷ ବିତିଗଲାଣି । ହେଲେ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବାରୁ ଏବେ ଭୁତକୋଠି ପରି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନ ଏହି କୋଠାର ଚତୁଃପାର୍ଶ୍ୱରେ ଗ୍ରାମପଞ୍ଚାୟତ ତରଫରୁ ଏନଆରଇଜିଏ ମାଟି କାମ ହୋଇଥିବାରୁ ପଶୁ ଚିକିତ୍ସା କେନ୍ଦ୍ର ପୋତି ହେବାକୁ ବସିଛି। ଟିକିଏ ବର୍ଷା ହେଲେ ବାହାରୁ ପାଣି ଭିତରେ ପଶୁଛି। ସ୍ଥାନୀୟ ପଶୁଧନ ମାଲିକମାନେ ଗାଈଗୋରୁ ପାଳନ କରି ଅସୁବିଧା ସମୟରେ କୌଣସି ଚିକିତ୍ସା କରାଇ ପାରୁ ନ ଥିବା ଅଭିଯୋଗ କରିଛନ୍ତି। କାହିଁକି ପଶୁଚିକିତ୍ସା କେନ୍ଦ୍ର ନିର୍ମାଣ ହୋଇ ମଧ୍ୟ ଶୁଭାରମ୍ଭ ହୋଇପାରିନି କି ପଶୁ ଡାକ୍ତର ନିଯୁକ୍ତି ଦିଆଯାଇନାହିଁ। ଏ ବିଷୟରେ ସ୍ଥାନୀୟ ଲୋକେ କେହି ଜାଣିନାହାନ୍ତି। ଏ ନେଇ ସିନାପାଲି ବ୍ଲକ ପଶୁ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ପଶୁ ଡାକ୍ତର କୋଠା ନିର୍ମାଣ ହୋଇଥିବା ଜାଣିଛନ୍ତି। ହେଲେ ତାର ହସ୍ତାନ୍ତର, ଡାକ୍ତର ନିଯୁକ୍ତି କିମ୍ବା ଅନ୍ୟ କୌଣସି ସବିଶେଷ ବିବରଣୀ ତାଙ୍କ ପାଖରେ ନ ଥିବା ପ୍ରକାଶ କରିବା ସହ ଏ ବିଷୟରେ ବୁଝିକି କହିବି ବୋଲି କହିଥିଲେ।




ଭରୁଆମୁଣ୍ଡା ପ୍ରାଣୀ ଚିକିତ୍ସା କେନ୍ଦ୍ର।

## ସାର କଳାବଜାରୀ ରୋକିବାକୁ କୃଷି ବିଭାଗର ଚଢାଉ

# ଯୋଗାଣ ହେଲା ୧୧୩୨ ମେଟ୍ରିକ ଟନ

**ନୂଆପଡା ଅଫିସ,୧୮।୯**

ବର୍ତ୍ତମାନ ଜିଲାରେ ଚାଷ କାର୍ଯ୍ୟ ଧୂମଧାମରେ ଚାଲିଥିବାବେଳେ ୟୁରିଆ ସାର ଯୋଗାଣରେ ବିଳମ୍ବ ହୋଇଥିବାରୁ ଏହାରି ସୁଯୋଗ ନେଇ ଅସାଧୁ ବେପାରୀମାନେ କଳାବଜାରୀ କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଜିଲା କୃଷି ବିଭାଗ ଚଢାଉ ଆରମ୍ଭ କରିଥିବାବେଳେ ଲୋକଙ୍କ ପାଖରେ ସରକାରୀ ସାର କେତେଦୂର ପହଞ୍ଚିପାରୁଛି ତାକୁ ନିଶ୍ଚିତ କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲାରେ ୯ ହଜାର ମେଟ୍ରିକ ଟନ ୟୁରିଆ ସାର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୪ ହଜାର ମେଟ୍ରିକ ଟନ ଯୋଗାଣ ହୋଇଥିଲା । ବର୍ତ୍ତମାନ ପରିସ୍ଥିତିରେ ଧାନ ଗଛ ବଢିଚାଲିଥିବାବେଳେ ଆଗକୁ ଧାନ ଫଳିବାକୁ ଯାଉଛି । ଏଭଳି ପରିସ୍ଥିତିରେ ୟୁରିଆ ସାରର ଚାହିଦା ବଢିଯାଇଛି । ଠିକ ସମୟରେ ସାର ଯୋଗାଣ ହେଉ ନ ଥିବାରୁ କଳାବଜାରରେ ସାର ଚଢା ଦରରେ ବିକ୍ରି ଚାଲିଥିବା କୁହାଯାଉଛି । ଏହାକୁ ନେଇ ବିଭିନ୍ନ ମହଲରେ ଅଭିଯୋଗ ଆସିଛି । ଏହା ଉପରେ ଜିଲାପାଳ ଉପରିସ୍ଥ ବିଭାଗକୁ ଜଣାଇବା ପରେ ବୁଧବାର ୧୧୩୨ ମେଟ୍ରିକ ଟନ ଯୋଗାଣ ହୋଇଥିଲା । ଗୋଟିଏ ପଟେ ଏହି ସାରକୁ ବିଭିନ୍ନ ସେବା ସମବାୟ ସମିତିକୁ ପ୍ରେରଣ କରାଯାଇଛି । ଅନ୍ୟପଟେ ଜିଲା କୃଷି ବିଭାଗ ତରଫରୁ ଏକ ସ୍କ୍ୱାଡ ଗଠନ କରାଯାଇଥିଲା । ଏଥିରେ ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ଉପ ପ୍ରକଳ୍ପ ଅଧିକାରୀ ସୁଧାଂଶୁ ଶେଖର ସାହୁ, ସହକାରୀ କୃଷି ଅଧିକାରୀ ହିମାଂଶୁ କୁମାର ମହାପାତ୍ର ପ୍ରମୁଖ ରହିଥିଲେ । ଅଧିକାରୀମାନେ ନୂଆପଡା ବ୍ଲକର ଜାମପାଣୀ, କୁଲିହାବନ୍ଧା, ବିଶୋରା, ବେଲଟୁକୁରୀ, ସାରାବଙ୍ଗ, ଖଡିଆରରୋଡର ବିଭିନ୍ନ ଦୋକାନ, ସେବା ସମବାୟ ସମିତିକୁ ବୁଲି ଦେଖିଥିଲେ। ପରିଦର୍ଶନବେଳେ ଚାଷୀମାନଙ୍କ ସହ ଆଲୋଚନା କରି ସେମାନେ କିପରି ସୁଲଭ ମୂଲ୍ୟରେ ଠିକ ସମୟରେ ପାଇପାରିବେ ସେ ଉପରେ ଗୁରୁତ୍ୱ ଦେଇଥିଲେ । ଏହିଭଳି ଚଢାଉ ଆଗକୁ ଜାରି ରହିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ ।



ଏକ ସାର ଦୋକାନରେ ଚଢାଉ କରି ଅଧିକାରୀମାନେ ଯାଞ୍ଚ କରୁଛନ୍ତି ।



ଅଧବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ବିଦ୍ୟୁତ୍ ସଂଯୋଗରେ ଅବହେଳା

**ପଲମ,୧୮।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ରୁପ୍ରା ପଞ୍ଚାୟତସ୍ଥିତ ତିତକେଲା ଗ୍ରାମ ଦୁଆରସୁନିପଡାରେ ସୌଭାଗ୍ୟ ଯୋଜନାରେ ହିତାଧିକାରୀମାନଙ୍କୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଆଜକୁ ୬ ମାସ ହେଲା ସୁଇଚ ବୋର୍ଡ ଲଗାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ । ଫଳରେ ହିତାଧିକାରୀମାନେ ଅନ୍ଧାରରେ ରହୁଛନ୍ତି । ଏହି ବାବଦ ନେଇ ଅନେକ ଥର ଦାବି ହେଉଥିଲେ ହେଁ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀମାନେ ଅବହେଳା କରୁଛନ୍ତି । ବିଦ୍ୟୁତ୍ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିଦ୍ୟୁତ ସଂଯୋଗ କରିବା ପାଇଁ ପଡାବାସୀ ଅନୁରୋଧ ଜଣାଇଛନ୍ତି ।

### ବୁଢାରାଜା ଯାତ୍ରା କମିଟି ପ୍ରସ୍ତୁତି ବୈଠକ

**ଲାଞ୍ଜିଗଡ଼,୧୮।୯ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦୁର୍ଗମ ଅଞ୍ଚଳ ପାହାଡପଦରଠାରେ ଦୀର୍ଘ ବର୍ଷ ହେଲା ପାଳିତ ହେଉଥିବା ବୁଢାରାଜା ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ଉପସଭାପତି ଭାବେ କୁମରମଣି ନାଏକ, ସମ୍ପାଦକ ଭାବେ ବଳଭଦ୍ର ସାହୁ, ସହ ସମ୍ପାଦକ ଭାବେ ଚନ୍ଦ୍ର ମାଝି, କୋଷାଧ୍ୟକ୍ଷ ଭାବେ ଲୋକନାଥ ମାଝି, ସହକୋଷାଧ୍ୟକ୍ଷ ଭାବେ କୁଞ୍ଜ ମାଝି, ସଭ୍ୟ ଭାବେ ବୈଦ୍ୟନାଥ ନାଏକ, ମଧୁସୂଦନ ନାଏକ, ବନ ମାଝି, ବଳଭଦ୍ର ମାଝି, ମାଧବ ନାଏକ, ଉଗ୍ରସେନ ବାଗ, ନୀଳକଣ୍ଠ ଦୁର୍ଗା,ବୁଡୁ ନାଏକ, ଲିଙ୍ଗରାଜ ଦୁର୍ଗା ପ୍ରମୁଖ ମନୋନୀତ ହୋଇଛନ୍ତି । ଦୁର୍ଗମ ଅଞ୍ଚଳରେ ବୁଢାରାଜାଙ୍କ ଯାତ୍ରା ସଂସ୍କୃତି ଓ ପରମ୍ପରାର ଅପୂର୍ବ ସମ୍ମନ୍ୱୟ ହୋଇଥିବାବେଳେ ଚଳିତ ବର୍ଷ ବୁଢାରାଜାଙ୍କ ପୂଜାର୍ଚ୍ଚନାକୁ ସରସ ସୁନ୍ଦର କରିବା ପାଇଁ କମିଟି ଦୃଢନିଶ୍ଚିତ ଥିବା ସଭାପତି ବେନିଆଁ ମତପୋଷଣ କରି କହିଛନ୍ତି ।

ମା’ ମାଣିକେଶ୍ୱରୀଙ୍କ ଛତର, ଦଶହରା ପୂଜା ପାଇଁ ପ୍ରସ୍ତୁତି ବୈଠକ

# ଅକ୍ଟୋବର ୬ରେ ଛତରଯାତ୍ରା

**ଭବାନୀପାଟଣା, ୧୮।୯ (ଡି.ଏନ.ଏ.)**



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଛତରଯାତ୍ରା ନେଇ ଆଲୋଚନା ଚାଲିଛି।

- ଛତର ଯାତ୍ରା, ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ ଉପରେ ଗୁରୁତ୍ୱ
- ଛତର ଯାତ୍ରାରେ ବଳିପ୍ରଥା ବନ୍ଦ ପାଇଁ ସଚେତନତା କରାଯିବ
- ଦଶହରା ପୂର୍ବରୁ ୫, ୬ ତାରିଖ ମଦ ଦୋକାନକୁ ବନ୍ଦ ନିଷ୍ପତ୍ତି

କଳାହାଣ୍ଡିର ଇଷ୍ଟଦେବୀ ମା’ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ଓ ଦଶହରା ପୂଜା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲାପାଳ ଡା. ଗାଭିଲ ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିରୋଧୀ ଦଳ ନେତା ତଥା ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ସିଡିଏମ୍ଓ ଡା. ବନଲତା ଦେବୀ, ଉପଜିଲାପାଳ ଭବାନୀପାଟଣା ମିରର୍ଦ୍ଧା ଟପୋ, ଡେପୁଟି କଲେକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ତଥା ଡିଆଇପିଆରଓ ଅର୍ପିତା ବେହେରା, ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଟାଉନ ଥାନା ଆଇଆଇସି ବାସୁଦେବ ଛତ୍ରିଆଙ୍କ ସମେତ ସହରର ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ବିଭିନ୍ନ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ପ୍ରମୁଖ ଯୋଗଦାନ କରି ଛତର ଯାତ୍ରା ଓ ଦୁର୍ଗା ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଚଳିତବର୍ଷ ଛତରଯାତ୍ରା ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହେବା ପାଇଁ ରାଜ ପ୍ରସାଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥି ନିମନ୍ତେ ସହରର ଯେଉଁ ରାସ୍ତା ଦେଇ ଛତର ଯିବେ ବିଶେଷ କରି ଜେନାଖାଲରୁ ଭାଗିରଥି ହୋଟେଲ, ଭାଗିରଥି ହୋଟେଲରୁ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଖାଲୁଆ ସ୍ଥାନ ମରାମତି କରିବା ପାଇଁ ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ବିଭାଗ ଓ ପୌର ପରିଷଦକୁ ନିର୍ଦ୍ଦେଶ ଦିଆଯାଇଛି ।

ଯାତ୍ରା ସମୟରେ ଯାତ୍ରୀମାନଙ୍କ ପିଇବା ପାଣି ବ୍ୟବସ୍ଥା କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସହରର ବଦାନ୍ୟ ବ୍ୟକ୍ତିମାନଙ୍କୁ ମଧ୍ୟ ଅନୁରୋଧ କରାଯିବା ସକାଶେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସହରରେ ସଫା ସୁତୁରା ପାଇଁ ପୌର ପରିଷଦକୁ ଦାୟିତ୍ୱ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଦୁଇ ଗୋଟି ଆମ୍ବୁଲାନ୍ସ ଗାଡି ଯୋଗାଇ ସହ ପୂର୍ବ ସନ୍ଧ୍ୟାରୁ ୨ଟି ଫାଷ୍ଟେଡ୍ ସେଣ୍ଟର ବ୍ୟବସ୍ଥା କରାଯିବା ସ୍ଥିର କରାଯାଇଛି । ଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା, ଗାଡିପାର୍କିଙ୍ଗ, ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ଜିଲା ପୋଲିସ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ଏହି ପାର୍ବଣ ଉତ୍ସବ ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ନ କରାଯାଇ ଜନସାଧାରଣଙ୍କ ଦାବିକୁ ଜିଲାପାଳ ଗ୍ରହଣ କରି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଦଶହରା ପୂର୍ବରୁ ୫ ଓ ୬ ତାରିଖ ଅବକାରୀ ବିଭାଗ ସମସ୍ତ ମଦ ଦୋକାନକୁ ବନ୍ଦ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଛତର ଯାତ୍ରା ସମୟରେ ବଳିପ୍ରଥା ବନ୍ଦ କରିବାକୁ ଜନସାଧାରଣଙ୍କୁ ସଚେତନ କରିବା ସକାଶେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରିବା ପାଇଁ ସ୍ଥିର କରାଯାଇଛି। ଦୁର୍ଗାପୂଜା ମେଢ ବସାଣି ପାଇଁ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳ ଭବାନୀପାଟଣା ଏକ ସ୍ୱତନ୍ତ୍ର ବୈଠକ ଦୁର୍ଗାପୂଜା କମିଟି ଓ ସାଂସ୍କୃତିକ ଦଳ କର୍ମକର୍ତ୍ତାମାନଙ୍କୁ ପୁଣି ଏକ ବୈଠକ କରିବାକୁ ସ୍ଥିର କରାଯାଇଛି।

ପିଆଇ କଲେଜରେ ଆତ୍ମସୁରକ୍ଷା ଶିବିର

# ମନୋବଳ ବୃଦ୍ଧି କରିବାକୁ ଛାତ୍ରୀମାନଙ୍କୁ ମନ୍ତ୍ରୀଙ୍କ ଆହ୍ୱାନ

**ଜୁନାଗଡ,୧୮।୯(ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଶ୍ରୀ ଇଣ୍ଟରନ୍ୟାଶନାଲ ଫିଟନେସ ତାଲିମ କେନ୍ଦ୍ରଠାରେ ସ୍ଥାନୀୟ ପ୍ରିୟ ଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ କାର୍ଯ୍ୟକ୍ରମରେ ମଙ୍ଗଳବାର ଶକ୍ତି, ଶିଳ୍ପ, ଏମଏସଏମଇ ତଥା ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇଥିଲେ । ଛାତ୍ରୀମାନେ ଦୁର୍ବଳ ନ ହୋଇ ନିଜକୁ ସବଳ ଓ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିଲେ ଭାଙ୍ଗି ନ ପଡି ମନୋବଳ ବୃଦ୍ଧି କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସେଠାରେ ମନ୍ତ୍ରୀ ମିଶ୍ର ଛାତ୍ରୀମାନଙ୍କୁ ସିଧାସଳଖ କଳାହାଣ୍ଡି ଏସ୍‌ପିଙ୍କୁ ଫୋନ ଲଗାଇ କଥା ହେବା ପାଇଁ କହିଥିଲେ। ଛାତ୍ରୀମାନେ ମନ୍ତ୍ରୀଙ୍କ ଉପସ୍ଥିତିରେ ଏସ୍‌ପି ବି ଗଙ୍ଗାଧରଙ୍କ ସହିତ କଥା ହୋଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ କୁମାର ସାହୁ, କଳାହାଣ୍ଡି ଟାଏକୋଣ୍ଡୋ ଆସୋସିଏଶନ୍‌ର ସଭାପତି ସନ୍ଦୀପ କୁମାର ସାହୁ, ବରିଷ୍ଠ ପ୍ରଧାପକ ଦେଶରାଜ ରାଉତ, ଦେବେନ୍ଦ୍ର କୁମାର ବେହେରା, କାର୍ଯ୍ୟକ୍ରମର ସଂଯୋଜକ ସମୀର କୁମାର ସାହୁ, ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠି ପ୍ରମୁଖ ଉପସ୍ତିତ ଥିଲେ। କାର୍ଯ୍ୟକ୍ରମରେ ଅଧାପକ ବିଶ୍ୱ ରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାପକ ସୀମାଞ୍ଚଳ ମିଶ୍ର ଧନ୍ୟବାଦ ଦେଇଥିଲେ।




ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମରେ ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ।

## ବିଜୁ ଯୁବ ବାହିନୀର ସବୁଜ ବନାନୀ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୮।୯ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ମାଲଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ସବୁଜ ବନାନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜୁ ବାହିନୀ ସଭାପତି ସଞ୍ଜୟ ନାଏକଙ୍କ ସଭାପତିତ୍ୱରେ ଭବାନୀପାଟଣା ବ୍ଲକ ଉପାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାକୁଡ ମୁଖ୍ୟଅତିଥି, ମାଲଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀନିବାସ ସେନାପତି, ବ୍ଲକ ସଂଯୋଜକ ଗନ୍ଧର୍ବ ଗଉଡ, ଯୁବନେତା ସେନାପତି ନାଏକ ପ୍ରମୁଖ ଯୋଗଦେଇଥିଲେ। ପରେ ମାଲଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**କେସିଙ୍ଗା,୧୮।୯ (ଡି.ଏନ.ଏ.)**



ଜଣେ ହିତାଧିକାରୀଙ୍କୁ ବିରୋଧୀଦଳ ନେତା କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ପାଷ୍ଟିକୁଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ବିଧାୟକ ତଥା ବିରୋଧୀ ଦଳର ନେତା ପ୍ରଦୀପ୍ତ କୁମାର ନାଏକ ଯୋଗଦେଇ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପ୍ରଥମ କରି ଅଧମୁଣ୍ଡା, ପାଷ୍ଟିକୁଡି, ଫଟକାମାଲ ଓ ନାସିଗାଁ ୪ଟି ଗ୍ରାମପଞ୍ଚାୟତର ୧୦୦ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ସମଗ୍ର କେସିଙ୍ଗା ବ୍ଲକର ୨୬ଟି ଗ୍ରାମ ପଞ୍ଚାୟତ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ୨ ହଜାର ୧୧୦ ଜଣ ହିତାଧିକାରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଆଦେଶନାମା ଦିଆଯିବ। ସମସ୍ତ ହିତାଧିକାରୀମାନେ ୩ ରୁ ୪ ମାସ ଭିତରେ ଏହି ଘର ନିର୍ମାଣ କରିବା ପାଇଁ ବିରୋଧୀ ଦଳ ନେତାଙ୍କ ସମ୍ମୁଖରେ ଶପଥ ପାଠ କରିଥିଲେ। ଏହି ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରା, ଜିଲା ପରିଷଦ ସଭ୍ୟା ନିରୁପମା ସାମଲ, କେସିଙ୍ଗା ବିଡିଓ ଭୀମସେନ ଶବର, ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ ଯୋଗଦେଇଥିଲେ। ଏହି ମେଳାରେ ଅଧମୁଣ୍ଡା ସରପଞ୍ଚ ଅନୁପମା ପ୍ରଧାନ, ପିଇଓ ଆକାଶ ସାହୁ, ଆଦିତ୍ୟ ସାହୁ, ସୁଭଶ୍ରୀ ପାଣିଗ୍ରାହୀ, ବ୍ଲକ ପ୍ରକଳ୍ପ ସଂଯୋଜକ ପ୍ରତିମା ସାହୁ ପ୍ରମୁଖ ସହଯୋଗ କରିଥିଲେ। ପାଷ୍ଟକୁଡି ଗ୍ରାମପଞ୍ଚାୟତ ସରପଞ୍ଚ ଲୋକନାଥ ନାଏକ ଧନ୍ୟବାଦ ଦେଇଥିଲେ ।

## ପେନ୍‌ସନ୍‌ଧାରୀ କଳାକାରଙ୍କ ନୂଆଁଖାଇ ଭେଟ୍‌ଘାଟ୍

**ପର୍ଲା,୧୮।୯(ଡି.ଏନ.ଏ.)**

ଧର୍ମଗଡ ବ୍ଲକ ବିଜୁ କଲ୍ୟାଣ ମଣ୍ଡପଠାରେ ପେନ୍‌ସନ୍‌ଧାରୀ କଳାକାର ମହାସଂଘର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ସଂଘ ସଭାପତି ପ୍ରଦିପ ଧଙ୍ଗଡାମାଝିଙ୍କ ଉପସ୍ଥିତିରେ ଧର୍ମଗଡ ଜୋନ ପାଇଁ ଏକ କମିଟି ଗଠନ କରାଯାଇଥିଲା । ଧର୍ମଗଡ, ଜୁନାଗଡ ଓ ଗୋଲାମୁଣ୍ଡା ବ୍ଲକକୁ ନେଇ ଧର୍ମଗଡ ଜୋନ ଗଠନ କରାଯାଇଛି। ସଂଘର ନୂତନ ସଭାପତି ଭାବେ ଘନଶ୍ୟାମ ପଟେଲ, ସମ୍ପାଦକ ମୋହନ ଚରଣ ପାଲ, କୋଷାଧ୍ୟକ୍ଷ କ୍ଷିତିରାମ ସାହୁ, ଉପ ସଭାପତି କ୍ଷମାନିଧି ସାହୁ, କୈଳାଶ ଚନ୍ଦ୍ର ସାହୁ, ମାନଗୋବିନ୍ଦ ବାଗଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି କମିଟି କାର୍ଯ୍ୟକାରୀ ସଦସ୍ୟ ଭାବେ ସୁମେଶ୍ୱର ହଂସ, ବିଷ୍ଣୁ ପ୍ରସାଦ, କୌଶିକ ରାଉତ, କୁଞ୍ଜ ବିହାରି ସରାଫ, ଟିକଚନ ଭାଟି, ଡମ୍ବରୁ ମାଝିଙ୍କୁ ଚୟନ କରାଯାଇଛି। ଏଥିରେ ଅନେକ ପେନସନ ଭୋଗି କଳାକାରମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଇନଜୀବୀ ସଂଘ, ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ

**ଜୁନାଗଡ,୧୮।୯ (ଡି.ଏନ.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ଆଇନଜୀବୀ ସଂଘ ଓ ସ୍ଥାନୀୟ ପୋଲିସ ପକ୍ଷରୁ ବୁଧବାର ଜେଏମ୍‌ଏଫସି କୋର୍ଟ ପରିସରରେ ସଡକ ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁନଷ୍ଠିତ ହୋଇଥିଲା। ଏଥିରେ ରାସ୍ତାରେ ଯାଉଥିବା ବାଇକ୍ ଚାଳକଙ୍କୁ ମୋଟରସାଇକେଲ ଚଳାଇବା ବେଳେ ସର୍ବଦା ହେଲମେଟ ବ୍ୟବହାର କରିବା, ଗାଡି ଚଳାଇବା ସମୟରେ ଫୋନ ବ୍ୟବହାର ନ କରିବା,୧୮ବର୍ଷରୁ କମ୍ ବାଳକଙ୍କୁ ଗାଡି ଚାଳନାଠାରୁ ଦୂରରେ ରଖିବା ଓ ଟ୍ରାଫିକ ନିୟମ ମାନି ସର୍ବଦା ଗାଡି ଚଳାଇବା ଆଦି ନେଇ ସଚେତନତା କରାଯାଇଥିଲା। ସଡକ ସୁରକ୍ଷା ସଚେତନତା ଅଭିଯାନରେ ଧର୍ମଗଡ ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଏସ୍‌ଆଇ ଥବିର ବରିହା, ଜୁନାଗଡ ଆଇନଜୀବୀ ସଂଘ ସଭାପତି ସୁଧାଂଶୁ ଶେଖର ବରାଡ, ଉପସଭାପତି କୈଳାସ ଚୌଧୁରୀ, ସମ୍ପାଦକ ରମେଶ ନାଏକ, ପୂର୍ବତନ ସଭାପତି ହିମାଂଶୁ ଶେଖର ବରାଡ, ଅଶୋକ କୁମାର ପାତ୍ର, ସୁରେଶ ଚନ୍ଦ୍ର ପଣ୍ଡା, ମଦନମୋହନ ସାହୁ, ବାଳକୃଷ୍ଣ ଆଚାରୀ, ଶିଶିର ପଟ୍ଟନାୟକ, ବିଶ୍ୱନାଥ କର, ଜୟଦେବ ସୁନାନୀ, ଚିତ୍ତ ରଞ୍ଜନ ନିଆଲ, ଅନନ୍ତ ବେହେରା, ଜିତେନ୍ଦ୍ର ମେହେର, ଫିରୋଜ ବାରିକ, ନରେନ୍ଦ୍ର କ୍ଷିତି, ଧନେଶ୍ୱର ନାଏକ ପ୍ରମୁଖ ସାମିଲ ହୋଇଥିଲେ।




ଅନୁଷ୍ଠିତ ସଡକ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ।

## ନୂଆମୋଟର ଯାନ ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ

**ମ.ରାମପୁର,୧୮।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ଥାନା ପକ୍ଷରୁ ମଙ୍ଗଳବାର ନୂଆମୋଟର ଯାନ ଆଇନ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମ.ରାମପୁର ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ କଲେଜ ଛକଠାରୁ ଚାରିଛକ ପର୍ଯ୍ୟନ୍ତ ମୁଖ୍ୟ ସଡକରେ ଶୋଭାଯାତ୍ରା କରାଯାଇଥିଲା । ଶୋଭାଯାତ୍ରାରେ ମ.ରାମପୁର ଥାନା କର୍ମଚାରୀ ଅଂଶ ଗ୍ରହଣ କରି ଗାଡି ଚାଳକଙ୍କୁ ସଚେତନ କରାଇ ଫୁଲ ପ୍ରଦାନ କରିଥିଲେ । କେସିଙ୍ଗା ଏସଡିପିଓ ଗୁପ୍ତେଶ୍ୱର ଭୋଇ, ମ.ରାମପୁର ଥାନାଧିକାରୀ ଉତ୍ତମ ସାହୁଙ୍କ ନେତୃତ୍ୱରେ ଏସଆଇ ଦାସ ସେଠ, ଏଏସଆଇ କ୍ଷୀରସିନ୍ଧୁ ମାଝି ପ୍ରମୁଖ ସମେତ ମ.ରାମପୁର ଥାନା ସମସ୍ତ ଏସଆଇ, ଏଏସଆଇ, କନଷ୍ଟେବଲ, ଗୃହରକ୍ଷୀ ଯୋଗଦେଇଥିଲେ । ଗତ ୭ ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ମ.ରାମପୁର ଚାରିଛକଠାରେ ଗାଡି ମୋଟର ଯାଞ୍ଚ ହୋଇଥିଲା । ରାଜ୍ୟ ସରକାରଙ୍କ ଯାଞ୍ଚ ସାମୟିକ କୋହଳ ପରେ ପୋଲିସ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ।

■ ବୋର୍ଡା ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ

# ୧୫ ପଞ୍ଚାୟତର ୧୩ ହଜାର ଉପଭୋକ୍ତା ପ୍ରଭାବିତ

**ଭବାନୀପାଟଣା,୧୮।୯(ଡି.ଏନ.ଏ.)**



ବୋର୍ଡା ବିଦ୍ୟୁତ୍ ସବଷ୍ଟେଶନ ।

ବୋର୍ଡା ବିଦ୍ୟୁତ୍‌ସବଷ୍ଟେଶନରେ ଅତ୍ୟାବଶକ ବିଦ୍ୟୁତ ସରଞ୍ଜାମ ବହୁ ବର୍ଷ ହେଲା ନଷ୍ଟ ହୋଇ ପଡିରହିଛି। ଏଥି ଯୋଗୁ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଘଟି ସେବା ବିପର୍ଯ୍ୟସ୍ତ ହେଇପଡିଛି। ୧୯୭୩ରେ ସ୍ଥାପିତ ଏହି ସବଷ୍ଟେଶନକୁ ଦୀର୍ଘ ବର୍ଷ ବିତିଯାଇଥିଲେ ହେଁ ମରାମତି ହୋଇ ନ ପାରିବାରୁ ନଷ୍ଟ ହୋଇ ଆକାମୀ ହୋଇ ପଡିଲାଣି। ଏଠାରେ ଲାଗିଥିବା ୩୩ କେଭି ବ୍ରେକର, ୪ଟି ଫିଡର ବ୍ରେକର ଆକାମୀ ହୋଇଥିବାରୁ ବିପଦସଙ୍କୁଳ ଅବସ୍ଥାରେ କର୍ମଚାରୀମାନେ କାର୍ଯ୍ୟ କରୁଛନ୍ତି। ଖରିଆର ଗ୍ରୀଡରୁ ଆସୁଥିବା ୩୩ କେଭି ବିଦ୍ୟୁତ ତାର ବହୁ ପୁରୁଣା ହୋଇଥିବାରୁ ବାରମ୍ବାର ଛିଣ୍ଡି ବିଦ୍ୟୁତ ବିଭ୍ରାଟ ହେଉଛି। ବିଦ୍ୟୁତ ବଭ୍ରାଟ ଯୋଗୁ ଲୋକେ ଅଧିକାଂଶ ସମୟ ଅନ୍ଧାରରେ ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଭବାନୀପାଟଣା ବ୍ଲକ ୧୧ଟି ଗ୍ରାମପଞ୍ଚାୟତ ଓ ଗୋଲାମୁଣ୍ଡା ବ୍ଲକର ୪ଟି ସମେତ ମୋଟ ୧୫ଟି ପଞ୍ଚାୟତ ୪୬ଟି ଗାଁର ୧୩ ହଜାରରୁ ଅଧିକ ବିଦ୍ୟୁତ ଉପଭୋକ୍ତା ମାସକୁ ୮ଲକ୍ଷ ଟଙ୍କରୁ ଅଧିକ ବିଦ୍ୟୁତ୍ ଦେୟ ଦେଉଥାନ୍ତି। ତଥାପି ୱେସ୍କୋ ପକ୍ଷରୁ ଉପରୋକ୍ତାଙ୍କୁ ବିଦ୍ୟୁତ ସେବା ଯୋଗାଇବାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଉଛି। ବୋର୍ଡା ସବଷ୍ଟେଶନ ଅପଗ୍ରେଡେଶନ ଅତି ଜରୁରି ହୋଇ ପଡିଛି। ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦଷ୍ଟି ଆକର୍ଷଣ କରିଥିଲେ ହେଁ ଧ୍ୟାନ ଦେଉ ନ ଥିବାରୁ ଉପରୋକ୍ତା ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାର ଅପଗ୍ରେଡେଶନ କରା ନ ଗଲେ ଯେ କୌଣସି ମୁହୂର୍ତ୍ତରେ ଏହାର ସବୁତକ ଟ୍ରାନ୍ସଫର୍ମର ପୋଡି ଯାଇ ୧୫ଟି ଗାଁ ପୂରା ଅନ୍ଧାର ହୋଇଯିବ ବୋଲି କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀମାନେ କହୁଛନ୍ତି। ଏ ସମ୍ପର୍କରେ ବୋର୍ଡା ୱେସ୍କୋ ଜେଇ ସୁଧୀର ମହାପାତ୍ରଙ୍କୁ ପଚାରିବାରୁ ସବଷ୍ଟେଶନରେ ବହୁ ସମସ୍ୟା ରହିଛି, ଫିଡର ଓ ବ୍ରେକର ନଷ୍ଟ ହୋଇଥିବାରୁ ବିପଜ୍ଜନକ ଅବସ୍ଥାରେ କର୍ମଚାରୀ କାମ କରୁଛନ୍ତି। ଏ ସମ୍ପର୍କରେ ବୁର୍ଲା ୱେସ୍କୋ କାର୍ଯ୍ୟାଳୟକୁ ଚିଠି ଲେଖିଥିବା ସେ ପ୍ରକାଶ କରିଥିଲେ। ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ରାଜ୍ୟ ଶକ୍ତି ମନ୍ତ୍ରୀଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ପାଇଁ ଦାବି କରାଯାଇଛି।

# ବିଶ୍ୱନାଥପୁର ଭୈରବଦେବଙ୍କ ଝାମୁଯାତ୍ରା

**ଲାଞ୍ଜିଗଡ଼,୧୮।୯ (ଡି.ଏନ.ଏ.)**

### ନିଆରା ପରମ୍ପରା

ରାଜାରାଜୁଡା ଅମଳରୁ ଚାଲି ଆସିଥିବା ପରମ୍ପରା ଆଧୁନିକ ଯୁଗର ପ୍ରଭାବ ସତ୍ତ୍ୱେ ଅକ୍ଷୁର୍ଣ୍ଣ ରହିଛି । ଲୋକେ ନିଜ ଜୀବନର ଅଭିନ୍ନ ଅଙ୍ଗ ଭାବେ ମାନି ଆସୁଥିବା ଈଶ୍ୱର ବିଶ୍ୱାସ ଆଜି ବି ବଳବତ୍ତର ରହିଛି । ଏହିପରି ଚରମ ଈଶ୍ୱର ବିଶ୍ୱାସ ଓ ନିଆରା ପରମ୍ପରା ସମନ୍ୱୟ ହେଉଛି କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରର ପ୍ରତ୍ୟକ୍ଷ ଦେବତା ଭୈରବଦେବଙ୍କ ଝାମୁଯାତ୍ରା । ସମସ୍ତ ପରମ୍ପରା ଓ ରୀତିନୀତି ଅନୁଯାୟୀ ମଙ୍ଗଳବାର ବିଶ୍ୱନାଥପୁରଠାରେ ଭୈରବଦେବଙ୍କ ଅଲୌକିକ ଝାମୁଯାତ୍ରା ପାଳିତ ହୋଇଛି। ଏଥିରେ ବ୍ଲକ ତଥା ପଡୋଶୀ ରାୟଗଡା ଜିଲା ଅମ୍ବାଦଳା, ମୁନିଗୁଡାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲା । ଶହ ଶହ ବର୍ଷ ଧରି ଲୋକଙ୍କ ବିଶ୍ୱାସରେ ଘର କରିଥିବା ବିଶ୍ୱନାଥପୁର ଭୈରବଦେବଙ୍କ ଅଲୌକିକ ଝାମୁଯାତ୍ରା ଦେଖିବାକୁ ତଥା ନିଜ ଭିତରେ ଥିବା ପ୍ରଗାଢ ବିଶ୍ୱାସକୁ ପ୍ରତ୍ୟକ୍ଷ କରିବାକୁ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଗୁହାରିଆ ହୋଇ ଭୈରବଦେବଙ୍କୁ ଦୁଃଖ ଜଣାଇବା ଅତ୍ୟନ୍ତ ଭାବଗର୍ଭକ ପରିବେଶ ସୃଷ୍ଟି କରୁଥିଲା । ବୀରବାଦ୍ୟ ଘୁମୁରା ଓ ଐତିହାସିକ ଡମ୍ବାଜାର ତାଳେ ତାଳେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଜୟଜୟକାର ଧ୍ୱନି ଝାମୁଯାତ୍ରା ପଡିଆରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲା । ଭୈରବଦେବଙ୍କ କାଳସୀ ଉହଉହ ନିଆଁରେ ଚାଲିବା ଦୃଶ୍ୟ ଯେତେ ଆଶ୍ଚର୍ଯ୍ୟଜନକ ଥିଲା କଣ୍ଟା ଦୋଳିରେ ବସି ଲୋକଙ୍କ ଆଗତ ଭବିଷ୍ୟତ ବଖାଣିବା ଘଟଣା ପରିବେଶକୁ ଆହୁରି ଭକ୍ତିମୟ କରିଦେଇଥିଲା। ଭୈରବଦେବଙ୍କ ଆଶୀର୍ବାଦ ପାଇବା ପାଇଁ ଦୂରଦୁରାନ୍ତରରୁ ହଜାର ହଜାର ଲୋକେ ଛୁଟି ଆସିଥିଲେ। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି, ପୂର୍ବତନ ମନ୍ତ୍ରୀ ଡ.ବଳଭଦ୍ର ମାଝି, ବ୍ଲକ ଅଧ୍ୟକ୍ଷ ଇଂ. ଫକୀରମୋହନ ମାଝି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ ପ୍ରମୁଖ ଭୈରବଦେବଙ୍କ ଆଶୀର୍ବାଦ ନେଇଥିଲେ। ବିଶ୍ୱନାଥପୁର ଗୌନ୍ତିଆ ପ୍ରଦୀପ କୁମାର ଘଡେଇ ନେତୃତ୍ୱରେ ଭୈରବଦେବ ମନ୍ଦିର ପରିଚାଳନା କମିଟି ଓ ବିଶ୍ୱନାଥପୁର ଗ୍ରାମବାସୀଙ୍କ ସହଯୋଗରେ ଝାମୁଯାତ୍ରା ସରସ ସୁନ୍ଦର ହୋଇଥିଲା। ମା’ ହୀରାନୀଳା ଯୁବକ ସଂଘ ଓ ପ୍ରଗତି ଯୁବକେନ୍ଦ୍ର ସମସ୍ତ କର୍ମକର୍ତ୍ତା ଝାମୁଯାତ୍ରା ପର୍ବ ପରିଚାଳନାରେ ସହଯୋଗ କରିଥିଲେ ।



ଝାମୁଯାତ୍ରା ଅବସରରେ କାଳସୀ ନିଆଁରେ ଚାଲୁଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହି ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ



### ତୁଷରା, ଗୁଡଭେଲାରେ ବିଶ୍ୱକର୍ମା ପୂଜନୋତ୍ସବ

**ଗୁଡଭେଲା,୧୮।୯(ଡି.ଏନ୍.ଏ.):** ତୁଷରା ଏନ୍ଏସି ତଥା ଗୁଡଭେଲା ବ୍ଲକ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନରେ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ପୂଜାକୁ ନେଇ ତୁଷୁରା ସହର ଚଳଚଞ୍ଚଳ ହୋଇ ଉଠିବା ସହ ପୂଜା ମଣ୍ଡପଗୁଡିକ ସୁନ୍ଦର ଭାବେ ସଜା ହୋଇଛି। ଏପରି କି ତୁଷରାର ବିଦ୍ୟୁତ୍ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ, ଟେକ୍ସି ଚାଳକ ସଂଘ ତଥା ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ଗ୍ୟାରେଜ, ଇଲେକ୍ଟ୍ରିକାଲ ଦୋକାନ ସହ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ କରାଯାଇଛି।

ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର

# ସମନ୍ୱିତ ଭୂମିକା ନିର୍ବାହରୁ ସମୃଦ୍ଧି ଆସେ

**ବଲାଙ୍ଗୀର ଅଫିସ, ୧୮।୯**

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ସାମ୍ବାଦିକ ଭବନଠାରେ ପଛୁଆ ଅଞ୍ଚଳ ପାଇଁ ଦାୟୀ କିଏ ଶାସକ ନା ପ୍ରଶାସକ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ହରିନାରାୟଣ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚିକା ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଯୋଗ ଦେଇଥିଲେ। ଏମ୍‌ପି ଷଡଙ୍ଗୀ ବକ୍ତବ୍ୟରେ ଯେକୌଣସି ଅଞ୍ଚଳର ସମୃଦ୍ଧି ପାଇଁ ଶାସକ, ପ୍ରଶାସକ ଓ ଜନସାଧାରଣଙ୍କ ଭିତରେ ଉତ୍ତମ ସମନ୍ୱୟ ଆବଶ୍ୟକ ବୋଲି କହିଥିଲେ। ମାଲେସିଆ, ସିଂହାପୁର ଓ ଚୀନ୍‌ର ଲୋକପ୍ରିୟ ଶାସକଙ୍କ ସମୃଦ୍ଧ ଦେଶ ଗଠନ ପଛରେ ରହିଥିବା ନିଷ୍ଠା, ନିରନ୍ତର ପ୍ରୟାସ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ କହିଥିଲେ। ଓଡ଼ିଶାରେ ପ୍ରଚୁର ପ୍ରାକୃତିକ ସମ୍ପଦ, ସାମୁଦ୍ରିକ ତଟ, ଉଦ୍ୟମୀମାନବ ସଂସାଧନ ରହିଛି। ବିକାଶ ପାଇଁ ସମସ୍ତ ମାର୍ଗ ଖୋଲା ରହିଛି। କେବଳ ଶାସକ, ପ୍ରଶାସକ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବଲାଙ୍ଗୀର ଜିଲାର ଦାରିଦ୍ୟ ସମ୍ପର୍କରେ ସୂଚନା ଦେଇ ବର୍ତ୍ତମାନ ୬୭ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ବୋଲି କହିଥିଲେ। ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ, କୃଷିର ଉନ୍ନତି କରିବାକୁ ହେବ ବୋଲି ସେ କହିଥିଲେ। ବଲାଙ୍ଗୀର ସହରର ପରିମଳ ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ । ନାଗରିକ ସମାଜ ଓ ପ୍ରଶାସକମାନେ ଏହି ଦିଗରେ ବିଶେଷ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ ଜୋର ଦେଇଥିଲେ। ଆଲୋଚନାଚକ୍ରରେ ମନୋରଞ୍ଜନ ଯୋଷୀ ସଂଯୋଜନା କରିଥିଲେ। ସଭାରେ ଏମ୍‌ପି ଷଡଙ୍ଗୀଙ୍କୁ ଜିଲା ସାମ୍ବାଦିକ ସଂଘ ସହ ଲଳିତ କୁମାର ନାୟକ, ରାଧାରାଣୀ ସାଂସ୍କୃତିକ ପରିଷଦ, ନାଗରିକ ସଂଘ ପକ୍ଷରୁ ଗୁରୁଶ୍ରୀ ଡ. ଘାସୀରାମ ମିଶ୍ର, ଅବସରପ୍ରାପ୍ତ ସୈନିକ ସଂଘ, ଜିଲା କ୍ରୀଡ଼ା ସଂଘ, କୋଶଳ ପ୍ରବାହ ପରିବାର, ମହିଳା କ୍ରିକେଟ୍ ଆସୋସିଏଶନ୍, ରୁଗୁଡ଼ିପଡ଼ା ଦୁର୍ଗାପୂଜା କମିଟି, ସାଇଟ୍ ପକ୍ଷରୁ ଡ. ଶ୍ରୀକର ମିଶ୍ର, ଜିଲା ଓକିଲ ସଂଘ, ମଣ୍ଟେସୋରୀ ପବ୍ଲିକ୍ ସ୍କୁଲ୍, ବିଇଂ ହ୍ୟୁମାନ୍ ଫାଉଣ୍ଡେଶନ୍, ଭୂମିକା ପରିବାର, ରଚନା, ରୋଟାରୀ ଇଲିଟ୍, ବଲାଙ୍ଗୀର ନାଗରିକ କମିଟି, ସିଭିଲ୍ ସୋସାଇଟି, ରସରାଜ ଅଚ୍ୟୁତ୍ ପୁରୋହିତ, ବାପ୍‌ଟିଷ୍ଟ ଚର୍ଚ୍ଚ, ଜିଲା ବଣିକ ସଂଘ, କୁବେର ଯୁବାମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରେନ୍ଦ୍ର ଝାଙ୍କର ସ୍ୱାଗତ ବକ୍ତବ୍ୟ ଓ ସାଧାରଣ ସମ୍ପାଦକ ବଳରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସହରର ବହୁ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ।



ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏମ୍‌ପି ଅପରାଜିତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ଡ. ସୋମନାଥ ମିଶ୍ର ସ୍ମାରକୀ ବକ୍ତୃତାମାଳାରେ ଉପସ୍ଥିତ ଅତିଥିବୃନ୍ଦ।

## ସୋମନାଥ ମିଶ୍ର ସ୍ମାରକୀ ବକ୍ତୃତାମାଳା ଶୁଭାରମ୍ଭ

**ଟିଟିଲାଗଡ, ୧୮।୯ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ନବନିର୍ମିତ ଡ. ସୋମନାଥ ମିଶ୍ର ଅଧ୍ୟୟନ କକ୍ଷରେ ଡ. ସୋମନାଥ ମିଶ୍ର ସ୍ମାରକୀ ବକ୍ତୃତାମାଳାର ମଙ୍ଗଳାବାର ଶୁଭାରମ୍ଭ ହୋଇଯାଇଛି। ଡ. ଦୋଳଗୋବିନ୍ଦ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତା ଭାବେ ଡ. ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇ ଏକ ଦେଶ ଏକ ନିର୍ବାଚନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହା ସହିତ ଭାରତୀୟ ସଂସଦୀୟ ଗଣତନ୍ତ୍ରର ସଫଳତା ଓ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏପରି କି ବକ୍ତା ଚୌଧୁରୀ ଡ. ସୋମନାଥ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଅଧ୍ୟୟନ କକ୍ଷ ନିର୍ମାଣ ଭାର ନେଇଥିବା ଡ. ମିଶ୍ରଙ୍କ ସ୍ତ୍ରୀ ଶୋଭାଗିନୀ ଶତପଥୀ ଏବଂ ପରିବାର ବର୍ଗ ସାମିଲ ଥିଲେ । ଅମୂଲ୍ୟ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, କର୍ମଚାରୀ ଏବଂ ପରିଚାଳନା ସମିତି ସଭ୍ୟ ଉପସ୍ଥିତ ଥିଲେ।

## ମା' ସମଲେଶ୍ୱରୀ, ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠାରେ କଳସ ଯାତ୍ରା

**ବେଲପଡ଼ା,୧୮।୯(ଡି.ଏନ.ଏ.)**

ବେଲପଡ଼ା ନିକଟ ଧୁମାଭଟାଗ୍ରାମରେ ମା' ସମଲେଶ୍ୱରୀ ଏବଂ ପାଟଣେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ନେଇ ବୁଧବାର ଅଧିବାସ କାର୍ଯ୍ୟ ଅବସରେ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁ ଶିବ ମନ୍ଦିର ପୁଷ୍କରଣୀରେ ପହଞ୍ଚିଥିଲେ। ପରେ ବିଧି ମୁତାବକ, ପୂଜାର୍ଚ୍ଚନା କରି କଳସରେ ପବିତ୍ର ଜଳ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ମନ୍ଦିରରେ ପହଞ୍ଚିବା ପରେ କଳସ ସ୍ଥାପନା କରାଯାଇଥିଲା। ଶୋଭାଯାତ୍ରାରେ ଘଣ୍ଟା ପଞ୍ଚବାଦ୍ୟରେ ଗ୍ରାମ ପ୍ରକମ୍ପିତ ହୋଇ ଉଠି ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଗ୍ରାମର ପ୍ରତ୍ୟେକ ଘରେ କଳସ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ପୂଜକ ଭାବେ ପଣ୍ଡିତ ଦୁର୍ଲଭ ଦାସ ଓ ପୂଜା କର୍ତ୍ତା ଭାବେ ପ୍ରବାକର ବୁଡେକ ଓ ତାଙ୍କ ସ୍ତ୍ରୀ ରତ୍ନୀ ବୁଡେକ ରହିଛନ୍ତି। ଚିନ୍ତାମଣି ବୁଡେକ, ବସୁମତୀ ବୁଡେକ, ଡିଙ୍ଗର ବୁଡେକ, ବିଶ୍ୱମ୍ବର ବୁଡେକ, ବଂଶିଧର ବୁଡେକ, ଆଦିତ୍ୟ ବୁଡେକ, ସାନ ବୁଡେକ, ବେଣୁଧର ବୁଡେକ, କଳାକାହ୍ନୁ ବୁଡେକ, ଅରକ୍ଷୀତ ବୁଡେକ, ବିଷ୍ଣୁ ପ୍ରସାଦ ବୁଡେକ, ଅନ୍ତରାମ ବୁଡେକଙ୍କ ସହ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ହେଉଛି। ବୁଧବାର ଅଧିବାସ ପୂଜା, ଅଙ୍କୁରା ରୋପଣ ପୂଜା ହୋଇଥିବା ବେଳେ ଗୁରୁବାର ଗର୍ଭାଧାନ, ମାଁ ଙ୍କ ମହାସ୍ନାନ, ଜୀବନ୍ୟାସ ସହ ହୋମ କାର୍ଯ୍ୟ ହେବ। ୨୦ତାରିଖ ଶୁକ୍ରବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଥିବା ପଣ୍ଡିତ ଦୁର୍ଲଭ ଦାସ ସୂଚନା ଦେଇଛନ୍ତି।



ମା' ସମଲେଶ୍ୱରୀ ଏବଂ ପାଟଣେଶ୍ୱରୀ ମନ୍ଦିର ପ୍ରତିଷ୍ଠାରେ ଅବସରରେ ବାହାରିଥିବା କଳସ ଶୋଭାଯାତ୍ରା।

## ଗୋ ସୁରକ୍ଷା ରଥକୁ ସ୍ୱାଗତ

**ଟିକ୍ରାପଡ଼ା, ୧୮।୯(ଡି.ଏନ୍.ଏ.)**

ସୁରଭି ଶୋଧ ଏବଂ ବିକାଶ କେନ୍ଦ୍ର କଣ୍ଟାବାଞ୍ଜି ପକ୍ଷରୁ ବାହାରିଥିବା ଗୋ ସୁରକ୍ଷା ରଥକୁ ବୁଧବାର ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ାରେ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଗୋ ପୂଜନ କାର୍ଯ୍ୟକ୍ରମ ହୋଇଥିଲା। ପରେ ରଥକୁ ସଂକୀର୍ତ୍ତନ୍ୟ ଏବଂ ପାରମ୍ପରିକ ବାଦ୍ୟ ସହ ଗ୍ରାମ ପରିକ୍ରମା କରାଯାଇଥିଲା। ନିର୍ଦ୍ଦେଶକ ଅଶୋକ ଛାପଡିଆ ଓ ଅନ୍ତର୍ଯ୍ୟାମୀ ରାଜପଲିଆଙ୍କ ସଂଯୋଜନା ଏବଂ ଝିଙ୍କିଡୁଙ୍ଗୁରି ସରପଞ୍ଚ ବଜରଙ୍ଗଲାଲ ଜୈନଙ୍କ ଅଧକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ପ୍ରବଚକ ଲିଙ୍ଗରାଜ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମାରୁତି ଆଶ୍ରମ ବେଲପଡ଼ାର ସନ୍ଥ ଚିନ୍ମୟ ଦାସ ମହାରାଜ ପ୍ରବଚନ ଦେଇଥିଲେ। ଗୋ ବଂଶର ସୁରକ୍ଷା, ବିକାଶ ସହ ବୈଜ୍ଞାନିକ ପଦ୍ଧତିରେ ଜୈବିକ ଚାଷ କରିବା ନିମନ୍ତେ ସନ୍ଥ ଚିନ୍ମୟ ଦାସ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗୋମାତା ଆଧାରିତ ପୁସ୍ତକ ଓ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଅକ୍ଷୟ ସୁଆର, ସନ୍ୟାସୀ ରାଜପଲିଆ, ବଡ ରାଜପଲିଆ, ରିତ ବଛା ପ୍ରମୁଖଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ, ବୁଦ୍ଧିଜୀବୀ ଏବଂ ଛାତ୍ରୀଛାତ୍ରମାନେ।

## ପଲିଥିନ ବର୍ଜନ, ଜଳ ସଂରକ୍ଷଣ କର୍ମଶାଳା

**ଲୋଇସିଂହା,୧୮।୯(ଡି.ଏନ୍.ଏ.)**

**ଲୋଇସିଂହା କଲେଜ**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ ପଲିଥିନ ବର୍ଜନ ଏବଂ ଜଳ ସଂରକ୍ଷଣ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସଭାରେ ଅଧ୍ୟକ୍ଷ ତ୍ରିବିକ୍ରମ ଦାସ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଏବଂ କର୍ମଶାଳର ଉଦ୍ଦେଶ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ବକ୍ତବ୍ୟରେ କହିଥିଲେ, ପଲିଥିନ ଓ ପ୍ଲାଷ୍ଟିକ ୭୯ ପ୍ରତିଶତ ପ୍ରଦୂଷଣ ବଢାଇଛି। ଏନେଇ ସରକାର ଅକ୍ଟୋବର ୨ତାରିଖରୁ ରାଜ୍ୟରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇବାକୁ ଯାଉଛନ୍ତି। ୨୦୨୨ ସୁଦ୍ଧା ପଲିଥିନ ପ୍ରକ୍ରିୟାକରଣ ଓ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ସରକାର ଚେଷ୍ଟିତ ଥିବା ସୂଚନା ଦେଇଥିଲେ। ବିଧାୟକ ମହାଲିଙ୍ଗ ପ୍ରସ୍ତର ଯୁଗର ମଣିଷ ଏବଂ ପ୍ଲାଷ୍ଟିକ ଯୁଗର ମଣିଷ ମଧ୍ୟରେ ଥିବା ପ୍ରଭେଦ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟପକ୍ଷେ ଜଳର ଅପବ୍ୟବହାର ବୃଦ୍ଧିକୁ ନେଇ ବିଧାୟକ ଚିନ୍ତା ପ୍ରକଟ କରିଥିଲେ। ପାରମ୍ପରିକ ଜଳ ଉତ୍ସଗୁଡିକରେ ଡ୍ରେନ ଓ ଶୌଚାଳୟ ପାଣି ମିଶ୍ରଣ ଦ୍ୱାରା ଜଳ ପ୍ରଦୂଷଣ ବୃଦ୍ଧି ପାଉଥିବା କହିଥିଲେ। ପାନୀୟ ଭାବେ ବ୍ୟବହାର କରାଯାଉଥିବା ପାଣି ବର୍ତ୍ତମାନ ୮୦ ପ୍ରତିଶତ ସି ବର୍ଗର ପାଣିଥିବା ଏକ ସର୍ବେକ୍ଷଣରୁ ଜଣାପଡିଥିବା କହିଥିଲେ। ପାନୀୟ ଜଳ ସମସ୍ୟା ଦୂରିଭୂତ ପାଇଁ ବର୍ଷା ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଅଧ୍ୟାପକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଞ୍ଚଳର ବିକାଶ ଲାଗି ମିଳିତ ଉଦ୍ୟମ ଆବଶ୍ୟକ

**ଲୋଇସିଂହା,୧୮।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ରୁଗୁଡିଖାଲଠାରେ ୬ତମ ବିଶ୍ୱକର୍ମ ପୂଜା ଅନୁଷ୍ଠିତ ହେଉଛି। ବୁଧବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ଅତିଥିମାନେ ମିଳିତ ଉଦ୍ୟମରେ ଅଞ୍ଚଳର ବିକାଶ ସମ୍ଭବ ବୋଲି ମତ ବ୍ୟକ୍ତ କରିଥିଲେ । ସାଂସ୍କୃତିକ ସଭାରେ ଅନୁଷ୍ଠାନର ସଦସ୍ୟ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ସଭାରେ ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି, ଯୁବନେତା ନୀହାର ରଞ୍ଜନ ବେହେରା, ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ, ସରପଞ୍ଚ ଲକ୍ଷ୍ମୀ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ। ଲୋପ ପାଇଯାଉଥିବା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ହେଲେ ଏଭଳି ଉଦ୍ୟମର ଅବଶ୍ୟକତା ରହିଥିବା କହିଥିଲେ। ସୁରଜିତ ଗୁରୁ ଧନ୍ୟବାଦ ଦେଇଥିଲେ।

## ସିଂଘିଯୁବା ପଞ୍ଚାୟତରେ ସପ୍ତମ ଆର୍ଥିକ ଜନଗଣନାର ଶୁଭାରମ୍ଭ

**ବିନିକା,୧୮।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଅନ୍ତର୍ଗତ ୭ଟି ଗ୍ରାମରେ ସପ୍ତମ ଆର୍ଥିକ ଜନଗଣନା କାମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଭାରତ ସରକାରଙ୍କ ପରିଚାଳିତ ସହଜ ଜନସେବା କେନ୍ଦ୍ର ମାଧମରେ ଏହି ଆର୍ଥିକ ଜନଗଣନା କାର୍ଯ୍ୟ ଚାଲିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗ୍ରାମାଞ୍ଚଳସ୍ତରୀୟ ସୁପରଭାଇଜର ଭାବେ ବ୍ରଜ ମୋହନ ବାରିକଙ୍କ ସହିତ ୧୦ଜଣ ପରିଗଣନାକାରୀ ନିୟୋଜିତ ହୋଇଛନ୍ତି।

ବଲାଙ୍ଗୀରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

## ଦେଓଗାଁରେ ସରକାରୀ କାର୍ଯ୍ୟାଳୟ ବନ୍ଦକଲେ ଓକିଲ ସଂଘ

**ଦେଓଗାଁ,୧୮।୯(ଡି.ଏନ୍.ଏ.)**

ବଲାଙ୍ଗୀରରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜିଲା ଓକିଲ ସଂଘ ପକ୍ଷରୁ ୨ ଦିନିଆ ସରକାରୀ ଅନୁଷ୍ଠାନ ବନ୍ଦ ଡାକରାରେ ବୁଧବାର ଦେଓଗାଁ ଓକିଲ ସଂଘ ପକ୍ଷରୁ ପିକେଟିଂ କରି ସମସ୍ତ ସରକାରୀ ଅଫିସ ବନ୍ଦ କରିଥିଲେ। ଓକିଲ ସଂଘ ସଭାପତି ଅନନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବନ୍ଦପାଳନରେ ଆଇନଜୀବୀ ପ୍ରକାଶ ପୂଝାରୀ, ମନୋଜ କୁମାର ଦୀପ, ସୁଶାନ୍ତ ଖମାରୀ, ଲବ ପଧାନ, ସୁକାନ୍ତ ସାଗର ପ୍ରମୁଖ ସହଯୋଗ କରିଥିଲେ।



ଦେଓଗାଁ ଓକିଲ ସଂଘ ପକ୍ଷରୁ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଉଛି।

## ଫଟୋରେ ଖବର







ମନ୍ତ୍ରୀ ଟୁକୁନୀ ସାହୁ ବଲାଙ୍ଗୀର ଜିଲା ଟିଟିଲାଗଡ଼ସ୍ଥିତ ନବନିର୍ମିତ ଡ. ସୋମନାଥ ମିଶ୍ର ଅଧ୍ୟୟନ କକ୍ଷର ଶୁଭାରମ୍ଭ କରୁଛନ୍ତି (ବାମ)। ବଲାଙ୍ଗୀର ଜେଆଇଟିଏମ୍ କଲେଜ ପକ୍ଷରୁ ଟ୍ରାଫିକ୍ ସଚେତନତା ନେଇ ସହର ପରିକ୍ରମା କରାଯାଉଛି। (ଫଟୋ- ସୁନିଲ) ।

## ଦୁର୍ବୃତ୍ତ ଭାଙ୍ଗିଲେ ଯାତ୍ରୀ ପ୍ରତୀକ୍ଷାଳୟ, ଗ୍ରାମବାସୀ ଥାନାର ଦ୍ୱାରସ୍ଥ

**ଦେଓଗାଁ,୧୮।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅଧୀନ ରାଏପାଲି ୨୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମାଣ ହୋଇଥିବା ଏକ ଯାତ୍ରୀ ପ୍ରତୀକକକ୍ଷାଳୟକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଜଣାପଡିଛି। ଏନେଇ ରାଏପାଲି ଗ୍ରାମବାସୀ ବୁଧବାର ଦେଓଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପ୍ରତିକ୍ଷାଳୟ ଭାଙ୍ଗିଦେବା ଦ୍ୱାରା ଗାଁଲୋକ ଅସୁରକ୍ଷିତ ଭାବେ ଗଛମୂଳେ ବସ୍‌କୁ ଅପେକ୍ଷା କରୁଥିବା ଗାଁର ଚୈତନ୍ୟ ଭଣ୍ଡା, ମହେଶ୍ୱର କରନ, ବିଶ୍ୱନାଥ ପଧାନ, କପୁରଚନ ଭଣ୍ଡା, ସଂଜୟ ମିଶ୍ର, ସାନୁଜ କରନ, ପରମେଶ୍ୱର ଧରୁଆ ପ୍ରମୁଖ ଅଭିଯୋଗ କରିଛନ୍ତି । ଏ ନେଇ ଥାନା ଅଧିକାରୀ ଲୋକନାଥ ଭୋଇଙ୍କୁ ପଚାରିବାରୁ କେହି ଜଣେ ଦୁର୍ବୃତ୍ତ ଯାତ୍ରୀ ପ୍ରତିକ୍ଷାଳୟ ଭାଙ୍ଗିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ସଂକ୍ରାନ୍ତରେ ତହସିଲଦାରଙ୍କୁ ଅବଗତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



**ସଂକ୍ଷେପରେ**

## ଦୁର୍ଘଟଣାରେ ବିଜେଡି ଜିଲା କର୍ମକର୍ତ୍ତା ସମେତ ୨ ଗୁରୁତର

ବଡଗାଁ, ୧୮।୯ (ଡି.ଏନ.ଏ)- ସୁନ୍ଦରଗଡ ଜିଲା ବଡଗାଁରୁ ଭୋଇପାଲି ଗ୍ରାମକୁ ଯାଇଥିବା ରାସ୍ତା ପାର୍ଶ୍ୱ ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଭାଟି ନିକଟରେ ବାଇକ ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାଇ, ବିଜେଡି ଏସସି ସେଲ ଜିଲା ସାଧାରଣ ସମ୍ପାଦକ ଧନୁର୍ଯ୍ୟୟ ମହାନନ୍ଦିଆ ନିଜ ଗ୍ରାମ କୁରେଇବଗାକୁ ବାଇକରେ ଯାଉଥିଲା ବେଳେ ସେଇ ରାସ୍ତାରେ ଚାଲି ଯାଉଥିବା ଭୋଇପାଲି ଗ୍ରାମର ଭଗବାନ ଗୌଡଙ୍କୁ ଧକ୍କା ଦେବାରୁ ଉଭୟେ ଛିଟିକି ରାସ୍ତାରେ କଚାଡି ହୋଇଥିଲେ । ଗୁରୁତର ଅବସ୍ଥାରେ ଧନୁର୍ଯ୍ୟୟଙ୍କୁ ୧୦୮ ଆମ୍ବୁଲାନ୍ସରେ ରାଉରକେଲା ଆଇଜିଏଚ ନିଆଯାଇଛି ।

### ପାନପୋଷ-ହକିଛକ ରାସ୍ତା ଶୋଚନୀୟ

# ଧୂଳିରେ ଲୋକେ ଅତିଷ୍ଠ

ରାଉରକେଲା ଅଫିସ, ୧୮।୯

ରାଉରକେଲା ବେଦବ୍ୟାସ-ପାନପୋଷ ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥର ଦୁରାବସ୍ଥା ଯୋଗୁ ସହରବାସୀଙ୍କୁ ଏହାର ବହୁମୂଲ୍ୟ ଦେବାକୁ ପଡୁଛି। ବିଶେଷକରି ବେଦବ୍ୟାସରୁ ପାନପୋଷ ହକି ଛକ ପର୍ଯ୍ୟନ୍ତ ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ରହିଥିବା ବେଳେ ଧୂଳି ପ୍ରଦୂଷଣ ପଥଚାରୀଙ୍କୁ ଅଣନିଃଶ୍ୱାସୀ କରିଦେଉଛି। ଏ ନେଇ ବାରମ୍ବାର ରାଜପଥ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ପାନପୋଷ ଛକ ଠାରୁ ହକି ଛକ ପର୍ଯ୍ୟନ୍ତ ପ୍ରାୟ ୩ଶହ ମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ଭାରିଯାନ ଚଳାଚଳ ସମୟରେ ବହୁଳ ମାତ୍ରାରେ ଧୂଳି ଉଡ଼ି ପ୍ରଦୂଷଣ ସୃଷ୍ଟି ହେଉଛି। ଫଳରେ ପାନପୋଷ ଅଞ୍ଚଳରେ ରହୁଥିବା ସ୍ଥାନୀୟ ଜନସାଧାରଣ ଏବଂ ଏହି ରାସ୍ତା ଦେଇ ଦୈନନ୍ଦିନ ଯାଉଥିବା ପଥଚାରୀ ଧୂଳି ପ୍ରଦୂଷଣ ଯୋଗୁ ବହୁମାତ୍ରାରେ ପ୍ରଭାବିତ ହେଉଛନ୍ତି। ଏପରିକି ବିଭିନ୍ନ ସମୟରେ ରାସ୍ତା ଉପରେ ଧୂଳି ଉଡୁଥିବା ଯୋଗୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହାସହ ଏହି ରାସ୍ତା ଉପରେ ରଘୁନାଥପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ସ୍କୁଲରେ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପ୍ରତ୍ୟେକ ଦିନ ରାସ୍ତାରୁ ଧୂଳି ଉଡି ସ୍କୁଲ ମଧ୍ୟକୁ ପ୍ରବେଶ କରୁଛି। ଫଳରେ ଛାତ୍ରୀଛାତ୍ର ଧୂଳି ପ୍ରଦୂଷଣର ଶିକାର ହେଉଛନ୍ତି। କହିବାକୁ ଗଲେ ଛାତ୍ରୀଛାତ୍ର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବାଧ୍ୟବାଧକତାରେ ପାଠ ପଢୁଛନ୍ତି। ଏପରିକି ପ୍ରଦୂଷଣ ଯୋଗୁ ଛାତ୍ରୀଛାତ୍ର ବିଭିନ୍ନ ରୋଗରେ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଗତ କିଛିଦିନ ତଳେ ସୁନ୍ଦରଗଡ଼ ଜିଲା କଂଗ୍ରେସର ନେତୃବୃନ୍ଦ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହ ରାସ୍ତା ମରାମତି ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ବର୍ତ୍ତମାନ ଯାଏ ରାସ୍ତାର ଅବସ୍ଥା ସୁଧୁରି ନାହିଁ। ଜାତୀୟ ରାଜପଥ ବିଭାଗ ରାସ୍ତାର ମରାମତି ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା କିମ୍ବା ରାସ୍ତା ଉପରେ ପାଣି ସିଞ୍ଚନ କରୁ ନ ଥିବାରୁ ସ୍ଥାନୀୟ ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ପାନପୋଷ ଛକଠାରୁ ହକି ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ ରାସ୍ତାର ତୁରନ୍ତ ମରାମତି କରିବା, ଏବେ ରାସ୍ତାରେ ପାଣି ସିଞ୍ଚନ କରିବାକୁ ସାଧାରଣରେ ଦାବି ହେଉଛି।



ପାନପୋଷଠାରୁ ହକି ଛକ ଦେଇ ଯାଇଥିବା ଜାତୀୟ ରାଜପଥ ରାସ୍ତାଟି ଧୂଳିଗୁଣ୍ଡ ପରିପୂର୍ଣ୍ଣ।

## ସେକ୍ଟର-୩ ଦୁର୍ଗାପୂଜାକୁ ନେଇ ଉଠିଥିବା ବିବାଦର ସମାଧାନ

ରାଉରକେଲା ଅଫିସ, ୧୮।୯

ସେକ୍ଟର-୩ ଦୁର୍ଗାପୂଜାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉପୁଜି ଥିବା ବିବାଦ ସମାଧାନ ହୋଇଛି। ଡିଏସପି ଜ୍ୟୋତିର୍ମୟ ଭୁକ୍ତା ଓ ସେକ୍ଟର-୩ ଥାନା ଅଧିକାରୀ ସରସ୍ୱତୀ ଟୁଡୁ ସେଣ୍ଟ୍ରାଲ ପୂଜା କମିଟି-୨୦୧୮ର ସମ୍ପାଦକ ଚୌଧୁରୀ ବିଜୟ ପଟ୍ଟନାୟକଙ୍କ ଉପସ୍ଥିତିରେ ଉଭୟ ଗୋଷ୍ଠୀର ସଦସ୍ୟମାନଙ୍କୁ ଡାକି ସମସ୍ୟାର ସମାଧାନ କରିଛନ୍ତି। ଚଳିତବର୍ଷର ପୂଜାକୁ ପ୍ରାଧାନ୍ୟ ଦେବା ସହ ଉଭୟ ଗୋଷ୍ଠୀ ମିଶି ପୂଜା କରିବା ପାଇଁ ପରାମର୍ଶ ଦିଆ ଯାଇଛି। ଏହାସହ ହିସାବକୁ ନେଇ ଯଦି ବିବାଦ ବଳବତ୍ତର ରୁହେ ତାହା ହେଲେ ପୂଜା ପରେ ଏ ବାବଦରେ ଉପଜିଲାପାଳ ଓ ଥାନା ଅଧିକାରୀଙ୍କୁ ଜଣାଇବା ପାଇଁ କୁହାଯାଇଛି। ଏହି ପ୍ରସ୍ତାବରେ ଉଭୟ କମିଟି ରାଜି ହେବାସହ ଚଳିତବର୍ଷ ପୂଜାକୁ ମିଳିମିଶି ଶାନ୍ତି ଶୃଙ୍ଖଳା ସହ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଉଭୟ ଗୋଷ୍ଠୀ ଏଥର ପୃଥକ ଭାବେ କମିଟି ଗଠନ କରି ପୂଜା କରିବା ପାଇଁ ଜିଦରେ ଅଡ଼ି ବସିବା ଫଳରେ ପୂଜାକୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। ବିବାଦ ଯୋଗୁ ସେକ୍ଟର ବାସିନ୍ଦା କେଉଁ ଗୋଷ୍ଠୀକୁ ଚାନ୍ଦା ଦେବେ ଓ କିଏ ପୂଜା କରିବ ସେ ନେଇ ସିଦ୍ଧାନ୍ତ ନେଇ ପାରୁ ନ ଥିଲେ। ଗତବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ କରାଯାଇଥିବା ଲଟେରୀ ଓ ପୂଜା ସମ୍ବନ୍ଧୀୟ ଖର୍ଚ୍ଚର ହିସାବକୁ ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ଗତବର୍ଷର ସମ୍ପାଦକ ଓ ସଭାପତି ହିସାବ ନ ଦେଇ ପ୍ରାୟ ୫ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ କରି ଅନ୍ୟ ଏକ ଗୋଷ୍ଠୀ ସମାନ୍ତରାଳ ଭାବେ କମିଟି ଗଠନ କରିଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ଫଳରେ ଅଞ୍ଚଳର ବୁଦ୍ଧିଜୀବୀମାନେ ଏହାକୁ ନାପସନ୍ଦ କରିବା ସହ ଏହାର ସମାଧାନ ପାଇଁ ପ୍ରୟାସ ଆରମ୍ଭ କରାଯାଇଥିଲା।

### ରନ୍ଧନ ଗ୍ୟାସ୍ ଡେଲିଭରି ବୟ୍, ମେକାନିକଙ୍କୁ ଶୋଷଣ କରୁଛି ଏଜେନ୍ସି

# ଡିଏଲ୍‌ସି, ଡିଏଲଓଙ୍କୁ ଭେଟି ଅଭିଯୋଗ

ରାଉରକେଲା ଅଫିସ, ୧୮।୯

ରାଉରକେଲା ସହରରେ ଘରକୁ ଘର ବୁଲି ରନ୍ଧନ ଗ୍ୟାସ୍ ଡେଲିଭରି ବଏ ସିଲିଣ୍ଡର ବିତରଣ କରୁଛନ୍ତି। ସେହିଭଳି ମେକାନିକମାନେ ଗ୍ୟାସଚୁଲା ମରାମତି କରୁଛନ୍ତି। ହେଲେ ଏଜେନ୍ସି ଏମାନଙ୍କୁ ଶୋଷଣ କରୁଛି। ଏମାନଙ୍କ ସ୍ୱାର୍ଥ ଦେଖୁନି। ଏହାର ପ୍ରତିବାଦରେ ବୁଧବାର ଏକ ପ୍ରତିନିଧି ମଣ୍ଡଳି ରାଉରକେଲା ଜିଲା ଶ୍ରମ କମିଶନର ଓ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଛନ୍ତି। ୧୦ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଡିଏଲ୍‌ସି ପି.କେ.ବଳିୟାର ସିଂ ଓ ଡିଏଲ୍‌ଓ ପ୍ରଣବ ପାତ୍ରଙ୍କୁ ପ୍ରଦାନ କରାଯାଇଛି। ୭ଦିନ ମଧ୍ୟରେ ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ପେ ସ୍ଲିପ ପ୍ରଚଳନ, ସର୍ବନିମ୍ନ ୮.୩୩ ପ୍ରତିଶତ ବୋନସ ପ୍ରଦାନ, କାର୍ଯ୍ୟରତ କର୍ମଚାରୀଙ୍କ ପରିବାରକୁ ଇଏସଆଇ ଚିକିତ୍ସା ସୁବିଧା ପ୍ରଧାନ, ଦରମା ପ୍ରଦାନ, ଶ୍ରମିକ ମାରଣ ନୀତି ବନ୍ଦ କରିବା, ଗ୍ୟାସ ବିତରଣ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ଯୋଗୁ କେନ୍ଦ୍ରୀୟ ହାରରେ ଛୁଟି ବୃଦ୍ଧି, ଆଠ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ଓଭରଟାଇମ ପ୍ରଦାନ କରିବାକୁ ଦାବି ରହିଛି। ଅନ୍ୟପକ୍ଷେ ୧୦ରୁ ୧୫ ବର୍ଷ ଚାକିରି କରିଥିବା ମେକାନିକମାନଙ୍କୁ ବାହାର କରାଯାଉଛି। ହେଲେ ବାହାରର ମେକାନିକମାନଙ୍କୁ କମିଶନ ଭିତ୍ତିରେ ରଖା ଯାଉଛି। ଏଣୁ ତୁରନ୍ତ ତାହା ବନ୍ଦ କରିବାକୁ ମଧ୍ୟ ଦାବି କରାଯାଇଛି। ରମେଶ ବଳ, ବ୍ୟାସଦେବ ନାଥ, ରମେଶ ସାହୁ, ମହେନ୍ଦ୍ର ଦାସ, ସାମୁଏଲ ହରିପାଲ, ଶରତ ଜେନା, କୃଷ୍ଣ ଜେନା, ଯାଦବ ସିଂ, ଜିତେନ ହରିପାଲ, ହରି ସିଂ,ଦଶରଥ ପ୍ରଧାନ, ବିପିନ ସୁନା ପ୍ରମୁଖ ଡିଏଲସି ଓ ଡିଏଲଓଙ୍କୁ ଭେଟିଥିଲେ।



ଡିଏଲ୍‌ସି କାର୍ଯ୍ୟାଳୟରେ ଅଧିକାରୀଙ୍କ ସହ ଆଲୋଚନାରତ ସଂଘର କର୍ମକର୍ତ୍ତା।

# ବେଦାନ୍ତ ଶୁଭଲକ୍ଷ୍ମୀ ସମବାୟର ବାର୍ଷିକ ସଭା

ସମ୍ବଲପୁର, ୧୮।୯ (ବ୍ୟୁରୋ)

ଝାରସୁଗୁଡାସ୍ଥିତ ବେଦାନ୍ତ ଶୁଭଲକ୍ଷ୍ମୀ ବହୁମୁଖି ସମବାୟ ସମିତିର ୧୦ମ ବାର୍ଷିକ ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି । କମ୍ପାନୀ ସିଇଓ ସିଏନ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳ ଉଦ୍ୟୋଗୀ ଓ ସଭ୍ୟାମାନଙ୍କୁ ପୁରସ୍କୃତ କରିଥିଲେ । ଝାରସୁଗୁଡା ବରିଷ୍ଠନାଗରିକ ସଂଘ ସଭାପତି ଅର୍ଜୁନ ଲାଲ ମୋର, ସମ୍ପାଦକ ଧନଞ୍ଜୟ ବେହେରା ସମ୍ମାନିତ ଅତିଥି ଥିଲେ । କମ୍ପାନୀ ଲୋକ ସମ୍ପର୍କ ବିଭାଗ ମୁଖ୍ୟ ସଞ୍ଜୀବ ପଟ୍ଟନାୟକ, ସାମାଜିକ ଦାୟିତ୍ୱବୋଧ ବିଭାଗର ସୁନ୍ଦର ରାଜ ସମ୍ମାନିତ ଅତିଥି ଥିଲେ । ସମିତି ସଭାନେତ୍ରୀ ପୁଷ୍ପାଞ୍ଜଳି ସେଠ ସ୍ୱାଗତ ଭାଷଣ ଓ ସମବାୟ ସିଇଓ ସତ୍ୟନାରାୟଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ଶୁଭଲକ୍ଷ୍ମୀ ପୁସ୍ତିକା ଉନ୍ମୋଚନ କରିଥିଲେ । ସୂଚନାଯୋଗ୍ୟ ଯେ, ବେଦାନ୍ତ କମ୍ପାନୀ ଦ୍ୱାରା ବିଗତ ୧୧ ବର୍ଷ ହେବ ଶୁଭଲକ୍ଷ୍ମୀ ମହିଳା ସମିତି ଝାରସୁଗୁଡା ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ସାମାଜିକ କାର୍ଯ୍ୟ କରି ଆସୁଛି । ଜିଲାର ୭୨ଟି ଗ୍ରାମର ୩ହଜାର ୮ଶହରୁ ଉର୍ଦ୍ଧ୍ୱ ସଭ୍ୟମାନଙ୍କୁ ଦକ୍ଷତା ବୃଦ୍ଧି, ଉଦ୍ୟୋଗ ବିକାଶ ଓ ଆର୍ଥିକ ସେବା ଦେଇ ଆସୁଛି ।



ବେଦାନ୍ତ ଶୁଭଲକ୍ଷ୍ମୀ ବହୁମୁଖୀ ମହିଳା ସମବାୟ ସମିତି ବାର୍ଷିକ ସାଧାରଣ ସଭାରେ ଅତିଥିଙ୍କ ସହ କର୍ମକର୍ତ୍ତା ଓ ସଭ୍ୟାମାନେ ।

## ବାସନ୍ତୀ କଲୋନୀରୁ ବାଇକ୍ ଚୋରି

**ରାଉରକେଲା,୧୮।୯-** ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ମୁତାବକ, ରାଖାଲ ପୃଷ୍ଟି ମଙ୍ଗଳବାର ରାତିରେ ଘର ସମ୍ମୁଖରେ ବାଇକ୍(ନଂ ଓଡି୧୪ଏଫ-୪୩୫୫) ରଖି ଶୋଇଥିଲେ। ବୁଧବାର ସକାଳ ପ୍ରାୟ ୮ଟାରେ ରାଖାଲ ଉଠି ଘର ସମ୍ମୁଖରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ହେଲେ ବାଇକ୍ ପାଇ ନ ଥିଲେ। ଏନେଇ ରାଖାଲ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

## ବିରଜା ମନ୍ଦିର ପ୍ରତିଷ୍ଠା ଲାଗି ଭୂମି ପୂଜନ

ରାଉରକେଲା ଅଫିସ,୧୮। ୯

ମା' ବିରଜାଙ୍କ ମନ୍ଦିର ପ୍ରତିଷ୍ଠା ନେଇ ରାଉରକେଲା ହନୁମାନ ବାଟିକା ପରିସରରେ ଭୂମି ପୂଜନ କାର୍ଯ୍ୟ ସମ୍ପନ୍ନ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଦିଲୀପ ରାୟ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ହୋମଯଜ୍ଞ କରାଯାଇଥିଲା। ଏଥିରେ ବିରଜା କ୍ଷେତ୍ର ସଂଘ କର୍ମକର୍ତ୍ତା ଅଭୟ ଦାସ, ପ୍ରଫୁଲ୍ଲ ସାମଲ, ସଂଗ୍ରାମ ମହାନ୍ତି, କାର୍ତ୍ତିକ ମିଶ୍ର, ନଟବର ଜେନା, ମନୋରଞ୍ଜନ ସାମଲ, ଗଗନ ରାଉତ, ମାଗୁଣି ଦାସ, ରଞ୍ଜନ ସାହୁ, ଭରତ ଦାସ, ଅଲେଖ ନାୟକ, ଅନିରୁଦ୍ଧ ସାମଲ, ନବଘନ ପାଣି, ବିଜୟ ବରାଳ, ପ୍ରତାପ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରି ରାଉତରାୟ, ରମେଶ ବଳ, ଲଳିତେନ୍ଦୁ ମିଶ୍ର, ଏଲ୍ ଅନୁରାଗ ଓ ବି.ଆର୍. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ମା' ବିରଜାଙ୍କ ମନ୍ଦିର ପ୍ରତିଷ୍ଠା ନେଇ ଭୂମି ପୂଜନ ଅବସରରେ ପୂର୍ବତନ ବିଧାୟକ ଦିଲୀପ ରାୟଙ୍କ ସହ ଅନ୍ୟମାନେ।

## ବିଜ୍ଞାନ ମେଳାରେ ଏମ୍‌ସିଏଲ୍‌କୁ ଶ୍ରେଷ୍ଠ ପୁରସ୍କାର

ସମ୍ବଲପୁର, ୧୮।୯ (ବ୍ୟୁରୋ)

ଅଷ୍ଟମ ଭୋପାଲ ବିଜ୍ଞାନ ମେଳାରେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୁରସ୍କୃତ ହୋଇଛି । ଏହି ବିଜ୍ଞାନ ମେଳାରେ ଏମସିଏଲ ଦ୍ୱାରା ଲଜକୁରା ଖୋଲା ମୁହଁ ଖଣିର ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ପ୍ରଦର୍ଶିତ ହୋଇଥିଲା । ଖୋଲାମୁହଁ ଖଣିରେ ବ୍ୟବହୃତ ବିଭିନ୍ନ ମେଶିନ କିପରି କାର୍ଯ୍ୟକାରୀ ହୋଇଥାଏ ସେ ଦିଗରେ କମ୍ପାନୀର ପ୍ରତିନିଧିମାନେ ବୁଝାଇଥିଲେ । ତ୍ରିପୁରା ଓ ହରିୟାଣାର ପୂର୍ବତନ ରାଜ୍ୟପାଳ କମ୍ପାନ ସିଂ ସୋଲାଙ୍କି ମୁଖ୍ୟଅତିଥି, ମଧ୍ୟପ୍ରଦେଶ ପଞ୍ଚାୟତିରାଜ ଗ୍ରାମୀଣ ବିକାଶ ମନ୍ତ୍ରୀ କମଲେଶ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏମସିଏଲର ଜନସମ୍ପର୍କ ଅଧିକାରୀ ବିନାୟକ ଜାମୁଆଲ ଓ ଲଜକୁରା ଖୋଲାମୁହଁ ଖଣି ମାଇନିଂ ସର୍ଦ୍ଦାର ସତେନ୍ଦ୍ର ଦାଶ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ । ୪ଦିନ ଧରି ଆୟୋଜିତ ବିଜ୍ଞାନ ମେଳାରେ ଦେଶର ବିଭିନ୍ନ ରାଜ୍ୟରୁ ୭୦ଟି ସଂସ୍ଥା ଭାଗ ନେଇଥିଲେ । ଏହି ସଫଳତା ସକାଶେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭୋଲାନାଥ ଶୁକ୍ଳା ବୁଧବାର ମେଳାରେ ଭାଗ ନେଇଥିବା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ଲାଷ୍ଟିକ୍ ବର୍ଜନ, ଜଳ ସଂରକ୍ଷଣ ଲାଗି ଶପଥପାଠ

ରାଉରକେଲା ଅଫିସ,୧୮।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଉପଲକ୍ଷେ ପାଳନ କରାଯାଉଥିବା ସେବା ସପ୍ତାହ ଅବସରରେ ବୁଧବାର ରାଉରକେଲା ମ୍ୟୁନିସିପାଲ କଲେଜରେ ପ୍ଲାଷ୍ଟିକ ବର୍ଜନ ଓ ଜଳ ସଂରକ୍ଷଣ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ଅଜୟ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପ୍ରଫେସ ଦିବ୍ୟେନ ସରକାର ଯୋଗ ଦେଇ ଜଳ ସଂରକ୍ଷଣର ଆବଶ୍ୟକତା ଓ ଏହାର ଭବିଷ୍ୟତ ନେଇ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ସଭାପତି ତଥା ରାଉରକେଲା ବିଧାୟକ ସାରଦା ନାୟକ ପ୍ଲାଷ୍ଟିକ ବ୍ୟବହାରର ଭୟାବହତା ଉପରେ କହିଥିଲେ। ଭାଜପା ରାଜ୍ୟ ସମ୍ପାଦକ ଧୀରେନ ସେନାପତି ଛାତ୍ରୀଛାତ୍ରଙ୍କୁ ଜଳ ସଂରକ୍ଷଣର ଉପକାରିତା ଓ ପ୍ଲାଷ୍ଟିକ ବ୍ୟବହାର ଅପକାରିତା ନେଇ ବୁଝାଇବା ସହ ଶପଥ ପାଠ କରାଇଥିଲେ। ରାଷ୍ଟ୍ର ଓ ବିଶ୍ୱ କଲ୍ୟାଣ ପାଇଁ ପରିବେଶ ସୁରକ୍ଷା ଜରୁରି ବୋଲି ମତ ପ୍ରକାଶ ପାଇଥିଲା। ସୁବ୍ରତ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା, ଅଧ୍ୟାପକମାନେ ମଧ୍ୟ ଶପଥ ପାଠ କରିଥିଲେ। ଶେଷରେ ଅଧ୍ୟାପିକା ଡ. ମାଳା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।




ସେବା ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

## ଇଞ୍ଜିନିୟରମାନେ ଅଭିବୃଦ୍ଧି ଉପରେ ଧ୍ୟାନ ଦେବା ଆବଶ୍ୟକ

ରାଉରକେଲା ଅଫିସ, ୧୮।୯

ସେପ୍ଟେମ୍ବର ୧୫ ତାରିଖରେ ଆର୍‌ଏସ୍‌ପି ଓ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ ଇଣ୍ଡିଆ ରାଉରକେଲା ଶାଖାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସିଭିକ ସେଣ୍ଟରଠାରେ ୫୨ତମ ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ଇଂଜିନିୟରମାନେ ଦାୟିତ୍ୱବାନ ହୋଇ ପରିବେଶ ଅନୁକୂଳ ବୈଷୟିକ ଜ୍ଞାନକୌଶଳ ଏବଂ ଅଭିବୃଦ୍ଧି ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ ବୋଲି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ କହିଛନ୍ତି। ଏହି ସମାରୋହରେ ଇଣ୍ଡିଆନ ନ୍ୟାସନାଲ ଏକାଡେମି ଅଫ ଇଞ୍ଜିନିୟରିଂର ଅଧ୍ୟକ୍ଷ ତଥା ଆର୍‌ଏସ୍‌ପିର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଡ.ସନକ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହ ଆର୍‌ଏସ୍‌ପି ସର୍ଭିସେସ ବିଭାଗର ଜିଏମ୍ ଇନଚାର୍ଜ ତଥା ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ ଇଣ୍ଡିଆ ରାଉରକେଲା ଶାଖାର ଅଧ୍ୟକ୍ଷ ସି.ଆର.ମହାପାତ୍ର ଏବଂ ସମ୍ପାଦକ ଏନ୍‌ଆଇଟି ପ୍ର.ଏଚ୍. ଜେନା ମଞ୍ଚାସୀନ ଥିଲେ। ଚଳିତ ବର୍ଷ 'ପରିବର୍ତ୍ତନ ନିମନ୍ତେ ଇଞ୍ଜିନିୟରିଂ' ବିଷୟରେ ଚଟ୍ଟରାଜ ଉଲ୍ଲେଖ କରିବା ସହ ସାଧାରଣ ଚକରୁ ଇଲେକ୍ଟ୍ରିକ କାର ପର୍ଯ୍ୟନ୍ତ ବୈଷୟିକ ବିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଇଞ୍ଜିନିୟରମାନେ ବିକାଶର ରୂପରେଖ ନିର୍ଦ୍ଧାରଣ କରୁଥିବା ବେଳେ ଏମାନଙ୍କ ପାଇଁ ରହିଥିବା ଆହ୍ୱାନ ଗୁଡ଼ିକ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ସନକ ମିଶ୍ର ଆଗାମୀ ଦିନରେ ଆର୍‌ଏସ୍‌ପି ସଫଳତାର ନୂତନ ଶିଖର ଛୁଇଁବ ବୋଲି ଆଶାବ୍ୟକ୍ତ କରିଥିଲେ। ବିଜ୍ଞାନ ସମ୍ମତ ଭାବଧାରା, ଦାର୍ଶନିକ ବିଶ୍ଳେଷଣ ଏବଂ କୌତୁକପୂର୍ଣ୍ଣ କାହାଣୀ ମାଧ୍ୟମରେ ମିଶ୍ର ଜ୍ଞାନର ଅନୁକ୍ରମ ସନ୍ଦର୍ଭରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ମିଶ୍ର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ଅବସରରେ ଆର୍‌ଏସ୍‌ପି ସିଇଓ ଚଟ୍ଟରାଜ ଡ.ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ ଶ୍ରେଷ୍ଠ ପେପର ଉପସ୍ଥାପନ ପାଇଁ ରାଉରକେଲା ଫେବ୍ରିକେସନର ପରିଚାଳନା ନିର୍ଦ୍ଦେଶକ ଉଦୟ ଏ ପଟେଲଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ମୋହିତ ମୋଦିଙ୍କୁ ଶ୍ରେଷ୍ଠ ମେକାନିକାଲ ସ୍ନାତକ-୨୦୧୯ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀ ତଥା ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ ରାଉରକେଲା ଶାଖାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ସମାରୋହରେ ସି.ଆର. ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏଚ୍.ଏମ୍. ଜେନା ଧନ୍ୟବାଦ ଦେଇଥିଲେ।




ଇଞ୍ଜିନିୟର୍ସ ଦିବସ ପାଳନ ଅବସରରେ ଆରଏସ୍‌ପି ସିଇଓ ଡ. ସନକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞଙ୍କୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଡାଲମିଆ ସିମେଣ୍ଟରେ ବିଶ୍ୱକର୍ମା ପୂଜା ପାଳିତ

ରାଜଗାଙ୍ଗପୁର, ୧୮।୯ (ଡି.ଏନ.ଏ)- ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ପକ୍ଷରୁ ବିଶ୍ୱକର୍ମା ପୂଜା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ସମାରୋହରେ ସମସ୍ତ କର୍ମଚାରୀ ଠିକାଦାର ଏବଂ ଶ୍ରମିକ ଅତ୍ୟନ୍ତ ଶ୍ରଦ୍ଧା ଓ ଉତ୍ସାହ ସହିତ ଭାଗ ନେଇଥିଲେ । କମ୍ପାନୀ ପରିସରରେ ଏହି ପୂଜା ଆୟୋଜିତ ହୋଇଥିଲା । ପ୍ଲାଷ୍ଟିକ ବର୍ଜନ ବିଷୟକୁ ନେଇ ପୂଜା ପେଣ୍ଡାଲ ନିର୍ମାଣ କରାଯାଇଥିଲା । ଗତ ସପ୍ତାହରୁ ରାଜଗାଙ୍ଗପୁର ସହରରେ ଡାଲମିଆ ସିମେଣ୍ଟ ତରଫରୁ ପ୍ଲାଷ୍ଟିକ ବର୍ଜନ ପାଇଁ ଆରମ୍ଭ କରାଯାଇଥିବା ବିଭିନ୍ନ କାର୍ଯ୍ୟାବଳୀର ଝଲକ ଏହି ପେଣ୍ଡାଲରେ ଦେଖିବାକୁ ମିଳିଥିଲା । ଏହି ଅବସରରେ ମେସିନ ଏବଂ ଅନ୍ୟାନ୍ୟ ଉପକରଣକୁ ପୂଜା କରାଯାଇଥିଲା । ସଙ୍ଗମ ମହିଳା ମଣ୍ଡଳର ଅଧକ୍ଷା ସୁନିତା ଗୁପ୍ତା, ଡାଲମିଆ ସିମେଣ୍ଟ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଅରବିନ୍ଦ ସିଂ ତଥା ଅନ୍ୟ ବରିଷ୍ଠ ପଦାଧିକାରୀ ପୂଜାରେ ଯୋଗ ଦେଇଥିଲେ । ଡାଲମିଆ ଆଇଟିଆଇ ଏବଂ ଲାଞ୍ଜିବେର୍ଣ୍ଣା ଖଣିରେ ମଧ ବିଶ୍ୱକର୍ମା ପୂଜା ମହାଆଡମ୍ବରରେ ପାଳିତ ହୋଇଥିଲା । ଡାଲମିଆ ଆଇଟିଆଇରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ବୃନ୍ଦ ଯୋଗଦେଇଥିଲେ ଏବଂ ଆୟୋଜିତ ପ୍ରସାଦସେବନ କରିଥିଲେ ।

■ ଡାହାଣୀ ସନ୍ଦେହରେ ହତ୍ୟାକାଣ୍ଡ ଘଟଣା ବୃଦ୍ଧିପାଉଛି

# ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କଲେ ସାମାଜିକ କର୍ମୀ

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲାରେ ଡାହାଣୀ ସନ୍ଦେହଜନିତ ହତ୍ୟାକାଣ୍ଡ ବୃଦ୍ଧିପାଉଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷକରି ବର୍ତ୍ତମାନ ବଣାଇ ଉପଖଣ୍ଡ ଅଞ୍ଚଳରେ ଅନ୍ଧବିଶ୍ୱାସ ଓ କୁସଂସ୍କାର କବଳରେ ଅନେକ ଅମୂଲ୍ୟ ଜୀବନ ନଷ୍ଟ ହେଉଛି। ସେହିଭଳି ଡାହାଣୀ ସନ୍ଦେହଜନିତ ହତ୍ୟାକାଣ୍ଡ ଘଟଣା ବୃଦ୍ଧିପାଉଥିବା ବେଳେ ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ସାମାଜିକ ତଥା ମାନବ ଅଧିକାର କର୍ମୀ ଶାନ୍ତନୁ କୁସୁମ। ବୁଧବାର ଏହି ପରିପ୍ରେକ୍ଷୀରେ କୁସୁମ ସୁନ୍ଦରଗଡ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଏଭଳି ଏକ ଅନ୍ଧବିଶ୍ୱାସ କିଭଳି ବଣାଇ ଉପଖଣ୍ଡର ଅନେକ ପରିବାରକୁ ଉଜୁଡାଇ ଦେଉଛି ସେ ସମ୍ପର୍କରେ ବର୍ଣ୍ଣନା କରି ଏଭଳି ଅନ୍ଧବିଶ୍ୱାସର ଦୂରୀକରଣ ସକାଶେ ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସକାଶେ ଦାବି କରିଛନ୍ତି।



ସାମାଜିକ ତଥା ମାନବ ଅଧିକାର କର୍ମୀ ଶାନ୍ତନୁ କୁସୁମ ଓ ଅନ୍ୟମାନେ ଅତିରିକ୍ତ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ଏହି ଅବସରରେ ଏକ ସ୍ମାରକପତ୍ର ମଧ୍ୟ ସେ ପ୍ରଦାନ କରିଛନ୍ତି। ଏହି ସ୍ମାରକପତ୍ରରେ କୁସୁମ ଦର୍ଶାଇଛନ୍ତି ଯେ, ବିଗତ ୧୦ବର୍ଷ ମଧ୍ୟରେ ବଣାଇ ଉପଖଣ୍ଡରେ ଡାହାଣୀ ସନ୍ଦେହର ଶିକାର ହୋଇ ୨୯ଜଣ ମୃତ୍ୟୁବରଣ କରିଥିବାବେଳେ ୮୦ରୁ ଉର୍ଦ୍ଧ୍ୱ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। କେବଳ ଚଳିତବର୍ଷ ଏହି କାରଣରୁ ୩ ଜଣ ହତ୍ୟାର ଶିକାର ହୋଇଛନ୍ତି। ମାର୍ଚ୍ଚ ୨ରେ କେ .ବଲାଙ୍ଗ ଥାନା ଅନ୍ତର୍ଗତ କମାରପୋଷ ଗ୍ରାମର ଚାନ୍ଦ ମୁଣ୍ଡା ଡାହାଣୀ ସନ୍ଦେହରେ ହତ୍ୟାର ଶିକାର ହୋଇଥିବା ବେଳେ ସେପ୍ଟେମ୍ବର ୨ରେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ଗାଇଡେଗା ଗ୍ରାମର ବିର୍ସା କେରକେଟାଙ୍କ ସ୍ତ୍ରୀ ଗାଙ୍ଗୀ କେରକେଟା ଓ ୫ବର୍ଷର ଶିଶୁ କନ୍ୟା ଶିବାନୀ ଡାହାଣୀ ସନ୍ଦେହରେ ବିଭତ୍ସ ହତ୍ୟାକାଣ୍ଡର ଶିକାର ହୋଇଛନ୍ତି। ବିଗତ ୧୦ବର୍ଷ ମଧ୍ୟରେ ଗୁରୁଣ୍ଡିଆ ବ୍ଲକରେ ୧୦ଜଣ ହତ୍ୟାର ଶିକାର ହୋଇଥିବା ବେଳେ ୨୫ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। କୋଇଡା ବ୍ଲକରେ ୧୩ଜଣ ହତ୍ୟାର ଶିକାର ହୋଇଥିବା ବେଳେ ୩୮ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ଲହୁଣୀପଡା ବ୍ଲକରେ ୪ଜଣ ହତ୍ୟାର ଶିକାର ହୋଇଥିବା ବେଳେ ୧୭ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ବଣାଇ ବ୍ଲକରେ ୨ଜଣ ହତ୍ୟାର ଶିକାର ହୋଇଥିବା ବେଳେ ୧୨ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ସବୁଠାରୁ ସମ୍ବେଦନଶୀଳ ଘଟଣା ହେଉଛି ଯେ, ବର୍ତ୍ତମାନ ମଧ୍ୟ ଗୁରୁଣ୍ଡିଆ ବ୍ଲକ ପଙ୍କଡିହି ପଞ୍ଚାୟତ ଅନ୍ତର୍ଗତ ଭେଡାବାହାଲ ଗ୍ରାମର ଏକ ବୃଦ୍ଧ ଦମ୍ପତ୍ତି ଡାହାଣୀ ସନ୍ଦେହରେ ନିର୍ଯାତିତ ହେଉଛନ୍ତି। ଏଣୁ ଏହି ଉପଖଣ୍ଡରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଯୋଗୁ ଡାହାଣୀ ସନ୍ଦେହଜନିତ ହତ୍ୟାକାଣ୍ଡ ଘଟଣାଗୁଡିକୁ ପ୍ରଶାସନ ଗମ୍ଭୀରତାର ସହ ଅନୁଧ୍ୟାନ କରି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଏହାକୁ ରୋକିବା ନିମନ୍ତେ କୁସୁମ ଦାବି କରିଛନ୍ତି। ଅଭିଯୋଗକୁ ଗମ୍ଭୀରତାର ସହ ଅନୁଧ୍ୟାନ କଲା ପରେ ଜିଲା ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। କୁସୁମଙ୍କ ସହିତ ନେହେରୁ ପଟ୍ଟନାୟକ, ପ୍ରୀତମ ଭୋଇ ପ୍ରମୁଖ ଏହି ସାକ୍ଷାତ ଆଲୋଚନା ବେଳେ ଉପସ୍ଥିତ ଥିଲେ।

ସୁନ୍ଦରଗଡ଼ ଜିଲା



### ଲହୁଣୀପଡ଼ା ଅଞ୍ଚଳରେ ବିଶ୍ୱକର୍ମା ପୂଜା

ଲହୁଣୀପଡା, ୧୮।୯ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ପୂଜାଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଲହୁଣୀପଡା ଟେମ୍ପୋଷ୍ଟାଣ୍ଡ, ରାଜାମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟ, ରାଜାମୁଣ୍ଡା ଟିପର ମାଲିକ ସଂଘ ଏବଂ ବିଭିନ୍ନ ବୈଷୟିକ ବ୍ୟବସାୟିକ ଅନୁଷ୍ଠାନ ମାନଙ୍କରେ ବିଶ୍ୱକର୍ମା ପୂଜା ଆୟୋଜିତ ହୋଇଯାଇଛି । ବିଭିନ୍ନ ଗାଡି ଗ୍ୟାରେଜ ମାନଙ୍କରେ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ମଣ୍ଡପ ଗୁଡିକ ଝଲସୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ପୂଜା ସ୍ଥଳମାନଙ୍କରେ ଅନ୍ନଭୋଗ କାର୍ଯ୍ୟକ୍ରମ ଚାଲିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ବିଭିନ୍ନ ଯାନବାହାନ ମାଲିକମାନେ ମଧ ବିଶ୍ୱକର୍ମା ପୂଜା ଯଥାରୀତି କରିଥିବା ବେଳେ ପୂଜା ମଣ୍ଡପ ଗୁଡିକରେ ଜନ ଗହଳି ଦେଖିବାକୁ ମିଳିଛି।

■ ଜିଲାସ୍ତରୀୟ ବିଦ୍ୟାଳୟ ଫୁଟ୍‌ବଲ ଚାମ୍ପିୟନଶିପ୍ ଉଦ୍‌ଯାପିତ

# ସଦର ବ୍ଲକ ଚାମ୍ପିୟନ, କୋଇଡା ରନର୍ସଅପ୍

ଲେଫ୍ରିପଡା,୧୮।୯(ଡି.ଏନ.ଏ)

ଲେଫ୍ରିପଡା ଜୟରାମ ହାଇସ୍କୁଲଠାରେ ଜିଲାସ୍ତରୀୟ ବିଦ୍ୟାଳୟ ଫୁଟ୍‌ବଲ ଚାମ୍ପିୟନ୍‌ଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ ଶିକ୍ଷାଅଧିକାରୀ ହରେକୃଷ୍ଣ ପୁରୋହିତ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ଼ ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ବିନୟ କୁମାର ଟପୋ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ର ଆଗାମୀ ଦିନରେ ପାଠପଢା ସହିତ ଯେକୌଣସି ଖେଳ ନିଜ ଦକ୍ଷତା ଅନୁଯାୟୀ ସୁନ୍ଦରଗଡ ଜିଲାର ସୁନାମ ଅର୍ଜନ କରିଥିବା ଖେଳାଳିଙ୍କ ଭଳି ସଫଳତା ପାଇବା ପାଇଁ ସଦାସର୍ବଦା ଚେଷ୍ଟା କରିବା ପାଇଁ ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ଜିଲା ପରିଷଦ ସଭ୍ୟ ନରେଶ ପ୍ରତାପ ସିଂ, ବ୍ଲକ୍ ପ୍ରତିନିଧି ତଥା ଲେଫ୍ରିପଡା ଲ୍ୟାମ୍ପସ୍ ସଭାପତି ସୁନିଲ କୁମାର କାଲୋ, ସରପଞ୍ଚ ମଦନ ଛତ୍ରିଆ, ଜିଲା ଶାରିରୀକ ନିରୀକ୍ଷକ ବିଦ୍ୟାଧର ପ୍ରଧାନ, କାର୍ଯ୍ୟକ୍ରମର ସମ୍ପାଦକ ତଥା ଜୟରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସା ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ମିଶ୍ର, ଉଦିତ କୁମାର ପଟେଲ, କ୍ଷେତ୍ରମଣି ପଟେଲ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ୧୭ବର୍ଷରୁ କମ୍ ଛାତ୍ରୀଛାତ୍ର ଏବଂ ୧୪ ବର୍ଷରୁ କମ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟ୍‌ବଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ ବର୍ଷରୁ କମ୍ ଛାତ୍ରଙ୍କ ମଧ୍ୟରେ ଏବଂ ୧୪ବର୍ଷରୁ କମ୍ ଛାତ୍ରୀଙ୍କ ମଧ୍ୟରେ ସୁନ୍ଦରଗଡ ସଦର ବ୍ଲକ ଚାମ୍ପିୟନ ହୋଇଥିଲେ। ୧୭ ବର୍ଷରୁ କମ୍ ଛାତ୍ର ମାନଙ୍କ ମଧ୍ୟରେ କୋଇଡା ବ୍ଲକ୍ ଏବଂ ୧୭ ବର୍ଷରୁ କମ୍ ଛାତ୍ରୀମାନଙ୍କ ମଧ୍ୟରେ ସବ୍‌ଡେଗା ବ୍ଲକ୍ ରନର୍ସ ଅପ୍ ହୋଇଥିଲେ। ପରେ ସଫଳତା ପାଇଥିବା ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସୁର୍ଗୁଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସୁନ୍ଦରଗଡ ବିଦ୍ୟାଳୟ କ୍ରୀଡା ବିଭାଗର ପତାକାକୁ ଅବତରଣ କରାଯାଇ ମଶାଲ ଲିଭାଯାଇଥିଲା। ଆଗାମୀ ଦିନ ବରଗଡ ଜିଲାରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ସଫଳତା ପାଇଥିବା ଛାତ୍ରୀଛାତ୍ର ଭାଗ ନେବା ପାଇଁ ଶିକ୍ଷା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଯୁବରାଜ ସା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର ସା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସୁନ୍ଦରଗଡ ଜିଲାର ୧୭ଗୋଟି ବ୍ଲକ୍ ମଧ୍ୟରୁ ୩୪୬ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୨୧ଗୋଟି ଫୁଟ୍‌ବଲ ଦଳ ଅଂଶଗ୍ରହଣ କରିଥିଲେ। ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟର ଖେଳଶିକ୍ଷକ ଏବଂ କିଞ୍ଜିରକେଲା ଉଚ୍ଚ ବିଦ୍ୟାଳୟର ଖେଳଶିକ୍ଷକ ସୁରେନ୍ଦ୍ର ନାଏକ କାର୍ଯ୍ୟକ୍ରମର ଖେଳପରିଚାଳନା କ୍ଷେତ୍ରରେ ସକ୍ରିୟ ଭୂମିକା ନେଇଥିଲେ। ଏଥିରେ ଲେଫ୍ରିପଡା ବ୍ଲକ୍ ଶିକ୍ଷା ପ୍ରଶାସନ ପକ୍ଷରୁ ସମସ୍ତ ସିଆରସିସି ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଭୂମିକା ନେଇଥିଲେ।



ଫୁଟ୍‌ବଲ ଚାମ୍ପିୟନ୍‌ଶିପ୍‌ର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

### ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

ବେଦବ୍ୟାସ, ୧୮।୯ (ଡି.ଏନ.ଏ)

ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା (ଖ) ଗ୍ରାମ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ବୁଧବାର କଲୁଙ୍ଗା କରତକଲ ଛକ ସ୍ଥିତ କରତକଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ହୋଇଅଛି । ବିଜୁ ଯୁବ ବାହିନୀର ସଭାପତି ସୁକଦେବ ନନହାରଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। କରତକଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ସେ ଗୋଟିଏ ଚାରା ରୋପଣ କରିଥିଲେ । ସଭାପତି ନନହାର ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳିତ ହୋଇ ବର୍ଷା ଠିକ ହୋଇଥାଏ । ଏଣୁ ପ୍ରତ୍ୟେକ ସଚେତନ ବ୍ୟକ୍ତି ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ତାହାର ଉଚିତ ଯତ୍ନ ନେବା ଉଚିତ ବୋଲି ବକ୍ତବ୍ୟ ମାଧମରେ କହିଥିଲେ । ଏହି ଅବସରରେ କଲୁଙ୍ଗା ଗ୍ରାମ ପଞ୍ଚାୟତ ଯୁବ ବାହିନୀ କର୍ମକର୍ତ୍ତା, ସଭ୍ୟ, କରତକଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଭାଗ ନେଇ ଗୋଟାଏ ଲେଖାଏଁ ବୃକ୍ଷରୋପଣ କରିଥିଲେ । ଶେଷରେ ଯୁବ ବାହିନୀର ସମ୍ପାଦକ ଲିବନ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟ ଡାକ୍ତରଖାନା ପରିସରରେ ଆୟୋଜିତ ରକ୍ତଦାନ ଶିବିର।

■ ଭାଜପା ପକ୍ଷରୁ ସେବା ସପ୍ତାହ ପାଳିତ

## ଜିଲା ମୁଖ୍ୟ ଡାକ୍ତରଖାନାରେ ରକ୍ତଦାନ ଶିବିର

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)

ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୬୯ତମ ଜନ୍ମଦିନକୁ ସପ୍ତାହବ୍ୟାପୀ ସେବା ସପ୍ତାହ ଭାବେ ପାଳନ କରାଯାଉଛି। ଏହି ଅବସରରେ ବୁଧବାର ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତଭଣ୍ଡାର ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ସେବା ସପ୍ତାହ ଜିଲା ସଂଯୋଜକ ଯଶୋବନ୍ତ ନାଏକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ୨୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ରକ୍ତଦାନ କରିଥିଲେ। ସୁନ୍ଦରଗଡ ଏମ୍‌ପି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସହଦେବ ଖାଖା, ଜିଲା ସଭାପତି ବଟକିଶୋର ମିଶ୍ର, ଜିଲା ସାଧାରଣ ସମ୍ପାଦକ ପ୍ରେମସାଗର ଓରାମ, ବିକାଶ ନାରାୟଣ ନାଏକ, ଜିଲା ସ୍ୱଚ୍ଛ ଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ଜିଲା ପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ଶାନ୍ତି ସରାଫ୍, କାନନବାଳା ବେହେରା, ଲତିକା ପଟ୍ଟନାୟକ, ସଞ୍ଜୁଲତା ନାଏକ, ମୀନା ନାଏକ, ମଞ୍ଜୁ ଦାସ, ଅନୁପମା ଟପ୍ପୋ, ଜଗବନ୍ଧୁ ଭୋଇ, ମନୀଷ ପଟେଲ, ମନୋଜ ପୁରୋହିତ, ରଘୁବୀର ପାଣ୍ଡେ, ସଞ୍ଜିବ ସିଂ, ପରମେଶ୍ୱର ପଟେଲ, ସାଗର ସାହୁ, ସୁଦାମ ହୋତା, ସିମେଶ୍ୱର ଲରିଆ, ରାଜେଶ ପଟେଲ, ବୀରବର ସାହୁ ପ୍ରମୁଖ ଯୋଗଦେଇଥିଲେ।

■ ଜିଲା ଫୁଟବଲ ଚାମ୍ପିୟନଶିପ୍‌ର ୧୧ତମ ଦିବସ

# ମିଶନ ଫୁଟବଲ କ୍ଲବ, ଏସ୍‌ଟି କ୍ଲବ ବିଜୟୀ

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)

ଜିଲା କ୍ରୀଡାସଂସଦ ଆନୁକୂଲ୍ୟରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପର ୧୧ତମ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି କାର୍ତ୍ତିକ ସୁନାନୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ସଂସଦର ଭାରଉତ୍ତୋଳନ ସମ୍ପାଦକ ରବୀନ୍ଦ୍ର କୁମାର ରଣା ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ଖେଳ ମିଶନ ଫୁଟବଲ କ୍ଲବ ସହିତ ଆରଜେ କ୍ଲବ ଜାଇସର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲରେ ସମାନ ସ୍ଥିତିରେ ଥିଲେ। ଶେଷରେ ପେନାଲିଟି ସୁଟ ଆଉଟ ମାଧ୍ୟମରେ ମିଶନ ଫୁଟବଲ କ୍ଲବ ସୁନ୍ଦରଗଡ ୩-୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଏସ.ଟି କ୍ଲବ ଟାଙ୍ଗରମୁଣ୍ଡା ସହିତ ନବଜୀବନ କ୍ଲବ ମହାନ୍ତିପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏସଟି କ୍ଲବ ଟାଙ୍ଗରମୁଣ୍ଡା ଦଳ ୪-୧ ଗୋଲରେ ନବଜୀବନ କ୍ଲବକୁ ପରାସ୍ତ କରିଥିଲା। ମ୍ୟାଚ୍ ଗୁଡିକୁ ରେଫରୀ ନିତ୍ୟାନନ୍ଦ ମେହେର, ସନ୍ୟାସୀ ମୁଣ୍ଡା, ରାଜୀବ ସେଠ, ଚିତ୍ତରଞ୍ଜନ ସେଠ ପରିଚାଳନା କରିଥିଲେ। ୧୯ତାରିଖ ଗୁରୁବାର ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମ ମ୍ୟାଚ୍ ୟଙ୍ଗ ଆସୋସିଏଶନ ବୀରମିତ୍ରପୁର ସହିତ ମିଶନ ଫୁଟବଲ କ୍ଲବ ସୁନ୍ଦରଗଡ ମଧ୍ୟରେ ହେବ । ଦ୍ୱିତୀୟ ମ୍ୟାଚ୍ ବାଲିଶଙ୍କରା ଫୁଟବଲ କ୍ଲବ ସହିତ ନିଉ ଜେନେରେସନ କିଞ୍ଜିରିକେଲା ମଧ୍ୟରେ ହେବ ବୋଲି ଜିଲା କ୍ରୀଡାସଂସଦ ପକ୍ଷରୁ କୁହାଯାଇଛି।



ଜିଲା ଫୁଟବଲ ଚାମ୍ପିୟନଶିପର ୧୧ତମ ଦିବସରେ ଅତିଥିଙ୍କ ସହ ଖେଳାଳି।

■ ଡେଙ୍ଗୁସ୍ଥିତି ଅନୁଧ୍ୟାନ

# ଖତକୁରବାହାଲରେ ପହଞ୍ଚିଲେ ରାଜ୍ୟ ସ୍ୱତନ୍ତ୍ର ଟିମ୍

ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ଖତକୁରବାହାଲରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ନେଇ ସେଠାରେ ଆତଙ୍କ ପ୍ରକାଶ ପାଇଛି। ସେହି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ରୋଗୀ ଡେଙ୍ଗୁରେ ଆକ୍ରାନ୍ତ ହୋଇ ସୁନ୍ଦରଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବୁଧବାର ସେହି ଗ୍ରାମର ୨୮ଜଣଙ୍କ ରକ୍ତନମୁନା ପରୀକ୍ଷା ପରେ ପୁଣି ୪ଜଣଙ୍କ ରକ୍ତରେ ଡେଙ୍ଗୁ ଭୂତାଣୁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଡାକ୍ତରଖାନାରେ ଏହି ରୋଗୀମାନଙ୍କର ଚିକିତ୍ସା ଚାଲିଥିବା ବେଳେ ଏଠାରେ ମଧ୍ୟ ଡେଙ୍ଗୁ ବ୍ୟାପିବା ଆଶଙ୍କା କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁର କାରଣ ଅନୁଧ୍ୟାନ ପାଇଁ ରାଜ୍ୟର ଏକ ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡରେ ପହଞ୍ଚି କୁତ୍ରା ବ୍ଲକ ଖତକୁରବାହାଲକୁ ଯାଇଛନ୍ତି। ବିଶିଷ୍ଟ କୀଟତତ୍ତ୍ୱବିତ୍ ଡାକ୍ତର ରବୀନ୍ଦ୍ର ପଣ୍ଡିତଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଡେଙ୍ଗୁ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ଜିଲା ଭେକ୍ଟର ରୋଗ ପରାମର୍ଶଦାତା ବିରାଟ ରାଜା ପ୍ରଧାନଙ୍କ ନେତୃତ୍ୱରେ ମଧ୍ୟ ଏକ ଟିମ୍ ଖତକୁରବାହାଲ ଗ୍ରାମକୁ ଯାଇ ସ୍ଥାନୀୟ ଅଧିବାସୀଙ୍କ ସହିତ ଆଲୋଚନା କରି ଡେଙ୍ଗୁ ବ୍ୟାପିବାର କାରଣ ଓ ନିରାକରଣ ସମ୍ବନ୍ଧରେ ସଚେତନ କରିଥିଲେ। ସଂଖ୍ୟାଲଘୁ ସମ୍ପ୍ରଦାୟ ବହୁଳ ଏହି ଗ୍ରାମରେ ବହୁ ଟ୍ରକ ଓ ଗାଡି ମୋଟର, ଟାୟାର, ବୋତଲ, ବାଲଟି ଓ କୁଲର ଆଦି ବିଭିନ୍ନ ଟିଣ ସାମଗ୍ରୀରେ ପାଣି ଜମି ଡେଙ୍ଗୁ ମଶା ଉତ୍ପନ୍ନ ହେଉଥିବା କୁହାଯାଉଛି। ଗତ କିଛି ଦିନ ପୂର୍ବରୁ ସେହି ଗ୍ରାମର ଜଣେ ବ୍ୟକ୍ତି ରାଜସ୍ଥାନର ଆଜମେର ସହରକୁ ଯାଇ ସେଠାରୁ ଡେଙ୍ଗୁ ଜ୍ୱରରେ ପୀଡିତ ହୋଇ ଗ୍ରାମକୁ ଫେରିଥିବା ବେଳେ ଏହା ପରେ ସମ୍ଭବତଃ ସେଠାରେ ଡେଙ୍ଗୁ ବ୍ୟାପିଥିବା ଏହି ଅନୁଧ୍ୟାନକାରୀ ଦଳ ଆଶଙ୍କା ବ୍ୟକ୍ତ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିୟୋଜିତ ସ୍ୱେଚ୍ଛାସେବୀମାନେ ମଶା ଉତ୍ପାଟନ ଓ ପରିମଳ ବ୍ୟବସ୍ଥା ସୁଧାରିବା କାର୍ଯ୍ୟ କରୁଛନ୍ତି।



ଖତକୁରବାହାଲ ଗ୍ରାମରେ ଡେଙ୍ଗୁ ବ୍ୟାପିବା କାରଣ ଅନୁଧ୍ୟାନ ପାଇଁ ରାଜ୍ୟର ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ପହଞ୍ଚିଛନ୍ତି।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରୋ

**ସଂକ୍ଷେପରେ**

## ନବବିବାହିତ ମହିଳାଙ୍କ ଆତ୍ମହତ୍ୟା

**ପାଇକମାଳ, ୧୮।୯ (ଡି.ଏନ.ଏ):** ପାଇକମାଳ ଥାନା ଟେମରି ଗ୍ରାମର ଜଣେ ବିବାହିତା ମହିଳା ନିଜ ବାପ ଘରେ ରଶି ଲଗାଇ ବୁଧବାର ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତା ମହିଳା ହେଲେ ରଶ୍ମି ସାହୁ (୨୨) । ରଶ୍ମି ଗତ ଦୁଇ ମାସ ତଳେ ଅତାବିରା ଥାନା ଅଧୀନ ରେଙ୍ଗାଲିପାଲି ଗ୍ରାମରେ ବିବାହ କରିଥିଲେ। ଗତ ୩ ଦିନ ତଳେ ସେ ନିଜ ବାପ ଘର ଟେମରିକୁ ଆସିଥିଲେ । ପାଇକମାଳ ପୋଲିସ ଏ ନେଇ ଏକ ମାମଲା (ନଂ.୧୭୦/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମା ପୂଜା

**ଭେଡ଼େନ,୧୮।୯(ଡ଼ି.ଏନ.ଏ):** ଭେଡ଼େନ ବ୍ଲକର ବିଭିନ୍ନ ଶିଳ୍ପାନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ମଙ୍ଗଳବାର ପାଳିତ ହୋଇଛି। ଭେଡ଼େନ ଡ୍ରାଇଭର ଆସୋସିଏଶନ, ଟ୍ରେକର ଷ୍ଟାଣ୍ଡ, ଟ୍ରଲି ଚାଳକ ସଂଘ ତରଫରୁ ସୁସଜ୍ଜିତ ପୂଜା ମଣ୍ଡପରେ ବିଶ୍ୱକର୍ମା ପୂଜା ପାଇଥିଲେ । ସେହିପରି ଖାନସମା କଟା, ଥୁଆପାଲି, ଖୁଣ୍ଟଲିପାଲି ବିଦ୍ୟୁତ ଗ୍ରୀଡ଼, କେନାଲ କଲୋନୀ, ବିଭିନ୍ନ ରାଇସ ମିଲ, ଜଳ ଯୋଗାଣ କେନ୍ଦ୍ରରେ ମଧ ଏହି ପୂଜା ହୋଇଥିଲା। ଭେଡ଼େନ ଦୁଇମୁହାଣି ସ୍ଥିତ ଆଇଟିଆଇ କଲେଜରେ ବିଶ୍ୱକର୍ମା ପୂଜା ଧୁମଧାମରେ ପାଳିତ ହୋଇଛି। ଏହି ଅବସରରେ ଅଏଁଲାକଟା ଠାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବ୍ଲକସ୍ତରୀୟ ସୁନେତ୍ର କାର୍ଯ୍ୟକ୍ରମ

**ଜାମଟିକ୍ରା, ୧୮।୯ (ଡି.ଏନ.ଏ):** ଅତାବିରା ଉଚ୍ଚ ବାଳକ ପ୍ରାଥମିକ ଓ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀଙ୍କ ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରବିନାରାୟଣ ମିଶ୍ର ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତାବିରା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଚକ୍ଷୁ ବିଶେଷଜ୍ଞ ନିତ୍ୟାନନ୍ଦ ମହାପାତ୍ର, କେଶବ ଚନ୍ଦ୍ର ସାହୁ, ସୁବାଷ ଚନ୍ଦ୍ର ଦାଶ ଚକ୍ଷୁ ପରୀକ୍ଷା କରିଥିଲେ । ଡା. ଯଯାତି କେଶରୀ ରାଉତ, ଡା. ସୀମା ନନ୍ଦ, ଫାର୍ମାସିଷ୍ଟ କେଦାର ମିଶ୍ର, ଷ୍ଟାଫ ନର୍ସ ରେଣୁକା ବାଗ ପ୍ରମୁଖ ସହଯୋଗ କରିଥିଲେ ।

## ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମାରୋହ

**ପାଇକମାଳ, ୧୮।୯(ଡି.ଏନ.ଏ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବୁଧବାର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅଧକ୍ଷା ପୁଷ୍ପାଞ୍ଜଳି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅଧାପକ ରବୀନ୍ଦ୍ର କୁମାର ଶତପଥି, ଅଧାପିକା ସୁଲୋଚନା ସାହୁ, ତେଜରାଜ ସାହୁ, ହିପନ କୁମାର ସାହୁ, ବୈବସ୍ୱତ ପଧାନ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚଳିତ ବର୍ଷ ନୂତନ ଭାବେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ପୁରାତନ ଛାତ୍ରୀଛାତ୍ର ସ୍ୱାଗତ କରିବା ସହ ଫୁଲ ଚନ୍ଦନ ଦେଇଥିଲେ । ଅନାମିକା ସାହୁ, ମହମ୍ମଦ ସାହିଦ, ପ୍ରେମ କୁମାର ସାହୁ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସବୁଜ ବାହିନୀ କଲା ବୃକ୍ଷରୋପଣ

**ପାଇକମାଳ, ୧୮।୯(ଡି.ଏନ.ଏ):** ପାଇକମାଳ ବ୍ଲକ ଜାମସେଠ ହାଇସ୍କୁଲ ପରିସରରେ ବିଜୁ ବାହିନୀ ଓ ସବୁଜ ବାହିନୀର ମିଳିତ ଆନୁକୂଲ୍ୟରେ ବୁଧବାର ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ ମୁଖ୍ୟଅତିଥି, ବିଡିଓ ସଦାଶିବ ନାୟକ, ସରପଞ୍ଚ ରମ୍ଭା ତାଣ୍ଡି, ପ୍ରଧାନଶିକ୍ଷକ ଗୋପାଳ ବେହେରା, ରତ୍ନାକର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ୱ ଉପରେ ଆଲୋକପାତ କରିଥିଲେ । ବିଜୁ ଯୁବ ବାହିନୀ ସଭାପତି ମଦନ ଭୋଇ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଛାତ୍ରୀଛାତ୍ର, ବିଜୁ ଯୁବବାହିନୀ ଓ ସବୁଜ ବାହିନୀର କର୍ମକର୍ତ୍ତାମାନେ ଯୋଗଦେଇ ବୃକ୍ଷରୋପଣ କରିଥିଲେ । ଶରତ ତାଣ୍ଡି, କୈଳାଶ ହଂସ, ନନ୍ଦ ମାଝୀ, ଭକ୍ତବନ୍ଧୁ ବାଗ ପ୍ରମୁଖ ସହଯୋଗ କରିଥିବା ବେଳେ ନରୋତ୍ତମ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦ ଆନ୍ଦୋଳନ ତେଜିଲା

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼ ଅଫିସ୍,୧୮।୯**

■ ନିଜ ଦୋଷ ଲୁଚାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଆଳ
■ ଜନ ପ୍ରତିନିଧିଙ୍କ ଉପରେ ଲୋକଙ୍କ ବିକ୍ଷୋଭ ଉଦ୍‌ଗାର
■ ସଂଗ୍ରାମୀ ଗୀତ ଗାଇ କଲେ ଅଭିନବ ପ୍ରତିବାଦ
■ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦ ଘଟଣାକୁ ନେଇ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ବୁଗବୁଗା ସମେତ ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ ବରଗଡ଼ ଜିଲାପାଳ ଅଫିସ ଆଗକୁ ଆସି ଷ୍ଟେଟ ବ୍ୟାଙ୍କ ଶାଖା ଉଚ୍ଛେଦକୁ ପ୍ରତ୍ୟାହାର କରିବା ଦାବିରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆସନ୍ତା ୮ଦିନ ମଧ୍ୟରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ବିହିତ ପଦକ୍ଷେପ ନିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ସେଠାରେ ଉପସ୍ଥିତ ଲିଡ୍ ବ୍ୟାଙ୍କ ମ୍ୟାନେଜର ସୀତାରାମ ମେହେର ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ଗ୍ରାମବାସୀଙ୍କ ଦାବିକୁ ବିଚାରକୁ ନେଇ ପଦକ୍ଷେପ ନେବେ ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ । ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ୨୦୧୪ ଜାନୁୟାରୀ ୨୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ଜରିଆରେ ବୁଗବୁଗାରେ ଷ୍ଟେଟବ୍ୟାଙ୍କର ଏକ ଶାଖା ଉଦଘାଟନ କରିଥିଲେ ଏବଂ ସ୍ଥାନୀୟ ପଞ୍ଚାୟତ ଅଫିସ ରାଜୀବ ଭବନରେ ସେହି ଶାଖା ଚାଲି ଆସୁଥିଲା। ଉକ୍ତ ବ୍ୟାଙ୍କରେ ବୁଗବୁଗା ସମେତ ଆଖପାଖ ୨୮ଟି ଗ୍ରାମର ଲୋକେ ନିର୍ଭର କରି ଆସୁଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ କ୍ଷତି ସହି ଆସୁଥିବା ଆଳରେ ଏହି ଶାଖା ବ୍ୟାଙ୍କକୁ ଉଚ୍ଛେଦ କରି ଅତାବିରା ଶାଖା ସହିତ ଗତ ୧୫ତାରିଖରୁ ମିଶାଇ ଦେଇଛନ୍ତି।

ଶାଖା ବ୍ୟାଙ୍କ ଉଚ୍ଛେଦ ହେବା ପୂର୍ବରୁ ଅଞ୍ଚଳବାସୀ ବ୍ୟାଙ୍କ କର୍ତ୍ତୃପକ୍ଷ, ଜିଲାପାଳ, ସ୍ଥାନୀୟ ବିଧାୟିକା, ଅର୍ଥମନ୍ତ୍ରୀଙ୍କୁ ଶାଖା ବ୍ୟାଙ୍କ ଉଚ୍ଛେଦ ନ କରିବା ପାଇଁ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବୁଗବୁଗା ଓ ପଡ଼ୋଶୀ ଗ୍ରାମବାସୀ ଗତ ୧୧ତାରିଖରୁ ଶାଖା ବ୍ୟାଙ୍କ ସମ୍ମୁଖରେ ଗଣଧାରଣା ଦେଇଥିଲେ। ହେଲେ ସେଠାକୁ କୌଣସି ବ୍ୟାଙ୍କ, ପ୍ରଶାସନିକ ଅଧିକାରୀ କିମ୍ବା ନିର୍ବାଚିତ ଜନ ପ୍ରତିନିଧି ସୁଦ୍ଧା ପହଞ୍ଚି ନ ଥିଲେ। ଫଳରେ ଅଞ୍ଚଳର ଶତାଧିକ ମହିଳା ବୁଧବାର ବରଗଡ଼ ଆସି ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀ ପହଞ୍ଚିଥିଲେ ଏବଂ ସେହି ଶାଖା ବ୍ୟାଙ୍କ ଉଚ୍ଛେଦର ପୁନର୍ବିଚାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ବୋଲି କହିଥିଲେ। ସେହିପରି ସରୋଜ ଛନ୍ଦ, କିଶୋର ସାହୁ ଧାରଣାସ୍ଥଳରେ ସଂଗ୍ରାମୀ ଗୀତ ମାଧ୍ୟମରେ ବ୍ୟାଙ୍କ ଶାଖା ଉଚ୍ଛେଦର ଅଭିନବ ପ୍ରତିବାଦ କରିଥିଲେ। ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର, ନିମାଇଁ ମହାପାତ୍ର, ଚିତ୍ତରଞ୍ଜନ ଛନ୍ଦ, ରବିନ୍ଦ୍ର ମହାକୁର ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି କୃଷ୍ଣଚନ୍ଦ୍ର ଛନ୍ଦ, ବାଙ୍କା କର୍ଣ୍ଣ, ଘନଶ୍ୟାମ ଛନ୍ଦ, ବିଭୀଷଣ ବାରିକ, କୃଷ୍ଣଚନ୍ଦ୍ର ମହାକୁର, ସୁରେନ୍ଦ୍ର ମହାକୁର, ଏକାଦଶିଆ ଛନ୍ଦ, ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଜିଲାପାଳ ଅଫିସ ଆଗରେ ବୁଗବୁଗା ଗ୍ରାମବାସୀଙ୍କ ଧାରଣା।

## ଭେଡ଼େନ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ଭେଡ଼େନ,୧୮।୯(ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ଆଞ୍ଚଳିକ କିଶାନ କଲେଜ ରାଜନୀତିବିଜ୍ଞାନ ବିଭାଗର ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ତଥା କଲେଜ ଅଧକ୍ଷ ଗଜାନନ ପଣ୍ଡାଙ୍କ ସଭାପତିତ୍ୱରେ ହୋଇଥିବା ଏହି ସଭାରେ ରାଜନୀତି ବିଭାଗର ଅଧାପକ ରଞ୍ଜନ କୁମାର ଦାଶ ଏବଂ ଭୀଷ୍ମଦେବ ପ୍ରଧାନ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତିତା ତଥା ଶୃଙ୍ଖଳିତ ଛାତ୍ର ଜୀବନ ସମ୍ପର୍କରେ ଉଦବୋଧନ ଦେଇଥିଲେ। ତୃତୀୟ ବର୍ଷ ଛାତ୍ର ରାହୁଲ କୁମାର ଛନ୍ଦ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ରୀ ପୁଷ୍ପାଞ୍ଜଳି ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱକର୍ମା ପୂଜା ପାଳିତ

**ଗାଇସିଲେଟ,୧୮।୯(ଡି.ଏନ.ଏ)**

ଗାଇସିଲେଟରେ ବସଷ୍ଟାଣ୍ଡ ସ୍ଥିତ ଟ୍ୟାକ୍ସି ସଂଘ ତରଫରୁ ବିଶ୍ୱକର୍ମା ପୂଜା ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟାରେ କୃଷ୍ଣଗୁରୁ ନୃତ୍ୟ ପରାବେଷଣ କରାଯାଇଥିଲା। ସେହିପରି ବିଦ୍ୟୁତ ବିଭାଗର ଗ୍ରୀଡଠାରେ ପୂଜା ଅନୁଷ୍ଠିତ ହେଉଛି। ଅନୁରୂପ ଭାବେ ରାଜମିସ୍ତ୍ରୀ ସଂଘ, ବାଇକ ସୋରୁମ, ଆରଡବ୍ଲ୍ୟୁଏସଏସ, ଜଳସେଚନ ଅଫିସ୍‌ରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

ସମଲେଶ୍ୱରୀ ଦେବୀଙ୍କ ଖଣ୍ଡା ଧରି ଆତଙ୍କ ସୃଷ୍ଟି ଘଟଣା

# ଅଭିଯୁକ୍ତ ଯୁବକ ଜେଲ୍‌ଗଲେ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ସହରସ୍ଥିତ ତଳିପଡ଼ା ଅଞ୍ଚଳରେ ମଙ୍ଗଳବାର ରାତ୍ରିରେ ମନ୍ଦିରରୁ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ଖଣ୍ଡା କାଢ଼ି ଆଣି ଆତଙ୍କ ସୃଷ୍ଟି କରିବା ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସହରାପଡ଼ାର ସୁରଜ ଭୋଇ ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ କହିଛନ୍ତି। ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୪୨୨/୧୯) ରୁଜୁ ହୋଇଛି। ପ୍ରକାଶଥାଉକି, ମଙ୍ଗଳବାର ରାତ୍ରିରେ ୨ଜଣ ଯୁବକଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ଶିବ ମନ୍ଦିରରୁ ତ୍ରିଶୂଳ ଏବଂ ଅନ୍ୟ ଜଣେ ସମଲେଶ୍ୱରୀ ମନ୍ଦିରରୁ ଖଣ୍ଡା ଆଣି ପରସ୍ପର ଆକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ସମଲେଶ୍ୱରୀ ଦେବୀ ଦଶହରା ପୂଜା କମିଟିର କର୍ମକର୍ତ୍ତା, ସଭ୍ୟମାନେ ବରଗଡ଼ ଟାଉନ ଥାନାକୁ ଆସି ସୁରଜଙ୍କ ବିରୋଧରେ ଏତଲା ଦେବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।




ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଚିତ୍ରାଙ୍କନ, ଝୋଟି ଆଙ୍କିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

**ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ.)**

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଜିଲା ପ୍ରଶାସନ ତରଫରୁ ବୁଧବାର ବନ୍ଧପାଲିସ୍ଥିତ ସାର୍ଥକ ବିଦ୍ୟାଳୟ ଠାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଝୋଟି ଓ ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ଗାନ୍ଧୀ ଜୟନ୍ତୀ ଉତ୍ସବରେ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରାଯିବ।

# ସଡ଼କ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୮।୯**

ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୁଧବାର ସଡ଼କ ସୁରକ୍ଷା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଦୁର୍ଘଟଣାର ସମୀକ୍ଷା, ହେଲମ୍ୟାଟ୍ ଆଇନର କାର୍ଯ୍ୟକାରିତା, ଷ୍ଟାଣ୍ଡାର୍ଡ଼ ଅପରେଶନ ପ୍ରଣାଳୀ, ଡ୍ରାଇଭିଙ୍ଗ ଲାଇସେନ୍ସ ରଦ୍ଦ, ଇନସ୍ୟୁରାନ୍ସ, ନିଶାସକ୍ତ ଡ୍ରାଇଭରଙ୍କ ଉପରେ ମାମଲା ଆଦି ଉପରେ ଆଲୋଚନା ହୋଇଥିଲା। ଗତମାସ ତୁଳନାରେ ଚଳିତମାସ ଦୁର୍ଘଟଣା ସଂଖ୍ୟା କମିଥିବା ଏବଂ ଜରିମାନା ଆଦାୟ ବୃଦ୍ଧି ପାଇଥିବା ସମୀକ୍ଷାରୁ ଜଣାପଡ଼ିଥିଲା। ନବନିର୍ମିତ ଘରୋଇ ବସଷ୍ଟାଣ୍ଡରେ ଯାନବାହନ ରଖିବା, ନୋ ପାର୍କିଂ ଜୋନ୍ ଘୋଷଣା, ବ୍ଲାକ ସ୍ପଟ୍ ଚିହ୍ନଟ ଆଦି ଉପରେ ଆଲୋଚନା ହୋଇଥିଲା। ଏହା ସହିତ ଭଟଲି ଛକର ରୋଟାରୀ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ଅଞ୍ଚଳରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଟ୍ରକ, ବସ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ ସଭା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସଏଚଜିମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର

**ଝାରବନ୍ଧ, ୧୮।୯ (ଡି.ଏନ.ଏ)**

ଝାରବନ୍ଧ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଆର୍ଥକ ଅଭିବୃଦ୍ଧି, ଅର୍ଥ ଉପାର୍ଜନ କାର୍ଯ୍ୟକ୍ରମ ଓ ସରକାରୀ ସହାୟତା ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୪ଦିନ ଧରି ପର୍ଯ୍ୟାୟକ୍ରମେ ତାଲିମ ଦିଆଯାଇଥିଲା। ବ୍ଲକର ୧୪ଟି ଗ୍ରାମପଞ୍ଚାୟତରୁ ୧୦୫୭ ଗୋଷ୍ଠୀର ମୋଟ ୧୧ ହଜାର ୬୩୩ ଜଣ ମହିଳା ସଦସ୍ୟ ଅଛନ୍ତି। ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ମାଛଚାଷ, ଅଣ୍ଡା ଦିଆ କୁକୁଡା ଚାଷ, ଛତୁ ଚାଷ, ପନିପରିବା ଚାଷ, ପ୍ରାକ ବିଦ୍ୟାଳୟ ପିଲାଙ୍କ ପାଇଁ ପୋଷାକ ବଣ୍ଟନ, ବିଦ୍ୟୁତ ମିଟର ରିଡ଼ିଂ, ବିଦ୍ୟାଳୟରେ ମଧାହ୍ନ ଭୋଜନ, ଗ୍ରାମ୍ୟ ଜଙ୍ଗଲ ପରିଚାଳନା, ଗ୍ରାମୀଣ ରାସ୍ତା ମରାମତି, ଧାନମଣ୍ଡି ପରିଚାଳନା ପରି ୧୦ଟି କାର୍ଯ୍ୟକୁ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପରିଚାଳନା କରିବା ପାଇଁ ଦାୟିତ୍ୱ ନେବେ। ଏଥିପାଇଁ ଏମାନଙ୍କ ଦକ୍ଷତା ବୃଦ୍ଧି ତାଲିମ ଦିଆଯାଇଛି। ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ରବି ନାଏକଙ୍କ ତତ୍ତ୍ୱାବଧାନରେ ମନୋଜ କୁମାର ରାଉତ, ଦେବେନ୍ଦ୍ର ହରିପାଲ, ନବୀନ ଚନ୍ଦ୍ର ବରିହା, ମୀରାବାଇ ସାହୁ, ଡା. ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଡିପିଓ ସନ୍ଧ୍ୟାରାଣୀ ନେପାକ ତଦାରଖ କରିଥିବା ବେଳେ ମିଶନ ଶକ୍ତି ସଂଯୋଜକ ମନୋରମା ତାଣ୍ଡି, ସୁପରଭାଇଜର ସୂର୍ଯ୍ୟକାନ୍ତି ହୋତା ସହଯୋଗ କରିଥିଲେ।

■ ଗୁଣିଗାରେଡି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତ ମହିଳା ଗିରଫ

**ସୁନ୍ଦରଗଡ଼, ୧୮।୯ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ସୁବଲୟା ଗ୍ରାମରେ ଗତ ୫ ତାରିଖରେ ଜଣେ ୬୦ବର୍ଷୀୟା ବୃଦ୍ଧା ପ୍ରେମା ଡୁଙ୍ଗଡୁଙ୍ଗ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ସଫଳ ହୋଇଛି। ଗୁଣିଗାରେଡି ସନ୍ଦେହରେ ସେହି ଗ୍ରାମର ଜଣେ ମହିଳା ଅନ୍ୟ ୨ଜଣ ଯୁବକଙ୍କ ସହ ମିଶି ଘଟଣାଦିନ ରାତିରେ ସେହି ବୃଦ୍ଧାଙ୍କୁ ହତ୍ୟା କରିଥିବା ଜଣାଯାଇଛି। ପୋଲିସ ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଜୁଲି ଦଣ୍ଡସେନା (୩୨)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାର ଅନ୍ୟ ୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସଦର ଥାନା ଆଇଆଇସି ରମାକାନ୍ତ ସାଏଙ୍କ ସୂଚନା ଅନୁଯାୟୀ ଗତ ଅଗଷ୍ଟ ୧୩ ତାରିଖରେ ଜୁଲି ଦଣ୍ଡସେନାଙ୍କର ୨ପୁଅଝିଅକୁ ସାପ କାମୁଡି ଦେଇଥିବା ନେଇ ସକାଳେ ସୁନ୍ଦରଗଡ ଡାକ୍ତରଖାନାକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ଓ ଆଇଜିଏଚ୍ ସ୍ଥାନାନ୍ତର କରିଥିଲେ। ହେଲେ ବୁର୍ଲା ଓ ଆଇଜିଏଚ୍ ଯିବା ରାସ୍ତାରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ବିଳମ୍ବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ନେଇ ମୃତକଙ୍କ ପରିବାର ଲୋକେ ସୁନ୍ଦରଗଡ ଡାକ୍ତରଖାନାରେ ପାଟିତୁଣ୍ଡ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ମା’ ଜୁଲି ଦଣ୍ଡସେନା ନିଜ ୨ପୁଅ ଝିଅଙ୍କ ମୃତ୍ୟୁ ସାପକାମୁଡାରେ ନୁହେଁ ବରଂ ଗୁଣି ଗାରେଡିରେ ମୃତ୍ୟୁ ଘଟିଥିବା ସନ୍ଦେହ କରି ଗ୍ରାମର ପ୍ରେମା ଡୁଙ୍ଗଡୁଙ୍ଗଙ୍କୁ ଦାୟୀ କରିଥିଲେ। ପୁଅ ଝିଅ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ଜୁଲି ଯୋଜନାବଦ୍ଧ ଭାବେ ଅନ୍ୟ ୨ଜଣ ଯୁବକଙ୍କ ସହ ମିଶି ଘଟଣାଦିନ ରାତିରେ ବୃଦ୍ଧା ପ୍ରେମା ଦଣ୍ଡସେନାଙ୍କୁ ହତ୍ୟା କରିଥିଲେ। ଏହା ପରେ ମୃତା ପ୍ରେମାଙ୍କ ପୁଅ ଦୁର୍ଗା ଦଣ୍ଡସେନା ସଦର ଥାନାରେ ରିପୋର୍ଟ କରିଥିଲେ। ରିପୋର୍ଟ ପାଇବା ପରେ ପୋଲିସ ସଦର ଥାନା କେଶ ନଂ. ୧୭୧/୧୯ରେ ଏକହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# କ୍ଷମତାଠାରୁ ବସ୍‌ରେ ଅଧିକ ଯାତ୍ରୀ ପରିବହନ

**କୁଆଁରମୁଣ୍ଡା,୧୮।୯(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ରାଏବୋଗା, କାଦୋବାହାଲ, ବୀରମିତ୍ରପୁର ଇତ୍ୟାଦି ଅଞ୍ଚଳବାସୀ ରାଉରକେଲାକୁ ଯାତାୟାତ କରିବା ନିମନ୍ତେ ସରକାରୀ ଯାତ୍ରୀବାହୀ ବସ୍ ସେବା ଯୋଗାଇଛନ୍ତି। ମାତ୍ର ଅଧିକାଂଶ ଲୋକ ବସ୍‌ରେ ଯାତାୟାତ କରୁଥିବାରୁ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ସରକାରୀ ବସ୍ ସଂଖ୍ୟା ଯଥେଷ୍ଟ ହେଉନାହିଁ। ଫଳରେ ଯାତ୍ରୀମାନେ ରାଉରକେଲାରୁ ବୀରମିତ୍ରପୁର ଓ ଅନ୍ୟାନ୍ୟ ସ୍ଥାନକୁ ଯାତାୟାତ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ଏହାର ଫାଇଦା ଉଠାଉଛନ୍ତି ଘରୋଇ ବସ୍ ।ଏହି ବସ୍‌ଗୁଡିକରେ ଥିବା ସିଟ୍ ତୁଳନାରେ ୩ ଗୁଣ ଲୋକ ଅଖବସ୍ତା ପରି ଲଦାଲଦି ହୋଇଯାଉଛନ୍ତି। ଅନ୍ୟ ପକ୍ଷରେ ଏହାର ସୁଯୋଗ ନେଇ କେତେକ ବସ୍‌ରେ ଥିବା କଣ୍ଡକ୍ଟରମାନେ ଯାତ୍ରୀମାନଙ୍କୁ ଅସମ୍ମାନ କରୁଥିବାର ଅଭିଯୋଗ ହେଉଛି। ଏପରିକି ମହିଳା ଯାତ୍ରୀମାନଙ୍କୁ ସେମାନେ ଅସୌଜନ୍ୟ ବ୍ୟବହାର ଦେଖାଉଥିଲେ ମଧ୍ୟ ସେମାନେ ବିଶେଷକରି ଶ୍ରମିକ ଶ୍ରେଣୀର ହୋଇଥିବାରୁ ଚୁପ୍ ହୋଇ ରହୁଛନ୍ତି। ଆବଶ୍ୟକ କ୍ଷମତା ଠାରୁ ଢେର ଅଧିକ ଯାତ୍ରୀ ପରିବହନ କରିବା ସମ୍ପୂର୍ଣ୍ଣଭାବେ ବେନିୟମ ହୋଇଥିବା ବେଳେ ଏଥିପ୍ରତି ପରିବହନ ବିଭାଗ ଓ ପୋଲିସ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଏହାସହ ପ୍ରତ୍ୟେକ ବସ୍‌ରେ କଣ୍ଡକ୍ଟର ଓ ହେଲପର କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କର କଣ୍ଡକ୍ଟର ଓ ହେଲପର ଲାଇସେନ୍ସ ଅଛି କି ନାହିଁ ତାହାକୁ କଡାକଡି ଯାଞ୍ଚ କରାଗଲେ ଅସାଧୁ ବ୍ୟକ୍ତିମାନେ ଧରାପଡ଼ିବା ସହ ଯାତ୍ରୀ ପରିବହନ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ତେଣୁ ସ୍ଥାନୀୟ ରାଉରକେଲା ପରିବହନ ବିଭାଗ ଓ ବୀରମିତ୍ରପୁର ଥାନା ପୋଲିସ ବସ୍‌ଗୁଡିକୁ ଯାଞ୍ଚ କରି ଲାଇସେନ୍ସ ନ କରି କଣ୍ଡକ୍ଟର କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି ।

# ଝାରମୁଣ୍ଡା ଗ୍ରାମରେ ବିଶ୍ୱକର୍ମାପୂଜା, ନୃତ୍ୟ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ମୁଖ୍ୟଅତିଥି ।

**ବଡଗାଁ, ୧୮।୯ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଞ୍ଚଳରେ ବିଶ୍ୱକର୍ମା ପୂଜା ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଛି । ବଡଗାଁ ଆଇଟିଆଇ ବିଦ୍ୟୁତ କର୍ମଚାରୀ, ଟେମ୍ପୋ ଟ୍ରେକର ସଂଘ ପକ୍ଷରୁ ଓ ସମସ୍ତ ଗ୍ୟାରେଜରେ ପୂଜା ହୋଇଛି। ଜରଙ୍ଗଲୋଇ ପଞ୍ଚାୟତର ଝାରମୁଣ୍ଡା ଗ୍ରାମରେ ପୂଜା ଅବସରରେ ନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୱାଇ କାଲୋ (ସୁନ୍ଦରଗଡ) କୁଲଗା ଗ୍ରାମର ସନ୍ଧ୍ୟାରାଣୀ କାଲୋ ଓ ଝାରମୁଣ୍ଡା ଗ୍ରାମର ଅଞ୍ଜୁ ମାଝୀ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇଥିଲେ । ବଡଗାଁ ମଣ୍ଡଳ ଭାଜପା ସଭାପତି ଦିଲ୍ଲୀପ କୁମାର ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପୂଜା କମିଟିର ସଭାପତି ନାରାୟଣ ମାଝୀ, ସମ୍ପାଦକ ଧନେଶ୍ୱର କିସାନଙ୍କ ସହିତ କୃଷ୍ଣ ଏକ୍କା, ଜି. ଟପ୍ପୋ, ପ୍ରଦୀପ କିସାନ, ରାଜେନ୍ଦ୍ର ବାହାଲା, ଗିରୀଚନ୍ଦ୍ର ସିଂ ବିଭିନ୍ନ କାର୍ଯ୍ୟ ତୁଲାଇଥିଲା ବେଳେ ମଣ୍ଟୁ ନାଏକ, ରତନ ଚାନ୍ଦ ବାହାଲା, ବି. ବାହାଲା ସଂଗୀତ ପରିଚାଳନା ଏବଂ ପ୍ରେମଚାନ୍ଦ ବାହାଲା ନୃତ୍ୟ ପରିଚାଳନା କରିଥିଲେ ।